# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ନଭେମ୍ବର ୧୯/୨୦୧୮ (୨୦ ପୃଷ୍ଠା) | Bhubaneswar, Monday, November 19/ 2018 | ★★★★★★

୪୪ଶ ଭାଗ ୩୫୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-






ଆମ ଦେଶର ପ୍ରତ୍ୟେକ ପ୍ରଧାନମନ୍ତ୍ରୀ ଓ ବହିର୍ବ୍ୟାପାର ମନ୍ତ୍ରୀ ମନେକରିଥାନ୍ତି ଯେ, ସେ କଶ୍ମୀର ସମସ୍ୟାର ସମାଧାନ କରି ଭାରତ-ପାକିସ୍ତାନ ସମ୍ପର୍କ ସୁଧାରିପାରିବେ। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଉଛି, ଦୁଇ ପଡ଼ୋଶୀଙ୍କ ସମ୍ପର୍କ ଦୁର୍ଘଟଣାପ୍ରବଣ।

-ନଟବର ସିଂ, ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ



## ସଂକ୍ଷେପରେ

### ଖାଇକୁ ଖସିଲା ବସ୍: ୧୪ ମୃତ

ଉତ୍ତରକାଶୀ,୧୮।୧୧(ପି.ଟି.): ଉତ୍ତରାଖଣ୍ଡରେ ରବିବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ୧୫୦ ମିଟର ଗଭୀରକୁ ଏକ ବସ୍ ଖସିପଡ଼ିବା ଫଳରେ ୧୪ ଯାତ୍ରୀ ପ୍ରାଣ ହରାଇଛନ୍ତି। ଏଥିସହ ୧୧ ଜଣ ଆହତ ହୋଇଛନ୍ତି। ଘରୋଇ ବସ୍‌ଟି ଯମୁନୋତ୍ରୀ ନିକଟସ୍ଥ ଜଙ୍କିଛାଟିରୁ ବିକାଶନଗର ଅଭିମୁଖେ ଯାତ୍ରା କରୁଥିବାବେଳେ ଦମ୍‌ତା ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହା ଯମୁନା ନଦୀ ନିକଟସ୍ଥ ୧୫୦ ଫୁଟ୍ ଗଭୀରର ଏକ ଖାଇକୁ ଖସିପଡ଼ିଥିଲା। ଫଳରେ ଦୁର୍ଘଟଣାସ୍ଥଳରେ ୧୦ ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ଆହତମାନଙ୍କୁ ଉଦ୍ଧାର କରି ହସ୍ପିଟାଲକୁ ନିଆଯାଉଥିବାବେଳେ ସେମାନଙ୍କ ମଧ୍ୟରୁ ଆଉ ୪ ଜଣ ପ୍ରାଣ ହରାଇଛନ୍ତି। ଆଉ କେତେଜଣ ବସ୍‌ରେ ଫସିରହିଥିବା ଆଶଙ୍କା କରାଯାଉଛି।

### ସିରିସେନାଙ୍କ ସର୍ବଦଳୀୟ ବୈଠକ ବିଫଳ



କଲମ୍ବୋ,୧୮।୧୧(ପି.ଟି.): ଶ୍ରୀଲଙ୍କା ରାଷ୍ଟ୍ରପତି ମୈତ୍ରିପାଳ ସିରିସେନା ଡାକିଥିବା ସର୍ବଦଳୀୟ ବୈଠକ ରବିବାର ବିଫଳ ହୋଇଛି। ଅକ୍ଟୋବର ୨୬ରେ ସିରିସେନା ପ୍ରଧାନମନ୍ତ୍ରୀ ରନିଲ ୱିକ୍ରମସିଂହେଙ୍କୁ କ୍ଷମତାରୁ ହଟାଇ ପୂର୍ବତନ ରାଷ୍ଟ୍ରପତି ମହିନ୍ଦା ରାଜପାକ୍ସେଙ୍କୁ ନୂଆ ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରାଇଥିଲେ। ପରେ ସେ ପାର୍ଲାମେଣ୍ଟକୁ ଭଙ୍ଗକରି ଜାନୁୟାରୀ ୫ରେ ନିର୍ବାଚନ କରାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏମ୍‌ପିମାନେ ଶୁକ୍ରବାର ଆସ୍ଥାଭୋଟ ବେଳେ ରାଜପାକ୍ସେଙ୍କ ବିରୋଧରେ ଭୋଟ ଦେଇଥିଲେ। ଆଲୋଚନା ମାଧ୍ୟମରେ ବିବାଦର ସମାଧାନ ପାଇଁ ସିରିସେନା ରବିବାର ସର୍ବଦଳୀୟ ବୈଠକ ଡାକିଥିଲେ। ଦେଶରେ ରାଜନୈତିକ ସଙ୍କଟ ସୃଷ୍ଟି ହେବା ପରେ ପ୍ରଥମଥର ପାଇଁ ସିରିସେନା, ୱିକ୍ରମସିଂହେ ଓ ରାଜପାକ୍ସେ ସାମ୍ନାସାମ୍ନି ବସିଥିଲେ। ହେଲେ ଏଥିରେ ସହମତି ପ୍ରକାଶ ପାଇପାରିନାହିଁ। ଫଳରେ ଦେଶରେ ଲାଗିରହିଥିବା ରାଜନୈତିକ ସଙ୍କଟ ଘନେଇବାରେ ଲାଗିଛି।

### ଆଉ ଜଣେ ଯୁବକ ଅପହୃତ

ଶ୍ରୀନଗର,୧୮।୧୧: ଆତଙ୍କବାଦୀମାନେ ରବିବାର ଆଉ ଜଣେ ଯୁବକଙ୍କୁ ଅପହରଣ କରିନେଇଛନ୍ତି। ସେ ହେଲେ ଶୋପିଆନ୍ ଜିଲା ମିମେନ୍ଦର ଗ୍ରାମର ୧୯ ବର୍ଷୀୟ ସୁହୈଲ ଅହମ୍ମଦ ଗନାଇ। ୨୪ ଘଣ୍ଟା ମଧ୍ୟରେ ଏହା ହେଉଛି ଆତଙ୍କବାଦୀଙ୍କ ତୃତୀୟ ଅପହରଣ। ଶନିବାର ଆତଙ୍କବାଦୀମାନେ ୨ ଜଣଙ୍କ ଅପହରଣ ପରେ ହତ୍ୟା କରିଥିଲେ।

### ୨ ଆତଙ୍କବାଦୀ ନିହତ

ଶ୍ରୀନଗର,୧୮।୧୧(ପି.ଟି.):ଜମ୍ମୁ-କଶ୍ମୀରର ଶୋପିଆନ୍ ଜିଲାରେ ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ୨ ଆତଙ୍କବାଦୀ ନିହତ ହୋଇଛନ୍ତି। ଜୈନାପୋରା ଅଞ୍ଚଳର ରେବାନରେ ଅଲ୍-ବଦର ଆତଙ୍କବାଦୀଙ୍କ ଉପସ୍ଥିତି ନେଇ ଗୋଇନ୍ଦା ସୂଚନା ମିଳିବା ପରେ ଯବାନମାନେ ସମ୍ପୃକ୍ତ ଅଞ୍ଚଳରେ ତଲାସି ଅଭିଯାନ ଚଳାଇଥିଲେ। ଆତଙ୍କବାଦୀମାନେ ସେମାନଙ୍କ ଉପରକୁ ଗୁଳିବର୍ଷା କରିଥିଲେ। ଜବାବୀ କାର୍ଯ୍ୟାନୁଷ୍ଠାନରେ ଆତଙ୍କବାଦୀ ନୱାଜ ଅହମ୍ମଦ ୱାଗାୟ ଓ ୟାୱର ୱାନି ଟଳିପଡ଼ିଛନ୍ତି।

## ■ ସିଭିସିଙ୍କ ପ୍ରଶ୍ନରେ ଆଲୋକ ବର୍ମାଙ୍କ ଜବାବ

# ଲାଲୁଙ୍କୁ ଫସାଇଛନ୍ତି ଅସ୍ଥାନା, ପିଏମ୍‌ଓ

ନୂଆଦିଲ୍ଲୀ,୧୮।୧୧



ଲାଲୁପ୍ରସାଦ ଯାଦବ



ଆଲୋକ ବର୍ମା

ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ଅଧ୍ୟକ୍ଷ ଲାଲୁପ୍ରସାଦ ଯାଦବଙ୍କୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶ ଅସ୍ଥାନା, ବିହାର ଉପମୁଖ୍ୟମନ୍ତ୍ରୀ ସୁଶୀଲ ମୋଦି ଓ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ମିଳିମିଶି ଆଇଆର୍‌ସିଟିସି ଦୁର୍ନୀତି ମାମଲାରେ ଫସାଇଦେଇଛନ୍ତି। ସିବିଆଇର ନିର୍ବାସିତ ନିର୍ଦ୍ଦେଶକ ଆଲୋକ ବର୍ମାଙ୍କ କଥାକୁ ବିଶ୍ୱାସକୁ ନିଆଗଲେ ଏହାକୁ ସତ ବୋଲି ଧରାଯାଇପାରେ। କାରଣ କେନ୍ଦ୍ରୀୟ ଭିଜିଲାନ୍ସ କମିଶନ (ସିଭିସି)ଙ୍କ ପ୍ରଶ୍ନର ଜବାବ ରଖିବାକୁ ଯାଇ ଏହି ତଥ୍ୟ ପ୍ରଘଟ କରିଛନ୍ତି ବର୍ମା।

ସିବିଆଇର ଦୁଇ ଶୀର୍ଷ ଅଧିକାରୀ ବର୍ମା ଓ ଅସ୍ଥାନାଙ୍କ ମଧ୍ୟରେ ଚାଲିଥିବା ଯୁଦ୍ଧରେ ସୁପ୍ରିମକୋର୍ଟ ହସ୍ତକ୍ଷେପ କରିଛନ୍ତି। ଏହାସହ ସିବିଆଇ ନିର୍ଦ୍ଦେଶକ ବର୍ମାଙ୍କ ବିରୋଧରେ ଅନିୟମିତତା ଅଭିଯୋଗର ତଦନ୍ତ କରିବା ପାଇଁ ସିଭିସିଙ୍କୁ ଅନୁମତି ଦେଇଛନ୍ତି। ସିଭିସି ସର୍ବୋଚ୍ଚ ଅଦାଲତରେ ନିଜ ରିପୋର୍ଟ ଦାଖଲ କରିଛନ୍ତି। ବର୍ମାଙ୍କ ବିରୋଧରେ ଥିବା ଅଭିଯୋଗଗୁଡ଼ିକୁ ଚ୍ୟାଲେଞ୍ଜ କରିବା ପାଇଁ ସୁଯୋଗ ଦେବା ସକାଶେ ଉକ୍ତ ରିପୋର୍ଟର ଏକ କପି ତାଙ୍କୁ ଦେବା ଲାଗି ସିଭିସିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସିଭିସିଙ୍କ ନିକଟରେ ବର୍ମା ଦାଖଲ କରିଥିବା ଜବାବରେ ସେ ନିଜ ବିରୋଧରେ ଆଗତ ଅଭିଯୋଗଗୁଡ଼ିକର ଖଣ୍ଡନ କରିଛନ୍ତି। ଏହାସହ ସିବିଆଇରେ ସଙ୍କଟ ଏବଂ ତଦନ୍ତକାରୀ ସଂସ୍ଥାର ସ୍ୱାୟତ୍ତତା ପ୍ରତି ଅସମ୍ମାନ ପାଇଁ ନରେନ୍ଦ୍ର ମୋଦି ସରକାରଙ୍କୁ ଦାୟୀ କରିଛନ୍ତି।

**ଷଡ଼ଯନ୍ତ୍ରରେ ସୁଶୀଲ ମୋଦି ବି ସାମିଲ**

ଅସ୍ଥାନା ଆଣିଥିବା ଅଭିଯୋଗଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି, ବର୍ମା ଜାଣିଶୁଣି ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପୂର୍ବତନ ରେଳମନ୍ତ୍ରୀ ଲାଲୁଙ୍କ ବିରୋଧରେ ଥିବା ମାମଲାକୁ ଦୁର୍ବଳ କରିଦେଇଛନ୍ତି। ବର୍ମା ଏହାକୁ ଖଣ୍ଡନ କରିବା ସହ ଏହି ମାମଲା ଦାୟିତ୍ୱରେ ଥିବା ଅସ୍ଥାନା ରାଜନୈତିକ ଭାବେ ପ୍ରଭାବିତ ବୋଲି କହିଛନ୍ତି। ଆଇଆର୍‌ସିଟିସି (୨୦୦୪-୦୬) ମାମଲାର ତଦନ୍ତ ନେଇ ସିଭିସି ବର୍ମାଙ୍କୁ କେତେକ ନିର୍ଦ୍ଦିଷ୍ଟ ପ୍ରଶ୍ନ କରିଥିଲେ। ଜବାବରେ ବର୍ମା କହିଥିଲେ, ତତ୍କାଳୀନ ଅତିରିକ୍ତ ନିର୍ଦ୍ଦେଶକ ଅସ୍ଥାନା ବିହାରର ଭାଜପା ନେତା ସୁଶୀଲ ମୋଦିଙ୍କ ସହ ଯୋଗାଯୋଗରେ ଥିଲେ।

ଏହି ମାମଲା ସମ୍ପର୍କରେ ପିଏମ୍‌ଓର ଜଣେ ବରିଷ୍ଠ ଅଧିକାରୀ ନିୟମିତ ଭାବେ ବୁଝାବୁଝି କରୁଥିଲେ। ଲାଲୁଙ୍କ ବିରୋଧରେ ଥିବା ତଥ୍ୟ ପ୍ରମାଣଗୁଡ଼ିକ ଅତ୍ୟନ୍ତ ଦୁର୍ବଳ। ତେଣୁ ୧୧ ବର୍ଷ ତଳର ଅଭିଯୋଗକୁ ନେଇ ନିୟମିତ ମାମଲା (ଆର୍‌ସି) ଦାଏର କରିବା ପାଇଁ ଅଧିକ ପ୍ରମାଣ ଆବଶ୍ୟକ ବୋଲି ୨୦୧୩-୧୪ରେ ସେ ଅନୁଭବ କରିଥିଲେ। ପରବର୍ତ୍ତୀ ସମୟରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଓ ଲାଲୁଙ୍କ ମଧ୍ୟରେ ରାଜନୈତିକ ବିବାଦ ଏବଂ ନୂଆ ମେଣ୍ଟ ସରକାର ଗଠନ ପରିପ୍ରେକ୍ଷୀରେ ଏହି ସମ୍ବେଦନଶୀଳ ମାମଲାକୁ ନେଇ ଅଧିକ ଯତ୍ନବାନ ହେବାର ଆବଶ୍ୟକତା ଉପରେ ବର୍ମା ଗୁରୁତ୍ୱାରୋପ କରିଛନ୍ତି। ଆଇଆର୍‌ସିଟିସି ମାମଲାରେ ଲାଲୁଙ୍କ ଘରେ ଚଢ଼ାଉ କରିବାବେଳେ ଆଇନଶୃଙ୍ଖଳା ଦିଗ ପ୍ରତି ଯଥେଷ୍ଟ ଧ୍ୟାନ ଦିଆଯାଇଥିଲା। ପିଏମ୍‌ଓର ବରିଷ୍ଠ ଅଧିକାରୀ ମାମଲାର ଅଗ୍ରଗତି ନେଇ ବାରମ୍ବାର ପଚାରୁଥିବାରୁ ବର୍ମା ତାଙ୍କ ନିକଟରେ କ୍ଷୋଭବ୍ୟକ୍ତ କରିଥିଲେ। ପରେ ମୁଖ୍ୟମନ୍ତ୍ରୀ ନୀତୀଶଙ୍କୁ ନିଷ୍ପତ୍ତି ସମ୍ପର୍କରେ ଅବଗତ କରାଯାଇ ଲାଲୁଙ୍କ ଘରେ ଯୋଜନାବଦ୍ଧ ଭାବେ ଚଢ଼ାଉ କରାଯାଇଥିଲା। ସିଭିସି ଏ ସମ୍ପର୍କିତ ସମସ୍ତ ବିଷୟର ସତ୍ୟାସତ୍ୟ ଯାଞ୍ଚ କରିବାକୁ ଯଦି ଚାହୁଁଛନ୍ତି, ତେବେ ପିଏମ୍‌ଓର ସମ୍ପୃକ୍ତ ବରିଷ୍ଠ ଅଧିକାରୀ ଏବଂ ନୀତୀଶଙ୍କ ବିଶ୍ୱାସଭାଜନ ହେବାକୁ ଉଦ୍ୟମ କରୁଥିବା ଅନ୍ୟ ବ୍ୟକ୍ତିମାନଙ୍କ ନାମ ସେ ପ୍ରଘଟ କରିବାକୁ ଦ୍ୱିଧା ପ୍ରକାଶ କରିବେ ନାହିଁ ବୋଲି ବର୍ମା କହିଛନ୍ତି।

# ଖସୋଗିଙ୍କ ଟେପ୍ ନ ଶୁଣିବାକୁ କୁହାଯାଇଛି: ଟ୍ରମ୍ପ

ୱାଶିଂଟନ୍,୧୮।୧୧(ପି.ଟି)



ଜମାଲ୍ ଖସୋଗି

ସୌଦି ସାମ୍ବାଦିକ ଜମାଲ୍ ଖସୋଗିଙ୍କୁ ଇସ୍ତାନବୁଲ୍‌ଠାରେ ଯେଭଳି ନିର୍ମମ ଭାବେ ଅତ୍ୟାଚାର କରାଯାଇ ହତ୍ୟା କରାଗଲା, ସେହି ସମୟର 'ଆର୍ତ୍ତଚିତ୍କାର ଟେପ୍' ସମ୍ପର୍କରେ ସମ୍ପୂର୍ଣ୍ଣ ସୂଚନା ଦିଆଯାଇଛି। ଅଥଚ ଏହାକୁ ନ ଶୁଣିବା ଲାଗି ତାଙ୍କୁ ଅନୁରୋଧ କରାଯାଇଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରକାଶ କରିଛନ୍ତି।

ୱାଶିଂଟନ୍ ପୋଷ୍ଟ ପାଇଁ ଲେଖୁଥିବା ଖସୋଗି (୫୯) ତାଙ୍କ ବିବାହ ସମ୍ପର୍କିତ ଦସ୍ତାବିଜ୍ ଆଣିବା ପାଇଁ ଇସ୍ତାନବୁଲ୍‌ସ୍ଥିତ ସୌଦି ଦୂତାବାସକୁ ଗତମାସରେ ଯାଇଥିବା ବେଳେ ତାଙ୍କୁ ସେଠାରେ ଯୋଜନାବଦ୍ଧ ଭାବରେ ହତ୍ୟା କରାଯାଇଥିଲା। ତୁର୍କି ତଦନ୍ତକାରୀ ଅଫିସରଙ୍କ କହିବାନୁଯାୟୀ, ଖସୋଗିଙ୍କୁ ହତ୍ୟା କରାଯିବା ସମୟର ଅଡିଓ ଟେପ୍ ସେମାନଙ୍କର ହସ୍ତଗତ ହେବାପରେ ଏହାକୁ ଆମେରିକା ସମେତ କେତେକ ମିତ୍ର ରାଷ୍ଟ୍ରକୁ ଶେୟାର କରାଯାଇଛି। ଖସୋଗିଙ୍କ ହତ୍ୟାକାଣ୍ଡର ତଦନ୍ତ ଆମେରିକାର ତଦନ୍ତକାରୀ ସଂସ୍ଥା ସିଆଇଏ(ସେଣ୍ଟ୍ରାଲ ଇଣ୍ଟେଲିଜେନ୍ସ ଏଜେନ୍ସି) କରୁଥିବା ବେଳେ ଏହାର ମୁଖ୍ୟଙ୍କ ସହିତ ଟ୍ରମ୍ପ ଶନିବାର କଥା ହୋଇଥିଲେ। ତେବେ ମଙ୍ଗଳବାର ସୁଦ୍ଧା ଏ ସମ୍ପର୍କିତ ସମ୍ପୂର୍ଣ୍ଣ ରିପୋର୍ଟ ମିଳିଯିବ ବୋଲି ଟ୍ରମ୍ପ ଆଶାପ୍ରକାଶ କରିଛନ୍ତି।

ଖସୋଗି ଜଣେ ଭିନ୍ନ ମତାବଲମ୍ବୀ ଥିଲେ ଏବଂ ତାଙ୍କର ଅନେକ ଅନୁସନ୍ଧାନମୂଳକ ରିପୋର୍ଟ ସୌଦି ସରକାର ବିରୋଧୀ ଥିଲା। ଖସୋଗିଙ୍କୁ ହତ୍ୟା କରିବା ପାଇଁ ଷଡ଼ଯନ୍ତ୍ର ରଚନା କରାଯାଇଥିଲା। ଖସୋଗିଙ୍କ ମୃତ୍ୟୁ ସମ୍ପର୍କରେ ସୌଦି ଆରବ ସରକାର ବାରମ୍ବାର ବିଭ୍ରାନ୍ତଜନକ ବିବୃତି ଦେଇଆସୁଥିଲେ। କିନ୍ତୁ ଇସ୍ତାନବୁଲ୍ ଦୂତାବାସ ପରିସରରେ ଖସୋଗିଙ୍କୁ ତାଙ୍କ ଅବିଶ୍ୱାସୀ କାର୍ଯ୍ୟ ପାଇଁ ହତ୍ୟା କରାଯାଇଥିବା ଶେଷରେ ରିୟାଦ୍ ସ୍ୱୀକାର କରିଥିଲା। ଏହି ହତ୍ୟା ଘଟଣାରେ ସୌଦି କର୍ତ୍ତୃପକ୍ଷଙ୍କ ଭୂମିକା ଖୁବ୍ ଗୋପନୀୟ ଥିଲା ଏବଂ ଗୁଇନ୍ଦାଗିରିର ବିଭିନ୍ନ ସୂତ୍ରକୁ ଆଧାର କରି ସିଆଇଏ ଏହାକୁ ଉଦ୍ଧାର କରିଥିବା ୱାଶିଂଟନ୍ ପୋଷ୍ଟରେ ପ୍ରକାଶ ପାଇଛି। ସିଆଇଏ ଜାଣିବାକୁ ପାଇଥିଲା ଯେ, ୧୫ଜଣ ସୌଦି ଏଜେଣ୍ଟ ସରକାରୀ ବିମାନରେ ଇସ୍ତାନବୁଲ ଯାଇ ସମ୍ପୃକ୍ତ ଦୂତାବାସରେ ଖସୋଗିଙ୍କୁ ହତ୍ୟା କରିଥିଲେ।

ଏହି ଘଟଣା ନେଇ ମିତ୍ର ରାଷ୍ଟ୍ର ସୌଦି ଆରବ ସହିତ ଆମେରିକାର ସମ୍ପର୍କ ଜଟିଳ ହେବା ଆଶଙ୍କା ସୃଷ୍ଟି ହୋଇଛି।



କେରଳର ସାବରିମାଲାସ୍ଥିତ ଭଗବାନ ଆୟାପ୍ପା ମନ୍ଦିରରେ ମାଲାୟାଲମ୍ ମାସ 'ବୃଷ୍ଟିକୋମ୍'ର ଦ୍ୱିତୀୟ ଦିନରେ (ରବିବାର) ଭକ୍ତମାନେ ପ୍ରାର୍ଥନା କରିବା ପାଇଁ ଧାଡ଼ି ବାନ୍ଧିଛନ୍ତି।

## ■ ଛତିଶଗଡ଼ ପ୍ରଚାରରେ ପୂର୍ଣ୍ଣଚ୍ଛେଦ: କଂଗ୍ରେସକୁ ମୋଦିଙ୍କ ଟାର୍ଗେଟ

# ସୋନିଆଙ୍କ ପାଇଁ ସୀତାରାମଙ୍କୁ ଫିଙ୍ଗାଯାଇଥିଲା

ମହାସମୁନ୍ଦ,୧୮।୧୧(ପି.ଟି.)

କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ସୀତାରାମ କେଶରୀ ଜଣେ ଦଳିତ ତଥା ନିଷ୍ପେଷିତ ବର୍ଗର ନେତା ଥିଲେ। ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ଲାଗି ପଥ ପରିଷ୍କାର କରିବା ପାଇଁ କଂଗ୍ରେସ ସୀତାରାମଙ୍କୁ ତାଙ୍କର ଅବଧି ଶେଷ ହେବା ଯାଏ କାମ କରିବାକୁ ଦେଇ ନ ଥିଲା। କଂଗ୍ରେସ ଏହି ଦଳିତ ନେତାଙ୍କୁ ରାସ୍ତାକୁ ଫିଙ୍ଗିଦେଇଥିଲା। ଛତିଶଗଡ଼ ବିଧାନସଭା ନିର୍ବାଚନ ପ୍ରଚାରର ଶେଷ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିରୋଧୀ କଂଗ୍ରେସକୁ ଏଭଳି ସମାଲୋଚନା କରିଛନ୍ତି।

୯୦ ଆସନ ବିଶିଷ୍ଟ ଛତିଶଗଡ଼ ବିଧାନସଭାର ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ମଙ୍ଗଳବାର ହେବ। ଏହି ପର୍ଯ୍ୟାୟରେ ୧୯ ଜିଲାର ୭୨ ଆସନରେ ଭୋଟଗ୍ରହଣ କରାଯିବ। ଏଥିପାଇଁ ରବିବାର ସନ୍ଧ୍ୟାରେ ପ୍ରଚାରରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ଏହି ପରିପ୍ରେକ୍ଷୀରେ ଉଭୟ ବିରୋଧୀ କଂଗ୍ରେସ ଓ ଶାସକ ଭାଜପା ସମେତ ଅନ୍ୟ ଦଳଗୁଡ଼ିକ ଶେଷ ମୁହୂର୍ତ୍ତ ଯାଏ ଜୋରଦାର ପ୍ରଚାର ଚଳାଇଥିଲେ। ଭାଜପା ପକ୍ଷରୁ ପ୍ରଚାରର ମଙ୍ଗ ଧରିଥିବା ପ୍ରଧାନମନ୍ତ୍ରୀ ମୋଦି ମହାସମୁନ୍ଦରେ କଂଗ୍ରେସକୁ ଟାର୍ଗେଟ କରିଥିଲେ। ସେ କହିଥିଲେ, କଂଗ୍ରେସ ସୀତାରାମଙ୍କୁ ୫ ବର୍ଷ ପର୍ଯ୍ୟନ୍ତ ଦଳର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିବାକୁ ନ ଦେଇ ଅତି ଅପମାନଜନକଭାବେ ବାହାର କରିଦେଇଥିଲା। ଏହି ଦଳ ତାଙ୍କୁ ଏକ ବାଥ୍‌ରୁମ୍‌ରେ ବନ୍ଦ କରି ଫୁଟ୍‌ପାଥକୁ ଫିଙ୍ଗିଦେଇଥିଲା ବୋଲି ମୋଦି କହିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ଏହାର ଜବାବ ରଖିଛି। ସୀତାରାମ କେଶରୀଙ୍କୁ ଦଳ ଉପଯୁକ୍ତ ସମ୍ମାନ ଦେଇଥିଲା। ସେ ଦଳିତ ନୁହନ୍ତି, ବରଂ ଅନ୍ୟ ଛୁଆ ବର୍ଗ (ଓବିସି)ର ଥିଲେ ବୋଲି କଂଗ୍ରେସ ମୁଖପାତ୍ର ମନୀଷ ତିୱାରୀ ଟୁଇଟ୍ କରିଛନ୍ତି।

# 'ଆକ୍ରମଣ ପଛରେ ଆଇଏସ୍‌ଆଇ'

ଚଣ୍ଡିଗଡ଼,୧୮।୧୧(ପି.ଟି.)



ଅମରିନ୍ଦର ସିଂ

ଅମୃତସର ଆକ୍ରମଣ ପଛରେ ପାକିସ୍ତାନର କୁଖ୍ୟାତ୍ ଗୋଇନ୍ଦା ସଂସ୍ଥା ଇଣ୍ଟର-ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍‌ଆଇ)ର ହାତ ଥିବା ପଞ୍ଜାବ ମୁଖ୍ୟମନ୍ତ୍ରୀ କ୍ୟାପ୍‌ଟେନ୍ ଅମରିନ୍ଦର ସିଂ ସନ୍ଦେହ ବ୍ୟକ୍ତ କରିଛନ୍ତି। ଅମରିନ୍ଦର କହିଛନ୍ତି, ଆଇଏସ୍‌ଆଇର ସମର୍ଥନରେ ଖଲିସ୍ତାନୀ କିମ୍ବା ପାକିସ୍ତାନୀ ଆତଙ୍କବାଦୀମାନେ ଆଦ୍‌ଲିୱାଲ ଗ୍ରାମର ନିରଙ୍କାରୀ ଭବନରେ ଆକ୍ରମଣ କରି ୩ ଜଣଙ୍କ ଜୀବନ ନେଇଛନ୍ତି। ଆତଙ୍କବାଦୀଙ୍କ ଦ୍ୱାରା ରାଜ୍ୟରେ ଶାନ୍ତିଭଙ୍ଗ ହେବାକୁ ଦିଆଯିବନାହିଁ। ଅନ୍ୟପକ୍ଷରେ ବିରୋଧୀ ଶିରୋମଣୀ ଅକାଳୀ ଦଳ ଓ ଆମ୍ ଆଦ୍‌ମୀ ପାର୍ଟି କଂଗ୍ରେସ ନେତୃତ୍ୱାଧୀନ ପଞ୍ଜାବ ସରକାରଙ୍କୁ ଆକ୍ରମଣ ପାଇଁ ଦାୟୀ କରିଛନ୍ତି।

# ସିଆର୍‌ପିଏଫ୍ ଯବାନ ଶହୀଦ

ଶ୍ରୀନଗର,୧୮।୧୧(ପି.ଟି.):



ଜମ୍ମୁ-କଶ୍ମୀରର ପୁଲୱାମା ଜିଲା କାକାପୋରାରେ ଆତଙ୍କବାଦୀମାନେ ସିଆର୍‌ପିଏଫ୍‌କୁ ଟାର୍ଗେଟ କରିଛନ୍ତି। ରାଜ୍ୟରେ ପଞ୍ଚାୟତ ନିର୍ବାଚନ ଚାଲିଥିବାରୁ ସୁରକ୍ଷା ଦୃଷ୍ଟିରୁ କାକାପୋରାରେ ଏକ ସିଆର୍‌ପିଏଫ୍ ଶିବିର ପ୍ରତିଷ୍ଠା କରାଯାଇଥିଲା। ରବିବାର ସନ୍ଧ୍ୟାରେ ଆତଙ୍କବାଦୀମାନେ ଏହା ଉପରକୁ ଅତର୍କିତ ଆକ୍ରମଣ କରିଥିଲେ। ଗୁଳିମାଡ଼ରେ ଜଣେ ହାବିଲ୍‌ଦାର ଶହୀଦ ହୋଇଥିବାବେଳେ ଅନ୍ୟ ଦୁଇଜଣ ଆହତ ହୋଇଛନ୍ତି। ସୁରକ୍ଷା ବଳ ସମ୍ପୃକ୍ତ ଅଞ୍ଚଳକୁ ଘେରି ତଲାସି ଚଳାଇଛି।

# ଫେସ୍‌ବୁକ୍‌ରେ ଜେହାଦ

ଶ୍ରୀନଗର,୧୮।୧୧(ପି.ଟି.)






**ଜେଇଏମ୍‌ର ମହିଳା ଆତଙ୍କବାଦୀ ଶାଜିଆ ଗିରଫ**

ଜମ୍ମୁ-କଶ୍ମୀରରେ ଅନେକ ଆତଙ୍କବାଦୀ ସଙ୍ଗଠନ ସକ୍ରିୟ ଥିବା ଓ ଏଥିରେ ପୁରୁଷମାନେ ସାମିଲ ଥିବା ସମ୍ପର୍କରେ ସମସ୍ତଙ୍କୁ ଜଣା। ହେଲେ ଉପତ୍ୟକାର ଜଣେ ମହିଳା ଆତଙ୍କବାଦୀ ସାଜିଥିବା ନେଇ ପ୍ରଥମଥର ସାମ୍ନାକୁ ଆସିଛି। ଫେସ୍‌ବୁକ୍ ଜରିଆରେ କଶ୍ମୀରୀ ଯୁବକଙ୍କୁ ଜେହାଦ ପ୍ରତି ଆକର୍ଷିତ କରୁଥିବା ଅଭିଯୋଗରେ ଶାଜିଆ ନାମ୍ନୀ ଜଣେ ମହିଳାଙ୍କୁ ଗିରଫ କରାଯାଇଛି। ସେ ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ପାଇଁ କାମ କରୁଥିଲେ ବୋଲି ରବିବାର ଜମ୍ମୁ-କଶ୍ମୀର ପୋଲିସ କହିଛି।

ଉତ୍ତର କଶ୍ମୀରର ବନ୍ଦିପୋରାସ୍ଥିତ ସୁମ୍ବାଲ ଅଞ୍ଚଳର ନୈଦ୍‌ଖାଇ ବାସିନ୍ଦା ଶାଜିଆ। ୩୦ ବର୍ଷୀୟା ଶାଜିଆଙ୍କ ସନ୍ଦିଗ୍ଧ ଗତିବିଧିକୁ ନେଇ ତାଙ୍କର ଫେସ୍‌ବୁକ୍ ଆକାଉଣ୍ଟ ଉପରେ ସୁରକ୍ଷା ସଂସ୍ଥାଗୁଡ଼ିକର ନଜର ରହିଥିଲା। ସେ ଫେସ୍‌ବୁକ୍‌ରେ ଜେହାଦ ଘୋଷଣା କରିବା ସହ ଯୁବକଙ୍କୁ ଆତଙ୍କବାଦ ପ୍ରତି ଆକର୍ଷିତ କରୁଥିଲେ। ଏପରି କି ସେ ଯୁବକମାନଙ୍କୁ ଜାଲରେ ଛନ୍ଦି ସେମାନଙ୍କ ହାତରେ ବୋମା ବନ୍ଧୁକ ମଧ୍ୟ ଧରାଉଥିଲେ। ୨ ପିଲାଛୁଆଙ୍କ ମା' ଶାଜିଆଙ୍କ ଏହି କାରନାମା ସମ୍ପର୍କରେ ଜଣାପଡ଼ିବା ପରେ ତାଙ୍କ ଫେସ୍‌ବୁକ୍ ଆକାଉଣ୍ଟ ସୁରକ୍ଷା ସଂସ୍ଥାଗୁଡ଼ିକର ରାଡାରରେ ଥିଲା। ସେ ନିଜକୁ ପୋଲିସ ଇନ୍‌ଫର୍ମର ପରିଚୟ ଦେଇ ବରିଷ୍ଠ ଅଧିକାରୀମାନଙ୍କୁ ଆତଙ୍କବାଦୀଙ୍କୁ ଧରାଇଦେବାର ପ୍ରତିଶ୍ରୁତି ଦେଉଥିଲେ। କିଛିମାସ ତଳେ ଶାଜିଆଙ୍କ ଅଭିଯୋଗକ୍ରମେ ଦୁଇଜଣ ଯୁବକଙ୍କୁ ଧରିବା ପରେ ଚେତାବନୀ ଦେଇ ପୋଲିସ ଛାଡ଼ିଦେଇଥିଲା। ସବୁ ସତକଥା ଜଣାପଡ଼ିବା ପରେ ଶାଜିଆଙ୍କୁ ଗିରଫ କରାଯାଇଛି। ସେ ଜେଇଏମ୍ ଇଙ୍ଗିତରେ ପୋଲିସଠାରୁ ତଥ୍ୟ ହାସଲ ପାଇଁ ନିଜକୁ ପୋଲିସ ଇନ୍‌ଫର୍ମର ଭାବେ ଅଭିହିତ କରୁଥିଲେ। ତଥ୍ୟ ହାସଲ ପରେ ସେ ଆତଙ୍କବାଦୀଙ୍କୁ ପ୍ରଦାନ କରୁଥିଲେ। ଏହା ଜଣାପଡ଼ିବା ପରେ ଶାଜିଆଙ୍କୁ ଗିରଫ କରାଯାଇଛି। ତାଙ୍କଠାରୁ କେତେକେ ଅସ୍ତ୍ରଶସ୍ତ୍ର ମଧ୍ୟ ଜବତ କରାଯାଇଛି। ତାଙ୍କ ଦୁଇଭାଇଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି। କିଛିଦିନ ତଳେ ୨୦ଟି ଗ୍ରେନେଡ୍ ସହ ୨୮ ବର୍ଷୀୟା ଯୁବତୀ ଆୟସିଆ ଜାନ୍‌ଙ୍କୁ ଶ୍ରୀନଗର ନିକଟସ୍ଥ ଲୟାପୋରାରେ ଗିରଫ କରାଯାଇଥିଲା। ସେ ଆତଙ୍କବାଦୀଙ୍କୁ ଅସ୍ତ୍ରଶସ୍ତ୍ର ଯୋଗାଉଥିବା ନେଇ ସୂଚନା ପାଇବା ପରେ ପୋଲିସ ତାଙ୍କୁ ଧରିଥିଲା। ଏବେ ଶାଜିଆଙ୍କ ଗିରଫଦାରି ପରେ ଆତଙ୍କବାଦରେ କଶ୍ମୀରୀ ମହିଳାଙ୍କ ସମ୍ପୃକ୍ତି ନେଇ ଅଧିକ ତଥ୍ୟ ହାସଲ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି ସୁରକ୍ଷା ସଂସ୍ଥା।

**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ନଭେମ୍ବର ୧୯/୨୦୧୮ | Bhubaneswar, Monday, November 19/ 2018 | ପୃଷ୍ଠା-୧



## ବିତ୍ତୀୟ ନିଅଣ୍ଟ ଲକ୍ଷ୍ୟ ଉପରେ ଧ୍ୟାନ ଦିଅ

କେନ୍ଦ୍ର ସରକାର ବିତ୍ତୀୟ ନିଅଣ୍ଟ ଲକ୍ଷ୍ୟ ଉପରେ ଧ୍ୟାନ ଦେବା ଉଚିତ ହେବ ବୋଲି ନୀତି ଆୟୋଗର ପୂର୍ବତନ ଉପାଧ୍ୟକ୍ଷ ଅରବିନ୍ଦ ପାନଗାରିୟା ପରାମର୍ଶ ଦେଇଛନ୍ତି। ୧୫

୧୭

## ପଙ୍କଜଙ୍କୁ ଡବଲ ଟାଇଟଲ

ଆଇବିଏସ୍ଏଫ୍ ୱାର୍ଲ୍ଡ ବିଲିୟାର୍ଡ୍ସ ଚାମ୍ପିୟନଶିପ୍‌ର ଉଭୟ ଲଙ୍ଗ୍ ଓ ଶର୍ଟ ଫର୍ମାଟ ଜିତି ପଙ୍କଜ ଆଡ୍‌ଭାନୀ ଗ୍ରାଣ୍ଡ୍ ଡବଲ ସଫଳତା ହାସଲ କରିଛନ୍ତି।






# ଦମନକୁ ଦମନ

ଭୁବନେଶ୍ୱର ବ୍ୟୁରୋ/ଓଡ଼ାପଡ଼ା (ଡି.ଏନ.ଏ.), ୧୮।୧୧

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ବଳରାମପୁର ଗ୍ରାମରେ ପ୍ରସ୍ତାବିତ ବିୟର ଫ୍ୟାକ୍ଟ୍ରି ଲାଗି ହେଉଥିବା ଗଛକଟା ଉପରେ ଲାଗିଛି ରୋକ୍। ତୁରନ୍ତ ଗଛକଟା ବନ୍ଦ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଘଟଣା ଉପରେ ନଜର ରଖିବାକୁ ସେ ଆର୍‌ଡିସିଙ୍କୁ ମଧ୍ୟ ନିର୍ଦ୍ଦେଶ ଜାରି କରିଛନ୍ତି। ସ୍ଥାନୀୟ ଲୋକଙ୍କ ତୀବ୍ର ବିରୋଧ ସତ୍ତ୍ୱେ ପ୍ରଶାସନ ପ୍ରରୋଚନାରେ ମାତ୍ର କେଇ ଘଣ୍ଟାରେ କାଟି ଦିଆଯାଇଥିଲା ୪୦୦ରୁ ଊର୍ଦ୍ଧ୍ୱ ଗଛ। ଗ୍ରାମବାସୀଙ୍କ ଭାବାବେଗକୁ ଅଣଦେଖା କରି କଳ, ବଳ, କୌଶଳ ଖଟାଇ ବିରୋଧକୁ ଦମନ କରିଦିଆଗଲା। ମଦ ଫ୍ୟାକ୍ଟ୍ରି ପାଇଁ ମୂଲ୍ୟବାନ ଗଛ ବଳିପଡ଼ିବା ପରେ ଏହାକୁ ନେଇ ଚାରିଆଡୁ ପଡ଼ିଥିଲା ପ୍ରବଳ ଚାପ। ବିଧାନସଭାରେ ସରକାରଙ୍କୁ ଘେରିଥିଲେ ବିରୋଧୀ। ଏହାପରେ ମୁଖ୍ୟମନ୍ତ୍ରୀ ଦମନକାରୀଙ୍କୁ ଦମନ କରିଛନ୍ତି।

ସରକାରୀ ନିର୍ଦ୍ଦେଶ ପରେ ଗଛକଟା ଉପରେ ପ୍ରତିବନ୍ଧକ ଲଗାଯିବା ସତ୍ତ୍ୱେ ପ୍ରସ୍ତାବିତ ପ୍ଲାଣ୍ଟ ସଂଲଗ୍ନ ଅଞ୍ଚଳରେ ଉତ୍ତେଜନା ଥମିବାର ନାଁ ଧରୁନି। ରବିବାର ପୂର୍ବାହ୍ନରେ ଶତାଧିକ ଅଞ୍ଚଳବାସୀ ଘଣ୍ଟ ଘଣ୍ଟା, ଖୋଳତାଳ, ସଂକୀର୍ତ୍ତନ ମଣ୍ଡଳୀ ସହିତ ପ୍ରସ୍ତାବିତ ପ୍ଲାଣ୍ଟ ଅଞ୍ଚଳରେ ପ୍ରବେଶ କରି ପ୍ରଶାସନ ଏବଂ ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ। ଏଥିସହ କଟାଯାଇଥିବା ଗଛ ମୂଳରେ ପୂଜାର୍ଚ୍ଚନା କରାଯାଇଥିଲା। କେତେଜଣ ମହିଳା କାଟି ଦିଆଯାଇଥିବା ଗଛମୂଳରେ ବସି ଆତ୍ମୀୟସ୍ୱଜନଙ୍କ ମୃତ୍ୟୁରେ କନ୍ଦାକଟା କଲା ଭଳି ବାହୁନି ବାହୁନି କାନ୍ଦୁଥିବା ମଧ୍ୟ ଦେଖିବାକୁ ମିଳିଥିଲା।

ଅନ୍ୟ କେତେଜଣ ମହିଳା କଟା ଯାଇଥିବା ଗଛ ମୂଳରେ ନୂତନ ଚାରା ରୋପଣ କରିଥିଲେ। ହରିବୋଲ ହୁଳହୁଳି ଧ୍ୱନିରେ ସମଗ୍ର ☞ପୃଷ୍ଠା-୨


କଟା ଯାଇଥିବା ଗଛ ମୂଳରେ ମହିଳାମାନେ ନୂଆ ଚାରା ପୋତୁଛନ୍ତି।

- ପ୍ରସ୍ତାବିତ ବିୟର ଫ୍ୟାକ୍ଟ୍ରିକୁ ବିରୋଧ ଜାରି
- କଟାଯାଇଥିବା ଗଛ ମୂଳେ ପୋତିଲେ ଚାରା
- ପୂଜାର୍ଚ୍ଚନା, ସଂକୀର୍ତ୍ତନରେ କମ୍ପିଲା ଅଞ୍ଚଳ
- କଡ଼ା ନିନ୍ଦା କଲେ ପରିବେଶବିତ୍

## ମହାନଦୀରେ ବୁଡ଼ି ଅନ୍ତର୍ଜାତୀୟ ଖେଳାଳିଙ୍କ ମୃତ୍ୟୁ



କଟକ ଅଫିସ,୧୮।୧୧

ମହାନଦୀରେ ଗାଧୋଇବାବେଳେ ବୁଡ଼ି ପ୍ରାଣ ହରାଇଛନ୍ତି ଅନ୍ତର୍ଜାତୀୟ ଫୁଟବଲି ଖେଳାଳି ରୋହନ ପ୍ରସାଦ ମଲ୍ଲିକ(୨୫)। ରୋହନଙ୍କ ଘର ବିଡ଼ାନାସୀ ଥାନା ଅନ୍ତର୍ଗତ ତୁଳସୀପୁର ମଠସାହି ଅଞ୍ଚଳରେ। ଏ ନେଇ ବିଡ଼ାନାସୀ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା(୩୮/୧୮) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ରବିବାର ମଧ୍ୟାହ୍ନ ପ୍ରାୟ ସାଢେ ୧୨ଟାବେଳେ ରୋହନ ୪ ସାଙ୍ଗଙ୍କ ସହ ସ୍ଥାନୀୟ ଲକ୍ଷ୍ମୀନୃସିଂହ ମନ୍ଦିର ଘାଟକୁ ଗାଧୋଇବାକୁ ଯାଇ ପାଣିକୁ ଲମ୍ଫ ମାରିଥିଲେ। ହେଲେ ନଦୀସ୍ରୋତରେ ସେ ପାଣି ଭିତରକୁ ଟାଣି ହୋଇଯାଇଥିଲେ। ସେ ଆଉ କୂଳକୁ ନ ଫେରିବାରୁ ତାଙ୍କ ସାଙ୍ଗମାନେ ପୋଲିସକୁ ଜଣାଇଥିଲେ। ଏହାପରେ ଓଡ୍ରାଫ୍ ଏବଂ ଅଗ୍ନିଶମ ବାହିନୀର ଏକ ଟିମ୍ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କୁ ପାଇ ନ ଥିଲେ। ପରେ ଅପରାହ୍ନ ୪ଟାରେ ତାଙ୍କ ମୃତଦେହକୁ ନଦୀରୁ ବାହାର କରାଯାଇଥିଲା।

ରୋହନ ସିନିୟର ଫୁଟବଲି ଦଳରେ ଜଣେ ନିୟମିତ ଖେଳାଳି ଥିଲେ। ବ୍ୟାଙ୍କକ୍‌ଠାରେ ଅନୁଷ୍ଠିତ ହୋଇଥିବା ବିଶ୍ୱ ଫୁଟବଲି ଚାମ୍ପିୟନଶିପ୍‌ରେ ସେ ଜାତୀୟ ଜର୍ସିରେ ଦେଖିବାକୁ ମିଳିଥିଲେ। ବିଶ୍ୱ ଚାମ୍ପିୟନଶିପ୍‌ରେ ଭାରତ କ୍ୱାର୍ଟର ଫାଇନାଲରେ ପରାସ୍ତ ହୋଇଥିଲେ ମଧ୍ୟ ରୋହନଙ୍କ ପ୍ରଦର୍ଶନ ଉଚ୍ଚକୋଟୀର ଥିଲା। ଫୁଟବଲରୁ ☞ପୃଷ୍ଠା-୨

## ■ ବ୍ରହ୍ମ ବିଭ୍ରାଟ: ଫିଟିଲା ଗୁମର

# ୬ ଦଇତା କରିଥିଲେ ବ୍ରହ୍ମ ଦର୍ଶନ

ପୁରୀ ଅଫିସ, ୧୮।୧୧



ଶ୍ରୀମନ୍ଦିର ପ୍ରଶାସନ ନୋଟିସ ଜାରି କରିବା ପରେ ଫିଟିଛି ବ୍ରହ୍ମବିଭ୍ରାଟ ଗୁମର। ନିୟମକୁ ନ ମାନି ଜୋର ଜବରଦସ୍ତି ଦଇତାପତି ଅଣସର ପିଣ୍ଡିରୁ କରିଥିଲେ ବ୍ରହ୍ମ ଦର୍ଶନ। ଏହାକୁ ନେଇ ଘଟିଥିଲା ବିଭ୍ରାଟ। ମହାପ୍ରଭୁଙ୍କ ଘଟ ସଂସ୍ଥାପନରେ ହୋଇଥିଲା ଅହେତୁକ ବିଳମ୍ବ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବ୍ରହ୍ମ ବିଭ୍ରାଟ ଘଟଣାରେ ୧୦ ଜଣଙ୍କୁ ନୋଟିସ ଜାରି କରାଯାଇଛି। ସେଥିମଧ୍ୟରୁ ୬ ଜଣଙ୍କୁ ଜବରଦସ୍ତି ବ୍ରହ୍ମ ଦର୍ଶନ କରିଥିବା ନେଇ ନୋଟିସ ହୋଇଛି। ସେମାନେ ହେଲେ ବିଶ୍ୱନାଥ ଦାସମହାପାତ୍ର, କୃଷ୍ଣଚନ୍ଦ୍ର ଦାସମହାପାତ୍ର, ନବକିଶୋର ଦାସମହାପାତ୍ର, କାଶୀନାଥ ଦାସମହାପାତ୍ର, ଜୟକୃଷ୍ଣ ଦାସମହାପାତ୍ର ଓ ଦଇତାପତି ନିଯୋଗର ସମ୍ପାଦକ ପ୍ରେମାନନ୍ଦ ଦାସମହାପାତ୍ର। ଶ୍ରୀମନ୍ଦିର ଆଇନର ୧୯୫୫ ଧାରା (କ) ଅନୁସାରେ ଏହି ନୋଟିସ ଜାରି କରାଯାଇଛି। ୧୫ ଦିନ ମଧ୍ୟରେ ଉତ୍ତର ରଖିବାକୁ କୁହାଯାଇଛି। ଧାର୍ଯ୍ୟ ସମୟ ମଧ୍ୟରେ ସନ୍ତୋଷଜନକ ଉତ୍ତର ହସ୍ତଗତ ନ ହେଲେ ପ୍ରତିପକ୍ଷଙ୍କ କିଛି କହିବାର ନାହିଁ ବୋଲି ଧରି ନିଆଯିବା କଥା ଉଲ୍ଲେଖ ରହିଛି।

ଦଇତାପତି ନିଯୋଗ ସମ୍ପାଦକ ପ୍ରେମାନନ୍ଦଙ୍କୁ ଜାରି କରାଯାଇଥିବା ନୋଟିସ୍‌ରେ ଉଲ୍ଲେଖ ରହିଛି ଯେ, ଘଟ ପରିବର୍ତ୍ତନ ଅତ୍ୟନ୍ତ ଗୋପନୀୟ କାର୍ଯ୍ୟ। ଏହି କାର୍ଯ୍ୟ କେବଳ ବାଡ଼ଗ୍ରାହୀମାନଙ୍କ ଦ୍ୱାରା ସମ୍ପାଦନ କରାଯିବା ଲାଗି ନିର୍ଦ୍ଦେଶ ଦିଆଯାଇ ନିଯୋଗ ସମ୍ପାଦକ ହିସାବରେ ଆପଣଙ୍କୁ ଅବଗତ କରାଯାଇଥିଲା। ଏହାସତ୍ତ୍ୱେ ଘଟ ପରିବର୍ତ୍ତନର ପରମ୍ପରା ଓ ଗୋପନୀୟତାକୁ ଉପେକ୍ଷା କରାଯାଇଥିଲା। ଆପଣ ୪ ବରିଷ୍ଠ ଦଇତାପତିଙ୍କୁ ବ୍ରହ୍ମ ଦର୍ଶନ କରାଇବା ପାଇଁ ବେହେରଣ ଦ୍ୱାର ଦେଇ ତାଟି ନିକଟରେ ଉପସ୍ଥିତ କରାଇଥିଲେ ଏବଂ ସେମାନଙ୍କୁ ଜବରଦସ୍ତି ଭିତରକୁ ପ୍ରବେଶ କରାଇବାକୁ ଉଦ୍ୟମ କରିଥିଲେ। ଦ୍ୱିତୀୟରେ ନିଯୋଗର ସମ୍ପାଦକ ହିସାବରେ ଘଟ ପରିବର୍ତ୍ତନର ପରମ୍ପରା ଓ ଗୋପନୀୟତା ରକ୍ଷା ପାଇଁ ଆପଣ ପୂର୍ବରୁ ନିଯୋଗ ବୈଠକ ଡାକି ଆଲୋଚନା କରି ନ ଥିଲେ। ଫଳରେ ଘଟ ପରିବର୍ତ୍ତନରେ ଚରମ ବିଶୃଙ୍ଖଳା ଦେଖାଦେଇଥିଲା। ଏପରି କି ଘଟ ପରିବର୍ତ୍ତନ ବେଳେ ବ୍ରହ୍ମ ଦର୍ଶନ ପାଇଁ ଆପଣ ଜିଦ୍ ଧରିଥିଲେ ଓ କୌଣସି ବାରଣକୁ ଭ୍ରୂକ୍ଷେପ କରି ନ ଥିଲେ, ଯାହାକି ପରମ୍ପରା ଏବଂ ନିୟମବିରୁଦ୍ଧ କାର୍ଯ୍ୟ। ଘଟ ପରିବର୍ତ୍ତନ ଅପ୍ରକାଶ୍ୟ ହୋଇଥିବାବେଳେ ଆପଣ ☞ପୃଷ୍ଠା-୨

## ■ ପୁଣି ଚର୍ଚ୍ଚାରେ କଳିଙ୍ଗନଗର ଗୁଳିକାଣ୍ଡ

# ସ୍ମୃତିସ୍ତମ୍ଭ ନିକଟରୁ କଟା ପାପୁଲି ଉଦ୍ଧାର

ଯାଜପୁର ଅଫିସ,୧୮।୧୧

ଦୀର୍ଘ ୧୨ବର୍ଷ ଧରି କୁହୁଳୁଥିବା ଲୋମହର୍ଷଣକାରୀ କଳିଙ୍ଗନଗର ଗୁଳିକାଣ୍ଡ ଘଟଣାରେ ରବିବାର ପୁଣି ଅଗ୍ନି ସଂଯୋଗ ହୋଇଛି। ୨୦୦୬ ଜାନୁୟାରୀ ୨ରେ ହୋଇଥିବା ଗୁଳିକାଣ୍ଡରେ ମୃତ୍ୟୁବରଣ କରିଥିବା ୧୩ଜଣ ଆଦିବାସୀଙ୍କ ମଧ୍ୟରୁ ୫ଜଣଙ୍କ କଟା ହାତ ପାପୁଲିକୁ କେମିକାଲ ଭର୍ତ୍ତି ପ୍ଲାଷ୍ଟିକ ଜାର୍ ଭିତରେ ନିକଟସ୍ଥ କ୍ଲବ ଘରେ ସାଇତି ରଖାଯାଇଥିଲା। ମାତ୍ର ଶନିବାର ରାତିରେ କେହି ଦୁର୍ବୃତ୍ତ ବୀରଭୂମିସ୍ଥିତ କ୍ଲବ ଘର ତାଲା ଭାଙ୍ଗି ଉକ୍ତ ଜାର୍‌ରୁ ହାତ ପାପୁଲିଗୁଡ଼ିକୁ କାଢ଼ି ଛିନ୍‌ଭିନ କରି ଶହୀଦ ସ୍ତମ୍ଭ ଚାରିପାଖେ ଫିଙ୍ଗି ଦେଇଥିବା ଦେଖିବାକୁ ମିଳିଛି। ଯାହାକି ଗୁଳିକାଣ୍ଡରେ ଶହୀଦ ହୋଇଥିବା ପରିବାରବର୍ଗ ଏବଂ ବିସ୍ଥାପନ ବିରୋଧି ଜନମଞ୍ଚର ସଭ୍ୟାସଭ୍ୟଙ୍କୁ ଗଭୀର ଆଘାତ ଦେଇଛି। ରବିବାର ସକାଳେ ଏହି ☞ପୃଷ୍ଠା-୧୩

- ଡିଏନ୍ଏ ଟେଷ୍ଟ ପାଇଁ ସୁରକ୍ଷିତ ରଖାଯାଇଥିଲା
- ବିସ୍ଥାପନ ବିରୋଧୀ ଜନମଞ୍ଚ ପକ୍ଷରୁ ଉତ୍ତେଜନା
- କଳିଙ୍ଗନଗର ଥାନାରେ ଅଭିଯୋଗ

ଆଜିଠୁ ପଞ୍ଚୁକ ବ୍ରତ
୯
ଆଖିବୁଜିଲା ଅସୁସ୍ଥ ଦନ୍ତା
୩

### ଆଜିର ସମ୍ପାଦକୀୟ

ସିବିଆଇକୁ ମନା

### ଆଜିର ମନ୍ତବ୍ୟ

"କଂଗ୍ରେସ ହେଉଛି ନେହେରୁ-ଗାନ୍ଧୀ ପରିବାରର ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ।

-ଅମିତ୍ ଶାହ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ

### କିଛି ତଥ୍ୟ

ଚଳିତ ବର୍ଷ ଏପ୍ରିଲ-ଅକ୍ଟୋବର ମାସ ମଧ୍ୟରେ ଦେଶରେ କୋଇଲା ଉତ୍ପାଦନ ୧୦% ବୃଦ୍ଧି ଘଟି ୩୭୦ ନିୟୁତ ଟନ୍ ଛୁଇଁଛି। ଏହା ଗତ ବର୍ଷ ସମାନ ସମୟରେ ୩୩୫ ନିୟୁତ ଟନ୍ ରହିଥିଲା।

-କୋଲ୍ ଇଣ୍ଡିଆ ଲିମିଟେଡ୍

NECC NATIONAL EGG CO-ORDINATION COMMITTEE — 18.11.2018 — Vencobb Chicken

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 54 | 98 | 108 |
| CTC | 52 | 96 | 106 |
| DKL | 56 | 101 | 111 |
| BDK | 55 | 100 | 110 |
| BLS | 55 | 100 | 110 |
| ANG | 60 | 106 | 116 |

*Conditions Apply
Eggs Retail Price- 51/-Dozen
Issued in the Interest of Consumers

# ଅମୃତସରରେ ଆତଙ୍କବାଦୀ ଆକ୍ରମଣ

## ନିରଙ୍କାରୀ ଶ୍ରଦ୍ଧାଳୁଙ୍କୁ ଟାର୍ଗେଟ: ୩ ନିହତ, ୨୦ ଆହତ

ଚଣ୍ଡିଗଡ଼/ଅମୃତସର,୧୮।୧୧ (ପି.ଟି./ଆଇଏଏନ୍ଏସ୍)



ପଞ୍ଜାବର ଅମୃତସରସ୍ଥିତ ରାଜାସାଂସିରେ ରବିବାର ଆତଙ୍କବାଦୀ ଆକ୍ରମଣ ହୋଇଛି। ନିରଙ୍କାରୀ ପନ୍ଥର ଧାର୍ମିକ ସମାଗମ ବେଳେ ଆତଙ୍କବାଦୀମାନେ ଶ୍ରଦ୍ଧାଳୁଙ୍କ ଉପରକୁ ଗ୍ରେନେଡ୍ ମାଡ଼ କରିଛନ୍ତି। ଏଥିରେ ୩ ନିହତ ଓ ୨୦ ଆହତ ହୋଇଛନ୍ତି। ଆତଙ୍କବାଦୀଙ୍କୁ ଧରିବା ପାଇଁ ପୋଲିସ ତନାଘନା ଚଳାଇଛି। ଆକ୍ରମଣକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ ପଞ୍ଜାବ ମୁଖ୍ୟମନ୍ତ୍ରୀ କ୍ୟାପ୍‌ଟେନ ଅମରିନ୍ଦର ସିଂଙ୍କ ସହ ଆଲୋଚନା କରି ସ୍ଥିତି ସମୀକ୍ଷା କରିଛନ୍ତି।

ଅମୃତସରରୁ ୧୫ କି.ମି. ଦୂରରେ ରାଜାସାଂସି ଅବସ୍ଥିତ। ଏହା ନିକଟସ୍ଥ ଆଦ୍‌ଲିୱାଲ ଗ୍ରାମରେ ରହିଛି ନିରଙ୍କାରୀ ଭବନ। ସେଠାରେ ରବିବାର ନିରଙ୍କାରୀ ପନ୍ଥର ପ୍ରାୟ ୨୦୦ ଅନୁଗାମୀ ଏକତ୍ରିତ ହୋଇଥିଲେ। ପ୍ରାର୍ଥନା କକ୍ଷରେ ସାପ୍ତାହିକ ଆଧ୍ୟାତ୍ମିକ ବୈଠକ ଚାଲିଥିବାବେଳେ ଦୁଇଜଣ ମୁଖାପିନ୍ଧା ବାଇକ୍ ଆରୋହୀ ଆସି ସେମାନଙ୍କୁ ଟାର୍ଗେଟ କରିଥିଲେ। ☞ପୃଷ୍ଠା-୨






# ସିବିଆଇ ତଦନ୍ତ ଦାବିକଲା ସିଭିଲ ସୋସାଇଟି

## ଦାରୁ ଫିକ୍ସିଂ ଅଭିଯୋଗ

■ ବ୍ରହ୍ମ ବିଭ୍ରାଟ ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯାଉ

ଭୁବନେଶ୍ୱର, ୧୮।୧୧(ବ୍ୟୁରୋ)



ଖବରଦାତା ସମ୍ମିଳନୀରେ ସିଭିଲ ସୋସାଇଟିର ପ୍ରତିନିଧିମାନେ।

ଗୋଟିଏ ଜିଲାରୁ ମହାପ୍ରଭୁଙ୍କ ତିନୋଟି ଦାରୁ ଚୟନ କରାଯିବା ପ୍ରସଙ୍ଗକୁ ନେଇ ଏବେ ବିବାଦ ମୁଣ୍ଡ ଟେକିଛି। ଏହାକୁ ନେଇ ରାଜନୈତିକ ବାତାବରଣ ଉଷ୍ମ ହେବାରେ ଲାଗିଛି। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବିରୋଧୀ ଦଳଗୁଡ଼ିକ ଚୁପ ରହିବା ନେଇ ପ୍ରଶ୍ନ ଉଠାଇଛି ସିଭିଲ ସୋସାଇଟି। ସିଭିଲ୍ ସୋସାଇଟି ଅଭିଯୋଗ କରିଛି, ଏପରି ଘଟଣା ରାଜ୍ୟର କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ମନକୁ ଗଭୀର ଆଘାତ ଦେଇଛି ଏବଂ ମନ୍ଦିରର ପବିତ୍ରତା ନଷ୍ଟ ହୋଇଛି। ଦାରୁ ଫିକ୍ସିଂରେ ସମ୍ପୃକ୍ତ ଥିବା ବ୍ୟକ୍ତିମାନଙ୍କୁ ଗିରଫ କରିବା ସହ ଘଟଣାର ସିବିଆଇ ତଦନ୍ତ କରିବାକୁ ସୋସାଇଟି ପକ୍ଷରୁ ସ୍ଥାନୀୟ ନେହେରୁ ଯୁବ କେନ୍ଦ୍ରଠାରେ ରବିବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଦାବି କରାଯାଇଛି। ଏହାସହ ବ୍ରହ୍ମ ବିଭ୍ରାଟ ତଦନ୍ତ ରିପୋର୍ଟକୁ ସର୍ବସାଧାରଣରେ ପ୍ରକାଶ କରିବା ପାଇଁ ସୋସାଇଟି ଦାବି କରିଛି। ସୋସାଇଟି ପକ୍ଷରୁ ଆହୁରି କୁହାଯାଇଛି ଯେ, ଦଇତାପତିମାନେ ଶଗଡରେ ଯାଇ ଦାରୁ ଚିହ୍ନଟ କରିବା କଥା, କିନ୍ତୁ କିଭଳି ଏମାନେ କାରରେ ଯାଇ ଦାରୁ ଠାବ କଲେ ତାହା ସନ୍ଦେହ ସୃଷ୍ଟି କରୁଛି। ଦିନରେ ଦାରୁ ଚିହ୍ନଟ କରିବା ବଦଳରେ ରାତିରେ କିଭଳି ଚିହ୍ନଟ କରାଗଲା ତାହା ମଧ୍ୟ ସନ୍ଦେହଜନକ। ତେଣୁ ଏହାର ତଦନ୍ତ କଲେ ପ୍ରକୃତ ଘଟଣା ପଦାକୁ ଆସିବ ବୋଲି ସିଭିଲ ସୋସାଇଟିର ସଦସ୍ୟମାନେ କହିଛନ୍ତି। ଜଗନ୍ନାଥଙ୍କ ରତ୍ନଭଣ୍ଡାର ଚାବି ହଜିବା ଉପରେ ରାଜ୍ୟ ସରକାର ତଦନ୍ତ କମିଶନ ବସାଇଥିଲେ। ତଦନ୍ତ କମିଶନଙ୍କୁ ରିପୋର୍ଟ ଦେବାକୁ ୩ମାସ ସମୟ ଦିଆଯାଇଥିଲା। କିନ୍ତୁ କମିଶନ ଉକ୍ତ ସମୟ ମଧ୍ୟରେ ରିପୋର୍ଟ ନ ଦେବାରୁ ରାଜ୍ୟ ସରକାର ପୁଣି ୩ମାସ ସମୟ ବୃଦ୍ଧି କରିଛନ୍ତି। କମିଶନ ନାମରେ ସମୟ ଗଡ଼େଇ ତଦନ୍ତ ରିପୋର୍ଟକୁ ଚାପିଦେବା ପାଇଁ ଷଡ଼ଯନ୍ତ୍ର ହୋଇଛି। ଚିଟ୍‌ଫଣ୍ଡ ଠକେଇରେ ସିବିଆଇ ତଦନ୍ତକୁ ଶିଥିଳ କରିଛି। ଏହା ପ୍ରତିବାଦରେ ସିଭିଲ ସୋସାଇଟି ଆସନ୍ତା ୨୬ ତାରିଖରେ ସିବିଆଇ ଅଫିସ ଆଗରେ ଧାରଣା ଦେବ ବୋଲି କୁହାଯାଇଛି। ଖବରଦାତା ସମ୍ମିଳନୀରେ ସିଭିଲ୍ ସୋସାଇଟି ନେତୃବୃନ୍ଦ ତଥା ସୂଚନାଧିକାର କର୍ମୀ ପ୍ରଦୀପ ପ୍ରଧାନ, ଆଇନଜୀବୀ ସୁଧୀର ମହାନ୍ତି, ମହିଳା ନେତ୍ରୀ ସଂଯୁକ୍ତା ପାଣିଗ୍ରାହୀ, ପ୍ରତାପ ସାହୁ, ଯୋଗେନ୍ଦ୍ର ଡ଼ାକୁଆ ପ୍ରମୁଖ ଉପସ୍ଥିତ ଥିଲେ।




## ମାଓବାଦୀଙ୍କ ଲ୍ୟାଣ୍ଡ ମାଇନ୍ ବିସ୍ଫୋରଣ

### ଜଣେ ଯବାନ ଶହୀଦ, ୨ ଆହତ

**ମାଲକାନଗିରି, ୧୮।୧୧ (ଡି.ଏନ୍.ଏ.):** ସୁକୁମା ଜିଲା ଭେଜି ଥାନା ଏଲାଡପଡ଼ୁରୁ ନିକଟରେ ମାଓବାଦୀଙ୍କ ଲ୍ୟାଣ୍ଡମାଇନ ବିସ୍ଫୋରଣରେ ଜଣେ ଯବାନ ଶହୀଦ ହୋଇଥିବାବେଳେ ଅନ୍ୟ ୨ ଜଣ ଆହତ ହୋଇଛନ୍ତି। ଯବାନମାନେ ତଲାସୀ ଅଭିଯାନରେ ଯାଉଥିବା ବେଳେ ଘଟିଥିବା ଲ୍ୟାଣ୍ଡମାଇନ ବିସ୍ଫୋରଣରେ କୁହୁରାମ ଦାରା, ସୋଡ଼ି ମୁକ୍କା ଓ ବୀରା ଆହତ ହୋଇଥିଲେ। ଆହତମାନଙ୍କୁ ଚିକିତ୍ସା ପାଇଁ ରାୟପୁର ପଠାଯାଇଥିବା ବେଳେ ସେଠାରେ କୁହୁରାମଙ୍କ ମୃତ୍ୟୁ ଘଟିଛି।

■ ତେଲେଙ୍ଗାନା ବିଧାନସଭା ନିର୍ବାଚନ

# ଟିକେଟ ପାଇଁ ଲାଞ୍ଚ ଅଭିଯୋଗ

ଭୁବନେଶ୍ୱର, ୧୮।୧୧ (ବ୍ୟୁରୋ)

**ଦୋଷ ପ୍ରମାଣିତ ହେଲେ ରାଜନୀତି ଛାଡିବି: ଭକ୍ତ**

ତେଲେଙ୍ଗାନାରେ ବିଧାନସଭା ନିର୍ବାଚନରେ ଟିକେଟ କରାଇବା ପାଇଁ ଲାଞ୍ଚ କାରବାର ହୋଇଥିବା ଅଭିଯୋଗ ପଦାକୁ ଆସିଛି। ରଙ୍ଗା ରେଡ୍ଡି ନାମକ ଜଣେ କଂଗ୍ରେସ ନେତା ତେଲେଙ୍ଗାନା ସ୍କ୍ରିନିଂ କମିଟି ମୁଖ୍ୟ ଭକ୍ତ ଦାସଙ୍କ ନାଁରେ ଏହି ଅଭିଯୋଗ ଆଣିଛନ୍ତି। ଭକ୍ତ କୁଆଡେ ନିଜ ପୁଅ ସାଗର ଦାସଙ୍କ ଜରିଆରେ ଟିକେଟ ପାଇଁ ଅର୍ଥ ମାଗୁଥିଲେ। ତେଲେଙ୍ଗାନାର ଇବ୍ରାହିମ୍‌ପାଟନମ୍ ଆସନ ପାଇଁ ୩ କୋଟି ଟଙ୍କା ମଗାଯାଇଥିବା ରଙ୍ଗା ଅଭିଯୋଗ କରିଛନ୍ତି। ଏ ସମ୍ପର୍କିତ ଏକ ଅଡିଓ ଟେପ୍ ମଧ୍ୟ ଜାରି କରାଯାଇଛି। ଅପରପକ୍ଷରେ ଏପରି ଅଭିଯୋଗକୁ ସିଧାସଳଖ ଖଣ୍ଡନ କରିଛନ୍ତି ପିସିସି ପ୍ରଚାର କମିଟି ଅଧ୍ୟକ୍ଷ ଭକ୍ତ ଚରଣ ଦାସ। ସେ କହିଛନ୍ତି ଯେ, ଅଭିଯୋଗର କୌଣସି ସତ୍ୟତା ନାହିଁ। ଭିତ୍ତିହୀନ ଭାବେ ତାଙ୍କ ପୁଅର ନାଁକୁ ଏଥିରେ ଯୋଡା ଯାଇଛି। ଅଭିଯୋଗ ଆଣିଥିବା ବ୍ୟକ୍ତି ଗତ ନିର୍ବାଚନରେ ଶୋଚନୀୟ ଭାବେ ହାରିଛନ୍ତି। ତେଣୁ ସେ ଦାବି କରୁଥିବା ଆସନକୁ ମେଣ୍ଟ ସହଯୋଗୀଙ୍କୁ ଦେବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏଥିରେ ତେଲେଙ୍ଗାନା ପିସିସି ସଭାପତି ଓ ଅନ୍ୟ ବରିଷ୍ଠ ନେତାଙ୍କ ସମ୍ମତି ରହିଥିଲା। ଯଦି ଅଭିଯୋଗର ସତ୍ୟତା ପ୍ରମାଣିତ ହୁଏ, ତେବେ ରାଜନୀତି ଛାଡିଦେବି ବୋଲି ଭକ୍ତ କହିଛନ୍ତି। ଭକ୍ତଙ୍କ ବିରୋଧରେ ହୋଇଥିବା ଅଭିଯୋଗ ସମ୍ପର୍କରେ ମୁହଁ ଖୋଲିଛନ୍ତି ଓଡ଼ିଶା ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ। ସେ କହିଛନ୍ତି ଯେ, ରାଜନୀତିରେ ଅଭିଯୋଗ ହେବାଟା ସ୍ୱାଭାବିକ। ଯେ ପର୍ଯ୍ୟନ୍ତ ଦୋଷ ପ୍ରମାଣିତ ନ ହୋଇଛି, ସେ ସମ୍ପର୍କରେ ମତାମତ ଦେବା ଉଚିତ ହେବ ନାହିଁ ବୋଲି ନିରଞ୍ଜନ କହିଛନ୍ତି।




# ଆଖିବୁଜିଲା ଅସୁସ୍ଥ ଦନ୍ତା



**ଟାଙ୍ଗୀ (କଟକ), ୧୮।୧୧(ଡି.ଏନ୍.ଏ):** କଟକ ବନଖଣ୍ଡ ଡାଳିଯୋଡା ରେଞ୍ଜ ସଫା ସେକ୍ସନ ଗରୁଡ଼ଗାଁ ପଞ୍ଚାୟତ ଅନ୍ତର୍ଗତ ହଳଦୀବସନ୍ତ ଗ୍ରାମ ନିକଟରେ ଚିକିତ୍ସାଧୀନ ଏକ ଦନ୍ତାହାତୀର ରବିବାର ଭୋର ସମୟରେ ମୃତ୍ୟୁ ଘଟିଛି। ଖବରପାଇ ସହକାରୀ ବନଖଣ୍ଡ ଅଧିକାରୀ ଶରତ ସାହୁ, ରେଞ୍ଜ ଅଫିସର ମନୋରଞ୍ଜନ ସ୍ୱାଇଁ ଓ ବନ ବିଭାଗର ବହୁ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ହାତୀକୁ ବ୍ୟବଚ୍ଛେଦ କରାଇ ଉକ୍ତ ସ୍ଥାନରେ ପୋତି ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଗତ ଗୁରୁବାର ରାତିରେ ଏକ ହାତୀପଲ ସ୍ଥାନୀୟ ପ୍ରମୋଦ ଉଦ୍ୟାନ ପରିସରରୁ ବାହାରି ହଳଦୀବସନ୍ତ ଗ୍ରାମର ଧାନବିଲରେ ପଶିଥିଲେ। ରାତି ପାହିଲା ବେଳକୁ ସମସ୍ତେ ଫେରିଯାଇଥିଲେ ମଧ୍ୟ ଉକ୍ତ ହାତୀଟି ବିଲ ମଝିରେ ରହିଯାଇଥିଲା। ଚାଷୀମାନେ ଶୁକ୍ରବାର ଦିନତମାମ୍ ହାତୀକୁ ଘଉଡ଼ାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଶନିବାର ସକାଳୁ ହାତୀଟି ଗୁରୁତର ହୋଇ ବିଲ ନିକଟ ଗଛ ତଳେ ପଡିଯାଇଥିଲା। ହାତୀ ପାଟିରେ ଘା' ସୃଷ୍ଟିହୋଇ ସେଥିରେ ପୋକ ଚାଲୁଥିବା ଦେଖିବାକୁ ମିଳିଥିଲା। ବିଭାଗୀୟ ଅଧିକାରୀ ଓ ବିଶେଷଜ୍ଞ ଡାକ୍ତର ଘଟଣାସ୍ଥଳରେ ପହଞ୍ଚି ହାତୀର ଚିକିତ୍ସା କରିଥିଲେ ମଧ୍ୟ ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲା। ଖାଦ୍ୟାଭାବରୁ ହାତୀର ସ୍ୱାସ୍ଥ୍ୟାବସ୍ଥା ସଂପୂର୍ଣ୍ଣ ବିଗିଡ଼ିଥିବା ଜାଣି ଚିକିତ୍ସା ଆରମ୍ଭ କରାଯାଇଥିଲେ ହେଁ ଶେଷରେ ହାତୀର ମୃତ୍ୟୁ ଘଟିଥିଲା।




## ୨୨ରେ ବିଧାନସଭା ଘେରିବେ କମ୍ପ୍ୟୁଟର ଶିକ୍ଷକ

**ଭୁବନେଶ୍ୱର, ୧୮।୧୧ (ବ୍ୟୁରୋ):** ସ୍ଥାୟୀ କମ୍ପ୍ୟୁଟର ଶିକ୍ଷକ ମାନ୍ୟତା ଦାବିରେ ନଭେମ୍ବର ୨୨ରେ ବିଧାନସଭା ଘେରିବ ଓଡ଼ିଶା ବିଦ୍ୟାଳୟ ସଂଯୋଜକ ସଂଘ। ପୂର୍ବରୁ ସଂଘ ଏହି ଦାବିକୁ ନେଇ ଅହୋରାତ୍ର ଧାରଣା ଲୋୟର ପିଏମ୍‌ଜିରେ ବସିଥିଲା। ତିନି ମାସ ଭିତରେ ବିଚାର କରି ଦାବି ପୂରଣ ଦିଗରେ ପଦକ୍ଷେପ ନିଆଯିବ ବୋଲି ସରକାର ସେତେବେଳେ ସଂଘକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ପ୍ରତିଶ୍ରୁତିକୁ ତିନି ମାସ ବିତି ଯାଇଥିଲେ ମଧ୍ୟ ସରକାର କମ୍ପ୍ୟୁଟର ଶିକ୍ଷକଙ୍କ ଦାବି ପ୍ରତି କିଛି ବିଚାର କଲେନାହିଁ। ଫଳରେ ସଂଘ ବାଧ୍ୟ ହୋଇ ଆନ୍ଦୋଳନକୁ ଓହ୍ଲାଉଛି ବୋଲି ସଂଘର ମୁଖପାତ୍ର ସତ୍ୟନାରାୟଣ ସାହୁ କହିଛନ୍ତି। ପୁଣି ଥରେ ସଂଘ ସମାନ ଦାବି ନେଇ ସରକାରଙ୍କ ପାଖରେ ଦାବି ଉପସ୍ଥାପନ କରିବ। କିନ୍ତୁ ବିଧାନସଭା ଘେରାଉ ପୂର୍ବରୁ ସୋମବାରଠାରୁ ସଂଘ ଲୋୟର ପିଏମ୍‌ଜିରେ ଧାରଣାରେ ବସିବ। ୪୦୦୦ ସରକାରୀ ହାଇସ୍କୁଲରେ ଏହି କମ୍ପ୍ୟୁଟର ଶିକ୍ଷକ କାର୍ଯ୍ୟ କରୁଛନ୍ତି। ଶିକ୍ଷକମାନେ ସମସ୍ତ ସମୟ ଏ ବାଟରେ ଖର୍ଚ୍ଚ କରୁଛନ୍ତି। ସେମାନଙ୍କ ଭବିଷ୍ୟତ ବୋଲି କିଛି ନାହିଁ। ତେଣୁ ସରକାର ଓଡ଼ିଶା ନଲେଜ କମ୍ପ୍ୟୁଟର ଲିମିଟେଡ଼ (ଓକେସିଏଲ୍) ହାତରୁ ଏହି କର୍ମଚାରୀଙ୍କୁ କାଢି ନେଇ ସ୍ଥାୟୀ ନିଯୁକ୍ତି କରନ୍ତୁ ବୋଲି ସଂଘ ଦାବି କରୁଥିବା ସାହୁ କହିଛନ୍ତି।

# ବନ ବିଭାଗ ଅନୁମତିକୁ ନେଇ ପ୍ରଶ୍ନ ଉଠାଇଲେ ବିରୋଧୀ

**ଭୁବନେଶ୍ୱର, ୧୮।୧୧(ବ୍ୟୁରୋ):** ଢେଙ୍କାନାଳ ଜିଲାର ବଳରାମପୁରଠାରେ ବିୟର ଫ୍ୟାକ୍ଟ୍ରି ନିର୍ମାଣ ଲାଗି ଶହଶହ ଗଛ କଟାଯିବା ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆରଡିସି ତଦନ୍ତ ନିର୍ଦ୍ଦେଶ ଦେଇଥିବା ବେଳେ ବିରୋଧୀ କିନ୍ତୁ ସରକାରଙ୍କୁ କଡା ସମାଲୋଚନା କରିଛନ୍ତି। ବିରୋଧୀଙ୍କ ଅଭିଯୋଗକୁ ନେଇ ପାଲଟା ଟାର୍ଗେଟ କରିଛି ବିଜେଡି।

ଢେଙ୍କାନାଳ ଜିଲାର ବଳରାମପୁରଠାରେ ପ୍ରବଳ ବିରୋଧ ସତ୍ତ୍ୱେ ରାଜ୍ୟ ସରକାର ସେଠାରେ ଏକ ବିୟର ଫାକ୍ଟ୍ରି ନିର୍ମାଣ କରିବାକୁ ଅନୁମତି ଦେଇଛନ୍ତି। ଏଥିପାଇଁ ସମସ୍ତ ପ୍ରକାର ସହଯୋଗ ମଧ୍ୟ ଯୋଗାଇ ଦେଉଛନ୍ତି। ଯେବେଠାରୁ ଏଠାରେ ମଦ କାରଖାନା ପାଇଁ ସରକାର ଅନୁମତି ଦେଲେଣି ସେବେଠୁ ସ୍ଥାନୀୟ ଲୋକମାନେ ବିରୋଧ କରି ଆସୁଛନ୍ତି। ମାତ୍ର ସରକାର ସ୍ଥାନୀୟ ଲୋକମାନଙ୍କ ସହ ଆଲୋଚନା ନ କରି ସେଠାରେ ମଦ କାରଖାନା ବସାଇବାକୁ ଯାଉଛନ୍ତି। ବନ ବିଭାଗ କାହା ନିର୍ଦ୍ଦେଶରେ ଏଥିପାଇଁ ଅନୁମତି ଦେଲା ତାହା ଏବେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ଭାଜପା ବିଧାୟକ ପ୍ରଦୀପ ପୁରୋହିତ କହିଛନ୍ତି। ଭାଜପା ମୁଖ୍ୟାଳୟଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରଦୀପ କହିଛନ୍ତି ଯେ, ବିଧାନସଭାରେ ଶୁକ୍ରବାର ଭାଜପା ପକ୍ଷରୁ ଏକଥା ଉଠାଯାଇଥିଲା। ପରବର୍ତ୍ତୀ ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆରଡିସି ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ଗଛ କାଟିସାରିଲା ପରେ ଏହି ଆରଡିସି ତଦନ୍ତର ମାନେ କ'ଣ ଅଛି ବୋଲି ସେ ପ୍ରଶ୍ନ କରିଛନ୍ତି। ସାଧାରଣ ଲୋକଙ୍କୁ ଭୁଆଁ ବୁଲାଇବା ପାଇଁ ଏହି ତଦନ୍ତ କରାଯାଉଥିବା ପ୍ରଦୀପ ପ୍ରଶନ କରିଛନ୍ତି।

ବିରୋଧୀ ଦଳ ନେତା ନରସିଂହ ମିଶ୍ର କହିଛନ୍ତି ଯେ, ଏଥିପାଇଁ କେନ୍ଦ୍ର ସରକାରଙ୍କ ଅନୁମତି ନିଆଯାଇ ନାହିଁ। ଗୋଟିଏ କମ୍ପାନୀକୁ ଲିଜ ଦେବା ପାଇଁ ଜୋର ଜବରଦସ୍ତ ସରକାରୀ କଳ ଜଙ୍ଗଲ କାଟିଛନ୍ତ। ଏହା ସମ୍ପୂର୍ଣ୍ଣଭାବେ ବେଆଇନ ଏବଂ ଦଣ୍ଡନୀୟ। ଗଛ କାଟିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ତାଙ୍କୁ ଧନ୍ୟବାଦ କାରଣ ଡେରିରେ ହେଲେ ମଧ୍ୟ ସେ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ଏଠାରେ ପ୍ରଶ୍ନ ଉଠୁଛି ତାଙ୍କ ବିନା ଅନୁମତିରେ କିଏ ଗଛ କାଟିବାକୁ ନିର୍ଦ୍ଦେଶ ଦେଲା। ମଦ କମ୍ପାନୀକୁ ଲିଜ୍ ଦେବାକୁ ଜଙ୍ଗଲ ନଷ୍ଟ କରାଗଲା। ମୁଖ୍ୟମନ୍ତ୍ରୀ କଣ ତଦନ୍ତ କରିବେ ଯେଉଁଠି ଘଟଣା ସ୍ପଷ୍ଟ ପ୍ରମାଣ ହୋଇସାରିଛି। ତାଙ୍କ ଅଫିସ୍ ଟେଲିଫୋନ୍ ଯୋଗେ ସେ ସଙ୍ଗେସଙ୍ଗେ କେନ୍ଦ୍ରର ଅନୁମତି ଅଛି ନା ନାହିଁ ସେକଥା ପଚାରି ପାରିଥାଆନ୍ତେ। ଯଦି ଉତ୍ତର ନାହିଁ ଆସିଥାଆନ୍ତା ତେବେ ସେ ଫୌଜଦାରୀ ମାମଲା ସେମାନଙ୍କ ନାଁରେ ରୁଜୁ କରି ତୁରନ୍ତ ଗିରଫ କରିଥାଆନ୍ତେ। ବୋଧହୁଏ ଚାପର ବଶବର୍ତ୍ତି ହୋଇ ସେ ନିଜେ ନେଇଥିବା ନିଷ୍ପତ୍ତି ବଦଳାଇଲେ ବୋଲି ନରସିଂହ କହିଛନ୍ତି।

ବିଜେଡି ମୁଖପାତ୍ର ପ୍ରତାପ ଦେବ କହିଛନ୍ତି ଯେ, ବିରୋଧୀ ଯେଉଁ ଅଭିଯୋଗ କରୁଛନ୍ତି ସେଥିରେ କୌଣସି ବାସ୍ତବତା ନାହିଁ। ମୁଖ୍ୟମନ୍ତ୍ରୀ ଏହି ଘଟଣାରେ ଗଛକଟା ବନ୍ଦ କରିବା ସହ ଏନେଇ ଆର୍‌ଡିସି ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ଅନୁମତି କିଏ ଦେଲା , ଯିଏ ଏଥିରେ ଦୋଷୀ ବାହାରିବ ତା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତାପ କହିଛନ୍ତି।

ପରିପୂର୍ଣ୍ଣ ବିଶ୍ୱଜନୀନ ଦୃଷ୍ଟି ଓ ବିଶ୍ୱଜନୀନ ଭାବ ହେଲା, ସବୁକିଛି ଭ୍ରାନ୍ତି ଓ ଦୁଃଖ ବେଦନାରୁ ଆରୋଗ୍ୟର ମାର୍ଗ। କିନ୍ତୁ ଅଧିକାଂଶ ମଣିଷ କେବଳ ସେମାନଙ୍କର ଅହଂକାରକୁ ପ୍ରସାରିତ କରି ଚାଲିଥାନ୍ତି।

-ଶ୍ରୀଅରବିନ୍ଦ

# ସିବିଆଇକୁ ମନା

ଭାରତରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ)ର ବିଶ୍ୱସନୀୟତା କ୍ରମାଗତ ହ୍ରାସ ପାଇବାରେ ଲାଗିଛି। ପୂର୍ବରୁ ଏହାକୁ ଏକ ନିରପେକ୍ଷ ସଂସ୍ଥା ଭାବେ ଗଣାଯାଉଥିଲା। ନିକଟ ଅତୀତରେ ଏହାର ଶୀର୍ଷ ଦୁଇ ଅଧିକାରୀଙ୍କ ମଧ୍ୟରେ ଲାଗିଥିବା ବିବାଦ ସର୍ବୋଚ୍ଚରେ ପହଞ୍ଚିଲା ପରେ ଘଟଣା କେନ୍ଦ୍ରୀୟ ଭିଜିଲାନ୍ସ କମିଶନ (ସିଭିସି) ଓ ସୁପ୍ରିମକୋର୍ଟରେ ପଡ଼ିଛି। ବିବାଦ ଓ ବିଭ୍ରାଟ ଭିତରେ ସିବିଆଇ ଛନ୍ଦି ହୋଇଥିବା ବେଳେ ନଭେମ୍ବର ୧୬ରେ ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗ ସରକାର ନିଜ ନିଜ ରାଜ୍ୟରେ ଏହି ତଦନ୍ତକାରୀ ସଂସ୍ଥାକୁ ପ୍ରବେଶ ନିଷେଧ କରିବାରୁ ଆଉ ଏକ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି। ରାଜ୍ୟ ଓ ସିବିଆଇ ମଧ୍ୟରେ ଥିବା 'ଜେନେରାଲ କନ୍‌ସେଣ୍ଟ' ବା ସାଧାରଣ ସମ୍ମତିକୁ ଏହି ଦୁଇ ରାଜ୍ୟ ବନ୍ଦ କରିଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଦିଲ୍ଲୀ ସ୍ପେଶାଲ ପୋଲିସ ଏଷ୍ଟାବ୍ଲିଶମେଣ୍ଟ (ଡିଏସ୍‌ପିଇ) ଆକ୍ଟ ୧୯୪୬ ଅନୁସାରେ ସିବିଆଇ ପରିଚାଳିତ ହୋଇଥାଏ। ଏହି ଆଇନର ଧାରା ୬ ଅନୁଯାୟୀ ରାଜ୍ୟ ସରକାରଗୁଡ଼ିକୁ ସ୍ୱତନ୍ତ୍ର କ୍ଷମତା ପ୍ରଦାନ କରାଯାଇଛି। ରାଜ୍ୟରେ କୌଣସି ମାମଲାର ତଦନ୍ତ ନେଇ ଚଢ଼ାଉ କରିବା ସକାଶେ ସିବିଆଇକୁ ସରକାରଙ୍କ ଅନୁମତି ଆବଶ୍ୟକ ହୁଏ। ଏହି ଧାରା ଅନୁଯାୟୀ ରାଜ୍ୟ ସରକାରଗୁଡ଼ିକ ଦୁର୍ନୀତି ମାମଲାର ତଦନ୍ତ ପାଇଁ ପ୍ରତିବର୍ଷ ବିଜ୍ଞପ୍ତି ଜାରି କରି ସିବିଆଇକୁ ସାଧାରଣ ସମ୍ମତି ପ୍ରଦାନ କରିଥାଆନ୍ତି। ତେବେ ରାଜ୍ୟ ସରକାର ଚାହିଁଲେ ବିଶେଷ କ୍ଷମତା ବଳରେ ଏହାକୁ ପ୍ରତ୍ୟାହାର କରିପାରିବେ।

ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ଓ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅଭିଯୋଗ କରିଛନ୍ତି ଯେ, କେନ୍ଦ୍ର ସରକାର କ୍ଷମତାର ଅପବ୍ୟବହାର କରି ସିବିଆଇକୁ ବିରୋଧୀଙ୍କ ବିପକ୍ଷରେ ଲଗାଉଛନ୍ତି। ଏଭଳି ସଂସ୍ଥା ଆଉ ଭରସାଯୋଗ୍ୟ ହୋଇ ରହି ନ ଥିବାରୁ ଏହା ଉପରେ ଦୁଇ ରାଜ୍ୟ ବିଶ୍ୱାସ ହରାଇଛନ୍ତି ବୋଲି କହୁଛନ୍ତି। କଥା ଉଠିଲାଣି ଯେ ପଞ୍ଜାବ ମଧ୍ୟ ଏହି ଉଭୟ ରାଜ୍ୟର ପଦାଙ୍କ ଅନୁସରଣ କରିପାରେ। କ୍ଷମତାକୁ ଆସିବା ପରେ ମୋଦି ସରକାର ବିଭିନ୍ନ ସାମ୍ବିଧାନିକ ଓ ସ୍ୱାଧୀନ ସଂସ୍ଥାକୁ ଦୁର୍ବଳ କରିବା ଚେଷ୍ଟାରେ ଲାଗି ରହିଛନ୍ତି। ବିମୁଦ୍ରୀକରଣ ବେଳେ ଆର୍‌ବିଆଇ କିଭଳି ନିଜର ସବୁ କ୍ଷମତା ଓ ନିୟନ୍ତ୍ରଣକୁ ସରକାରଙ୍କ ହାତକୁ ଟେକିଦେଲା ତାହା ଏପର୍ଯ୍ୟନ୍ତ ଆଲୋଚ୍ୟର ବିଷୟ ହୋଇରହିଛି। ସେହିପରି ସିବିଆଇ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି), ଆୟକର ବିଭାଗକୁ କେନ୍ଦ୍ର ସରକାର ନିଜ ନିୟନ୍ତ୍ରଣକୁ ଆଣି ବିରୋଧୀଙ୍କ ପଛରେ ଲଗାଉଛନ୍ତି ବୋଲି ବାରମ୍ବାର ଅଭିଯୋଗ ହେଉଛି। ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ନେତା ଲାଲୁପ୍ରସାଦ ଯାଦବଙ୍କ ବିରୋଧରେ ସିବିଆଇ ଏବଂ ତେଲୁଗୁ ଦେଶମ ପାର୍ଟି (ଟିଡିପି)ର କେତେ ଜଣ ନେତାଙ୍କ ବିରୋଧରେ ଆୟକର ବିଭାଗକୁ ଲଗାଯାଇଛି। କଂଗ୍ରେସ ନେତା ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କ ବିରୋଧରେ ଆୟକର ବିଭାଗକୁ ଲଗାଇ କେନ୍ଦ୍ର ସରକାର ଆକ୍ରୋଶମୂଳକ ରାଜନୀତି କରୁଛନ୍ତି। ନୂଆଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ବିପକ୍ଷରେ ମଧ୍ୟ ଆୟକରଠାରୁ ଆରମ୍ଭ କରି ବିଭିନ୍ନ ତଦନ୍ତକାରୀ ସଂସ୍ଥାକୁ ଲଗାଯାଇଥିଲା। ଏପରିକି ସରକାରଙ୍କ ବିରୋଧରେ ଖବର ପ୍ରସାରଣ କରିବା ହେତୁ ଏନ୍‌ଡିଟିଭି ଭଳି ଗଣମାଧ୍ୟମକୁ ସରକାରଙ୍କ ରୋଷର ଶିକାର ହେବାକୁ ପଡ଼ିଛି। ଏବେ ଚର୍ଚ୍ଚା ହେଉଛି ଯେ ସିବିଆଇ ନିର୍ଦ୍ଦେଶକ ଥିବା ଆଲୋକ ବର୍ମା କାଲେ କହିଲେଣି ଯେ, ଲାଲୁଙ୍କ ବିରୋଧରେ ଏହି ତଦନ୍ତକାରୀ ସଂସ୍ଥା ପକ୍ଷରୁ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଅତ୍ୟଧିକ ହୋଇଛି। 'ଭାତ ହାଣ୍ଡିରୁ ଗୋଟିଏ ଚିପିଲା' ଭଳି ବର୍ମାଙ୍କ କଥା ଗମ୍ଭୀର ପରିସ୍ଥିତିର ସୂଚନା ଦେଉଛି।

ଦେଶରେ ପ୍ରଶାସନିକ ସ୍ୱଚ୍ଛତା ବଜାୟ ରଖିବା ଲାଗି ସ୍ୱାଧୀନ ସଂସ୍ଥାଗୁଡ଼ିକ ଗଢ଼ାଯାଇଛି। ଯଦି ଏହି ସଂସ୍ଥା ସରକାରଙ୍କ ଗୋଡ଼ାଣିଆ ପାଲଟିଯିବ, ତେବେ ସେଗୁଡ଼ିକ ଉପରେ ଜନସାଧାରଣଙ୍କ ବିଶ୍ୱାସ ତୁଟିଯିବ। ମୋଦି ସରକାରଙ୍କୁ ସିଧାସଳଖ ବିରୋଧ କରୁଥିବା ନେତାଙ୍କ ମଧ୍ୟରେ ମମତା ଆଗରେ ଅଛନ୍ତି। ବିମୁଦ୍ରୀକରଣ ବେଳେ ମଧ୍ୟ ସେ ଏଭଳି ପଦକ୍ଷେପକୁ ଘୋର ବିରୋଧ କରିଥିଲେ। ଏବେ ତାହାର କୁପ୍ରଭାବ ଅନୁଭୂତ ହେଲାଣି। ସଂଘୀୟ ବ୍ୟବସ୍ଥାରେ ରାଜ୍ୟ ଓ କେନ୍ଦ୍ର ମଧ୍ୟରେ ସମନ୍ୱୟ ରହିବା ଅତ୍ୟନ୍ତ ଆବଶ୍ୟକ। କିନ୍ତୁ ଯେଉଁଭଳି ଭାବେ ସହଯୋଗରେ ବ୍ୟତିକ୍ରମ ଲକ୍ଷ୍ୟ କରାଗଲାଣି ତାହା ଦ୍ୱାରା ଭବିଷ୍ୟତରେ ସାମଗ୍ରିକ ଶାସନ ପ୍ରଣାଳୀ ବାଧାପ୍ରାପ୍ତ ହେବା ନିଶ୍ଚିତ। ବିରୋଧୀଙ୍କୁ ଦାଉ ସାଧିବା ପାଇଁ ସରକାର କେନ୍ଦ୍ରୀୟ ସଂସ୍ଥାଗୁଡ଼ିକୁ ଅସ୍ତ୍ର କରିବା ହେଉ ଅଥବା ବିରୋଧୀ ଦଳଗୁଡ଼ିକ ପାଲଟା ଜବାବ ଦେବାକୁ ଯାଇ ସଂଘୀୟ ବ୍ୟବସ୍ଥାରୁ ବିଚ୍ୟୁତ ହେବା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ।

# ଦେଶ ବିଭାଜନ ପାଇଁ ଦାୟୀ କିଏ



ବିପିନ ବିହାରୀ ମିଶ୍ର

କାଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବଦୁଲ୍ଲା ବିଦ୍ୟାରେ ଜଣେ ଡାକ୍ତର, ବୃତ୍ତିରେ ରାଜନୀତିଜ୍ଞ ଓ ତାଙ୍କର ବିଭିନ୍ନ ପ୍ରକାର ସଉକ ଅଛି। ଆରମ୍ଭରୁ ପରିଚିତ ହୋଇଗଲେ ଯେହେତୁ ସେ ଶେଖ୍ ଅବଦୁଲ୍ଲାଙ୍କ ପୁଅ। ତାଙ୍କ ପୁଅ ଓମାର ଅବଦୁଲ୍ଲା ମଧ୍ୟ ମୁଖ୍ୟମନ୍ତ୍ରୀ ହୋଇଥିଲେ। କିଛିମାସ ତଳେ ସେ ଏକ ବିବୃତି ଦେଲେ ଯେ, ଦେଶ ବିଭାଜନ ପାଇଁ ପଣ୍ଡିତ ନେହେରୁ ଓ ସର୍ଦ୍ଦାର ପଟେଲ ବହୁ ପରିମାଣରେ ଦାୟୀ। ଏ ସମ୍ପର୍କରେ ବହୁତ ତର୍କବିତର୍କ ହେଲା ଏବଂ ପରିସମାପ୍ତି ଘଟିଥାନ୍ତା ଯଦି ପୂର୍ବତନ ଉପରାଷ୍ଟ୍ରପତି ହମିଦ୍ ଅନ୍‌ସାରୀ ଏକ ମନ୍ତବ୍ୟ ଦେଇ ନ ଥାନ୍ତେ। ତାଙ୍କର ମନ୍ତବ୍ୟ ଆସିଲା ସର୍ଦ୍ଦାର ପଟେଲଙ୍କର ପ୍ରତିମୂର୍ତ୍ତି ହେବାର କିଛିଦିନ ପୂର୍ବରୁ। ସେ କହିଲେ ଯେ, ଦେଶ ବିଭାଜନ ପାଇଁ ଅନେକେ ଇଂରେଜ ସରକାର ଓ ଜିନ୍ନାଙ୍କୁ ଦାୟୀ କରୁଛନ୍ତି, କିନ୍ତୁ ସର୍ଦ୍ଦାର ପଟେଲ ମଧ୍ୟ ଦାୟୀ। ପ୍ରମାଣ କରିବା ପାଇଁ ଯାଇ ସେ କହିଲେ, ସର୍ଦ୍ଦାର ପଟେଲ ଏକ ଭାଷଣରେ କହିଥିଲେ, ''ଦେଶ ବିଭାଜନ ପାଇଁ ମୁଁ ରାଜିହେଲି, ଯେତେବେଳେ ଉପଲବ୍ଧି କଲି ଦେଶର ସଂହତି ଆଣିବା ପାଇଁ ହେଲେ ଦେଶ ବିଭାଜନ ଆବଶ୍ୟକ ଥିଲା।''

ନିକଟ ଅତୀତରେ ପାକିସ୍ତାନର ଦୁଇଜଣ ବୁଦ୍ଧିଜୀବୀ ହାସୀନ ନିସାର ଓ କାମରାଜ୍ ଖାନ୍ ଟିଭି ଆଲୋଚନାରେ କହିଲେ ଯେ, ପଟେଲ ଥିଲେ ଅତି ବିଚକ୍ଷଣ ଲୋକ। ସେ ଦେଖିଲେ ଭାରତର ସୈନ୍ୟବାହିନୀର ଶତକଡା ସତୁରି ଥିଲେ ଅଣହିନ୍ଦୁ ଓ ତା' ମଧ୍ୟରୁ ୫୦% ଥିଲେ ମୁସଲମାନ। ଯେଉଁଭଳି ଭାବରେ ମୁସ୍‌ଲିମ୍ ଲିଗ୍ ମୁସଲମାନମାନଙ୍କୁ ପ୍ରଭାବିତ କରୁଥିଲା ତା'ର ପ୍ରଭାବ ସୈନ୍ୟବାହିନୀ ଉପରେ ପଡ଼ିଥାନ୍ତା। ଯଦି ଇଂରେଜମାନେ ସରକାର ନ ବାଛି ପଳେଇଯାଇଥାନ୍ତେ ତେବେ ଗୃହଯୁଦ୍ଧ ଲାଗିଥାନ୍ତା ଏବଂ ମୁସଲମାନ ସୈନ୍ୟମାନେ ପ୍ରରୋଚିତ ହେବାର ଯଥେଷ୍ଟ ସମ୍ଭାବନା ଥିଲା। ଦେଶୀୟ ରାଜ୍ୟ ମିଶ୍ରଣ ହୋଇ ନ ଥିବାରୁ, ଏଣେ ଇଂରେଜଶାସିତ ଅଞ୍ଚଳ ବିଭାଜନ ହେବ କି ନାହିଁ ବିବାଦରେ ଥିବାରୁ ଦେଶ ଖଣ୍ଡ ଖଣ୍ଡ ହୋଇଯାଇଥାନ୍ତା। ପଟେଲ ଏଇଆ ମଧ୍ୟ କହିଥିଲେ, ଦେଶ ବିଭାଜନ ହେଲେ ସବୁ ମୁସଲମାନ ସୈନ୍ୟ ଚାଲିଯିବେ ପାକିସ୍ତାନକୁ। ସେମାନେ ମୁଲ୍ଲା ମୌଲବୀଙ୍କ ଦ୍ୱାରା ପରିଚାଳିତ ହେବେ। ପାକିସ୍ତାନରେ ଦୃଢ଼ ସରକାର ହେବ ନାହିଁ। କାରଣ ସେଠାରେ ଜିନ୍ନା ଓ ଲିଆକତ୍ ଅଲ୍ଲୀଙ୍କ ଛଡ଼ା ବଡ଼ ନେତା ନ ଥିଲେ। ତେଣୁ ସୈନ୍ୟବାହିନୀ ଶାସନ ମାଡ଼ି ବସିବେ। ତାଙ୍କ ଭବିଷ୍ୟବାଣୀ ସତ ହେଲା। ପାକିସ୍ତାନରେ ୧୯୫୮ରେ ସାମରିକ ଶାସନ ହେଲା ଓ ସେହିଦିନଠାରୁ ପାକିସ୍ତାନକୁ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷରେ ସାମରିକବାହିନୀ ଶାସନ କରୁଛି ଓ ସେମାନଙ୍କୁ ସମର୍ଥନ କରୁଛନ୍ତି ମୁଲ୍ଲା, ମୌଲବୀ, ଜମି ମାଲିକ ଓ କେତେକ ସନ୍ତ୍ରାସବାଦୀ।

ଅନେକ ଐତିହାସିକ ଇତିହାସର ମାଟି ଖୋଳି ଦେଶ ବିଭାଜନର ମଞ୍ଜି ବାହାର କରିଛନ୍ତି। ସିପାହି ବିଦ୍ରୋହ ପୂର୍ବରୁ ମାକ୍‌ଲେଙ୍କ ପ୍ରସ୍ତାବ ଅନୁଯାୟୀ ଇଂଲିଶ ଶିକ୍ଷା ଦିଆଗଲା। କାରଣ ଦର୍ଶାଗଲା ଯେ ଭାରତୀୟମାନଙ୍କୁ ସଭ୍ୟ କରାଯିବ। ଶିକ୍ଷିତ ହୋଇ ସେମାନେ ଇଂରେଜଙ୍କ ପରି ଚିନ୍ତା ଓ କାର୍ଯ୍ୟ କରିବେ। ସେମାନେ ନିଜର ଆତ୍ମସମ୍ମାନ ହରେଇବେ ଓ ଯାହା ଇଂରେଜ (ଦ୍ରବ୍ୟ ହେଉ କିମ୍ବା ପୁସ୍ତକ) ତାହାକୁ ସମ୍ମାନ କରିବେ। ଏହା ତାଙ୍କ ପୁସ୍ତକ The Awaking Rayର ଖଣ୍ଡ-୪ ଓ ପରିଚ୍ଛେଦ ୫ରେ ଲେଖାଯାଇଛି। ସେ ଲେଖିଲେ, ତାଙ୍କୁ ପଢ଼ାଅ ଯେ ଲଢ଼େଇ କରିବା ଠିକ୍ ନୁହେଁ। କ୍ଷମତାରେ ଥିବା ଅଧିକାରୀଙ୍କୁ ସମ୍ମାନ ଦେଖାଅ। କିନ୍ତୁ ୧୮୫୭ରେ ସେମାନଙ୍କର ସ୍ୱପ୍ନଭଙ୍ଗ ହେଲା। ପ୍ରଥମଥର ପାଇଁ ମୁସ୍‌ଲିମ ଓ ହିନ୍ଦୁମାନେ ମିଳିତ ହୋଇ ଇଂରେଜମାନଙ୍କୁ ତଡ଼ିବା ପାଇଁ ଯୁଦ୍ଧ କଲେ। ଇଂରେଜମାନେ ପରାସ୍ତ କଲେ ସତ କିନ୍ତୁ ଦୋହଲିଗଲେ। ସେହିଦିନଠାରୁ ଭାରତୀୟ ମହିଳାଙ୍କୁ ବିବାହ କରିବା ବନ୍ଦ ହେଲା, ହୋଲି, ଦିୱାଲିରେ ତୋପ ଫୁଟାଇବା ମନା କରାଗଲା ଓ ସେମାନଙ୍କ ଉତ୍ସବରେ ଇଂରେଜମାନେ ଯୋଗ ଦେଲେନାହିଁ। ଆଲେକଜାଣ୍ଡାର କନିଙ୍ଗହାମ୍ (ଐତିହାସିକ ଓ ପ୍ରତ୍ନତତ୍ତ୍ୱବିତ୍)ଙ୍କ ମତ ଥିଲା ଯେ, ମୁସଲମାନ ଓ ହିନ୍ଦୁମାନଙ୍କୁ ଏକତ୍ରିତ କରାଇ ଇଂରେଜମାନଙ୍କ ବିରୋଧରେ ଯୁଦ୍ଧ କରାଇବା ମସ୍ତବଡ ଭୁଲ ଥିଲା। ତାଙ୍କ ସହିତ ସ୍ୱର ମିଳାଇ ଅନେକ ବୁଦ୍ଧିଜୀବୀ କହିଲେ ଯେ, ବେଶି ବିପଦ ହିନ୍ଦୁଙ୍କଠାରୁ, କାରଣ ଏମାନେ ଇଂଲିଶ ଭାଷା ଓ ଭାରତୀୟ ସଂସ୍କୃତି ଉଭୟରେ ଲାଭବାନ ହେଉଛନ୍ତି। ଏଇମାନେ ଆମକୁ ତଡ଼ିବା ପାଇଁ ଚେଷ୍ଟା କରିବେ। ସେଥିପାଇଁ ଇଂରେଜ ସରକାରଙ୍କ ଜଣେ ମନ୍ତ୍ରୀ (ଜନ୍ ଷ୍ଟ୍ରେସି) ୧୮୭୪ରେ ମନ୍ତବ୍ୟ ଦେଲେ, ହିନ୍ଦୁ-ମୁସଲମାନ ବିବାଦ ଲାଗିରହିବା ଆମ ପାଇଁ ଭଲ। ମୁସଲମାନ ଯେତିକି ଶକ୍ତିଶାଳୀ ହେବେ ଆମ ପାଇଁ ସେତିକି ଶୁଭ। ସାର୍ ଜେମ୍‌ସ କାୟାର୍ଡ ବ୍ରାହ୍ମଣମାନଙ୍କୁ ବେଶି ଦୋଷ ଦେଲେ। ''ହିନ୍ଦୁମାନେ ହିଁ ବ୍ରାହ୍ମଣ ଓ ସେଇମାନେ ଇଂରେଜମାନଙ୍କ ପ୍ରତି ପ୍ରତିକୂଳ ମନୋଭାବ ରଖିଥାନ୍ତି।'' ଏ କଥା କେତେକାଂଶରେ ସତ, କାରଣ ଅଧିକାଂଶ ବ୍ରାହ୍ମଣ ଇଂରେଜମାନଙ୍କୁ ମ୍ଳେଚ୍ଛ କହୁଥିଲେ ଓ ଛୁଇଁଲେ ଗାଧୋଉଥିଲେ।

ଇଂରେଜମାନଙ୍କୁ ସୁହାଇଲା ଯେତେବେଳେ ସୟଦ୍ ଅହମଦ ମୁସଲମାନଙ୍କ ପାଇଁ ଏକ କଲେଜ କରିବା ଲାଗି ନିଷ୍ପତ୍ତି ନେଲେ। ସେ ଜଣେ ତଳସ୍ତରର ମାଜିଷ୍ଟ୍ରେଟ ଥିଲେ କିନ୍ତୁ ଇଂରେଜମାନେ ତାଙ୍କୁ ବହୁତ ଉପରକୁ ଉଠେଇଦେଇ ସବୁ ପ୍ରକାର ସାହାଯ୍ୟ କଲେ। ସେ କରିଥିବା ସ୍ୱତନ୍ତ୍ର କଲେଜ ଦକ୍ଷିଣ-ପୂର୍ବ ଏସିଆର ପ୍ରଥମ ମୁସଲିମ୍ କଲେଜ। ୧୮୮୧ରେ ଇଂରେଜମାନେ ଜନଗଣନା କରି ଭାରତୀୟମାନଙ୍କୁ ବିଭିନ୍ନ ଗୋଷ୍ଠୀ ଭାବରେ ହିସାବକୁ ନେଲେ। ପ୍ରଥମ ଥର ପାଇଁ ହିସାବ ହେଲା କେତେ ହିନ୍ଦୁ, କେତେ ମୁସଲମାନ, କେତେ ଦଳିତ ଇତ୍ୟାଦି। ଯେଉଁ ହିସାବ ସାମାଜିକ ସ୍ତରରେ ଆବଦ୍ଧ ଥିଲା ତାକୁ ସରକାରୀ କରିନିଆଗଲା।

ଇଂରେଜମାନଙ୍କ ଶିକ୍ଷା ପାଇ ଓ ଭାରତୀୟ ସଂସ୍କୃତିରେ ଅବଗତ ଥାଇ ଊନବିଂଶ ଶତାବ୍ଦୀରେ ଜନ୍ମ ହୋଇଥିବା ଅନେକ ଶିଶୁ ରାଜନୀତି, ସମାଜସଂସ୍କାର, ଧର୍ମ, ଶିକ୍ଷା କ୍ଷେତ୍ରରେ ମହାନ୍ ନେତା ଭାବରେ ପରିଣତ ହେଲେ। ଗୁପ୍ତଯୁଗ ନୁହେଁ, ଊନବିଂଶ ଶତାବ୍ଦୀକୁ ଭାରତର ସୁବର୍ଣ୍ଣ ଯୁଗ ବୋଲି କହିବାକୁ ପଡ଼ିବ। କାରଣ ସେହି ସମୟରେ ସ୍ୱାମୀ ବିବେକାନନ୍ଦ, ରାମକୃଷ୍ଣ, ଟାଗୋର, ବଙ୍କିମ୍ ଚଟ୍ଟୋପାଧ୍ୟାୟ, ସ୍ୱାମୀ ଦୟାନନ୍ଦ ସରସ୍ୱତୀ, ପଣ୍ଡିତ ନେହେରୁ, ସର୍ଦ୍ଦାର ପଟେଲ, ସୁଭାଷ ବୋଷ, ରାଜଗୋପାଳଚାରୀ, ତିଲକ୍, ଗୋଖଲେ ପ୍ରମୁଖ ଥିଲେ। ଭାରତର ଅସୁବିଧା ଥିଲା ଯେ, ଆମେ ଇତିହାସର କୌଣସି ଦସ୍ତାବିଜ୍ ରଖୁ ନ ଥିଲୁ। ସଂସ୍କୃତି ବିଷୟରେ ଅବଗତ ଥିଲୁ କିନ୍ତୁ ଇତିହାସକୁ ଅବହେଳା କଲୁ। ମହେଞ୍ଜୋଦାରୋ ଓ ହରପ୍ପା ୧୯୨୦ରେ ଆବିଷ୍କାର ହୋଇ ମନେପକେଇଦେଲା ଆମ ସଭ୍ୟତା ବିଷୟରେ। ସ୍ୱାମୀ ଦୟାନନ୍ଦଙ୍କ ଡାକରା ବୈଦିକ ଯୁଗକୁ ଫେରିବା, ଲାଲ୍ ବାଲ୍ ପାଲ୍ , ଗୋଖଲେ, ଗାନ୍ଧିଜୀ, ଅଲ୍ଲୀ ଭ୍ରାତାଦ୍ୱୟ (ସୈକତ, ମହମ୍ମଦ), ପଟେଲ, ନେହେରୁ, ସୁଭାଷ ବୋଷଙ୍କର ସ୍ୱାଧୀନତା ଆନ୍ଦୋଳନ ତଥା ମଧ୍ୟଏସିଆରେ ଇଂରେଜମାନଙ୍କର ଏକ ବୋଲକରା ସରକାର ସ୍ଥାପିତ ହେବା ପରେ ଇଂରେଜ ସରକାର ଚିନ୍ତାକଲେ ଭାରତକୁ କିଭଳି ଦୁଇଭାଗ କରାଯିବ। ୧୮୭୫ ମସିହାରେ ସୟଦ୍ ଅହମଦ କହିଥିଲେ, ଭାରତ ଗୋଟିଏ ଦେଶ ନୁହେଁ ଏହା ହିନ୍ଦୁ ଓ ମୁସଲମାନଙ୍କ ଦେଶ। ଟୁନେସନ ଥିଓରି ସେଇଠୁ ବାହାରିଲା। ୧୯୩୦ରେ ଏହାକୁ ପ୍ରଚାର କଲେ କବି ଆଲାମ୍ ଇକ୍‌ବାଲ। ୧୯୩୩ରେ ଲଣ୍ଡନରେ ଅବସ୍ଥିତ ଓ ଇଂରେଜମାନଙ୍କ ଦ୍ୱାରା ପ୍ରରୋଚିତ ଚୌଧୁରୀ ରେହେମତ୍ ଅଲ୍ଲୀ ପାକିସ୍ତାନ ଶବ୍ଦ ତିଆରି କଲେ। ୧୯୪୦ରେ ଜିନ୍ନାଙ୍କର ମୁସଲିମ୍ ଲିଗ୍ ଲାହୋରରେ ଏକ ସଭାକରି ମୁସଲମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଦେଶ ଦାବି କଲେ। ସୟଦ ଅହମଦ କରିଥିବା ମୁସଲିମ କଲେଜ ପରେ ହେଲା ଆଲିଗଡ଼ ମୁସଲିମ୍ ବିଶ୍ୱବିଦ୍ୟାଳୟ ଓ ତା'ର ଅନେକ ଛାତ୍ର ମୁସ୍‌ଲିମ ଲିଗ୍‌ରେ ଯୋଗ ଦେଇଥିଲେ। ସେହିମାନଙ୍କୁ (ଜିନ୍ନା, ଲିଆକତ୍ ଅଲ୍ଲୀ ଇକ୍‌ବାଲ, ସୁରାବର୍ଦ୍ଦୀ) ହାତବାରିଶି କରି ଇଂରେଜମାନେ ଦେଶ ବିଭାଜନ ଯୋଜନା କଲେ। କାରଣ ଥିଲା ଏକ ଛୋଟ, ଦୁର୍ବଳ ଓ ନିର୍ଭର କରୁଥିବା ଦେଶ ରହିଲେ ଏସିଆରେ ଏକ ଘାଟି ସ୍ଥାପନ କରିହେବ ଓ ରୁଷିଆକୁ ପ୍ରତିହତ କରିହେବ। ପ୍ରବଳ ଗର୍ବୀ ଓ ସାହସୀ ଜିନ୍ନା ଆକର୍ଷିତ ହୋଇଗଲେ। ୧୯୪୨ ମସିହାରେ ଭାରତ ଛାଡ଼ ଆନ୍ଦୋଳନ ହେଲା ଓ କଂଗ୍ରେସ ନେତାମାନେ ଗିରଫ ହେଲେ। କିନ୍ତୁ ଜିନ୍ନା ଇଂରେଜମାନଙ୍କୁ ସମର୍ଥନ ଦେଲେ ଓ ମୁସଲମାନଙ୍କୁ ପ୍ରବର୍ତ୍ତାଇଲେ ସୈନ୍ୟବାହିନୀରେ ଯୋଗଦେବା ପାଇଁ। ୧୯୪୬ରେ ଯେଉଁ ନିର୍ବାଚନ ହୋଇଥିଲା ତାହା ଧର୍ମଭିତ୍ତିକ ହେଲା ଓ ମୁସଲମାନବହୁଳ ଅଞ୍ଚଳରେ ଅଧିକାଂଶ ଭୋଟ୍ ମୁସଲିମ ଲିଗ୍‌କୁ ଗଲା। ଏପରିକି ମାଡ୍ରାସରେ ମୁସଲିମ୍ ଲିଗ୍ ଅଧିକ ଭୋଟ୍ ପାଇଲା, ଯଦିବା ଏହା ଏକ ଉତ୍ତରଭାରତୀୟ ଦଳ ଥିଲା। ତଥାପି ଗାନ୍ଧୀ, ନେହେରୁ, ପଟେଲ ତ୍ରିମୂର୍ତ୍ତି ଦେଶ ବିଭାଜନକୁ ବିରୋଧ କଲେ। ଏହା ଏକ ପାଗଳାମି ବୋଲି ପଟେଲ୍ କହିଲେ। ହିନ୍ଦୁ ଓ ମୁସଲମାନ ଭାରତମାତାର ଦୁଇଟି ଆଖି, ଦୁଇଟି କାନ ବୋଲି ଗାନ୍ଧିଜୀ ଜିନ୍ନାଙ୍କୁ ଏକ ଚିଠିରେ ଲେଖିଲେ। ଦେଶ ବିଭାଜନ ହେଲେ ଦୁଇଟି ଦେଶ ଦୁର୍ବଳ ହୋଇଯିବ ବୋଲି ପଣ୍ଡିତ ନେହେରୁ ଘୋଷଣା କଲେ। କିନ୍ତୁ ଜିନ୍ନା ବିଭାଜନ କାହିଁକି ବିଳମ୍ବ ହେଉଛି ସେଥିପାଇଁ ଡାକରା ଦେଲେ Direct Action. ବେଙ୍ଗଲ, ବିହାର, ପଞ୍ଜାବରେ ବହୁତ ହାଣକାଟ ହେଲା। ହତ୍ୟା ପାଇଁ ପ୍ରବର୍ତ୍ତେଇଥିବା, ଅପରାଧ ପାଇଁ ଜିନ୍ନାଙ୍କୁ ଗିରଫ କରିବା ପରିବର୍ତ୍ତେ ଇଂରେଜ ସରକାର ତାଙ୍କ ସଙ୍ଗେ ଆଲୋଚନା କଲେ। ପଣ୍ଡିତ ନେହେରୁ ଓ ପଟେଲ ଦେଖିଲେ ଯେ ଦେଶ ଖଣ୍ଡ ଖଣ୍ଡ ହୋଇଯିବ। ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ଲଢ଼େଇ ହେବ। ତେଣୁ ବିଭାଜନ ପାଇଁ ସେମାନେ ବାଧ୍ୟ ହେଲେ। ଜଣକ ବେକରେ ଛୁରି ଲଗେଇ ଯାହା ପଇସା ଅଛି ଦେଇଦେ କହିଲେ ସେ ଯାହା କରିବ ସେଇ ଅବସ୍ଥା। କିନ୍ତୁ ଡାକୁକୁ ଦୋଷ ନ ଦେଇ ଅସହାୟ ଲୋକଟାକୁ ଦୋଷ ଦିଆଯାଉଛି। ଦେଶ ବିଭାଜନ ପାଇଁ ଜିନ୍ନା, ନେହେରୁ, ପଟେଲ ଦାୟୀ, କି ପଟେଲ୍ ଏକୁଟିଆ ଦାୟୀ, କି ଇଂରେଜ ସରକାର ଦାୟୀ ପାଠକେ ବିଚାର କରନ୍ତୁ।

ପୂର୍ବତନ ଡିଜି, ମୋ- ୯୦୪୦୪୧୨୩୭୮

# ଆଚାରେ ଲକ୍ଷ୍ମୀ



ଅଲେଖ ଚନ୍ଦ୍ର ମିଶ୍ର

ଭାଇ! ଗୋଟିଏ ଅନୁରୋଧ କରିବି, ରଖିବ? ମଧ୍ୟାହ୍ନ ବିରତିର ଏକ ନିରୋଳା ମୁହୂର୍ତ୍ତରେ ରଜନୀଶଙ୍କ କୋଠରି ଭିତରକୁ ପ୍ରବେଶ କରି ତାଙ୍କ କାନ ପାଖରେ ଚୁମ୍ବକରେ ସୂଚେଇଲେ ଦୀନନାଥ। ମୋର ଏବେ ଆଠଶହ ଟଙ୍କା ନିହାତି ଦରକାର। କାଲି ସ୍କୁଲରେ ଦାଖଲ ନ କଲେ ପୁଅ ପରୀକ୍ଷା ଦେଇପାରିବନି। ସବୁଆଡୁ ହତାଶ ହୋଇ ଶେଷରେ ତୁମ ପାଖକୁ ଆସିଛି। ଦରମା ମିଳିଲେ ଫେରେଇଦେବି। ଦରମା ମିଳିବାର ତ ସପ୍ତାହେ ହୋଇନି, ଏତେ ଟଙ୍କା କ'ଣ କଲ? ଆଶ୍ଚର୍ଯ୍ୟ ହୋଇ ପଚାରିଲେ ରଜନୀଶ। ଦରମା ଟଙ୍କା କ'ଣ ମୁଁ ରଖେ। ସବୁ ତ ପତ୍ନୀଙ୍କ ହାତକୁ ବଢ଼େଇଦିଏ। ଘର ଚଳେଇବା ଦାୟିତ୍ୱ ତାଙ୍କର। କାରଣ ବାପଘରେ ଚଳି ଆସିଥିବା ଷ୍ଟାଟସ୍‌କୁ ମେଣ୍ଟେନ୍ କରିବାକୁ ପଡିବ। ତା' ଛଡ଼ା, ଦୁଇଟି ଆଲ୍‌ସେସିୟାନ୍‌ଙ୍କ ଦାୟିତ୍ୱ, କାର ପାଇଁ ପେଟ୍ରୋଲ, ସ୍ପା, ବିୟୁଟି ପାର୍ଲର, ଜିମ୍‌ର ଫିସ୍, କ୍ଲବ ପାଇଁ ଚାନ୍ଦା, ଗେଟ୍‌ଟୁଗେଦର...। ଥାଉ, ଥାଉ ହିସାବ ପାଇଗଲି। ଏତେ ସବୁ ପରେ ଟଙ୍କା ବଳିଲେ ପୁଅର ସ୍କୁଲ ଫି... ଏୟାତ। କଥାରେ ପୂର୍ଣ୍ଣଚ୍ଛେଦ ଟାଣିବାକୁ ଯାଇ ଦୀନନାଥଙ୍କ ହାତରେ ଆଠଶହ ଟଙ୍କା ଧରେଇଦେଇ କହିଲେ ରଜନୀଶ, ପୁଅ ପାଇଁ ହିଁ ଏ ଟଙ୍କା ଖର୍ଚ୍ଚ କରିବ। ଯାଅ, ଆଉ ଏ ଟଙ୍କା ଫେରେଇବା ଦରକାର ନାହିଁ।

ଦୀନନାଥ ଓ ରଜନୀଶ ଦୁହେଁ ସହକର୍ମୀ। ଏକା ଅଫିସରେ, ଏକା ପଦରେ ଅଧିଷ୍ଠିତ। ସମାନ ଦରମା। ସମାନ ସ୍ଥିତି। କିନ୍ତୁ ପରିସ୍ଥିତି ଭିନ୍ନ। ଜଣେ ଅଭାବ ଅସୁବିଧାରେ ବୁଡିରହି ସର୍ବଦା ପର ପାଖରେ ହାତ ପତାଉଥିବା ବେଳେ ଅନ୍ୟ ଜଣେ ସ୍ୱଚ୍ଛନ୍ଦରେ ଅୟସରେ ଦିନ କାଟନ୍ତି। ଏହାର ମୁଖ୍ୟ କାରଣ ଉଭୟଙ୍କର ପତ୍ନୀ। ଜଣେ ବାପଘରର ବୃଥା ଅଭିମାନକୁ ଜାବୁଡ଼ି ଧରିବାକୁ ଚେଷ୍ଟିତା, ଅନ୍ୟ ଜଣକ ନୂତନ ପରିସ୍ଥିତିକୁ ଆପଣେଇବାରେ ସିଦ୍ଧହସ୍ତା।

ଏ ଘଟଣା ବିରଳ ନୁହେଁ କିମ୍ବା ଏ ଚରିତ୍ର ସୀମିତ ନୁହେଁ। ଆଜିକାଲିର ଜୀବନଚର୍ଯ୍ୟାରେ ଏହା ଏକ ନିରନ୍ତର ସତ୍ୟ। ଏହାର ଅନ୍ୟତମ କାରଣ ହେଲା ପରିବାରର ଆର୍ଥିକ ପରିଚାଳନା। ଅର୍ଥର ପ୍ରକୃତ ମୂଲ୍ୟ ତା'ର ପରିମାଣରେ ନୁହେଁ, ପରିଚାଳନାରେ ଥାଏ। ଗରଜ, ଅୟସ ଓ ବିଳାସ ଏ ତିନିଟିକୁ ଠିକ୍ ଭାବରେ ବୁଝି ବ୍ୟୟର ପ୍ରାଥମିକତା ନିର୍ଦ୍ଧାରଣ କରିବା ହିଁ ଆର୍ଥିକ ଦକ୍ଷତାର ନିଦର୍ଶନ। ଏ କ୍ଷେତ୍ରରେ ନାରୀର ଭୂମିକା ଗୁରୁତ୍ୱପୂର୍ଣ୍ଣ। କାରଣ ଗୃହ ପରିଚାଳନାର ଦାୟିତ୍ୱ ସାଧାରଣତଃ ତାଙ୍କରି ଉପରେ ନ୍ୟସ୍ତ ଥାଏ। ତେଣୁ ସେମାନେ ଗୃହଲକ୍ଷ୍ମୀ। ସେମାନେ ଯେମିତି ଚଳାନ୍ତି ଘର ସେମିତି ଚଳେ। ସେଥିପାଇଁ କୁହାଯାଇଛି- ଗୋ, କନ୍ୟା, ଭୂମି (ଯଥାକ୍ରମେ ଶୁଭଙ୍କର, ସୁଲକ୍ଷଣା, ସ୍ୱର୍ଣ୍ଣପ୍ରସୂ) ଭାଗ୍ୟରେ ଥିଲେ ମିଳେ। ଘରେ ଘରେ ପରିଚିତ ଲକ୍ଷ୍ମୀ ପୁରାଣରେ ନାରୀ ଚରିତ୍ରର କିଞ୍ଚିତ ସୂଚନା ଦିଆଯାଇଛି, ଯାହା ହେଲା-

''ଗୋବିନ୍ଦ ବୋଲନ୍ତି ଆମ୍ଭେ କହୁଅଛୁ ଶୁଣ,
କେଉଁ ନାରୀ ଥିଲେ ହୁଏ ଐଶ୍ୱର୍ଯ୍ୟ ବର୍ଦ୍ଧନ।
କେଉଁ ନାରୀ ଥିଲେ ବଂଶ ନିପାତ ହୁଅଇ,
କେଉଁ ନାରୀ ଥିଲେ ବାସି ପେଜ ନ ମିଳଇ।
କେଉଁ ନାରୀ ଥିଲେ ଶାଢ଼ି ସୁନା ବଳା ପାଇ,
କେଉଁ ନାରୀ ଅଲକ୍ଷଣୀ ଗୃହକୁ ଭାଙ୍ଗଇ।''

ନାରୀମାନଙ୍କ ମଧ୍ୟରେ ପାର୍ଥକ୍ୟ ମନୁଷ୍ୟକୃତ। କୌଣସି ନାରୀ ଜନ୍ମରୁ ଖରାପ ନୁହେଁ। ପରବର୍ତ୍ତୀ କାଳରେ ସେମାନଙ୍କ ଆଚାର ଓ କାର୍ଯ୍ୟକଳାପ ହିଁ ସେମାନଙ୍କୁ ସୁଲକ୍ଷଣା କିମ୍ବା ଦୁର୍ଲକ୍ଷଣାର ପରିଚୟ ଦିଏ। ଏକ ଆଦର୍ଶ ନାରୀ ପାଇଁ ନିର୍ଦ୍ଦିଷ୍ଟ ଆଚାର ସଂହିତା ଶାସ୍ତ୍ରରେ ବିସ୍ତୀର୍ଣ୍ଣ ଭାବରେ ବର୍ଣ୍ଣନା କରାଯାଇଛି, ଯାହାର କିୟଦଂଶ ଲକ୍ଷ୍ମୀ ପୁରାଣର ଆଦ୍ୟ ସୋପାନରେ ସନ୍ନିବିଷ୍ଟ। ଶାସ୍ତ୍ରରେ ବର୍ଣ୍ଣିତ ଆଚାର ସଂହିତାର ଏକ ଦୃଷ୍ଟାନ୍ତ ନିମ୍ନରେ ପ୍ରଦତ୍ତ ହେଲା-

କୁଚେଳିନଂ ଦନ୍ତମଳୋପଧାରିଣଂ
ବହ୍ୱାଶୀନଂ ନିଷ୍ଠୁର ଭାଷିଣଂ ଚ।
ସୂର୍ଯ୍ୟୋଦୟେ ଚାସ୍ତମିତେ ଶୟାନଂ
ବିମୁଞ୍ଚତି ଶ୍ରୀ ଯଦି ଚକ୍ରପାଣିଃ॥

(ମଳିନ ବସ୍ତ୍ର ପରିଧାନ, ଦାନ୍ତ ଅଘଷା ରଖିବା, ବହୁତ ଖାଇବା, ନିଷ୍ଠୁର କଥା କହୁଥିବା, ସୂର୍ଯ୍ୟ ଉଦୟ ଓ ଅସ୍ତ ବେଳେ ଶୋଇଥିବା ଲୋକ ସ୍ୱୟଂ ଭଗବାନ ବିଷ୍ଣୁ ହେଲେ ବି ତାଙ୍କୁ ଲକ୍ଷ୍ମୀ ଛାଡି ଯାଆନ୍ତି।)

ମାତ୍ର କେତେଜଣ ଏହାକୁ ମାନନ୍ତି? ନିତି ଲକ୍ଷ୍ମୀ ପୁରାଣ ପଢୁଥିବା କେତେଜଣ ନାରୀ ସେଥିରେ ସୂଚିତ ଆଦର୍ଶକୁ ପାଳନ କରନ୍ତି? କୁହାଯାଏ- ବିଚାରେ ପଣ୍ଡିତ, ଆଚାରେ ଲକ୍ଷ୍ମୀ। ନାନା ପ୍ରକାର ଅନାଚାର କରି ଲକ୍ଷ୍ମୀବ୍ରତ କଲେ କି ଲାଭ? ପୁରୁଷମାନଙ୍କ ପାଇଁ ବି ନିର୍ଦ୍ଦିଷ୍ଟ ଆଚରଣ ବିଧି ଲିପିବଦ୍ଧ। ତଥାପି କେତେକ ଚାର୍ବାକ୍‌ଙ୍କର 'ଋଣଂ କୃତ୍ୱା ଘୃତଂ ପିବେତ୍' ନୀତି ଅନୁସରଣ କରନ୍ତି ତ ଅନ୍ୟ କେତେକ ଯେତିକି ଚୂନା ସେତିକି ପିଠାରେ ସନ୍ତୁଷ୍ଟ ରହନ୍ତି। ତେଣୁ ଉଭୟଙ୍କ ମଧ୍ୟରେ ପାର୍ଥକ୍ୟ ଅବଶ୍ୟମ୍ଭାବୀ, ଯାହାର ପରିଣତି ରଜନୀଶ ଓ ଦୀନନାଥଙ୍କ ଭଳି ଚରିତ୍ର ସୃଷ୍ଟି କରେ।

ସାରଦାଶ୍ରୀ, ୯୦୪, ଶାସ୍ତ୍ରୀନଗର,
ଭୁବନେଶ୍ୱର, ମୋ-୯୪୩୮୬୭୩୮୯୮

## ଆମ ସମସ୍ୟା

### ବିପର୍ଯ୍ୟସ୍ତ ମୁଖ୍ୟ ସଡ଼କ

ମହାଶୟ,

କେନ୍ଦ୍ରାପଡା ଜିଲାର ରାଜନଗର ଛୋଟ ସହର ହେଲେ ବି ଏଠାରେ ସମସ୍ତ ସରକାରୀ ଦପ୍ତର ଚଳଚଞ୍ଚଳ। ରାଜନଗର ମୁଖ୍ୟ ମେଡିକାଲକୁ ଅଞ୍ଚଳର ରୋଗୀମାନେ ଭରସା କରନ୍ତି। କିନ୍ତୁ ରାଜନଗରରୁ ଗୋଲା ପର୍ଯ୍ୟନ୍ତ ମୁଖ୍ୟରାସ୍ତାଟି ସମ୍ପୂର୍ଣ୍ଣ ଅକାମୀ ହୋଇପଡିଛି। ପ୍ରାୟ ୫୦୦ ଗ୍ରାମର ଜନସାଧାରଣ ଉକ୍ତ ମୁଖ୍ୟ ରାସ୍ତାରେ ଚଳପ୍ରଚଳ କରନ୍ତି। ଏଣୁ ପ୍ରଶାସନ ତୁରନ୍ତ ଉକ୍ତ ସଡ଼କ ପୁନଃନିର୍ମାଣ ବା ମରାମତି ପ୍ରତି ଦୃଷ୍ଟିଦେବା ଏକାନ୍ତ ଜରୁରୀ।

ଆଦିକନ୍ଦ ସାହୁ, ଦୁର୍ଗା ନର୍ସିଂହୋମ, ସାନ୍ତସାଇ, କେନ୍ଦ୍ରାପଡ଼ା

### ଟୋଲ୍‌ଗେଟ୍ ସ୍ଥାନାନ୍ତର ହେଉ

ଦୀର୍ଘଦିନର ଦାବି ସତ୍ତ୍ୱେ ଫକିରପଡା ଟୋଲଗେଟ୍‌କୁ ସ୍ଥାନାନ୍ତର କରିବାରେ ଅବହେଳା ହେଉଛି। ଅନ୍ୟତ୍ର ଟୋଲଗେଟ୍ ନିର୍ମାଣରେ ବିଳମ୍ବ ଘଟୁଛି। ଏଥି ସହ ବେଆଇନ ହମ୍ପ୍‌ସ ନିର୍ମାଣ ଯୋଗୁ ଦୁର୍ଘଟଣାମାନ ଘଟୁଛି। ବିହିତ ପଦକ୍ଷେପ ନ ନେଲେ ଧନଜୀବନ ହାନି ଘଟିବ। ଓଏମ୍‌ପିଠାରୁ ପାରାଦୀପ ପର୍ଯ୍ୟନ୍ତ କଂକ୍ରିଟ ରାସ୍ତାରୁ ଟୋଲ ଆଦାୟ ହେବା ଆବଶ୍ୟକ। ମୁଖ୍ୟ ରାସ୍ତାରେ ସରକାରଙ୍କ ବିନା ଅନୁମୋଦନରେ ହମ୍ପ୍‌ସ ନିର୍ମାଣ ନ କରିବା ପ୍ରତି ସଚେତନତା ସୃଷ୍ଟି କରାଯାଉ।

ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏଇ ଭାରତରେ

ପୂର୍ବାପେକ୍ଷା ଆଜିକାଲି ଲୋକେ ଖୁବ୍ ସଚେତନ ହେଲେଣି। ନିଜ ମର୍ଜିରେ ଚଳିବାକୁ ଖୁବ୍ ପସନ୍ଦ କରୁଛନ୍ତି। ଏଥିପାଇଁ ଜଣେ ଝିଅ ବିବାହ ପୂର୍ବରୁ ସର୍ତ୍ତ ରଖୁଛନ୍ତି। ତାହା ହେଲା ବାହାଘର ପୂର୍ବରୁ ଶାଶୁଘର ଲୋକେ ଶୌଚାଳୟ ନିର୍ମାଣ କରିବେ। ଏଥିସହିତ ପ୍ରଥମ ସନ୍ତାନ ପୁଅ କି ଝିଅ ହେବାପରେ ସେ ଆଉ ଦ୍ୱିତୀୟ ସନ୍ତାନ ଜନ୍ମ କରିବେ ନାହିଁ। ପରିବାର କଲ୍ୟାଣ ଅସ୍ତ୍ରୋପଚାର କରାଇବେ। ଏପରି ଏକ ଘଟଣା ବିହାରରେ ଘଟିଛି। ଉକ୍ତ ରାଜ୍ୟର ପୂର୍ଣ୍ଣିଆ ଜିଲାର ବାସିନ୍ଦା ମହମ୍ମଦ କୈସର ଅନ୍‌ସାରୀଙ୍କୁ ବିବାହ କରିବାକୁ ଯାଉଥିବା କନ୍ୟା ଦୁଇଟି ସର୍ତ୍ତ ରଖିଛନ୍ତି। ଅନ୍‌ସାରୀଙ୍କ ବିବାହ ନଭେମ୍ବର ୧୯ ସୋମବାର ହେବାକୁ ଯାଉଛି। କନ୍ୟା ସୋନୀ ଶ୍ୱଶୁର ଘରେ ଶୌଚାଳୟ ପାଇଁ ଅଡି ବସିବା ସହିତ ନିମନ୍ତ୍ରଣ ପତ୍ରରେ ପରିବାର କଲ୍ୟାଣ ଅସ୍ତ୍ରୋପଚାର ସମ୍ପର୍କରେ ସଚେତନତା ବାର୍ତ୍ତା ଛପାଇବା ପାଇଁ କହିଛନ୍ତି। ଏଥି ସହିତ ନିମନ୍ତ୍ରଣ ପତ୍ରରେ ସ୍ୱଚ୍ଛତା ବାର୍ତ୍ତା, 'ବେଟି ବଚାଓ, ବେଟି ପଢ଼ାଓ' ଭଳି ବାର୍ତ୍ତା ଛପାଇବାକୁ ସୋନୀ ସର୍ତ୍ତ ବାଢ଼ିଛନ୍ତି। ସୋନୀଙ୍କର ଏହି ସର୍ତ୍ତ ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ବାସ୍ତବରେ ସୋନୀଙ୍କ ସର୍ତ୍ତରେ ରହିଛି ସମାଜ ସଚେତନତାମୂଳକ ବାର୍ତ୍ତା, ଯାହା ସମାଜରେ ପରିବର୍ତ୍ତନ ଆଣିବାରେ ସହାୟକ ହୋଇପାରିବ।

## ୨୫ ବର୍ଷ ତଳର ଧରିତ୍ରୀ

୧୯ ନଭେମ୍ବର ୧୯୯୩

- ବାଣିଜ୍ୟ, ଅର୍ଥନୀତି ଏବଂ ପ୍ରଯୁକ୍ତି କ୍ଷେତ୍ରରେ ବ୍ୟାପକ ସହଯୋଗ ପାଇଁ ୟୁରୋପୀୟ ସମୁଦାୟ (ଇ.ସି.) ଭାରତ ସହ ଏକ ଯୁଗାନ୍ତକାରୀ ରାଜିନାମା ସ୍ୱାକ୍ଷରିତ କରିଛି।
- ବିଶିଷ୍ଟ ଗାୟିକା ଲତା ମଙ୍ଗେସ୍‌କର ୧୯୯୩ ବର୍ଷର ଇନ୍ଦିରା ସ୍ମୃତି ପୁରସ୍କାର ପାଇବା ପାଇଁ ମନୋନୀତ।

## ସାପ୍ତାହିକ ପଞ୍ଜିକା

୧୧- ଛତିଶଗଡ଼ ବିଧାନସଭା ନିର୍ବାଚନ ପାଇଁ ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ, ମାଓବାଦୀ ଆକ୍ରମଣର ଭୟ ଥିବାରୁ ସୁରକ୍ଷା ଦାୟିତ୍ୱରେ ଲକ୍ଷେ ଯବାନ ନିୟୋଜିତ।

୧୨- କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ଅନନ୍ତ କୁମାରଙ୍କ ୫୯ ବର୍ଷ ବୟସରେ ଫୁସ୍‌ଫୁସ୍ କର୍କଟ ରୋଗରେ ପରଲୋକ।

୧୩- ବିଶିଷ୍ଟ ସଂଗୀତଜ୍ଞ ଚିତ୍ତ ଜେନାଙ୍କ ପରଲୋକ।

୧୪- ଶ୍ରୀଲଙ୍କାରେ ରାଷ୍ଟ୍ରପତିଙ୍କ ଦ୍ୱାରା ନବନିଯୁକ୍ତ ପ୍ରଧାନମନ୍ତ୍ରୀ ମହିନ୍ଦା ରାଜପାକ୍ସେ ଆସ୍ଥା ଭୋଟରେ ପରାଜିତ ହେବା ସହ ବିତାଡ଼ିତ ପ୍ରଧାନମନ୍ତ୍ରୀ ରାନିଲ ୱିକ୍ରମସିଂହେ ବିଜୟୀ ହୋଇଛନ୍ତି।

୧୫- ଆଫଗାନିସ୍ତାନର ପଶ୍ଚିମାଞ୍ଚଳରେ ତାଲିବାନ୍ ଆତଙ୍କବାଦୀଙ୍କ ଆକ୍ରମଣ ଫଳରେ ୩୦ ପୋଲିସ କର୍ମଚାରୀ ନିହତ ହୋଇଛନ୍ତି।

୧୬- ତାମିଲନାଡୁରେ ବାତ୍ୟା ଗାଜା ଯୋଗୁ ୨୦ ଜଣଙ୍କ ପ୍ରାଣହାନି।

୧୭- ବିଶିଷ୍ଟ ମର୍ଦ୍ଦଳ ବାଦକ ବନମାଳୀ ମହାରଣାଙ୍କ ୭୭ ବର୍ଷ ବୟସରେ ପରଲୋକ।

* ମାଳଦ୍ୱୀପର ନୂଆ ରାଷ୍ଟ୍ରପତି ଭାବେ ଇବ୍ରାହିମ୍ ମହମ୍ମଦ ସୋଲିଙ୍କ ଶପଥ ଗ୍ରହଣ।

## ଚିରନ୍ତନୀ

ଆଜି ତ ମନେ ପଡଇ ନାହିଁ
ସେ କେଉଁ ପଥେ ରହିଲି ଚାହିଁ
ସେ କେଉଁ ଗୀତ ଆସିଲା ଭାସି ବନୁ
ସକଳ ରୂପ ଅରୂପ ହେଲା ଅତନୁ ହେଲା ତନୁ।
(କୁହୁ ପ୍ରାସ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | | B | 1 | | 8 | | | | | | | | | 6 |
| | | D | | | 7 | | | 4 | | C | | 1 | | |
| 2 | C | 0 | | 5 | | | 8 | | | | A | 9 | | |
| 5 | | A | | 9 | 4 | | B | C | | | | | | 2 |
| | 1 | 4 | | C | 2 | | | | | 5 | 9 | | 8 | 3 |
| | B | | 4 | | | | | | | | 7 | 5 | | D |
| | | | | A | | | | | | 6 | D | | | |
| 6 | | | | | | B | | 3 | 0 | | | | | |
| | | | 8 | 0 | 1 | | | | 3 | | | 6 | | 7 |
| 4 | | | | | 6 | | | 0 | | | 1 | 3 | C | |
| | | | | | | 3 | | B | | 8 | 6 | | | 9 |
| D | A | | 5 | 2 | 3 | | | | 9 | | | B | | |
| | | | | | | | | | D | | | 0 | | |
| C | 3 | | D | | | | A | | | 7 | 2 | 8 | | 1 |
| | | | | 7 | C | 2 | 5 | | | | | | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 9 | C | E | 5 | B | 0 | 1 | 3 | 2 | A | 6 | 7 | 4 | 8 |
| 8 | 0 | 2 | A | 1 | 6 | C | 4 | 7 | B | 5 | 3 | D | E | 9 |
| 6 | 3 | B | 9 | 8 | 7 | 5 | 2 | A | 4 | D | E | 1 | C | 0 |
| 7 | E | 1 | 2 | 3 | 4 | 8 | D | 6 | C | 0 | 9 | A | 5 | B |
| A | 4 | 5 | C | 0 | D | 9 | B | E | 8 | 7 | 1 | 2 | 3 | 6 |
| C | B | 3 | 5 | 9 | 0 | D | 8 | 2 | A | 6 | 4 | E | 1 | 7 |
| 9 | A | 0 | D | 7 | E | 4 | 3 | B | 1 | 2 | C | 6 | 8 | 5 |
| 1 | 2 | 8 | 6 | A | C | 7 | E | 0 | 9 | B | 5 | 4 | D | 3 |
| E | 5 | 7 | 4 | B | 1 | 6 | 9 | C | D | 3 | 8 | 0 | 2 | A |
| 4 | 6 | D | 3 | 2 | 8 | 1 | A | 5 | 7 | E | 0 | B | 9 | C |
| 0 | 1 | 9 | 8 | C | A | B | 7 | D | 5 | 4 | 2 | 3 | 6 | E |
| 2 | 7 | A | B | 6 | 9 | E | C | 8 | 3 | 1 | D | 5 | 0 | 4 |
| B | 8 | 4 | 0 | E | 3 | 2 | 5 | 1 | 6 | C | 7 | 9 | A | D |
| 5 | D | E | 7 | 4 | 2 | 3 | 6 | 9 | 0 | 8 | A | C | B | 1 |
| 3 | C | 6 | 1 | D | 5 | A | 0 | 4 | E | 9 | B | 8 | 7 | 2 |

ଗତକାଲିର ଉତ୍ତର

# ମୁଖ୍ୟ ଶାସନ ସଚିବ ପାହ୍ୟାଙ୍କୁ ପଦୋନ୍ନତି ନେଇ ଚର୍ଚ୍ଚା

**ବରିଷ୍ଠ ପ୍ରଶାସନିକସ୍ତରରେ ଅଦଳବଦଳ ସମ୍ଭାବନା**

ଭୁବନେଶ୍ୱର,୧୮।୧୧(ବ୍ୟୁରୋ)

ଚଳିତ ମାସ ଶେଷରେ ରାଜ୍ୟ ପ୍ରଶାସନର ୩ ଆଇଏଏସ୍ ଅଧିକାରୀ ସରକାରୀ ଚାକିରିରୁ ଅବସର ନେଉଛନ୍ତି। ଏମାନେ ହେଲେ ବର୍ତ୍ତମାନର ଉନ୍ନୟନ କମିଶନର ଆର.ବାଲକ୍ରିଷ୍ଣନ, ରାଜ୍ୟ ପଣ୍ୟାଗାର ନିଗମ ଅଧ୍ୟକ୍ଷ ସଂଗ୍ରାମ କେଶରୀ ମିଶ୍ର ଏବଂ ଦିଲ୍ଲୀସ୍ଥିତ ପ୍ରମୁଖ ଆବାସିକ କମିଶନର ବିପିନ୍ ସକ୍ସେନା। ସେହିପରି ଆସନ୍ତା ମାର୍ଚ୍ଚ,୨୦୧୯ରେ ମୁଖ୍ୟ ଆବାସିକ କମିଶନର ସୁନୀଲ କୁମାର ଭାର୍ଗବ ମଧ୍ୟ ଅବସର ନେବେ। ଏହି ୪ ଅଧିକାରୀଙ୍କ ଅବସର ପରେ ମୁଖ୍ୟ ଶାସନ ସଚିବ ପାହ୍ୟାଙ୍କୁ ପଦୋନ୍ନତି ନେଇ ପାୱାର କରିଡରରେ କଳ୍ପନା ଜଳ୍ପନା ଆରମ୍ଭ ହୋଇଛି।

ରାଜ୍ୟ ସରକାର ଯଦି ଖାଲି ପଦବୀଗୁଡିକ ପୂରଣ କରନ୍ତି ତେବେ ବର୍ତ୍ତମାନ ଇ ଏବଂ ଆଇଟି ବିଭାଗର ପ୍ରମୁଖ ଶାସନ ସଚିବ ସି.ଜେ ବେଣୁଗୋପାଳ, ସ୍କୁଲ ଏବଂ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର ପଦୋନ୍ନତି ପାଇବାର ଯଥେଷ୍ଟ ସମ୍ଭାବନା ରହିଛି। ଉପରସ୍ତରରେ ଅଧିକାରୀଙ୍କ ଅବସର ଓ ପଦୋନ୍ନତି ପରେ ଉପରୋକ୍ତ ଦୁଇ ଅଧିକାରୀଙ୍କୁ ରାଜ୍ୟ ପ୍ରଶାସନରେ ଗୁରୁତ୍ୱପୂର୍ଣ୍ଣ ପଦବୀ ଦିଆଯାଇପାରେ। ସେଥିପାଇଁ ନିକଟ ଭବିଷ୍ୟତରେ ବରିଷ୍ଠ ଆଇଏଏସ୍‌ସ୍ତରରେ ବ୍ୟାପକ ଅଦଳ ବଦଳକୁ ଏଡାଇ ଦିଆଯାଇ ନ ପାରେ।

ପ୍ରକାଶ ଯେ, ମୁଖ୍ୟ ଶାସନ ସଚିବ ପାହ୍ୟାରେ ୩ଟି କ୍ୟାଡର, ୩ଟି ଅଣ ଏକ୍ସ କ୍ୟାଡର ଏବଂ ୮ଟି ଅସ୍ଥାୟୀ ଏକ୍ସ କ୍ୟାଡର ପଦବୀକୁ ମିଶାଇ ୧୪ଟି ପଦବୀ କାର୍ଯ୍ୟକାରୀ ହେଉଛି। ଏହି ସବୁ ପଦରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ, ଉନ୍ନୟନ କମିଶନର ଆର.ବାଲକ୍ରିଷ୍ଣନ, କେ.ବି.କେ ମୁଖ୍ୟ ପ୍ରଶାସକ ଏସ୍.ପି ଠାକୁର ରହିଛନ୍ତି। ସେହିପରି ରାଜ୍ୟ ପଣ୍ୟାଗାର ଅଧ୍ୟକ୍ଷ ସଂଗ୍ରାମ କେଶରୀ ମିଶ୍ର, ପ୍ରମୁଖ ଆବାସିକ କମିଶନର ବିପିନ୍ ସକ୍ସେନା ଏବଂ ମୁଖ୍ୟ ଆବାସିକ କମିଶନର ସୁନୀଲ କୁମାର ଭାର୍ଗବ ପଦବୀରେ ଅବସ୍ଥାପିତ। ଅପରପକ୍ଷରେ କୃଷି ଉନ୍ନୟନ କମିଶନର ଗଗନ କୁମାର ଧଳ, ଗୃହ ସଚିବ ଅସିତ କୁମାର ତ୍ରିପାଠୀ, ଏମ୍ଏସ୍ଏମ୍ଇ ସଚିବ ଏଲ୍.ଏନ୍ ଗୁପ୍ତା, ଜଙ୍ଗଲ ଓ ପରିବେଶ ବିଭାଗ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ରାଜସ୍ୱ ପର୍ଷଦ ସଦସ୍ୟ ଜି.ଭି.ଭି ଶର୍ମା, ଅର୍ଥ ସଚିବ ତୁହୀନକାନ୍ତ ପାଣ୍ଡେ, ମୁଖ୍ୟମନ୍ତ୍ରୀଙ୍କ ସଚିବ ରାଜେଶ ବର୍ମା ଏବଂ ଇସ୍ପାତ ଓ ଖଣି ସଚିବ ରାଜକୁମାର ଶର୍ମା ପଦରେ ରହିଛନ୍ତି।

# ବ୍ୟବସ୍ଥାକୁ ଦୁର୍ବଳ କରି ନିଜକୁ ସବଳ କରୁଛି ବିଜେଡି: ନିରଞ୍ଜନ

ଭୁବନେଶ୍ୱର, ୧୮।୧୧(ବ୍ୟୁରୋ)

ଶାସକ ବିଜେଡି ନିଜର ସ୍ଥିତି ରକ୍ଷା କରିବା ପାଇଁ ସବୁ ନୀତି, ନିୟମ ଓ ଆଦର୍ଶକୁ ଜଳାଞ୍ଜଳି ଦେବାରେ ଲାଗିଛି। ଜନକଲ୍ୟାଣ ପାଇଁ ରହିଥିବା ବ୍ୟବସ୍ଥା ପ୍ରତି ଚରମ ଅବହେଳା କରି ବିଜେଡି ସଙ୍ଗଠନକୁ ସୁଦୃଢ କରିବା ସକାଶେ ରାଜ୍ୟ ସରକାର ଅପଚେଷ୍ଟା କରୁଛନ୍ତି ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି।

ନିରଞ୍ଜନ ଆହୁରି କହିଛନ୍ତି ଯେ, ବିଜେଡି ପକ୍ଷରୁ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଭାବେ ଲୋପାମୁଦ୍ରା ବକ୍ସିପାତ୍ରଙ୍କୁ ନିଯୁକ୍ତ କରାଯାଇଥିଲା। ମାତ୍ର ୩ବର୍ଷ ପୂରଣ ହେବା ପୂର୍ବରୁ ତାଙ୍କୁ ସେଠାରୁ ଅବ୍ୟାହତି ଦିଆଯାଇ ବିଜେଡି କାର୍ଯ୍ୟକାରୀ ସଭାପତି କରାଯାଇଛି। ସେହିପରି ଭିନ୍ନକ୍ଷମ କମିଶନ ଅଧ୍ୟକ୍ଷ ଭାବେ ମିନତି ବେହେରାଙ୍କୁ ଦାୟିତ୍ୱ ଦିଆଯାଇଥିଲା। ତାଙ୍କୁ ମଧ୍ୟ ସେଠାରୁ ଅପସାରଣ କରାଯାଇ ବିଜେଡି ମହିଳା ରାଜ୍ୟ ସଭାନେତ୍ରୀ କରାଯାଇଛି। ରାଜ୍ୟ କୋଠାବାଡି ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷ ଭାବେ ସୁବାସ ସିଂହଙ୍କୁ ନିଯୁକ୍ତ କରାଯାଇଥିଲା। ପ୍ରାୟ ସାତ ମାସ ହେବ ତାଙ୍କର କାର୍ଯ୍ୟକାଳ ଶେଷ ହୋଇଥିଲେ ମଧ୍ୟ ତାଙ୍କ ସ୍ଥାନରେ କାହାକୁ ନିଯୁକ୍ତି ମିଳିନାହିଁ। ଲୋକପାଳ ଗଠନ ଦିଗରେ ବିଜେଡି ସରକାର ଜମା ବି ଆନ୍ତରିକତା ପ୍ରଦର୍ଶନ କରୁନାହାନ୍ତି। ସୁପ୍ରିମକୋର୍ଟଙ୍କ ତାଗିଦ ସତ୍ତ୍ୱେ ଏହି ପ୍ରକ୍ରିୟା ମନ୍ଥର ଗତିରେ ଚାଲିଛି। ଏହା ସାମ୍ବିଧାନିକ ବିଧି ବ୍ୟବସ୍ଥା ପ୍ରତି ଉପହାସ ଭଳି ହୋଇଛି ବୋଲି ନିରଞ୍ଜନ କହିଛନ୍ତି।

## ସଂକ୍ଷେପରେ

### ଉତ୍ତର ଉପକୂଳବର୍ତ୍ତୀ ଜିଲ୍ଲାରେ ପଡ଼ିବ ଘନ କୁହୁଡ଼ି

**ଭୁବନେଶ୍ୱର, ୧୮।୧୧ (ବ୍ୟୁରୋ):** ଉତ୍ତର ଉପକୂଳବର୍ତ୍ତୀ ଅଞ୍ଚଳ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା ଏବଂ ଜଗତସିଂହପୁର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘନ କୁହୁଡି ଆଚ୍ଛାଦିତ ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ସେପଟେ ପାହାନ୍ତିଆ ପ୍ରହରରୁ ରାଜ୍ୟର କେତେକ ଅଞ୍ଚଳରେ ଶୀତ ଅନୁଭୂତ ହେଲାଣି। ରବିବାର ସନ୍ଧ୍ୟା ସୁଦ୍ଧା ଫୁଲବାଣୀର ସର୍ବନିମ୍ନ ତାପମାତ୍ରା ୧୧.୨ଡିଗ୍ରୀ ଏବଂ ଦାରିଙ୍ଗବାଡିରେ ୧୨ ଡିଗ୍ରୀ ସେଲସିୟସ୍‌ରେ ପହଞ୍ଚିଛି। ଫଳରେ ଜିଲାରେ ଶୀତ ପଡ଼ିଥିବା ଦେଖାଯାଇଛି। ସେହିପରି ସୋନପୁରରେ ସର୍ବନିମ୍ନ ତାପମାତ୍ରା ୧୫.୬ ଡିଗ୍ରୀ ସେଲସିୟସ୍ ରହିଛି। ସାମୁଦ୍ରିକ ଝଡ ଗାଜା ତାମିଲନାଡୁରେ ସ୍ଥଳଭାଗ ଛୁଇଁବାର ୨ଦିନ ବିତିନି ଏପଟେ ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଏବଂ ଭାରତ ମହାସାଗରର ପାର୍ଶ୍ୱବର୍ତ୍ତୀରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଲଘୁଚାପର ଦାନା ବାନ୍ଧୁଛି ବୋଲି ପାଣିପାଗ କେନ୍ଦ୍ର କହିଛି। ତେବେ ଗୋଟିଏ ପରେ ଗୋଟିଏ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇ ଲଘୁଚାପରେ ପରିଣତ ହେବାରୁ ଉତ୍ତର ଦିଗରୁ ଶୀତଳ ବାୟୁ ରାଜ୍ୟକୁ ପ୍ରବାହିତ ହୋଇପାରୁନି। ଫଳରେ ନଭେମ୍ବର ମାସର ୩ ସପ୍ତାହ ଶେଷ ହେବାକୁ ବସିଥିଲେ ମଧ୍ୟ ଯେଉଁଭଳି ଭାବେ ଶୀତ ଅନୁଭୂତ ହେବା କଥା ତାହା ହୋଇନାହିଁ। ଏ ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ବିଶେଷଜ୍ଞ ଏଲ୍. ଗିରି କୁହନ୍ତି, ଘୂର୍ଣ୍ଣିବଳୟ ଛାଡିଯିବା ପରେ ଉତ୍ତର ପୂର୍ବଦିଗରୁ ରାଜ୍ୟକୁ ଶୀତଳ ବାୟୁ ବହିବ। ଶୀତ ଆସିବାକୁ ପାଖାପାଖି ଆଉ ଗୋଟିଏ ସପ୍ତାହ ଲାଗିଯିବ ବୋଲି ବିଶେଷଜ୍ଞ ଗିରି କହିଛନ୍ତି।

### ନାବାଳକଙ୍କୁ ହତ୍ୟା, ଅଭିଯୁକ୍ତ ଅଟକ

**ଉମରକୋଟ,୧୮।୧୧(ଡି.ଏନ.ଏ):** ନବରଙ୍ଗପୁର ଜିଲା ଉମରକୋଟ ଥାନା ଅଧୀନ ବେନରା ପଞ୍ଚାୟତ ଚୁଚଗୁଡା ଗାଁରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ନାବାଳକଙ୍କୁ ଟାଙ୍ଗିଆରେ ହାଣି ଜଣେ ହତ୍ୟା କରିଛନ୍ତି । ମୃତ ନାବାଳକ ଜଣକ ହେଲେ ଚୁଚଗୁଡା ଗାଁର ମନ୍ତ ଭତ୍ରା (୭)। ଅଭିଯୁକ୍ତଙ୍କୁ ଗ୍ରାମବାସୀ କାବୁ କରି ପୋଲିସ ଜିମା ଦେଇଛନ୍ତି। ମନ୍ତ ନିଜ ଜମିରୁ ସାଇକେଲରେ ଘରକୁ ସନ୍ଧ୍ୟାରେ ଫେରୁଥିବା ବେଳେ ବାଟରେ ସୁକମନ୍ତ ତାଙ୍କୁ ଟାଣି ଆଣି ଟାଙ୍ଗିଆରେ ବେକକୁ ହାଣି ଦେଇଥିଲେ। ସ୍ଥାନୀୟ ଲୋକ ଏହା ଦେଖି ମନ୍ତଙ୍କୁ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ହତ୍ୟା କରି ସୁକମନ୍ତ ଫେରାର ହୋଇ ଯାଉଥିବା ଗ୍ରାମବାସୀ ତାଙ୍କୁ କାବୁ କରି ଅଟକ ରଖିଥିଲେ। ପରେ ସୁକମନ୍ତଙ୍କୁ ଗ୍ରାମବାସୀ ପୋଲିସ ଜିମା ଦେଇଥିଲେ। ତେବେ ହତ୍ୟାର କାରଣ ଜଣାପଡିନାହିଁ। ପୋଲିସ ଘଟଣାର ତଦନ୍ତ କରୁଛି।

### ଆକ୍ରମଣରେ ପରିବାରର ୩ ସଦସ୍ୟ ମୃତ ଘଟଣା

# ଅଭିଯୁକ୍ତ ଧରମପୁଅ ଗିରଫ

- **ପାରିବାରିକ ସମସ୍ୟା ହତ୍ୟାର ମୂଳ ଉଦ୍ଦେଶ୍ୟ**
- **ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ୍‌ର ନମୁନା ସଂଗ୍ରହ**

କେନ୍ଦ୍ରାପଡା ଅଫିସ, ୧୮।୧୧

କେନ୍ଦ୍ରାପଡା ଜିଲା ପାଟକୁରା ଥାନା ଅନ୍ତର୍ଗତ ମଧୁସୂଦନପୁର ଗ୍ରାମରେ ଶନିବାର ରାତିରେ ଧରମ ପୁଅର ଠେଙ୍ଗା ମାଡରେ ମା'ବାପାଙ୍କ ମୃତ୍ୟୁ ଘଟିଥିବା ବେଳେ ରବିବାର ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଥିବା ଭଉଣୀଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଧରମ ବାପା ଧୋଇ ଦାସ ଓରଫ ଧ୍ରୁବ (୮୦), ମା'ସରସ୍ୱତୀ ଦାସ(୭୦) ଓ ଭଉଣୀ ପ୍ରତିମା(୪୫)। ସେହିପରି ନିଜ ମା' କେତକୀ ପ୍ରଥମେ କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଅଭିଯୁକ୍ତ ଅମରବିକ୍ରମ ଦାସ (୩୨)ଙ୍କୁ ପୋଲିସ ସ୍ଥାନୀୟ ଅଞ୍ଚଳର ଯୋକିଆରୁ ଗିରଫ କରିଛି। ଜିଲା ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ବିଭିନ୍ନ ନମୁନା ସଂଗ୍ରହ କରିଛି । ଏସଡିପିଓ ରାଜୀବଲୋଚନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଥାନା ଅଧିକାରୀ ସୁଜିତ ପ୍ରଧାନ ଘଟଣାର ଅନୁସନ୍ଧାନ କରୁଛନ୍ତି । ପାରିବାରିକ ସମସ୍ୟା ହତ୍ୟାର ମୂଳ ଉଦ୍ଦେଶ୍ୟ ବୋଲି ଏସଡିପିଓ ପଣ୍ଡା ସୂଚନା ଦେଇଛନ୍ତି । ସୂଚନାଅନୁଯାୟୀ, ଅମର ହେଉଛନ୍ତି ଅକ୍ଷୟଙ୍କ ପୁଅ ଏବଂ ଧ୍ରୁବ ହେଲେ ଅକ୍ଷୟଙ୍କ ଦାଦା। ଧ୍ରୁବଙ୍କ କୌଣସି ସନ୍ତାନ ନ ଥିବାରୁ ଅମରଙ୍କୁ ବର୍ଷେ ପୂର୍ବେ ପୋଷ୍ୟ ପୁତ୍ର କରିଥିଲେ ମଧ୍ୟ ଅମର ସ୍ତ୍ରୀ ଓ ପିଲାଙ୍କ ସହ ନିଜ ବାପ ଘରେ ରହୁଥିଲେ। ସେ ପେସାରେ ଜଣେ ଟ୍ରାକ୍ଟର ଚାଳକ। ଶନିବାର ବିଳମ୍ବିତ ରାତିରେ ସେ ମଦ ପିଇ ଘରକୁ ଆସି ସ୍ତ୍ରୀ ଝିଲିଙ୍କୁ ମାରଧର କରିଥିଲେ। ଅକ୍ଷୟ ଓ କେତକୀ ଏହାକୁ ପ୍ରତିରୋଧ କରିବାରୁ ସେ ସେମାନଙ୍କୁ ମଧ୍ୟ ମାଡ ମାରିଥିଲେ। ଏଥିରେ କେତକୀ ଗୁରୁତର ହୋଇଥିଲେ। କିନ୍ତୁ ଅମରଙ୍କ ରାଗ ଶାନ୍ତ ହୋଇ ନ ଥିଲା। ସ୍ତ୍ରୀ ଝିଲି ନିକଟରେ ଥିବା ଧରମ ବାପାଙ୍କ ଘରକୁ ପଳାଇଥିବା ସନ୍ଦେହ କରି ଅମର ସେଠାକୁ ଯାଇ ଗଣ୍ଡଗୋଳ କରିଥିଲେ। ସେଠାରେ ଏକ ଠେଙ୍ଗାରେ ଧରମ ମା'ବାପା ଓ ଭଉଣୀଙ୍କୁ ପିଟିଥିଲେ। ଫଳରେ ସେମାନେ ଗୁରୁତର ହୋଇଥିଲେ। ପାଟିଶୁଣି ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିବାରୁ ଅମର ଫେରାର ହୋଇଯାଇଥିଲେ। ଗ୍ରାମବାସୀ ସମସ୍ତ ଆହତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଧ୍ରୁବ ଓ ସରସ୍ୱତୀଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଅବସ୍ଥା ସଙ୍କଟାପର୍ଣ୍ଣ ଥିବାରୁ କେତକୀ ଓ ପ୍ରତିମାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ରବିବାର ଚିକିତ୍ସାଧୀନ ଅବସ୍ଥାରେ ପ୍ରତିମାଙ୍କ ମୃତ୍ୟୁ ଘଟିଛି। ଏନେଇ ଅକ୍ଷୟଙ୍କ ସାନପୁଅ ସଂଗ୍ରାମ ଥାନାରେ ଅଭିଯୋଗ କରିବା ପରେ ମାମଲା (ନଂ-୨୪୩/ ୧୮) ରୁଜୁ କରାଯାଇ ଅମରଙ୍କୁ ଗିରଫ କରିବା ସହ ଘଟଣାର ତଦନ୍ତ ଜାରି ରହିଛି ବୋଲି ଏସଡିପିଓ ପଣ୍ଡା ସୂଚନା ଦେଇଛନ୍ତି।

# ଆଜି ରୁଟ୍ ନଂ ୧୦ରେ ଗଡ଼ିବ 'ମୋ ବସ୍'

ଭୁବନେଶ୍ୱର, ୧୮।୧୧(ବ୍ୟୁରୋ)



**ହକି ବିଶ୍ୱକପ୍ ପୂର୍ବରୁ ଅନ୍ୟ ୫ ରୁଟ୍‌ରେ ଗଡ଼ିବ ବସ**

'ମୋ ବସ୍' ସୋମବାର ରୁଟ୍ ନମ୍ବର-୧୦ରେ ଗଡ଼ିବ। ଏହି ରୁଟ୍‌ରେ ପାଖାପାଖି ୨୦ ବସ୍ ଚଳାଚଳ କରିବ। ରୁଟ୍‌ରେ ଗଡ଼ିବାକୁ ଥିବା ବସ୍‌ଗୁଡିକ ଉଦ୍‌ଘାଟିତ ହେବ ବୋଲି କ୍ୟାପିଟାଲ ରିଜିୟନ ଅର୍ବାନ ଟ୍ରାନ୍ସପୋର୍ଟ (ସିଆରୟୁଟି) ପକ୍ଷରୁ ସୂଚନା ମିଳିଛି।

ରୁଟ୍ ନମ୍ବର ୧୦ରେ ବସ୍‌ଗୁଡିକ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ବାହାରି ଭାୟା କିଟ୍ କ୍ୟାମ୍ପସ୍ ଦେଇ ନନ୍ଦନକାନନ ଯିବ। ସେଠାରୁ ବାହାରି ପଟିଆ, ଜୟଦେବ ବିହାର, ପାୱାର ହାଉସ୍ ଛକ, ସଚିବାଳୟ ପଛପାଖ, ଏଜି ଛକ ଦେଇ ଏୟାରପୋର୍ଟରେ ପହଞ୍ଚିବ। ଫଳରେ ଏହି ରୁଟ୍‌ରେ ଯାତ୍ରୀ ମୋ ବସ୍‌ସେବା ପାଇପାରିବେ। ସେହିପରି ହକି ବିଶ୍ୱକପ୍ ଉଦ୍‌ଘାଟନ ପୂର୍ବରୁ ଅନ୍ୟ ୫ ରୁଟ୍‌ରେ ମଧ୍ୟ ମୋ ବସ୍ ଚାଲିବ। ରୁଟ୍‌ଗୁଡିକ ହେଲା, ରୁଟ୍ ୧୧ରେ ବସ୍ ଶିଖରଚଣ୍ଡୀରୁ ବାହାରି ଲିଙ୍ଗିପୁରକୁ ଯିବାଆସିବା କରିବ। ରୁଟ୍ ୧୨ରେ ଶିଖରଚଣ୍ଡୀରୁ ଏୟାରପୋର୍ଟ, ରୁଟ୍ ୧୩ ରସୁଲଗଡରୁ ଭାୟା କଳ୍ପନା ହୋଇ ଉତ୍ତରା ଛକ, ରୁଟ୍ ୧୪ରେ ତମାଣ୍ଡୋରୁ ବାହାରି ବରମୁଣ୍ଡା, ଫାୟାରଷ୍ଟେଶନ, ସିଆରପି, ଜୟଦେବ ବିହାର, ଆଚାର୍ଯ୍ୟ ବିହାର ଏବଂ ବାଣୀବିହାର ଦେଇ ରସୁଲଗଡରେ ପହଞ୍ଚିବ। ରୁଟ୍ ୧୫ରେ ହାଇଟେକ୍ ମେଡିକାଲ କଲେଜରୁ ଏୟାରପୋର୍ଟକୁ ଗଡିବ। ସୂଚନାଯୋଗ୍ୟ, ଗତ ୬ ତାରିଖରେ ପ୍ରଥମ ପର୍ଯ୍ୟାୟ ମୋ ବସ୍ ସେବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା।

# ଶୀତ ଅଧିବେଶନରେ ଆସିବ ଜିଏସ୍‌ଟିର ସିଏଜି ଅଡିଟ୍

**ନୂଆଦିଲ୍ଲୀ,୧୮।୧୧:** ଆସନ୍ତା ଶୀତ ଅଧିବେଶନରେ ସିଏଜିଙ୍କ ଦ୍ୱାରା ହୋଇଥିବା ଜିଏସ୍‌ଟିର ପ୍ରଦର୍ଶନ ଅଡିଟ୍ ରିପୋର୍ଟକୁ ସଂସଦରେ ଉପସ୍ଥାପନ କରାଯିବ ବୋଲି ଜଣାପଡିଛି। ଗତବର୍ଷ ଜୁଲାଇ ପହିଲାରେ ଲାଗୁ ହୋଇଥିବା ଜିଏସ୍‌ଟିର ପ୍ରଦର୍ଶନ ସମ୍ପର୍କରେ କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ(ସିଏଜି) ଅଡିଟ୍ ଆରମ୍ଭ କରିଛନ୍ତି। ଖୁବଶୀଘ୍ର ରିପୋର୍ଟ ପ୍ରସ୍ତୁତ ହୋଇଯିବ ବୋଲି ଆଶା କରାଯାଉଛି। ଡିସେମ୍ବର ୧୧ରେ ଆରମ୍ଭ ହେବାକୁ ଥିବା ଶୀତ ଅଧିବେଶନ ବେଳେ ସଂସଦରେ ଏହାକୁ ଉପସ୍ଥାପନ କରାଯିବ ବୋଲି କୁହାଯାଉଛି। ପଞ୍ଜୀକରଣ, ବକେୟା ଫେରସ୍ତ, ଇନପୁଟ୍ ଟ୍ୟାକ୍ସ କ୍ରେଡିଟ୍, ଟ୍ରାଞ୍ଜିଶନ କ୍ରେଡିଟ୍ ମେକାନିଜମ୍, ଟିକସ ପ୍ରଦାନ ସହଜଲଭ୍ୟ ହେବା ଏବଂ ଅର୍ଥନୀତି ଉପରେ ଏହାର ପ୍ରଭାବ ସମ୍ପର୍କରେ ସିଏଜି ସମୀକ୍ଷା କରୁଛନ୍ତି। ସିଏଜିଙ୍କ ଏକ ଟିମ୍ ଏନେଇ ବହୁ ପୂର୍ବରୁ ବିଭିନ୍ନ ରାଜ୍ୟରେ ଥିବା ଜିଏସ୍‌ଟି କମିଶନର ଅଫିସକୁ ଯାଇ ଏହାର ତଦାରଖ ଆରମ୍ଭ କରିଦେଇଥିଲେ। ସେମାନେ ନୂଆ ଟିକସ ବ୍ୟବସ୍ଥାର କାର୍ଯ୍ୟଶୈଳୀ, ଏହାର ଦକ୍ଷତା ଏବଂ ପ୍ରଭାବ ସମ୍ପର୍କରେ ଜାଣିବାକୁ ଚେଷ୍ଟା କରିଛନ୍ତି। ସିଏଜି ମୁଖ୍ୟତଃ ଜିଏସ୍‌ଟିର କ୍ରିୟାନ୍ୱୟନର ସମୀକ୍ଷା କରିବେ। ଟିକସ ଆଦାୟକୁ ନେଇ କୌଣସି ସମୀକ୍ଷା ହେବ ନାହିଁ ବୋଲି ଜଣାପଡିଛି। ସୂଚନାଥାଉ କି, ବିମୁଦ୍ରୀକରଣ ଏବଂ ଜିଏସ୍‌ଟିର ଅଡିଟ୍ ରିପୋର୍ଟ ଯଥାଶୀଘ୍ର ପ୍ରକାଶ କରିବାକୁ ଦେଶର ବହୁ ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ ଦାବି କରିଥିଲେ। ସେମାନେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ପତ୍ର ଲେଖି ଏଥିରେ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଥିଲେ। ସିଏଜିଙ୍କ ନିକଟରେ ମଧ୍ୟ ସେମାନେ ସମାନ ଦାବି କରିଛନ୍ତି।

# ନରସିଂହଙ୍କ ଉପରେ ବର୍ଷିଲେ କୃଷ୍ଣ

**ଭୁବନେଶ୍ୱର, ୧୮।୧୧(ବ୍ୟୁରୋ):** ବିଧାୟକ ପଦରୁ କୃଷ୍ଣ ସାଗରିଆ ଇସ୍ତଫା ଦେବା ନେଇ ବିଧାନସଭାର ଶୀତକାଳୀନ ଅଧିବେଶନ ପାଇଁ ବସିଥିବା କଂଗ୍ରେସ ବିଧାୟକ ଦଳ ବୈଠକରେ ଆଲୋଚନା ହୋଇଥିଲା। କିଛି ନେତାଙ୍କ କଥାରେ ପ୍ରଭାବିତ ହୋଇ କୃଷ୍ଣ ନିଜ ପଦରୁ ଇସ୍ତଫା ଦେଇଥିବା ସମ୍ପର୍କରେ ବୈଠକରେ ବିରୋଧୀ ଦଳ ନେତା ନରସିଂହ ମିଶ୍ର କହିଥିଲେ। ଯାହାକୁ ନେଇ କୃଷ୍ଣ ବିରୋଧୀ ଦଳ ନେତାଙ୍କ ଉପରେ ବର୍ଷିଛନ୍ତି। ଏହି ପ୍ରସଙ୍ଗରେ ନରସିଂହଙ୍କୁ ଏକ ଚିଠି ଲେଖି କୃଷ୍ଣ କଡା ସମାଲୋଚନା କରିଛନ୍ତି। ବିଭିନ୍ନ ପ୍ରସଙ୍ଗରେ ନରସିଂହଙ୍କ ଆଭିମୁଖ୍ୟ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ତାଙ୍କର ଥିବା ସମ୍ପର୍କ କଥା ଦର୍ଶାଇ କୃଷ୍ଣ ସମାଲୋଚନା କରିଛନ୍ତି। କୃଷ୍ଣ ଦେଇଥିବା ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଶୀତ ଅଧିବେଶନ ପାଇଁ ବସିଥିବା ବିଧାୟକ ଦଳ ବୈଠକରେ ତାଙ୍କ ଇସ୍ତଫା ସମ୍ପର୍କରେ ବିରୋଧୀ ଦଳ ନେତା କିଛି ମତ ରଖିଥିଲେ, ତାଙ୍କ ଦୃଷ୍ଟିକୁ ଆସିଛି। କେତେଜଣ ଦଳୀୟ ନେତା ପ୍ରଭାବିତ କରିବାରୁ ତାଙ୍କୁ ଇସ୍ତଫା ଦେବାକୁ ପଡିଥିବା ନରସିଂହ କହିଥିଲେ। ଯାହା ତାଙ୍କୁ ନିନ୍ଦିତ କରିବା ପାଇଁ ଏହା ଏକ ପ୍ରୟାସ। ନିଜ ବିବେକର ଆହ୍ୱାନରେ ସେ ଇସ୍ତଫା ଦେଇଥିବା କହିଛନ୍ତି। ଯଦି ଏହା ଦଳୀୟ ବିଶୃଙ୍ଖଳାରେ ଯାଉଛି ତେବେ ଏଭଳି ଭୁଲ୍ ସେ ବାରମ୍ବାର କରିବାକୁ ପ୍ରସ୍ତୁତ ବୋଲି କହିଛନ୍ତି। ବହୁବାର ଦଳିତ ଓ ଆଦିବାସୀଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଛି। କିନ୍ତୁ କେବେହେଲେ ନରସିଂହ ସେହି କଥାକୁ ଗୁରୁତ୍ୱ ଦେଇନାହାନ୍ତି। ଦଳିତ ଓ ଆଦିବାସୀ ଛାତ୍ରୀଛାତ୍ରଙ୍କ ଉଚ୍ଚଶିକ୍ଷାରେ (ମେଡିକାଲ, ଇଞ୍ଜିନିୟରିଂ) ସଂରକ୍ଷଣ ଦାବି ସମ୍ପର୍କରେ ବିଧାନସଭା ଭିତରେ ଆମେ ପ୍ରଶ୍ନ ଉଠାଇଥିଲୁ। ହେଲେ ସେତେବେଳେ ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ପାଦଧରି ଅନୁରୋଧ କରିବାକୁ ନରସିଂହ ବିଧାୟକମାନଙ୍କୁ ପରାମର୍ଶ ଦେଇଥିଲେ। କିନ୍ତୁ ନରସିଂହ ନିଜେ ଚୁପ୍‌ଚାପ୍ ହୋଇ ବସି ରହିଲେ ବୋଲି କୃଷ୍ଣ କହିଛନ୍ତି। ଦଳିତ ଓ ଆଦିବାସୀଙ୍କ ସାମ୍ବିଧାନିକ ଅଧିକାରର ସୁରକ୍ଷା ଦୃଷ୍ଟିରୁ ବିରୋଧୀ ଦଳ ନେତା ଭାବେ କିଛି ଭୂମିକା ନ ଥିଲା କି ବୋଲି କୃଷ୍ଣ ପ୍ରଶ୍ନ କରିଛନ୍ତି। ଏପରିକି ମୁଖ୍ୟମନ୍ତ୍ରୀଙ୍କ ସହ ନରସିଂହଙ୍କ ଭଲ ସମ୍ପର୍କ ଥିବାରୁ ଦଳିତ ଓ ଆଦିବାସୀଙ୍କ ପାଇଁ ସେ କିଛି କରିବେ ବୋଲି ଭାବିଥିଲି। ହେଲେ ଏହା ବଦଳରେ ତାଙ୍କୁ କେବଳ ଅପମାନ ମିଳିଥିଲା ବୋଲି କୃଷ୍ଣ କହିଛନ୍ତି।




DADLS-181



ରାଜ୍ୟସ୍ତରୀୟ ଜାତୀୟ ସଂହତି ଦିବସ ସମାରୋହ
୧୯ ନଭେମ୍ବର ୨୦୧୮

ସାଧାରଣ ସଭା
ସମୟ – ସନ୍ଧ୍ୟା ଘ.୫.୩୦ ମିନିଟ୍ | ସ୍ଥାନ – ଜୟଦେବ ଭବନ

ମୁଖ୍ୟ ଅତିଥି – ଶ୍ରୀଯୁକ୍ତ ମନୋରଞ୍ଜନ ପାଣିଗ୍ରାହୀ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ
ସମ୍ମାନିତ ଅତିଥି – ଶ୍ରୀଯୁକ୍ତ ଅରୁଣ କୁମାର ପଣ୍ଡା
ମୁଖ୍ୟବକ୍ତା – ପ୍ରଫେସର ରାଜକିଶୋର ମିଶ୍ର

କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ ।

ସାଂସ୍କୃତିକ କାର୍ଯ୍ୟକ୍ରମ – ସୀତାଂଶୁ ଶେଖର ରାଉତ, ବଶିଷ୍ଠ କୁମାର, ପ୍ରେମ୍ କୁମାର, ଅଞ୍ଜନି ରାଉତରାୟ, ତପସ୍ୱିନୀ ଓ ଶ୍ୱେତପଦ୍ମାଙ୍କ ଦ୍ୱାରା ଭଜନ ଓ ଦେଶାତ୍ମବୋଧକ ସଂଗୀତ ପରିବେଷଣ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଉପରୋକ୍ତ କାର୍ଯ୍ୟକ୍ରମରେ ଯୋଗଦେବାକୁ ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0400/1819

uti UTI Mutual Fund
Haq, ek behtar zindagi ka.
10 YEARS

# ୟୁଟିଆଇ ସ୍ୱତନ୍ତ୍ର

## ନିବେଶକ ଶିକ୍ଷଣ ହେତୁ ଏକ ପଦକ୍ଷେପ | ସମର୍ଥନ ଧରିତ୍ରୀ

# ଆର୍ଥିକ ସ୍ୱାଧୀନତା: ଆପଣଙ୍କ ପିଲାଙ୍କ ପାଇଁ ସର୍ବଶ୍ରେଷ୍ଠ ଉପହାର

Children's Day

ମାତାପିତା ଭାବେ, ଆପଣ ନିଜ ପିଲାମାନଙ୍କୁ ବଡ଼ ହୋଇ ଜଣେ ଜଣେ ଆର୍ଥିକ ଦୃଷ୍ଟିରୁ ସ୍ୱାଧୀନ ବ୍ୟକ୍ତିବିଶେଷରେ ପରିଣତ ହେବାର ଦେଖିବାକୁ ଚାହିଁଥାନ୍ତି। ସେମାନେ ଯେପରି ଭଲ ଶିକ୍ଷା ପାଆନ୍ତୁ ଏହା ସୁନିଶ୍ଚିତ କରିବା ପାଇଁ ଆପଣ ଦିନରାତି ପରିଶ୍ରମ କରିଥାନ୍ତି। ଆପଣ ସେମାନଙ୍କ ଭବିଷ୍ୟତ ପାଇଁ ମଧ୍ୟ ସଞ୍ଚୟ କରିଥାନ୍ତି। କିନ୍ତୁ, ଅନେକ ସ୍କୁଲ ପିଲାମାନଙ୍କୁ ଏତେ ସରଳ ଟଙ୍କା ପଇସା ବିଷୟରେ ଶିକ୍ଷା ଦେଇ ନ ଥାନ୍ତି। ସେ ଦିଗରେ ଆପଣଙ୍କୁ ଏବେଠାରୁ ହିଁ ପଦକ୍ଷେପ ନେବାକୁ ହେବ।

ସେହି ପଦକ୍ଷେପ ଆପଣ ନିମ୍ନ ଅନୁଯାୟୀ ନେଇପାରିବ:



### ଶୁଭାରମ୍ଭ କରନ୍ତୁ ସଞ୍ଚୟର ଅଭ୍ୟାସରୁ

- ନିଜ ପିଲାଙ୍କଠାରେ ଆପଣ ଯେତେ ଶୀଘ୍ର ସଞ୍ଚୟ ଅଭ୍ୟାସର ଚାରା ରୋପଣ କରିବେ ସେତେ ଭଲ। ସେଇ ପୁରୁଣା ପିଗି ବ୍ୟାଙ୍କ ବା କୁମ୍ଭି ଏ କ୍ଷେତ୍ରରେ ଆପଣଙ୍କ ଭରସାଯୋଗ୍ୟ ସହଯୋଗୀ ହୋଇପାରିବ।
- ସେମାନେ ଟଙ୍କା ଗଣନା ଜାଣିବା ପୂର୍ବରୁ ସେମାନଙ୍କୁ ସେମାନେ ଉପହାର ଆକାରରେ ପାଇଥିବା ଟଙ୍କାଗୁଡ଼ିକୁ ସେମାନଙ୍କ କୁମ୍ଭିରେ ପକାଇବା ପାଇଁ ପ୍ରୋତ୍ସାହିତ କରନ୍ତୁ।

### ପିଲାମାନଙ୍କ ସଶକ୍ତୀକରଣ

- ଆପଣଙ୍କ ପିଲାମାନେ ସ୍କୁଲରେ ମୌଳିକ ଗଣିତ ସମସ୍ୟାଗୁଡ଼ିକର ସମାଧାନ କରିବା ଆରମ୍ଭ କରିବେ, ସେମାନଙ୍କୁ ସଞ୍ଚୟ ଖାତାର ଅବଧାରଣା ସହିତ ପରିଚିତ କରନ୍ତୁ । ତାହାର ସୁଯୋଗ ନେଇ ସେମାନଙ୍କୁ ସୁଧ ହାରର ଅବଧାରଣା ସମ୍ପର୍କରେ ପରିଚିତ କରନ୍ତୁ।
- ଅଗ୍ରଣୀ ବ୍ୟାଙ୍କଗୁଡ଼ିକରେ ବିଶେଷ ଖାତାସବୁ ରହିଛି ଯେଉଁଠି ଆପଣଙ୍କ ପିଲାମାନେ ସେମାନଙ୍କ ନିଜସ୍ୱ ଡେବିଟ୍ କାର୍ଡ ପାଇପାରିବେ, ଯାହା ସେମାନଙ୍କୁ ମାଲିକାନା ଓ ଦାୟିତ୍ୱର ଚେତନା ପ୍ରଦାନ କରିଥାଏ ।

### ନିବେଶର ଆବଶ୍ୟକତା

- ଯେବେ ଆପଣଙ୍କ ପିଲାମାନେ ସେମାନଙ୍କ କୈଶୋରାବସ୍ଥାରେ ପଦାର୍ପଣ କରନ୍ତି ସେବେ ସେମାନଙ୍କଠାରେ ଟଙ୍କା ପଇସା ବିଷୟରେ କିଛି କିଛି ଜ୍ଞାନ ଥାଏ, ସେମାନଙ୍କୁ ଶିଖାନ୍ତୁ ଯେ, ମୁଦ୍ରାସ୍ଫୀତି କାରଣରୁ ସଞ୍ଚୟ ଖାତାରେ ପଡ଼ିରହିଥିବା ଟଙ୍କାର କ୍ରୟ ଶକ୍ତି ହ୍ରାସିତ ହୋଇଯାଇଥାଏ।
- ଏହି ପର୍ଯ୍ୟାୟରେ ସେମାନଙ୍କୁ ନିବେଶ ଏବଂ ଲକ୍ଷ୍ୟ ନିର୍ଦ୍ଧାରଣ କରିବାର ଅବଧାରଣା ସହିତ ସେମାନଙ୍କୁ ପରିଚିତ କରାନ୍ତୁ।
- ଛୋଟ ପିଲାଙ୍କ ପାଇଁ ସିଷ୍ଟେମାଟିକ୍ ଇନ୍‌ଭେଷ୍ଟମେଣ୍ଟ ପ୍ଲାନ୍ (ଏସ୍‌ଆଇପି) ଗୁଡ଼ିକ ସହିତ ଶୁଭାରମ୍ଭ କରାଯିବା ସର୍ବୋତ୍ତମ, କାରଣ ସେମାନେ ନିଜ ଭବିଷ୍ୟତ ପାଇଁ ମାତ୍ର ₹୫୦୦ ରୁ ନିବେଶ ଆରମ୍ଭ କରିପାରିବେ।
- ଏହି ଏସ୍‌ଆଇପିକୁ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଯେପରି ମାଇଲଖୁଣ୍ଟ ଜନ୍ମଦିନ ସହିତ ବାନ୍ଧିବା ପାଇଁ ସେମାନଙ୍କୁ ପ୍ରୋତ୍ସାହିତ କରନ୍ତୁ।

### ସେମାନଙ୍କୁ ସେମାନଙ୍କ ଡେଣା ବିସ୍ତାରିତ କରିବାରେ ସହାୟତା କରନ୍ତୁ

- ଆପଣ ନିଜ ପିଲାଙ୍କୁ ଆର୍ଥିକ ସ୍ୱାଧୀନତା ସମ୍ପର୍କରେ ଶିକ୍ଷିତ କରୁଥିବା ବେଳେ, ଆପଣଙ୍କୁ ସେମାନଙ୍କଠାରେ ଏହି ଆତ୍ମବିଶ୍ୱାସ ପ୍ରଦାନ କରିବାକୁ ହେବ ଯେ ଆପଣ ଏହା ସେମାନଙ୍କର ଆର୍ଥିକ ଭବିଷ୍ୟତକୁ ସୁରକ୍ଷିତ କରିବା ପାଇଁ କରୁଛନ୍ତି।
- ଶିକ୍ଷା ମହଙ୍ଗା। ପିଲାଙ୍କୁ ଏହା ଦେଖାନ୍ତୁ ଯେ ସେମାନେ ବାଛିଥିବା କ୍ଷେତ୍ରରେ ଉଚ୍ଚତର ଶିକ୍ଷା ହାସଲରେ ସେମାନଙ୍କୁ ସାହାଯ୍ୟ କରିବା ପାଇଁ ଆପଣ ନିୟମିତ ଭାବେ ନିବେଶ କରିବା ପାଇଁ ପ୍ରସ୍ତୁତ ଅଛନ୍ତି।
- ସ୍କିମ୍‌ଗୁଡ଼ିକ ସହିତ ସେମାନଙ୍କୁ ପରିଚିତ କରନ୍ତୁ ଏବଂ ସେଗୁଡ଼ିକ କିପରି କାମ କରିଥାଏ ତାହା ବୁଝାନ୍ତୁ । ଉଦାହରଣସ୍ୱରୂପ, ଚିଲ୍‌ଡ୍ରେନ୍ ଫଣ୍ଡ – ଏକ ସମାଧାନ-ଅଭିମୁଖୀ ମ୍ୟୁଚୁଆଲ ଫଣ୍ଡ ଯାହା ୫ ବର୍ଷ ପରେ କିମ୍ବା ଆପଣଙ୍କ ପିଲା ସାବାଳକ ହେଲା ପରେ, ଯାହା ପୂର୍ବରୁ ହେଉଥିବ, ପରିପକ୍ୱ ହୋଇଥାଏ। ଏପରି ଦୀର୍ଘ-ମିଆଦୀ ନିବେଶଗୁଡ଼ିକୁ ଆପଣଙ୍କୁ ଦୀର୍ଘ-ମିଆଦୀ ଲକ୍ଷ୍ୟକୁ ହାସଲ କରିବାରେ ସହାୟତା କରିଥାଏ।
- ନିଜ ପୋର୍ଟଫୋଲିଓକୁ ଉଦାହରଣ ଭାବେ ସେମାନଙ୍କୁ ଦେଖାନ୍ତୁ ଏବଂ ଜୀବନର ବିଭିନ୍ନ ପର୍ଯ୍ୟାୟରେ କିପରି ବିଭିନ୍ନ ନିବେଶ ବିଭିନ୍ନ ଲକ୍ଷ୍ୟଗୁଡ଼ିକୁ ପୂରଣ କରେ ତାହା ବ୍ୟାଖ୍ୟା କରନ୍ତୁ।



*ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ



## ସ୍ୱତନ୍ତ୍ର କୁମାର ବୁଝାନ୍ତି: ଗୋଠ ମାନସିକତା

ଗୋଠ ମାନସିକତାର ଅର୍ଥ ହେଉଛି ଏକ ନିବେଶ ଅଭ୍ୟାସ ଯେଉଁଠି କ୍ରୟ କିମ୍ବା ବିକ୍ରୟ କରିବା ନିଷ୍ପତ୍ତି ଆଖପାଖର ଲୋକମାନଙ୍କ ଆଚରଣ ଦ୍ୱାରା ପ୍ରଭାବିତ ହୋଇଥାଏ। ତେଣୁ, ଯଦି ସମସ୍ତେ ଏକ ନିର୍ଦ୍ଦିଷ୍ଟ ଷ୍ଟକ୍ କିମ୍ବା ସେକ୍ଟରରେ ନିବେଶ କରୁଛନ୍ତି ତେବେ ଅନେକ ନିବେଶ ସେଇଆ କରିବାର ଦୃଢ଼ ପ୍ରବୃତ୍ତି ଆସିଥାଏ। ନିବେଶର ପ୍ରତିଭାକୁ ବିଚାରକୁ ନିଆ ନ ଯାଇ ଏହା କରାଯାଇଥାଏ।

ଗୋଠ ମାନସିକତାକୁ ଏଡ଼ାଇବା ପାଇଁ ନିବେଶରେ କରଣୀୟ ଓ ବର୍ଜନୀୟ




*ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

## ବିଶେଷଜ୍ଞ କୁହନ୍ତି

**ଜଣେ ପାଠକ ଆମକୁ ପଚାରିଛନ୍ତି: ଯଦି ମୁଁ ମୋ ପିଲାର ଶିକ୍ଷା ପାଇଁ ଖର୍ଚ୍ଚ କରେ ତେବେ ମୁଁ କିଛି ଟିକସ କାଟ ପାଇବି କି ?**



ବିଶେଷଜ୍ଞ ଉତ୍ତର ଦେଇଛନ୍ତି

ନିରଞ୍ଜନ ବେହେରା
ଆର୍ଥିକ ପରାମର୍ଶଦାତା

ପିଲାଙ୍କୁ ସ୍କୁଲ ପଠାଇବାରେ ପିତାମାତାଙ୍କ ପାଇଁ ଏକ ନିହିତ ଟିକସଗତ ଲାଭ ଥାଏ। ଏହାର କାରଣ ହେଉଛି ଆୟକର ଅଧିନିୟମ, ୧୯୬୧ର ଧାରା ୮୦ସି ଅଧୀନରେ ଟ୍ୟୁଶନ୍ ଦେୟ ଟିକସ ଲାଭ ଭାବେ ଯୋଗ୍ୟତାପ୍ରାପ୍ତ। ଟିକସ ଲାଭର ପରିମାଣ ଉକ୍ତ ଧାରାର ଏକ ବର୍ଷ ପାଇଁ ₹୧.୫ ଲକ୍ଷର ମୋଟାମୋଟି ସୀମା ମଧ୍ୟରେ ଆସିଥାଏ । ଟିକସ ଉଦ୍ଦେଶ୍ୟ ପାଇଁ, ଦେୟ ମୋଟ ସମୁଦାୟ ଆୟକୁ ହ୍ରାସ କରିଥାଏ ଯାହା ଟିକସ ଦେୟତାକୁ ହ୍ରାସ କରିଥାଏ । ଧରିନିଅନ୍ତୁ, ଆପଣ ସର୍ବୋଚ୍ଚ ଆୟ ବନ୍ଧନୀ ମଧ୍ୟରେ ଆସନ୍ତୁ ଏବଂ ଆପଣ ଟିକସ ଆକାରରେ ୩୦.୯ ପ୍ରତିଶତ ପୈଠ କରନ୍ତୁ ଏବଂ ଆପଣ ସ୍କୁଲ୍ ଦେୟ ବାବଦରେ ଏକ ବର୍ଷରେ ₹୮୦,୦୦୦ ପୈଠ କରନ୍ତି। ଏ କ୍ଷେତ୍ରରେ, ସେବର୍ଷ ଆପଣଙ୍କ ଟିକସ ସଞ୍ଚୟର ପରିମାଣ ₹୨୪,୭୨୦ ହେବ।

## ଗୁରୁ କୁହନ୍ତି

**ମୋ ମ୍ୟୁଚୁଆଲ୍ ଫଣ୍ଡ ନିବେଶରେ ମୋ ପିଲା ଜଣେ ନୋମିନି ହୋଇପାରିବ କି ?**



ବଳରାମ ସାହୁ
ଆର୍ଥିକ ପରାମର୍ଶଦାତା

ନୋମିନେସନ୍ ବା ନାମାଙ୍କନ ହେଉଛି ଜଣେ ବ୍ୟକ୍ତିଙ୍କୁ ନିଯୁକ୍ତ କରିବାର ଏକ ପ୍ରକ୍ରିୟା ଯିଏ କି ନିବେଶକଙ୍କ ମୃତ୍ୟୁ କ୍ଷେତ୍ରରେ ପରିସମ୍ପତ୍ତିର ଯତ୍ନ ନେଇପାରିବ। ଜଣେ ନୋମିନି କେହି ବି ହୋଇପାରନ୍ତି – ସ୍ୱାମୀ/ସ୍ତ୍ରୀ, ପିଲା, ପରିବାରର ଅନ୍ୟ କୌଣସି ସଦସ୍ୟ, ବନ୍ଧୁ କିମ୍ବା ଆପଣ ଭରସା କରୁଥିବା ଅନ୍ୟ କୌଣସି ବ୍ୟକ୍ତି। ସିଙ୍ଗଲ୍ ହୋଲ୍‌ଡିଂ ସହିତ ବ୍ୟକ୍ତିବିଶେଷଙ୍କ ଦ୍ୱାରା ଖୋଲାଯାଇଥିବା ନୂଆ ଫୋଲିଓ/ଖାତା ପାଇଁ ନାମାଙ୍କନ ସୁବିଧା ବାଧ୍ୟତାମୂଳକ। ଯୁଗ୍ମ ହୋଲ୍‌ଡିଂ, ଯେଉଁଠି ଏକାଧିକ ଧାରକ ଥାଆନ୍ତି, ସେ କ୍ଷେତ୍ରରେ ନାମାଙ୍କନ ଜରୁରୀ ନୁହେଁ, କିନ୍ତୁ ଆର୍ଥିକ ଯୋଜନାକାରୀମାନେ ସବୁବେଳେ ଜଣେ ନୋମିନି ରଖିବାର ସୁପାରିସ କରିଥାନ୍ତି। ଆପଣଙ୍କ ନାବାଳକ ପିଲା ନାମରେ କରାଯାଇଥିବା ନିବେଶରେ ଯୁଗ୍ମ ଧାରକ କିମ୍ବା ନୋମିନି ରହିପାରିବେ ନାହିଁ । ପିଲା ସାବାଳକ ହେଲା ପରେ, ତାଙ୍କୁ ପ୍ୟାନ୍ ଓ କେୱାଇସି ଭଳି ସମସ୍ତ ନିବେଶ ଔପଚାରିକତା ସମ୍ପାଦନ କରିବାକୁ ହେବ।

**ଏହାପରେ କ'ଣ ? ନିଜ ପିଲାଙ୍କୁ ଆର୍ଥିକ ଭାବେ ସ୍ୱାଧୀନ କରିବା ପାଇଁ ସରଳ ଟିପ୍ସ**

ଅଧିକ ବିବରଣୀ ପାଇଁ, ଆମକୁ ଟ୍ୱିଟର୍ @utimutualfund ରେ ଫଲୋ କରନ୍ତୁ, ପ୍ରଶ୍ନ କିମ୍ବା ମତାମତ ଇମେଲ୍ କରନ୍ତୁ: info@beswatantra.com ରେ ■ ଦୟାକରି ବିଷୟ ଧାଡ଼ିରେ 'Swatantra in Dharitri' ଲେଖନ୍ତୁ ।
■ ଏପରି ଅଧିକ ଆର୍ଥିକ ଉପଦେଶ ପାଇଁ ଆମ ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ: http://www.utiswatantra.com

**କ୍ୟୁଆର୍ କୋଡ୍ ଡାଉନ୍‌ଲୋଡ୍ ଓ ସ୍କାନ୍ କରିବାର ପଦ୍ଧତି:**
୧) ନିଜ ଫୋନ୍‌ରେ କ୍ୟୁଆର୍ କୋଡ୍ ଆପ୍ ଡାଉନ୍‌ଲୋଡ୍ କରନ୍ତୁ । ୨) ଆପ୍‌କୁ ଚଲାନ୍ତୁ ଓ କ୍ୟୁଆର୍ କୋଡ୍‌କୁ ସ୍କାନ୍ କରନ୍ତୁ । ୩) ଆପଣଙ୍କ ସ୍ମାର୍ଟଫୋନ୍ କୋଡ୍‌କୁ ପଢ଼ିବ ଓ ଆପଣଙ୍କୁ ଗନ୍ତବ୍ୟସ୍ଥଳୀରେ ପହଞ୍ଚାଇବ ।

ନିଜ ପିଲାଙ୍କ ଭବିଷ୍ୟତକୁ ସୁରକ୍ଷିତ କରିବା ସମ୍ପର୍କରେ ଜାଣିବା ପାଇଁ ଏହି କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ।

ମ୍ୟୁଚୁଆଲ୍ ଫଣ୍ଡଗୁଡ଼ିକୁ ନେଇ ମନରେ କିଛି ପ୍ରଶ୍ନ ରହିଛି କି? ଏହି କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ ଓ ତାହାକୁ ଆମ ନିକଟକୁ ପଠାନ୍ତୁ।

ଆପଣଙ୍କ ସହରରେ ଆୟୋଜିତ ହେଉଥିବା କୌଣସି କାର୍ଯ୍ୟକ୍ରମ ନିମନ୍ତେ ପଞ୍ଜୀକୃତ ହେବା ଲାଗି ଏହି କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ ।

**ଆପଣଙ୍କ ପିଲା ବି ଏସ୍‌ଆଇପିରେ ନିବେଶ କରିପାରିବ !**



ନିବେଶ ଯେତେଶୀଘ୍ର ଆରମ୍ଭ କରିବେ ସେତେ ଭଲ - ଆଜିଠାରୁ ସେମାନଙ୍କୁ ଶୁଭାରମ୍ଭ କରିବାକୁ ଦିଅନ୍ତୁ!

## ପାଞ୍ଚଟି ଟିପ୍‌ସ ଯାହା ଆପଣଙ୍କ ପିଲାଙ୍କୁ ଆର୍ଥିକ ଦୃଷ୍ଟିରୁ ସ୍ମାର୍ଟ ହେବାର ସାହାଯ୍ୟ କରିବ

ଆର୍ଥିକ ସ୍ୱାଧୀନତା ଆରମ୍ଭ ହୋଇଥାଏ ଆର୍ଥିକ ଶୃଙ୍ଖଳାରୁ ଯାହା ଆପଣ ନିଜ ପିଲାଙ୍କଠାରେ ଛୋଟ ବେଳୁ ଗଠନ କରିପାରିବେ। ନିଜ ପିଲାଙ୍କୁ ଆର୍ଥିକ ଭାବେ ସ୍ୱାଧୀନ କରିବା ପାଇଁ ଆପଣ ନିମ୍ନଲିଖିତ କେତୋଟି ସରଳ ଟିପ୍‌ସ ବ୍ୟବହାର କରିପାରିବେ।



### ୧ ଆର୍ଥିକ ଚିନ୍ତନକୁ ପ୍ରୋତ୍ସାହିତ କରୁଥିବା ଖେଳସବୁ ଖେଳନ୍ତୁ

ନିଜ ପିଲାଙ୍କୁ ଟଙ୍କାପଇସା ସମ୍ପର୍କିତ ଶିକ୍ଷା ପ୍ରଦାନ କରିବାରେ ଖେଳରୁ ଭଲ ଉପାୟ ଆଉ କ'ଣ ଅଛି ? ସେଇ ପୁରୁଣା ଓ ଆମର ଅତି ପରିଚିତ ବୋର୍ଡ ଗେମ୍ ଯେପରି ମୋନୋପଲି ଏବଂ ଛୋଟପିଲାଙ୍କ ପାଇଁ ଉଦ୍ଦିଷ୍ଟ ସେହିଭଳି ଗେମ୍‌ସ ପିଲାଙ୍କଠାରେ ଆର୍ଥିକ ଚିନ୍ତନକୁ ଉଦ୍ଦୀପିତ କରିଥାଏ। ଅଧିକନ୍ତୁ, ଆପଣ ମଧ୍ୟ ସେମାନଙ୍କ ସହିତ ଭଲ ସମୟ ବିତାଇଥାନ୍ତି।

### ୨ ମୌଳିକ ଆର୍ଥିକ ଶୃଙ୍ଖଳାର ଶିକ୍ଷା ଦେବା ପାଇଁ ଆପ୍‌ସଗୁଡ଼ିକର ଉପଯୋଗ କରନ୍ତୁ

ଟେକ୍ନୋଲୋଜିର ସବୁ ସଂସ୍ପର୍ଶ ଖରାପ ନୁହେଁ! ଯଦି ଆପଣଙ୍କ ପିଲା ସ୍ମାର୍ଟ ଉପକରଣଗୁଡ଼ିକୁ ନିପୁଣତାର ସହ ବ୍ୟବହାର କରିପାରୁଛନ୍ତି, ତେବେ ସରଳ ଆର୍ଥିକ ଆପ୍‌ସଗୁଡ଼ିକ ସହ ସେମାନଙ୍କୁ ପରିଚିତ କରାନ୍ତୁ, ଯାହା ସେମାନଙ୍କୁ ବଜେଟିଂ ଓ ଖର୍ଚ୍ଚ ଉପରେ ନଜର ରଖିବାର ମୌଳିକତା ଶିଖାଇବା ଯାହାଦ୍ୱାରା ସେମାନଙ୍କଠାରେ ଉତ୍ତମ ଆର୍ଥିକ ଅଭ୍ୟାସ ବିକଶିତ ହୋଇପାରିବ।





### ୩ ଟଙ୍କାପଇସା ସମ୍ପର୍କରେ ଶିକ୍ଷାପ୍ରଦାନ କରିବା ପାଇଁ ପକେଟ୍ ଖର୍ଚ୍ଚକୁ ବ୍ୟବହାର କରନ୍ତୁ

ଆପଣଙ୍କ ପିଲାମାନେ ସବୁବେଳେ ଅଧିକ ପକେଟ ଖର୍ଚ୍ଚ ପାଇଁ ଜିଦି କରୁଛନ୍ତି କି ? ଆପଣଙ୍କ ପାଇଁ ଛୋଟ ଛୋଟ ଘର କାମ କରି ସେମାନେ କିପରି ସେହି ଅତିରିକ୍ତ ଟଙ୍କା "ଆୟ" କରିପାରିବେ ତାହା ସେମାନଙ୍କୁ ଦେଖାନ୍ତୁ।

### ୪ ବିଫଳତା ପାଇଁ ଜାଗା ରଖନ୍ତୁ

ନିଜ ପିଲାଙ୍କୁ ଆର୍ଥିକ ଭାବେ ସ୍ୱାଧୀନ କରିବା ପାଇଁ ଆପଣଙ୍କ ପ୍ରୟାସ ସତ୍ତ୍ୱେ ମଧ୍ୟ ଯଦି ସେମାନେ କେବେ କେମିତି କିଛି ଭୁଲ୍ ଯେପରି ଅତ୍ୟଧିକ ଖର୍ଚ୍ଚ ଓ ବଦ୍‌ଖର୍ଚ୍ଚ କରିବାରେ ଲିପ୍ତ ହେବାର ଦେଖିବାକୁ ପାଇପାରନ୍ତି। ଏପରି ସମୟରେ ସେମାନଙ୍କୁ ଭର୍ତ୍ସନା କିମ୍ବା ଦଣ୍ଡିତ କରିବା ପରିବର୍ତ୍ତେ, ଏହ ଅବସରକୁ ଏକ ସୁଯୋଗ ଭାବେ ନେଇ ଟଙ୍କା ପରିଚାଳନା ସମ୍ପର୍କରେ ଶିକ୍ଷା ଦିଅନ୍ତୁ।





### ୫ ଦୀର୍ଘ ମିଆଦରେ ଧୈର୍ଯ୍ୟ ଫଳପ୍ରଦ ହୋଇଥାଏ

ଶେଷରେ, ଯାହା ବି ହୋଇଯାଉ ନା କାହିଁକି ଏସ୍‌ଆଇପି ମାଧ୍ୟମରେ ନିୟମିତ ଭାବେ ଦୀର୍ଘକାଳୀନ ନିବେଶ କରିବାର ଅଭ୍ୟାସ ସେମାନଙ୍କଠାରେ ଗଢ଼ନ୍ତୁ। ଆପଣଙ୍କ ପିଲାର ଶିକ୍ଷା ଓ ବାହାଘର ଆପଣଙ୍କର ଦୀର୍ଘକାଳୀନ ଆର୍ଥିକ ଲକ୍ଷ୍ୟ ହୋଇଥିବା ବେଳେ, ଆପଣଙ୍କ ପିଲାର ଦୃଷ୍ଟିକୋଣ ସମ୍ପୂର୍ଣ୍ଣ ଭିନ୍ନ ହୋଇପାରେ, ଯେପରିକି ପ୍ରାଥମିକ ଶିକ୍ଷା ସମାପ୍ତି ପରେ ଡିଏସ୍‌ଏଲ୍‌ଆର୍ କ୍ୟାମେରା କିମ୍ବା ଫ୍ୟାନ୍ସି ଗ୍ୟାଜେଟ୍ ପାଇଁ ସଞ୍ଚୟ କରିବା। ଠିକ୍ ଯେମିତି ସେମାନଙ୍କ ଭବିଷ୍ୟତକୁ ସୁରକ୍ଷିତ କରିବା ପାଇଁ ଧୈର୍ଯ୍ୟର ସହ ଛୋଟ ଛୋଟ ପରିମାଣର ଅର୍ଥରାଶି ନିବେଶ କରିଚାଲିଛନ୍ତି, ଠିକ୍ ସେମିତି ସେମାନଙ୍କୁ ନିଜର ଏସ୍‌ଆଇପି ଚାଲୁ ରଖିବା ପାଇଁ ଉତ୍ସାହିତ କରନ୍ତୁ।

*ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

**ପରବର୍ତ୍ତୀ ସଂସ୍କରଣରେ:** ଅସ୍ଥିରତା ହେଉଛି ନିବେଶ ଜଗତରେ ଏକ ଅବିଚ୍ଛେଦ୍ୟ ଅଙ୍ଗ। ପରବର୍ତ୍ତୀ ସଂସ୍କରଣରେ, ଆମେ ରିସ୍କ ଏବଂ ଅସ୍ଥିରତାକୁ ବୁଝିବା। ଅଧିକନ୍ତୁ, ଅସ୍ଥିର ସମୟରେ ଶାନ୍ତ ରହିବା ପାଇଁ ଆମେ କେତୋଟି ଟିପ୍‌ସ ଉପରେ ନଜର ପକାଇବା।

**f LIVE** ଏହି ମଜାଦାର ବିଷୟରେ ଆହୁରି ଅନେକ ଜାଣିବା କଥା ରହିଛି। "ଅସ୍ଥିରତାର ମୁକାବିଲା ପାଇଁ ଶାନ୍ତ ରୁହନ୍ତୁ ଏବଂ ବିବିଧକରଣ କରନ୍ତୁ" ଉପରେ ଲାଇଭ୍ ଶୋ'କୁ ହାତଛଡ଼ା କରନ୍ତୁ ନାହିଁ – କେବଳ ୟୁଟିଆଇ ସ୍ୱତନ୍ତ୍ର ଫେସ୍‌ବୁକ୍ ଲାଇଭ୍‌ରେ ୨୨ ନଭେମ୍ବର ୨୦୧୮ ଅପରାହ୍ନ ୪.୩୦ ଘଟିକା ପରଠାରୁ ।

ମ୍ୟୁଚୁଆଲ ଫଣ୍ଡ ନିବେଶ ବଜାରର ରିସ୍କ ଉପରେ ନିର୍ଭର କରିଥାଏ, ସ୍କିମ୍ ସମ୍ପର୍କିତ ସମସ୍ତ କାଗଜପତ୍ରକୁ ଯତ୍ନର ସହିତ ପଢ଼ନ୍ତୁ ।





ଆପଣଙ୍କ ମ୍ୟୁଚୁଆଲ୍ ଫଣ୍ଡ ବିତରକଙ୍କୁ ସମ୍ପର୍କ କରନ୍ତୁ ବା 8655019940 ରେ ମିସ୍‌ଡ କଲ୍ ଦିଅନ୍ତୁ ।

ଯେବେ ପିଲାଙ୍କ ସ୍ୱପ୍ନ ବୁଦ୍ଧିମାନର ସହିତ ବିତ୍ତପୋଷିତ ହୋଇଥାଏ, ତାହା ଭବିଷ୍ୟତର ବଡ଼ ସଫଳତା ବନିଥାଏ । 25 ବର୍ଷ ହେଲା ୟୁଟିଆଇ ଚିଲ୍ଡ୍ରେନ୍ କ୍ୟାରିୟର ଫଣ୍ଡ ଉପରେ 30 ଲକ୍ଷ# ନିବେଶକ ଭରସା କରିଛନ୍ତି । ନିଜ ପିଲାର ଭବିଷ୍ୟତ ଏବଂ ଆମ ଦେଶର ଭବିଷ୍ୟତକୁ ସୁରକ୍ଷିତ ରଖିବା ପାଇଁ ମାତା ପିତାଙ୍କ ସହିତ ଯୋଡ଼ି ହେବା ଆମର ସମ୍ମାନ ଅଟେ ।

SMS "UTICCF" to 5676756 | www.utimf.com

**ୟୁଟିଆଇ ଚିଲଡ୍ରେନ୍ କ୍ୟାରିୟର ଫଣ୍ଡ**

ୟୁଟିଆଇ ଚିଲଡ୍ରେନ୍ କ୍ୟାରିୟର ଫଣ୍ଡ ଅନ୍ତତଃ 5 ବର୍ଷ ପାଇଁ ଲକ୍-ଇନ୍ ସହିତ ବା ପିଲା ପରିପକ୍ୱତା ବୟସକୁ ଛୁଇଁବା ପର୍ଯ୍ୟନ୍ତ (ଯେଉଁଟି ପ୍ରଥମ ଅଟେ) ନିବେଶ ପାଇଁ ଏକ ଓପନ୍-ଏଣ୍ଡେଡ୍ ଫଣ୍ଡ ଅଟେ ।
#ବର୍ତ୍ତମାନର ନିବେଶକ: 30 ସେପ୍ଟେମ୍ବର 2018 ସୁଦ୍ଧା 23,09,495

ୟୁଟିଆଇ ଚିଲଡ୍ରେନ୍ କ୍ୟାରିୟର ଫଣ୍ଡ – ସେଭିଂସ୍ ପ୍ଲାନ୍
ଏହି ଉତ୍ପାଦ ସେହି ନିବେଶକଙ୍କ ପାଇଁ ଉପଯୁକ୍ତ ଯିଏ ଚାହାନ୍ତି:*
- ଦୀର୍ଘକାଳୀନ ପୁଞ୍ଜି ବୃଦ୍ଧି
- ଇକ୍ୱିଟୀ ଇନ୍‌ଷ୍ଟ୍ରୁମେଣ୍ଟସ (ଅଧିକତମ-40%) ଏବଂ ଡେବ୍ଟ ଇନ୍‌ଷ୍ଟ୍ରୁମେଣ୍ଟସରେ ନିବେଶ

*ଉକ୍ତ ଉତ୍ପାଦ ତାଙ୍କ ପାଇଁ ଉଚିତ୍ ଅଟେ ବା ନାହିଁ ଏହା ଜାଣିବା ପାଇଁ ନିବେଶକଙ୍କୁ ସେମାନଙ୍କ ବିତ୍ତୀୟ ପରାମର୍ଶଦାତାଙ୍କ ସହିତ ଅବଶ୍ୟ ପରାମର୍ଶ କରିବା ଉଚିତ ।



ମ୍ୟୁଚୁଆଲ୍ ଫଣ୍ଡ ନିବେଶ ବଜାର ଆପଦ ଅଧୀନ ଅଟେ, ସମସ୍ତ ସ୍କିମ୍ ସମ୍ବନ୍ଧିତ ଦସ୍ତାବିଜ୍‌କୁ ଧ୍ୟାନ ସହକାରେ ପଢନ୍ତୁ।

Scan this QR code to start investing in UTI Children's Career Fund.



ଯୋଗ୍ୟ ଲୋକର କାମ ବହୁ ସମୟ ପରେ ଯାଇ ଆଦୃତ ହୋଇଥାଏ।
- ଆଲ୍‌ବର୍ଟ ଆଇନଷ୍ଟାଇନ୍



## ଆଜି କ’ଣ କେଉଁଠି

**ଭୁବନେଶ୍ୱର**

- ହକି ବିଶ୍ୱକପ୍ ଉପଲକ୍ଷେ ଦଳଗତ ଚିତ୍ରକଳା ପ୍ରଦର୍ଶନୀ, ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରି, ପୂର୍ବାହ୍ନ ୧୦ଟାରୁ ରାତି ୭ଟା ୩୦।
- ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ସାହିତ୍ୟ ଓ ସଂସ୍କୃତି ଉତ୍ସବର ପ୍ଲାଟିନମ୍ ଜୁବୁଲି, ବିଶ୍ୱବିଦ୍ୟାଳୟ ଏମ୍‌କେସିଜି ଅଡିଟୋରିୟମ୍, ପୂର୍ବାହ୍ନ ୧୦ଟା।
- ସିଟି ଗ୍ୟାସ୍ ବଣ୍ଟନ (ସିଜିଡି) ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ, ହୋଟେଲ ଟ୍ରାଇଡେଣ୍ଟ, ପୂର୍ବାହ୍ନ ୧୧ଟା ୩୦।
- ଏକକ ଚିତ୍ରକଳା ପ୍ରଦର୍ଶନୀ ‘ଦ ଅଲ୍‌ଟିମେଟ୍ ଏକ୍ସପ୍ରେଶନ୍’, ରାଷ୍ଟ୍ରୀୟ ଲଳିତ କଳା ଏକଡେମୀ ଆଞ୍ଚଳିକ କେନ୍ଦ୍ର, ପୂର୍ବାହ୍ନ ୧୧ଟା ୩୦ରୁ ରାତି ୭ଟା।
- କବ୍ ବୁଲ୍‌ବୁଲ୍ ଉତ୍ସବ, ଭାରତ ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସ ରାଜ୍ୟ ମୁଖ୍ୟାଳୟ, ୟୁନିଟ୍-୩, ଅପରାହ୍ନ ୪ଟା ୩୦।
- ବିପ୍ଳବୀ କବି ମନମୋହନ ମିଶ୍ରଙ୍କ ମହାପ୍ରୟାଣ ଦିବସରେ ସାହିତ୍ୟ ସନ୍ଧ୍ୟା, ଲୋହିଆ ଏକାଡେମୀ, ସନ୍ଧ୍ୟା ୬ଟା।
- ସୁବାର୍ତ୍ତା ପକ୍ଷରୁ ପୂଜ୍ୟପୂଜା କାର୍ଯ୍ୟକ୍ରମ, ରାଜ୍ୟ ଅଭିଲେଖାଗାର, ସନ୍ଧ୍ୟା ୬ଟା।
- ଶ୍ରୀ ବିନାୟକ ୟୁଥ୍ ଆସୋସିଏଶନ, ନୟାପଲ୍ଲୀ ନୂଆସାହି ପକ୍ଷରୁ ଶ୍ରୀ ରାଧାକୃଷ୍ଣଙ୍କ ପୂଜା, ସନ୍ଧ୍ୟା ଆଳତି, ନୂଆସାହି ପୋଷ୍ଟ ଅଫିସ୍ ଛକ, ସନ୍ଧ୍ୟା ୬ଟା ୧୫।
- ଭୁବନେଶ୍ୱର ମ୍ୟୁଜିକ୍ ସର୍କଲର ବାର୍ଷିକ ସଙ୍ଗୀତ ମହୋତ୍ସବ-୨୦୧୮ ଉଦ୍‌ଘାଟନ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଭାରତୀୟ ବିଦ୍ୟାଭବନ ଓ ଇନ୍ଫୋସିସ୍ ଫାଉଣ୍ଡେଶନ ପକ୍ଷରୁ ଲୁପ୍ତପ୍ରାୟ ଲୋକକଳାର ୬୧ତମ ସନ୍ଧ୍ୟାରେ ‘ରାସଲୀଳା ମାନଭଞ୍ଜନ’, ଭାରତୀୟ ବିଦ୍ୟାଭବନ ମୁକ୍ତମଞ୍ଚ, ଖାରବେଳନଗର, ୟୁନିଟ୍-୩, ସନ୍ଧ୍ୟା ୬ଟା ୩୦।
- ପିକକ୍ ପକ୍ଷରୁ ୨୯ତମ ଶିଶୁମେଳା, ଏକାମ୍ର ହାଟ, ରାତି ୭ଟା।
- ଶ୍ରୀ ନୃତ୍ୟୋତ୍ସବ, ଭଞ୍ଜ କଳାମଣ୍ଡପ, ରାତି ୭ଟା।

**କଟକ**

- ଓଡ଼ିଶା ହାଇକୋର୍ଟର ନୂତନ ବିଚାରପତିଙ୍କ ଶପଥଗ୍ରହଣ ଉତ୍ସବ, ହାଇକୋର୍ଟ ପୁରୁଣା କୋଠାର ନୂତନ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୦ଟା ୧୫।
- ତୃତୀୟ ଅଲ୍ ଇଣ୍ଡିଆ ପୋଲିସ ଜୁଡୋ କ୍ଲଷ୍ଟରର ଉଦ୍‌ଯାପନୀ ସମାରୋହ, ରାଜ୍ୟ ପୋଲିସ ମୁଖ୍ୟାଳୟ ପରେଡ୍ ପଡ଼ିଆ, ବକ୍ସିବଜାର, ଅପରାହ୍ନ ୪ଟା।

**ପୁରୀ**

- ଶ୍ରୀଗୁଣ୍ଡିଚା ଆଧାତ୍ମିକ ଟ୍ରଷ୍ଟ ଓ ଭାଷା ସୁରକ୍ଷା ପ୍ରତିଷ୍ଠାନ ମିଳିତ ଆନୁକୂଲ୍ୟରେ କାଳିଦାସ ସାହିତ୍ୟ ଓ ଶ୍ରୀଜଗନ୍ନାଥ ସଂସ୍କୃତି ଶୀର୍ଷକ ଆଲୋଚନାଚକ୍ର, ରାଣୀସତୀ ଭବନ, ସନ୍ଧ୍ୟା ୬ଟା।
- ଶ୍ରୀମଦ୍ ଭାଗବତ ସପ୍ତାହ ଓ ପାରାୟଣ, ଦଇତାପଡ଼ା ସାହି, ସନ୍ଧ୍ୟା ୬ଟା।

**ଖୋର୍ଦ୍ଧା**

- ଖୋର୍ଦ୍ଧା ଜିଲା ଲୋକ ଉତ୍ସବର ୬ଷ୍ଠ ସନ୍ଧ୍ୟା, ଗୁରୁଜଙ୍ଗ ଖେଳପଡ଼ିଆ, ସନ୍ଧ୍ୟା ୬ଟା।

**ବାଲିଅନ୍ତା**

- ରାଧାକୃଷ୍ଣ ସାଂସ୍କୃତିକ ପରିଷଦ ପକ୍ଷରୁ ଭଜନ ପ୍ରତିଯୋଗିତା, ଦଣ୍ଡିଲୋ ରାସ ମଣ୍ଡପ, ସନ୍ଧ୍ୟା ୬ଟା।
- ମା’ ଖରାଖାଇ ନାଟ୍ୟ ପରିଷଦ ପକ୍ଷରୁ ନାଟକ ‘ରାମ ବନବାସ କାହାଣୀ’, ହଂସପାଳ, ରାତି ୧୧ଟା।
- କାର୍ତ୍ତିକେଶ୍ୱର ପୂଜା ଉପଲକ୍ଷେ ଫ୍ରିସେଲ୍ ଅପେରା ପରିବେଷଣ, ରୁଦ୍ରପୁର-ସୁନ୍ଦରପାଟଣା ପୂଜାମଣ୍ଡପ, ରାତି ୧୧ଟା।

**ସାକ୍ଷୀଗୋପାଳ**

- ସାକ୍ଷୀଗୋପାଳଙ୍କ ଲକ୍ଷ୍ମୀନାରାୟଣ ବେଶ ଦର୍ଶନ, ମନ୍ଦିର ପରିସର, ସକାଳ ୭ଟା।
- କାର୍ତ୍ତିକ ମେଳା ଓ ରୁଦ୍ରାଭିଷେକ, ଅଳଗୁମ ଗଡିଶ୍ୱର ଦେବଙ୍କ ମନ୍ଦିର, ସକାଳ ୯ଟା।
- ଶ୍ରୀରାଧା ଉତ୍ସବ ଉଦ୍‌ଯାପନ, ପଞ୍ଚସଖା ମୁକ୍ତାକାଶ ରଙ୍ଗମଞ୍ଚ, ରାତି ୧୦ଟା।

### ଘରୋଇ ହସ୍ପିଟାଲରେ ରୋଗୀଙ୍କ ଜୀବନ ସହ ଖେଳ

# ବ୍ୟବହୃତ ଗ୍ଲୋଭ୍‌ସରେ ରୋଗୀ ଚିକିତ୍ସା

କଟକ ଅଫିସ, ୧୮।୧୧



- ପ୍ରମାଣ ସହ ଅଭିଯୋଗ ଉଠାଇଲା ସାମାଜିକ ଅନୁଷ୍ଠାନ
- ସ୍ୱାସ୍ଥ୍ୟ ମନ୍ତ୍ରୀ, ସଚିବ ଓ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯିବ

ରୋଗୀଙ୍କୁ ଚିକିତ୍ସା କଲାବେଳେ ବ୍ୟବହୃତ ଗ୍ଲୋଭ୍‌ସକୁ ଧୋଇଧାଇ ସଫା ଚିକ୍କଣ କରାଯାଉଛି। ଏହାପରେ ଏଥିରେ ଏକ ପାଉଡର ଲଗାଯାଇ ଅନ୍ୟ ରୋଗୀଙ୍କ ଚିକିତ୍ସାରେ ବ୍ୟବହୃତ କରାଯାଉଛି। ଉକ୍ତ ଗ୍ଲୋଭ୍‌ସକୁ ଡାକ୍ତର ଓ ନର୍ସମାନେ ହାତରେ ପିନ୍ଧି ଅପରେଶନଠାରୁ ଆରମ୍ଭ କରି ବିଭିନ୍ନ ଚିକିତ୍ସା କରୁଛନ୍ତି। କଟକର ବିଭିନ୍ନ ଘରୋଇ ହସ୍ପିଟାଲରେ ରୋଗୀଙ୍କ ଜୀବନ ସହ ଏଭଳି ସାଂଘାତିକ ଖେଳ ଖେଳାଯାଉଛି। ସାମାଜିକ ଅନୁଷ୍ଠାନ ସେବକ ପକ୍ଷରୁ ସହରର କେତେକ ନର୍ସିଂହୋମ୍‌ରୁ ଉତ୍ତୋଳିତ ଫଟୋ ଓ ସଂଗୃହୀତ କିଛି ପ୍ରମାଣମୂଳକ ତଥ୍ୟରୁ ଏହା ଜଣାପଡିଛି। ଏ ସମ୍ପର୍କରେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ବିଭାଗ ସଚିବ, ଡିଏମ୍‌ଇଟିଙ୍କ ସମେତ ଜିଲାପାଳ ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସଂଗଠନ ସମ୍ପାଦକ ଅଚ୍ୟୁତ କୁମାର ସାହୁ କହିଛନ୍ତି।

ସୂଚନାଥାଉକି, ଅପରେଶନଠାରୁ ଆରମ୍ଭ କରି ବିଭିନ୍ନ ଚିକିତ୍ସା ସମୟରେ ଡାକ୍ତର ଓ ନର୍ସମାନେ ଗ୍ଲୋଭ୍‌ସ ବ୍ୟବହାର କରିଥାନ୍ତି। ଗ୍ଲୋଭ୍‌ସ ଥରେ ବ୍ୟବହାର କରାଯିବା ପରେ ତାହାକୁ ମେଡିକାଲର ଡଷ୍ଟବିନ୍‌ରେ ପକାଯାଇଥାଏ। ହେଲେ ଘରୋଇ ହସ୍ପିଟାଲଗୁଡିକରେ ବ୍ୟବହୃତ ଗ୍ଲୋଭ୍‌ସଗୁଡିକ ଡଷ୍ଟବିନ୍‌ରେ ପଡିବା ପରେ କାର୍ଯ୍ୟରତ କର୍ମଚାରୀମାନେ ସେଗୁଡିକୁ କାଢ଼ି ରଖିଥାନ୍ତି। ତାହାକୁ ଧୁଆଯିବା ପରେ ଶୁଖାଇ ସେଥିରେ ଏକ ପ୍ରକାର ପାଉଡର ଲଗାଇଥାନ୍ତି। ଡାକ୍ତର କିମ୍ବା ନର୍ସମାନେ ଅପରେଶନ ପାଇଁ ଯିବାବେଳେ ନର୍ସିଂହୋମ କର୍ମଚାରୀମାନେ ତାହାକୁ ପୁଣି ବଢ଼ାଇ ଦେଇଥାନ୍ତି। ଜାଣତରେ ହେଉ ଅବା ଅଜାଣତରେ ସବୁବେଳେ ବ୍ୟସ୍ତତା ଭିତରେ ରହୁଥିବା ଡାକ୍ତରମାନେ ମଧ୍ୟ ତାହାକୁ ବ୍ୟବହାର କରି ରୋଗୀ ଚକିତ୍ସା କରିଥାନ୍ତି। ଗୋଟିଏ କି ଦୁଇଟି ଘରୋଇ ହସ୍ପିଟାଲ ନୁହେଁ, କଟକର ଅଧିକାଂଶ ଘରୋଇ ହସ୍ପିଟାଲ ଓ ନର୍ସିଂହୋମରେ ଏଭଳି ବ୍ୟବହୃତ ଗ୍ଲୋଭ୍‌ସଗୁଡିକୁ ଚିକିତ୍ସା କ୍ଷେତ୍ରରେ ରୀତିମତ ବ୍ୟବହାର କରାଯାଉଥିବା ସାହୁ ଅଭିଯୋଗ କରିଛନ୍ତି। ସେ କୁହନ୍ତି, ଏହା ରୋଗୀମାନଙ୍କ ପାଇଁ ବିପଦ। ଥରେ ଗୋଟିଏ ଗ୍ଲୋଭ୍‌ସ ଜଣେ ରୋଗୀଙ୍କ କ୍ଷେତ୍ରରେ ବ୍ୟବହୃତ ହେବା ପରେ ତାହାକୁ ସଂକ୍ରମିତଭାବେ ବିଚାର କରାଯାଏ। ତେଣୁ ତାହାକୁ ନଷ୍ଟ କରାଯାଇଥାଏ ବୋଲି ଏସ୍‌ସିବି ମେଡିକାଲର ପ୍ରଫେସରମାନେ ମତ ଦେଇଛନ୍ତି। ଏ ସମ୍ପର୍କରେ ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଭୂତି ଭୂଷଣ ନାୟକ କୁହନ୍ତି, ମୋ ପାଖରେ ଏଭଳି କୌଣସି ଅଭିଯୋଗ ହୋଇନାହିଁ। ତଥାପି ଏ ସମ୍ପର୍କରେ ମୁଁ ତଦାରଖ କରିବି ବୋଲି ସେ କହିଛନ୍ତି।

## ଏସ୍‌ସିବି ନାଁରେ ବି ଅଭିଯୋଗ ଥିଲା

ଏସ୍‌ସିବି ମେଡିକାଲରେ ମଧ୍ୟ ବ୍ୟବହୃତ ଉପକରଣକୁ ଏକାଧିକ ରୋଗୀଙ୍କ ଚିକିତ୍ସାରେ ଲଗାଯାଉଥିଲା। କେବଳ ଗ୍ଲୋଭ୍‌ସ ନୁହେଁ, ବ୍ୟବହୃତ ସିରିଞ୍ଜ, ସାଲାଇନ ପାଇପ୍ ଆଦିର ଏକାଧିକଥର ବ୍ୟବହାର କରାଯାଉଥିବା ନେଇ ବର୍ଷକ ତଳେ ଅଭିଯୋଗ ଆଣିଥିଲେ ପରିବେଶବିତ୍ ସଂଗ୍ରାମ କେଶରୀ ରାଉତ। ଏହାର ପ୍ରତିବାଦ କରିବା ସହ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏସ୍‌ସିବିରେ ବ୍ୟବହୃତ ସିରିଞ୍ଜଗୁଡିକୁ ମେଡିକାଲ ଡଷ୍ଟବିନ୍‌ରୁ ସଂଗ୍ରହ କରାଯାଇ ତାହାକୁ ପୁଣି ଥରେ ପ୍ୟାକିଂ କରି ରୋଗୀଙ୍କ କ୍ଷେତ୍ରରେ ବ୍ୟବହାର କରାଯାଉଥିଲା। ଏସ୍‌ସିବି ଜରୁରିକାଳୀନ ଅଧିକାରୀ ଡାକ୍ତର ଭୁବନାନନ୍ଦ ମହାରଣା କୁହନ୍ତି, ସିରିଞ୍ଜ ବ୍ୟବହାର କରାଯିବା ପରେ ତାହାକୁ ତୁରନ୍ତ ନଷ୍ଟ କରିବା ପାଇଁ ପ୍ରତ୍ୟେକ ୱାର୍ଡରେ ବ୍ୟବସ୍ଥା କରାଯାଇଛି। ଏସ୍‌ସିବିରେ ଜଣେ ଚାହିଁଲେ ବି ସେମିତି କରିପାରିବ ନାହିଁ। କାରଣ କ୍ୟାମେରା ଆଗରେ ସିଏ ଧରାପଡ଼ିଯିବ।

### ପଦାରେ ପଡ଼ିଲା ପୋଲିସର ଢିଲା ସୁରକ୍ଷା

# ମାଜିଷ୍ଟ୍ରେଟ୍‌ଙ୍କ ଘର ଆଗରୁ ଚମ୍ପଟ ମାରିଲେ ଅଭିଯୁକ୍ତ

ଭୁବନେଶ୍ୱର, ୧୮।୧୧(ବ୍ୟୁରୋ)

ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରିବା ସମୟରେ ପୋଲିସର ଢିଲା ସୁରକ୍ଷା ବ୍ୟବସ୍ଥା ପୁଣି ଥରେ ପଦାରେ ପଡ଼ିଛି। ଏହି କାରଣ ପାଇଁ ରବିବାର ଜଣେ ଅଭିଯୁକ୍ତ ପୋଲିସ ହେପାଜତରୁ ଚମ୍ପଟ ମାରିଛନ୍ତି। ଜିଆରପି ରବିବାର ୨ ଅଭିଯୁକ୍ତଙ୍କୁ କ୍ୟାପିଟାଲ ଥାନା ୟୁନିଟ୍-୨ସ୍ଥିତ ମାଜିଷ୍ଟ୍ରେଟଙ୍କ ଘରକୁ ହାଜର କରିବାକୁ ନେଉଥିବାବେଳେ ଏହି ଘଟଣା ଘଟିଛି।

ସୂଚନା ଅନୁଯାୟୀ, ରେଲୱେ ପୋଲିସ ଶନିବାର ରାତିରେ ୨ ଜଣ ଟ୍ରେନ ଲୁଟେରାଙ୍କୁ ଗିରଫ କରିଥିଲା। ଅଭିଯୁକ୍ତଦ୍ୱୟଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସା କରାଯିବା ପରେ ରବିବାର ସନ୍ଧ୍ୟାରେ ମାଜିଷ୍ଟ୍ରେଟଙ୍କ ନିକଟରେ ହାଜର କରିବାକୁ ନେଇଥିଲା। ରାତି ପ୍ରାୟ ୭ଟାରେ ମାଜିଷ୍ଟ୍ରେଟ୍‌ଙ୍କ ଘର ଆଗରେ ପୋଲିସ ଭ୍ୟାନ୍ ରଖି ଦୁଇ ଲୁଟେରାଙ୍କୁ ହାତକଡି ପକାଇ ଭିତରକୁ ନେଇଥିଲା। ମାଜିଷ୍ଟ୍ରେଟ୍ ଘର ଭିତରେ ଥିବାବେଳେ ପୋଲିସ ୨ ଅଭିଯୁକ୍ତଙ୍କୁ ଧରି ବାରଣ୍ଡାରେ ଅପେକ୍ଷା କରିଥିଲା। ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ କର୍ମଚାରୀମାନେ ଗପସପ କରୁଥିଲେ। ଏହାର ସୁଯୋଗ ନେଇ ଜଣେ ଅଭିଯୁକ୍ତ କୌଶଳକ୍ରମେ ହାତକଡ଼ି ଖୋଲି ଦେଇଥିଲେ। କିନ୍ତୁ ପୋଲିସ କର୍ମଚାରୀ ଜାଣିପାରି ନ ଥିଲେ। ଫଳରେ ଅଭିଯୁକ୍ତ ଜଣକ ପୋଲିସ ହେପାଜତରୁ ଖସିଯାଇ ପାଚେରି ଡେଇଁ ଫେରାର ହୋଇଯାଇଥିଲେ। ମାଜିଷ୍ଟ୍ରେଟ ଆସିବା ପରେ ଜଣେ ଲୁଟେରା ଖସି ଯାଇଥିବା ଜାଣି ଅସନ୍ତୋଷ ପ୍ରକାଶ କରିଥିଲେ। ପୋଲିସର ଢିଲା ସୁରକ୍ଷା ପାଇଁ ଅଭିଯୁକ୍ତ ଖସିଯାଇଥିବା ଦର୍ଶାଇ ମାଜିଷ୍ଟ୍ରେଟ କର୍ମଚାରୀମାନଙ୍କୁ ତାଗିଦ କରିବା ସହ ଅଭିଯୁକ୍ତଙ୍କୁ ତୁରନ୍ତ ଧରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ପୋଲିସ କର୍ମଚାରୀମାନେ ୟୁନିଟ-୨ ଅଞ୍ଚଳରେ ଏକାଧିକ ବ୍ୟକ୍ତିଙ୍କ ବାଡି ପଛକୁ ଯାଇ ଖୋଜାଖୋଜି କରିଥିଲେ। କିନ୍ତୁ ଅଭିଯୁକ୍ତଙ୍କ ପତ୍ତା ମିଳି ନ ଥିଲା। ଅନ୍ୟପଟେ ଲୁଟେରା ଜଣକ କୁଖ୍ୟାତ ଅପରାଧୀ ହୋଇଥିବାରୁ ପୋଲିସ ସ୍ଥାନୀୟ ଲୋକଙ୍କୁ ସତର୍କ କରାଇଛି। ଏ ନେଇ ଜିଆରପି ଥାନା ଅଧିକାରୀ ଭରତ ସାହୁଙ୍କୁ ପଚାରିବାରୁ ସେ କହିଥିଲେ, ମୁଁ ଛୁଟିରେ ଅଛି। ଘଟଣା ବିଷୟରେ ଶୁଣିବାକୁ ପାଇଛି। କିନ୍ତୁ ବିଶେଷ କିଛି ଜାଣିନାହିଁ।

# ଗୁଞ୍ଜନ ନୃତ୍ୟ, ସଙ୍ଗୀତ ଉତ୍ସବ ଉଦ୍‌ଘାଟିତ

କଟକ ଅଫିସ,୧୮।୧୧

ରାଜ୍ୟର ପ୍ରମୁଖ ନୃତ୍ୟ ଅନୁଷ୍ଠାନ ଗୁଞ୍ଜନ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଶହୀଦ ଭବନରେ ୨୨ତମ ଜାତୀୟ ନୃତ୍ୟ ଓ ସଙ୍ଗୀତ ଉତ୍ସବ ରବିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଏକାଡେମୀର କଳାକାରମାନଙ୍କୁ ନେଇ ଜଗନ୍ନାଥ ମଙ୍ଗଳମ୍ ନୃତ୍ୟରେ ଉତ୍ସବର ଶୁଭାରମ୍ଭ ହୋଇଥିଲା। ପରେ କଳାକାରଙ୍କ ଦ୍ୱାରା ପରିବେଷିତ ଅନେକ ଶାସ୍ତ୍ରୀୟ ନୃତ୍ୟ ଉପସ୍ଥିତ ଦର୍ଶକଙ୍କ ମନ ମୋହିଥିଲା। ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗର ମିଳିତ ଆନୁକୂଲ୍ୟରେ ହେଉଥିବା ଏହି ଉତ୍ସବ ଆସନ୍ତା ୨୦ ତାରିଖରେ ଶେଷ ହେବ। ଉତ୍ସବରେ ଅନୁଷ୍ଠାନର ସମ୍ପାଦିକା ମୀରା ଦାସ ସଭାପତିତ୍ୱ କରିଥିବାବେଳେ ପୋଲିସ କମିଶନର ସତ୍ୟଜିତ ମହାନ୍ତି, ସଂସ୍କୃତି ସଚିବ ମନୋରଞ୍ଜନ ପାଣିଗ୍ରାହୀ, ଗୁରୁ କେଳୁଚରଣ ମହାପାତ୍ର, ଓଡ଼ିଶୀ ରିସର୍ଚ୍ଚ ସେଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ସଙ୍ଗୀତା ଗୋସାଇଁ, ପଦ୍ମଶ୍ରୀ ପ୍ରିୟମ୍ବଦା ମହାନ୍ତି ହେଜମାଦୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶାସ୍ତ୍ରୀୟ ନୃତ୍ୟକୁ ବଞ୍ଚାଇ ରଖିବା କ୍ଷେତ୍ରରେ ଗୁଞ୍ଜନ ଡ୍ୟାନ୍ସ ଏକାଡେମୀର ଏହି ପଦକ୍ଷେପକୁ ପ୍ରଶଂସା କରିଛନ୍ତି। ସସ୍ମିତା ପଣ୍ଡାଙ୍କ ଦ୍ୱାରା ତବ ବିରହେ, ସ୍ୱୀକୃତି ଦାସ ଓ ଭାଗ୍ୟଶ୍ରୀ ଆଇଚଙ୍କ ଦ୍ୱାରା ମଦନ ମୋହନ ସ୍ତୋତ୍ରମଙ୍କ ନୃତ୍ୟ ପ୍ରଦର୍ଶନ ବେଶ ଉଚ୍ଚକୋଟୀର ହୋଇଥିଲା। ପରେ ଶାସ୍ତ୍ରୀୟ ନୃତ୍ୟ ମାଧ୍ୟମରେ ସୃଷ୍ଟି ଶୀର୍ଷକରେ ଏକ ନୃତ୍ୟ ପ୍ରଦର୍ଶିତ ହୋଇଥିଲା। ଶିଶୁକଳାକାରମାନଙ୍କୁ ନେଇ ବଟୁ ନୃତ୍ୟ ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରିଥିଲେ। ବିଶିଷ୍ଟ ସାହିତ୍ୟିକ ଦେବଦାସ ଛୋଟରାୟ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ବିଜୟ ମଲ୍ଲ ଓ ସିନ୍ଧୁ ବ୍ରାଉନ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଗାୟତ୍ରୀ ଦାସ ଧନ୍ୟବାଦ ଦେଇଥିଲେ।



ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।



ଉଦ୍‌ଘାଟନୀ ସନ୍ଧ୍ୟାରେ କଳାକାରଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## କୋଲକାତାରେ ଖୋଲିବ କିସ୍ ଶାଖା

ଭୁବନେଶ୍ୱର, ୧୮।୧୧(ବ୍ୟୁରୋ)

କୋଲକାତାଠାରେ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସେସ୍(କିସ୍)ର ଏକ ଶାଖା ଖୋଲିବ। କିସ୍ ଏବଂ କୋଲ୍‌କାତାର ଏକ ପ୍ରତିଷ୍ଠିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ‘ହେଲ୍‌ପ ଅସ୍, ହେଲ୍‌ପ ଦେମ୍’(ଏଚ୍‌ୟୁଏଚ୍‌ଟି)ର ମିଳିତ ସହଯୋଗରେ ଖୋଲିବାକୁ ଥିବା ଏହି ଶାଖାର ଭୂମିପୂଜା ରବିବାର ଅନୁଷ୍ଠିତ ହୋଇଯାଇଛି। ଆଇଆଇଏମ୍ ଜୋକା ନିକଟରେ ୫ ଏକର ଜମି ଉପରେ ନିର୍ମିତ ହେବାକୁ ଥିବା ଏହି ଆବାସିକ ବିଦ୍ୟାଳୟ ଆସନ୍ତା ଶିକ୍ଷାବର୍ଷଠାରୁ କାର୍ଯ୍ୟକ୍ଷମ ହେବ। ଏଠାରେ ୧ ହଜାର ଗରିବ ଓ ଅବହେଳିତ ପିଲାଙ୍କୁ ମାଗଣା ଶିକ୍ଷା ପ୍ରଦାନ କରାଯିବ। ଏଚ୍‌ୟୁଏଚ୍‌ଟିର ମୁଖ୍ୟ ମୁକ୍ତି ଗୁପ୍ତା କିସ୍-ଭୁବନେଶ୍ୱର ପରିଦର୍ଶନ ସମୟରେ କିସ୍‌କୁ ଦେଖି ବିମୋହିତ ହୋଇଥିଲେ। କିସ୍ ଢାଞ୍ଚାରେ ଏକ ଆବାସିକ ବିଦ୍ୟାଳୟ କୋଲକାତାରେ ଖୋଲିବାକୁ ସେ ନିଷ୍ପତ୍ତି ନେଇଥିଲେ ଏବଂ ଏଥିପାଇଁ ଆଇଆଇଏମ୍ ଜୋକା ନିକଟରେ ୫ ଏକର ଜମି କିଣିଥିଲେ। ସେ ଗରିବ ଓ ଅବହେଳିତ ପିଲାଙ୍କ ପାଇଁ କାର୍ଯ୍ୟ କରୁଥିବାରୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ତାଙ୍କୁ ସର୍ବଦା ପ୍ରୋତ୍ସାହିତ କରିଆସୁଛନ୍ତି। ଗତ ୬ ମାସ ଭିତରେ ମୁକ୍ତି ଗୁପ୍ତା କୋଲ୍‌କାତାରେ ଦୁଇଟି ପାଣ୍ଠି ସଂଗ୍ରହ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଏଥିରେ ଅନୁପ୍ରାଣିତ ହୋଇ ପ୍ରଥମ ପର୍ଯ୍ୟାୟରେ ଗୋଟିଏ କର୍ପୋରେଟ୍ ସେକ୍ଟର ୧୫ କୋଟି ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଅନ୍ୟ ଏକ କର୍ପୋରେଟ୍ ସେକ୍ଟର ୧୦ କୋଟି ଟଙ୍କା ଦାନ କରିଥିଲେ। ପଶ୍ଚିମବଙ୍ଗର ଗରିବ ଓ ଅବହେଳିତ ପିଲାମାନେ କିସ୍ ଶାଖାରେ ପଢ଼ିବାର ସୁଯୋଗ ପାଇବେ ବୋଲି ମୁକ୍ତି କହିଛନ୍ତି।

## ଏକାମ୍ରକ୍ଷେତ୍ରରେ ଏକାଧିକ ପ୍ରକଳ୍ପ ଶୁଭାରମ୍ଭ

# ଆରମ୍ଭ ହେଲା ବିନ୍ଦୁସାଗର ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ’



ପୁରୁଣା ଭୁବନେଶ୍ୱର, ୧୮।୧୧ (ଡି.ଏନ୍.ଏ.)/ ଭୁବନେଶ୍ୱର (ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରୁଣା ଭୁବନେଶ୍ୱର ଅଞ୍ଚଳରେ ରବିବାର ଏକାଧିକ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ସେଗୁଡ଼ିକ ହେଲା ବିନ୍ଦୁସାଗର ଲାଇଟ୍ ଆଣ୍ଡ ସାଉଣ୍ଡ, ଭୁବନେଶ୍ୱର ଆର୍ଟଟ୍ରେଲ, ଲିଙ୍ଗରାଜ ମନ୍ଦିରଠାରୁ ରଥରୋଡ୍ ଲେନ୍ ପର୍ଯ୍ୟନ୍ତ ଆଲୋକୀକରଣ ଏବଂ ଗଙ୍ଗାଯମୁନା ମନ୍ଦିର ନିକଟରେ ଅତ୍ୟାଧୁନିକ ମାର୍କେଟ କମ୍ପ୍ଲେକ୍ସ।

ରାଜ୍ୟ ପର୍ଯ୍ୟଟନ ବିଭାଗର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପ୍ରକଳ୍ପ କାର୍ଯ୍ୟ କରାଯାଇଛି। ଐତିହ୍ୟଭରା ଏକାମ୍ରକ୍ଷେତ୍ର ଭୁବନେଶ୍ୱରର ସୌନ୍ଦର୍ଯ୍ୟକରଣ ଉପରେ ବ୍ୟାପକ ଧ୍ୟାନ ଦିଆଯାଉଛି। ବିନ୍ଦୁସାଗରରେ ଶୁଭାରମ୍ଭ କରାଯାଇଥିବା ଲାଇଟ୍ ଆଣ୍ଡ ସାଉଣ୍ଡ କାର୍ଯ୍ୟ ପାଇଁ ପର୍ଯ୍ୟଟନ ବିଭାଗ ୯ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ପ୍ରାୟ ୪୦ଲକ୍ଷ ଟଙ୍କା ବ୍ୟୟରେ ଲିଙ୍ଗରାଜ ମନ୍ଦିରଠାରୁ ରଥରୋଡ୍ ପର୍ଯ୍ୟନ୍ତ ଆଲୋକୀକରଣ କରାଯାଇଛି। ଏତଦ୍ ବ୍ୟତୀତ ଗୁଆଝରଠାରେ ଭୁବନେଶ୍ୱର ଆର୍ଟଟ୍ରେଲ ଏବଂ ୨୫ କୋଟି ଟଙ୍କା ବ୍ୟୟରେ ଗଙ୍ଗାଯମୁନା ମନ୍ଦିର ନିକଟରେ ଅତ୍ୟାଧୁନିକ ମାର୍କେଟ କମ୍ପ୍ଲେକ୍ସ ମଧ୍ୟ ଶୁଭାରମ୍ଭ କରାଯାଇଛି। ବିନ୍ଦୁସାଗରରେ ହୋଇଥିବା ଲାଇଟ୍ ଆଣ୍ଡ ସାଉଣ୍ଡ ବ୍ୟବସ୍ଥାକୁ ସ୍ଥାନୀୟ ଜନସାଧାରଣ ଏବଂ ପର୍ଯ୍ୟଟକମାନେ ସ୍ୱାଗତ କରିଛନ୍ତି। ଭବିଷ୍ୟତରେ ଏହା ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ ବୋଲି ରାଜ୍ୟ ପ୍ରଶାସନ ଦୃଢୋକ୍ତି ପ୍ରକାଶ କରିଛି। କିଛିଦିନ ପରେ ହକି ବିଶ୍ୱକପ୍ ଅନୁଷ୍ଠିତ ହେବାକୁ ଯାଉଛି। ଏହି ସମୟରେ ପୂର୍ବାପେକ୍ଷା ଅଧିକ ପର୍ଯ୍ୟଟକ ଆସିବେ ବୋଲି ଆଶା କରାଯାଉଛି। ତେଣୁ ରାଜଧାନୀର ବିଭିନ୍ନ ସ୍ଥାନର ସୌନ୍ଦର୍ଯ୍ୟକରଣ ଉପରେ ବ୍ୟାପକ ଗୁରୁତ୍ୱ ଦିଆଯାଉଛି।

ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟମନ୍ତ୍ରୀଙ୍କ ସମେତ ସ୍ଥାନୀୟ ଏମ୍‌ପି ପ୍ରସନ୍ନ ପାଟ୍ଟଶାଣୀ, ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ପଣ୍ଡା, ବିଧାୟକ ବିଜୟ କୁମାର ମହାନ୍ତି ଓ ପ୍ରିୟଦର୍ଶୀ ମିଶ୍ର, ମେୟର ଅନନ୍ତ ନାରାୟଣ ଜେନା, ଡେପୁଟି ମେୟର କେ. ଶାନ୍ତି , ସଂସ୍କୃତି ସଚିବ ବିଶାଲ ଦେବ, ବିଏମ୍‌ସି କମିଶନର କ୍ରିଷ୍ଣନ କୁମାର ଏବଂ ଜିଲାପାଳ ନିର୍ମଳ ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।



ବିନ୍ଦୁସାଗର ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ’କୁ ଉଦ୍‌ଘାଟନ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

# ଆଜିଠୁ ପଞ୍ଚୁକ, ଶ୍ରୀକ୍ଷେତ୍ର ଚଳଚଞ୍ଚଳ

ପୁରୀ ଅଫିସ, ୧୮।୧୧

- ପ୍ରଥମ ଦିନରେ ଲକ୍ଷ୍ମୀନାରାୟଣ ବେଶ ଦେଖିବେ ଭକ୍ତ
- ଅସ୍ଥାୟୀ ବ୍ୟାରିକେଡ ପ୍ରସ୍ତୁତ, ଜଗିବେ ୧୬ ପ୍ଲାଟୁନ ଫୋର୍ସ
- କାର୍ତ୍ତିକ ପୂର୍ଣ୍ଣିମା ପାଇଁ ହେବ ସ୍ୱତନ୍ତ୍ର ପୋଲିସ ବ୍ୟବସ୍ଥା

ସୋମବାରଠାରୁ ଆରମ୍ଭ ହେବ ମହା କାର୍ତ୍ତିକର ପଞ୍ଚୁକ ବ୍ରତ। କାର୍ତ୍ତିକ ଶୁକ୍ଳ ଏକାଦଶୀଠାରୁ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପଞ୍ଚୁକ ବେଶ ଅନୁଷ୍ଠିତ ହେବ। ଆସନ୍ତା ୧୯ ତାରିଖରେ ହରି ଉତ୍‌ଥାପନ ଏକାଦଶୀ। ଏଥିପାଇଁ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତି ସମ୍ପନ୍ନ ହେବା ସହିତ ମହାପ୍ରଭୁଙ୍କ ଠିଆକିଆ ତଥା ଲକ୍ଷ୍ମୀନାରାୟଣ ବେଶ ଅନୁଷ୍ଠିତ ହେବ। ସେହିପରି ୨୦ ତାରିଖରେ ମହାପ୍ରଭୁଙ୍କ ବାଙ୍କଚୂଡ଼, ୨୧ରେ ତ୍ରିବିକ୍ରମ, ୨୨ରେ ଲକ୍ଷ୍ମୀନୃସିଂହ ଏବଂ ୨୩ ତାରିଖ କାର୍ତ୍ତିକ ପୂର୍ଣ୍ଣିମାରେ ରାଜାରାଜେଶ୍ୱର ବେଶ ତଥା ସୁନାବେଶ ଅନୁଷ୍ଠିତ ହେବ।

ଅନ୍ୟପକ୍ଷରେ ପଞ୍ଚୁକ ବ୍ରତ ପାଇଁ ଶ୍ରୀକ୍ଷେତ୍ରରେ ଶ୍ରଦ୍ଧାଳୁ ଏବଂ ହବିଷିଆଳିଙ୍କ ଭିଡ଼ ଜମିବାରେ ଲାଗିଛି। ଚଳଚଞ୍ଚଳ ହୋଇଉଠିଛି ଶ୍ରୀକ୍ଷେତ୍ର। ଏହାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଡିଆଇବି ଡିଏସ୍‌ପି ଉମାକାନ୍ତ ମଲ୍ଲିକଙ୍କ ସୂଚନାନୁଯାୟୀ, ୨ ପର୍ଯ୍ୟାୟରେ ଏକାଦଶୀଠାରୁ ଚତୁର୍ଦ୍ଦଶୀ ଓ କେବଳ କାର୍ତ୍ତିକ ପୂର୍ଣ୍ଣିମା ପାଇଁ ସ୍ୱତନ୍ତ୍ର ପୋଲିସ ବ୍ୟବସ୍ଥା ହୋଇଛି। ଏକାଦଶୀରୁ ଚତୁର୍ଦ୍ଦଶୀ ମଧ୍ୟରେ ପ୍ରତ୍ୟହ ୧୬ ପ୍ଲାଟୁନ ଫୋର୍ସ ମୁତୟନ ରହିବେ। ଏଥିରେ ୪ଜଣ ଅତିରିକ୍ତ ଏସ୍‌ପି, ୭ ଡିଏସ୍‌ପି, ୧୨ ଇନ୍ସପେକ୍ଟର, ୫୬ ଏସ୍‌ଆଇ ଓ ଏଏସ୍‌ଆଇ, ୧୦ ହାବିଲଦାର, ୫୦ କନ୍‌ଷ୍ଟେବଲ ଏବଂ ୧୭୦ଜଣ ହୋମ୍‌ଗାର୍ଡ ରହିଛନ୍ତି। ତେବେ ଏହି ୧୬ ପ୍ଲାଟୁନ ଫୋର୍ସ ମଧ୍ୟରୁ ଶ୍ରୀମନ୍ଦିର ଭିତରେ ୧୩ ପ୍ଲାଟୁନ, ଟ୍ରାଫିକ ନିୟନ୍ତ୍ରଣରେ ୨ ପ୍ଲାଟୁନ ଏବଂ ସମୁଦ୍ର କୂଳରେ ଗୋଟିଏ ପ୍ଲାଟୁନ ମୁତୟନ ରହିବେ। ଶ୍ରୀମନ୍ଦିର ଭିତରେ ଅତିରିକ୍ତ ଏସ୍‌ପି ୨ ଜଣ, ଡିଏସ୍‌ପି ୬, ଇନ୍ସପେକ୍ଟର ୧୦, ଏସ୍‌ଆଇ ଓ ଏଏସ୍‌ଆଇ ୪୮, ହାବିଲଦାର ୧୦, କନଷ୍ଟେବଲ ୫୦ ଏବଂ ହୋମ୍‌ଗାର୍ଡ ୧୦ ଜଣ ନିୟୋଜିତ ହେବେ।

ଭିତର ବେଢ଼ା ଏବଂ ଆନନ୍ଦ ବଜାରରେ ଗହଳି ନିୟନ୍ତ୍ରଣ ପାଇଁ ଫୋର୍ସ ମୁତୟନ କରାଯାଇଛି। ଚୋରି, ଛିନ୍‌ତାଇ ଆଦିକୁ ରୋକିବା ଲାଗି ସାଦା ପୋଷାକଧାରୀ ପୋଲିସ ବିଭିନ୍ନ ସ୍ଥାନରେ ମୁତୟନ ରହିବେ। କାର୍ତ୍ତିକ ପୂର୍ଣ୍ଣିମାରେ ସମାନ ପ୍ରକାର ଦର୍ଶନ ବ୍ୟବସ୍ଥା ରହିବ। କିନ୍ତୁ ପୋଲିସ ଏବଂ ଅଧିକାରୀଙ୍କ ସଂଖ୍ୟା ବଢାଯିବ। ସମୁଦ୍ର କୂଳରେ ମଧ୍ୟ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯିବ। ଭକ୍ତ ଏବଂ ପର୍ଯ୍ୟଟକଙ୍କ ସୁରକ୍ଷିତ ସ୍ନାନ ଲାଗି ମଧ୍ୟ ସତର୍କତା ଅବଲମ୍ବନ କରାଯିବ ବୋଲି ଡିଆଇବି ଡିଏସ୍‌ପି ସୂଚନା ଦେଇଛନ୍ତି।

ସେହିପରି ଗାଡି ପାର୍କିଂ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। ଜଗନ୍ନାଥ ବଲ୍ଲଭ, ପୁରୁଣା ଜେଲ ପଡିଆ, ଶରଧାବାଲି, ଜିଲା ସ୍କୁଲ, ମାଜଣା ଯାଗା, ତାଳବଣିଆରେ ଚାରିଚକିଆ ଯାନ ପାର୍କିଂ ବ୍ୟବସ୍ଥା କରାଯାଇଛି। ଗୋଟିଏ ପାର୍କିଂସ୍ଥଳରେ ଗାଡି ଭର୍ତ୍ତି ହୋଇଗଲେ କ୍ରମାନ୍ୱୟରେ ଅନ୍ୟ ପାର୍କିଂସ୍ଥଳକୁ ପଠାଯିବ। ଗ୍ରାଣ୍ଡରୋଡର ଦୁଇପାର୍ଶ୍ୱରେ ବାଇକ୍‌ପାର୍କିଂ ବ୍ୟବସ୍ଥା ହୋଇଛି। ଶ୍ରଦ୍ଧାଳୁଙ୍କ ସୁରକ୍ଷିତ ଯାତାୟାତ ଲାଗି ଟାଉନ ଥାନାଠାରୁ ଆଗକୁ କାର, ଜିପ ଆଦି ୪ ଚକିଆ ଯାନ ମନ୍ଦିର ଆଡକୁ ଛଡାଯିବ ନାହିଁ।

## ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟବସ୍ଥା

ପୂର୍ବରୁ ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ସ୍ଥାୟୀ ବ୍ୟାରିକେଡ ରହିଥିବାବେଳେ ପଞ୍ଚୁକ ବ୍ରତ ପରିପ୍ରେକ୍ଷୀରେ ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ବାଉଁଶରେ ତିନି ଥାକିଆ ଅସ୍ଥାୟୀ ବ୍ୟାରିକେଡ୍ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପର୍ଯ୍ୟନ୍ତ କରାଯାଇଛି। ଏଥିରେ ଦଫା ଦଫା କରି ଭକ୍ତଙ୍କୁ ଛଡାଯିବ। ଅନ୍ୟପକ୍ଷରେ ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତମାନେ ବାହାରକାଠ ଦର୍ଶନ ସମୟରେ ସିଂହଦ୍ୱାର, ବାଇଶପାହଚ, କୀର୍ତ୍ତନ ଚକଡ଼ା ବ୍ୟାରିକେଡ, ସାତପାହଚ, ଗରୁଡ଼ ସ୍ତମ୍ଭ ଦେଇ ବାହାରକାଠ ନିକଟରେ ଦର୍ଶନ କରି ଗାରଦ ଦ୍ୱାର ଦେଇ ବାହାରିବେ। ଭିତରକାଠ ଦର୍ଶନ ସମୟରେ ଭକ୍ତମାନେ ଗରୁଡ଼ ସ୍ତମ୍ଭ, ଜାଲି ଗେଟ୍ ଏବଂ ଜୟବିଜୟ ଦ୍ୱାର ଦେଇ ଜଗମୋହନ ଭିତରକାଠରେ ଦର୍ଶନ କରି ବେହରଣ ଦ୍ୱାର ଦେଇ ବାହାରିବେ ବୋଲି ଡିଆଇବି ଡିଏସ୍‌ପି ଉମାକାନ୍ତ ମଲ୍ଲିକ ସୂଚନା ଦେଇଛନ୍ତି।




ବିଶ୍ୱ ଶୌଚାଳୟ ଦିବସ ପରିପ୍ରେକ୍ଷୀରେ ରବିବାର ପୁରୀ ବେଳାଭୂମିରେ ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ତିଆରି କରିଥିବା ବାଲୁକା କଳା।

# ଆଜି ସାକ୍ଷୀଗୋପାଳଙ୍କ ଲକ୍ଷ୍ମୀନାରାୟଣ ବେଶ

ସାକ୍ଷୀଗୋପାଳ, ୧୮।୧୧(ଡି.ଏନ୍.ଏ.)

- ସକାଳ ୭ଟାରୁ ସାହାଣମେଲା ଦର୍ଶନ
- ରାତି ୧୨ ଟାରେ ଉଠିବ ମହାଦୀପ

କାର୍ତ୍ତିକ ବଡ଼ ଏକାଦଶୀ ସୋମବାର ଥିବାରୁ ଏହି ଦିନ ସାକ୍ଷୀଗୋପାଳଙ୍କ ଲକ୍ଷ୍ମୀନାରାୟଣ ବେଶ ଅନୁଷ୍ଠିତ ହେବ। ଏହି ଅବସରରେ ମନ୍ଦିର ବେଢ଼ାରେ ପ୍ରସିଦ୍ଧ ଚୁଡାଘସା ଭୋଗ ପ୍ରସ୍ତୁତ କରି ଶ୍ରଦ୍ଧାଳୁମାନେ ଠାକୁରଙ୍କୁ ନୈବେଦ୍ୟ ଦେବେ। ପରମ୍ପରା ଅନୁଯାୟୀ ଆଖପାଖ ଗ୍ରାମର ଶତାଧିକ ସଂକୀର୍ତ୍ତନ ମଣ୍ଡଳୀ ହରିନାମ କୀର୍ତ୍ତନ କରି ବେଢ଼ା ପରିକ୍ରମା କରିବେ। ଅଁଳାନବମୀ ଲାଗି ମନ୍ଦିର ବେଢ଼ା ଓ ସିଂହଦ୍ୱାର ସମ୍ମୁଖରେ କରାଯାଇଥିବା ବ୍ୟାରିକେଡ୍ ହଟାଇ ଦିଆଯାଇଛି। ପଞ୍ଚୁକୋଷୀ ଶ୍ରଦ୍ଧାଳୁଙ୍କ ସମାଗମକୁ ଲକ୍ଷ୍ୟକରି ପୂର୍ବରାତ୍ର ୨ଟାରୁ ମନ୍ଦିର ଦ୍ୱାର ଖୋଲାଯିବ। ସକାଳ ୭ଟା ପୂର୍ବରୁ ଦେବନୀତି ସମ୍ପାଦନ କରାଯାଇ ଲକ୍ଷ୍ମୀନାରାୟଣ ବେଶ ଦର୍ଶନ ନିମନ୍ତେ ମନ୍ଦିରରେ ସାହାଣ ମେଲା କରାଯିବ। ମଙ୍ଗଳ ଆଳତି ପରେ ବେଶ ମଇଲମ, ମର୍ଦ୍ଦନ, ଅବକାଶ, ଲକ୍ଷ୍ମୀନାରାୟଣ ବେଶ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ବଲ୍ଲଭ, ସକାଳଧୂପ, ବାଲଧୂପ, ଆଳତି କରାଯାଇ ମଦନ ମୋହନଙ୍କ ଭୋଗ ପରେ ପ୍ରସିଦ୍ଧ ଚୁଡାଘସା ଭୋଗ ଲାଗି କରାଯିବ। ସିଂହଦ୍ୱାର ଦେଇ ଶ୍ରଦ୍ଧାଳୁମାନେ ଗୋଟିଏ ଧାଡିରେ ଗର୍ଭଗୃହକୁ ଯାଇ ଠାକୁରଙ୍କୁ ଦର୍ଶନ କରିବା ପରେ ବେଢ଼ା ପରିକ୍ରମା କରି ଅବଶିଷ୍ଟ ତିନୋଟି ଦ୍ୱାରରେ ପ୍ରସ୍ଥାନ କରିବେ। ରାତି ୧୧ଟାରେ ବେଶ ମଇଲମ, ବୀରକେଶରୀ ବଲ୍ଲଭ, ସନ୍ଧ୍ୟାଧୂପ ବେଶ, ଏକାଦଶୀ ବେଢ଼ା ଓ ଭୋଗ, ସନ୍ଧ୍ୟାଧୂପ, ବଡସିଂହାର ବେଶ କରାଯାଇ ମନ୍ଦିର ଚୁଡାରେ ମହାଦୀପ ପ୍ରଜ୍ୱଳନ କରାଯିବ। ବଡସିଂହାର ଓ ପୁଷ୍ପାଞ୍ଜଳୀ ନୀତି କରାଯାଇ ଠାକୁରଙ୍କ ପହୁଡ ପଡିବ।

## ସୁଦର୍ଶନଙ୍କ ଦାରୁପୀଠରେ ହେବ ବୋଇତ ବନ୍ଦାଣ ଉତ୍ସବ

**ବାଲକାଟୀ, ୧୮।୧୧(ଡି.ଏନ୍.ଏ.):** ବାଲକାଟୀ ନିକଟ ଗଡ଼କଣ୍ଟୁଣିଆ ସ୍ଥିତ ଶ୍ରୀସୁଦର୍ଶନଙ୍କ ଦାରୁପୀଠରେ ଚଳିତବର୍ଷ ପ୍ରଥମଥର ଲାଗି ବୋଇତ ବନ୍ଦାଣ ଉତ୍ସବ ଆୟୋଜନ ହେବ। ଏହି ଆୟୋଜନକୁ ଭୁବନେଶ୍ୱରର କଳିଙ୍ଗ ସାଧବ ପୁଟୁଳି ବୈଶ୍ୟ ବଣିକ ସମାଜ ପକ୍ଷରୁ ଅନୁଷ୍ଠିତ ହେବ। ଏନେଇ ରବିବାର ଏକ ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନ ତରଫରୁ ସୂଚନା ଦିଆଯାଇଛି। କଳିଙ୍ଗ ସାଧବ ପରମ୍ପରା ସ୍ମୃତିଚାରଣ ନିମନ୍ତେ ଶୁକ୍ରବାର କାର୍ତ୍ତିକ ପୂର୍ଣ୍ଣିମା ପ୍ରତ୍ୟୁଷରୁ ଶ୍ରୀ ସୁଦର୍ଶନଙ୍କ ଦାରୁପୀଠ ଗଡ଼କଣ୍ଟୁଣିଆ କୁଆଖାଇ ନଦୀପଠାରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହେବ। ଭୋର ୩ଟାରୁ ୪ଟା ସମୟରେ ଭଜନ ସମାରୋହ, ୫ଟା ୩୦ରେ ବୋଇତ ବନ୍ଦାଣ ଏବଂ ସକାଳ ୬ଟାରେ ସାଧବ ବଣିକ ସଭା ଅନୁଷ୍ଠିତ ହେବ। ପ୍ରଥମଥର ଲାଗି ଏହି ଆୟୋଜନ ହେଉଥିବାରୁ ବହୁ ସଂଖ୍ୟାରେ ଲୋକେ ଯୋଗଦେବାକୁ ଅନୁଷ୍ଠାନର କୃଷ୍ଣଚନ୍ଦ୍ର ନାୟକ ନିବେଦନ କରିଛନ୍ତି।

# ସଙ୍ଗୀତରେ ଚିତ୍ତ ଜେନାଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୧୮।୧୧(ବ୍ୟୁରୋ)

ସଙ୍ଗୀତ ଜରିଆରେ କଣ୍ଠଶିଳ୍ପୀ ଚିତ୍ତ ଜେନାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛି ସାଂସ୍କୃତିକ ଅନୁଷ୍ଠାନ ସମ୍ଭାବନା। ସୂଚନାଭବନରେ ରବିବାର ସମ୍ଭାବନା ପକ୍ଷରୁ କିଛି ଚିରସବୁଜ ଲତା ସଙ୍ଗୀତକୁ ନେଇ ଆୟୋଜିତ, ‘ସ୍ୱର ସାମ୍ରାଜ୍ଞୀ ସନ୍ଧ୍ୟା’ କାର୍ଯ୍ୟକ୍ରମରେ ଚିତ୍ତ ଜେନାଙ୍କୁ ସମର୍ପିତ ହୋଇଥିଲା ଏକ ସ୍ୱତନ୍ତ୍ର ଅଧ୍ୟାୟ। ସିଦ୍ଧାନ୍ତ ଶତପଥୀଙ୍କ ସ୍ୱରରେ ‘କାହିଁଗଲେ ଶ୍ୟାମଘନ ଏ ଘନ କାଳରେ’ରୁ ଆରମ୍ଭ ହୋଇଥିବା ଏହି ପର୍ଯ୍ୟାୟରେ ସତ୍ୟ ସାର୍ଥକଙ୍କ କଣ୍ଠରେ ‘ମୋ ପ୍ରିୟା ଠାରୁ କିଏ ଅଧିକ ସୁନ୍ଦର’ ଓ ପରେ ପରେ ଈପ୍‌ସିତା ମହାନ୍ତି, ଅଞ୍ଜଳି ଦୀପାଙ୍କ ସହ ଗାୟନରେ ‘ନ ଯା ସଜନୀ’, ‘ତୁମେ ମୋ ରାଧା’ ଶ୍ରୋତାଙ୍କୁ ବେଶ୍ ଭାବପ୍ରବଣ କରିଥିଲା। ଏହା ସହ ‘ଜଳୁଛି ଦୀପାଳି’ ଓ ‘ମୁଁ ଏକ ଭସା ବଉଦ’ ଭଳି ଲୋକପ୍ରିୟ ସଙ୍ଗୀତ ପରିବେଷିତ ହୋଇଥିଲା। ସତ୍ୟବ୍ରତ ମହାପାତ୍ର ଗାଇଥିଲେ ‘ଏ ପରବତ କୁଞ୍ଜ କୁଞ୍ଜକା’। ଏହି ସ୍ୱତନ୍ତ୍ର ସଙ୍ଗୀତ ଭିତ୍ତିକ ସନ୍ଧ୍ୟାରେ ଗାୟିକା ଶ୍ୱେତା ମିଶ୍ର ‘ପିୟା ତୋଷେ ନୈନା ଲାଗେରେ’ ଓ ‘କିସିଲିୟେ ମୈନେ ପ୍ୟାର୍ କିୟା’ ଗାଇଥିଲେ। ସମ୍ଭାବନାର ଟ୍ରଷ୍ଟି ସ୍ମୃତି ମହାନ୍ତିଙ୍କ ପରିଚାଳନା ଓ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗାୟିକା ରିତିକା ରିମ୍‌ଝିମ୍ ‘ଅଜ୍‌ନବୀ କୌନ୍ ହୋ ତୁମ୍’, ‘କୁଛ୍ ଦିଲ୍ ନେ କାହା’, ‘ଏହା ସହ ଅଞ୍ଜଳି ଦୀପା’ ଗାଇଥିଲେ। ଈପ୍‌ସିତା ମହାନ୍ତି, ସତ୍ୟ ସାର୍ଥକ ମହାପାତ୍ର, ସିଦ୍ଧାନ୍ତ ଶତପଥୀଙ୍କ ସ୍ୱରରେ ‘ମେଘାରେ ମେଘାରେ’, ‘ତେରେ ମେରେ ମିଲନ୍ କି ଏ ରୈନା’, ‘ପତଝଡ୍ ସାବନ୍ ବସନ୍ତ ବାହାର’, ‘ଜିନ୍ଦେଗୀ କି ନା ଟୁଟେ ଲଡି’ ଆଦି ଲୋକପ୍ରିୟ ଲତା ସଙ୍ଗୀତ ଖୁବ୍ ଆଦୃତ ହୋଇଥିଲା। ସମ୍ଭାବନାର ଅଧ୍ୟକ୍ଷ ଶରତ ଚନ୍ଦ୍ର ଭଦ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ ଉତ୍ସବରେ ପ୍ରମୁଖ ଅତିଥିଭାବେ ବିଧାୟକ ଦେବୀ ପ୍ରସାଦ ମିଶ୍ର, ବିଶିଷ୍ଟ ସଙ୍ଗୀତଜ୍ଞ ପ୍ରଣବ କିଶୋର ପଟ୍ଟନାୟକ, ବିଧାୟକ ପ୍ରିୟଦର୍ଶୀ ମିଶ୍ର ଓ ସାହିତ୍ୟିକ ଦାଶ ବେନ୍‌ହୁର ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ଦେବ ପ୍ରସାଦ ପରିଡା ପ୍ରାରମ୍ଭିକ ସୂଚନା ଦେଇଥିଲେ।




ସ୍ୱର ସାମ୍ରାଜ୍ଞୀ ସନ୍ଧ୍ୟା କାର୍ଯ୍ୟକ୍ରମରେ ଜଣେ କଣ୍ଠଶିଳ୍ପୀ ସଙ୍ଗୀତ ପରିବେଷଣ କରୁଛନ୍ତି।








ବିଭୂତି



ଅନୀଷା



ଲଳିତମୋହନ



କୁମାର



ଶୁଭ୍ରଜିତ୍



ସନ୍ତୋଷ



ଅରିଜିତ୍



ବିଶ୍ୱଜିତ୍



ଯୁକ୍ତି କଲାବେଳେ ଯେଉଁ ଲୋକ ଉତ୍ତ୍ୟକ୍ତ ନ ହେଲା,
ସିଏ ହିଁ ଶେଷରେ ବିଜୟୀ ହୁଏ।
-ଫ୍ରାଙ୍କ୍ ହରବର୍ଟ



## ସଂକ୍ଷେପରେ

### ଚେନ୍ ଲୁଟବେଳେ ଧରାପଡିଲେ ଲୁଟେରା

ଭୁବନେଶ୍ୱର, ୧୮।୧୧(ବ୍ୟୁରୋ): ଖାରବେଳନଗର ମାଳିସାହି ନିକଟରେ ଜଣେ ମହିଳାଙ୍କ ବେକରୁ ସୁନା ଚେନ୍ ଝାମ୍ପି ନେଇ ଚମ୍ପଟ ମାରୁଥିବାବେଳେ ଧରା ପଡିଛନ୍ତି ଜଣେ ଲୁଟେରା। ତାଙ୍କ ନିକଟରୁ ପୋଲିସ ସୁନା ଚେନ ଜବତ କରିଛି। ଅଭିଯୁକ୍ତ ହେଲେ ହେଲେ ୟୁନିଟ୍-୩ର ସେଖ ସାଜିଦ ଅଲ୍ଲୀ। ପୋଲିସ ତାଙ୍କୁ ଗିରଫ କରିବା ସହ ଏକ ମାମଲା ରୁଜୁ କରିଛି। ସୂଚନା ଅନୁଯାୟୀ, ରବିବାର ରାତି ପ୍ରାୟ ସାଢ଼େ ୮ଟାରେ ୟୁନିଟ୍-୩ର ଚନ୍ଦା ଦେବୀ ନାମ୍ନୀ ମହିଳା ଚାଲି ଚାଲି ଶ୍ରୀୟା ହଲ୍ ଆଡକୁ ଯାଉଥିଲେ। ଏହି ସମୟରେ ସାଜିଦ ପଛପଟୁ ଦୌଡ଼ି ଆସି ତାଙ୍କ ବେକରୁ ସୁନା ଚେନ୍ ଝାମ୍ପି ନେଇ ଚମ୍ପଟ ମାରୁଥିଲେ। ମହିଳା ଜଣକ ଚିତ୍କାର କରିବାରୁ ନିକଟରେ ପାଟ୍ରୋଲିଂ କରୁଥିବା ପିସିଆର-୩ ପହଞ୍ଚି ସାଜିଦଙ୍କୁ କାବୁ କରିଥିଲା।

### ହକି ବିଶ୍ୱକପ୍ ଉପଲକ୍ଷେ ଚିତ୍ରକଳା ପ୍ରଦର୍ଶନୀ

ଭୁବନେଶ୍ୱର, ୧୮।୧୧(ବ୍ୟୁରୋ): ହକି ବିଶ୍ୱ କପ୍ ଉପଲକ୍ଷେ ଜଳେଶ୍ୱର କଳା ପ୍ରତିଷ୍ଠାନ ପକ୍ଷରୁ ରବିବାର ଓଡ଼ିଶା ମର୍ଡନ ଆର୍ଟ ଗ୍ୟାଲେରିଠାରେ ଏକ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଯାଇଛି। କଳାପ୍ରତି ଲୋକଙ୍କ ଆଗ୍ରହ ସୃଷ୍ଟି କରିବା ଓ କଳାର ମହତ୍ତ୍ୱ ପାଇଁ ପ୍ରଦର୍ଶନୀ ଆୟୋଜିତ ହୋଇଥିବା ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ଏଥିରେ ସ୍ପେନ୍, ଭିଏତନାମାର ପ୍ରତିଷ୍ଠିତ ଚିତ୍ରଶିଳ୍ପୀମାନଙ୍କ ସହିତ ଚଣ୍ଡିଗଡ଼ର ବିଶିଷ୍ଟ ଶିଳ୍ପୀ ପ୍ରବିନ୍ଦର ସିଂ ଲାଲ, ଓଡ଼ିଶା ଲଳିତ କଳା ଏକାଡେମୀର ସମ୍ପାଦକ ମାନସ ରଞ୍ଜନ ଜେନା ଓ ୨୫ ମେଧାବୀ ଚିତ୍ରକରଙ୍କ ଚିତ୍ରକଳା ପ୍ରଦର୍ଶିତ ହୋଇଛି। ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ପ୍ରଦର୍ଶନୀ ଚାଲିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

### ବରିଷ୍ଠ ନାଗରିକ ସଂଘର ନୂତନ କର୍ମକର୍ତ୍ତା

ଭୁବନେଶ୍ୱର,୧୮।୧୧(ଡି.ଏନ୍.ଏ.): ଡୁମୁଡୁମା ଆଞ୍ଚଳିକ ବରିଷ୍ଠ ନାଗରିକ ସଂଘର ସଭାପତି ସୁବାସଚନ୍ଦ୍ର ଜେନାଙ୍କ ଅଧକ୍ଷତାରେ ବୁଧବାର ଡୁମୁଡୁମାସ୍ଥିତ ସାଇ ସରସ୍ୱତୀ ବିଦ୍ୟାଳୟଠାରେ ଅନୁଷ୍ଠିତ ବାର୍ଷିକ ସଭାରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଏହି ବୈଠକରେ ସ୍ଥାନୀୟ ଅଞ୍ଚଳର ସଂଖ୍ୟାଧିକ ସଦସ୍ୟ ଉପସ୍ଥିତ ରହି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ସଂଘର ସାଧାରଣ ସମ୍ପାଦକ ହରିହର ପରିମାଣିକ ପୂର୍ବ ସଭାର ବିବରଣ ପାଠକୁ ଆଲୋଚନା ହୋଇ ଗୃହୀତ ହୋଇଥିଲା। ସଂଘର ସୁପରିଚାଳନା ନିମନ୍ତେ ଆଗାମୀ ଦୁଇ ବର୍ଷ ପାଇଁ କର୍ମକର୍ତ୍ତା ଚୟନ କରାଯାଇଛି। ଏଥିରେ ସଭାପତି ଭାବେ ସୁବାସ ଚନ୍ଦ୍ର ଜେନା, ଉପସଭାପତି ଶମ୍ଭୁ ବେହେରା, ସାଧାରଣ ସମ୍ପାଦକ ବିଜୟ ଚନ୍ଦ୍ର ସାହୁ, ଯୁଗ୍ମ ସମ୍ପାଦକ ଉପେନ୍ଦ୍ର ନାଥ ମହାନ୍ତି, କୋଷାଧ୍ୟକ୍ଷ ନାରାୟଣ ସାମଲ ଏବଂ ସମୀକ୍ଷକ ପ୍ରକାଶଚନ୍ଦ୍ର ନାୟକ ଚୟନ ହୋଇଛନ୍ତି। ଏଥିସହ ୧୧ଜଣ କାର୍ଯ୍ୟକାରୀ ସଭ୍ୟ ଭାବେ ଅଭିମନ୍ୟୁ ବେହେରା, ନବକିଶୋର ଖଣ୍ଡାୟତ ରାୟ, ରାଜକିଶୋର ରାଉତ, ଦେବରାଜ ବେହେରା, ସୀମାଞ୍ଚଳ ଦାଶ, କିରଣ ପଟ୍ଟନାୟକ, ଶିଶିର କୁମାର ସ୍ୱାଇଁ, ପ୍ରଫୁଲ୍ଲ କୁମାର ଭୂୟାଁ, ଭାନୁପ୍ରିୟ ମହାନ୍ତି, ଇନ୍ଦ୍ରମଣି ରଣା ଓ ରତ୍ନାକର ଜେନାନିର୍ବାଚିତ ହୋଇଛନ୍ତି।

### ଜନଶୁଣାଣି କାର୍ଯ୍ୟକ୍ରମ

ବାଲିପାଟଣା,୧୮।୧୧(ଡି.ଏନ୍.ଏ.): ବାଲିପାଟଣାସ୍ଥିତ କଲେଜ ନିକଟ ଆମ୍ର କାନନରେ ଆମ ସଙ୍ଗଠନ ପକ୍ଷରୁ ରବିବାର ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯେଉଁ ଗରିବ ଲୋକ ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ଅଛନ୍ତି, ସେମାନଙ୍କୁ ସରକାରୀ ଭତ୍ତା ନ ମିଳିବା ପର୍ଯ୍ୟନ୍ତ ଆମ ସଙ୍ଗଠନ ତରଫରୁ ଭତ୍ତା ପ୍ରଦାନ କରାଯିବ ବୋଲି ସଙ୍ଗଠନ ସଭାପତି ଚନ୍ଦନ ପାତ୍ର କହିଛନ୍ତି। ୩୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଗାରେଡ଼ିପାଞ୍ଚଣ ଗ୍ରାମପଞ୍ଚାୟତରୁ ବିଭିନ୍ନ ସମସ୍ୟା ନେଇ ଅଭିଯୋଗ କରିଥିଲେ। ଦୁରାରୋଗ୍ୟରେ ପୀଡ଼ିତ ରୋଗୀମାନଙ୍କୁ ତୁରନ୍ତ ଆର୍ଥିକ ସହାୟତା ଦେବା ପାଇଁ ସଭାପତି ପାତ୍ର ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ପାଞ୍ଚଜଣ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଦ୍ୱାରିକାନାଥ ଚୌଧୁରୀ, ସମିତିସଭ୍ୟା ସୁଜାତା ସେନାପତି, ଅଜିତ ପାଇକରାୟ ଓ ରମେଶ ଚନ୍ଦ୍ର ସାହାଣି ପ୍ରମୁଖ ଉପସ୍ଥିତ ଥିଲେ। ସଂଯୋଜିକା ପୁଷ୍ପାଞ୍ଜଳି ଦାସ ପରିଚାଳନା କରିଥିଲେ।

## ■ ପଞ୍ଚୁକ ପାଇଁ ପୋଲିସର ପ୍ରସ୍ତୁତି ବୈଠକ

# ଧବଳେଶ୍ୱର ପୀଠରେ ୧୭ ପ୍ଲାଟୁନ୍ ଫୋର୍ସ ମୁତୟନ

■ମୁଖ୍ୟସ୍ଥାନରେ ସିସିଟିଭି କ୍ୟାମେରା

■ଝୁଲାପୋଲରେ ସେଲ୍‌ଫି ଉଠା ମନା

ଖୁଣ୍ଟୁଣୀ, ୧୮।୧୧(ଡି.ଏନ୍.ଏ.)

ସୋମବାରଠାରୁ ଆରମ୍ଭ ହେଉଛି ପଞ୍ଚୁକ। ଏହାକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ପୂର୍ବରୁ ଧବଳେଶ୍ୱର ପୀଠରେ ହୋଇଥିବା ବୈଠକରେ ବିଭିନ୍ନ ନିଷ୍ପତ୍ତି ନିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ରବିବାର ଅପରାହ୍ନ ୪ଟାରେ ଧବଳେଶ୍ୱର ବିଟ୍ ହାଉସ୍ ପଡିଆରେ କଟକ ଗ୍ରାମାଞ୍ଚଳ ଏସ୍‌ପି ମାଧବ ଚନ୍ଦ୍ର ସାହୁଙ୍କ ଅଧକ୍ଷତାରେ ଜିଲା ପୋଲିସ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ସୋମବାରରୁ ଶୁକ୍ରବାର ପର୍ଯ୍ୟନ୍ତ ଭକ୍ତମାନେ ଯେଭଳି ଭାବେ ସୁରୁଖୁରୁରେ ଧବଳେଶ୍ୱରଙ୍କୁ ଦର୍ଶନ କରିବେ ସେଥିପାଇଁ ଉପସ୍ଥିତ ସମସ୍ତ ପୋଲିସ ଅଧିକାରୀଙ୍କୁ ସଜାଗ ରହିବା ସହ ସତର୍କ ଦୃଷ୍ଟି ରଖିବାକୁ ଏସ୍‌ପି ସାହୁ ପରାମର୍ଶ ଦେଇଛନ୍ତି। ଆସନ୍ତା ବୁଧବାର ଧବଳେଶ୍ୱରଙ୍କ ବଡଓଷା, ଗୁରୁବାର ପ୍ରାତଃରୁ ଗଜଭୋଗ ଓ ତରଣ ବଣ୍ଟନ ଏବଂ ଶୁକ୍ରବାର କାର୍ତ୍ତିକ ପୂର୍ଣ୍ଣିମା। ଏହି ୩ ଦିନ ବହୁସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହେବ। ଏହାକୁ ଦୃଷ୍ଟିରେ ରଖି ରବିବାର ଅପରାହ୍ନରୁ ପୀଠ ଓ ପୀଠ ବାହାରେ ୧୭ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି। ଏଥିସହ



ବୈଠକରେ ଉପସ୍ଥିତ ପୋଲିସ ଅଧିକାରୀ।

ଏସ୍‌ପି ସାହୁଙ୍କ ତତ୍ତ୍ୱାବଧାନରେ ୬୧୨ ଜଣ ଫୋର୍ସ, ୩ ଜଣ ଅତିରିକ୍ତ ଏସ୍‌ପି, ୧୧ ଜଣ ଡିଏସ୍‌ପି, ୨୨ ଜଣ ଇନ୍ସପେକ୍ଟର, ୧୨୪ ସବ୍ ଇନ୍ସପେକ୍ଟର ଓ ସହକାରୀ ସବ୍ ଇନ୍ସପେକ୍ଟର, ୧୫୬ କନଷ୍ଟେବଳ, ୨୩୭ ଗୃହରକ୍ଷୀ ଏବଂ ସାଦା ପୋଷାକରେ ୧୧ ଜଣ ମହିଳା ଅଧିକାରୀ ନିୟୋଜିତ ହୋଇଛନ୍ତି। ଆଠଗଡ ଉପଜିଲାପାଳ ଅମିୟ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ୩ ଜଣ ମାଜିଷ୍ଟ୍ରେଟ୍ ମୁତୟନ ହୋଇଛନ୍ତି। ଝୁଲାପୋଲ ଉପରେ ସିସିଟିଭି କ୍ୟାମେରା ଲଗାଯାଇଛି। ଟ୍ରାଫିକ ବ୍ୟବସ୍ଥା ପାଇଁ ୧୧ଟି ସ୍ଥାନ ନିରୂପଣ କରାଯାଇଛି। ଝୁଲାପୋଲ ଉପରେ କେହି ବ୍ୟକ୍ତିବିଶେଷ ସେଲ୍ଫି ନେବାକୁ ନିଷେଧ କରାଯାଇଛି। ଏହାକୁ ନ ମାନିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚୌଦ୍ୱାର ଏସ୍‌ଡିପିଓ ସତ୍ୟ ନାରାୟଣ ଦାସ କହିଛନ୍ତି। ଏହି ପୀଠକୁ ନୂଆପାଟଣା, ସୁନିଆଁମୁହଁ, ବ୍ରାହ୍ମଣବସ୍ତ ଓ କଖଡି ରାସ୍ତା ଦେଇ ଆସୁଥିବା ଯାନବାହନ ସବୁ ଟ୍ରାଫିକ ନିୟମ ଅନୁଯାୟୀ ପାର୍କିଂ ସ୍ଥାନରେ ରଖିବେ। ଝୁଲାପୋଲ ଉପରେ ଚଳିତବର୍ଷ ୮୦୦ ଶ୍ରଦ୍ଧାଳୁ ପରିବର୍ତ୍ତେ ୬୦୦ ଜଣଙ୍କୁ ଏକକାଳିନ ନିୟନ୍ତ୍ରଣରେ ଛଡାଯିବ। ଡଙ୍ଗାରେ ଲାଇଫ ଜ୍ୟାକେଟ୍‌କୁ ବାଧ୍ୟତାମୂଳକ ସହ ଓଭରଲୋଡିଂକୁ ବାରଣ କରାଯାଇଛି। ଏହି ମକ୍‌ଡ୍ରିଲ୍ କାର୍ଯ୍ୟକ୍ରମରେ ଡିଏସ୍‌ପି ସୁନିଲ ମହାନ୍ତି, ରବୀନ୍ଦ୍ର କୁମାର ମଲ୍ଲିକ, ଆଲୋକ ରାୟ, ଅମୂଲ୍ୟ କୁମାର ରାଉତରାୟ, ଦେବଦତ୍ତ ବରାଳ, ଜିତେନ୍ଦ୍ର ଦଳେଇ, ବିକ୍ରମ ଜେନା ଓ ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ସମେତ ଜିଲାର ବିଭିନ୍ନ ଥାନାର ଅଧିକାରୀ ଯୋଗଦେଇଥିଲେ। ଗୁରୁଡିଝାଟିଆ ଥାନାଧିକାରୀ ବିଜୟ କେତନ ବିସି ଓ ଧବଳେଶ୍ୱର ବିଟ୍ ଅଧିକାରୀ ଶଙ୍କର୍ଷଣ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶିଶୁ ପାଇଁ ସୁରକ୍ଷିତ ପରିବେଶ ଗଢ଼ିବା ଜରୁରୀ

ଭୁବନେଶ୍ୱର, ୧୮।୧୧(ବ୍ୟୁରୋ)

ଶିଶୁମାନଙ୍କ ପାଖରେ ରହିଛି ଅନନ୍ୟ ପ୍ରତିଭା। ସେମାନଙ୍କ ପ୍ରତିଭାର ବିକାଶ ପାଇଁ ସମସ୍ତଙ୍କ ଉଦ୍ୟମ ଆବଶ୍ୟକ। କୋଣଠେସା ହୋଇ ରହୁଥିବା ଅବହେଳିତ ଶିଶୁମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା, ଶିଶୁଶ୍ରମ ପ୍ରଥାର ଉଚ୍ଛେଦ ସହ ଶିଶୁ ନିର୍ଯାତନା ବନ୍ଦ ହେବା ଦରକାର। ଶିଶୁ ପାଇଁ ଏକ ସୁରକ୍ଷିତ ପରିବେଶ ଗଢ଼ିତୋଳିବା ସହିତ ଶିଶୁର ଶିକ୍ଷା, ସ୍ୱାସ୍ଥ୍ୟ ଓ ସୁରକ୍ଷାକୁ ପ୍ରାଥମିକତା ଦେବା ଜରୁରୀ ' ବୋଲି 'ସ୍ମାର୍ଟସିଟି ଓ ଶିଶୁସାଥୀ ପରିବେଶ' ଆଲୋଚନାଚକ୍ରରେ ମତପ୍ରକାଶ ପାଇଛି।

ସେବାକେନ୍ଦ୍ର ପକ୍ଷରୁ ରବିବାର ବାଣୀବିହାର ତାଳପଦେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଶିଶୁ ଅଧିକାର ସପ୍ତାହ ଅବସରରେ ଏହି ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବିଜେବି ସ୍ୱୟଂଶାସିତ କଲେଜର ପୂର୍ବତନ ଉପାଧ୍ୟକ୍ଷା ଡ. ରୀତା ପତି ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ପୂର୍ବତନ ଦର୍ଶନଶାସ୍ତ୍ର ବିଭାଗ ମୁଖ୍ୟ ଡ. ହରିଶ୍ଚନ୍ଦ୍ର ସାହୁ, ବିଜେବି କଲେଜର ଅର୍ଥନୀତି ବିଭାଗ ଅଧ୍ୟାପିକା ଡ. ସାଧନା ଶତପଥୀ ଓ ଶିଶୁ ଅଧିକାର କର୍ମୀ ଭାସ୍କର ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଟାଟି ବସ୍ତି, ଝରଣା ବସ୍ତି, ଶାନ୍ତିପଲ୍ଲୀ ବସ୍ତି, ବିଶ୍ୱେଶ୍ୱର ବସ୍ତି ଓ ପଥରବନ୍ଧ ବସ୍ତିରୁ ଆସିଥିବା ଶିଶୁ ପ୍ରତିଭାମାନଙ୍କୁ ପୁରସ୍କାର ସହ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଶ୍ରୀରାମ ବେହେରା କାର୍ଯ୍ୟକ୍ରମର ଆଭିମୁଖ୍ୟ କହିଥିବାବେଳେ ବାପି ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କାଶ୍ମିରା ମୁର୍ମୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ରବିବାର ବାଣୀବିହାର ତାଳପଦେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଆଲୋଚନାଚକ୍ରରେ ଶିଶୁ ପ୍ରତିଭାଙ୍କ ସହ ଅତିଥିମାନେ।



ଭଞ୍ଜକଳା ମଣ୍ଡପଠାରେ ସାଇକଳା ସଂସଦ ପକ୍ଷରୁ ନୃତ୍ୟ ଅର୍ପଣ ସମ୍ମାନ ଉତ୍ସବରେ ସମ୍ମାନିତ ବ୍ୟକ୍ତିତ୍ୱଙ୍କ ଗହଣରେ ଅତିଥିମାନେ।

## କ୍ୟାଡର ରୁଲ୍ ପ୍ରଣୟନ ଦାବି କଲା ଓଡ଼ିଶା ଶିକ୍ଷା ସେବା ସଂଘ

ଭୁବନେଶ୍ୱର, ୧୮।୧୧(ବ୍ୟୁରୋ)

ଓଡ଼ିଶା ଶିକ୍ଷା ସେବା ସଂଘର ଏକ ଜରୁରୀ ବୈଠକ ରବିବାର ଆଇଆର୍‌ସି ଭିଲେଜ ସ୍ଥିତ ସରକାରୀ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ୧୯୭୧ମସିହାରୁ ଓଡ଼ିଶା ଶିକ୍ଷା ସେବା ପାଇଁ ଲୋକସେବା ଆୟୋଗ ଦ୍ୱାରା ଶିକ୍ଷା ସେବା ଅଧିକାରୀ ନିଯୁକ୍ତି ନିୟମ ପ୍ରଣୟନ ହୋଇଥିଲେ ମଧ୍ୟ ରାଜ୍ୟ ସରକାର ଅଦ୍ୟାବଧି ଶିକ୍ଷା ସେବା ଅଧିକାରୀଙ୍କ ପାଇଁ ଏକ କ୍ୟାଡର ରୁଲ୍ ପ୍ରଣୟନ କରିନାହାନ୍ତି। ଫଳରେ ଶିକ୍ଷା ସେବା ଅଧିକାରୀମାନେ ଉପଯୁକ୍ତ ପ୍ରମୋଶନ ଓ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି। ଏପରିକି କେତେକ ଶିକ୍ଷା ସେବା ଅଧିକାରୀ ବିନା ପ୍ରମୋଶନରେ ଅବସର ନେଉଛନ୍ତି। ସରକାର ଅଧିକାଂଶ ବିଭାଗର କ୍ୟାଡର ପୁନର୍ବିନ୍ୟାସ କରୁଛନ୍ତି। କିନ୍ତୁ ରାଜ୍ୟର ୨.୫ଲକ୍ଷ ଶିକ୍ଷକ ଓ ୬୬ଲକ୍ଷ ପିଲାଙ୍କୁ ନେଇ ଶିକ୍ଷା ବ୍ୟବସ୍ଥାକୁ ପରିଚାଳନା କରୁଥିବା ଶିକ୍ଷା ସେବା ଅଧିକାରୀଙ୍କୁ ଅଣଦେଖା କରିଛନ୍ତି। ଗତବର୍ଷ ମେ' ୩୧ ଓ ଚଳିତବର୍ଷ ମେ' ୧୭ ତାରିଖରେ ଉଭୟ ଅର୍ଥ ବିଭାଗ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଶିକ୍ଷା ସେବା ସଂଘ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। କ୍ୟାଡର ପୁନର୍ଗଠନ ପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏଯାବତ୍ ତାହା ସରକାରଙ୍କ ଅନୁମୋଦନ ଲାଭ ନ କରି ଅର୍ଥ ବିଭାଗର ନାଲି ଫିତା ତଳେ ଚାପି ହୋଇ ରହିଯାଇଛି ବୋଲି ସଂଘ ପକ୍ଷରୁ କୁହାଯାଇଛି। ସେହିପରି ଜିଲା ଶିକ୍ଷା ତଥା ବ୍ଲକ ଶିକ୍ଷାଧିକାରୀଙ୍କୁ ସରକାର ବିଭିନ୍ନ ପ୍ରକାର ଶିକ୍ଷା ଯୋଜନା ତଦାରଖ ଦାୟିତ୍ୱ ଦେଇଥିବା ବେଳେ ସେମାନଙ୍କ ଯାତାୟତ ପାଇଁ ଗାଡ଼ି ବ୍ୟବସ୍ଥା କରି ନାହାନ୍ତି। ୭ଦିନ ମଧ୍ୟରେ ଶିକ୍ଷା ସେବା ଅଧିକାରୀମାନଙ୍କର ନ୍ୟାର୍ଯ୍ୟ ଦାବି ପ୍ରତି ଦୃଷ୍ଟି ଦେଇ କ୍ୟାଡର ରୁଲ ପ୍ରଣୟନ କରା ନ ଗଲେ ସଂଘ ରାସ୍ତାକୁ ଓହ୍ଲାଇବା ସହ ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଅଚଳ କରିଦିଆଯିବ ବୋଲି ସଂଘର ସାଧାରଣ ସମ୍ପାଦକ ଡ.ସନାତନ ପଣ୍ଡା କହିଛନ୍ତି। ସଂଘର ନିଷ୍ପତ୍ତି ଅନୁଯାୟୀ ରାଜ୍ୟର ୩୦ଟି ଜିଲାରେ ଓଡ଼ିଶା ଶିକ୍ଷା ସେବା ସଂଘର ସଭ୍ୟମାନେ ଜିଲାପାଳଙ୍କ ମାଧ୍ୟମରେ ତାଙ୍କର ଦାବି ଜଣାଇ ଆସନ୍ତା ସପ୍ତାହରୁ ଆନ୍ଦୋଳନ ପାଇଁ ସଜବାଜ ହେଉଛନ୍ତି ବୋଲି ଜଣାପଡ଼ିଛି।

### ସେଣ୍ଟ୍ରାଲ ବ୍ୟାଙ୍କ ଅଫିସର୍ସ ସଂଘର ଦ୍ୱିବାର୍ଷିକ ସମ୍ମିଳନୀ

## 'ବିକାଶରେ ସହଭାଗୀ ହୁଅନ୍ତୁ ବ୍ୟାଙ୍କ'

ଭୁବନେଶ୍ୱର,୧୮।୧୧

ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ରାଜ୍ୟର ବିକାଶରେ ସହଭାଗୀ ହେବାକୁ ଅର୍ଥମନ୍ତ୍ରୀ ଶଶି ଭୂଷଣ ବେହେରା ବ୍ୟାଙ୍କଗୁଡିକୁ ଆହ୍ୱାନ ଦେଇଛନ୍ତି। ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ଓଡିଶା ଅଫିସର୍ସ ସଂଘ (ସିବିଓଏ) ଦ୍ୱିବାର୍ଷିକ ସମ୍ମିଳନୀରେ ଯୋଗଦେଇ ବେହେରା ବ୍ୟାଙ୍କଗୁଡିକୁ ଏଭଳି ଆହ୍ୱାନ ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ବ୍ୟାଙ୍କ ମିଶ୍ରଣ ପଦକ୍ଷେପକୁ ବ୍ୟାଙ୍କ ପକ୍ଷରୁ ବିରୋଧ କରାଯାଇଛି। ଏହା ବ୍ୟାଙ୍କଗୁଡିକର ପ୍ରକୃତ ସମସ୍ୟାକୁ ସମାଧାନ କରିବା ବଦଳରେ ଅଣଦେଖା କରୁଥିବା ବୈଠକରେ ମତ ପ୍ରକାଶ ପାଇଛି। ମିଶ୍ରଣ ପରେ ବ୍ୟାଙ୍କଗୁଡିକରେ କ'ଣ ପରିବର୍ତ୍ତନ ଆସିଛି ତାହା ଏବେ ଯାଏ ଜଣାପଡୁନି ବୋଲି ସିବିଓଏର ସଭାପତି ବିଜୟ କୁମାର ଦାସ କହିଛନ୍ତି। କର୍ପୋରେଟଗୁଡିକ ଉପରେ ୭୩% ଏନ୍‌ପିଏ ରହିଛି। ଅପରପକ୍ଷରେ ଅନ୍ୟ କ୍ଷେତ୍ରରେ ଏହା ୨୭%।

କର୍ପୋରେଟ୍‌ଗୁଡିକ ଉପରୁ ବୃହତ୍ ପରିମାଣର ଏନ୍‌ପିଏକୁ ଅସୁଲ କରିବା ଉପରେ ସରକାର ପଦକ୍ଷେପ ନିଅନ୍ତୁ ବୋଲି ଦାସ କହିଛନ୍ତି। ବ୍ୟାଙ୍କ ପକ୍ଷରୁ କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟରେ ଏ ନେଇ ରାଜ୍ୟ ଅର୍ଥ ମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଅଲ୍ ଇଣ୍ଡିଆ ବ୍ୟାଙ୍କ ଅଫିସର୍ସ ଫେଡେରେଶନର ପୂର୍ବତନ ସାଧାରଣ ସମ୍ପାଦକ ଡି.ଟି ଫ୍ରାଙ୍କୋ, ଅଫିସର୍ସ ସଂଘ ସମ୍ପାଦକ ଦାମୋଦର ନନ୍ଦ, କ୍ଷେତ୍ରୀୟ ପରିଚାଳକ ଭୁବନେଶ୍ୱର, ସୋହେଲ ଅହମ୍ମଦ, ସମ୍ବଲପୁର କ୍ଷେତ୍ରୀୟ ପରିଚାଳକ ପି. ସୁରେଶ, ଏସ୍‌ବିଆଇ ଅଫିସର୍ସ ଆସୋସିଏସନର ସାଧାରଣ ସମ୍ପାଦକ ସମ୍ବିତ ମିଶ୍ରଙ୍କ ସମେତ ବ୍ୟାଙ୍କର ଅନ୍ୟାନ୍ୟ ଅଧିକାରୀମାନେ ଏଥିରେ ଉପସ୍ଥିତ ଥିଲେ।

## କଳିଙ୍ଗ ପୁସ୍ତକ ମେଳା ଉଦ୍‌ଯାପିତ

ଭୁବନେଶ୍ୱର, ୧୮।୧୧(ବ୍ୟୁରୋ)

ସ୍ଥାନୀୟ ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆରେ ଗତ ୧୦ ଦିନ ଧରି ଚାଲିଥିବା ୨୧ତମ କଳିଙ୍ଗ ପୁସ୍ତକ ମେଳା ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ସମାଜର ନିର୍ଦ୍ଦେଶକ ସୁରେଶ ମନ୍ତ୍ରୀ, ବିଶିଷ୍ଟ ସାହିତ୍ୟିକ ଜ୍ୟୋତିର୍ମୟ ଦାସ, ଶିକ୍ଷାବିତ୍ ଡ.ପ୍ରମୋଦିନୀ ହୋତା, କଳିଙ୍ଗ ପୁସ୍ତକ ମେଳାର ସମ୍ପାଦିକା ରେଣୁକା ମିଶ୍ର ପ୍ରମୁଖ ଉପସ୍ଥିତ ରହି ୧୦ ଦିନ ଧରି ମେଳାରେ ଲେଖକ ପାଠକଙ୍କ ମହା ସମାଗମ ହେଉଥିବା ପ୍ରକାଶ କରିଥିଲେ। ଏହି ଅବସରରେ ଯୁବ ଲେଖକ ପ୍ରତୀକ ମିଶ୍ରଙ୍କ ପୁସ୍ତକ 'ସମର୍ପଣ' ଅତିଥିଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଏହାସହ ପୂଜା ଦାଶଙ୍କୁ 'ଯୁବ ସାମ୍ବାଦିକତା ପୁରସ୍କାର-୨୦୧୮' ପ୍ରଦାନ କରାଯାଇଥିଲା। ଚମକଚାନ୍ଦିନୀ ଦାସ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## 'ଜୟ ଓଡ଼ିଶା' ପକ୍ଷରୁ ଆରମ୍ଭ ହେଲା 'ସ୍ୱଚ୍ଛ ସମ୍ମାନ'

ଭୁବନେଶ୍ୱର, ୧୮।୧୧(ବ୍ୟୁରୋ)

ସାମାଜିକ ଅନୁଷ୍ଠାନ 'ଜୟ ଓଡ଼ିଶା' ପକ୍ଷରୁ ଆରମ୍ଭ ହୋଇଛି ପୂଜ୍ୟପୂଜାଙ୍କୁ ସମ୍ମାନ। ରାଜଧାନୀରେ ଥିବା ସମସ୍ତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିକୁ ପ୍ରତି ସପ୍ତାହରେ ସଫା କରିବା ସହ ପୁଷ୍ପ ଅର୍ପଣ କରାଯିବ। ଏହି କ୍ରମରେ ପ୍ରତିମୂର୍ତ୍ତିର ପାଖରେ ପରିବେଶକୁ ସଫା ଓ ପରିଷ୍କାର କରାଯିବ ଏବଂ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ଏଥିପାଇଁ ପ୍ରତିମୂର୍ତ୍ତି ଥିବା ଅଞ୍ଚଳରେ ସ୍ଥାନୀୟ ବାସିନ୍ଦାକୁ ନେଇ କମିଟି ଗଠନ କରାଯାଇଛି। ଏହି କମିଟିର ସଦସ୍ୟମାନେ ସପ୍ତାହର ରବିବାର ଦିନ ଏହି ପରିଷ୍କାର କାର୍ଯ୍ୟ କରିବେ। ଏହି କାର୍ଯ୍ୟକ୍ରମର ନାମ ରହିଛି 'ସ୍ୱଚ୍ଛ ସମ୍ମାନ'। ଏହି କ୍ରମରେ ପ୍ରାଥମିକ ପର୍ଯ୍ୟାୟରେ ୟୁନିଟ୍-୩ ଅଞ୍ଚଳରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ଜୟ ଓଡ଼ିଶା ସଭାପତି ରୁଦ୍ର ସାମନ୍ତରାୟଙ୍କ ଅଧକ୍ଷତାରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ୱଚ୍ଛ ସମ୍ମାନ ପାଇଁ ଏକ କମିଟି ଗଠନ କରାଯିବା ସହ ଅଞ୍ଚଳରେ ଥିବା ବିଭିନ୍ନ ମହାପୁରୁଷଙ୍କ ପ୍ରତିମୂର୍ତ୍ତିକୁ ସଫା କରାଯାଇଛି ଓ ପୁଷ୍ପ ଅର୍ପଣ କରାଯାଇଛି। ଜୟ ଓଡ଼ିଶାର ଏହି ପ୍ରୟାସକୁ ବୁଦ୍ଧିଜୀବୀ ଗହଣରେ ସ୍ୱାଗତ କରାଯାଇଛି। ଏଭଳି କାର୍ଯ୍ୟ ଆଗକୁ ଜାରି ରହୁ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

### ■ ବିଏମ୍‌ସିର ଚଢ଼ାଉ

## ୭୧ କି.ଗ୍ରା. ପଲିଥିନ ଜବତ

ଭୁବନେଶ୍ୱର, ୧୮।୧୧(ବ୍ୟୁରୋ)

ବିଏମ୍‌ସି ପକ୍ଷରୁ ରାଜଧାନୀର ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ଏବଂ ମଲ୍‌ରେ ରବିବାର ଯାଞ୍ଚ କରାଯିବା ସହ ୭୧ କି.ଗ୍ରା. ପଲିଥିନ ଜବତ କରାଯାଇଛି। ଏହାସହିତ ୧୫ ହଜାର ୨୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ବର୍ତ୍ତମାନ ସୁଦ୍ଧା ବିଏମ୍‌ସି ସହରରୁ ଅଢ଼େଇ କୁଇଣ୍ଟାଲ ପଲିଥିନ ଜବତ କରିଛି। ବିଏମ୍‌ସିର ଉତ୍ତରାଞ୍ଚଳ ଜୋନ୍, ଦକ୍ଷିଣ-ପଶ୍ଚିମାଞ୍ଚଳ ଜୋନ, ଦକ୍ଷିଣ-ପୂର୍ବାଞ୍ଚଳ ଜୋନରେ ଚଢ଼ାଉ କରି ଜରିମାନା ଆଦାୟ କରାଯାଇଛି। ସେହିପରି ଦୋକାନ ଆଗରେ ଡଷ୍ଟବିନ୍ ରଖି ନ ଥିବା ବ୍ୟବସାୟୀଙ୍କଠାରୁ ମଧ୍ୟ ଜରିମାନା ଆଦାୟ କରାଯାଇଥିଲା।

## ପୂର୍ବତଟ ରେଳପଥ କେନ୍ଦ୍ରୀୟ ଚିକିତ୍ସାଳୟରେ ନୂତନ ବ୍ଲକ ଉଦ୍‌ଘାଟିତ

ଭୁବନେଶ୍ୱର,୧୮।୧୧

ପୂର୍ବତଟ ରେଳପଥ କେନ୍ଦ୍ରୀୟ ଚିକିତ୍ସାଳୟରେ ନୂତନ ବ୍ଲକ ଉଦ୍‌ଘାଟିତ ହୋଇଯାଇଛି। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଉମେଶ ସିଂ, ଅତିରିକ୍ତ ମହାପ୍ରବନ୍ଧକ ରାଜୀବ ଶର୍ମା, ପ୍ରମୁଖ ଚିକିତ୍ସା ନିର୍ଦ୍ଦେଶକ ଡ.ସୁକାନ୍ତ କୁମାର ମହାନ୍ତି, ଖୋର୍ଦ୍ଧା ରୋଡ ମଣ୍ଡଳର ପ୍ରବନ୍ଧକ ବ୍ରିଜ ମୋହନ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ରହି ଏହି ବ୍ଲକକୁ ଉଦ୍‌ଘାଟନ କରିଛନ୍ତି। ଅତି ସମ୍ବେଦନଶୀଳ ରୋଗୀଙ୍କ ପାଇଁ ଏହି ବ୍ଲକରେ ୧୪ ଶଯ୍ୟା ଥିବା ବେଳେ ପାଥୋଲୋଜି, ରେଡିଓଲୋଜି ଅଲ୍ଟ୍ରା ସାଉଣ୍ଡ ଭଳି ସୁବିଧା ଉପଲବ୍ଧ ହେଉଛି।



## ■ କବ୍ ବୁଲ୍‌ବୁଲ୍ ଉତ୍ସବ ଉଦ୍‌ଘାଟିତ

# ଭାଗନେଲେ ୭୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର

ଭୁବନେଶ୍ୱର, ୧୮।୧୧(ବ୍ୟୁରୋ)

ଭାରତ ସ୍କାଉଟ୍‌ସ ଏବଂ ଗାଇଡ୍‌ସ ରାଜ୍ୟ ଶାଖା ଆନୁକୂଲ୍ୟରେ ରବିବାର ରାଜ୍ୟ ମୁଖ୍ୟାଳୟ ପରିସରରେ କବ୍ ବୁଲ୍‌ବୁଲ୍ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟର ବିଭିନ୍ନ ପ୍ରାଥମିକ ବିଦ୍ୟାଳୟରୁ ୭୫୦ରୁ ଊର୍ଦ୍ଧ୍ୱ କବ୍ ବୁଲ୍‌ବୁଲ୍(୬ବର୍ଷରୁ ୧୦ ବର୍ଷ ମଧ୍ୟରେ ଛାତ୍ରୀଛାତ୍ର) ଏଥିରେ ଅଂଶଗ୍ରହଣ କରିଛନ୍ତି। ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି କଳ୍ପେଶ ସତ୍ୟେନ୍ଦ୍ର ଜାଭେରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବର ଲୋଗୋ ଉନ୍ମୋଚନ କରିବା ସହିତ କବ୍ ବୁଲ୍‌ବୁଲ୍‌ମାନଙ୍କୁ ଆଶୀର୍ବଚନ ପ୍ରଦାନ କରି ସଫଳତା କାମନା କରିଥିଲେ। ସ୍କାଉଟ୍‌ସ ଏବଂ ଗାଇଡ୍‌ସର ରାଜ୍ୟ ମୁଖ୍ୟ କମିଶନର କାଳୀପ୍ରସାଦ ମିଶ୍ରଙ୍କ ସହିତ ହାଇକୋର୍ଟର ୫ ବରିଷ୍ଠ ବିଚାରପତି ଏବଂ ରାଜ୍ୟ ସମ୍ପାଦକ ରାମମୂର୍ତ୍ତି ଦୋରା ଉପସ୍ଥିତ ଥିଲେ। ପ୍ରାରମ୍ଭରେ କାଳୀପ୍ରସାଦ ମିଶ୍ର ସ୍ୱାଗତ ଭାଷଣରେ ଉତ୍ସବର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଅପରାହ୍ନରେ ରାଜ୍ୟ ସଂସ୍ଥା ସଭାପତି ବିଷ୍ଣୁ ଚରଣ ଦାସ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି କବ୍ ବୁଲ୍‌ବୁଲ୍‌ମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବିଏମ୍‌ସି ମେୟର ଅନନ୍ତ ନାରାୟଣ ଜେନା, ସ୍ଥାନୀୟ କର୍ପୋରେଟର ଦେବାଶିଷ ସିଟ୍ ଏବଂ ଅଭିନେତ୍ରୀ ଜ୍ୟୋତି ମିଶ୍ର ଯୋଗଦେଇ କବ୍ ବୁଲ୍‌ବୁଲ୍‌ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ମନୋରଞ୍ଜନ ପାଇଁ କବ୍ ବୁଲ୍‌ବୁଲ୍‌ମାନଙ୍କ ଦ୍ୱାରା 'ର୍‍ୟାମ୍ପ ଶୋ' ଅନୁଷ୍ଠିତ ହୋଇଥିଲା। ଗାଇଡ୍ ସଂଗଠନ କମିଶନର ଅନାମିକା ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କାର୍ଯ୍ୟାଳୟର ସମସ୍ତ ପଦାଧିକାରୀ ସହଯୋଗ କରିଥିଲେ। ଏହି ଉତ୍ସବ ଆସନ୍ତା ୨୨ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ।





କବ୍ ବୁଲ୍‌ବୁଲ୍ ଉତ୍ସବରେ ଛାତ୍ରୀଛାତ୍ରମାନେ ନୃତ୍ୟ ପ୍ରଦର୍ଶନ କରୁଛନ୍ତି।



ଯେଉଁ ଲୋକ ନିଜର ସନ୍ତାନମାନଙ୍କୁ ଶ୍ରମର ମର୍ଯ୍ୟାଦା ଶିଖାଇ ପରିଶ୍ରମୀ ଓ ସଚେତନ କରାଇ ଦେଇଛି, ସନ୍ତାନମାନଙ୍କ ପାଇଁ ସମ୍ପତ୍ତି ରଖିବାର ଆବଶ୍ୟକତା ନାହିଁ।

- ହ୍ୱାଇଟ୍‌ଲେ ଷ୍ଟ୍ରାଇବର୍



## ସଂକ୍ଷେପରେ

### ଗଛ ଲଗାଇଲେ, ଗାଁ ରାସ୍ତା ସଫେଇ କଲେ

**ପୁରୁଣା ଭୁବନେଶ୍ୱର, ୧୮।୧୧(ଡି.ଏନ.ଏ.):** ଦୟାନଦୀ ବନ୍ଧର ଜୟପୁର ଗାଁର ପ୍ରାୟ ଅଧ କିମି ରାସ୍ତା ସହ ପଶ୍ଚିମେଶ୍ୱର ମହାଦେବଙ୍କ ମନ୍ଦିର ପରିସର ସଫେଇ କରିବା ପରେ ଗଛ ଲଗାଇବା ପରି କାର୍ଯ୍ୟ କରି ମହାନତା ଦେଖାଇଛନ୍ତି ସ୍ଥାନୀୟ ଅଞ୍ଚଳର ଲୋକମାନେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷ, ବରିଷ୍ଠ ନାଗରିକ, ଯୁବକମାନେ ସାମିଲ ହୋଇଥିଲେ। ଆଞ୍ଚଳିକ ବିକାଶ ପରିଷଦ ଆବାହକତ୍ୱରେ ଆଲୋକ ସାହୁ, ସନ୍ତୋଷ କୁମାର ବେହେରା, ରାଜେଶ ସାହୁ, ଅଜିତ କୁମାର ରାଏ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ବିଶୁ ବିଶ୍ୱାଳ, ପ୍ରଫୁଲ୍ଲ ବେହେରା, ଲିଙ୍ଗରାଜ ଜେନା ପ୍ରମୁଖ ସାମିଲ ହୋଇଥିଲେ।

### ନାଟ୍ୟ କର୍ମଶାଳା ରଙ୍ଗ ଭାରତୀ ଉଦ୍‌ଯାପିତ

ଭୁବନେଶ୍ୱର, ୧୮।୧୧(ବ୍ୟୁରୋ)-ଉତ୍ତର ପୁରୁଷ ଆୟୋଜିତ ନାଟ୍ୟ କର୍ମଶାଳା ରଙ୍ଗ ଭାରତୀ-୧୧ର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଜିନେସ୍ ଷ୍ଟାଣ୍ଡାର୍ଡର ଆବାସିକ ସମ୍ପାଦକ ଦିଲ୍ଲୀପ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ହରେନ୍ ସାହୁ, ଜୟପ୍ରକାଶ ଦାସ, କପିଳାସ ଭୂୟାଁ, ଉତ୍ତର ପୁରୁଷ ସଭାପତି ଗୌରୀଶ୍ୟାମ ମହାପାତ୍ର ଯୋଗଦେଇଥିଲେ। ଦେବଦତ୍ତ ପତି କାର୍ଯ୍ୟକ୍ରମ ପରିଚାଳନା କରିଥବା ବେଳେ ପବିତ୍ର ମୋହନ କର ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ, ଏହି ରଙ୍ଗ ଭାରତୀରେ ଗତ ୨୧ ଦିନ ଧରି ୧୫ଜଣ ନାଟ୍ୟ ପ୍ରଶିକ୍ଷକମାନଙ୍କୁ ନେଇ ଭାସ୍ୱତୀ ବସୁଙ୍କ ନେତୃତ୍ୱରେ ଶିକ୍ଷାଦାନ କରାଯାଇଥିଲା। ଏହି ଅବସରରେ ଆସନ୍ତା ୨୭ତାରିଖରେ ଭଞ୍ଜକଳା ମଣ୍ଡପରେ ସୁପ୍ରିୟା ପଣ୍ଡାଙ୍କ ଲିଖିତ ନାଟକ 'ଜୁପକାଷ୍ଠ' ମଞ୍ଚସ୍ଥ ହେବ। ଏହି ନାଟକର ନିର୍ଦ୍ଦେଶନା ଦେଇଛନ୍ତି ଉତ୍ତର ପୁରୁଷର ଯୁବ ଅଭିନେତା ଦେବଦତ୍ତ ପତି।

### ୨ ମୃତ ପକ୍ଷୀ ଜବତ: ଜଣେ ଗିରଫ

**ଟାଙ୍ଗୀ(ଖୋର୍ଦ୍ଧା), ୧୮।୧୧(ଡି.ଏନ.ଏ.):** ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗ ତରଫରୁ ଅଚାନକ ଚଢ଼ାଉ ହୋଇ ୨ ମୃତ ପକ୍ଷୀ ଜବତ ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ରବିବାର ସକାଳୁ ଅଭିମାନପୁର ରିଙ୍ଗ୍‌ବନ୍ଧରୁ ମୃତ ବିଦେଶୀ ପକ୍ଷୀ ଓ ଅଭିଯୁକ୍ତଙ୍କ ହିରୋହୁଣ୍ଡା ଡିଲକ୍ସ ବାଇକକୁ ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଉଜ୍ଜଳା ଗୋପୀନାଥପୁରର ଧନଞ୍ଜୟ ପ୍ରଧାନଙ୍କ ପୁଅ ଆଲୋକ (୨୪)। ରାତିରେ ପକ୍ଷୀ ଶିକାର କରୁଥିବା ଖବର ପାଇ ବନାଞ୍ଚଳ ଅଧିକାରୀ ସୁବାସ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ କର୍ମଚାରୀମାନେ ଘଟଣାସ୍ଥଳରୁ ଆଲୋକକୁ ଗିରଫ କରିଥିଲେ। ତାଙ୍କଠାରୁ ଇୟୁରେଶିୟା ସ୍ୱନ ବିଲ୍ ଓ ଏସିୟାନ୍ ଓପନ୍ ବିଲ୍ସ ଷ୍ଟକ ନାମକ ଦୁଇଟି ମୃତ ପକ୍ଷୀ ଜବତ କରାଯାଇଛି। ଏହି ଚଢ଼ାଉରେ ବନପାଳ ରାଧାକାନ୍ତ ହୋତା, ପ୍ରଣୟ କୁମାର ରାୟ, ବନରକ୍ଷୀ ଲକ୍ଷ୍ମଣ ବେହେରା, ଶିବପ୍ରସାଦ ପଲାଇ ଓ ଅର୍ଜୁନ ପ୍ରଧାନଙ୍କ ସମେତ ୪ ଜଣ ଜଗୁଆଳି ସାମିଲ୍ ଥିଲେ।

### କଂଗ୍ରେସର ମେରା ବୁଥ୍, ମେରା ଗୌରବ କାର୍ଯ୍ୟକ୍ରମ ଆରମ୍ଭ

**ପୁରୁଣା ଭୁବନେଶ୍ୱର, ୧୮।୧୧(ଡି.ଏନ.ଏ.):** ବିଏମ୍‌ସିର ୬୬ ନଂ. ୱାର୍ଡରେ ରବିବାର କଂଗ୍ରେସର ମେରା ବୁଥ, ମେରା ଗୌରବ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ୱାର୍ଡରେ ସୁନ୍ଦରପଦା କାଳିଆଶୁଣୀ ମନ୍ଦିର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ପିସିସିର ପୂର୍ବତନ ସାଧାରଣ ସମ୍ପାଦକ ରାମକୃଷ୍ଣ ପରିଡା ସଭାପତିତ୍ୱ କରିଥିଲେ। ଜିଲା କାର୍ଯ୍ୟକାରୀ ସଭାପତି ରଶ୍ମି ମହାପାତ୍ର ଦଳର ଆଭିମୁଖ୍ୟ, ଭୋଟର ଭଉଣୀଭାଇଙ୍କୁ ସଚେତନ କରାଇଥିଲେ। ଭୁବନେଶ୍ୱର ଜିଲା ସଭାପତି ମାନସ ଚୌଧୁରୀ, ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବିସ୍ମୟ ମହାପାତ୍ର ମୁଖ୍ୟବକ୍ତା ଭାବେ ମତ ରଖିଥିଲେ। ବୁଥ ସ୍ତରରେ କିଭଳି କଂଗ୍ରେସ ଲୋକଙ୍କ ଭଲ ମନ୍ଦ ସହ ଯୋଡିହେବ ସେ କହିଥିଲେ। ଏଥିରେ ବ୍ଲକ ସଭାପତି ମନୋରଞ୍ଜନ ବଟ୍ଟ, ରଣଜିତ୍ ପାତ୍ର, ବଳରାମ ନନ୍ଦ, ବିଜୟ ପ୍ରଧାନ, ରାଜେଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଖୋଜା ଚାଲିଛି ବିକଳ୍ପ ନେତୃତ୍ୱ

## ବିରୋଧୀ ଦଳ ଜିଣି ପାରୁନାହାନ୍ତି ଭୋଟରଙ୍କ ମନ

**ଖୋର୍ଦ୍ଧା ଅଫିସ, ୧୮।୧୧**

ଖୋର୍ଦ୍ଧା ଜିଲାର ବିଭିନ୍ନ ନିର୍ବାଚନମଣ୍ଡଳୀରେ ଲୋକ ପ୍ରତିନିଧିଙ୍କର ବିକଳ୍ପ ଖୋଜୁଛନ୍ତି ଭୋଟର। ନିର୍ବାଚନମଣ୍ଡଳୀଗୁଡିକର ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ଉପରେ ବୀତସ୍ପୃହ ହୋଇ ଭୋଟରମାନେ କୁଆଡେ ନୂଆ ମୁହଁ ଓ ଦଳ ପ୍ରତି ଢ଼ଳିବାକୁ ଆରମ୍ଭ କରିଛନ୍ତି। ଅନ୍ୟପକ୍ଷେ ବିରୋଧୀ ଦଳ ଭୋଟରଙ୍କର ପସନ୍ଦ ଯୋଗ୍ୟ ହୋଇ ପାରୁନାହାନ୍ତି। ବିରୋଧୀ ନିଜ ଦଳ ନିଜ ମଧ୍ୟରେ ଗୋଷ୍ଠୀ କନ୍ଦଳକୁ ତୁଟାଇ ପାରୁନାହାନ୍ତି। କୌଣସି ନିର୍ଦ୍ଦିଷ୍ଟ ପ୍ରସଙ୍ଗକୁ ବିରୋଧୀ ଦଳର ନେତା ଓ କର୍ମୀମାନେ ଇସ୍ୟୁ କରି ଦୀର୍ଘଦିନ ଧରି ରଖି ପାରୁନାହାନ୍ତି। ଫଳରେ ଗତ ନିର୍ବାଚନରେ ଜିତିଥିବା ଲୋକ ପ୍ରତିନିଧିଙ୍କ ଉପରେ କୌଣସି ଫରକ ପଡୁନି। ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ୨୦୧୭ରେ ଶାସକ ଦଳର ଲୋକ ପ୍ରତିନିଧିଙ୍କ ବିରୋଧରେ ହାୱା ପ୍ରବାହିତ ହେଉଥିଲା। ହେଲେ ଏଥିରୁ କଂଗ୍ରେସ ହେଉ କି ଭାଜପା ଫାଇଦା ଉଠାଇ ପାରିଲେନି। ତୃଣମୂଳସ୍ତରରେ ସଙ୍ଗଠନ ଥିଲେ ମଧ୍ୟ ନେତୃତ୍ୱ ଅଭାବରୁ କଂଗ୍ରେସ ଫାଇଦା ନେଇ ପାରି ନ ଥିଲା। ଭାଜପାର ତୃଣମୂଳ ସ୍ତରରେ ସଙ୍ଗଠନ ନ ଥିଲେ ମଧ୍ୟ ଆଶାଠାରୁ ଦଳ ଅଧିକ ଭଲ କରିଥିଲା। ଜିଲା ପରିଷଦ ନିର୍ବାଚନରେ ୨୦ ଜଣ ବିଜେଡିର ଓ ୧୦ ଜଣ ଭାଜପାର ଜିଲା ପରିଷଦ ସଭ୍ୟ ବିଜୟୀ ହୋଇଥିଲେ। ଜିଲା ପରିଷଦରେ ଭାଜପା ବିରୋଧୀ ଦଳର ମାନ୍ୟତା ନେଇଥିଲେ ମଧ୍ୟ ଲୋକଙ୍କ ସମସ୍ୟା ଗୃହରେ ଠିକ୍ ଭାବେ ଉପସ୍ଥାପନ କରି ପାରୁ ନ ଥିବା ଅଭିଯୋଗ ଉଠିଛି। ତ୍ରିସ୍ତରୀୟ ନିର୍ବାଚନ ପରେ ଭାଜପା ଦଳ ତୃଣମୂଳ ସ୍ତରରେ ସଙ୍ଗଠନକୁ ଦୃଢ଼ୀଭୂତ କରି ପାରି ନ ଥିବା କୁହାଯାଉଛି। ୨୦୧୯ରେ ବିଧାନସଭା ସହ ଲୋକ ସଭା ନିର୍ବାଚନ ହେବ। ଭାଜପା କେବଳ ପ୍ରଧାନମନ୍ତ୍ରୀ ମୋଦିଙ୍କ ନାଁ ନେଇ ନିର୍ବାଚନରେ ବାଜି ମାରି ନେବ ବୋଲି ଚିନ୍ତା ରଖିଥିବା କେତେଜଣ ଭୋଟର ନାଁ ଗୋପନ ରଖି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରେ କଂଗ୍ରେସର ଲୋକପ୍ରିୟତା ବଢ଼ିଛି। ଦଳ ପକ୍ଷରୁ ତୃଣମୂଳ ସଙ୍ଗଠନକୁ ପୂର୍ବଭଳି ମଜଭୁତ କରିବାକୁ ଚେଷ୍ଟା ଜାରି ରହିଛି। ହେଲେ ଏ ଯାବତ ଏହାର ସୁଫଳ ମିଳିନି।

### ଆନ୍ଦୋଳନ ସୂଚାଇଲା ଗୋଷ୍ଠୀ କନ୍ଦଳ

ସଭା ସମିତିରେ ଭାଜପା ନେତାମାନେ ଏକାଠି ହୋଇ କାମ କରୁ ନ ଥିବାରୁ ଏହାର ପ୍ରଭାବରେ ଦଳର କ୍ଷତି କରି ଚାଲିଛି। ନଭେମ୍ବର ୫ରେ ଭାଜପାର ଖୋର୍ଦ୍ଧା ବ୍ଲକ ଘେରାଉ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଞ୍ଚଳିକ ନେତାମାନଙ୍କୁ ଅଣଦେଖା କରାଯାଇଥିବା ଚର୍ଚ୍ଚା ହେଉଛି। ଘେରାଉ କାର୍ଯ୍ୟକ୍ରମରେ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀସ୍ତରୀୟ ପ୍ରଭାରୀ, ରାଜ୍ୟସ୍ତରୀୟ ନେତା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଲୁ ଖଣ୍ଡାୟତରାୟ ଓ ରଶ୍ମି ମହାପାତ୍ର ଅନୁପସ୍ଥିତ ରହିବା ଚର୍ଚ୍ଚାକୁ ଖୋରାକ ଯୋଗାଇଥିଲା। ଗତ ୨ ତାରିଖରେ ଟାଙ୍ଗୀ ବ୍ଲକ ଘେରାଉରେ ଉପରୋକ୍ତ ନେତାମାନେ ଉପସ୍ଥିତ ଥିଲେ। ହେଲେ ଖୋର୍ଦ୍ଧା ବ୍ଲକ ଧରଣାରେ ଅନୁପସ୍ଥିତ ରହିବାର କାରଣ ଯାହା ହେଉନା କାହିଁକି ଦଳରେ ଗୋଷ୍ଠୀ କନ୍ଦଳ ପଦାରେ ପକାଇଛି। ଦଳ ପକ୍ଷରୁ ଯେତେ ସଫେଇ ଦେଲେ ବି ଦଳୀୟ ଫାଟକୁ ନେଇ ସବୁଠି ଚର୍ଚ୍ଚା। ଟାଙ୍ଗୀ ବ୍ଲକରେ ଯେପରି ହଜାରରୁ ଉର୍ଦ୍ଧ୍ୱ କର୍ମୀଙ୍କ ଭିଡ ହୋଇଥିଲା ଏଠାରେ ସେପରି ହୋଇ ନ ଥିଲା। ଖୋର୍ଦ୍ଧା ସହର ପରିକ୍ରମା ବେଳେ ଯେଉଁ ଭିଡ ଥିଲା ବ୍ଲକ ଘେରାଉ ସମୟରେ କମି ଯାଇଥିଲା। ଏ ନେଇ ଭାଜପାର କୃଷକ ମୋର୍ଚ୍ଚାର ରାଜ୍ୟ ସମ୍ପାଦକ ଶ୍ରୀରଞ୍ଜନ ମଙ୍ଗରାଜ କୁହନ୍ତି, ଖୋର୍ଦ୍ଧାରେ ନଭେମ୍ବର ୮ରେ ଘେରାଉ ହେବାର ରହିଥିଲା। ତେବେ ୫ ତାରିଖ ଘେରାଉ ସମ୍ପର୍କରେ ଜାଣି ନ ଥିବାରୁ ଅନୁପସ୍ଥିତ ଥିଲି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିକୁଞ୍ଜ ପଟ୍ଟନାୟକ କୁହନ୍ତି, ଦଳରେ ଫାଟ କି ଗୋଷ୍ଠୀ କନ୍ଦଳ ନାହିଁ। ନଭେମ୍ବର ୩ରେ ହେବାକୁ ଥିବା ବ୍ଲକ ଘେରାଉ କାର୍ଯ୍ୟକ୍ରମ ଅସୁବିଧା ହେତୁ ନଭେମ୍ବର ୫ରେ ହୋଇଥିଲା। ଏହି ଘେରାଉ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଯାଇଛି। ହେଲେ କେତେଜଣ ନେତା ଆସି ପାରି ନ ଥିଲେ। ଏହାର କାରଣ ଜଣାପଡିନି। ତେବେ ଚାଷୀ ଆନ୍ଦୋଳନ ଯୋଗୁ ରାଜ୍ୟସ୍ତରୀୟ ନେତା ଆସିପାରିଲେ ନାହିଁ ବୋଲି ସେ କହିଛନ୍ତି।



ଅତିଥିମାନେ ଅନ୍ୱେଷାଙ୍କୁ ପୁରସ୍କୃତ କରୁଛନ୍ତି।

## ବେଗୁନିଆର ଗୌରବ ୫ମ ଶ୍ରେଣୀ ଛାତ୍ରୀ ଅନ୍ୱେଷା

# ସୁରଭି ବକ୍ତୃତାରେ ରାଜ୍ୟରେ ପ୍ରଥମ

**ବେଗୁନିଆ, ୧୮।୧୧ (ଡି.ଏନ.ଏ.)**

ବ୍ଲକ ଅଞ୍ଚଳର ଛାତ୍ରୀ ଅନ୍ୱେଷା ତ୍ରିପାଠୀ ବେଗୁନିଆ ପାଇଁ ଗୌରବ ଆଣିଛନ୍ତି। ସେ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୧୮ କାର୍ଯ୍ୟକ୍ରମର ବକ୍ତୃତା ପ୍ରତିଯୋଗିତାରେ କନିଷ୍ଠ ବିଭାଗରୁ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ଏ ନେଇ ଶିକ୍ଷା ବିଭାଗରେ ଖୁସିର ବାତାବରଣ ଦେଖାଦେଇଛି। ଏଥିସହ କୃତିତ୍ୱ ଅର୍ଜନ କରିଥିବା ଅନ୍ୱେଷାଙ୍କୁ ଜିଲା, ବ୍ଲକ ଶିକ୍ଷା ବିଭାଗଠୁ ଆରମ୍ଭ କରି ଅଭିଭାବକ, ଛାତ୍ରୀଛାତ୍ରମାନଙ୍କ ମହଲରୁ ଅଭିନନ୍ଦନ ଓ ସମ୍ବର୍ଦ୍ଧନାର ସୁଅ ଛୁଟିଛି। ତେବେ ଅନ୍ୱେଷା କୁହନ୍ତି, ଉଦ୍ୟମ ଜାରି ରହିଲେ ଭବିଷ୍ୟତରେ ସଫଳତା ନିଶ୍ଚିତ। ପ୍ରଥମେ ମୁଁ ସ୍କୁଲରେ ବକ୍ତୃତା ବିଭାଗରେ ପ୍ରଥମ ସ୍ଥାନ ହାସଲ କରିଥିଲି, ଯାହାକି ମୋତେ ପ୍ରେରଣା ଯୋଗାଇଥିଲା। ପରେ କ୍ଲଷ୍ଟର, ବ୍ଲକ, ଜିଲା ସ୍ତରରୁ ପ୍ରଥମ ସ୍ଥାନ ହାସଲ କରି ଆଜି ମୁଁ ରାଜ୍ୟରେ ପ୍ରଥମ ହୋଇପାରିଛି। ତେବେ ମୋର ସମସ୍ତ ସହପାଠୀ, ଛୋଟ, ବଡ ଭାଇ ଓ ଭଉଣୀମାନଙ୍କୁ ଶିକ୍ଷା ସହ ବିଭିନ୍ନ ପ୍ରତିଯୋଗିତାରେ ଉଦ୍ୟମ ଜାରି ରଖିବା ପାଇଁ ନିବେଦନ କରୁଛି। ସୂଚନାଥାଉ କି ବାପା ବିବେକାନନ୍ଦ ଓ ମାଆ ସସ୍ମିତାଙ୍କର ଝିଅ ଅନ୍ୱେଷା ସ୍ଥାନୀୟ ଗୁଡୁମ ଗ୍ରାମ ସ୍ଥିତ ଗଜପତି ବୀରକିଶୋର ଦେବ ସରକାରୀ ଉଚ୍ଚ ବିଦ୍ୟାଳୟରେ ୫ମ ଶ୍ରେଣୀରେ ପାଠ ପଢୁଛନ୍ତି।

# କୁନି କୁନି ପିଲାଙ୍କ ସହ ନାଚିଲେ ଅର୍ଚ୍ଚିତା



**ଭୁବନେଶ୍ୱର, ୧୮।୧୧(ବ୍ୟୁରୋ)**

ନାଟ୍ୟସଂସ୍ଥା 'ଶିବାନୀ ଏସ୍ ୟୁ କ୍ୟାନ୍ ଡ୍ୟାନ୍ସ'ର ପଞ୍ଚମ ବାର୍ଷିକ ଉତ୍ସବ ରବିବାର ଇଡକଲ ଅଡିଟୋରିୟମଠାରେ ରଙ୍ଗାରଙ୍ଗ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ରବିବାର ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଏମ୍‌ପି ପ୍ରସନ୍ନ କୁମାର ପାଟଶାଣୀ ଯୋଗ ଦେଇଥିଲେ। ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା ସହ ଆବଶ୍ୟକ କ୍ଷେତ୍ରରେ ନୃତ୍ୟ ପ୍ରତିଭାର ବିକାଶ ଦିଗରେ ସମସ୍ତ ସହଯୋଗ ପାଇଁ ପ୍ରସନ୍ନ ପାଟଶାଣୀ ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମର ପ୍ରମୁଖ ଆକର୍ଷଣ ଥିଲା ଓଡ଼ିଆ ସିନେମାର ବୁଲ୍‌ବୁଲି ନାୟିକା ଅର୍ଚ୍ଚିତା। କୁନି କୁନି ପିଲାମାନଙ୍କ ସହ ଅର୍ଚ୍ଚିତାଙ୍କର ଦୁଇଟି ଗୀତରେ ନୃତ୍ୟ ପରିବେଷଣକୁ ଉପସ୍ଥିତ ଦର୍ଶକ ବେଶ୍ ଉପଭୋଗ କରିଥିଲେ। ଗୁଲ୍‌ସନ୍ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ ଅନୁଷ୍ଠାନର ପ୍ରତିଷ୍ଠାତା ଶିବାନୀ ଆଗାମୀ ଦିନରେ ପ୍ରତିଭାମାନେ କିପରି ଜାତୀୟସ୍ତରରେ ବିଜୟ ଲାଭ କରି ଗୌରବ ଆଣିପାରିବେ ସେଥିପ୍ରତି ସଂସ୍ଥାର ବିଶେଷ ଲକ୍ଷ୍ୟ ରହିଛି ବୋଲି କହିଥିଲେ।

### ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଉଦ୍‌ଯାପିତ

**ବାଲିଅନ୍ତା, ୧୮।୧୧(ଡି.ଏନ୍.ଏ.):** ବାଲିଅନ୍ତାସ୍ଥିତ ଶ୍ରୀ ନିକୁଞ୍ଜବିହାରୀ ମନ୍ଦିର ପରିସରରେ ୯ଦିନ ଧରି ଚାଲିଥିବା ୭୦ତମ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ରବିବାର ଉଦ୍‌ଯାପିତ ହୋଇଛି। ପ୍ରତ୍ୟହ ସକାଳେ ଶ୍ରୀରାମଚରିତ ମାନସ, ସାତ୍ତ୍ୱିକ ପାରାୟଣ ଓ ସନ୍ଧ୍ୟାରେ ରାମକଥା ଉପରେ ପ୍ରବଚନ କାର୍ଯ୍ୟକ୍ରମ ଆଲୋଚିତ ହୋଇଥିଲା। ଏଥିରେ ପଣ୍ଡିତ ରବିନାରାୟଣ ପଣ୍ଡା, ପଣ୍ଡିତ ନାରାୟଣ ଦାଶ, ପଣ୍ଡିତ ବ୍ରଜବନ୍ଧୁ ପଣ୍ଡା, ପଣ୍ଡିତ ଡ.ଉମାକାନ୍ତ ସାହୁ ପ୍ରମୁଖ ଯୋଗଦେଇ ପ୍ରବଚନ ଦେଇଥିଲେ। ରବିବାର ସକାଳେ ପାରାୟଣ ଶେଷ ସହ ବ୍ୟାସ ପୂଜା କରାଯାଇଥିଲା। ନିକୁଞ୍ଜ ବିହାରୀ ଦେବ କମିଟି ଓ ଶ୍ରୀରାମ ଚରିତ ମାନସ ପରିଷଦ ପକ୍ଷରୁ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

# ବିଦେଶରୁ ଫେରିଲା ଓଡ଼ିଆ ଶ୍ରମିକଙ୍କ ମୃତଦେହ

**ଖୋର୍ଦ୍ଧା ଅଫିସ, ୧୮।୧୧**

ମୃତ୍ୟୁର ଏକ ମାସ ପରେ ସୌଦି ଆରବରୁ ଜଣେ ଓଡ଼ିଆ ଶ୍ରମିକଙ୍କ ମୃତଦେହ ରବିବାର ଗାଁରେ ପହଞ୍ଚିଛି। ଗ୍ରାମରେ ମୃତଦେହ ପହଞ୍ଚିବା ପରେ ଶୋକର ବାତାବରଣ ସୃଷ୍ଟି ହୋଇଥିଲା। ରବିବାର ପୁରୀ ସ୍ୱର୍ଗଦ୍ୱାରରେ ନରେନ୍ଦ୍ର ପଲେଇଙ୍କ ସଂସ୍କାର କରାଯାଇଛି। ସ୍ୱାମୀଙ୍କ ଦୁର୍ଘଟଣାଜନିତ ମୃତ୍ୟୁର କ୍ଷତିପୂରଣ ଓ ବକେୟା ପ୍ରାପ୍ୟ ପାଇଁ ସ୍ତ୍ରୀ ଜନପ୍ରତିନିଧିଙ୍କ ସମେତ ପ୍ରଶାସନିକ ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି। ବାଣପୁର ବ୍ଲକ ଆୟତପୁର ପଞ୍ଚାୟତ ଗୋପୀନାଥ ପ୍ରସାଦ ଗ୍ରାମର ନରେନ୍ଦ୍ର ପ୍ରାୟ ୮ ବର୍ଷ ତଳେ ସୌଦି ଆରବକୁ ଯାଇ ଏକ କମ୍ପାନୀରେ ପାଇପ ମିସ୍ତ୍ରି ଭାବେ କାମ କରୁଥିଲେ। ଜୁନ ମାସରେ ନରେନ୍ଦ୍ର ଗ୍ରାମକୁ ଫେରି ପୁଣି ଅଗଷ୍ଟରେ ସୌଦି ଆରବର ଏଟିସି କମ୍ପାନୀରେ ଯୋଗ ଦେଇଥିଲେ। ଅକ୍ଟୋବର ୨୧ ସନ୍ଧ୍ୟାରେ ନରେନ୍ଦ୍ର କାମ ସାରି ଭଡ଼ାଘରକୁ ଚାଲି ଚାଲି ଫେରୁଥିବା ବେଳେ ଏକ ଗାଡି ତାଙ୍କୁ ଧକ୍କା ଦେବାରୁ ତାଙ୍କର ମୃତ୍ୟୁ ହୋଇଥିଲା। କମ୍ପାନୀରେ କାର୍ଯ୍ୟରତ ଅନ୍ୟ ଓଡ଼ିଆ ଶ୍ରମିକ ନରେନ୍ଦ୍ରଙ୍କ ସ୍ତ୍ରୀ ହରଷଙ୍କୁ ଖବର ଦେଇଥିଲେ। ଶାଶୁ ଶ୍ୱଶୁର ଓ ଶିଶୁପୁତ୍ରକୁ ଛାଡି ସୌଦି ଆରବ ଯାଇ ସ୍ୱାମୀଙ୍କ ମୃତଦେହ ଆଣିବା ହରଷଙ୍କ ପକ୍ଷେ ସମ୍ଭବ ହୋଇ ନ ଥିଲା। ଫଳରେ ସେ ମୁଖ୍ୟମନ୍ତ୍ରୀ, ପ୍ରଶାସନିକ ଅଧିକାରୀ ଓ ଜନପ୍ରତିନିଧିଙ୍କୁ ନିବେଦନ କରିଥିଲେ। ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା ଏ ସମ୍ପର୍କରେ ଗଣମାଧ୍ୟମରୁ ଅବଗତ ହେବା ପରେ ମୃତ ନରେନ୍ଦ୍ରଙ୍କ ପରିବାର ସହ ଯୋଗାଯୋଗ କରି ସୌଦି ଆରବସ୍ଥିତ ଭାରତହାଇକମିଶନର ଅହମ୍ମଦ ଜାଭେଦଙ୍କୁ ସହାୟତା କରିବା ପାଇଁ ପତ୍ର ମାଧ୍ୟମରେ ଅନୁରୋଧ କରିଥିଲେ। ଜାଭେଦଙ୍କ ହସ୍ତକ୍ଷେପ ପରେ ଶନିବାର କମ୍ପାନୀ କର୍ତ୍ତୃପକ୍ଷ ବିମାନରେ ମୃତଦେହ ସୌଦି ଆରବରୁ ଭୁବନେଶ୍ୱର ପଠାଇଥିଲେ।





ରବିବାର ସୂଚନାଭବନଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଲେଖକ ଶ୍ରୀନିବାସ ଆଚାର୍ଯ୍ୟଙ୍କ ରଚିତ ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରା ଆଧାରିତ ପୁସ୍ତକ 'ଶ୍ରୀ ପୁରୁଷୋତ୍ତମ ପ୍ରସଙ୍ଗ'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

# ସରକାରୀ କର୍ମଚାରୀଙ୍କ ମୃତଦେହ ଜବତ

**ଭୁବନେଶ୍ୱର, ୧୮।୧୧(ବ୍ୟୁରୋ)**

## ହତ୍ୟା ସନ୍ଦେହ

ଖାଦ୍ୟ ଯୋଗାଣ ଅଫିସ୍‌ର ୪ର୍ଥ ଶ୍ରେଣୀ କର୍ମଚାରୀ ଶିଖର ବେହେରା(୫୭)ଙ୍କର ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ରବିବାର ସକାଳୁ ସିଆରପି ଛକ ନିକଟ ରାସ୍ତାକଡ଼ରୁ ନୟାପଲ୍ଲୀ ପୋଲିସ ତାଙ୍କ ମୃତଦେହକୁ ଜବତ କରିଛି। ତାଙ୍କୁ କେହି ମଦ ପିଆଇ ହତ୍ୟା କରିଥିବା ସନ୍ଦେହ କରାଯାଉଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ହତ୍ୟାର କାରଣ ସ୍ପଷ୍ଟ ହେବ ବୋଲି ନୟାପଲ୍ଲୀ ଥାନା ଅଧିକାରୀ ଉମାକାନ୍ତ ପ୍ରଧାନ କହିଛନ୍ତି।

ଶିଖର ପାୱାର ହାଉସ୍ ନିକଟରେ ଥିବା ଖାଦ୍ୟ ଯୋଗାଣ ଅଫିସରେ ଦୀର୍ଘଦିନ ହେବ ପିଅନ ଚାକିରି କରିଆସୁଥିଲେ। ସେ ଉକ୍ତ ଅଫିସରେ ରୁହନ୍ତି। ପୋଲିସ ସୂଚନା ମୁତାବକ, ଶନିବାର ରାତିରେ ଶିଖର ମଦ ପିଇବା ପାଇଁ ତାଙ୍କ ସାଙ୍ଗଠାରୁ ୫ଶହ ଟଙ୍କା ଧାର ନେଇ ଯାଇଥିଲେ। ହେଲେ ସକାଳୁ ସିଆରପି ଛକ ନିକଟରେ ତାଙ୍କ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ଅତ୍ୟଧିକ ମଦ ପିଇବା ଯୋଗୁ ତାଙ୍କର ମୃତ୍ୟୁ ଘଟିଥିବା ପୋଲିସ କହୁଥିବା ବେଳେ ତାଙ୍କୁ କେହି ମଦ ପିଆଇ ହତ୍ୟା କରିଥିବା ଲୋକେ କହୁଛନ୍ତି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଶିଖରଙ୍କ ମୃତ୍ୟୁକୁ ତାଙ୍କ ସାଙ୍ଗସାଥୀମାନେ ସହଜରେ ବିଶ୍ୱାସ କରିପାରୁ ନାହାନ୍ତି। ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ସେମାନେ ଅଭିଯୋଗ କରିଛନ୍ତି।

## ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

# ଜୟଦୁର୍ଗା କ୍ଲବ ଚାମ୍ପିୟନ

**ଜଟଣୀ, ୧୮।୧୧(ଡି.ଏନ.ଏ)**

ଜଟଣୀ କୁଦିଆରୀ ଖେଳପଡ଼ିଆରେ ଚାଲିଥିବା ପ୍ରଭାକର ମହାପାତ୍ର ମେମୋରିଆଲ୍ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ୍ ଖେଳରେ ସ୍ଥାନୀୟ ଅରୁଗୁଳ ମା' ବାଉତି ଗୋଲ୍‌ଡେନ୍ କ୍ଲବକୁ ୩-୧ ଗୋଲ୍ ବ୍ୟବଧାନରେ ପରାସ୍ତ କରି ଖୋର୍ଦ୍ଧାର ଜୟଦୁର୍ଗା କ୍ଲବ ଚାମ୍ପିୟନ୍ ହୋଇଛି। ଶ୍ରେଷ୍ଠ ଖେଳାଳି ଭାବେ ଜୟଦୁର୍ଗା କ୍ଲବର ସପନି ଦାସ, ଦେବାଶିଷ ସ୍ୱାଇଁ ଓ ବାଉତି କ୍ଲବର ବେଣୁଧର ମଙ୍ଗରାଜଙ୍କୁ ପୁରସ୍କୃତ କରାଯାଇଥିଲା। ରାମଚନ୍ଦ୍ର ମିଶ୍ର ରେଫ୍ରୀ ରହିଥିବାବେଳେ ପ୍ରଫୁଲ୍ଲ ବେହେରା ଓ ଏ.କେ. ସ୍ୱାଇଁ ଲାଇନ୍‌ରେ ସହାୟତା କରିଥିଲେ। ଫାଇନାଲ ଖେଳରେ ଜିଲା ଯୋଜନା ବୋର୍ଡ ସଦସ୍ୟ ଅଧ୍ୟାପକ ବିଜୟ ପଣ୍ଡା, ପୂର୍ବତନ କାଉନସିଲର ଶଶାଙ୍କ ରାୟ, ପୂର୍ବତନ ଫୁଟବଲ ଖେଳାଳି ସତ୍ୟନାରାୟଣ ରାମ, ସଞ୍ଜୟ କର, ଅରବିନ୍ଦ ମହାପାତ୍ର ଅତିଥି ଭାବେ ଯୋଗଦେଇ ଚାମ୍ପିୟନ୍ ଓ ରନର୍ସ ଟ୍ରଫି ପ୍ରଦାନ କରିଥିଲେ। ଆୟୋଜକ କୁଦିଆରୀ ସ୍ପୋର୍ଟ ଆସୋସିଏଶନ୍‌ର ପ୍ରଦୀପ ସୁନ୍ଦରାୟ, ସୁକାନ୍ତ ସାହୁ, ନରେନ୍ଦ୍ର ପ୍ରଧାନ, ମାନସ ମହାପାତ୍ର, ସୁଜିତ ବାରିକ ଓ ଅନ୍ୟ ସଦସ୍ୟମାନଙ୍କ ଦ୍ୱାରା ଟୁର୍ନାମେଣ୍ଟ ପରିଚାଳିତ ହୋଇଥିଲା।



ଟ୍ରଫି ସହ ବିଜୟୀ ଦଳର ସଦସ୍ୟ।

# ବିଭିନ୍ନ ଲୁଟ୍ ଘଟଣାରେ ୫ ଅଭିଯୁକ୍ତ ଗିରଫ

**ଜଟଣୀ, ୧୮।୧୧(ଡି.ଏନ.ଏ)**

ଡକାୟତି ଓ ଲୁଟ୍ ଘଟଣାରେ ଜଟଣୀ ଥାନା ପୋଲିସ ୫ ଜଣଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଜଟଣୀ ବାଲିଛକ ମୁଣ୍ଡିଆ ସାହିର ସେକ୍ ଆଜିମୁଦ୍ଦିନ, ଗଜପତିନଗରର ରେହେମଦ୍ ସରିଫ୍ ଓରଫ କାଦିର, ଅବଦୁଲ ୱାସିମ୍ ଖାନ୍, ଟାଙ୍ଗୀ ଥାନା ଦୀକ୍ଷିତପଡ଼ାର ଶେକ୍ ଫାରୁକ୍ ଓରଫ ମୁନୁ ଓ ଶେକ୍ ଅନ୍‌ସର ଓରଫ କୁନା। ସେମାନଙ୍କଠାରୁ ୨୨, ୭୧୫ ଟଙ୍କା, ଟାବଲୟେଡ୍, ଭୁଜାଲି, କଟୁରି, ଖେଳନା ବନ୍ଧୁକ, ଦୁଇଟି ବାଇକ୍ ଜବତ କରାଯାଇଛି। ଗତ ୧୬ ତାରିଖରେ ଭାରତ ଫାଇନାନ୍ସ ସଂସ୍ଥାର କର୍ମଚାରୀ ବିକାଶ ମହାପାତ୍ରଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରି ସ୍ଥାନୀୟ ଗଜପତିନଗର ଅଞ୍ଚଳରୁ ୯୭ ହଜାର ଟଙ୍କା ଲୁଟି ନେଇଥିଲେ। ସେହିପରି ସେପ୍ଟେମ୍ବର ୧୧ରେ ଘରୋଇ ବନ୍ଧନ ବ୍ୟାଙ୍କ କର୍ମଚାରୀ ବିପ୍ଳବ ଦାସଙ୍କୁ ବନ୍ଧୁକ ଦେଖାଇ ସ୍ଥାନୀୟ ବାଲିଛକସାହି ରାସ୍ତାରେ ୧ ଲକ୍ଷ ୪୧ ହଜାର ୮୩୦ ଟଙ୍କା ଓ ଭାରତ ଫାଇନାନ୍‌ସିଆଲ୍ ନାମକ ସଂସ୍ଥାର କର୍ମଚାରୀ ମାନସ ସାହୁ ଓ ଅଜୟ କୁମାର ସାମଲଙ୍କୁ ଆକ୍ରମଣ କରି ମେ ୨୪ ରେ ବଡ଼ତୋଟା ଗ୍ରାମ ନିକଟ ରାସ୍ତା ଉପରୁ ଦେଢ ଲକ୍ଷ ଟଙ୍କା ଲୁଟ୍ ଘଟଣାରେ ଉପରୋକ୍ତ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏହାଛଡ଼ା ଏହି ଅଭିଯୁକ୍ତମାନଙ୍କ ବିରୋଧରେ ଅନ୍ୟ ଥାନାରେ ବହୁ ଆପରାଧିକ ମାମଲା ରହିଛି। ଗିରଫ ଦୀକ୍ଷିତପଡ଼ାର ସେକ୍ ଅନସରଙ୍କ ନାମରେ ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନାରେ ବହୁ ଆପରାଧିକ ମାମଲା ରହିଥିବା ଜଟଣୀ ଥାନା ଇନ୍ସପେକ୍ଟର ବିଶ୍ୱରଞ୍ଜନ ସାହୁ କହିଛନ୍ତି। ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଏମାନଙ୍କୁ ଗିରଫ କରାଯାଇଥିବା ସେ ସୂଚନା ଦେଇଛନ୍ତି। ଜଟଣୀ ଥାନା ଅଞ୍ଚଳରେ କିଛି ମାସ ହେବ ଧାରାବାହିକ ଭାବେ ଲୁଟ୍ ହେଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପୋଲିସର ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡି କରିବାକୁ ସାଧାରଣରେ ଦାବି ହେଉଛି।



ଗିରଫ ଅଭିଯୁକ୍ତ ଓ ଜବତ ସାମଗ୍ରୀ।



ଯେଉଁ ଲୋକ ଖୁସି ମନରେ ଖାଏ,
ସେ ନିଶ୍ଚିତ ଦୀର୍ଘାୟୁ ହୁଏ।
- ଫ୍ରାନ୍ସିସ୍ ବାକନ୍



## ସଂକ୍ଷେପରେ

### ଘରେ ପଶିଲେ ଦୁର୍ବୃତ୍ତ ୬ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଅଳଙ୍କାର ଚୋରି

**କଣାସ, ୧୮।୧୧(ସ୍ୱ.ପ୍ର.):** କଣାସ ବ୍ଲକ ବକୁ ଗ୍ରାମ ପଞ୍ଚାୟତର ଗଡବରପଦା ଗ୍ରାମରେ ଦୁର୍ବୃତ୍ତମାନେ ବିଳମ୍ବିତ ରାତିରେ ଘରେ ପଶି ୬ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଅଳଙ୍କାର ଲୁଟିନେଇଥିବା ଗଡ଼ିଶାଗୋଦା ଥାନାରେ ଅଭିଯୋଗ ହୋଇଛି। ଗଡ଼ବରପଦା ଗ୍ରାମର ତୋଫାନ କୁମାର ସ୍ୱାଇଁଙ୍କ ବାସଭବନ ପାଚେରୀ ଡେଇଁ ଦୁର୍ବୃତ୍ତମାନେ ଘର ଭିତରକୁ ପ୍ରବେଶକରିଥିଲେ। ଘର ଭିତରେ ଏକ ଡ୍ରରେ ଥିବା ବିଭିନ୍ନ ଅଳଙ୍କାର ଏବଂ ନଗଦ ୧୦ହଜାର ଟଙ୍କା ନେଇଯାଇଥିଲେ। ସୁନା ଅଳଙ୍କାର ଗଡିକର ଆନୁମାନିକ ମୂଲ୍ୟ ୬ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବା ଅଭିଯୋଗ ପାଇବାପରେ ଗଡିଶାଗୋଦା ଆଇଆଇସି ଧୀରଜ ଲେଙ୍କା ଗଡିଶାଗୋଦା ଥାନା କେସ୍ ନଂ ୧୧୧/୨୦୧୮ରେ ଏକ ମାମଲା ରୁଜୁ କରି ଘଟଣାସ୍ଥଳକୁ ଏକ ସାଇଣ୍ଟିଫିକ୍ ଟିମ୍ ସହିତ ଯାଇ ତଦନ୍ତ କରିଛନ୍ତି।

### ମହିଳାଙ୍କଠାରୁ ଛଡ଼ାଇ ନେଲେ ୩୦ହଜାର ଟଙ୍କା

**କଣାସ, ୧୮।୧୧(ସ୍ୱ.ପ୍ର.):** କଣାସ ବ୍ଲକ ଅନ୍ତର୍ଗତ ଗଡିଶାଗୋଦା ଥାନାର ଅର୍ଚ୍ଚନା ପ୍ରଧାନଙ୍କଠାରୁ ଦୁର୍ବୃତ୍ତମାନେ ୩୦ହଜାର ଟଙ୍କା ଛଡାଇନେଇଥିବା ଗଡିଶାଗୋଦା ଥାନାରେ ଅଭିଯୋଗ ହୋଇଛି। ଅର୍ଚ୍ଚନା ତାଙ୍କ ସ୍ୱାମୀ ବିପିନି ହରିଚନ୍ଦନ ଓ ତାଙ୍କ ନଣନ୍ଦ ୧୬ତାରିଖ ସନ୍ଧ୍ୟା ସମୟରେ ଭୁବନେଶ୍ୱରରୁ ଆସି ବକୁଛକରେ ପହଞ୍ଚିବାପରେ ନଣନ୍ଦଙ୍କୁ ସ୍ୱାମୀ ବିପିନି ଗ୍ରାମରେ ଛାଡିବାପାଇଁ ଯାଇଥିବାବେଳେ ଅର୍ଚ୍ଚନା ଛକରେ ଠିଆହୋଇଥିଲେ। ଅର୍ଚ୍ଚନା ଆଗୁଆ ଚାଲି ଚାଲି ଯାଉଥିବା ସମୟରେ ଗଡବରପଦା ମଝି ନିଛାଟିଆ ରାସ୍ତାରେ ସେହି ଗ୍ରାମର ମାନସ ପ୍ରଧାନ ତାଙ୍କ ନିକଟରେ ଥିବା ୩୦ହଜାର ଟଙ୍କା ଛଡାଇନେଇଥିବା ଅଭିଯୋଗ କରିଥିଲେ। ଗଡିଶାଗୋଦା ଆଇଆଇସି ଧୀରଜ ଲେଙ୍କା ଥାନାରେ ୧୧୨/୧୮ରେ ଏକ ମାମଲା ରୁଜୁ କରିଛନ୍ତି। ଏହି ଘଟଣା ପରେ ମାନସ ଫେରାର୍ ଥିବାବେଳେ ତାଙ୍କୁ ଶିଘ୍ର ଗିରଫ କରାଯିବ ବୋଲି ଆଇଆଇସି ଲେଙ୍କା କହିଛନ୍ତି। ପ୍ରକାଶଥାଉକି ମାନସ କିଛିଦିନ ତଳେ ମଦବିକ୍ରି ଅଭିଯୋଗରେ ଗିରଫ ହୋଇ କୋର୍ଟଚାଲଣ ହୋଇଥିଲେ।

### ପୋଖରୀରୁ ଛାତ୍ରଙ୍କ ମୃତଦେହ ଉଦ୍ଧାର

**କୋଣାର୍କ, ୧୮।୧୧(ଡି.ଏନ୍.ଏ.):** ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ଅଧିନସ୍ଥ ବାଲୁଖଣ୍ଡ ଅଭୟାରଣ୍ୟ ଜଙ୍ଗଲ ମଧ୍ୟରେ ଥିବା ହରିଣ ପୋଖରୀରୁ ରବିବାର ଅପରାହ୍ନ ସମୟରେ ଜଣେ ଇଞ୍ଜିନିୟରିଂ ମୃତଦେହକୁ ଚମ୍ପାହାର ଅଗ୍ନିଶମ ବିଭାଗ ଉଦ୍ଧାର କରିଛି। ଭୁବନେଶ୍ୱର ୟୁନିଟ-୩ ଅଞ୍ଚଳର ଇଞ୍ଜିନିୟରିଂ ଛାତ୍ର ମୁକ୍ତିକାନ୍ତ ତ୍ରିପାଠୀ ସାଙ୍ଗ ମାନଙ୍କ ସହ ବଣ ଭୋଜି କରିବାକୁ ଚନ୍ଦ୍ରଭାଗା ଆସିଥିଲେ। ଚନ୍ଦ୍ରଭାଗାସ୍ଥିତ ବାଲୁଖଣ୍ଡ ଅଭୟାରଣ୍ୟ ଜଙ୍ଗଲ ମଧ୍ୟରେ ବନବିଭାଗ ପକ୍ଷରୁ ହରିଣ ମାନଙ୍କ ପାଇଁ ଖୋଳାଯାଇଥିବା ପୋଖରୀରେ ଗାଧୋଉଥିବାବେଳେ ଗୋଡ ଖସିଯିବାରୁ ସେ ପୋଖରୀରେ ବୁଡି ଯାଇଥିଲେ। ଖବର ପାଇ ଚମ୍ପାହାର ଅଗ୍ନିଶମ ଅଧିକାରୀ ଜ୍ୟୋତିପ୍ରକାଶ ରଥ ଅଗ୍ନିଶମ କର୍ମଚାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରଥିଲେ। ଏ ନେଇ ଚନ୍ଦ୍ରଭାଗା ସାମୁଦ୍ରିକଥାନା ପକ୍ଷରୁ ଘଟଣାର ତଦନ୍ତ ଜାରି ରହିଥିବା ଏଏସ୍ଆଇ ବନମାଳି ନାୟକ କହିଛନ୍ତି।

## ଜଗନ୍ନାଥ ହସ୍ପିଟାଲ ପକ୍ଷରୁ ୱାର୍ଲ୍ଡ ପ୍ରିମାଚୁରିଟି ଡେ ପାଳିତ

# ଶିଶୁ ଜନ୍ମର ୬ ଘଣ୍ଟା ସ୍ୱାସ୍ଥ୍ୟ ପାଇଁ ବିପଦ




ମା', ଶିଶୁଙ୍କ ଗହଣରେ ଅତିଥି ଓ ଅନ୍ୟମାନେ।

**ଭୁବନେଶ୍ୱର, ୧୮।୧୧(ବ୍ୟୁରୋ)**

ଶିଶୁ ମା' ଗର୍ଭରେ ରହିବା ଦିନଠାରୁ ୩୭ ସପ୍ତାହ ପୂର୍ବରୁ ଜନ୍ମ ଗ୍ରହଣ କଲେ ଜନ୍ମିତ ଶିଶୁର ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି ହୋଇଥାଏ। ଜନ୍ମ ପରବର୍ତ୍ତୀ ପ୍ରଥମ ୬ ଘଣ୍ଟା ସେମାନଙ୍କ ପାଇଁ ଅତି ବିପଦପୂର୍ଣ୍ଣ। ୧୦ ମାସ ପୂର୍ବରୁ ଜନ୍ମିତ ଶିଶୁର ହୃତ୍‌ପିଣ୍ଡ ଏବଂ ଶିରାପ୍ରଶିରାରେ ରକ୍ତ ସଞ୍ଚାଳନ ଅସ୍ୱାଭାବିକ ହେଉଥିବା ଦେଖିବାକୁ ମିଳିଥାଏ। ଏ ଧରଣର ଶିଶୁ ଜନ୍ମ ହେବାମାତ୍ରେ ତାକୁ ଦାୟିତ୍ୱର ସହିତ ହସ୍ପିଟାଲରେ ଚିକିତ୍ସା କରାଯାଇଥାଏ। ଉନ୍ନତ ଚିକିତ୍ସା ଦ୍ୱାରା ଧୀରେ ଧୀରେ ଶିଶୁର ହୃତ୍‌ପିଣ୍ଡ ଏବଂ ଶିରାପ୍ରଶିରାରେ ରକ୍ତ ସଞ୍ଚାଳନ ସ୍ୱାଭାବିକ ପରିସ୍ଥିତିକୁ ଆସିଥାଏ। ଗୋଟିଏ ସପ୍ତାହ ଚିକିତ୍ସା ପରେ ଶିଶୁ ହୃତ୍‌ପିଣ୍ଡ ସାଧାରଣ ଭାବେ କାର୍ଯ୍ୟ କରିଥାଏ ବୋଲି ଜଗନ୍ନାଥ ହସ୍ପିଟାଲ ପକ୍ଷରୁ ୱାର୍ଲ୍ଡ ପ୍ରିମାଚୁରିଟି ଡେ ପାଳନ ଅବସରରେ ଯୋଗଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ମୁଖ୍ୟଅତିଥି ଭାବେ ହସ୍ପିଟାଲ ଅଧକ୍ଷ ଡା. ଜଗନ୍ନାଥ ମହାପାତ୍ର ଯୋଗଦେଇ କହିଲେ, ଶିଶୁ ଏବଂ ସ୍ତ୍ରୀ ଓ ପ୍ରସୂତି କ୍ଷେତ୍ରରେ ଜଗନ୍ନାଥ ହସ୍ପିଟାଲ ପୂର୍ବ ଭାରତରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି। ୧୦ ମାସ ପୂର୍ବରୁ ଜନ୍ମ ଗ୍ରହଣ କରୁଥିବା ଶିଶୁଙ୍କୁ ଚିକିତ୍ସା ପ୍ରଦାନ କରିବାରେ ଜଗନ୍ନାଥ ହସ୍ପିଟାଲ ନିର୍ଭରଶୀଳ ହସ୍ପିଟାଲ। ଏଠାରେ ଶିଶୁଙ୍କ ଚିକିତ୍ସା ନିମନ୍ତେ ସମସ୍ତ ପ୍ରକାର ସୁବିଧା ରହିଛି। ଫଳରେ ଏପରି ଶିଶୁଙ୍କୁ ଚିକିତ୍ସା ଯୋଗାଇଦେବାରେ ଜଗନ୍ନାଥ ହସ୍ପିଟାଲ ଊର୍ଦ୍ଧ୍ୱରେ ବୋଲି ସେ କହିଥିଲେ। ପୂର୍ବରୁ ହସ୍ପିଟାଲରେ ୧୦ ମାସ ଆଗରୁ ଜନ୍ମଗ୍ରହଣ କରିଥିବା ଶିଶୁମାନଙ୍କୁ ଏହି ଅବସରରେ ହସ୍ପିଟାଲ ପକ୍ଷରୁ ନିମନ୍ତ୍ରଣ କରାଯାଇଥିଲା। ସମ୍ମାନିତ ଅତିଥିଭାବେ ଆଇଏପି ସଭାପତି ଡା. ଚିନ୍ତାମଣି ପଣ୍ଡା, ଏନ୍ଏନ୍ଏଫ୍ ସମ୍ପାଦକ ଡା. ଆଶୁତୋଷ ମହାପାତ୍ର ଏବଂ ଜଗନ୍ନାଥ ହସ୍ପିଟାଲ ପରିଚାଳନା ନିର୍ଦ୍ଦେଶକ ଡା. ବିଶ୍ୱଜିତ ମିଶ୍ରଙ୍କ ସହିତ ହସ୍ପିଟାଲର ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## ପ୍ରସବ ପରେ ଟଙ୍କା ଦେଇପାରିଲେନି ମହିଳା

# ଘରୋଇ ହସ୍ପିଟାଲରେ ବନ୍ଧାପଡ଼ିଛି ନବଜାତ ଶିଶୁ

**ଭୁବନେଶ୍ୱର, ୧୮।୧୧(ବ୍ୟୁରୋ)**

- ସ୍ୱାମୀ ଫେରାର
- ଶିଶୁ ସମ୍ପର୍କରେ ଜଣାଉ ନାହାନ୍ତି ହସ୍ପିଟାଲ କର୍ତ୍ତୃପକ୍ଷ
- ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହେଲେ

ପ୍ରସବ ପରେ ମହିଳା ହସ୍ପିଟାଲ ଫି ଦେଇପାରିଲେନି। ଫଳରେ ହସ୍ପିଟାଲ କର୍ତ୍ତୃପକ୍ଷ ନବଜାତ ଶିଶୁଟିକୁ ବନ୍ଧା ରଖିଛନ୍ତି। ଟଙ୍କା ଧରି ଆସିଲେ ଶିଶୁକୁ ନେଇଯିବ ବୋଲି ମା'କୁ କହିଛନ୍ତି। ଉପାୟ ଶୂନ୍ୟ ହୋଇ ମହିଳା ଜଣକ ଥାନାର ଦ୍ୱାରସ୍ଥ ହୋଇଛନ୍ତି। କଟକର ଏକ ଘରୋଇ ହସ୍ପିଟାଲରେ ଏଭଳି ଘଟଣା ଘଟିଛି। ମହିଳାଙ୍କୁ ଛାଡ଼ି ସ୍ୱାମୀ ଫେରାର ହୋଇଯିବାରୁ ତାଙ୍କର ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ତେଣୁ ସ୍ୱାମୀଙ୍କୁ ଧରି ଆଣିଲେ ସେ ହସ୍ପିଟାଲରେ ଟଙ୍କା ଜମା କରି ଶିଶୁକୁ ଆଣିବେ ବୋଲି ଆଶା ରଖି ମହିଳା ଜଣକ ନୟାପଲ୍ଲୀ ଥାନାରେ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ସାଲିଆସାହି ହାତିଆଶୁଣୀ ବସ୍ତିରେ ରହୁଥିବା ପ୍ରମିତା ପ୍ରଧାନ ନାମ୍ନୀ ମହିଳା ସ୍ୱାମୀଙ୍କ ମୃତ୍ୟୁ ପରେ ୨ୟ ବିବାହ କରିଥିଲେ। ପୂର୍ବରୁ ତାଙ୍କର ଏକ ୨ବର୍ଷର ପୁଅ ଅଛି। ୨ୟ ସ୍ୱାମୀ ସ୍ଥାନୀୟ ଅଞ୍ଚଳରେ ଏକ ଦୋକାନ କରି ପରିବାର ଚଳାଉଥିଲେ। ବିବାହ ପରେ ପ୍ରମିତା ଗର୍ଭବତୀ ହୋଇଥିଲେ। ପ୍ରାୟ ୨୦ ଦିନ ତଳେ ପ୍ରମିତା ଗର୍ଭ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କୁ ହସ୍ପିଟାଲ ନେବା ପାଇଁ ସ୍ୱାମୀ ଗାଡି ଖୋଜିବା ବାହାନାରେ ଘରୁ ବାହାରି ଆସିଥିଲେ। କିନ୍ତୁ ଦୀର୍ଘ ସମୟ ବିତିଯିବା ପରେ ମଧ ଫେରି ନ ଥିଲେ। ଫଳରେ ପ୍ରମିତା ନିଜେ ଆମ୍ବୁଲାନ୍ସକୁ ଫୋନ୍ କରି କ୍ୟାପିଟାଲ ହସ୍ପିଟାଲ ଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ କଟକ ପଠାଇ ଦେଇଥିଲେ। କିନ୍ତୁ କଟକ ବଡ ମେଡିକାଲରୁ ତାଙ୍କୁ ଏକ ଘରୋଇ ହସ୍ପିଟାଲକୁ ପଠାଇ ଦିଆଯାଇଥିଲା। ସେଠାରେ ପ୍ରମିତା ଶିଶୁ ଜନ୍ମ ଦେଇଥିଲେ। ହେଲେ ତାଙ୍କ ପାଖରେ ଟଙ୍କାଟିଏ ନ ଥିବାରୁ ହସ୍ପିଟାଲ କର୍ତ୍ତୃପକ୍ଷ ତାଙ୍କୁ ଛାଡି ନ ଥିଲେ। ଟଙ୍କା ଦେଲେ ଶିଶୁକୁ ନେବ ବୋଲି ପ୍ରମିତାଙ୍କୁ କହିଥିଲେ। ଏପରି କି ସେ ପୁତ୍ର କି କନ୍ୟା ସନ୍ତାନ ଜନ୍ମ ଦେଇଛନ୍ତି ସେ ନେଇ ମଧ ହସ୍ପିଟାଲ କର୍ତ୍ତୃପକ୍ଷ କୌଣସି ସୂଚନା ଦେଇ ନ ଥିଲେ। ପ୍ରମିତାଙ୍କ ପାଖରେ ଟଙ୍କା ନ ଥିବାରୁ ଘରକୁ ଆସି ବିଶ୍ରାମ ନେଇଥିଲେ। ପରେ ସୁସ୍ଥ ଅନୁଭବ କରିବାରୁ ରବିବାର ଥାନାକୁ ଯାଇ ଅଭିଯୋଗ କରିଛନ୍ତି। ପୋଲିସ ତାଙ୍କ ସ୍ୱାମୀକୁ ଧରିବା ପରେ ସେ ଟଙ୍କା ଦେଇ ପିଲାକୁ ଆଣିବେ ବୋଲି ପ୍ରମିତା ଦୁଃଖର ସହ କହିଛନ୍ତି।

## ୧୮୦୪ରୁ ୧୮୧୭

# ରାଜ ବିଦ୍ରୋହ କି ପାଇକ ବିଦ୍ରୋହ ନୁହେଁ, ଦୁଃସାହସିକ ଯୁଦ୍ଧ

### ଐତିହ୍ୟରେ ଓଡ଼ିଶା

**ଡ. ସୁରେନ୍ଦ୍ର କୁମାର ମିଶ୍ର**

ସତ୍ୟବାଦୀ ବଳିୟାରସିଂହଙ୍କ ଉପସ୍ଥାପନ ସଦୃଶ ଆଉ ଗୋଟିଏ ମତ ଏ ବର୍ଷ ପ୍ରକାଶ ପାଇଥିବା 'ବ୍ରହ୍ମଦର୍ଶନ' (ଚତୁର୍ଥସଂଖ୍ୟା) ପତ୍ରିକାରୁ ପଢ଼ିବାକୁ ମିଳେ। ''ଶ୍ରୀଜଗନ୍ନାଥ ଧର୍ମୀୟ ରାଜତନ୍ତ୍ର ପରିପ୍ରେକ୍ଷୀରେ ୧୮୧୭ ପାଇକ ବିଦ୍ରୋହ– ଏକ ତାତ୍ତ୍ୱିକ ଅନୁଶୀଳନ'' ଶୀର୍ଷକ ଆଲୋଚନା ପ୍ରକାଶ ପାଇଛି। ଏହାର ଲେଖକ ଗୋପାଳକୃଷ୍ଣ ଶ୍ରୀଚନ୍ଦନ। ଶୀର୍ଷକଟିକୁ ବୁଝିବା ଆମ ପକ୍ଷରେ ସମ୍ଭବ ହେଲାନାହିଁ। ଶ୍ରୀଜଗନ୍ନାଥ ଧର୍ମ ବୋଲି କିଛି ଧର୍ମ ନାହିଁ। ଧର୍ମ ହେଉଛି ଆମର ସନାତନ ଧର୍ମ। ଶ୍ରୀଜଗନ୍ନାଥ ଉପାସନା ତାହାର ଏକ ଧାରା ବା ଚେତନା। ଶ୍ରୀଜଗନ୍ନାଥ ଧର୍ମୀୟ ରାଜତନ୍ତ୍ର ବୋଲି କିଛି ନଥିଲା କି ନାହିଁ। ଓଡ଼ିଶା ରାଜତନ୍ତ୍ରର ଏହା ଧର୍ମ ନୁହେଁ। ରାଜା ହେଉଛନ୍ତି ଏହି ଧାରାର 'ରାଉତ'। ଜଣେ ସେବକ। ଯାର ଉପାସନା ଧାରାରେ ରାଜତନ୍ତ୍ର ମୂଳରୁ ନଥିଲା କି ଏବେ ନାହିଁ। ଗଣଦେବତାଙ୍କ ଉପାସନାଧାରା ଗଣମାନଙ୍କ ଦ୍ୱାରା ସମ୍ପାଦିତ ହୁଏ। ରାଉତଙ୍କର ସେବା 'ରାଜନୀତି ସେବା' ଭାବରେ ପରିଚିତ।

> **''ଏକ ଐତିହାସିକ ଯୁଦ୍ଧ 'ପାଇକବିଦ୍ରୋହ' ଶବ୍ଦରେ ପାଣିଚିଆ ହୋଇଗଲା ପରି ମନେହୁଏ''**

ଏହି ଆଲୋଚନାରେ ସେ ମଧ ଲେଖିଛନ୍ତି– ଖ୍ରୀ ୧୮୦୪ର ବ୍ରିଟିଶ୍ ସରକାରର ଆକ୍ରମଣାତ୍ମକ ସଂଘର୍ଷ ବିରୋଧରେ 'ରାଜବିଦ୍ରୋହ' ସଙ୍ଗଠନ କରିବାର ନେତୃତ୍ୱ ଜୟୀ ରାଜଗୁରୁ ନେଇଥିଲେ। ରାଜବିଦ୍ରୋହ ଶବ୍ଦଟିକୁ ଲକ୍ଷ୍ୟ କରିବା କଥା। ରାଜବିଦ୍ରୋହ କହିଲେ ରାଜ ପରିବାର ଭିତରେ ବିଦ୍ରୋହ ନା ରାଜା ହେବା ପାଇଁ ବିଦ୍ରୋହ ନା ରାଜା–ରାଜାଙ୍କ ମଧ୍ୟରେ ବିଦ୍ରୋହ, ନା ରାଜା–ଯୁବରାଜଙ୍କ ଭିତରେ ବିଦ୍ରୋହ, ନା ଯୁବରାଜ–ରାଜଜେମାଙ୍କ ଭିତରେ ବିଦ୍ରୋହ! – ଇୟେ ତ ଅଡୁଆ ସୂତା ଭଳି ଲାଗୁଛି। ସେତେବେଳେ ଏ ସମସ୍ତ ଘଟଣା ତ ଘଟି ନ ଥିଲା। ତେବେ ରାଜବିଦ୍ରୋହ କେମିତି ହେବ! ଏହା ମୂଳରୁ 'ବିଦ୍ରୋହ' ନଥିଲା। ସମ୍ପୂର୍ଣ୍ଣ ଯୁଦ୍ଧ ହିଁ ଥିଲା। ଯୁଦ୍ଧ ଡାକରାରେ ଅନେକ କରଦରାଜା ଓ ଗଡ଼ଜାତ ରାଜା ସାମିଲ ହୋଇଥିଲେ। ଗଡୁଆ ବୀରମାନେ ନିଜ ସ୍ୱାଭିମାନକୁ ନେଇ ଯୁଦ୍ଧକୁ ଓହ୍ଲେଇଥିଲେ। କବି ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କ କ୍ଷୁଦ୍ର କାବ୍ୟ 'ଫାଶିଦିଆ'ରୁ ଆମକୁ ତାର ଚିତ୍ର ମିଳେ : ''ସିକୋ ଗାଁ ତେଜି ଯୁଦ୍ଧ ବେଶ ସାଜି ପହଞ୍ଚିଲେ ରଣସିଂଘି। ଗଣିନାହାନ୍ତି ସେ ଭଲ–ମନ୍ଦ ଧନ ପୁଅ–ମାଇପଙ୍କୁ ପିଙ୍ଗି ।।''



ମହାପ୍ରଭୁଙ୍କ ରାଉତ ପ୍ରଥମ ସେବକ ଗଜପତି ମହାରାଜା ସେବାମଗ୍ନ।

ଶେଷରେ ୨୧ ଦିନ ଯୁଦ୍ଧ ପରେ ହିଁ ଖୋର୍ଦ୍ଧା ଦୁର୍ଗର ପତନ ହୋଇଥିଲା। ପାଇକ ବିଦ୍ରୋହ ୧୮୧୭ ମସିହା ଏପ୍ରିଲ ପହିଲାରୁ ଆରମ୍ଭ ହୋଇଥିଲା ବୋଲି ଜଣାଯାଏ। ତାହା ବାଣପୁର ପଟୁ ଆରମ୍ଭ ହୋଇଥିଲା। ଆମେ ଜାଣିଛେ ଆଗରୁ ସେଥିରେ ବକ୍ସି ନଥିଲେ। ସମସ୍ୟା ଜର୍ଜରିତ ହେତୁ ବିଦ୍ରୋହ ତ ନୁହେଁ ଯୁଦ୍ଧକୁ ସେ ଆଗେଇଥିଲେ। ସେ ଜାଣିଥିଲେ ପାରିବାରିକ ସମସ୍ୟାଠାରୁ ଗଣସମସ୍ୟା ଗୁରୁତର ହୋଇ ଉଭା ହୋଇଛି। ପାରିବାରିକ ସମସ୍ୟାରୁ ମୁକ୍ତି ପାଇବା ତାଙ୍କର ଆଉ ଲକ୍ଷ୍ୟ ନଥିଲା। ସାମାଜିକ ସମସ୍ୟାରୁ ସମସ୍ତଙ୍କୁ ମୁକ୍ତ କରିବା ପାଇଁ ସେ ପଣ କଲେ। ଯୁଦ୍ଧକୁ ଆଗେଇ ନେଲେ। ଇତିହାସ ଅନ୍ୟ ଦିଗରେ ଗତି କରିଗଲା। ଜୟୀ ରାଜଗୁରୁଙ୍କ ପରି ସେ ଜୀବନରୁ ମୁକ୍ତି ପାଇ ନଥିଲେ ସତ, ସାମ୍ରାଜ୍ୟବାଦର ଶାସକମାନଙ୍କୁ ଶୋଷଣ ମାନସିକତାରୁ ମୁକ୍ତ ରହିବା ପାଇଁ ଚେତେଇ ଦେବାରେ ସଫଳ ହୋଇଥିଲେ। ଜୟୀ ରାଜଗୁରୁଙ୍କ ନାଟକାନ୍ତ ବିୟୋଗରେ ଓଡ଼ିଶା ମୁଲକ କାନ୍ଦିଥିଲା– ''ଓଡ଼ିଶା ମୁଲକ ସକଳ ଲୋକରେ କାନ୍ଦିଲେ ଶୂନ୍ୟକୁ ଚାହିଁ। ଘୋଟିଗଲା ଦୁଃଖ ରାଇଜ ଯାକରେ ଚୁଲି ତ ଜଳିଲା ନାହିଁ ।।''

ଜଣେ ସେନାପତିଙ୍କ ବିଦାୟରେ ଓଡ଼ିଶା ମୁଲକରେ ଚୁଲି ଜଳି ନଥିଲା। ଆଉ ଜଣେ ସେନାପତିଙ୍କ ସାହସିକ ପଦକ୍ଷେପରେ ଏ ଜାତି ଉଲ୍ଲସିତ ହୋଇଥିଲା। କୁହୁଳୁଥିବା ଅସନ୍ତୋଷକୁ ଗଣଯୁଦ୍ଧରେ ପରିଣତ କରିବାରେ ସେ ସଫଳ ହୋଇଥିଲେ। ମୋଟ ଉପରେ 'ବିଦ୍ରୋହ' ହିଁ ନଥିଲା।

ପାଇକ ବିଦ୍ରୋହ ସମ୍ବନ୍ଧରେ ସବିଶେଷ ବର୍ଣ୍ଣନା କରି କେତେକ ବାହାର ଇତିହାସକାର ବକ୍ସି ଜଗବନ୍ଧୁଙ୍କ ଶେଷ ଯେପରି ଚମକପ୍ରଦ କରିବାକୁ ଚେଷ୍ଟା କରିଛନ୍ତି, ତାହା ଇତିହାସକୁ ବାଟବଣା କଲା ପରି ମନେହୁଏ। ରାଖାଲଦାସ ବାନାର୍ଜୀ ଲେଖିଛନ୍ତି– ବକ୍ସି ଜଗବନ୍ଧୁ ଯୁଦ୍ଧ କରିବା ସମୟରେ ଇଂରେଜ ସେନା ଗୁଳିମାଡ଼ରେ ନିହତ ହୋଇଥିଲେ। ଯାକୁ ଆଧାର କରି ନାଟକ ରଚନା ହେଲା। ପ୍ରଦର୍ଶିତ ମଧ ହେଲା। ଯାହା ପ୍ରକୃତ ଇତିହାସ ସମର୍ଥିତ ନୁହେଁ, ତାହା ପିଲେ ଦେଖିଲେ, ରେଡ଼ିଓରୁ ଶୁଣିଲେ, ଇତିହାସକୁ ଅସାର କରିଦେବାର ଏ ଏକ ନିନ୍ଦିତ ପ୍ରୟାସ। ଏଭଳି ପ୍ରୟାସକୁ ଗ୍ରହଣ ନ କରି ଠିକ ମାର୍ଗରେ ଉପସ୍ଥାପନ କରିବା ପାଇଁ ବିଖ୍ୟାତ ସମାଲୋଚକ ପ୍ରଫେସର ଗଗନେନ୍ଦ୍ର ନାଥ ଦାଶ ଲେଖିଛନ୍ତି– ''ପ୍ରଥମେ ୧୯୫୧ରେ ସୁଧାକର ପଟ୍ଟନାୟକ 'ଝଙ୍କାର' ପୃଷ୍ଠାରେ ପ୍ରକାଶିତ ଏକ ପ୍ରବନ୍ଧରେ ସରକାରୀ କାଗଜପତ୍ର ସୂତ୍ରରୁ ପ୍ରାମାଣିକ ତଥ୍ୟ ସଂଗ୍ରହ କରି ପ୍ରତିପାଦନ କଲେ ଯେ ବକ୍ସି ଜଗବନ୍ଧୁଙ୍କ ମୃତ୍ୟୁ ବ୍ରିଟିଶ୍ ସୈନ୍ୟମାନଙ୍କ ସହ ଜଙ୍ଗଲ ଯୁଦ୍ଧରେ ହୋଇ ନଥିଲା। ବହୁବର୍ଷ ଜଙ୍ଗଲ ମଧ୍ୟରେ ଆତ୍ମଗୋପନ କରି ସେ ଅବଶେଷରେ ୧୮୨୫ରେ ବ୍ରିଟିଶ ସରକାରଙ୍କ ନିକଟରେ (ସସମ୍ମାନ) ଆତ୍ମସମର୍ପଣ କରିଥିଲେ।'' (ବ୍ରହ୍ମଦର୍ଶନ ପୃ. ୧୫୫)।

ଇତିହାସକୁ ଚମକପ୍ରଦ କରିବାକୁ ଚେଷ୍ଟା କରୁକରୁ ବେଳେବେଳେ ମାଙ୍କଡ଼ ହାତରେ ଶାଳଗ୍ରାମ ପଡ଼ିଯିବା ଅବସ୍ଥା ଉପୁଜେ। ଏହାଦ୍ୱାରା ଇତିହାସର କେବଳ କ୍ଷତି ହୁଏ ନାହିଁ, ସାମାଜିକ ଅବମୂଲ୍ୟାୟନ ହୋଇଯାଏ। ସେମିତି ଆମେ ଅନୁଭବ କରୁଛୁ ବକ୍ସିଙ୍କ ଉପରେ ଲେଖା ହୋଇଥିବା ଏ ପର୍ଯ୍ୟନ୍ତ ମୋଟ ୧୧୨ଟି ଆଲୋଚନାର ଫଳାଫଳ। ଅଧିକାଂଶ ଆଲୋଚନାରେ ପ୍ରକାରାନ୍ତରରେ ବକ୍ସିଙ୍କର ଅନ୍ଧାରଦିଗକୁ ଗୌରବପୂର୍ଣ୍ଣ ଘଟଣା ବୋଲି ମନେକରି ଆଲୋଚକମାନେ ଉପସ୍ଥାପନ କରିଛନ୍ତି। ଏହାଦ୍ୱାରା ଏକ 'ଐତିହାସିକଯୁଦ୍ଧ' ପାଇକବିଦ୍ରୋହ ଶବ୍ଦରେ ପାଣିଚିଆ ହେଲା ପରି ମନେହେଉଛି।

## ସତ୍ୟସାଇ ହୃଦ୍‌ରୋଗ ଚିକିତ୍ସା ଶିବିର ଉଦ୍‌ଘାଟିତ



**ଭୁବନେଶ୍ୱର, ୧୮।୧୧(ବ୍ୟୁରୋ)**

ଭୁବନେଶ୍ୱରସ୍ଥିତ ସତ୍ୟସାଇ ସଂଗଠନ ଓଡ଼ିଶା ଶାଖା ଏବଂ ସତ୍ୟସାଇ ହାର୍ଟ ହସ୍ପିଟାଲ ରାଜକୋଟ୍‌ର ମିଳିତ ପ୍ରଚେଷ୍ଟାରେ ଖାରବେଳନଗର ସାଇଜନନୀଠାରେ ଏକ ମେଗା ହୃଦରୋଗ ଚିକିତ୍ସା ଓ ରୋଗ ଚିହ୍ନଟ ଶିବିର ଆୟୋଜିତ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉଦଘାଟନ କରିଛନ୍ତି। ସମ୍ମାନିତ ଅତିଥି ଭାବେ ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି କଲ୍ଲେଶ ସତ୍ୟେନ୍ଦ୍ର ଝାଭେରି ଯୋଗଦେଇଥିଲେ। ଶିବିରକୁ ବିଭିନ୍ନ ଅଞ୍ଚଳରୁ ୧୨୦୦ରୁ ଅଧିକ ହୃଦ୍‌ରୋଗୀ ଆସି ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି। ଜଟିଳ ରୋଗୀମାନଙ୍କୁ ରାଜକୋଟ ନେଇ ଅସ୍ତ୍ରୋପଚାର କରିବାର ବ୍ୟବସ୍ଥା କରାଯାଇଛି ବୋଲି ସଂଗଠନ ପକ୍ଷରୁ କୁହାଯାଇଛି।

## ଲକ୍ଷାଧିକ ଟଙ୍କା ଠକେଇ

**ଭୁବନେଶ୍ୱର, ୧୮।୧୧(ବ୍ୟୁରୋ)**- ମଞ୍ଚେଶ୍ୱର ଥାନା ଚକେଇସିଆଣୀ ଅଞ୍ଚଳରେ ଲକ୍ଷାଧିକ ଟଙ୍କା ଠକେଇ କରିଥିବା ଜଣେ ମହିଳାଙ୍କୁ ପୋଲିସ ଅଟକ ରଖିଛି। ମହିଳା ଜଣକ ଭଡାରେ ରହୁଥିବା ବେଳେ ଏକ ଗ୍ରୋସରୀ ଦୋକାନ କରିଥିଲେ। ବିଭିନ୍ନ ମହିଳା ସଂଘ, ୨ଟି ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥା ଏବଂ ସ୍ଥାନୀୟ କେତେଜଣ ଲୋକଙ୍କଠାରୁ ସେ ପ୍ରାୟ ୬ ଲକ୍ଷ ଟଙ୍କା ଋଣ କରିଥିଲେ। ପ୍ରାୟ ୮ମାସ ହେବ ଭଡା ଘର ଏବଂ ଦୋକାନ ଛାଡି ଫେରାର ହୋଇଯାଇଥିଲେ। ଅଭିଯୋଗକ୍ରମେ ମଞ୍ଚେଶ୍ୱର ପୋଲିସ ଶନିବାର ସମ୍ପୃକ୍ତ ମହିଳାଙ୍କୁ ଥାନରେ ଅଟକ ରଖି ପଚରାଉଚରା କରୁଛି।

**THE ODISHA MINING CORPORATION LIMITED** OMC ODISHA NEW OPPORTUNITIES
**OMC House, Bhubaneswar-751001, Odisha**
CIN: U13100OR1956SGC000313, www.omcltd.in

**E-PROCUREMENT NOTICE**

NIT No: 02 /OMC/e-PROC/MAT/18 Dtd.19.11.2018

CAD-1031

| | | |
|---|---|---|
| 1. | Name of the work | The scope of work relating to this package is to carry out general engineering survey of area earmarked in the tender drawing including contour and topography with DGPS and Total Station instruments (with all accessories) as detailed enclosed in Technical Specification No. MEC/11/11/Q7DT/TS/EP01/R0, May 2018. |
| 2. | Availability of bid document in the portal | 4.00PM on 21.11.2018 to 12.12.2018 upto 5.00 PM |
| 3. | Last date of online submission of tender in portal | 12.12.2018 upto 5.00 PM |
| 4. | Submission of EMD | Rs. 5000/- (Rupees Five thousand only) through online as available in website www.tendersodisha.gov.in |
| 5. | Date of opening of technocommercial Bid | 11.00 AM on 13.12.2018 |

The details can be seen from the tender document available at Government e-procurement portal i.e tendersodisha.gov.in/www.odisha.gov.in/ www.omcltd.in OMC reserves the right to reject any or all tenders without assigning any reason thereof.

30005/11/0127/1819 *General Manager (Project)*

**Odisha Livestock Resources Development Society, OBPI Campus, Siripur, Bhubaneswar-751003**
Tel. No.: 0674-2397985, Email: olrdsahd@gmail.com
Website: www.olrds.com

**INVITATION FOR EXPRESSION OF INTEREST**

**"RISK MANAGEMENT & LIVESTOCK INSURANCE UNDER NLM, 2017-18 implemented by Odisha Livestock Resources Development Society (OLRDS), Bhubaneswar"**

**No. CAD-1029:-** Odisha Livestock Resources Development Society (OLRDS), Bhubaneswar invites EXPRESSION FO INTEREST from Public General Insurance Companies and Private General Insurance Companies in prescribed format in sealed cover superscribing "RISK MANAGEMENT & LIVESTOCK INSURANCE UNDER NLM, 2017-18" on or before 03.12.2018. The details in this regard can be downloaded from the OLRDS website: www.olrds.com.

*Sd./-*
*Chief Executive Officer, OLRDS*

06061/11/0013/1819

## ସଂକ୍ଷେପରେ

### ବସ୍‌ରେ ଲାଗିଲା ମାଓବାଦୀ ବିରୋଧୀ ପୋଷ୍ଟର

**ମୁନିଗୁଡ଼ା, ୧୮।୧୧ (ଡି.ଏନ୍.ଏ.):** ରାୟଗଡ଼ା ଜିଲା ମୁନିଗୁଡ଼ାରେ ବସରେ ମାଓବାଦୀ ବିରୋଧୀ ପୋଷ୍ଟର ଲଗାଯାଇଛି। ଏଥିସହ ବସଷ୍ଟାଣ୍ଡ, ପ୍ରାଥମିକ ବିଦ୍ୟାଳୟରେ ମଧ୍ୟ ପୋଷ୍ଟର ଲାଗିଛି। ଉକ୍ତ ପୋଷ୍ଟରଗୁଡିକ ସମ୍ପୂର୍ଣ୍ଣ ହିଂସାମୁକ୍ତ ଓଡ଼ିଶା ଅଭିଯାନର ରାୟଗଡା ଜିଲା କମିଟି ପକ୍ଷରୁ ଲଗାଯାଇଛି। ଶନିବାର ମାଓବାଦୀଙ୍କ ତରଫରୁ ଜାରି କରାଯାଇଥିବା ଅଡ଼ିଓ ଟେପ୍‌କୁ ବିରୋଧ କରାଯାଇଛି। ସେହିପରି ଆଦିବାସୀମାନଙ୍କ ବିକାଶ କରିବାକୁ କହୁଥିବା ବାଂଶଧାରା ଘୁମୁସୁରା ନାଗାବଳୀ ଡିଭିଜନାଲ କମିଟି ସମ୍ପାଦକ କାହିଁକି ଆଦିବାସୀ ଅଞ୍ଚଳରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ ବିରୋଧ କରୁଛନ୍ତି। ଯଦି ଆଦିବାସୀଙ୍କ ବିକାଶ ଓ ଚାଷର ଉନ୍ନତି ଚାହୁଁଛ ତେବେ ବନ୍ଧୁକ ଛାଡି ସରକାରଙ୍କ ସହ ହାତ ମିଳାଇ ଚାଷ ପ୍ରକ୍ରିୟାରେ ସହଯୋଗ କରିବା ନେଇ ଉକ୍ତ ପୋଷ୍ଟରରେ ଉଲ୍ଲେଖ ରହିଛି।

### ଫେରିବ ଫ୍ଲେକ୍ସି ଫେୟାର ବ୍ୟବସ୍ଥା ଆସନ୍ତାବର୍ଷ ମାର୍ଚ୍ଚ ୧୫ରୁ ହେବ ଲାଗୁ

**ନୂଆଦିଲ୍ଲୀ, ୧୮।୧୧:** ଭାରତୀୟ ରେଲୱେ ପକ୍ଷରୁ ପ୍ରିମିୟମ ଟ୍ରେନଗୁଡିକ ପାଇଁ ଆସନ୍ତା ବର୍ଷ ମାର୍ଚ୍ଚ ୧୫ରୁ ପୁନର୍ବାର ଫ୍ଲେକ୍ସି ଫେୟାର ବ୍ୟବସ୍ଥା ଲାଗୁ କରାଯିବ। ଏ ସଂକ୍ରାନ୍ତରେ ଅଗ୍ରିମ ଟିକେଟ ବୁକିଂ ଆରମ୍ଭ ହୋଇଯାଇଛି। ଏଥିପାଇଁ ସଫ୍ଟୱେର କାର୍ଯ୍ୟକାରୀ କରାଯାଇଛି। ରାଜସ୍ୱ ଆଦାୟ ବୃଦ୍ଧି ସହ ରେଳଯାତ୍ରୀଙ୍କୁ ଅଧିକ ସୁବିଧା ଯୋଗାଇ ଦେବା ଏବଂ ପ୍ରତିଯୋଗିତାପୂର୍ଣ୍ଣ ଭଡା ଆଦାୟ ଲାଗି ରେଲୱେ ପକ୍ଷରୁ ଫ୍ଲେକ୍ସି ଫେୟାର ବ୍ୟବସ୍ଥାକୁ ପୁନର୍ବାର ଆରମ୍ଭ କରାଯାଇଛି। ୪୪ ରାଜଧାନୀ, ୫୨ ଦୂରନ୍ତୋ ଏବଂ ୪୬ ଶତାବ୍ଦୀ ଏକ୍ସପ୍ରେସ ଟ୍ରେନରେ ଏହାକୁ ଲାଗୁ କରାଯିବ। ଚଳିତ ବର୍ଷ ଅକ୍ଟୋବର ୩୧ରୁ ଏହାକୁ ପ୍ରତ୍ୟାହାର କରିନିଆଯାଇଥିଲା। ଦୁଇବର୍ଷ ପୂର୍ବେ ୨୦୧୬ ସେପ୍ଟେମ୍ବରରେ ଏହାକୁ ଲାଗୁ କରାଯାଇଥିଲା। ତେବେ ଫ୍ଲେକ୍ସିଫେୟାର ବ୍ୟବସ୍ଥାରେ ଅଧିକ ଭଡାକୁ ନେଇ ଯାତ୍ରୀ ଓ ସିଏଜିଙ୍କ ପକ୍ଷରୁ ସମାଲୋଚନା କରାଯାଇଥିଲା।

### ରାଜନୀତିକୁ ଜାନକୀଙ୍କ ପୁଅ ଆସିବା ନେଇ ଚର୍ଚ୍ଚା

**ଭୁବନେଶ୍ୱର, ୧୮।୧୧ (ବ୍ୟୁରୋ):** ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ପୁତ୍ର ପୃଥ୍ୱୀବଲ୍ଲଭ ପଟ୍ଟନାୟକ ରାଜନୀତିକୁ ଆସିବା ନେଇ ଚର୍ଚ୍ଚା ଜୋର ଧରିଛି। ହେଲେ କେଉଁ ଦଳରୁ ପୃଥ୍ୱୀ ରାଜନୀତି କରିବେ, ତାହା ଜଣାପଡିନାହିଁ। ରାଜନୀତିରେ ପ୍ରବେଶ କଲେ ବେଗୁନିଆ ନିର୍ବାଚନମଣ୍ଡଳୀରୁ ଲଢିବାକୁ ସେ ଇଚ୍ଛା ପ୍ରକାଶ କରିବେ ବୋଲି ମଧ ପୃଥ୍ୱୀ ମତ ରଖିଛନ୍ତି। ମିଳିଥିବା ସୂଚନାନୁଯାୟୀ ପୃଥ୍ୱୀ କଂଗ୍ରେସରୁ ପ୍ରାର୍ଥୀ ହୋଇପାରନ୍ତି ବୋଲି କେତେକ ମତ ରଖିଛନ୍ତି। ହେଲେ କଂଗ୍ରେସ ଦଳ କିମ୍ବା ରାଜ୍ୟ ନେତୃତ୍ୱ ସହ କୌଣସି କଥାବାର୍ତ୍ତା ହୋଇ ନ ଥିବା ପୃଥ୍ୱୀ ମତ ରଖିଛନ୍ତି। ଅପରପକ୍ଷରେ ପୃଥ୍ୱୀ କଂଗ୍ରେସକୁ ଆସିବା ନେଇ ତାଙ୍କ ସହ କୌଣସି କଥାବାର୍ତ୍ତା ହୋଇ ନ ଥିବା ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି।

■ କୁଜଙ୍ଗରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ସମାବେଶ

# ଦାମଙ୍କ ଉପରେ ବର୍ଷିଲେ ଦେବାଶିଷ



ବିଜେଡିର ଜନସମ୍ପର୍କ ପଦଯାତ୍ରା ସମାବେଶରେ ଉପସ୍ଥିତ ନେତା।

**କୁଜଙ୍ଗ, ୧୮।୧୧ (ସ୍ୱ.ପ୍ର)**

କୁଜଙ୍ଗ ବ୍ଲକ ୪ ନମ୍ବର ଜୋନର ବିଶ୍ୱାଳି ଡ୍ରାମା ପଡିଆଠାରେ ରବିବାର ବିଜେଡିର ଜନସମ୍ପର୍କ ପଦଯାତ୍ରା ସମାବେଶ ଅନୁଷ୍ଠିତ ହୋଇଛି। ଏଥିରେ କଟକ-ବାରବାଟୀ ବିଧାୟକ ଦେବାଶିଷ ସାମନ୍ତରାୟ ଯୋଗଦେଇ ସ୍ଥାନୀୟ ବିଧାୟକ ଡା. ଦାମୋଦର ରାଉତଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ଦାମବାବୁ ୪୫ ବର୍ଷର ରାଜନୈତିକ ଜୀବନରେ କେବଳ ନିଜ ପୁଅ, ପୁତୁରାଙ୍କୁ ଚାକିରି ଓ ଠିକାଦାରୀ କାମ ଦେଇଛନ୍ତି। ମାତ୍ର ଅଞ୍ଚଳର ବେକାର ଯୁବକ, ଜମିହରାଙ୍କ ପାଇଁ କିଛି କରିନାହାନ୍ତି। ଏସାର କମ୍ପାନୀ ଜମି ଅଧିଗ୍ରହଣ ସମୟରେ ଦାମବାବୁ ଲୋକଙ୍କୁ ୬ ଲକ୍ଷ ଟଙ୍କାରେ ଜମି ଦେଇଦେବାକୁ ପ୍ରବର୍ତ୍ତାଇଥିଲେ। ହେଲେ ସେ ନିଜେ ଅଞ୍ଚଳରେ ରହି ଆନ୍ଦୋଳନ କରି ଜମିର ମୂଲ୍ୟକୁ ୧୯ ଲକ୍ଷ ଟଙ୍କା କରିଥିଲେ ବୋଲି ଦେବାଶିଷ କହିଥିଲେ। ସେହିପରି କଂଗ୍ରେସ ନେତା ବାପି ସର୍ଖେଲଙ୍କୁ ମଧ ସେ ସମାଲୋଚନା କରିଥିଲେ। ସମାବେଶରେ ତାଙ୍କ ପ୍ରତି ସ୍ଥାନୀୟ ଲୋକଙ୍କ ଭଲପାଇବା ଦେଖି ଦେବାଶିଷ ଖୁସିବ୍ୟକ୍ତ କରିବା ସହ ଏଠାରେ ଏକ ସୁପର ସ୍ପେସିଆଲିଟି ହସ୍‌ପିଟାଲ ପ୍ରତିଷ୍ଠା, ଜଳ ନିଷ୍କାସନ ବ୍ୟବସ୍ଥା, ଜମିହରାଙ୍କୁ ଚାକିରି ପ୍ରଦାନ କରିବା ସମ୍ପର୍କରେ ଦାବି ଉପସ୍ଥାପନ କରିଥିଲେ। ଏସବୁ ସମସ୍ୟାର ସମାଧାନ ନ ହେଲେ ଡିସେମ୍ବର ୧୬ରେ ତୀବ୍ର ଆନ୍ଦୋଳନ ହେବ ବୋଲି ସେ ଚେତାବନୀ ଦେଇଥିଲେ। ହରେକୃଷ୍ଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ଜଗତ୍‌ସିଂହପୁର ଜିଲା ବିଜେଡି ପର୍ଯ୍ୟବେକ୍ଷକ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଯୋଗଦେଇ ରାଜନେତାମାନେ ଲୋକଦେଖାଣିଆ ଭାବେ ନୁହେଁ, ବରଂ ଆନ୍ତରିକତାର ସହ ଜନସାଧାରଣଙ୍କୁ ଉତ୍ତମ ବ୍ୟବହାର କରିବା ଆବଶ୍ୟକ ବୋଲି କହି ଦାମଙ୍କୁ କଟାକ୍ଷ କରିଥିଲେ। ସିନେ କଳାକାର ଅରିନ୍ଦମ ରୟ, ଏମ୍‌ପି କୁଳମଣୀ ସାମଲ, ପାରାଦୀପ ପୌରାଧ୍ୟକ୍ଷ ବସନ୍ତ କୁମାର ବିଶ୍ୱାଳ, ବିଜୁ ଶ୍ରମିକ ସାମୁଖ୍ୟ ମଙ୍ଗୁଆଳ ସୁବାସ ସିଂହ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ଦାମଙ୍କ ଆଡକୁ ଇଙ୍ଗିତ କରି କେହି ଚକ୍ରାନ୍ତକାରୀ ନବୀନଙ୍କ ଲୋକପ୍ରିୟତା ଉପରେ ପ୍ରଭାବ ପକାଇପାରିବେ ନାହିଁ ବୋଲି କହିଥିଲେ।

# ରଣଭାର ସହି ନ ପାରି ଚାଷୀଙ୍କ ଆତ୍ମହତ୍ୟା ଅଭିଯୋଗ

**ପଟ୍ଟାଙ୍ଗି, ୧୮।୧୧ (ଡି.ଏନ.ଏ.)**

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ପୁକାଲି ପଞ୍ଚାୟତ ଅଧୀନ ମାଳିଗୁଡ଼ା ଗ୍ରାମର ଜଣେ ଚାଷୀ ରଣଭାର ସହି ନ ପାରି ବିଷପିଇ ଆତ୍ମହତ୍ୟା କରିଥିବା ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ମୃତ ଚାଷୀ ହେଲେ ଲୋକନାଥ ପାଙ୍ଗି(୬୨)। ଲୋକନାଥ ସେମିଳିଗୁଡ଼ା ବ୍ଲକ ଅଧୀନ ଚୋରିମାଳିପୁଟ ଗ୍ରାମର ବାସିନ୍ଦା ହୋଇଥିବା ବେଳେ ବିବାହ କରି ନିଜ ଶ୍ୱଶୁର ଘର ମାଳିଗୁଡ଼ା ଗ୍ରାମରେ ରହି ଆସୁଥିଲେ। ସେ ଶନିବାର ଅପରାହ୍ନରେ ଗ୍ରାମ ନିକଟସ୍ଥ ନିଜ ବିଲକୁ ପାଣି ମଡ଼ାଇବାକୁ ଯାଇଥିଲେ। ସେଠାରୁ ସେ ଘରକୁ ଫେରିବା ବାଟରେ ହଠାତ୍ ଅଚେତ ହୋଇ ପଡ଼ିଥିଲେ । ଖବରପାଇ ପରିବାର ଲୋକେ ଘଟଣା ସ୍ଥଳରେ ପହଞ୍ଚି ଅଚେତ ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ପ୍ରଥମେ ପୁକାଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଇବା ପରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ରବିବାର ପରିବାର ଲୋକେ ଲୋକନାଥ ଋଣ ବୋଝରେ ଆତ୍ମହତ୍ୟା କରିଥିବା ପୋଲିସ ନିକଟରେ ଅଭିଯୋଗ କରିଛନ୍ତି। ଫସଲ ନଷ୍ଟ ହୋଇ ଯିବାରୁ ସେ ବିଷ ଖାଇ ଆତ୍ମହତ୍ୟା କରିଛନ୍ତି ବୋଲି ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ପୋଲିସ ମାମଲା ରୁଜୁ କରି ପ୍ରାଥମିକ ତଦନ୍ତ ଆରମ୍ଭ କରିବା ସହିତ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏହାକୁ ନେଇ ତହସିଲଦାର ଅରୁଣ କୁମାର ଖଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ରାଜସ୍ୱ ନିରୀକ୍ଷକ ଶୋଭା ହରିଜନ ମୃତକଙ୍କ ଗ୍ରାମରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ତହସିଲଦାର ପ୍ରକାଶ କରିଛନ୍ତି । ଭାଜପା ନେତା ଜୟରାମ ପାଙ୍ଗି, ସ୍ଥାନୀୟ ପଞ୍ଚାୟତ ସମିତି ଅଧକ୍ଷ ଜି. ପାଙ୍ଗି, ଜିଲା ପରିଷଦ ସଭ୍ୟ ଡୁମୁରି ଖିଲ ପ୍ରମୁଖ ମୃତକଙ୍କ ଘରେ ପହଞ୍ଚି ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ।

# ଟ୍ରକ୍-ବାଇକ୍ ଧକ୍କା: ୨ ମୃତ

**ଡୁଙ୍ଗୁରିପାଲି, ୧୮।୧୧ (ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ରାମପୁରଠାରୁ ବରପାଲି ଦେଇ ଯାଇଥିବା ରାସ୍ତାର ସାରସମାଲ ଆନନ୍ଦ ବଜାର ବୁଲାଣି ନିକଟରେ ଟ୍ରକ୍ ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୨ ଜଣ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ମାୟାବର୍ହା ଗ୍ରାମର ସୁରେଶ ପଧାନ (୪୮) ଓ ସାହାଜବାହାଲ ଗ୍ରାମର ଅଧିକାରୀ ଦୀପ (୪୨)। ସୁରେଶ ପମ୍ପ ଚାଳକ ତଥା ଏଏସ୍‌ଏମ୍ ଭାବେ କାମ କରୁଥିବାବେଳେ ଅଧିକାରୀ ଗାଁ ସାଥୀ ଭାବେ କାମ କରନ୍ତି। ଉଭୟ ଓଡି୧୭-ଏ୪୦୨୪ନଂ ବାଇକ୍‌ରେ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ସିଜି୦୬-ଜିକେ୩୫୮୪ନଂ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ସେମାନେ ରାସ୍ତା କଡ଼କୁ ଛିଟିକି ପଡ଼ିଥିଲେ। ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ହୋଇଥିଲା। ଟ୍ରକ୍ ଚାଳକ ଗାଡ଼ିରୁ ଡେଇଁ ଫେରାର ହୋଇଯାଇଥିଲେ। ଦୁର୍ଘଟଣାର କିଛି ସମୟ ପର୍ଯ୍ୟନ୍ତ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତଦେହ ରଖି ଲୋକେ ରାସ୍ତା ଅବରୋଧ କରିଥିଲେ। ଡୁଙ୍ଗୁରିପାରି ଥାନାଧିକାରୀ ଅମରେନ୍ଦ୍ର ଷାଣ୍ଢରେ, ରାମପୁର ଥାନାଧିକାରୀ ଗୋକୁଳ ରାଉଳ, ରାମପୁର ତହସିଲଦାର ପଞ୍ଚାନନ ପାତ୍ର, ବ୍ଲକ ଅଧକ୍ଷ ମକରଧ୍ୱଜ ସାହୁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ରେଡ୍‌କ୍ରସ ପାଣ୍ଠିରୁ ୧୦ ହଜାର, ଆର୍‌ଡବ୍ଲ୍ୟୁଏସ୍‌ଏସ୍ ପକ୍ଷରୁ ୧୦ ହଜାର ଓ ବ୍ଲକ ଅଧକ୍ଷ ୧୦ ହଜାର ଟଙ୍କା ଲେଖାଏ ଅନୁକମ୍ପା ମୂଳକ ସହାୟତା ଯୋଗାଇ ଦେବାକୁ ଘୋଷଣା କରିଥିଲେ ମଧ ଲୋକେ ରାସ୍ତାରୋକୋରୁ ଓହରି ନ ଥିଲେ। ଦୁର୍ଘଟଣା ଘଟାଇଥିବା ଡ୍ରାଇଭରଙ୍କ ଗିରଫ ଦାବିରେ ଲୋକମାନେ ଜିଦ୍ ଧରିଥିଲେ। ଖବର ଲେଖାହେବା ପର୍ଯ୍ୟନ୍ତ ରାସ୍ତାରୋକୋ ଜାରି ରହିଛି।

■ ଚର୍ଚ୍ଚାରେ ଢେଙ୍କାନାଳ ଜିଲା ଚିକିତ୍ସାଳୟ

# ୪ର୍ଥ ମହଲାରୁ ଡେଇଁ ରୋଗୀଙ୍କ ଆତ୍ମହତ୍ୟା

**ଢେଙ୍କାନାଳ ଅଫିସ, ୧୮।୧୧**

ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଶନିବାର ବିଳମ୍ବିତ ରାତିରେ ଅଭାବନୀୟ ଘଟଣା ଘଟିଛି। ସ୍ୱାସ୍ଥ୍ୟକେନ୍ଦ୍ରର ୪ର୍ଥ ମହଲାରେ ଥିବା ମେଡିସିନ ୱାର୍ଡ କରିଡର ଝରକାରୁ ଡେଇଁ ଜଣେ ରୋଗୀ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଭାପୁର ଫାଣ୍ଡି ଅଧୀନ ହରିଡ଼ାପଶି ଗ୍ରାମର ଖଗେଶ୍ୱର ଭୋଳ (୩୮)। ଘଟଣା ପରେ ଚିକିତ୍ସାଳୟ ପରିସରରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

ଗ୍ୟାସ୍‌ଟ୍ରିକ୍ ରୋଗରେ ଆକ୍ରାନ୍ତ ଖଗେଶ୍ୱର ଚିକିତ୍ସା ଲାଗି ପ୍ରଥମେ କାମାକ୍ଷାନଗର ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ସେଠାରୁ ରେଫର ହୋଇ ଶନିବାର ପୂର୍ବାହ୍ନ ୧୧ଟାରେ ସେ ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ଆଟେଣ୍ଡାଣ୍ଟ ଭାବେ ତାଙ୍କ ମା' ଖୁଲଣ ଭୋଳ ଏବଂ ଅନ୍ୟଜଣ ସମ୍ପର୍କୀୟ ପାଖରେ ଥିଲେ। ବିଳମ୍ବିତ ରାତିରେ ସେ ଝରକା ତଳକୁ ଡେଇଁ ପଡ଼ିଥିଲେ। ପ୍ରଚଣ୍ଡ ଶବ୍ଦ ଶୁଣି ସୁରକ୍ଷା କର୍ମୀ ଆସି ଦେଖିବାବେଳକୁ ଖଗେଶ୍ୱର କ୍ଷତାକ୍ତ ଅବସ୍ଥାରେ ଚେତାଶୂନ୍ୟ ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ ଆଉଟ୍‌ଡୋରକୁ ନିଆଯାଇଥିଲା। ସେଠାରୁ ଆମ୍ବୁଲାନ୍ସ ଯୋଗେ କଟକ ସ୍ଥାନାନ୍ତର କରାଯାଉଥିବାବେଳେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଘଟଣା ପ୍ରଚାରିତ ହେବା ପରେ ରବିବାର ଚିକିତ୍ସାଳୟରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ଏହା ସତ୍ତ୍ୱେ ଦୀର୍ଘ ସମୟ ଧରି ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ଦେଖା ମିଳି ନ ଥିଲା। ସୂଚନାପାଇ ଟାଉନ ଥାନା, ସଦର ଥାନା ପୋଲିସ ପହଞ୍ଚି ତଦନ୍ତ କରିଛି। ଏ ନେଇ ନଂ. ୨୮/୧୮ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ତଦନ୍ତକାରୀ ଏସ୍‌ଆଇ କ୍ଷୀତିଶ ପାତ୍ର ସୂଚନା ଦେଇଛନ୍ତି

> ■ ମୃତକଙ୍କ ପରିବାରକୁ ୨୦ ହଜାର ଟଙ୍କା ସହାୟତା
>
> ■ ଦୀର୍ଘ ସମୟ ଧରି ଅଧିକାରୀଙ୍କ ଦେଖାମିଳିଲାନି

ଏ ସଂକ୍ରାନ୍ତରେ ସିଡିଏମ୍‌ଓ ଦାୟିତ୍ୱରେ ଥିବା ବରିଷ୍ଠ ଚିକିତ୍ସକ ଜଗଦାନନ୍ଦ ତ୍ରିପାଠୀ କୁହନ୍ତି, ଝରକା ପଟେ ଡେଇଁ ପଡ଼ିବାରୁ ରୋଗୀଙ୍କ ମୃତ୍ୟୁ ଘଟିଛି। ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଘଟଣାର ତଦନ୍ତ ଚାଲିଛି। ଏ ନେଇ ଉପଜିଲାପାଳ ପୀତାମ୍ବର ସାମଲ କୁହନ୍ତି, ଏହା ଏକ ଦୁର୍ଭାଗ୍ୟଜନକ ଘଟଣା। ମୃତକଙ୍କ ପରିବାରକୁ ୨୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ସହାୟତା ରାଶି ଯୋଗାଇ ଦେବାକୁ ସରପଞ୍ଚଙ୍କୁ କୁହାଯାଇଛି। ଯୋଗ୍ୟତା ଅନୁଯାୟୀ ଜାତୀୟ ପରିବାର ସୁରକ୍ଷା ଯୋଜନା ଆନୁକୂଲ୍ୟରେ ମଧ ସହାୟତା ପ୍ରଦାନ କରାଯିବ।

# ଜଗନ୍ନାଥଙ୍କ ମାଟିରେ ଜଗରନଉଟ ଶବ୍ଦ ବ୍ୟବହାର ଅପମାନଜନକ: ବିଶ୍ୱଭୂଷଣ

**ଭୁବନେଶ୍ୱର, ୧୮।୧୧ (ବ୍ୟୁରୋ)**

ଓଡ଼ିଶା ମାଟିରେ 'ଜଗରନଉଟ' ଶବ୍ଦ ବ୍ୟବହାର କରି ଓଡିଆ ଜାତିର ଭାବାବେଗକୁ ରାଜ୍ୟ ସରକାର ଆଘାତ ଦେଇଛନ୍ତି ବୋଲି ଭାଜପା ବରିଷ୍ଠ ନେତା ବିଶ୍ୱଭୂଷଣ ହରିଚନ୍ଦନ ଅଭିଯୋଗ କରିଛନ୍ତି। ସରକାରଙ୍କ ଶିଳ୍ପ ମହାକୁମ୍ଭ ମେକ୍ ଇନ୍ ଓଡିଶା କନକ୍ଲେଭ-୨୦୧୮ରେ ଏକ ବିଜ୍ଞାପନ ମାଧ୍ୟମରେ ଓଡିଆ ଜାତିର ଆରାଧ ଦେବତା ପ୍ରଭୁ ଜଗନ୍ନାଥଙ୍କୁ ଅସମ୍ମାନିତ କରାଯାଇଛି । ଗତ ନଭେମ୍ବର୧୨ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଫଟୋ ସହ ଏକ ବିଜ୍ଞାପନ 'କମ୍, ଜଏନ୍ ଦ ଜଗରନଉଟ' ହେଡିଂ ସହ ପ୍ରକାଶିତ ହୋଇଥିଲା । ଏହାର ଅର୍ଥ କ'ଣ ଏବଂ ଏହି ଶବ୍ଦକୁ କାହିଁକି ବ୍ୟବହାର କରାଗଲା ବୋଲି ହରିଚନ୍ଦନ ପ୍ରଶ୍ନ କରିଛନ୍ତି। ହରିଚନ୍ଦନ ଆହୁରି କହିଛନ୍ତି ଯେ, 'ଜଗରନଉଟ' ଶବ୍ଦ ଓଡିଶାରେ କେହି ବ୍ୟବହାର କରନ୍ତିନାହିଁ । ଜଗନ୍ନାଥଙ୍କୁ ଏପରି ବିକୃତ ଭାବେ ଦର୍ଶାଇବା ଅତ୍ୟନ୍ତ ହୀନ ଏବଂ ଆମ ସଂସ୍କୃତି ବିରୋଧୀ ମାନସିକତା । ରାଜ୍ୟକୁ ହାଇଫାଇରେ ବିଶ୍ୱାସ କରୁଥିବା ଆମ ମୁଖ୍ୟମନ୍ତ୍ରୀ ମହୋଦୟ ପ୍ରଭୁ ଜଗନ୍ନାଥଙ୍କୁ ଆଉ କ'ଣ କହି ଦେଶ ବିଦେଶରୁ ଆସିଥିବା ଶିଳ୍ପ ଜଗତର ମହାହସ୍ତୀମାନଙ୍କୁ ସ୍ୱାଗତ କରିଥାନ୍ତେ ବୋଲି ସେ ପ୍ରଶ୍ନ କରିଛନ୍ତି । ପୂର୍ବରୁ ଜଗନ୍ନାଥଙ୍କ ଦାରୁ ଚୟନ ବିବାଦରେ ପୁରୀ ଗଜପତି ମହାରାଜ ତାଙ୍କ ମନ୍ତବ୍ୟ ରଖିବା ସମୟରେ 'ଜଗରନଉଟ' ଶବ୍ଦର ବ୍ୟବହାରକୁ ନାପସନ୍ଦ କରିଥିଲେ । ଜଗନ୍ନାଥ ସଂସ୍କୃତି ବିଷୟରେ ଅଜ୍ଞ ଏବଂ ମହାନ୍ ସଂସ୍କୃତିର ବିରୋଧୀ କେତେକ ବିଦେଶୀ ବ୍ୟକ୍ତି ଜଗନ୍ନାଥଙ୍କୁ ଏଭଳି ବିକୃତ କରି 'ଜଗରନଉଟ' କହୁଛନ୍ତି । କେତେକ ଅସହିଷ୍ଣୁ ବ୍ୟକ୍ତି ଜଗନ୍ନାଥଙ୍କୁ ବ୍ୟଙ୍ଗ କରି ଏଭଳି ଶବ୍ଦ ପ୍ରୟୋଗ କରୁଛନ୍ତି ବୋଲି ହରିଚନ୍ଦନ ଅଭିଯୋଗ କରିଛନ୍ତି । ରାଜ୍ୟ ସରକାର ଓ ଶିଳ୍ପ ମହାକୁମ୍ଭର ମହାନାୟକ ମୁଖ୍ୟମନ୍ତ୍ରୀ ପ୍ରଭୁ ଜଗନ୍ନାଥ ଏବଂ ଓଡିଆ ଜାତିକୁ ଅପମାନିତ କରିଥିବାରୁ ନିଜ ଦୋଷକୁ ସ୍ୱୀକାର କରି ଓଡିଆ ଜାତି ପାଖରେ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ହରିଚନ୍ଦନ ଦାବି କରିଛନ୍ତି ।

■ ରାଜ୍ୟ ଯୁବ ମହୋତ୍ସବର ଫଳାଫଳ

# ଲୋକଗୀତରେ ପୁରୀ, ଲୋକନୃତ୍ୟରେ ବରଗଡ଼ ପ୍ରଥମ

**ଯାଜପୁର ଅଫିସ, ୧୮।୧୧:** ଯାଜପୁର ଜିଲାରେ ପ୍ରଥମ କରି ଅନୁଷ୍ଠିତ ହୋଇଥିବା ୨୪ତମ ରାଜ୍ୟ ଯୁବ ମହୋତ୍ସବର ରବିବାର ଫଳାଫଳ ପ୍ରକାଶ ପାଇଛି। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ଲୋକସଂଗୀତରେ ପୁରୀ ଜିଲାର ସାଂସ୍କୃତିକ ଦଳ ଲକ୍ଷ୍ମୀପୁରାଣ ଗାନ କରି ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଲୋକନୃତ୍ୟରେ ବରଗଡ ଦଳ ବାଜି ମାରିଛି। ଏହି ଉତ୍ସବରେ ପ୍ରାୟ ୨୫୦୦ ପ୍ରତିଯୋଗୀ ଭାଗ ନେଇଥିଲେ । ୪ ଦିନ ଧରି ଅନୁଷ୍ଠିତ ଏହି ଯୁବ ମହୋତ୍ସବକୁ ଦର୍ଶକ ମନଭରି ଉପଭୋଗ କରିଥିଲେ। ରାଜ୍ୟ ଯୁବ ମହୋତ୍ସବରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଦଳ ଜାତୀୟ ଯୁବ ମହୋତ୍ସବରେ ଭାଗ ନେଇପାରିବେ।

| | |
|---|---|
| **ଲୋକ ସଂଗୀତ** | |
| ପୁରୀ | ପ୍ରଥମ |
| ସମ୍ବଲପୁର ଓ ଗଞ୍ଜାମ | ଦ୍ୱିତୀୟ |
| ବଲାଙ୍ଗୀର/ଯାଜପୁର | ତୃତୀୟ |
| **ଲୋକନୃତ୍ୟ** | |
| ବରଗଡ | ପ୍ରଥମ |
| ମୟୂରଭଞ୍ଜ | ଦ୍ୱିତୀୟ |
| ବଲାଙ୍ଗୀର ଓ କଳାହାଣ୍ଡି | ତୃତୀୟ |
| **ଏକକ ଅଭିନୟ** | |
| ନୟାଗଡ | ପ୍ରଥମ |
| ଖୋର୍ଦ୍ଧା | ଦ୍ୱିତୀୟ |
| ଗଞ୍ଜାମ | ତୃତୀୟ |
| **କ୍ଲାସିକାଲ ଇନଷ୍ଟ୍ରୁମେଣ୍ଟ ଫ୍ଲୁଏଟ (ବଂଶୀ)** | |
| ମନିଷା ପଣ୍ଡା, ଯାଜପୁର | ପ୍ରଥମ |
| ଲକ୍ଷ୍ମୀପ୍ରସାଦ ମଲ୍ଲିକ, ପୁରୀ | ଦ୍ୱିତୀୟ |
| ତନ୍ମୟ ମହାନନ୍ଦା, ବଲାଙ୍ଗୀର | ତୃତୀୟ |
| **ବାକ୍‌ପଟୁତା** | |
| ପ୍ରତ୍ୟୁଷା ଅମନ୍ତ, ଅନୁଗୋଳ | ପ୍ରଥମ |
| ଶର୍ମିଷ୍ଠା ବେହେରା, ନୟାଗଡ | ଦ୍ୱିତୀୟ |
| ତାନଭି ଅଗ୍ରୱାଲ, ରାୟଗଡା ଓ ଗୀତାଞ୍ଜଳି ସୁଆର, ଭଦ୍ରକ | ତୃତୀୟ |
| **ହାରମୋନିୟମ** | |
| ଲିପ୍‌ସା ନାୟକ, ଯାଜପୁର | ପ୍ରଥମ |
| ଧନେଶ୍ୱର ଓଝା, ଭଦ୍ରକ | ଦ୍ୱିତୀୟ |
| ଶାନ୍ତନୁ ମାଝୀ, କଳାହାଣ୍ଡି | ତୃତୀୟ |
| **ଭୋକାଲ କର୍ନାଟକୀ ଗୀତ** | |
| ଏଲାନ ପଧାନ, ଗଜପତି | ପ୍ରଥମ |
| ଭି. କାମେଶ୍ୱର, ଗଞ୍ଜାମ | ଦ୍ୱିତୀୟ |
| ରାଧାରାଣୀ ପଟ୍ଟନାୟକ, ଜଗତସିଂପୁର | ତୃତୀୟ |
| **ହିନ୍ଦୁସ୍ତାନୀ ଭୋକାଲ** | |
| ଅଙ୍କିତା ପଣ୍ଡା, ଢେଙ୍କାନାଳ | ପ୍ରଥମ |
| ସୁମନ୍ତ ମହାରଣା, ଖୋର୍ଦ୍ଧା ଓ ଗୋପାଳକୃଷ୍ଣ ସାହୁ, କଟକ | ଦ୍ୱିତୀୟ |
| ଶୁକଦେବ ପ୍ରଧାନ, ମୟୂରଭଞ୍ଜ | ତୃତୀୟ |
| **ମୃଦଙ୍ଗ** | |
| ଶ୍ୟାମଘନ ବେହେରା, ଗଞ୍ଜାମ | ପ୍ରଥମ |
| ପବିତ୍ର ସାହୁ, ପୁରୀ | ଦ୍ୱିତୀୟ |
| ମାନସରଞ୍ଜନ ସାହୁ, କଳାହାଣ୍ଡି | ତୃତୀୟ |
| **ଓଡ଼ିଶୀ** | |
| ଦୀପାସି ପଟ୍ଟନାୟକ, ପୁରୀ | ପ୍ରଥମ |
| ହରେକୃଷ୍ଣ ଧଳ, ଖୋର୍ଦ୍ଧା | ଦ୍ୱିତୀୟ |
| ପିନାକୀ ଦାସ, ଅନୁଗୋଳ | ତୃତୀୟ |
| **କଥକ ନୃତ୍ୟ** | |
| ପ୍ରିୟଦର୍ଶନୀ ଦାସ, ଗଞ୍ଜାମ | ପ୍ରଥମ |
| ସ୍ନେହାସିନୀ ନାୟକ, ଯାଜପୁର | ଦ୍ୱିତୀୟ |
| ସୁଇଟି ସିହ୍ନା, ଭଦ୍ରକ | ତୃତୀୟ |
| **ଭାରତନାଟ୍ୟମ୍** | |
| ରାଧେଶ୍ୟାମ ତରାଇ, ଗଞ୍ଜାମ | ପ୍ରଥମ |
| ସୃଷ୍ଟି ସାହୁ, ରାୟଗଡା | ଦ୍ୱିତୀୟ |
| ପ୍ରତୀକ୍ଷା ମହାନ୍ତି, ଯାଜପୁର | ତୃତୀୟ |
| **ମଣିପୁରୀ ନୃତ୍ୟ** | |
| ଲଳିତ କୁମାର ଦାସ, କେନ୍ଦ୍ରାପଡା | ପ୍ରଥମ |
| ବିକ୍ରମ ବାରିକ, ଭଦ୍ରକ | ଦ୍ୱିତୀୟ |
| **କୁଚିପୁଡି ନୃତ୍ୟ** | |
| ଉର୍ମିଳା ପଟ୍ଟନାୟକ, ଗଜପତି | ପ୍ରଥମ |
| ଏନ. ବୈଷ୍ଣବ ରାଉଳ, ପୁରୀ | ଦ୍ୱିତୀୟ |
| ସୁଶ୍ରୀ ମୋନାଲିସା ଦାସ, ଗଞ୍ଜାମ | ତୃତୀୟ |
| **ଟବଲା ବାଦ୍ୟ** | |
| ଗଣେଶ ରାଉତ, ଅନୁଗୋଳ | ପ୍ରଥମ |
| ପ୍ରଜ୍ୟୋତିକା ମିଶ୍ର, ବଲାଙ୍ଗୀର | ଦ୍ୱିତୀୟ |
| ବୀରଭଦ୍ର ଜେନା, କେନ୍ଦୁଝର | |
| ମାତୃପ୍ରସାଦ ପଣ୍ଡା, କଟକ | ତୃତୀୟ |
| **ଗୀଟାର** | |
| ପିନାକୀ ପ୍ରସାଦ ସିଂ, ଅନୁଗୋଳ | ପ୍ରଥମ |
| ଓମ୍‌କାର ଦାସ, ଯାଜପୁର | ଦ୍ୱିତୀୟ |
| କାଳୁଚରଣ ମହାରଣା, ଗଞ୍ଜାମ | ତୃତୀୟ |
| **ସିତାର** | |
| ଶିବାନୀ ଚାନ୍ଦ, ସମ୍ବଲପୁର | ପ୍ରଥମ |
| ସତ୍ୟବାନ ସେଠୀ, ପୁରୀଦ୍ୱିତୀୟ | |
| ବଂସିତା ସାହୁ, ଖୋର୍ଦ୍ଧା | ତୃତୀୟ |
| **କଲ୍‌ଚରାଲ ରାଲି** | |
| ବରଗଡ ଦଳ | ପ୍ରଥମ |
| ଝାରସୁଗୁଡା ଦଳ | ଦ୍ୱିତୀୟ |
| ଯାଜପୁର ଦଳ | ତୃତୀୟ |

ପ୍ରଥମ ପୃଷ୍ଠାରୁ...

## ସ୍ମୃତିସ୍ତମ୍ଭ ନିକଟରୁ...

ଘଟଣା ପ୍ରଚାରିତ ହେବା ପରେ ଜନମଞ୍ଚର ୩୦୦ରୁ ଊର୍ଦ୍ଧ୍ୱ ସଭ୍ୟାସଭ୍ୟ ଏକତ୍ରିତ ହୋଇ ଘଟଣାକୁ ନିନ୍ଦା କରିବା ସହିତ ଟାଟା ଓ ସରକାରଙ୍କ ବିରୋଧରେ ବିକ୍ଷୋଦଗାର କରିଥିଲେ। ତେବେ କଳିଙ୍ଗନଗର ଥାନା ଆଇଆଇସି ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଏ ନେଇ ବିସ୍ଥାପନ ବିରୋଧୀ ଜନମଞ୍ଚ ଓ ଗୁଳିକାଣ୍ଡରେ ଶହୀଦ ହୋଇଥିବା ଭଗବାନ ସଏଙ୍କ ମା' ସିନି କଳିଙ୍ଗନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ କଳିଙ୍ଗନଗର ଥାନାଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ ଘଟଣାକୁ ଗମ୍ଭୀରତାର ସହ ନେଇ ଏକ ମାମଲା (ନଂ. ୧୫୯/୧୮) ରୁଜୁ କରିବା ସହିତ ତଦନ୍ତ ଆରମ୍ଭ କରିଛି। ଦୋଷୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

ସୂଚନା ଥାଉକି, କଳିଙ୍ଗନଗର ଗୁଳିକାଣ୍ଡ ଘଟଣାରେ ୧୩ଜଣ ଆଦିବାସୀଙ୍କ ମୃତ୍ୟୁ ହୋଇଥିଲା। ମୃତଦେହଗୁଡ଼ିକୁ ଯାଜପୁର ଡାକ୍ତରଖାନାରେ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ପରେ ତାହା ଭଗବାନ ସଏ, ଲାଣ୍ଡୁ ଜାରିକା, ହାଟି ଜାମୁଡା, ରାମ ଗାଗରାଇ ଏବଂ ମୁକୁଟା ବାଙ୍କରାଙ୍କ ହାତ ପାପୁଲି କଟା ଯାଇଥିବା ଜଣାପଡିଥିଲା। ସେତେବେଳେ ଏହି ଘଟଣା ସାରା ଦେଶରେ ଚର୍ଚ୍ଚାର ବିଷୟ ହୋଇଥିଲା। ଏନେଇ ତୁମ୍ବିତୋଫାନ କଲା ପରେ ପୋଲିସ ପ୍ରଶାସନ ପକ୍ଷରୁ ହାତ ପାପୁଲିଗୁଡିକୁ ଆଦିବାସୀଙ୍କୁ ହସ୍ତାନ୍ତର କରାଯାଇଥିଲା। ତେବେ କେଉଁ ହାତ ପାପୁଲି କାହାର ପରିବାର ଲୋକେ ଚିହ୍ନି ପାରି ନ ଥିଲେ। ତେଣୁ ମୃତକଙ୍କ ପରିବାର ଲୋକେ ଡିଏନ୍‌ଏ ପରୀକ୍ଷା କରିବାକୁ ଦାବି କରିଥିଲେ। କିନ୍ତୁ କେହି ନ ଶୁଣିବାରୁ ଆଜକୁ ୧୨ବର୍ଷ ହେବ ବୀରଭୂମିସ୍ଥିତ କ୍ଲବ ଘରେ ଏକ ପ୍ଲାଷ୍ଟିକ ଜାର ଭିତରେ କେମିକାଲ ମିଶାଇ ହାତ ପାପୁଲିଗୁଡ଼ିକୁ ରଖାଯାଇଛି। ଏବେ ବି ସରକାର ଡିଏନଏ ଟେଷ୍ଟ କରି ହାତ ପାପୁଲି ଚିହ୍ନଟ କରିବେ ବୋଲି ମୃତକ ଆଦିବାସୀଙ୍କ ପରିବାରବର୍ଗ ଆଶା ବାନ୍ଧିଛନ୍ତି। ତେବେ ଗୁଳିକାଣ୍ଡ ଘଟଣାକୁ ନେଇ ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ହୋଇଥିଲା ବେଳେ ଏହି ତଦନ୍ତରେ ପ୍ରଥମେ ଏସ.ଏସ. ନାଇଡୁ କମିଶନ ଦାୟିତ୍ୱରେ ରହିଥିଲେ। ଦ୍ୱିତୀୟରେ ଆର.କେ. ପାତ୍ର କମିଶନ ଏବଂ ତୃତୀୟ ପର୍ଯ୍ୟାୟରେ ଜଷ୍ଟିସ ପି.କେ. ମହାନ୍ତି କମିଶନଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଥିଲା। ନାଇଡୁ କମିଶନକୁ ୬ମାସ ମଧ୍ୟରେ ତଦନ୍ତ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ହୋଇଥିଲା। କିନ୍ତୁ କମିଶନ ତଦନ୍ତ କାର୍ଯ୍ୟ ଆରମ୍ଭ କରିଥିବାବେଳେ ହଠାତ ହାଇକୋର୍ଟର କାର୍ଯ୍ୟରତ ବିଚାରପତିଙ୍କୁ କୌଣସି ତଦନ୍ତ ଦାୟିତ୍ୱ ଦିଆଯାଇ ପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ରାୟ ଦେଇଥିଲେ। ଫଳରେ ୨୦୦୭ ମେ'ରେ କମିଶନ କାର୍ଯ୍ୟରୁ ସେ ଓହରି ଯାଇଥିଲେ। ୨୦୦୮ରେ ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ଆର.କେ. ପାତ୍ରଙ୍କୁ ଗୁଳିକାଣ୍ଡର ତଦନ୍ତ କମିଶନ ଭାବେ ଦାୟିତ୍ୱ ଦେଇଥିଲେ। କିଛିଦିନ ଧରି ସେ ତଦନ୍ତ କରୁଥିବାବେଳେ ସରକାର ତାଙ୍କୁ ଲୋକପାଳ ଦାୟିତ୍ୱ ଦେଇଥିଲେ। ୨୦୧୦ରେ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ପି.କେ. ମହାନ୍ତିଙ୍କୁ ପୁଣି ଦାୟିତ୍ୱ ଦିଆଯାଇଥିଲା। ଗତ ୨୦୧୭ ଡିସେମ୍ବରରେ କମିଶନ ତଦନ୍ତ ପ୍ରକାଶ ପାଇଥିଲା। ଏଥିରେ କାହାର ଦୋଷ ନାହିଁ ବୋଲି କମିଶନ ଦର୍ଶାଇଥିଲେ, ଯାହାକୁ ନେଇ ବିସ୍ଥାପନ ବିରୋଧୀ ଜନମଞ୍ଚ ସମେତ ବିଭିନ୍ନ ଅନୁଷ୍ଠାନ ରିପୋର୍ଟ ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ। ଅପରପକ୍ଷେ ରବିବାର ହାତ ପାପୁଲି ଫିଙ୍ଗିବା ଘଟଣା ମୃତକ ପରିବାରବର୍ଗଙ୍କ ପୋଡା ଘା'ରେ ଚୂନ ଦେବା ଭଳି ହୋଇଛି। ୨୦୧୫ ଆଜିର ଦିନରେ ଟାଟା ଷ୍ଟିଲ ଉଦ୍‌ଘାଟିତ ହୋଇଥିଲା। ତେଣୁ ଟାଟା ଷ୍ଟିଲ କର୍ତ୍ତୃପକ୍ଷ ଗୁଣ୍ଡା ଲଗାଇ ଶହୀଦ ଆଦିବାସୀଙ୍କ ହାତ ପାପୁଲିଗୁଡ଼ିକୁ ଫିଙ୍ଗି ଦେଇଛନ୍ତି ବୋଲି ସିନି ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ତେଣୁ ଏହାର ଉପଯୁକ୍ତ ତଦନ୍ତ କରି ଆଇନ ଅନୁସାରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି।



## ବିଳମ୍ବିତ ଭୋଜନ ଓ କାର୍ଯ୍ୟଦକ୍ଷତା

କେତେକ ବ୍ୟକ୍ତିଙ୍କର ବିଳମ୍ବିତ ଭୋଜନ ଏକ ଅଭ୍ୟାସରେ ପରିଣତ ହୋଇଯାଇଥାଏ। ଏହାର କେତେକ ପ୍ରଭାବ ମଧ୍ୟ ଶରୀର ଉପରେ ପଡିଥାଏ। ଯଦି ଜଣେ ବ୍ୟକ୍ତି ନିୟମିତ ବଳିମ୍ବରେ ଭୋଜନ କରନ୍ତି ତେବେ ତାହା ତାଙ୍କର କାର୍ଯ୍ୟଦକ୍ଷତାକୁ ପ୍ରଭାବିତ କରିଥାଏ ବୋଲି ସଦ୍ୟତମ ଗବେଷଣାରୁ ଜଣାପଡିଛି। 'ବିଳମ୍ବିତ ଭୋଜନ ଏବଂ ତାହାର କାର୍ଯ୍ୟଦକ୍ଷତା ଉପରେ ପ୍ରଭାବ' ଶୀର୍ଷକକୁ ନେଇ କାଲିଫର୍ନିଆ ୟୁନିଭର୍ସିଟିର ମନୋବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ। ଏଭଳି ପ୍ରଭାବ ସହ ଜଡିତ ବ୍ୟକ୍ତିଙ୍କ ମଧ୍ୟରୁ ଅଧିକାଂଶ ବ୍ୟକ୍ତିଙ୍କର କାର୍ଯ୍ୟଦକ୍ଷତା ଏହାଦ୍ୱାରା ପ୍ରଭାବିତ ହେଉଥିବାର ଜଣାପଡିଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଜଣେ ବ୍ୟକ୍ତି ନିଜର ଜୀବନଶୈଳୀକୁ ସନ୍ତୁଳିତ ରଖିବା ପାଇଁ ଠିକ୍ ଟାଇମ୍‌ରେ ଖାଦ୍ୟ ଖାଇବା ଦରକାର ବୋଲି ସେମାନେ ପରାମର୍ଶ ଦେଇଛନ୍ତି।



## ସୁନିଦ୍ରା ଅନ୍ତରାଳେ

ଦିନତମାମ ପରିଶ୍ରମ ଅନୁସାରେ ଆମକୁ ରାତିରେ ବିଶ୍ରାମ ନେବାକୁ ପଡିଥାଏ। ରାତ୍ରିଭୋଜନ କରିବା ପରେ ଜଣେ ବ୍ୟକ୍ତି ଅତିକମ୍‌ରେ ୬-୭ ଘଣ୍ଟା ନିଦ୍ରା ଯିବା ଦରକାର। କିନ୍ତୁ ଅନେକଙ୍କ କ୍ଷେତ୍ରରେ ଏହା ସମ୍ଭବ ହୋଇ ନ ଥାଏ। ଫଳରେ ସେମାନେ ନିଦ୍ରାଜନିତ ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି। ହେଲେ ସୁନିଦ୍ରା ପଛରେ କେତୋଟି କାରଣ ରହିଛି। ତାହାକୁ ଆପଣେଇ ପାରନ୍ତି। ପ୍ରଥମ କଥା ହେଲା ପ୍ରତିଦିନ କେତେବେଳେ ଶୋଇବେ ତାହାର ଏକ ସମୟ ନିର୍ଘଣ୍ଟ ପ୍ରସ୍ତୁତ କରନ୍ତୁ ଏବଂ ତାହାକୁ ଅନୁସରଣ କରିବାକୁ ଚେଷ୍ଟା କରନ୍ତୁ। କେତେକ ବ୍ୟକ୍ତିଙ୍କ ନିଶାଦ୍ରବ୍ୟ ସେବନ ଅଭ୍ୟାସରେ ପରିଣତ ହୋଇଯାଇଥାଏ। ଏହା ସୁନିଦ୍ରାରେ ବାଧକ ସାଜିଥାଏ। ତେଣୁ ଏଭଳି ଅଭ୍ୟାସ ତୁରନ୍ତ ଛାଡିବାକୁ ଚେଷ୍ଟା କରନ୍ତୁ। ଅପରାହ୍ନରେ ଶୁଅନ୍ତୁ ନାହିଁ। କାରଣ ଏହାଦ୍ୱାରା ରାତିରେ ସହଜରେ ନିଦ ଆସି ନ ଥାଏ। ରାତିରେ ଶୋଇବା ପୂର୍ବରୁ ପାଦର ତଳିପାକୁ ଅଲିଭ ତେଲରେ ମାଲିସ କରନ୍ତୁ। ଏହାଦ୍ୱାରା ଭଲ ନିଦ ଆସିଥାଏ। ଟେନସନରେ ଥିବା ସମୟରେ ଶୋଇବାକୁ ଯାଆନ୍ତୁ ନାହିଁ। କାରଣ ଏହାଦ୍ୱାରା ନିଦ ଆସି ନ ଥାଏ। ସବୁଠାରୁ ଖାସ୍ କଥା ହେଲା ଦୈନନ୍ଦିନ ଜୀବନ ତାଲିକାରେ ଯୋଗ, ବ୍ୟାୟାମ ସାମିଲ କରନ୍ତୁ। ଏହାଦ୍ୱାରା ମନ ପ୍ରଫୁଲ୍ଲ ରହିବା ସହ ଭଲ ନିଦ ଆସିଥାଏ।



# ମାଇକ୍ରୋପ୍ଲାଷ୍ଟିକ



ଡା. ଦ୍ୱିଜେଶ କୁମାର ପଣ୍ଡା

ମାଇକ୍ରୋପ୍ଲାଷ୍ଟିକ ହେଉଛି ସୂକ୍ଷ୍ମ ପ୍ଲାଷ୍ଟିକ ଗୁଣ୍ଡ, ଯାହା ଆଖିକୁ ଦେଖାଯାଏ ନାହିଁ। ପରିବେଶକୁ ପ୍ରଦୂଷିତ କରେ। ଏହାର ଆକାର ୫ ମିଲିମିଟରରୁ କମ୍। ଏହାଦ୍ୱାରା ସାମୁଦ୍ରିକ ଜୀବ ଓ ଜୈବ ପରିବେଶର ଅପୂରଣୀୟ କ୍ଷତି ହେଉଛି। ସମଗ୍ର ବିଶ୍ୱ ନିର୍ମଳ ସାଗର ଅଭିଜାନ ୨୦୨୨ ବର୍ଷ ସୁଦ୍ଧା କାର୍ଯ୍ୟକାରୀ କରିବା ପାଇଁ ସମ୍ମତ ହୋଇଛନ୍ତି। ପ୍ଲାଷ୍ଟିକ ବର୍ଜନ ସଚେତନତା ସୃଷ୍ଟି ହୋଇଛି; କିନ୍ତୁ ମାଇକ୍ରୋପ୍ଲାଷ୍ଟିକ ବିଷୟରେ ଜନସାଧାରଣ ଅନଭିଜ୍ଞ। ବିଶ୍ୱରେ ପ୍ରତିବର୍ଷ ୪୦୦ ମେଟ୍ରିକ ଟନ୍ ପ୍ଲାଷ୍ଟିକ ତିଆରି ହେଉଛି। ଏହି ବର୍ଷ ଶେଷ ସୁଦ୍ଧା ଯେତିକି ପରିମାଣର ବ୍ଲିଷ୍ଟର ପ୍ଲାଷ୍ଟିକ ତିଆରି ହେବ ତାହା ପୃଥିବୀର ବିଷୁବରେଖାକୁ ୧୦ ଥର ଗୁଡାଇଦେବ। ଏହା ଜିନିଷ ପରିବହନ ପାଇଁ ପ୍ୟାକିଙ୍ଗରେ ବ୍ୟବହାର ହୁଏ। ଏହି ପଦାର୍ଥ ନଷ୍ଟ ହେବା ପାଇଁ ଏକ ହଜାର ବର୍ଷ ଲାଗିବ। ଏକ ଲକ୍ଷ କୋଟିର ମାଇକ୍ରୋପ୍ଲାଷ୍ଟିକ ସମୁଦ୍ର ମାଛ, ଟ୍ୟାପ ପାଣି ଓ ଖାଇବା ଲୁଣରେ ଥିବାର ପ୍ରମାଣିତ ହୋଇଛି। ଆମେରିକାର ୯୪ ପ୍ରତିଶତ ଟ୍ୟାପ ପାଣିରେ ମାଇକ୍ରୋପ୍ଲାଷ୍ଟିକ ଥିବାର ସନ୍ଧାନ ମିଳିଛି। ବିଶ୍ୱରେ ୨୦୫୦ ସୁଦ୍ଧା ପ୍ଲାଷ୍ଟିକ ତିଆରି ୩ଗୁଣ ବୃଦ୍ଧି ହେବ।





ମାଇକ୍ରୋପ୍ଲାଷ୍ଟିକ ଦ୍ୱାରା ପରିବେଶ ପ୍ରଦୂଷିତ ହେଉଛି। ଏହାର ଉତ୍ସ ହେଉଛି ସାର, ନର୍ଦ୍ଦମାର ଆବର୍ଜନା, ଦେହ ଓ ମୁହଁରେ ବ୍ୟବହୃତ କସମେଟିକ, ପଲିଷ୍ଟର-ନାଇଲନ ଏକ୍ରିଲିକର ପୋଷାକ, ଘର ଚଟାଣରେ ବ୍ୟବହୃତ କୃତ୍ରିମ ଗାଲିଚା, ହକି ଓ ଫୁଟବଲ ଖେଳ ପଡିଆରେ ଆବୃତ ଟାୟାର ଗୁଣ୍ଡ, କାର ଓ ଟ୍ରକର ଚକ ଘଷି ହୋଇ ବାହାରୁଥିବା ରବର ମିଶା ଗୁଣ୍ଡ, ପୁରୁଣା ପାଣି ଓ ସୋଡା ବୋତଲ, ପ୍ଲାଷ୍ଟିକ ବାକ୍ସ ଓ ବ୍ୟାଗ, ମାଛ ଧରା ଜାଲ, ଓ କଳ କାରଖାନାର ବର୍ଜ୍ୟବସ୍ତୁ ଇତ୍ୟାଦି। ପ୍ଲାଷ୍ଟିକକୁ ସମୁଦ୍ରରେ ପକାଇବା ଫଳରେ ସାମୁଦ୍ରିକ ଜୀବ ଓ ଶୈବାଳ ନଷ୍ଟ ହୋଇଯାଉଛି। ପ୍ରଶାନ୍ତ ମହାସାଗରରେ ଆବର୍ଜନା ଜମି ପ୍ଲାଷ୍ଟିକ ପାହାଡ଼ ହେଲାଣି। ୧୯୭୦ ମସିହାରେ ବ୍ୟବସାୟିକ ଜାହାଜ ୨୩ ହଜାର ଟନ୍ ପ୍ଲାଷ୍ଟିକ ସମୁଦ୍ରରେ ପକାଇଥିଲେ। ଚୀନ୍‌ର କମ୍ପାନୀ ସିନୋପେକ ପାହାଡ ଉଚ୍ଚର ପ୍ଲାଷ୍ଟିକ ସମୁଦ୍ର କୂଳରେ ଜମା କରିଛି।

ପାଣିକୁ ଫିଲଟର କଲେ ଏଥିରେ ଥିବା ମାଇକ୍ରୋପ୍ଲାଷ୍ଟିକ ଅଲଗା ହେବ ନାହିଁ। ଅନେକ ଦେଶରେ ପ୍ଲାଷ୍ଟିକ ମିଶା ନର୍ଦ୍ଦମା ମଳକୁ ମାଟିରେ ସାର କରାଯାଉଛି। ଏଥିରେ ଥିବା ସୂକ୍ଷ୍ମ ପ୍ଲାଷ୍ଟିକ ଖରାରେ ଶୁଖି ବାୟୁରେ ମିଶୁଛି। ଦେହରେ ଲଗାଯାଉ ଥିବା କସମେଟିକର ଶୁଖିଲା ଗୁଣ୍ଡ ମାଇକ୍ରୋପ୍ଲାଷ୍ଟିକ ଆକାରରେ ୬୦୮ ଟ୍ରିଲିୟନ ପ୍ରତିଦିନ ବାୟୁମଣ୍ଡଳରେ ପ୍ରବେଶ କରୁଛି। ଲୁଗା ସଫା ଯନ୍ତ୍ରର ଗୋଟିଏ ଲୋଡରୁ ୧୯୦୦ ସୂକ୍ଷ୍ମ ପ୍ଲାଷ୍ଟିକ ନିଷ୍କାସିତ ପାଣିରେ ନିର୍ଗତ ହେଉଛି। ପ୍ଲାଷ୍ଟିକ ଶିଳ୍ପରେ ପଲିମର ପ୍ରକ୍ରିୟାରେ ଲାଖ ବ୍ୟବହାର ହୁଏ। ଏହାର ରସାୟନ ପାଣିରେ ମିଶେ। ପାଣି ପିଇବା ପ୍ରତି ପ୍ଲାଷ୍ଟିକ ବୋତଲରେ ୩୨୫ ସୂକ୍ଷ୍ମ ପ୍ଲାଷ୍ଟିକ ଅଣୁ ରହିଥାଏ। ଟ୍ୟାପ ପାଣି ତୁଳନାରେ ଏହା ଦୁଇଗୁଣ।

> ମଣିଷ ମାଛରୁ ମୂଲ୍ୟବାନ ପ୍ରୋଟିନ୍ ପାଏ। ସମୁଦ୍ର ଓ ନଦୀ ପାଣି ମାଇକ୍ରୋପ୍ଲାଷ୍ଟିକରେ ପ୍ରଦୂଷିତ ହେବା ଫଳରେ ମାଛ ଦେହରେ ଜମିଥିବା ପ୍ଲାଷ୍ଟିକ ବିଷ ମଣିଷ ଶରୀରକୁ ଯାଇ ବିଭିନ୍ନ ରୋଗ ସୃଷ୍ଟି କରେ। ଜୀବକୋଷ ଭିତରେ ଥିବା ଡିଏନ୍‌ଏକୁ ନଷ୍ଟ କରିଦିଏ। କ୍ୟାନସର ହୁଏ। ଗର୍ଭବତୀ ମହିଳାଙ୍କଠାରୁ ବିକଳାଙ୍ଗ ଶିଶୁ ଜନ୍ମ ହୁଏ। ମାଇକ୍ରୋପ୍ଲାଷ୍ଟିକ ମଇଳା ପାଣି ସଫା କରିବା ଯନ୍ତ୍ରରୁ ରୋଗ ଜୀବାଣୁକୁ ନେଇ ରକ୍ତ ମାଧ୍ୟମରେ ବିଭିନ୍ନ ଅଙ୍ଗରେ ରୋଗ ସୃଷ୍ଟି କରେ।

ମଣିଷ ମାଛରୁ ମୂଲ୍ୟବାନ ପ୍ରୋଟିନ୍ ପାଏ। ସମୁଦ୍ର ଓ ନଦୀ ପାଣି ମାଇକ୍ରୋପ୍ଲାଷ୍ଟିକରେ ପ୍ରଦୂଷିତ ହେବା ଫଳରେ ମାଛ ଦେହରେ ଜମିଥିବା ପ୍ଲାଷ୍ଟିକ ବିଷ ମଣିଷ ଶରୀରକୁ ଯାଇ ବିଭିନ୍ନ ରୋଗ ସୃଷ୍ଟି କରେ। ଜୀବକୋଷ ଭିତରେ ଥିବା ଡିଏନ୍‌ଏକୁ ନଷ୍ଟ କରିଦିଏ। କ୍ୟାନସର ହୁଏ। ଗର୍ଭବତୀ ମହିଳାଙ୍କଠାରୁ ବିକଳାଙ୍ଗ ଶିଶୁ ଜନ୍ମ ହୁଏ। ମାଇକ୍ରୋପ୍ଲାଷ୍ଟିକ ମଇଳା ପାଣି ସଫା କରିବା ଯନ୍ତ୍ରରୁ ରୋଗ ଜୀବାଣୁକୁ ନେଇ ରକ୍ତ ମାଧ୍ୟମରେ ବିଭିନ୍ନ ଅଙ୍ଗରେ ରୋଗ ସୃଷ୍ଟି କରେ।

ମାଇକ୍ରୋପ୍ଲାଷ୍ଟିକ ମଣିଷ, ପଶୁ ଓ ପକ୍ଷୀ ଦେହରେ ଖାଇବା, ପିଇବା ଓ ନିଃଶ୍ୱାସ ଦ୍ୱାରା ପ୍ରବେଶ କରେ। ଜୀବମାନଙ୍କର ତନ୍ତୁରେ ମିଶି ଯାଏ। ପ୍ଲାଷ୍ଟିକକୁ କଠିନ କରିବା ପାଇଁ ବିପିଏ ବ୍ୟବହାର ହୁଏ। ଏହାଦ୍ୱାରା ହାର୍ଟ ଆଟାକ, ଡାଇବେଟିସ ଓ ଯକୃତ ରୋଗର ସମ୍ଭାବନା ବୃଦ୍ଧି ହୁଏ। ଆଉ ଗୋଟିଏ ବିଷାକ୍ତ ରସାୟନ ଟି.ବି.ବି.ପି.ଏ. ପ୍ଲାଷ୍ଟିକ ନଜଳିବା ପାଇଁ ବ୍ୟବହାର ହୁଏ। ଏହା ମାଇକ୍ରୋସାରକିଟର ଉପାଦାନ। ଏହା ଶରୀରର ଥାଇରଏଡ ଓ ପିଟୁଟାରି ହରମୋନକୁ ଅସନ୍ତୁଳନ କରେ। ବନ୍ଧ୍ୟା ଦୋଷ ସୃଷ୍ଟି କରେ। ଖାଇବା ଲୁଣରେ ମାଇକ୍ରୋପ୍ଲାଷ୍ଟିକ ରହିଛି। ସମୁଦ୍ର ଲୁଣରେ ବେଶି। ଚିଙ୍ଗୁଡି, କଙ୍କଡା ଓ ଗେଣ୍ଡାରେ ବହୁତ ମାଇକ୍ରୋପ୍ଲାଷ୍ଟିକ ରହିଥିବାର ପ୍ରମାଣିତ ହୋଇଛି। ଏହି ଖାଦ୍ୟ ନିୟମିତ ଖାଇଲେ ୧୧ହଜାର ପରିମାଣ ସୂକ୍ଷ୍ମ ପ୍ଲାଷ୍ଟିକ ପେଟକୁ ଯିବ। ଖୋଳପା ଥିବା ମାଛ ସେମାନଙ୍କର ଗାଲିସି ଦ୍ୱାରା ବହୁ ପରିମାଣର ପାଣି ଛାଣି ପୁଷ୍ଟିକର ଖାଦ୍ୟ ସଂଗ୍ରହ କରନ୍ତି। ତେଣୁ ପାଣିରେ ଥିବା ମାଇକ୍ରୋପ୍ଲାଷ୍ଟିକ ସେମାନଙ୍କର ତନ୍ତୁରେ ମିଶି ଯାଏ।

ମାଇକ୍ରୋପ୍ଲାଷ୍ଟିକର ବ୍ୟବହାର ପ୍ରତିରୋଧ କରିବା ପାଇଁ କେତେକ ପ୍ରତିଷେଧକ ବ୍ୟବସ୍ଥା ଆବଶ୍ୟକ। ଆମ ଦେଶ ପରି ଗ୍ରୀଷ୍ମମଣ୍ଡଳୀୟ ଦେଶରେ ଦେହରେ ସାବୁନ ଲଗାଇବା ଉଚିତ ନୁହେଁ। ଏଥିରେ ବିଶୋଧକ ସୋଡିୟମ ଲରିଲ ସଲ୍‌ଫେଟ ଥାଏ। ଚର୍ମକୁ ଶୁଖିଲା କରିଦିଏ ଓ କୁଣ୍ଡାଇ ହୁଏ। ବାସ୍ନା ପାଇଁ ପେଟ୍ରୋଲ ଜାତୀୟ ଗାସୋଲିନ ମିଶିଥାଏ। ଏଥିରେ ୪୦୦ ପ୍ରକାର ବିଷାକ୍ତ ରସାୟନ ରହିଛି। ଜୀବାଣୁନାଶକ ପଦାର୍ଥ ଟ୍ରାଇକ୍ଲୋଶାନ ଅନେକ ସାବୁନରେ ଥାଏ। ଏହା ଗୋଟିଏ ପୋକମରା ଔଷଧ। ଆମେରିକାର ଖାଦ୍ୟ ଏବଂ ଔଷଧ ନିୟନ୍ତ୍ରଣ ସଂସ୍ଥା ଏହାର ବ୍ୟବହାର ବାରଣ କରିଛନ୍ତି। ଚର୍ମରେ ଥିବା ଲୋମକୂପ ଦେଇ ଝାଳ ନିର୍ଗତ ହୁଏ। ଫଳରେ ଚମରୁ ମଇଳା ଧୋଇହୋଇ ଯାଏ ଓ ଆର୍ଦ୍ରତା ବଜାୟ ରହେ। ସାବୁନ ଓ କ୍ରିମ ବ୍ୟବହାର ଫଳରେ ରନ୍ଧ୍ର ବନ୍ଦ ହୋଇଯାଏ। ତେଣୁ କୃତ୍ରିମ ପୋଷାକ ବ୍ୟବହାର ଅନୁଚିତ। ମେଶିନରେ ସଫା କଲେ ଅନେକ ମାଇକ୍ରୋପ୍ଲାଷ୍ଟିକରୁ ବାହାରି ଘର ଭିତର ବାୟୁକୁ ନଷ୍ଟ କରିଦିଏ। ତେଣୁ କପାସୂତା ପୋଷାକ ହାତରେ ଧୋଇ ପିନ୍ଧିବା ଉଚିତ। ମାଟି କ୍ୟାଣ୍ଡଲ ଯୁକ୍ତ ଫିଲଟର ବ୍ୟବହାର କରି ପାଣି ପିଇବା ଆବଶ୍ୟକ। ଏହାର ସରୁ କଣା ବାଟେ ସୂକ୍ଷ୍ମ ପ୍ଲାଷ୍ଟିକ ପ୍ରବେଶ କରିବ ନାହିଁ। ବହୁ ଗଭୀର ନଳକୂପ ପାଣି ନିରାପଦ। ସମୁଦ୍ର ଲୁଣ ପ୍ରତିବଦଳରେ ଖଣିଜ ଲୁଣ ବ୍ୟବହାର କରିବା ଉଚିତ। ସବୁ ପ୍ରକାର କସମେଟିକରେ କ୍ଷତିକାରକ ରସାୟନ ରହିଛି। ତେଣୁ ସେ ସବୁ ବ୍ୟବହାର ଅନୁଚିତ। ପ୍ଲାଷ୍ଟିକ ପାତ୍ରରେ ଗରମ ଖାଦ୍ୟ ରଖିବା ଉଚିତ ନୁହେଁ। ମାଇକ୍ରୋପ୍ଲାଷ୍ଟିକ ସହଜରେ ଖାଦ୍ୟରେ ମିଶେ ଓ ଖାଦ୍ୟକୁ ବିଷାକ୍ତ କରିଦିଏ।

ପ୍ଲାଷ୍ଟିକ ଓ ମାଇକ୍ରୋପ୍ଲାଷ୍ଟିକ ନିତ୍ୟ ବ୍ୟବହୃତ ସାମଗ୍ରୀରେ ଥିବାର ପ୍ରମାଣ ପାଇଁ ସହଜ ପରୀକ୍ଷା ଅଛି। ଗୋଟିଏ କାଚ ଟେଷ୍ଟଟ୍ୟୁବରେ ପ୍ଲାଷ୍ଟିକ ଗୁଣ୍ଡ ନେଇ ଏସିଟିକ, ଆନହାଇଡ୍ରାଇଡ ଦ୍ରବଣରେ ଦ୍ରବୀଭୂତ କରି ସେଥିରେ ୩-୪ ଟୋପା ସଲଫ୍ୟୁରିକ ଏସିଡରେ ମିଶେଇଲେ ରଙ୍ଗ ନୀଳ କିମ୍ବା ହଳଦିଆ ହୋଇଯାଏ।

ମାଇକ୍ରୋପ୍ଲାଷ୍ଟିକ ନଷ୍ଟ ହେବା ପାଇଁ ଦଶ ହଜାର ବର୍ଷ ଲାଗିବ। ଏକ ଲକ୍ଷ କୋଟିର ମାଇକ୍ରୋପ୍ଲାଷ୍ଟିକ ସମୁଦ୍ର ମାଛ, ଟ୍ୟାପ ପାଣି ଓ ଖାଇବା ଲୁଣରେ ଥିବାର ପ୍ରମାଣ ମିଳୁଛି। ଇଟାଲୀ, ଜାପାନ, ଫିନ୍‌ଲ୍ୟାଣ୍ଡ ଓ ହଲାଣ୍ଡର କେତେକ ବ୍ୟକ୍ତିଙ୍କର ଝାଡ଼ା ପରୀକ୍ଷାରୁ ମାଇକ୍ରୋପ୍ଲାଷ୍ଟିକର ସନ୍ଧାନ ମିଳୁଛି। ଭିଏନା ମେଡିକାଲ ବିଶ୍ୱବିଦ୍ୟାଳୟର ପେଟ ରୋଗ ବିଶେଷଜ୍ଞ ଫିଲିପ ସ୍ୱାବିଙ୍କର ଏହା ହେଉଛି ମତ। ସବୁ ଦେଶ ପ୍ଲାଷ୍ଟିକ ବନ୍ଦ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। କିନ୍ତୁ ମାଇକ୍ରୋପ୍ଲାଷ୍ଟିକ ବିଷୟରେ ଅନେକେ ଅଜଣା। ଏହାର ପ୍ରତିରୋଧ କ'ଣ ସମ୍ଭବ? ଅଦୃଶ୍ୟ ଶତ୍ରୁ ବିପଜ୍ଜନକ। ଅଦୃଶ୍ୟ ସୂକ୍ଷ୍ମ ପ୍ଲାଷ୍ଟିକ ମାରାତ୍ମକ। ଆମେ ରାକ୍ଷସ ଏବଂ ଗଭୀର ସମୁଦ୍ର ମଧ୍ୟରୁ କାହାକୁ ଗ୍ରହଣ କରିବା?

*-ବରିଷ୍ଠ ବୈଜ୍ଞାନିକ,*
*୧୨ ଆଚାର୍ଯ୍ୟ ବିହାର, ଭୁବନେଶ୍ୱର*
*ମୋ : ୯୪୩୮୪୭୦୭୭୭*

## ନୀରୋଗ ରହିବା ପାଇଁ ନିୟନ୍ତ୍ରିତ ଆହାର



– ଡା. ଆଶିଷ ବାନାର୍ଜୀ

ରୋଗ ପାଇଁ ଅନିୟମିତ ଆହାର ଦାୟୀ। ତେଣୁ ଶରୀର ସୁସ୍ଥ ନୀରୋଗ ଓ ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ଦୈନିକ ମାତ୍ରା ଅନୁଯାୟୀ ପୌଷ୍ଟିକ ଆହାର ସେବନ ଆବଶ୍ୟକ। ଯେପରି ରୋଗୀ ପାଇଁ ବୟସ, କାଳ, ପରିସ୍ଥିତି ଦେଖି ଔଷଧ ମାତ୍ରା ନିର୍ଦ୍ଧାରଣ କରାଯାଏ, ସେହିପରି ଶରୀରକୁ ଦେଖି ଖାଦ୍ୟକୁ ଔଷଧ ପରି ମାତ୍ରା ଅନୁଯାୟୀ ଠିକ୍ ସମୟରେ ଗ୍ରହଣ କରିବା ଉଚିତ, ନଚେତ୍ ଭବିଷ୍ୟତରେ ଔଷଧକୁ ଆହାର ରୂପେ ଖାଇବେ। ଜଣେ ସୁସ୍ଥ ବ୍ୟକ୍ତି ପ୍ରତିଦିନ ୧୫୦୦ ରୁ ୨୫୦୦ କ୍ୟାଲୋରୀ ପର୍ଯ୍ୟନ୍ତ ଖାଦ୍ୟ ଖାଇବା ଆବଶ୍ୟକ। ଏହା ତାଙ୍କ ବୟସ, ଶାରୀରିକ ପରିଶ୍ରମ, ଉଚ୍ଚତା, ଦେଶ ଓ କାଳ ଅନୁଯାୟୀ ନିର୍ଦ୍ଧାରଣ କରି ତାଲିକା ପ୍ରସ୍ତୁତ ହୁଏ। ନୀରୋଗ ରହିବା ପାଇଁ ସନ୍ତୁଳିତ ଖାଦ୍ୟ, ହାଲୁକା ବ୍ୟାୟାମ (୪୫ମି. ରୁ ୧ ଘଣ୍ଟା) ପର୍ଯ୍ୟନ୍ତ କରିବା ଆବଶ୍ୟକ।



**ପ୍ରାତଃ (୬ ଘଟିକାରେ) :** ଚା, କଫି ବା କ୍ଷୀର ୧ କପ୍ ସହ ୨/୩ ଖଣ୍ଡ ବିସ୍କୁଟ୍, ମଧୁମେହ ଥିଲେ ବିନା ଚିନି ଖାଇବେ।

**ସକାଳ ଜଳଖିଆ (୮ଟା ୩୦ ମିନିଟ୍‌ରେ) :** ରୁଟି ୨/୩ ଖଣ୍ଡ ସହ ପରିବା ତରକାରି ୧ଗିନା, ଇଡ୍‌ଲି ୪ଟି / ଉପମା ୧ କପ୍ ସହ ସମ୍ବର ୧ ଗିନା। କର୍ନଫ୍ଲେକ୍ସ ୫୦ଗ୍ରାମ୍ ବା ସାଦା ପିଆଜରେ ଦୋଷା ୨ଟା ସହ ସନ୍ତୁଳା ୧ ଗିନା।

**ଦିବା (୧୧ଟାରୁ ୧୧ଟା ୩୦ମିନିଟ୍) :** ପରିବା ସୁପ୍ ୧ ଗିନା, ଛେନା ୩୦ ଗ୍ରାମ, ଫଳ ମଧ୍ୟରେ ସେଓ/କମଳା ୧୦୦ଗ୍ରାମ୍, ପିଜୁଳି ୧ଟା ଘୋଳଦହି ବା ପଇଡ଼ ପାଣି।

**ମଧ୍ୟାହ୍ନ ଭୋଜନ (ଦ୍ୱିପ୍ରହର ୧ଟା ୩୦ମି.) :** ଉଷୁନା ଭାତ (୨ଗିନା-୧୦୦ଗ୍ରାମ୍), ରୁଟି, ପତଳା ଡାଲି ୧ଗିନା, ପରିବା ତରକାରି ୧ଗିନା, ଶାଗ ୧ପ୍ଲେଟ୍,

ସାଲାଡ- ୧ ପ୍ଲେଟ୍ ,ଦହି ୧ ଗିନା, (ମାଛ ୨ଟା/ଅଣ୍ଡା ବିନା କେଶର(୨)/ଚିକେନ୍ (୨),ପନିର୍-(୩୦ଗ୍ରାମ୍)ସପ୍ତାହକୁ ୨ ଥର)।

**ଅପରାହ୍ନ (୫ଟା ୩୦ମି. ରୁ ୬ଟା ମଧ୍ୟରେ) :** ଚା କପ୍ ସହିତ ବିସ୍କୁଟ୍(୨-୩), ଚୁଡ଼ାସନ୍ତୁଳା(୧ଗିନା)/ଚୁଡ଼ାଭଜା/ଗଜାମୁଗ(୧ଗିନା), ହୁଡୁମ୍ (୧ଗିନା/ଖଇ୧ଗିନା), ସିଝା ବୁଟ (୧ଗିନା)।

**ରାତ୍ରିଭୋଜନ ୯ଟା ୩୦ମି :** ରୁଟି ୩ଟା ସହ ପତଳା ଡାଲି ୧ ଗିନା/ଡାଲମା ୧ ଗିନା, ପରିବା ତରକାରି (୧ ଗିନା), ସାଲାଡ୍ (୧ ପ୍ଲେଟ୍),

**ରାତ୍ରି ଭୋଜନ ଖାଇବା ପରେ:** ୧ କପ୍ (୧୫୦ମି.ଲି.)ବିନା ସର କ୍ଷୀର ପିଇ ଶୋଇବାକୁ ଯିବେ। ପ୍ରତି ମିଲ୍ ଓ ଜଳଖିଆ ଅଢେଇରୁ ତିନି ଘଣ୍ଟା ବ୍ୟବଧାନରେ ଗ୍ରହଣ କରିବେ।

**ଖାଇବେ ନାହିଁ**

**ମଧୁମେହ ରୋଗୀ:** ମିଠା, ଚିନି, ଗୁଡ଼, ଜାମ୍, ଜେଲି, ଚକୋଲେଟ୍, ମୃଦୁପାନୀୟ, ଥଣ୍ଡାପାନୀୟ, ଆମ୍ବ, ପଣସ, ଆତ, ଲିଚୁ, ସପେଟା, କଦଳୀ, ଅଙ୍ଗୁର, ଫଳରସ, ଆଇସକ୍ରିମ୍, ଖଜୁରି, ବାଦାମ, ନଡ଼ିଆ, ଆଳୁ, ମାଟିଆଳୁ, ଖମ୍ବଆଳୁ, ସାରୁ ଏବଂ କନ୍ଦମୂଳ ଖାଇବେ ନାହିଁ।

**ଉଚ୍ଚରକ୍ତଚାପ ରୋଗୀ:** ଅଧିକ ଲୁଣ, ତୈଳ, ଚର୍ବିଜାତୀୟ ଖାଦ୍ୟ ସେବନରୁ ବିରତ ରହିବେ।

**ବୃକକ୍ ରୋଗୀ:** ଅତ୍ୟଧିକ ଲୁଣ,ଚଟଣୀ, ପାପଡ଼, ଆଚାର, ସାମୁଦ୍ରିକ ମାଛ, କଙ୍କଡା, ରେଡ୍‌ମିଟ୍, ଚିଙ୍ଗୁଡ଼ି, ଅଣ୍ଡାକେଶର, ଫାଷ୍ଟଫୁଡ୍, ଲୁଣ, ବଟର, ଘିଅ, ଡାଲମା, ମିକ୍ସଚର, ଚିପ୍‌ସ, ମୁଢ଼ି, ଲୁଣମିଶା ବାଦାମ, ମଟର, ପଇଡ଼ ପାଣି, ଲେମ୍ବୁ, କମଳା, ପେନ୍‌କିଲର୍ ବଟିକା, ନଡ଼ିଆ ତିଆରି ଜିନିଷ, ବୁଟ, ରାଜ୍‌ମା ଇତ୍ୟାଦି ଶସ୍ୟଜାତୀୟ ଖାଦ୍ୟ ବର୍ଜନୀୟ।

**ହୃଦ୍‌ରୋଗୀ:** ତେଲ, ଚର୍ବିଜାତୀୟ ଖାଦ୍ୟ, ରେଡ୍‌ମିଟ୍, ଫାଷ୍ଟଫୁଡ୍, ଆମିଷ, କ୍ଷୀର ଜାତୀୟ ଖାଦ୍ୟ, ମିଠା ଇତ୍ୟାଦି ଖାଇବେ ନାହିଁ।

ଏହି ତିନି ରୋଗୀଙ୍କ ପାଇଁ ପ୍ରତିଦିନ ୨୦ମି.ଲି. ରୁ କମ୍ ତେଲରେ ପ୍ରସ୍ତୁତ ହୋଇଥିବା ଖାଦ୍ୟ ଆବଶ୍ୟକ। ଏତଦ୍ ସଙ୍ଗେ ସଙ୍ଗେ ପ୍ରାତଃ (୬ଟା ୩୦ମି ଭିତରେ)ସୂର୍ଯ୍ୟସ୍ନାନ ଓ ଖୋଲା ବାୟୁରେ ଭ୍ରମଣ ସ୍ୱାସ୍ଥ୍ୟ ପକ୍ଷେ ହିତକର।

**-ଆନନ୍ଦ ବଜାର,**
**ବେତନଟୀ, ମୟୂରଭଞ୍ଜ**
**ମୋ: ୯୮୬୧୩୭୪୩୮୫**

## ସ୍ୱାସ୍ଥ୍ୟ ସୂଚନା





- ବୟସ ବଢ଼ିଲେ ପ୍ରଥମେ ନିଜର ଜୀବନଶୈଳୀ ପ୍ରତି ନଜର ଦିଅନ୍ତୁ। କାରଣ ଅସନ୍ତୁଳିତ ଜୀବନଶୈଳୀର ପ୍ରଭାବ ଶରୀର ଉପରେ ପଡିଥାଏ।
- ଯଦି ଅସୁସ୍ଥ ଅଛନ୍ତି ତେବେ କାହା କଥାରେ ବଶବର୍ତ୍ତୀ ହୋଇ ଔଷଧ ଖାଆନ୍ତୁ ନାହିଁ। ଡାକ୍ତରଙ୍କ ସହ ନିଜର ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ବିଷଦ ଭାବରେ ଆଲୋଚନା କରି ତାଙ୍କର ପରାମର୍ଶ ଅନୁସାରେ ହିଁ ଔଷଧ ଖାଆନ୍ତୁ।
- ସବୁବେଳେ ଚିନ୍ତାରେ ବୁଡ଼ି ରହିବା ପରୋକ୍ଷରେ କେତେକ ରୋଗକୁ ଡାକି ଆଣିଥାଏ। ତେଣୁ ଯେତେ ସମ୍ଭବ ନିଜକୁ ଏଭଳି ସମସ୍ୟାଠାରୁ ଦୂରେଇ ରଖନ୍ତୁ।
- ଯଦି ଆପଣ କୌଣସି ରୋଗରେ ପୀଡ଼ିତ ତେବେ ତାହାକୁ ନେଇ ଚିନ୍ତିତ ହୁଅନ୍ତୁ ନାହିଁ। କାରଣ ଏହାଦ୍ୱାରା ଆପଣଙ୍କର ମାନସିକତା ନକାରାତ୍ମକ ରହିଥାଏ। ଯଦି ନିଜର ଚିକିତ୍ସା ପ୍ରଣାଳୀକୁ ନେଇ ମନରେ କିଛି ସନ୍ଦେହ ଅଛି ତେବେ ନିସଙ୍କୋଚରେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

## ଆନିମିଆ : କିଛି କଥା

ଆମ ଶରୀରରେ ହିମୋଗ୍ଲୋବିନ ପରିମାଣ ସନ୍ତୁଳିତ ରହିବା ନିହାତି ଦରକାର। ଏହା ରକ୍ତକୋଷିକାରେ ରହିଥାଏ ଏବଂ କୋଷିକାଗୁଡିକୁ ଅମ୍ଳଜାନ ଯୋଗାଇଥାଏ। ଯଦି ଏହାର କାର୍ଯ୍ୟଧାରା ପ୍ରଭାବିତ ହୁଏ ତେବେ ଆନିମିଆ ରୋଗ ହେବାର ଆଶଙ୍କା ରହିଛି। ଉକ୍ତ ରୋଗ ହେବାର କେତୋଟି ପ୍ରମୁଖ କାରଣ ରହିଛି। ହରମୋନ୍‌ରେ ପରିବର୍ତ୍ତନ, ସଂକ୍ରମଣ (ଇନ୍‌ଫେକଶନ), ନିଶାଦ୍ରବ୍ୟ ସେବନ, ମାସିକ ଋତୁସ୍ରାବରେ ସମସ୍ୟା, ବାରମ୍ବାର ଗର୍ଭବତୀ ହେବା, ଅପରେଶନରେ କୌଣସି ସମସ୍ୟା ଏବଂ ଲିଭରଜନିତ ସମସ୍ୟା ତନ୍ମଧ୍ୟରୁ ଅନ୍ୟତମ। ଆନିମିଆ ରୋଗ ହେଲେ ବ୍ୟକ୍ତି ଜଣକ କ୍ଳାନ୍ତି ଅନୁଭବ କରିଥାଆନ୍ତି। ଏହାବ୍ୟତୀତ ମୁଣ୍ଡ ବୁଲାଇଥାଏ, ନଖର ରଙ୍ଗ ହଳଦିଆ ହୋଇଯାଏ। କେତେକ ସମୟରେ ସେ ଅଧିକ ଚିନ୍ତାଗ୍ରସ୍ତ ରହିଥାଆନ୍ତି ଏବଂ ଚିଡିଚିଡା ସ୍ୱଭାବ ଦେଖିବାକୁ ମିଳିଥାଏ। ଶିଶୁମାନେ ମଧ୍ୟ ଏହି ରୋଗ ଦ୍ୱାରା ଆକ୍ରାନ୍ତ ହୋଇଥାଆନ୍ତି। ତେବେ ଏଭଳି କିଛି ଲକ୍ଷଣ ଦେଖିବା ମାତ୍ରେ ବିଳମ୍ବ ନ କରି ଅଭିଜ୍ଞ ଡାକ୍ତରଙ୍କ ସହ ପରାମର୍ଶ କରିବା ଆବଶ୍ୟକ।



## ସଂକ୍ଷେପରେ

### ରାଷ୍ଟ୍ରାୟତ୍ତ ବ୍ୟାଙ୍କ କ୍ଷତି ୩.୫ଗୁଣା ବୃଦ୍ଧି

**ନୂଆଦିଲ୍ଲୀ,୧୮-୧୧:** ଜୁଲାଇରୁ ସେପ୍ଟେମ୍ବର ମଧ୍ୟରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକର ମୋଟ୍ କ୍ଷତିର ପରିମାଣ ପ୍ରାୟ ୩.୫ ଗୁଣ ବୃଦ୍ଧି ପାଇ ୧୪,୭୧୬.୨୦ କୋଟି ଟଙ୍କାରେ ପହଞ୍ଚିଯାଇଛି। ଅନାଦାୟ ଋଣ ଯୋଗୁ କ୍ଷତି ବଢ଼ିଥିବା କୁହାଯାଉଛି। ୨୦୧୭-୧୮ର ଜୁଲାଇ-ସେପ୍ଟେମ୍ବରରେ ଦେଶର ୨୧ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ନେଟ୍ କ୍ଷତିର ପରିମାଣ ୪,୨୮୪.୪୫ କୋଟି ଟଙ୍କା ରହିଛି। ତେବେ ତ୍ରୈମାସ ଆଧାରରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକର ପ୍ରଦର୍ଶନରେ ସାମାନ୍ୟ ଉନ୍ନତି ଆସିଛି। ସେମାନଙ୍କ କ୍ଷତିର ପରିମାଣ ଏପ୍ରିଲ-ଜୁନ୍ ତ୍ରୈମାସ ତୁଳନାରେ ପ୍ରାୟ ୨୦୦୦ କୋଟି ଟଙ୍କା କମିଛି। ଏହି ସମୟରେ ମୋଟ୍ କ୍ଷତିର ପରିମାଣ ୧୬,୬୧୪.୯୦ କୋଟି ଟଙ୍କା ଥିଲା। ଆର୍ଥିକ ଫଳାଫଳକୁ ବିଚାରକୁ ନେଲେ ଜଣାପଡୁଛି ଯେ, ଜୁଲାଇ-ସେପ୍ଟେମ୍ବରରେ ୪୫୩୨.୩୫ କୋଟି ଟଙ୍କାର ସର୍ବାଧିକ କ୍ଷତି ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ହୋଇଛି। ଗତ ବର୍ଷ ଏହି ଅବଧିରେ ଏହାର ୫୬୦.୫୮ କୋଟି ଟଙ୍କା ଲାଭ ହୋଇଥିଲା।

### ବିତ୍ତୀୟ ନିଅଣ୍ଟ ଲକ୍ଷ୍ୟରେ ସ୍ଥିର ରହିବାକୁ ପାନଗାରିୟାଙ୍କ ପରାମର୍ଶ

**ନୂଆଦିଲ୍ଲୀ,୧୮-୧୧:** କେନ୍ଦ୍ର ସରକାର ୨୦୧୮-୧୯ ଆର୍ଥିକ ବର୍ଷ ଲାଗି ଧାର୍ଯ୍ୟ କରିଥିବା ବିତ୍ତୀୟ ନିଅଣ୍ଟ ଲକ୍ଷ୍ୟକୁ ଅପରିବର୍ତ୍ତିତ ରଖିବା ଉଚିତ ବୋଲି ନୀତି ଆୟୋଗର ପୂର୍ବତନ ଉପାଧ୍ୟକ୍ଷ ଅରବିନ୍ଦ ପାନଗାରିୟା ପରାମର୍ଶ ଦେଇଛନ୍ତି। ସରକାର ଧାର୍ଯ୍ୟ କରିଥିବା ଲକ୍ଷ୍ୟରେ କାଏମ ରହିବା ଆବଶ୍ୟକ ବୋଲି ସେ କହିଛନ୍ତି। ପାନଗାରିୟା କହିଛନ୍ତି ଯେ, କେନ୍ଦ୍ର ସରକାର ଜିଏସ୍‌ଟି ଏବଂ ଆଇବିସି ଭଳି ଆଇନ ଆଣି ଆର୍ଥିକ ଢ଼ାଞ୍ଚାରେ ବିରାଟ ପରିବର୍ତ୍ତନ ଆଣିଛନ୍ତି। ଏ ଦିଗରେ ଭଲ ସଫଳତା ମିଳିଛି। ବିତ୍ତୀୟ ଶୃଙ୍ଖଳା ବଜାୟ ରଖିବା ଚଳିତ ସରକାରଙ୍କ ପ୍ରମୁଖ ଉପଲବ୍ଧି ବୋଲି ଉଲ୍ଲେଖ କରି ସେ କହିଛନ୍ତି ଯେ, ଆର୍ଥିକ ସଂସ୍କାର ଜାରି ରହିବା ଆବଶ୍ୟକ।

### ପିଏସ୍‌ୟୁରେ ଡାଇରେକ୍ଟର ନିଯୁକ୍ତି
### ପିଇଏସ୍‌ବିର ଭୂମିକା ହ୍ରାସ ପାଇଲା

**ନୂଆଦିଲ୍ଲୀ,୧୮-୧୧:** କେନ୍ଦ୍ର ସରକାର ବିଭିନ୍ନ ମନ୍ତ୍ରଣାଳୟ ଏବଂ ବିଭାଗ ଅଧୀନସ୍ଥ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡିକ ନିଜେ ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଚୟନ କରିପାରିବେ। ଏଥିପାଇଁ ସେମାନଙ୍କୁ କେନ୍ଦ୍ର ସରକାର ସ୍ୱାଧୀନତା ଦେଇଛନ୍ତି। ଏଥିପାଇଁ ସେମାନଙ୍କୁ ଆଉ ପବ୍ଲିକ ଏଣ୍ଟରପ୍ରାଇଜେସ ସିଲେକ୍ସନ ବୋର୍ଡ(ପିଇଏସ୍‌ବି)ର ଅନୁମତି ନେବାକୁ ପଡିବ ନାହିଁ। ଏହାଛଡା ମନ୍ତ୍ରଣାଳୟଗୁଡ଼ିକୁ ନିଯୁକ୍ତି ସଂକ୍ରାନ୍ତୀୟ ନୋଡାଲ ଏଜେନ୍ସି ଡିପାର୍ଟମେଣ୍ଟ ଅଫ ପବ୍ଲିକ ଏଣ୍ଟରପ୍ରାଇଜେସ (ଡିପିଇ)ଠାରୁ ମଧ୍ୟ ଅନୁମତି ନେବାକୁ ପଡିବ ନାହିଁ। ଫଳରେ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡିକ ଏଣିକି ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ଓ ଅନ୍ୟ ନିର୍ଦ୍ଦେଶକମାନଙ୍କୁ ସିଧାସଳଖ ନିଯୁକ୍ତ କରିପାରିବେ। ଏଥିପାଇଁ ସେମାନଙ୍କୁ ପ୍ରଶାସନିକ କ୍ଷମତା ଦିଆଯାଇଛି।

### ଜାଣିଶୁଣି ଋଣଖିଲାପୀ ତାଲିକା ପ୍ରଦାନ
### ପୁଣି ଥରେ ପିଏମ୍‌ଓ, ଆର୍‌ବିଆଇକୁ ନୋଟିସ ଦେଲେ ସିଆଇସି

**ନୂଆଦିଲ୍ଲୀ,୧୮-୧୧:** ୱିଲଫୁଲ୍ ଡିଫଲ୍ଟର ବା ଜାଣିଶୁଣି ଋଣଖିଲାପୀଙ୍କ ତାଲିକା ପ୍ରକାଶକୁ ନେଇ ସେଣ୍ଟ୍ରାଲ ଇନଫରମେଶନ କମିଶନ(ସିଆଇସି) ପୁନର୍ବାର ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ(ପିଏମ୍‌ଓ) ଓ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)କୁ କଟୁ ସମାଲୋଚନା କରିଛନ୍ତି। ଜାଣିଶୁଣି ଋଣଖିଲାପକାରୀଙ୍କ ସମ୍ପର୍କରେ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ରଘୁରାମ ରାଜନଙ୍କ ଦ୍ୱାରା ପ୍ରଦତ୍ତ ତାଲିକାକୁ ତୁରନ୍ତ ପ୍ରକାଶ କରିବା ନେଇ ନୋଟିସ ଜାରି କରିଛନ୍ତି। ସିଆଇସିର ଇନଫରମେଶନ କମିଶନର ଶ୍ରୀଧର ଆଚାର୍ଯ୍ୟୁଲୁ ତାଙ୍କର ୬୬ ପୃଷ୍ଠାର ରାୟରେ ଏ ସଂକ୍ରାନ୍ତରେ ପୂର୍ବ ନିର୍ଦ୍ଦେଶ ଅମାନ୍ୟ କରିଥିବାରୁ ପିଏମ୍‌ଓକୁ ତୀବ୍ର ଭାଷାରେ କଟୁ ସମାଲୋଚନା କରିଛନ୍ତି। ତାଲିକା ପ୍ରକାଶ ନ କରିବା ନେଇ ପିଏମ୍‌ଓ ପକ୍ଷରୁ ଦିଆଯାଇଥିବା ଯୁକ୍ତିକୁ ମଧ୍ୟ ସେ ଅଗ୍ରାହ୍ୟ କରିଛନ୍ତି। ତାଲିକା ପ୍ରକାଶରେ ଅନିଚ୍ଛା ନେଇ ପିଏମ୍‌ଓ ଠିକ୍ ଭାବେ ନିଜର ମତ ଉପସ୍ଥାପନ କରିନାହାନ୍ତି ବୋଲି ଆଚାର୍ଯ୍ୟୁଲୁ ରାୟରେ ଦର୍ଶାଇଛନ୍ତି। ଆର୍‌ଟିଆଇ ଆଇନ ଅଧୀନରେ ସନ୍ଦିପ ସିଂ ନାମକ ଜଣେ ବ୍ୟକ୍ତିଙ୍କ ପକ୍ଷରୁ ଋଣଖିଲାପୀଙ୍କ ତାଲିକା ପ୍ରକାଶ କରିବା ନେଇ ଆବେଦନ କରାଯାଇଥିଲା। ଆର୍ଥିକ ବ୍ୟାପାର ସଂସଦୀୟ କମିଟି ଏ ସମ୍ପର୍କରେ ଆଲୋଚନା କରନ୍ତୁ ବୋଲି ଆଚାର୍ଯ୍ୟୁଲୁ କହିଛନ୍ତି। ରାୟର ଗୋଟିଏ ଲେଖାଏ କପି ବିଭିନ୍ନ ସଂସଦୀୟ କମିଟିକୁ ଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

---

ଡିସେମ୍ବର ମଧ୍ୟ ଭାଗ ସୁଦ୍ଧା ଦେଶରେ ଫିଲିପ୍ସ ବ୍ରାଣ୍ଡକୁ ପୁଣି ଥରେ ବଜାର ପ୍ରବେଶ କରାଇବା ନେଇ ଯୋଜନା ରଖିଛୁ।
– ଅରୁଣ ମେନନ୍, କଣ୍ଟ୍ରି ବିଜନେସ୍ ହେଡ୍, ଫିଲିପ୍ସ ଟିଭି



ଘରୋଇ ବଜାରରେ ଆମର ଡାଉନଷ୍ଟ୍ରିମ ୟୁନିଟଗୁଡିକର ମାନୁଫାକଚରିଂ କ୍ଷମତା ବୃଦ୍ଧି ଲାଗି ଅଧିକ ନିବେଶ ନେଇ ଯୋଜନା ରହିଛି।
– ଶେଷାଗିରି ରାଓ, ଯୁଗ୍ମ ଏମ୍‌ଡି, ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍



## ଆର୍‌ବିଆଇ ବୋର୍ଡ ବୈଠକ ଆଜି
# ସରକାର ସମର୍ଥିତ ସଦସ୍ୟଙ୍କ ଉପରେ ନଜର




- ନିଜ ନିଷ୍ପତ୍ତିରେ ଦୃଢ଼ ରହିପାରେ ରିଜର୍ଭ ବ୍ୟାଙ୍କ
- ପିସିଏ କୋହଳ କରିବା, ଏମ୍‌ଏସ୍‌ଏମ୍‌ଇକୁ ଋଣ ପ୍ରଦାନ ମୁଖ୍ୟ ପ୍ରସଙ୍ଗ
- ଏନ୍‌ବିଏଫ୍‌ସିଙ୍କୁ ନଗଦ ଯୋଗାଣ ଉପରେ ଜୋର୍ ଦିଆଯିବ

**ନୂଆଦିଲ୍ଲୀ,୧୮-୧୧**

କେନ୍ଦ୍ର ସରକାରଙ୍କ ସହ ମତଭେଦ ପଦାକୁ ଆସିବା ପରେ ସୋମବାର ରିଜର୍ଭ ବ୍ୟାଙ୍କର ବହୁଚର୍ଚ୍ଚିତ ବୋର୍ଡ ବୈଠକ ପ୍ରଥମଥର ବସିବାକୁ ଯାଉଛି। ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ପାଇଁ ପ୍ରମ୍ପ୍ଟ କରେକ୍ଟିଭ ଆକ୍ସନ(ପିସିଏ) ବା ତ୍ୱରିତ୍ ସୁଧାର ପଦକ୍ଷେପ, ସୂକ୍ଷ୍ମ, ଲଘୁ ଓ ମଧ୍ୟମ ଉଦ୍ୟୋଗ(ଏମ୍‌ଏସ୍‌ଏମ୍‌ଇ)ଙ୍କୁ ଋଣ ପ୍ରଦାନ ସର୍ତ୍ତକୁ କୋହଳ କରିବା ତଥା ଅଣ ବ୍ୟାଙ୍କିଙ୍ଗ ଆର୍ଥିକ ସଂସ୍ଥା(ଏନ୍‌ବିଏଫ୍‌ସି)ଙ୍କ ନଗଦ ସଙ୍କଟ ଦୂର କରିବା ନେଇ ସରକାର ଓ କେନ୍ଦ୍ରୀୟ ବ୍ୟାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହୋଇଛି। ଏହି ପ୍ରସଙ୍ଗରେ ସୋମବାର ବୈଠକରେ ସରକାରଙ୍କ ମନୋନୀତ ତଥା ସମର୍ଥନ କରୁଥିବା ଡାଇରେକ୍ଟରମାନେ ରିଜର୍ଭ ବ୍ୟାଙ୍କ ଗଭର୍ନର ଉର୍ଜିତ ପଟେଲଙ୍କ ଉପରେ ପ୍ରବଳ ଚାପ ପକାଇବେ ବୋଲି ମନେ କରାଯାଉଛି। ସେମାନଙ୍କ ପଦକ୍ଷେପ ଉପରେ ଏବେ ସମସ୍ତଙ୍କର ନଜର ରହିଛି। ଅନ୍ୟପକ୍ଷରେ ନିଜ ନିଷ୍ପତ୍ତିରେ ଆର୍‌ବିଆଇ କାଏମ ରହିବେ ବୋଲି ଆଶା କରାଯାଉଛି। ଫଳରେ ବୋର୍ଡ ବୈଠକରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି।

ଆସନ୍ତା ବର୍ଷ ଲୋକ ସଭା ନିର୍ବାଚନକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ରିଜର୍ଭ ବ୍ୟାଙ୍କ ଉପରେ ଚାପ ବଢ଼ାଇ ଦେଇଛନ୍ତି। ଆର୍‌ବିଆଇ ବୋର୍ଡ ଅଧିକ ଶକ୍ତିଶାଳୀ ହେଉ ଏହା ସରକାର ଚାହୁଁଛନ୍ତି। ନୀତିରେ ପରିବର୍ତ୍ତନ ପାଇଁ ସରକାରଙ୍କ ଦ୍ୱାରା ମନୋନୀତ ଡାଇରେକ୍ଟରମାନେ ଉର୍ଜିତଙ୍କ ଉପରେ ଚାପ ପକାଇବାକୁ ଯାଉଥିବା ନେଇ ଚର୍ଚ୍ଚା ହେଉଛି। ଇତିମଧ୍ୟରେ ଉର୍ଜିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ପିଏମ୍‌ଓ ଅଧିକାରୀଙ୍କୁ ଭେଟିଛନ୍ତି। ବିବାଦ ଦୂର କରିବା ତାଙ୍କର ଉଦ୍ଦେଶ୍ୟ ବୋଲି ଜଣାପଡୁଛି। କ୍ଷୁଦ୍ର ବ୍ୟବସାୟୀଙ୍କୁ ଋଣ ପ୍ରଦାନ ସହଜ କରିବା, ଋଣ ଓ ପାଣ୍ଠି ସମସ୍ୟାର ସମ୍ମୁଖୀନ ହେଉଥିବା ୧୧ ରାଷ୍ଟ୍ରାୟତ୍ତ ବ୍ୟାଙ୍କକୁ ଋଣ ପ୍ରଦାନ କରିବାକୁ ଅନୁମତି ଦେବା(ପିସିଏ କୋହଳ), ଏନ୍‌ବିଏଫ୍‌ସିଙ୍କୁ ନଗଦ ପ୍ରଦାନ କରିବା ଦିଗରେ ଆର୍‌ବିଆଇ ପଦକ୍ଷେପ ନେଉ ବୋଲି ସରକାର ଚାହୁଁଛନ୍ତି। ଏହାଦ୍ୱାରା ଋଣ ପ୍ରଦାନ ସହଜ ହେବ ଓ ଅଧିକ ନିଯୁକ୍ତି ସୃଷ୍ଟି ହୋଇପାରିବ ବୋଲି ସରକାର ଯୁକ୍ତି ବାଢ଼ିଛନ୍ତି। ସେହିପରି ଆର୍‌ବିଆଇ ନିକଟରେ ବଳକା ଥିବା ଅର୍ଥରୁ କିଛି ସରକାରଙ୍କୁ ଦେବା ଲାଗି ସରକାର କହୁଛନ୍ତି। ଏହି ଅର୍ଥକୁ ଗ୍ରାମାଞ୍ଚଳ ସହ ତୈଳ ସବସିଡି ଆଦି ଜନକଲ୍ୟାଣକାରୀ ଯୋଜନାରେ ବିନିଯୋଗ କରାଯିବ। ଅନ୍ୟପକ୍ଷରେ ସରକାରଙ୍କ ବ୍ୟବହାରରେ କେନ୍ଦ୍ରୀୟ ବ୍ୟାଙ୍କ ଅତିଷ୍ଠ ହୋଇ ଉଠିଛି। ସରକାର ରିଜର୍ଭ ବ୍ୟାଙ୍କର କାର୍ଯ୍ୟରେ ହସ୍ତକ୍ଷେପ କରୁଛନ୍ତି ଏବଂ କେନ୍ଦ୍ରୀୟ ବ୍ୟାଙ୍କର ସ୍ୱାଧୀନତା ନଷ୍ଟ ହେଉଛି ବୋଲି ଡେପୁଟି ଗଭର୍ନର ବିରଲ ଆଚାର୍ଯ୍ୟ ଖୋଲାଖୋଲି କହି ମତଭେଦକୁ ପଦାକୁ ଆଣିଛନ୍ତି। ସରକାରୀ ହସ୍ତକ୍ଷେପ ଯୋଗୁ ୨୦୧୦ରେ ଆର୍ଜେଣ୍ଟିନାର ଅର୍ଥନୀତି କିପରି ଭୁଶୁଡି ପଡିଥିଲା ଏ ସମ୍ପର୍କରେ ସେ ଉଦାହରଣ ଦେଇଥିଲେ। ତେବେ ଗଭର୍ନର ନିଜର ୪ ଜଣ ଡେପୁଟିଙ୍କୁ ସାଥିରେ ଧରି ସରକାରଙ୍କୁ ମୁକାବିଲା କରିବାକୁ ପ୍ରସ୍ତୁତ ରହିଥିବା କୁହାଯାଉଛି। ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣରେ ରଖିବା, ଅନାଦାୟ ଋଣ ସମସ୍ୟାର ସମାଧାନ ସହ ବ୍ୟାଙ୍କର କାର୍ଯ୍ୟଧାରାକୁ ଅଧିକ ସ୍ୱଚ୍ଛ ତଥା ପାରଦର୍ଶୀ କରିବା ଉପରେ ଆର୍‌ବିଆଇ ଜୋର୍ ଦେଉଛି। ଏହାର ଦୀର୍ଘମିଆଦୀ ସୁଫଳ ଲୋକଙ୍କ ପାଖରେ ପହଞ୍ଚିବ ବୋଲି କୁହାଯାଉଛି। କିନ୍ତୁ ୨୦୧୯ ଲୋକ ସଭା ନିର୍ବାଚନ ଦୃଷ୍ଟିରୁ ସରକାର ଲୋକଙ୍କୁ ଆକର୍ଷିତ କରିବା ଭଳି ଯୋଜନା ଉପସ୍ଥାପନ ଉପରେ ଗୁରୁତ୍ୱ ଦେଉଛନ୍ତି।

ତେବେ ସରକାରଙ୍କ ମନୋନୀତ ସଦସ୍ୟ ସୁଭାଷ ଚନ୍ଦ୍ର ଗର୍ଗ, ରାଜୀବ କୁମାର ତଥା ସ୍ୱଦେଶୀ ଜାଗରଣ ମଞ୍ଚର ଏସ.ଗୁରୁମୂର୍ତ୍ତି ଏବଂ ସମର୍ଥିତ ଡାଇରେକ୍ଟରମାନେ ସରକାରଙ୍କ ନୀତିକୁ ଲାଗୁ କରିବା ଉପରେ ଜୋର୍ ଦେବେ ଏହା ନିଶ୍ଚିତ ହୋଇଯାଇଛି।

### ୯ ଲକ୍ଷ କୋଟି କବ୍ଜା କରିବାକୁ ହେଉଛି ଉଦ୍ୟମ : ଚିଦାମ୍ବରମ

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ବୋର୍ଡର ଗୁରୁତ୍ୱପୂର୍ଣ୍ଣ ବୈଠକ ପୂର୍ବରୁ ପୂର୍ବତନ ଅର୍ଥ ମନ୍ତ୍ରୀ ପି.ଚିଦାମ୍ବରମ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି। ସରକାର କେନ୍ଦ୍ରୀୟ ବ୍ୟାଙ୍କରେ ଗଚ୍ଛିତ ୯ ଲକ୍ଷ କୋଟି ଟଙ୍କାକୁ କବ୍ଜା କରିବାକୁ ଚାହୁଁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଏକାଧିକ ଟୁଇଟ୍ ଜରିଆରେ ସେ କହିଛନ୍ତି ଯେ, ନିୟନ୍ତ୍ରଣ ହାସଲ ଲାଗି ସରକାର ଆର୍‌ବିଆଇ ସହ ମୁହାଁମୁହିଁ ହୋଇଛନ୍ତି ବୋଲି ସେ କହିଛନ୍ତି।

### ମାସକ ଭିତରେ ପେଟ୍ରୋଲ ୭.୩୯, ଡିଜେଲ ୩.୮୯ ଟଙ୍କା କମିଲା



**ନୂଆଦିଲ୍ଲୀ,୧୮-୧୧**

ରବିବାର ପେଟ୍ରୋଲ ଲିଟର ପିଛା ୨୦ ଓ ଡିଜେଲ ୧୮ ପଇସା ହ୍ରାସ ପାଇଛି। କ୍ରମାଗତ ୨୯ ଦିନ ହେଲା ଦେଶରେ ତେଲ ଦର କମିଚାଲିଛି ଏବଂ ଏହା ଅଗଷ୍ଟ ମଧ୍ୟଭାଗରେ ଥିବା ଦର ସହିତ ସମାନ ସ୍ତରକୁ ଆସିଛି। ରବିବାର ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୭୬.୭୧ ଟଙ୍କା ଏବଂ ଡିଜେଲ ୭୧.୫୬ ଟଙ୍କା ରହିଛି। ଫଳରେ ମାସକ ମଧ୍ୟରେ ପେଟ୍ରୋଲ ଓ ଡିଜେଲ ଲିଟର ପିଛା ୭.୨୯ଟଙ୍କା ଏବଂ ୩.୮୯ ଟଙ୍କା ହ୍ରାସ ପାଇଛି। ସୂଚନାଥାଉ କି, ଅକ୍ଟୋବର ୧୮ରୁ ଦେଶରେ ତେଲ ଦର କ୍ରମାଗତ କମିବାରେ ଲାଗିଛି। ତେବେ ପେଟ୍ରୋଲ ଅପେକ୍ଷା ଡିଜେଲ ଦର ସ୍ୱଳ୍ପ ପରିମାଣରେ ହ୍ରାସ ପାଇଛି। ଅକ୍ଟୋବର ୪ରେ ପେଟ୍ରୋଲ ଦର ଲିଟର ପିଛା ୮୪ ଟଙ୍କାର ରେକର୍ଡ ଦରରେ ପହଞ୍ଚିଯାଇଥିଲା। ସେହିପରି ଡିଜେଲ ଦର ମଧ୍ୟ ୭୫.୪୫ ଟଙ୍କାର ସର୍ବୋଚ୍ଚ ସ୍ତର ଛୁଇଁଥିଲା। ଅଗଷ୍ଟ ୧୬ରୁ ଦର ବଢ଼ିବା ଆରମ୍ଭ ହୋଇଥିଲା। ସେହି ଦିନ ଦିଲ୍ଲୀରେ ପେଟ୍ରୋଲ ଓ ଡିଜେଲ ଦର ଲିଟର ପିଛା କ୍ରମଶଃ ୭୭.୧୪ ଟଙ୍କା ଏବଂ ୬୮.୭୨ ଟଙ୍କା ଥିଲା।




## ବଜାରରେ ହିରୋର ଡେଷ୍ଟିନି ସ୍କୁଟର

**ଭୁବନେଶ୍ୱର,୧୮।୧୧**

ହିରୋ ମୋଟୋକର୍ପ ପକ୍ଷରୁ ଏହାର ନୂଆ ୧୨୫ ସିସି ସ୍କୁଟର ଡେଷ୍ଟିନି ବଜାରକୁ ଆସିଛି। ସ୍ଥାନୀୟ ଭାରତ ମୋଟର୍ସଠାରେ ଏହାକୁ ଉନ୍ମୋଚନ କରାଯାଇଥିଲା। ନୂଆ ମଡେଲଟି ପ୍ରିମିୟମ ଗ୍ରାହକଙ୍କୁ ନଜରରେ ରଖି କମ୍ପାନୀ ପ୍ରସ୍ତୁତ କରିଛି। ଏହା ଦୁଇ ଭାରିଆଣ୍ଟରେ ବଜାରକୁ ଆସିଛି। ଏଲ୍‌ଏକ୍ସ ଭାରିଆଣ୍ଟର ମୂଲ୍ୟ ୫୬,୯୫୦ ଟଙ୍କା ରହିଥିବା ବେଳେ ଭିଏକ୍ସର ମୂଲ୍ୟ ୬୦,୦୦୦ ଟଙ୍କା ରହିଛି। ଏଥିରେ ଗ୍ରାହକମାନେ ଷ୍ଟାଇଲ, ପାୱାର, ଟେକ୍ନୋଲୋଜି ଲାଭ କରିବାକୁ ସକ୍ଷମ ହେବେ। ଏଥିରେ ଆଇ୩ଏସ୍ ଟେକ୍ନୋଲୋଜି ରହିଛି। ଏହା ନୋବଲ ରେଡ, ଚେଷ୍ଟନଟ୍ ବ୍ରୋଞ୍ଜ, ପାନ୍ଥର ବ୍ଲାକ, ପର୍ଲ ସିଲଭର ଭଳି ରଙ୍ଗରେ ଉପଲବ୍ଧ। ଏହାଦ୍ୱାରା ବଜାର ଦୃଢ଼ୀକରଣ କରିବାକୁ ସକ୍ଷମ ହେବୁ ବୋଲି କମ୍ପାନୀର ସେଲ୍‌ସ କଷ୍ଟମର କେୟାର ଏବଂ ପାର୍ଟସ ବିଜ୍‌ନେସ ମୁଖ୍ୟ ସଞ୍ଜୟ ଭାନ ସୂଚନା ଦେଇଛନ୍ତି।

### ଇଜ୍ ଅଫ୍ ଡୁଇଂ ବିଜନେସ
### ଆଜି ଶୀର୍ଷ ଉଦ୍ୟୋଗପତିଙ୍କୁ ଭେଟିବେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ,୧୮-୧୧**

ଇଜ୍ ଅଫ୍ ଡୁଇଂ ବିଜନେସରେ ବିଶ୍ୱର ଶୀର୍ଷ ୫୦ଟି ଦେଶ ମଧ୍ୟରେ ଭାରତର ସ୍ଥାନ ପାଇବାକୁ ନେଇ ଆଲୋଚନା କରିବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଦେଶର ଶୀର୍ଷ ଉଦ୍ୟୋଗପତିଙ୍କୁ ଭେଟିବେ। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଔଦ୍ୟୋଗିକ ନୀତି ଏବଂ ପ୍ରୋତ୍ସାହନ ବିଭାଗ (ଡିଆଇପିପି) ପକ୍ଷରୁ 'ବ୍ୟବସାୟ ସୁଗମତା ଉପରେ ବିଚାର' ଶୀର୍ଷକରେ ଏକ ବୈଠକ ସୋମବାର ଆୟୋଜିତ ହେବାକୁ ଯାଉଛି। ବିଶ୍ୱ ବ୍ୟାଙ୍କ ପକ୍ଷରୁ ଆସନ୍ତା ବର୍ଷ ଇଜ୍ ଅଫ୍ ଡୁଇଂ ବିଜନେସ ତାଲିକା ପ୍ରକାଶ କରାଯିବ। ଏଥିରେ ଶୀର୍ଷ ୫୦ ଟି ଦେଶ ଭିତରେ ଭାରତକୁ ଆଣିବା ଏବଂ ଦେଶରେ ନିବେଶ ବୃଦ୍ଧି ପାଇଁ ଉପାୟ ସ୍ଥିର କରାଯିବ। ଏହି ବୈଠକରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ, ବଜାଜ, ଟାଟା ଭଳି ଶୀର୍ଷ କର୍ପୋରେଟ, ସିଆଇଆଇ, ଫିକି ଓ ଆସୋଚାମ୍ ଭଳି ଉଦ୍ୟୋଗ ଜଗତକୁ ପ୍ରତିନିଧିତ୍ୱ କରୁଥିବା ସଂଗଠନର ପ୍ରତିନିଧିମାନେ ଯୋଗ ଦେବେ ବୋଲି ଜଣାପଡିଛି।




## ନାଲ୍‌କୋର ସତର୍କତା ସଚେତନତା ସପ୍ତାହ

**ଭୁବନେଶ୍ୱର,୧୮-୧୧**

ନାଲ୍‌କୋ ପକ୍ଷରୁ ଭୁବନେଶ୍ୱରସ୍ଥିତ କର୍ପୋରେଟ କାର୍ଯ୍ୟାଳୟଠାରେ ସତର୍କତା ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କଟକ ତଥା ଭୁବନେଶ୍ୱରରୁ ପ୍ରାୟ ୪୦୦ରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ନାଲ୍‌କୋ ଅଧ୍ୟକ୍ଷ ତପନ କୁମାର ଚାନ୍ଦ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଗଭର୍ନାନ୍ସ କ୍ଷେତ୍ରରେ ସତର୍କତାର ଆବଶ୍ୟକତା ରହିଥିବା ଚାନ୍ଦ ଏହି ଅବସରରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କ ସମେତ କମ୍ପାନୀର ବିଭିନ୍ନ ପଦାଧିକାରୀ ଯୋଗ ଦେଇଥିଲେ।

## ଆଇସିଏସ୍‌ଆଇର କଣ୍ଟାକ୍ଟ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୧୮-୧୧**

ଇନ୍‌ଷ୍ଟିଚ୍ୟୁଟ ଅଫ୍ କମ୍ପାନୀ ସେକ୍ରେଟାରିଜ ଅଫ୍ ଇଣ୍ଡିଆ (ଆଇସିଏସ୍‌ଆଇ) ପକ୍ଷରୁ ନୂଆ ସାର୍ଟିଫାଏଡ ସିଏସ୍‌ଆର୍ କୋର୍ସ ଆରମ୍ଭ ହୋଇଛି। ଏଥିଲାଗି ପ୍ରତିଷ୍ଠାନ ପକ୍ଷରୁ କଣ୍ଟାକ୍ଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଆଇସିଏସ୍‌ଆଇ ତାଲିମ ତଥା ନିଯୁକ୍ତି ନିର୍ଦ୍ଦେଶକ ଏସ୍.କେ. ଜେନା, ଆଇଓସିଏଲ୍ ଲିମିଟେଡ୍ ସିଏସ୍‌ଆର୍ ମୁଖ୍ୟ ବି.ଆର୍. ପ୍ରଧାନ, ଆଇସିଏସ୍‌ଆଇ ସଭାପତି ସିଏସ୍ ମାର୍କଣ୍ଡ ଲେଲେ, ସିଏସ୍‌ଆର୍ ଏବଂ ଗଭର୍ନାନ୍ସ ଆଡଭାଇଜର ଅଶୋକ ପାଭଡିଆ, ଅଫିସିଏଟିଂ ସେକ୍ରେଟାରୀ ଅଶୋକ ଦୀକ୍ଷିତ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ।

## ଏସ୍‌ବିଆଇ ମ୍ୟୁଚୁଆଲ୍ ଫଣ୍ଡର ନୂଆ ଶାଖା



**ଭୁବନେଶ୍ୱର,୧୮-୧୧**

ଏସ୍‌ବିଆଇ ମ୍ୟୁଚୁଆଲ୍ ଫଣ୍ଡ ଏହାର ନୂଆ ଶାଖା ଅନୁଗୋଳଠାରେ ଶୁଭାରମ୍ଭ କରିଛି। ଏସ୍‌ବିଆଇ ଭୁବନେଶ୍ୱରର କାର୍ଯ୍ୟାଳୟର ଚିଫ୍ ଜେନେରାଲ ମ୍ୟାନେଜର ପ୍ରବୀଣା କାଲା ଏହି ଶାଖାକୁ ଉନ୍ମୋଚନ କରିଥିଲେ। ଏହି ଶାଖା ଗ୍ରାହକଙ୍କ ମଧ୍ୟରେ ମ୍ୟୁଚୁଆଲ୍ ଫଣ୍ଡ ସଂକ୍ରାନ୍ତ ସଚେତନତା ତଥା ମ୍ୟୁଚୁଆଲ ଫଣ୍ଡର ବିଭିନ୍ନ ପ୍ରଡକ୍ଟ ଅନୁଗୋଳ ତଥା ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳଗୁଡିକରେ ଯୋଗାଇବାକୁ ସକ୍ଷମ ହେବ ବୋଲି କାଲା ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମ ଅବସରରେ ଭୁବନେଶ୍ୱର ସର୍କଲର ଜେନେରାଲ ମ୍ୟାନେଜର ଦେବୀ ଶଙ୍କର ମିଶ୍ର, ଜେନେରାଲ ମ୍ୟାନେଜର ଗୌତମ ଭଟ୍ଟାଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ୟବସାୟୀଙ୍କୁ ମିଳିଛି ୮୨ ହଜାର କୋଟି ରିଫଣ୍ଡ

**ନୂଆଦିଲ୍ଲୀ,୧୮-୧୧**

ଜିଏସ୍‌ଟି ଲାଗୁ ପରେ ବ୍ୟବସାୟୀଙ୍କୁ ଜିଏସ୍‌ଟି ରିଫଣ୍ଡ ବାବଦରେ ୮୨ ହଜାର କୋଟି ଟଙ୍କା ପ୍ରଦାନ କରାଯାଇଛି ବୋଲି କେନ୍ଦ୍ରୀୟ ଅପ୍ରତ୍ୟକ୍ଷ ଟିକସ ଏବଂ ସୀମା ଶୁଳ୍କ ବୋର୍ଡ (ସିବିଆଇସି) ପକ୍ଷରୁ ଏହାର ସଦସ୍ୟ ଆର୍.କେ.ବର୍ଥୱାଲ କହିଛନ୍ତି। ଅନ୍ତଃରାଷ୍ଟ୍ରୀୟ ବାଣିଜ୍ୟ ମେଳାର ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ସେ ଏହା ପ୍ରକାଶ କରିଛନ୍ତି।

# ସଂଘର୍ଷ ଆଣି ଦେଇଛି ସଫଳତା

### ସଫଳ ମହିଳା ଉଦ୍ୟୋଗୀ ରୀତା ସିଂ



ଦେଶର ଉଦ୍ୟୋଗ ବିକାଶ କ୍ଷେତ୍ରରେ ମହିଳାଙ୍କ ଯୋଗଦାନ କିଛି କମ୍ ନୁହେଁ। ଭାରତରେ ଅନେକ ମହିଳା ଉଦ୍ୟୋଗୀ ରହିଛନ୍ତି, ଯେଉଁମାନେ ନିଷ୍ଠା ତଥା ସଂଘର୍ଷ ଦ୍ୱାରା ଶିଳ୍ପ କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଏହି ଧାରାରେ ମେସ୍କୋ ଷ୍ଟିଲ କମ୍ପାନୀର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ରୀତା ସିଂ ଅନ୍ୟତମ। ମେସ୍କୋ ବା ମିଡ୍ ଇଷ୍ଟ ଇଣ୍ଟିଗ୍ରେଟେଡ ଷ୍ଟିଲ ଲିମିଟେଡ(ଏମ୍‌ଆଇଏସ୍‌ଏଲ) ଓଡ଼ିଶାରେ ପ୍ରତିଷ୍ଠା କରିବା ପରଠାରୁ ଏହାକୁ ସ୍ଥିତାବସ୍ଥାକୁ ଆଣିବାରେ ତାଙ୍କର ଉଦ୍ୟମ ପ୍ରଶଂସନୀୟ । ଅନେକ ଘାତ ପ୍ରତିଘାତ ଏବଂ ସଂଘର୍ଷ ସତ୍ତ୍ୱେ ଏହା କରିବାରେ ସଫଳ ହୋଇଛନ୍ତି ରୀତା। ଅସୁବିଧା ତାଙ୍କ ରାସ୍ତାରେ କେବେ ପ୍ରତିବନ୍ଧକ ସାଜିପାରିନି। ଅନେକ ଚ୍ୟାଲେଞ୍ଜ ସାମ୍ନା କରିବାକୁ ପଡିଛି। ଏମିତି ବି ସମୟ ଆସିଛି, ଯେଉଁଠାରେ ଆଗକୁ ବଢିବା ଅସମ୍ଭବ ବ୍ୟାପାର ହୋଇପଡିଥିଲା। ମାତ୍ର ଏପରି ସ୍ଥିତିରେ ମଧ୍ୟ ନିଜକୁ ଦୃଢ ରଖି ଆଗକୁ ବଢିଥିବା ସେ କହିଛନ୍ତି। ଆଜି ଯାହା କିଛି ବି ସମ୍ଭବ ହୋଇଛି ତାହା କେବଳ ନିରନ୍ତର ପ୍ରୟାସ ଏବଂ ସଂଘର୍ଷର ଫଳ ବୋଲି 'ମେକ୍ ଇନ୍ ଓଡ଼ିଶା-୨୦୧୮ କନ୍‌କ୍ଲେଭ'ରେ ଯୋଗଦେବା ଅବସରରେ ସେ ଏହା ପ୍ରକାଶ କରିଛନ୍ତି।

୪.୦ ବିଲିୟନ ଡଲାର ଏଣ୍ଟରପ୍ରାଇଜ ଭାଲ୍ୟୁ ବିଶିଷ୍ଟ ଏମ୍‌ଆଇଏସ୍‌ଏଲକୁ ଗଢିବାରେ ତାଙ୍କର ନିରନ୍ତର ଚେଷ୍ଟା ବଜାୟ ରହିଛି। ଉତ୍ତର ପ୍ରଦେଶର ହାପୁର ଜିଲାରେ ଏକ ଚିନି କଳ ସ୍ଥାପନ ସହ ବାଣିଜ୍ୟ କ୍ଷେତ୍ରକୁ ସେ ଓହ୍ଲାଇଥିଲେ। ଏକ କ୍ଷୁଦ୍ର ବାଣିଜ୍ୟରୁ ଆସିଥିଲେ ମଧ୍ୟ ନିଷ୍ଠା ଯୋଗୁ ଜଣେ ସଫଳ ମହିଳା ଉଦ୍ୟୋଗୀ ହୋଇପାରିଛନ୍ତି। ଏହାପରେ ଜୋତା, ଚମଡା ଏବଂ ଫାର୍ମା ରପ୍ତାନି ଭଳି ଅନ୍ୟାନ୍ୟ ବାଣିଜ୍ୟ ସହ ମଧ୍ୟ ଯୋଡି ହୋଇଥିଲେ। ଶିଳ୍ପ କ୍ଷେତ୍ରରେ ଅବଦାନ ଲାଗି ତାଙ୍କୁ 'ବେଷ୍ଟ ଓମେନ ଏଣ୍ଟରପ୍ରିନିୟର ଅଫ୍ ଦି ଡିକେଡ' ପୁରସ୍କାର ମିଳିଛି। ସେହିଭଳି ବୋର୍ଡ ଅଫ୍ ଟ୍ରେଡର ସଦସ୍ୟ, ସୁ' ଫେଡେରେଶନର ଅଧ୍ୟକ୍ଷ, ବାଣିଜ୍ୟ ମନ୍ତ୍ରଣାଳୟ ଅଧୀନସ୍ଥ ଏଫ୍‌ଡିଡିଆଇ ଅଧ୍ୟକ୍ଷ ଦାୟିତ୍ୱ ମଧ୍ୟ ସେ ତୁଲାଇଛନ୍ତି। ବିଜ୍ଞାନରେ ସ୍ନାତକ ଥିବା ରୀତା ପଶୁ ଏବଂ ପରିବେଶପ୍ରେମୀ ଭାବେ ବେଶ୍ ଜଣାଶୁଣା। ପଶୁ ପକ୍ଷୀଙ୍କ ଲାଗି ସେ କ୍ରିଷ୍ଣା ଆଶ୍ରମ ପ୍ରତିଷ୍ଠା କରିଛନ୍ତି। ସେଠାରେ ଚିକିତ୍ସା ସୁବିଧା ଉପଲବ୍ଧ କରାଇବାକୁ ଡାକ୍ତର, ଟେକ୍ନିସିଆନ୍, ମେଡିସିନ, ଲ୍ୟାବ୍, ଅପରେଶନ ଥିଏଟର, ଲ୍ୟାବ ସୁବିଧା ରହିଛି। ଓଡିଶାରେ ଶିଳ୍ପର ବିକାଶ ଦିଗରେ ରାଜ୍ୟ ସରକାର ଗ୍ରହଣ କରିଥିବା 'ମେକ୍ ଇନ୍ ଓଡିଶା' ଭଳି ପଦକ୍ଷେପକୁ ସେ ସ୍ୱାଗତ କରିଛନ୍ତି। ରାଜ୍ୟରେ ବ୍ରାଉନ ଫିଲ୍ଡ ପ୍ରକଳ୍ପଗୁଡିକର ଉନ୍ନତୀକରଣରେ ସରକାରଙ୍କ ସହଯୋଗ ନେଇ ଆଶାବାଦୀ ଥିବା କହିଛନ୍ତି। ଏମ୍‌ଆଇଏସ୍‌ଏଲ୍ ଏରୋସ୍ପେସ କ୍ଷେତ୍ରରେ ସହଭାଗିତାରେ କାର୍ଯ୍ୟ କରୁଥିବା ବେଳେ ଯଦି ଓଡିଶାରେ କିଛି ସୁଯୋଗ ମିଳେ ଏକ୍ଷେତ୍ରରେ ନିବେଶ ନେଇ ବିଚାର କରିବେ ବୋଲି ସେ କହିଛନ୍ତି। କଳିଙ୍ଗନଗରରେ ରହିଥିବା କମ୍ପାନୀର ସମ୍ପ୍ରସାରଣକୁ କମ୍ପାନୀ ପ୍ରାଥମିକତାଭାବେ ଗ୍ରହଣ କରିଛି। ଏମ୍‌ଆଇଏସ୍‌ଏଲକୁ ଏକ ସମ୍ପୂର୍ଣ୍ଣ ସମନ୍ୱିତ ଷ୍ଟିଲ କମ୍ପାନୀ ଭାବେ ଗଢି ତୋଳିବାକୁ ତାଙ୍କର ଯୋଜନା ରହିଛି। ବର୍ତ୍ତମାନର ସମ୍ପ୍ରସାରଣ ଯୋଜନା ମୁତାବକ ୨ ପର୍ଯ୍ୟାୟରେ ଫିନିଶ୍‌ଡ ଷ୍ଟିଲ କ୍ଷମତାକୁ ୩.୫ ନିୟୁତ ଟନ୍ କରିବାକୁ ଲକ୍ଷ୍ୟଧାର୍ଯ୍ୟ ହୋଇଥିବା ସେ କହିଛନ୍ତି।

> ଦିବାରାତ୍ର ଟେଷ୍ଟ ଖେଳିବା ଲାଗି ଭାରତୀୟ କ୍ରିକେଟ ଦଳ କାହିଁକି ପଛଘୁଞ୍ଚା ଦେଉଛି ତାହା ମୁଁ ବୁଝିପାରୁନାହିଁ ।
> –ମାଇକେଲ ବିୟର୍ଲି, ପୂର୍ବତନ ଇଂଲଣ୍ଡ ଅଧିନାୟକ



> ଆଗାମୀ କ୍ରିକେଟ ସିରିଜରେ ଭାରତୀୟ କ୍ରିକେଟ ଦଳର ପ୍ରତ୍ୟେକ ବ୍ୟାଟ୍ସମ୍ୟାନ ପାଇଁ ଆମେ ପୃଥକ୍ ପୃଥକ୍ ଯୋଜନା କରିଛୁ।
> – ପ୍ୟାଟ କୁମିନ୍ସ, ଅଷ୍ଟ୍ରେଲୀୟ ପେସ୍ ବୋଲର



## ସଂକ୍ଷେପରେ

### ପ୍ରଥମ ଏସିଆନ୍ ପେଟାନ୍କ୍ୟୁ: ସବୁ ବର୍ଗରେ ଥାଇଲାଣ୍ଡ ଚାମ୍ପିୟନ

**ଭୁବନେଶ୍ୱର, ୧୮।୧୧(ସ୍ପୋର୍ଟ୍ସ ବ୍ୟୁରୋ):** ସ୍ଥାନୀୟ କିଟ୍ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍ ୧୨ରେ ଆରମ୍ଭ ହୋଇଥିବା ପ୍ରଥମ ଏସିଆନ୍ ପେଟାନ୍କ୍ୟୁ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଛି। ଏଥିରେ ଥାଇଲାଣ୍ଡ ସବୁ ବର୍ଗରେ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି। ଥାଇଲାଣ୍ଡ ପୁରୁଷ ସିଙ୍ଗଲ୍ସ ଓ ଡବଲ୍ସ, ମହିଳା ସିଙ୍ଗଲ୍ସ ଓ ଡବଲ୍ସ ଓ ମିକ୍ସଡ ଡବଲ୍ସରେ ଟାଇଟଲ ହାସଲ କରିଛି। ଅପରପକ୍ଷରେ କାମ୍ବୋଡିଆ ରନର୍ସଅପ୍ ହୋଇ ଅଭିଯାନ ଶେଷ କରିଛି। ସବୁ ବର୍ଗର ପ୍ରତିଯୋଗିତାରେ ଥାଇଲାଣ୍ଡ କାମ୍ବୋଡିଆକୁ ହରାଇ ବାଜି ମାରିଛି। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏହି ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିଥିବା ସବୁ ଦଳକୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରଥମଥର ପାଇଁ ଭାରତରେ ଏଭଳି ପ୍ରତିଯୋଗିତା ସଫଳତାର ସହ ଆୟୋଜନ ହୋଇଛି।

### ଏସିସି ବୈଠକରେ ଯୋଗଦେଲାନି ଭାରତ

**କରାଚୀ, ୧୮।୧୧ (ପି.ଟି.):** ଶନିବାର ଲାହୋରରେ ଏସିଆନ କ୍ରିକେଟ କାଉନ୍‌ସିଲ (ଏସିସି) ବୈଠକ ଅନୁଷ୍ଠିତ ହୋଇଯାଇଛି। ସୁରକ୍ଷା କାରଣରୁ ଏହି ବୈଠକରୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଓହରିଯାଇଛି। ଏହି ବୈଠକରେ ଏହେସାନ ମନିଙ୍କ ସ୍ଥାନରେ ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ମୁଖ୍ୟ ଏସିସି ସଭାପତି ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ୨୦୨୦ ପର୍ଯ୍ୟନ୍ତ ଏହି ପଦବୀରେ ରହିବେ। ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)ର ଜଣେ ଅଫିସିଆଲଙ୍କ କହିବା ଅନୁସାରେ ଭାରତ ବ୍ୟତୀତ ଏହି ବୈଠକରେ ଫୁଲ୍ ମେମ୍ବର ବାଂଲାଦେଶ, ଶ୍ରୀଲଙ୍କା ଓ ଆଫଗାନିସ୍ତାନ ସମେତ ଏସିସି ସ୍ୱୀକୃତିପ୍ରାପ୍ତ ୩୩ ରାଷ୍ଟ୍ର ଅଂଶଗ୍ରହଣ କରିଥିଲେ। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ର ସିଇଓ ଡେଭ୍ ରିଚାର୍ଡସନ ଏହି ବୈଠକରେ ଉପସ୍ଥିତ ଥିଲେ।

### ଅଙ୍କିତା-କର୍ମନ ଜିତିଲେ ତାଇପେ ଓପନ୍

**ପୁଣେ, ୧୮।୧୧ (ପି.ଟି.):** ଅଙ୍କିତା ରାଇନା ଓ କର୍ମନ କୌର ଥାଣ୍ଡି ଯୋଡ଼ି ଡବ୍ଲ୍ୟୁଟିଏ ଟୁର୍‌ରେ ସେମାନଙ୍କ ପ୍ରଥମ ଡବଲ୍ସ ଟାଇଟଲ ହାସଲ କରିଛନ୍ତି। ୧୨୫,୦୦୦ ଡଲାର ପୁରସ୍କାର ବିଶିଷ୍ଟ ତାଇପେ ଓସିଇ ଓପନ୍ ଫାଇନାଲରେ ରୁଷିଆର ଓଲେଗା ଡୋରୋସିନା ଓ ନାଟେଲା ଡିଜାଲାମିଜେଙ୍କୁ ହରାଇ ଦେଇଛନ୍ତି। ଏହି ମ୍ୟାଚରେ ଭାରତୀୟ ଯୋଡ଼ି ପ୍ରଥମ ଗେମ୍‌ରେ ବିଜୟ ଲାଭ କରିଥିଲେ, ମାତ୍ର ଦ୍ୱିତୀୟ ଗେମ୍‌ରେ ପରାଜିତ ହୋଇଥିଲେ। ପରେ ସୁପର ଟାଇବ୍ରେକର ୧୨-୧୨ରେ ଟାଇ ରହିଥିଲା। ସେତେବେଳେ ନାଟେଲା ହାମଷ୍ଟ୍ରିଙ୍ଗ ଇଞ୍ଜୁରି ହୋଇଥିଲେ। ଫଳରେ ରୁଷୀୟ ଯୋଡ଼ି ମ୍ୟାଚରୁ ଓହରିଯିବାକୁ ବାଧ ହୋଇଥିଲେ।

# ୧୭ ବର୍ଷ ପରେ ସିରିଜ ଜିତିଲା ଇଂଲଣ୍ଡ

କାଣ୍ଡି, (ଶ୍ରୀଲଙ୍କା), ୧୮।୧୧(ଏପି)

ସ୍ଥାନୀୟ ପାଲିକେଲ ଇଣ୍ଟରନ୍ୟାଶନାଲ କ୍ରିକେଟ୍ ଷ୍ଟାଡିୟମରେ ଘରୋଇ ଶ୍ରୀଲଙ୍କା ବିପକ୍ଷରେ ଅନୁଷ୍ଠିତ ୨ୟ ଟେଷ୍ଟ ମ୍ୟାଚ୍‌କୁ ଇଂଲଣ୍ଡ ୫୭ ରନରେ ଜିତି ନେଇଛି। ଇଂଲଣ୍ଡ ପକ୍ଷରୁ ଧାର୍ଯ୍ୟ ୩୦୧ ରନର ଲକ୍ଷ୍ୟକୁ ପିଛା କରିଥିବା ଆଞ୍ଜେଲୋ ମାଥ୍ୟୁସଙ୍କ ନେତୃତ୍ୱାଧୀନ ଶ୍ରୀଲଙ୍କା ମ୍ୟାଚ୍‌ର ଅନ୍ତିମ ତଥା ୫ମ ଦିବସରେ ୨୪୩ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଏଥିସହ ୩

## କାଣ୍ଡି ଟେଷ୍ଟ

ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜକୁ ଇଂଲଣ୍ଡ ୨–୦ରେ ଆଗୁଆ ଜିତିନେଇଛି। ସେହିପରି ଦୀର୍ଘ ୧୭ ବର୍ଷର ବ୍ୟବଧାନ ପରେ ଶ୍ରୀଲଙ୍କା ମାଟିରେ ଇଂଲଣ୍ଡ ଟେଷ୍ଟ ସିରିଜ ଜିତିବାର ସୌଭାଗ୍ୟ ଲାଭ କରିଛି। ସିରିଜର ଅନ୍ତିମ ତଥା ୩ୟ ମ୍ୟାଚ୍ ନଭେମ୍ବର ୨୩ରୁ କଲମ୍ବୋରେ ଖେଳାଯିବ।

ଭ୍ରମଣକାରୀ ଇଂଲଣ୍ଡ ପକ୍ଷରୁ ଧାର୍ଯ୍ୟ ୩୦୧ ରନର ଚ୍ୟାଲେଞ୍ଜିଂପୂର୍ଣ୍ଣ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଏହାକୁ ପିଛା କରିଥିବା ଶ୍ରୀଲଙ୍କା ଶନିବାର ୪ର୍ଥ ଦିବସ ଶେଷ ସୁଦ୍ଧା ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୨ୟ ଇନିଂସରେ ୭ ଉଇକେଟ୍ ହରାଇ ୨୨୬ ରନ କରିଥିଲା। ରବିବାର ମ୍ୟାଚ୍‌ର ଅନ୍ତିମ ଦିବସ ହୋଇଥିବାବେଳେ ଶ୍ରୀଲଙ୍କାକୁ ଜିତିବାକୁ ୭୫ ରନ ଓ ପ୍ରତିପକ୍ଷ ଇଂଲଣ୍ଡକୁ ୩ ଉଇକେଟ୍ ଆବଶ୍ୟକ ହେଉଥିଲା। ତେବେ ଶ୍ରୀଲଙ୍କା ପୂର୍ବଦିନର ଅସମାପ୍ତ ୨ୟ ଇନିଂସ ସ୍କୋରରେ ଆଉ ୧୭ ରନ ଯୋଡ଼ି ୨୪୩ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଏହି ୩ଟି ଉଇକେଟ୍‌ରୁ ମୋଇନ ଅଲୀ ୨ଟି ଓ ଜ୍ୟାକ୍ ଲିଚ୍ ଗୋଟିଏ ଉଇକେଟ୍ ବାଣ୍ଟି ନେଇଥିଲେ। ଶ୍ରୀଲଙ୍କା ପକ୍ଷରୁ ମାଥ୍ୟୁସ ସର୍ବାଧିକ ୮୮ ରନ ଓ ଓପନର୍ ଦିମୁଥ କରୁଣାରତ୍ନେ ୫୭ ଓ ନିରୋଶାନ ଡିକ୍‌ୱେଲା ୩୫ ରନ କରିଥିଲେ। ସଫଳ ବୋଲରଭାବେ ବାମହାତୀ ସ୍ପିନର ଲିଚ୍ ୫ଟି ଏବଂ ମୋଇନ ୪ଟି ଉଇକେଟ୍ ଅକ୍ତିଆର କରି ଇଂଲଣ୍ଡକୁ ଏହି ସ୍ମରଣୀୟ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଇଂଲଣ୍ଡର ୨ୟ ଇନିଂସରେ ଶତକୀୟ ଇନିଂସ ଖେଳିଥିବା ଅଧିନାୟକ ଜୋ ରୁଟ୍ (୧୨୪ ରନ) ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଆଘାତ ସମସ୍ୟା ଲାଗି ୨ୟ ଟେଷ୍ଟରୁ ବାଦ୍ ପଡ଼ିଥିବା ଶ୍ରୀଲଙ୍କା ଅଧିନାୟକ ୩ୟ ଟେଷ୍ଟକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଆଶା କରାଯାଉଛି।



ମ୍ୟାଚ ଜିତିବା ପରେ ଇଂଲଣ୍ଡର ଖେଳାଳିମାନେ ।

### ହାଇଲାଇଟ୍ସ

- ୧୭ ବର୍ଷ ପରେ ଶ୍ରୀଲଙ୍କା ମାଟିରେ ଟେଷ୍ଟ ସିରିଜ ଜିତିଲା ଇଂଲଣ୍ଡ।
- ୨୦୧୬ ଜାନୁୟାରୀ ପରେ ବିଦେଶରେ ଇଂଲଣ୍ଡର ଏହା ପ୍ରଥମ ଟେଷ୍ଟ ସିରିଜ ବିଜୟ।
- ମ୍ୟାଚ୍‌ରେ ମୋଟ୍ ୪୦ ଉଇକେଟ୍‌ରୁ ସ୍ପିନର ୩୮ଟି ହାସଲ କରିଛନ୍ତି।
- ୧୯୬୯ରେ ଭାରତ ଓ ପାକିସ୍ତାନ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ସ୍ପିନରମାନେ ୩୭ଟି ଉଇକେଟ୍ ନେଇଥିଲେ।

### ସଂକ୍ଷିପ୍ତ ସ୍କୋର

- ଇଂଲଣ୍ଡ ପ୍ରଥମ ଇନିଂସ- ୨୯୦/୧୦ (ସାମ କୁରାନ ୬୪, ଜୋଶ୍ ବଟ୍‌ଲର ୬୩, ଦିଲରୁୱାନା ପେରେରା ୪/୬୧)।
- ଶ୍ରୀଲଙ୍କା ପ୍ରଥମ ଇନିଂସ- ୩୩୬/୧୦ (ରୋଶନ ସିଲ୍‌ଭା ୮୫, କରୁଣାରତ୍ନେ ୬୩, ଲିଚ୍ ୩/୭୦)।
- ଇଂଲଣ୍ଡ ୨ୟ ଇନିଂସ- ୩୪୬/୧୦ (ରୁଟ୍ ୧୨୪, ବେନ୍ ଫୋକ୍ସ ୬୫, ଅକିଲ ଧନଞ୍ଜୟ ୬/୧୧୫)।
- ଶ୍ରୀଲଙ୍କା ୨ୟ ଇନିଂସ- ୨୪୩/୧୦ (ମାଥ୍ୟୁସ ୮୮, ରୋଶନ ସିଲ୍‌ଭା ୩୭, ଲିଚ୍ ୫/୮୩)।

### ସାହାଣୀ କପ୍
### ସୁନ୍ଦରଗଡ଼, ଝାରସୁଗୁଡ଼ା, ପୁରୀ, ଢେଙ୍କାନାଳ ବିଜୟୀ

କଟକ ଅଫିସ,୧୮।୧୧

ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ଓ ସମ୍ବଲପୁର ଜିଲା ଆଥ୍ଲେଟିକ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ରବିବାର ଠାରୁ ସମ୍ବଲପୁରରେ ଆରମ୍ଭ ହୋଇଛି ୫୯ତମ ସିନିୟର ପୁରୁଷ ଆନ୍ତଃ ଜିଲା ଫୁଟବଲ ଚାମ୍ପିୟନଶିପ୍ ତଥା ସାହାଣୀ କପ୍। ସମ୍ବଲପୁର, ହୀରାକୁଦ, କୁଚିଣ୍ଡା, ନାକଟିଦେଉଳ ଆଦି ୪ଟି ସ୍ଥାନରେ ପ୍ରତିଯୋଗିତାର ମ୍ୟାଚ୍ ଖେଳାଯାଉଛି। ହୀରାକୁଦ ଭେନ୍ୟୁରେ ଅନୁଷ୍ଠିତ ମ୍ୟାଚ୍‌ରେ ସୁନ୍ଦରଗଡ଼ ୬–୨ ଗୋଲରେ ଗଞ୍ଜାମକୁ ପରାସ୍ତ କରିଥିଲା। ଏଠାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ବିଧାୟକ ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କୁଚିଣ୍ଡା ଭେନ୍ୟୁରେ ଅନୁଷ୍ଠିତ ମ୍ୟାଚ୍‌ରେ ଝାରସୁଗୁଡ଼ା ୩–୧ ଗୋଲରେ ଖୋର୍ଦ୍ଧାକୁ ହରାଇଥିବା ବେଳେ ବିଧାୟକ ରବିନାରାୟଣ ନାୟକ ଅତିଥି ଭାବେ ଉପସ୍ଥିତ ଥିଲେ। ସମ୍ବଲପୁର ଭେନ୍ୟୁରେ ଅନୁଷ୍ଠିତ ମ୍ୟାଚ୍‌ରେ ପୁରୀ ୧–୦ ଗୋଲରେ ନୟାଗଡ଼କୁ ପରାସ୍ତ କରିଛି। ନାକଟିଦେଉଳ ଭେନ୍ୟୁରେ ଖେଳାଯାଇଥିବା ମ୍ୟାଚରେ ଢେଙ୍କାନାଳ ୨–୧ ଗୋଲରେ ଦେବଗଡ଼କୁ ହରାଇଛି। ଏଠାରେ ବିଧାୟକ ରୋହିତ ପୂଜାରୀ, ସମ୍ବଲପୁର ଜିଲା ଆଥ୍ଲେଟିକ ଆସୋସିଏଶନ ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ।

# ମା’ ମଙ୍ଗଳା କ୍ଲବ ଚାମ୍ପିୟନ

ଯାଁଳା,୧୮।୧୧(ଡି.ଏନ.ଏ)

ଜଟଣୀ ବ୍ଲକ ଯାଁଳା ରାଧାଚରଣପୁରଠାରେ ଚାଲିଥିବା ରାଜ୍ୟସ୍ତରୀୟ ଶବର କପ୍ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। କଟକର ଦୁଇ ଦଳ ମା’ ମଙ୍ଗଳା କ୍ଲବ ଓ ବିଡ଼ାନାସୀ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରତିଦ୍ୱନ୍ଦ୍ୱିତାମୂଳକ ଏହି ମ୍ୟାଚରେ ବିଡ଼ାନାସୀ ଦଳକୁ ୧–୦ ଗୋଲ୍‌ରେ ପରାସ୍ତ କରି ମା’ ମଙ୍ଗଳା କ୍ଲବ ଚାମ୍ପିୟନ୍ ହୋଇଥିଲା। ପ୍ରଥମାର୍ଦ୍ଧ ଗୋଲ୍‌ଶୂନ୍ୟ ରହିବା ପରେ ଦ୍ୱିତୀୟାର୍ଦ୍ଧର ୪୭ ମିନିଟ୍‌ରେ ଚାମ୍ପିୟନ ଦଳର ବିକାଶ ସାହୁ ଗୋଲ୍ ଦେଇ ଦଳକୁ ଅଗ୍ରଣୀ କରିଥିଲେ। ବିପକ୍ଷ ବିଡ଼ାନାସୀ ଦଳ ଗୋଲ୍ ଦେବାରେ କେତେକ ସୁଯୋଗ ସୃଷ୍ଟି କରିଥିଲେ ମଧ୍ୟ ଶେଷ ପର୍ଯ୍ୟନ୍ତ ସଫଳ ହୋଇପାରି ନ ଥିଲା। ଏଥିରେ ଶ୍ରେଷ୍ଠ ଡିଫେଣ୍ଡର ଭାବେ ମା’ ମଙ୍ଗଳା କ୍ଲବର ଆର୍ତ୍ତତ୍ରାଣ ସାମଲ, ଶ୍ରେଷ୍ଠ ଫରୱାର୍ଡ ବିକାଶ ସାହୁ ଓ ଶ୍ରେଷ୍ଠ ଖେଳାଳି ଭାବେ ବିଡ଼ାନାସୀର ଅନିଲ ଦାସ ପୁରସ୍କୃତ ହୋଇଥିଲେ। ଶିବପ୍ରସାଦ ଦାସ ରେଫ୍‌ରି ରହିଥିବା ବେଳେ ଶେଖାୱତ୍ ଖାନ୍ ଓ ପ୍ରିୟବ୍ରତ ବାହିନୀପତି ଆସିଷ୍ଟାଣ୍ଟ ରେଫ୍‌ରୀ ଭାବେ ସହାୟତା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ ଯୁବ କଲ୍ୟାଣ ବୋର୍ଡର ଚେୟାରମ୍ୟାନ୍ ଅରୂପ ପଟ୍ଟନାୟକ, ପୂର୍ବତନ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ, ଖୋର୍ଦ୍ଧା ଜିଲା ପରିଷଦ ସଭାପତି ପ୍ରଫୁଲ୍ଲ ଦଳେଇ, ଜଟଣୀ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଦୀପକ ଜେନା, ଭୁବନେଶ୍ୱର ମହାନଗର ନିଗମର କର୍ପୋରେଟର ଦୀଲିପ କୁମାର ମାଝି, ଜିଲା ଯୋଜନା ବୋର୍ଡର ସଦସ୍ୟ ବାସୁଦେବ ଭଞ୍ଜ, ପ୍ରଦୀପ ପଟ୍ଟନାୟକ, ଶିଳ୍ପପତି ସଜ୍ଜନ ଅଗ୍ରୱାଲା ପ୍ରମୁଖ ଅତିଥି ଭାବେ ଯୋଗଦେଇ ମା’ ମଙ୍ଗଳା କ୍ଲବକୁ ଚାମ୍ପିୟନ ଟ୍ରଫି ସହ ୧୦ ହଜାର ଟଙ୍କା ଓ ରନର୍ସଅପ୍ ବିଡ଼ାନାସୀ ଦଳକୁ ଟ୍ରଫି ସହ ୭ ହଜାର ଟଙ୍କା ପ୍ରଦାନ କରିଥିଲେ। ଆୟୋଜକ ଅନୁଷ୍ଠାନର ବିଜୟ ନାୟକ, ବଚ୍ଚୁ ନାୟକ ଓ ଅନ୍ୟମାନେ ଟୁର୍ନାମେଣ୍ଟ ପରିଚାଳନାରେ ସହାୟତା କରିଥିଲେ।



ରାଜ୍ୟସ୍ତରୀୟ ଶବର କପ୍ ଫୁଟବଲ: ଅତିଥିଙ୍କ ଗହଣରେ ଟ୍ରଫି ସହ ମା’ ମଙ୍ଗଳା କ୍ଲବର ଖେଳାଳିମାନେ।

### ସର୍ବଭାରତୀୟ ପୋଲିସ ଜୁଡ଼ୋ କ୍ଲଷ୍ଟର
## ଟାଏକୋଣ୍ଡୋରେ ଏସ୍ଏସ୍‌ବିକୁ ଅଧିକ ପଦକ




ଓଡ଼ିଶା (ଲାଲ୍) ଓ ମହାରାଷ୍ଟ୍ର ପ୍ରତିଯୋଗୀ ମଧ୍ୟରେ ଅନୁଷ୍ଠିତ ଏକ ମୁକାବିଲା।

**କଟକ ଅଫିସ,୧୮।୧୧**

ଓଡ଼ିଶା ପୋଲିସ ଆନୁକୂଲ୍ୟରେ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ୩ୟ ସର୍ବଭାରତୀୟ ପୋଲିସ ଜୁଡୋ କ୍ଲଷ୍ଟର ଚାମ୍ପିୟନଶିପରେ ରବିବାର ଜୁଡ଼ୋ ଓ ଟାଇକୋଣ୍ଡୋ ପ୍ରତିଯୋଗିତା ଖେଳାଯାଇଛି। ରବିବାର ୨ଟି ଯାକ ପ୍ରତିଯୋଗିତାରେ ଓଡ଼ିଶା ପଦକଶୂନ୍ୟ ରହିଥିବା ବେଳେ ଅବଶିଷ୍ଟ ମ୍ୟାଚ୍ ସୋମବାର ଖେଳାଯିବ। ଜୁଡ଼ୋ ପୁରୁଷ ବର୍ଗର ୬୦ କେଜି ବିଭାଗରେ ସିଆଇଏସ୍ଏଫ୍, ୬୬ କେଜି ବିଭାଗରେ ପଞ୍ଜାବ ପୋଲିସ, ୭୩ କେଜି ବିଭାଗରେ ବିଏସ୍ଏଫ୍, ୮୧ କେଜି ବିଭାଗରେ ଏସ୍ଏସ୍‌ବି, ୯୦ କେଜି ବିଭାଗରେ ପଞ୍ଜାବ ପୋଲିସ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ସେହିପରି ଜୁଡ଼ୋ ମହିଳା ବର୍ଗର ୪୮କେଜି ବିଭାଗରେ ମଣିପୁର ପୋଲିସ, ୫୨କେଜି ବିଭାଗରେ ଏସ୍ଏସ୍‌ବି, ୫୭ କେଜି ବିଭାଗରେ ସିଆରପିଏଫ୍, ୬୩ କେଜି ବିଭାଗରେ ମଣିପୁର ପୋଲିସ ଓ ୭୮ କେଜି ବିଭାଗରେ ଏସ୍ଏସ୍‌ବିକୁ ସ୍ୱର୍ଣ୍ଣ ମିଳିଛି। ଟାଏକୋଣ୍ଡୋ ପୁରୁଷ ବର୍ଗର ୫୪କେଜି ଓ ୫୮ କେଜି ବିଭାଗରେ ଏସ୍ଏସ୍‌ବି, ୬୮କେଜି ବିଭାଗରେ ପଞ୍ଜାବ, ୭୪ କେଜି ବିଭାଗରେ ବିଏସ୍ଏଫ୍ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛି। ଟାଏକୋଣ୍ଡୋ ମହିଳା ବର୍ଗର ୪୬ ଓ ୪୯ କେଜି ବିଭାଗରେ ଏସ୍ଏସ୍‌ବି, ୫୩କେଜି ବିଭାଗରେ ସିଆରଏସ୍ଏଫ୍, ୬୨ କେଜି ବିଭାଗରେ ଆସାମ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛି। ସନ୍ଧ୍ୟାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମହାନଦୀ କୋଲ ଫିଲ୍ଡସ ଲିମିଟେଡ୍‌ର ଅଧ୍ୟକ୍ଷ ଓ.ପି ସିଂ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ଆର୍.ପି କୋଚେ, ଆଇଜି ପି.ଏସ୍ ରଣପିସେ, ଡିସିପି ଅଖିଳେଶ୍ୱର ସିଂ ଅତିଥି ଭାବେ ଯୋଗ ଦେଇଥିଲେ।

# ବିଦେଶରେ କେବଳ ଭାରତ ନୁହଁ, ସବୁ ଦଳ ଦୁର୍ବଳ ପ୍ରଦର୍ଶନ କରୁଛନ୍ତି: ଶାସ୍ତ୍ରୀ

ବ୍ରିସ୍‌ବେନ,୧୮।୧୧(ପି.ଟି.)

ଆଜିକାଲି କ୍ରିକେଟରେ ପ୍ରାୟ ସବୁ ଦଳ ବିଦେଶ ଗସ୍ତରେ ଆଶାନୁରୂପ ପ୍ରଦର୍ଶନ କରିପାରୁନାହାନ୍ତି। ତେଣୁ ଏ ନେଇ କେବଳ ଭାରତକୁ କାହିଁକି ସମାଲୋଚନା କରାଯାଉଛି ବୋଲି କୋଚ୍ ରବି ଶାସ୍ତ୍ରୀ ପ୍ରଶ୍ନ କରିଛନ୍ତି। ବିଦେଶରେ ଭାରତର ପ୍ରଦର୍ଶନ ଭଲ ନ ଥିବା ନେଇ ହେଉଥିବା ଆଲୋଚନାକୁ ସେ ନାପସନ୍ଦ କରିଛନ୍ତି। ଅଷ୍ଟ୍ରେଲିଆରେ ଭାରତର ସିରିଜ ବିଜୟ କେତେ ଗୁରୁତ୍ୱପୂର୍ଣ୍ଣ, ସେ ନେଇ ପ୍ରଶ୍ନ ହେବା ପରେ ଶାସ୍ତ୍ରୀ ଏହି କଥା କହିଛନ୍ତି। ୨୦୧୮ରେ ଭାରତ ତା’ର ଦୁଇଟି ଗସ୍ତରେ ସିରିଜ ପରାଜୟ ବରଣ କରିଛି। ଦକ୍ଷିଣ ଆଫ୍ରିକା ଗସ୍ତରେ ଯାଇ ଭାରତ ୧–୨ରେ ଓ ଇଂଲଣ୍ଡ ଗସ୍ତରେ ଯାଇ ୧–୪ ବ୍ୟବଧାନରେ ସିରିଜ ପରାଜୟ ବରଣ କରିଥିଲା। ଏହି ଦୁଇଟି ଗସ୍ତରେ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତ ଭଲ ପ୍ରଦର୍ଶନ କରିବ ବୋଲି ଆଶା କରାଯାଉଥିଲା। ତେବେ ଭାରତ ପରାଜୟ ବରଣ କରିବା ପରେ କୋହଲିଙ୍କ ସମେତ ଟିମ୍ ଇଣ୍ଡିଆକୁ ସବୁ ମହଲରୁ ସେତେବେଳେ ସମାଲୋଚନାର ଶିକାର ହେବାକୁ ପଡିଥିଲା। ତେବେ ବିଶ୍ୱର ଶ୍ରେଷ୍ଠ ଦଳଗୁଡିକ ମଧ୍ୟ ବିଦେଶ ଗସ୍ତରେ ଭଲ ପ୍ରଦର୍ଶନ କରୁନାହାନ୍ତି ବୋଲି ସେ କହିଛନ୍ତି। ତେବେ ତ୍ରୁଟି ସମସ୍ତଙ୍କୁ ଶିକ୍ଷା କରିବାକୁ ହୋଇଥାଏ।

ତେବେ ୯୦ ଦଶକରେ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ବିଦେଶ ଗସ୍ତରେ କିଛି ସମୟ ପାଇଁ ଭଲ ପ୍ରଦର୍ଶନ କରିଥିଲେ। ଏହି ଦୁଇଟି ଦଳକୁ ବାଦ୍ ଦେଲେ ଗତ ୫–୬ ବର୍ଷ ମଧ୍ୟରେ ବାକି କୌଣସି ଦଳ ବିଦେଶ ଗସ୍ତରେ ଭଲ ପ୍ରଦର୍ଶନ କରିବାରେ ବିଫଳ ହୋଇଛନ୍ତି ବୋଲି ଶାସ୍ତ୍ରୀ କହିଛନ୍ତି। ଏଥିପାଇଁ କେବଳ ଭାରତକୁ ସମାଲୋଚନା କରିବା ଉଚିତ୍ ନୁହଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଏହି ଦୁଇଟି ଗସ୍ତରେ ଭାରତ ଲଢୁଆ ଖେଳ ପ୍ରଦର୍ଶନ କରିଥିଲା ଓ କେତୋଟି କାରଣ ପାଇଁ ବିଜୟରୁ ବଞ୍ଚିତ ହୋଇଥିଲା। ଏହି ଦୁଇଟି ଗସ୍ତରେ ପ୍ରତିପକ୍ଷ ଦଳର ଜଣେ ଦୁଇଜଣ ବୋଲର କିମ୍ବା ବ୍ୟାଟ୍ସମ୍ୟାନ ଦମ୍‌ଦାର ପ୍ରଦର୍ଶନ କରି ଭାରତ ହାତରୁ ମ୍ୟାଚ୍ ଛଡାଇ ନେଇଥିଲେ । ଭାରତୀୟ ଦଳକୁ ସମର୍ଥନ କରି ଶାସ୍ତ୍ରୀ ଏହି କଥା କହିଛନ୍ତି।



ଗତ କିଛିମାସ ମଧ୍ୟରେ ଘଟିଥିବା କେତୋଟ ବିବାଦୀୟ ଘଟଣା ଅଷ୍ଟ୍ରେଲିଆର ପ୍ରଦର୍ଶନକୁ ପ୍ରଭାବିତ କରିନାହିଁ ବୋଲି ଶାସ୍ତ୍ରୀ କହିଛନ୍ତି। ଅଷ୍ଟ୍ରେଲିଆ ପୂର୍ବପରି ଶକ୍ତିଶାଳୀ ରହିଛି। କୌଣସି ଦଳ ନିଜ ମାଟିରେ ଆଦୌ ଦୁର୍ବଳ ନୁହଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ତେଣୁ ଦଳରେ କିଏ ଖେଳୁଛି କିମ୍ବା ନ ଖେଳୁଛି ସେ କଥା ଉପରେ ଧ୍ୟାନ ନ ଦେଇ ଆମେ ଖେଳ ଉପରେ ଫୋକସ କରୁଛୁ ବୋଲି ସେ କହିଛନ୍ତି।

ଅଷ୍ଟ୍ରେଲିଆ ପିଚ୍‌ରେ ଆମ ଦ୍ରୁତ ବୋଲରମାନେ ଭଲ ପ୍ରଦର୍ଶନ କରିବେ ଓ ସେମାନେ ଏଠାକାର ପରିବେଶକୁ ଉପଭୋଗ କରୁଛନ୍ତି। ଦଳ ଐକବଦ୍ଧ ହେବା ଦରକାର ଓ ସବୁ ଖେଳାଳି ଫିଟ୍ ରହିବା ଆବଶ୍ୟକ। ଇଞ୍ଜୁରି କାରଣରୁ ଅଲ ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଦଳରୁ ବାଦ୍ ପଡିଥିବାରୁ ଏହାର ପ୍ରଭାବ ପଡିବ ବୋଲି ସେ ପରୋକ୍ଷରେ ସ୍ୱୀକାର କରିଛନ୍ତି। କାରଣ ପାଣ୍ଡ୍ୟା ଅନୁପସ୍ଥିତ ରହୁଥିବାରୁ ଆମକୁ ଜଣେ ଅତିରିକ୍ତ ବୋଲରଙ୍କୁ ଖେଳାଇବାକୁ ପଡିବ ବୋଲି ଶାସ୍ତ୍ରୀ କହିଛନ୍ତି। କିଛି ଦିନ ତଳେ ଅଷ୍ଟ୍ରେଲୀୟ ପୂର୍ବତନ ବ୍ୟାଟ୍ସମ୍ୟାନ ମାଇକ ହସି ମଧ୍ୟ ଏନେଇ ମତ ରଖିଥିଲେ। ପାଣ୍ଡ୍ୟାଙ୍କ ଅନୁପସ୍ଥିତି ଭାରତ ପାଇଁ ମହଙ୍ଗା ସାବ୍ୟସ୍ତ ହେବ ବୋଲି ସେ କହିଥିଲେ। ପାଣ୍ଡ୍ୟା ଜଣେ ଅଲ ରାଉଣ୍ଡର ହିସାବରେ ଦଳରେ ସନ୍ତୁଳନ ରକ୍ଷା କରୁଥିଲେ। ତାଙ୍କ ଅନୁପସ୍ଥିତି ନିଶ୍ଚିତ ଭାବେ ପ୍ରଭାବ ପକାଇବ ବୋଲି ଶାସ୍ତ୍ରୀ କହିଛନ୍ତି।

## ପାକିସ୍ତାନର ବିଜୟ ଲକ୍ଷ୍ୟ ୧୭୬

ଆବୁଧାବି, ୧୮।୧୧(ଏଏଫପି)

ସ୍ଥାନୀୟ ସେକ ଜାୟେଦ ଷ୍ଟାଡିୟମରେ ଚାଲିଥିବା ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ପାକିସ୍ତାନ ବିଜୟୀ ହେବା ସମ୍ଭାବନା ସୃଷ୍ଟି ହୋଇଛି। ଟସ୍ ଜିତି ନ୍ୟୁଜିଲାଣ୍ଡ ପ୍ରଥମେ ବ୍ୟାଟିଂ ନେଇ ପ୍ରଥମ ଇନିଂସରେ ୧୫୩ ରନ କରି ଅଲଆଉଟ ହୋଇଥିଲା। ଜବାବରେ ପାକିସ୍ତାନ ପ୍ରଥମ ଇନିଂସରେ ୨୨୭ ରନରେ ଅଲଆଉଟ ହୋଇ ୭୪ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିଲା। ଦ୍ୱିତୀୟ ଇନିଂସ ଆରମ୍ଭ କରି ନ୍ୟୁଜିଲାଣ୍ଡ ୧୦୦.୪ ଓଭରରେ ୨୪୯ ରନ କରି ଅଲଆଉଟ ହୋଇଥିଲା। ଫଳରେ ପାକିସ୍ତାନ ସମ୍ମୁଖରେ ୧୭୬ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ପାକିସ୍ତାନ ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ୮ ଓଭରରେ କୌଣସି ଉଇକେଟ ନ ହରାଇ ୩୭ ରନ ସଂଗ୍ରହ କରିଛି। ଫଳରେ ଦୁଇ ଦିନ ବାକିଥିବା ବେଳେ ପାକିସ୍ତାନ ବିଜୟ ପାଇଁ ଆହୁରି ୧୩୯ ରନ ଆବଶ୍ୟକ କରୁଛି। ଷ୍ଟମ୍ପ ଅପସାରଣ ବେଳକୁ ଦୁଇ ଓପନର ଇମାମ– ଉଲ୍– ହକ ୨୫ ଓ ମହମ୍ମଦ ହାଫିଜ୍ ୮ ରନ କରି ଅପରାଜିତ ରହିଛନ୍ତି।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ: ୧୫୩
ପାକିସ୍ତାନ ପ୍ରଥମ ଇନିଂସ: ୨୨୭
ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସ: ୨୪୯
ପାକିସ୍ତାନ ଦ୍ୱିତୀୟ ଇନିଂସ: ୮ ଓଭରରେ ୩୭/୦ (ଇମାମ– ୨୫, ହାଫିଜ୍–୮)।

"ଏକ ଶକ୍ତିଶାଳୀ ଟିମ୍‌କୁ ସାମ୍ନା କରିବା ବେଳେ ଦଳର ସମସ୍ତଙ୍କୁ ଭଲ ପ୍ରଦର୍ଶନ କରିବାକୁ ପଡ଼ିବା।
–ହରମନପ୍ରୀତ କୌର, ଭାରତୀୟ ମହିଳା କ୍ରିକେଟ ଅଧିନାୟିକା



"ଶ୍ରୀଲଙ୍କା ବିପକ୍ଷ ସିରିଜ ଜିତିବା ପରେ ଏଣିକି ର୍‍ୟାଙ୍କିଙ୍ଗରେ ବିଶ୍ୱର ନମ୍ବର ୱାନ ହେବା ଆମର ପରବର୍ତ୍ତୀ ଲକ୍ଷ୍ୟ।
–ଜୋ ରୁଟ୍, ଇଂଲଣ୍ଡ ଟେଷ୍ଟ ଅଧିନାୟକ



## ସଂକ୍ଷେପରେ

### ବିଶ୍ୱ ଜୁନିୟର ଚାମ୍ପିୟନଶିପ୍ ବ୍ରୋଞ୍ଜ ନିଶ୍ଚିତ କଲେ ଲକ୍ଷ୍ୟ

ମାର୍କହାମ (କାନାଡା), ୧୮।୧୧(ପି.ଟି.): ଯୁବ ଭାରତୀୟ ଶଟ୍‌ଲର ଲକ୍ଷ୍ୟ ସେନ ଏଠାରେ ଚାଲିଥିବା ବିଶ୍ୱ ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ଫାଇନାଲରେ ପ୍ରବେଶ କରିବାରୁ ବଞ୍ଚିତ ହୋଇଛନ୍ତି। ରବିବାର ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ ସେମିଫାଇନାଲ ମ୍ୟାଚ୍‌ରେ ଲକ୍ଷ୍ୟ କଡ଼ା ସଂଘର୍ଷ କରିଥିଲେ ମଧ ଟପ୍ ସିଡ୍ ଥାଇଲାଣ୍ଡର କୁନଲାଭଟ୍ ଭିତିଡଶ୍ରନଙ୍କ ନିକଟରୁ ୨୨-୨୦, ୧୬-୨୧, ୧୩-୨୧ ଗେମ୍‌ରେ ହାରିଯାଇଛନ୍ତି। ଫଳରେ ଚଳିତ ବର୍ଷ ଏସିଆନ ଟାଇଟଲ ଜିତିଥିବା ୧୭ ବର୍ଷୀୟ ଲକ୍ଷ୍ୟ ଏବେ ବ୍ରୋଞ୍ଜ ପଦକ ନିଶ୍ଚିତ କରିଛନ୍ତି। କୁନଲାଭଟ୍‌ଙ୍କୁ ଏହି ମ୍ୟାଚ୍ ଜିତିବାକୁ ଏକ ଘଣ୍ଟା ୧୧ ମିନିଟ୍ ସମୟ ଲାଗିଥିଲା। ଏକମାତ୍ର ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳିଭାବେ ସାଇନା ନେହ୍ୱାଲ ପୁଣେରେ ଅନୁଷ୍ଠିତ ପ୍ରତିଯୋଗିତାର ୨୦୦୮ ସଂସ୍କରଣରେ ସ୍ୱର୍ଣ୍ଣ ପଦକ ଜିତିବାର ସୌଭାଗ୍ୟ ଲାଭ କରିଥିଲେ।

### ପଙ୍କଜଙ୍କୁ ବିଲିୟାର୍ଡ୍ସରେ ଗ୍ରାଣ୍ଡ୍ ଡବଲ



ପଙ୍କଜ ଆଡ୍‌ଭାନୀ

ୟାନଗନ (ମ୍ୟାନମାର), ୧୮।୧୧ (ପି.ଟି.): ଆଇବିଏସ୍ଏଫ୍ ୱାର୍ଲ୍ଡ ବିଲିୟାର୍ଡ୍ସ ଚାମ୍ପିୟନଶିପର ଉଭୟ ଲଙ୍ଗ୍ ଓ ଶର୍ଟ ଫର୍ମାଟ ଜିତିବା ଦ୍ୱାରା ଭାରତର ପଙ୍କଜ ଆଡ୍‌ଭାନୀ ତାଙ୍କ ବିଶ୍ୱ ଟାଇଟଲ ସଂଖ୍ୟା ୨୧କୁ ବୃଦ୍ଧି କରିଛନ୍ତି। ଏଥିସହିତ ଏଠାରେ ସେ ରେକର୍ଡ ଚତୁର୍ଥ ଥର ପାଇଁ ଏକ ସମୟରେ ଦୁଇଟି ଟାଇଟଲ ଜିତିବାରେ ଏକ ବିରଳ ସଫଳତା ହାସଲ କରିଛନ୍ତି। ଅନ୍ୟପକ୍ଷରେ ପଙ୍କଜଙ୍କ ବେଙ୍ଗାଲୁରୁ ସହର ସାଥୀ ଖେଳାଳି ବି. ଭାସ୍କର ରୌପ୍ୟ ଜିତିଛନ୍ତି। ସୂଚନାଯୋଗ୍ୟ, ଭାସ୍କର ହେଉଛନ୍ତି ଦୁଇଥର ଏସିଆନ ରୌପ୍ୟ ବିଜେତା ଏବଂ ବିଶ୍ୱ ସ୍ତରରେ ଏକ ବ୍ରୋଞ୍ଜ ଜିତିଛନ୍ତି। ପଙ୍କଜ ହେଉଛନ୍ତି ଏକମାତ୍ର ଖେଳାଳି, ଯିଏକି ବିଶ୍ୱସ୍ତରରେ ଉଭୟ ବିଲିୟାର୍ଡ୍ସ ଓ ସ୍ନୁକର ଖେଳିଥାନ୍ତି। ଉଭୟ ବିଭାଗରେ ସେ ସ୍ଥିର ପ୍ରଦର୍ଶନ କରିଆସୁଛନ୍ତି। ପଙ୍କଜ ଚଳିତ ବର୍ଷ ଇତିମଧ୍ୟରେ ୩ ବିଶ୍ୱ ଟାଇଟଲ ଜିତିସାରିଛନ୍ତି। ପଙ୍କଜ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ବିଲିୟାର୍ଡ୍ସରେ ଚତୁର୍ଥ ଥର ଗ୍ରାଣ୍ଡ ଡବଲ୍ ଜିତିବା ଦ୍ୱାରା ସେ ବିଶ୍ୱ ଶୀର୍ଷରେ ପହଞ୍ଚିପାରିଛନ୍ତି। ପ୍ରତିଯୋଗିତାରେ ତାଙ୍କୁ ଭାସ୍କର, କଜିଅର ଓ ରସେଲଙ୍କଠାରୁ କଡ଼ା ମୁକାବିଲାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ୨୧ଟି ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ଜିତିବା ଦ୍ୱାରା ମୁଁ ରୋମାଞ୍ଚିତ। ଆସନ୍ତା ୧୦ ଦିନ ମଧ୍ୟରେ ସ୍ନୁକର ଟାଇଟଲ ବଜାୟ ରଖିବା ତାଙ୍କର ପରବର୍ତ୍ତୀ ଲକ୍ଷ୍ୟ।

# 'ମାନସିକ ଶକ୍ତିର ହେବ ଲଢ଼େଇ'

ଭୁବନେଶ୍ୱର, ୧୮।୧୧ (ସ୍ପୋର୍ଟ୍ସ ବ୍ୟୁରୋ)

ଚଳିତ ବର୍ଷ ଭାରତୀୟ ହକି ଦଳର ପ୍ରଦର୍ଶନ ମଧ୍ୟମ ଧରଣର ରହିଥିଲେ ମଧ ଆଗାମୀ ବିଶ୍ୱକପ୍‌ରେ ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ଆମେ କଠିନ ଅଭ୍ୟାସ ଚଳାଇଛୁ ବୋଲି ଭାରତୀୟ ଦଳର ଉପଅଧିନାୟକ ଚିଙ୍ଗ୍‌ଲେନ୍‌ସାନା ସିଂ କାଙ୍ଗୁଜାମ କହିଛନ୍ତି।

'ବିଶ୍ୱକପ୍‌ର ଗୁରୁତ୍ୱକୁ ନଜରରେ ରଖି ଗତ ୩ ମାସ ହେଲା ଟ୍ରେନିଂ ଆମ ପାଇଁ ବେଶ୍ ଚ୍ୟାଲେଞ୍ଜପୂର୍ଣ୍ଣ ରହିଥିଲା। ଏହା ଆମେ ଜାଣିଛୁ ଯେ, ଫଳାଫଳ ଦୃଷ୍ଟିକୋଣରୁ ଚଳିତ ସିଜନରେ ଆହୁରି ଭଲ ପ୍ରଦର୍ଶନ କରିପାରିଥାନ୍ତୁ। କିନ୍ତୁ ପୂର୍ବର ତିକ୍ତ ଘଟଣାକୁ ଭୁଲି ହକି ବିଶ୍ୱକପ୍ ପରି ସମ୍ମାନଜନକ ଇଭେଣ୍ଟରେ ଭଲ ପ୍ରଦର୍ଶନ କରିବାର ସମୟ ଏବେ ଆସିଛି' ବୋଲି ରବିବାର ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା ବେଳେ ୨୬ ବର୍ଷୀୟ ଏହି ମଣିପୁର ହକି ତାରକା ପ୍ରକାଶ କରିଛନ୍ତି।

ମଧ୍ୟକ୍ରମରେ ଅଧିନାୟକ ମନ୍‌ପ୍ରୀତ୍ ସିଂ, ଯୁବ ତାରକା ସୁମିତ୍ ଓ ନୀଳକଣ୍ଠ ଶର୍ମାଙ୍କ ସହ ଖେଳୁଥିବାରୁ ଦଳ ସଫଳତା ହାସଲ କରିବାର ସମ୍ଭାବନା ରହିଛି। ପ୍ରତ୍ୟେକ ଖେଳାଳି ବହୁତ କଠିନ ପରିଶ୍ରମ କରୁଛନ୍ତି ଏବଂ ଏହାକୁ ଭଲ ରେଜଲ୍ଟରେ ପରିଣତ କରିବାର ଏବେ ସମୟ ଆସିଯାଇଛି। ମୁଁ ବିଶ୍ୱାସ କରୁଛି କି, ଫିଟ୍‌ନେସ ଓ ଟିମ୍ ରଣକୌଶଳ ଅପେକ୍ଷା ଆଗାମୀ ବିଶ୍ୱକପ୍‌ରେ ମାନସିକସ୍ତରରେ ଲଢ଼େଇ ହେବ। ସେହିଭଳି ହକି ଲିଗ୍ ସମୟରେ ଆମ ଦଳର ଅଧିକାଂଶ ଖେଳାଳି କଳିଙ୍ଗ ଷ୍ଟାଡିୟମରେ ଶୀର୍ଷସ୍ତରୀୟ ମ୍ୟାଚ୍ ଖେଳିବାର ଅଭିଜ୍ଞତା ରଖିଛନ୍ତି, ଯାହା ଆମକୁ ବିଶ୍ୱକପ୍‌ରେ ଏହା ଆମ ପାଇଁ ବେଶ୍ ସହାୟକ ହେବ ବୋଲି ଭାରତୀୟ ଦଳର ଏହି ଯୁବ ମିଡ୍‌ଫିଲ୍ଡର କହିଛନ୍ତି। ମୋଟ୍ ଉପରେ ୧୯୯ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିସାରିଥିବା ଚିଙ୍ଗ୍‌ଲେନ୍‌ସାନା ଭୁବନେଶ୍ୱର ଦର୍ଶକଙ୍କ ଆଗରେ ୨୦୦ତମ ମ୍ୟାଚ୍ ଖେଳିବା ନେଇ ବେଶ୍ ଆଗ୍ରହୀ ରହିଛନ୍ତି। ବିଶ୍ୱରେ କଳିଙ୍ଗ ଷ୍ଟାଡିୟମ ମୋ ପାଇଁ ଅନ୍ୟତମ ଶ୍ରେଷ୍ଠ ଷ୍ଟାଡିୟମ। ବିଶ୍ୱକପ୍‌ରେ ଏଠାରେ ଭଲ ଆରମ୍ଭ କରିବା ଲକ୍ଷ୍ୟରେ ରହିଛି ବୋଲି ସେ କହିଛନ୍ତି।



ହାର୍ଦ୍ଦିକ ସିଂ ଚିଙ୍ଗ୍‌ଲେନ୍‌ସାନା ସିଂ କାଙ୍ଗୁଜାମ

### କଳିଙ୍ଗ ଷ୍ଟାଡିୟମରେ ଖେଳିବାକୁ ମୁଁ ବ୍ୟଗ୍ର : ହାର୍ଦ୍ଦିକ

କଳିଙ୍ଗ ଷ୍ଟାଡିୟମରେ ଟୁର୍ନାମେଣ୍ଟ ଅନୁଷ୍ଠିତ ହେଲେ ଆଶାତୀତ ଦର୍ଶକ ମ୍ୟାଚ୍ ଦେଖିବାକୁ ଆସନ୍ତି। ପୂର୍ବରୁ ଏଠାରେ ହକି ଇଣ୍ଡିଆ ଲିଗ୍, ଚାମ୍ପିୟନ୍ସ ଟ୍ରଫି ପରି ଅନେକ ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟ ଖେଳାଯାଇଛି। ଆଗକୁ ହକି ବିଶ୍ୱକପ୍ ଏଠାରେ ଆୟୋଜିତ ହେବ। ତେଣୁ କଳିଙ୍ଗ ଷ୍ଟାଡିୟମ ପରି ଏକ ବିଶ୍ୱସ୍ତରୀୟ ଷ୍ଟାଡିୟମରେ ଖେଳିବାକୁ ମୁଁ ବ୍ୟଗ୍ର ରହିଛି ବୋଲି ଭାରତୀୟ ଦଳର ସଦସ୍ୟ ହାର୍ଦ୍ଦିକ ସିଂ କହିଛନ୍ତି। ରବିବାର ଏଠାରେ ଗଣମାଧ୍ୟମ ସହ ଆଲୋଚନା ସମୟରେ ପଞ୍ଜାବର ଏହି ଉଦୀୟମାନ ଡିଫେଣ୍ଡର କହିଛନ୍ତି, ୨୦୧୬ରେ ଉତ୍ତରପ୍ରଦେଶରେ ଆମେ ଜୁନିୟର ବିଶ୍ୱକପ୍ ଖେଳୁଥିବାବେଳେ ସେଠାରେ ମଧ ଦର୍ଶକଙ୍କ ଏଭଳି ମାହୋଲ ଦେଖିବାକୁ ମିଳିଥିଲା। ତେଣୁ ଜୁନିୟର ବିଶ୍ୱକପ୍‌ର ଅଭିଜ୍ଞତା ଏଠାରେ ନିଶ୍ଚିତରୂପେ କାମରେ ଆସିବ। ସେହିଭଳି ୨୦୧୬ ଜୁନିୟର ବିଶ୍ୱକପ୍ ବିଜୟୀ ଦଳର ଅଧିକାଂଶ ଖେଳାଳି ଏବେ ସିନିୟର ଦଳରେ ସ୍ଥାନ ପାଇଥିବାରୁ ବିଶ୍ୱକପରେ ଏହା ଆମ ପାଇଁ ସହାୟକ ହେବ। ଅପରପକ୍ଷରେ ପୂର୍ବରୁ ହକି ଇଣ୍ଡିଆ ଲିଗ୍ ସମୟରେ ଆମେ କିଛି ସିନିୟର ଖେଳାଳିଙ୍କ ସହ ଏକାଠି ମିଶି ଖେଳିସାରିଛୁ। ଆଗାମୀ ବିଶ୍ୱକପ୍‌ରେ ସେମାନଙ୍କ ସହ ଖେଳିବାରେ କୌଣସି ଅସୁବିଧା ହେବ ନାହିଁ ବୋଲି ୨୦ ବର୍ଷୀୟ ହାର୍ଦ୍ଦିକ ଏହି ଅବସରରେ ପ୍ରକାଶ କରିଛନ୍ତି। ଯେତେବେଳେ ମୁଁ ଖେଳ ଆରମ୍ଭ କରିଥିଲି ସେତେବେଳେ ମୋର ଲକ୍ଷ୍ୟ ଥିଲା ବିଶ୍ୱକପ୍ ଖେଳିବା। ଏବେ ଏହାପୂରଣ ହେବାକୁ ଯାଉଥିବାରୁ ବେଶ୍ ଆଗ୍ରହୀ ଅଛି ବୋଲି ହକି ପରିବାରରୁ ଆସିଥିବା ଏହି ପ୍ରତିଭାବାନ ପଞ୍ଜାବ ଖେଳାଳି କହିଛନ୍ତି। ହାର୍ଦ୍ଦିକଙ୍କ ପିତା ବରିନ୍ଦରପ୍ରୀତ୍ ସିଂ ହେଉଛନ୍ତି ଭାରତୀୟ ସିନିୟର ଦଳର ଜଣେ ପୂର୍ବତନ ଖେଳାଳି। ସେହିଭଳି ତାଙ୍କ ପରିବାରର ସଦସ୍ୟ ଯୁଗରାଜ ସିଂ, ଗୋଲ୍ଡେନ ଗାର୍ଲ ରାଜବୀର କୌର ଓ ଅଲିମ୍ପିଆନ ଗୁର୍‌ମେଲ ସିଂ ମଧ ଜାତୀୟ ଦଳ ପକ୍ଷରୁ ଅନେକ ମ୍ୟାଚ୍ ଖେଳିଛନ୍ତି। ହାର୍ଦ୍ଦିକ ୨୦୧୬ ଜୁନିୟର ବିଶ୍ୱକପ୍ ବିଜୟୀ ଦଳର ଜଣେ ସଦସ୍ୟ ଥିଲେ।

### ଶ୍ରେଷ୍ଠଙ୍କୁ ୫ ଉଇକେଟ, ତ୍ରିପୁରା ୧୨୮ରେ ଅଲଆଉଟ

କଟକ ଅଫିସ, ୧୮।୧୧

ଅଗରତାଲାର ପୋଲିସ ଟ୍ରେନିଂ ଏକାଡେମୀ ଗ୍ରାଉଣ୍ଡରେ ୧୬ବର୍ଷରୁ କମ୍ ବିଜୟ ମର୍ଚ୍ଚାଣ୍ଟ ଟ୍ରଫିର ଓଡ଼ିଶା–ତ୍ରିପୁରା ମ୍ୟାଚ୍ ରବିବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିବସ ଖେଳ ଷ୍ଟମ୍ପ ଅପସାରଣ ସୁଦ୍ଧା ତ୍ରିପୁରା ୧୨୮ରନ୍‌ରେ ଅଲଆଉଟ ହୋଇଥିବା ବେଳେ ଓଡ଼ିଶା ୩ ଉଇକେଟରେ ୯୧ରନ୍ କରିଛି। ଏଣୁ ଓଡ଼ିଶା ପ୍ରଥମ ଇନିଂସରେ ଅଗ୍ରଣୀ ହାସଲ କରିବା ସ୍ପଷ୍ଟ ହୋଇଛି। ତ୍ରିପୁରା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ୫ରନ୍‌ରେ ଦୁଇ ଉଇକେଟ ହରାଇ ତ୍ରିପୁରା ସଙ୍କଟରେ ପଡ଼ିଥିବା ବେଳେ ଏନ୍. ଚକ୍ରବର୍ତ୍ତୀ ଓ ଆନନ୍ଦ ଭୌମିକ ୩ୟ ଉଇକେଟ ଯୋଡ଼ିରେ ୬୩ରନ୍‌ର ଭାଗୀଦାରି ସୃଷ୍ଟି କରିଥିଲେ। ମାତ୍ର ଚକ୍ରବର୍ତ୍ତୀ ଓ ଭୌମିକଙ୍କ ଉଇକେଟ ପତନ ପରେ ତ୍ରିପୁରା ଇନିଂସ୍ ଭୁଶୁଡ଼ି ପଡ଼ିଥିଲା। ଦଳ ୧୨୮ରେ ସୀମିତ ରହିଥିଲା। ତ୍ରିପୁରା ପକ୍ଷରୁ ଭୌମିକ ସର୍ବାଧିକ ୪୪ରନ୍ କରିଥିଲେ। ଓଡ଼ିଶା ପକ୍ଷରୁ ଶ୍ରେଷ୍ଠ ସିଂ ସର୍ବାଧିକ ୫ଟି ଉଇକେଟ ଅକ୍ତିଆର କରିଛନ୍ତି। ଜବାବରେ ବିଶ୍ୱବିଭବ ମୁଦୁଲିଙ୍କ ୪୯ରନ୍ ବଳରେ ଓଡ଼ିଶା ୩ ଉଇକେଟ ବିନିମୟରେ ୯୧ରନ୍ କରିଛି। ବିଶ୍ୱଜିତ ପାତ୍ର ୧୪ରନ୍‌ରେ, ଅଧିନାୟକ ସୂର୍ଯ୍ୟ ମହାପାତ୍ର ୨ ରନ୍‌ରେ ଆଉଟ ହୋଇଛନ୍ତି। ଆଶୁତୋଷ ସାହୁ ଓ ବିଭାଂଶୁ ରାୟ ୮ ରନ୍ ଲେଖାଏଁ କରି ଅପରାଜିତ ଅଛନ୍ତି ।



ନଳିନୀକାନ୍ତ ମହାନ୍ତି ସ୍ମାରକୀ ରାଜ୍ୟ ଓପନ୍ ର୍‍ୟାଙ୍କିଙ୍ଗ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ–୨୦୧୮ର ଜର୍ସି ଉନ୍ମୋଚନ କାର୍ଯ୍ୟକ୍ରମ ଅବସରରେ ଉପସ୍ଥିତ ଆୟୋଜକ କର୍ମକର୍ତ୍ତା ।

## ନଳିନୀକାନ୍ତ ମହାନ୍ତି ସ୍ମାରକୀ ରାଜ୍ୟ ଓପନ୍ ର୍‍ୟାଙ୍କିଙ୍ଗ ବ୍ୟାଡ୍‌ମିଣ୍ଟନ ୨୨ରୁ

ଭୁବନେଶ୍ୱର, ୧୮।୧୧ (ସ୍ପୋର୍ଟ୍ସ ବ୍ୟୁରୋ)

ଆମେଚର ବ୍ୟାଡମିଣ୍ଟନ କ୍ଲବ ଭୁବନେଶ୍ୱର ଆନୁକୂଲ୍ୟରେ ୫ମ ନଳିନୀକାନ୍ତ ମହାନ୍ତି ସ୍ମାରକୀ ରାଜ୍ୟ ଓପନ୍ ର୍‍ୟାଙ୍କିଙ୍ଗ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ–୨୦୧୮ ଅନୁଷ୍ଠିତ ହେବାକୁ ଯାଉଛି। ଏହା ମଞ୍ଚେଶ୍ୱରସ୍ଥିତ ଇଷ୍ଟକୋଷ୍ଟ ରେଲୱେ ଇନ୍‌ଡୋର ଷ୍ଟାଡିୟମରେ ଚଳିତ ମାସ ୨୨ରୁ ୨୫ ପର୍ଯ୍ୟନ୍ତ ଖେଳାଯିବ। ଏଥିରେ ସିନିୟର ବିଭାଗରେ ଉଭୟ ମହିଳା ଓ ପୁରୁଷ ସିଙ୍ଗଲ୍ସ, ଡବଲ୍ସ ଏବଂ ୧୯ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ଓ ଡବଲ୍ସ ପ୍ରତିଯୋଗିତା ହେବ। ସେହିପରି ୧୭ ବର୍ଷରୁ କମ୍ ବାଳକ ବିଭାଗରେ ସିଙ୍ଗଲ୍ସ ଓ ଡବଲ୍ସ ଏବଂ ବାଳିକାରେ କେବଳ ସିଙ୍ଗଲ୍ସ ପ୍ରତିଯୋଗିତା ହେବ। ଏହାଛଡ଼ା ୧୫ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ଏବଂ ୪୫ ବର୍ଷରୁ ଉର୍ଦ୍ଧ୍ୱ ପୁରୁଷ ଭେଟେରାନ ଡବଲ୍ସ ମ୍ୟାଚ ଖେଳାଯିବ। ମୋଟ ୧୧ଟି ଇଭେଣ୍ଟ ଲାଗି ୩ ଲକ୍ଷ ଟଙ୍କା ପୁରସ୍କାର ରାଶି ସହ ଟ୍ରଫି ପ୍ରଦାନର ବ୍ୟବସ୍ଥା ରହିଛି। ଓଡ଼ିଶା ବ୍ୟାଡମିଣ୍ଟନ ଆସୋସିଏଶନ ନିୟମାନୁସାରେ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନଙ୍କୁ ସେମାନଙ୍କ ପ୍ରଦର୍ଶନ ଅନୁଯାୟୀ ର୍‍ୟାଙ୍କିଙ୍ଗ ପ୍ରଦାନ କରାଯିବ। ସିଙ୍ଗଲ୍ସ ଇଭେଣ୍ଟ ଓ ଡବଲ୍ସ ଇଭେଣ୍ଟ ଲାଗି ନାମ ପଞ୍ଜୀକରଣ ପାଇଁ ଯଥାକ୍ରମେ ୪୦୦ ଟଙ୍କା, ୮୦୦ ଟଙ୍କା ଫି' ଧାର୍ଯ୍ୟ କରାଯାଇଛି। ଜଣେ ପ୍ରତିଯୋଗୀ କେବଳ ୨ଟି ଇଭେଣ୍ଟରେ ଅଂଶଗ୍ରହଣ କରିପାରିବେ ବୋଲି ଆମେଚର ବ୍ୟାଡ୍‌ମିଣ୍ଟନ କ୍ଲବ ସାଧାରଣ ସମ୍ପାଦକ ଚଣ୍ଡୀ ପ୍ରସାଦ ଦାସ ଏଠାରେ ରବିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

■ ପ୍ରଥମ ଅନ୍‌ଅଫିସିଆଲ ଟେଷ୍ଟ

## ଭାରତୀୟ ବୋଲର ନିରାଶ କଲେ, ନ୍ୟୁଜିଲାଣ୍ଡ ୪୫୮/୯

ମାଉଣ୍ଟ ମାଉନଗାନୁଇ (ନ୍ୟୁଜିଲାଣ୍ଡ), ୧୮।୧୧(ପି.ଟି.)

ଘରୋଇ ନ୍ୟୁଜିଲାଣ୍ଡ–ଏ ବିପକ୍ଷରେ ଏଠାରେ ଅନୁଷ୍ଠିତ ପ୍ରଥମ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍‌ରେ ଭାରତ–ଏ ବୋଲରଙ୍କ ନୈରାଶ୍ୟଜନକ ପ୍ରଦର୍ଶନ ଦେଖିବାକୁ ମିଳିଛି। ଭାରତ–ଏ'ର ପ୍ରଥମ ଇନିଂସ ସ୍କୋର ୪୬୭ ରନ ଜବାବରେ ନ୍ୟୁଜିଲାଣ୍ଡ–ଏ ୯ ଉଇକେଟ୍‌ରେ ୪୫୮ ରନ କରି ପ୍ରଥମ ଇନିଂସ ଘୋଷଣା କରିଛି। ନ୍ୟୁଜିଲାଣ୍ଡ–ଏ ପକ୍ଷରୁ ହାମିଶ ରଦରଫୋର୍ଡ ସର୍ବାଧିକ ୧୧୪ ରନ କରିଥିବାବେଳେ ଅଧିନାୟକ ୱିଲି ୟଙ୍ଗ୍ (୪୯), ଡାନେ କ୍ଲେଭର (୫୩), ଡଗ୍ ବ୍ରାସୱେଲ (୪୮) ଉପଯୋଗୀ ବ୍ୟାଟିଂ କରିଥିଲେ। ନ୍ୟୁଜିଲାଣ୍ଡ–ଏ ଏକଦା ୯ ଉଇକେଟ୍ ହରାଇ ୩୭୫ ରନ କରିଥିବାବେଳେ ଅସମାପ୍ତ ୧୦ମ ଉଇକେଟ୍ ଯୋଡ଼ିରେ ସେଥ୍ ରେନ୍ସ (୬୯*) ଓ ଏଗାର ନମ୍ବର ବ୍ୟାଟ୍ସମ୍ୟାନ ବ୍ଲେୟର ଟିକନର (୩୦*) ୮୩ ରନ ଭାଗୀଦାରି କରି ଭାରତୀୟ ବୋଲରଙ୍କୁ ନିରାଶ କରିଥିଲେ। ଭାରତ–ଏ ପକ୍ଷରୁ କ୍ରିଷ୍ଣାପ୍ପା ଗୌଥମ ୩ଟି, ନବଦୀପ୍ ସାଇନ ଓ ଦୀପକ ଚହର ୨ଟି ଲେଖାଏ ଉଇକେଟ୍ ନେଇଥିଲେ। ମହମ୍ମଦ ସିରାଜ ଓ ବିଜୟ ଶଙ୍କର ଗୋଟିଏ ଲେଖାଏ ଉଇକେଟ୍ ପାଇଥିଲେ। ଜବାବରେ ୨ୟ ଇନିଂସ ଆରମ୍ଭ କରି ଭାରତ–ଏ ରବିବାର ଷ୍ଟମ୍ପ ଅପସାରଣ ସୁଦ୍ଧା କୌଣସି ଉଇକେଟ୍ ନ ହରାଇ ୩୫ ରନ କରିଛି। ଯୁବ ଓପନର୍ ପୃଥ୍ୱୀ ଶ' (୩୩ ରନ, ୨୬ ବଲ୍) ଓ ମୁରଲୀ ବିଜୟ (୨ ରନ) କ୍ରିଜରେ ଅପରାଜିତ ରହିଛନ୍ତି। ପୂର୍ବରୁ ପାର୍ଥିବ ପଟେଲ (୯୪), ହନୁମା ବିହାରୀ (୮୬), ମୟଙ୍କ ଅଗ୍ରୱାଲ (୬୫), ବିଜୟ ଶଙ୍କର (୬୨), ପୃଥ୍ୱୀ (୬୨)ଙ୍କ ଅର୍ଦ୍ଧଶତକ ବଳରେ ପ୍ରଥମ ଇନିଂସରେ ୮ ଉଇକେଟ୍ ବିନିମୟରେ ୪୬୭ ରନ କରି ପ୍ରଥମ ଇନିଂସ ଘୋଷଣା କରିଥିଲା।

## ରହମନ ଶୋ' ପାଇଁ ପ୍ରସ୍ତୁତି

■ ୩୦ ହଜାର ଦର୍ଶକ ପାଇଁ ବ୍ୟବସ୍ଥା
■ ୮ ନୂତନ ପାର୍କିଂ ସ୍ଥାନ
■ ଅନ୍‌ଲାଇନ୍‌ରେ ବିକ୍ରିହେବ ଟିକେଟ୍
■ କମ୍ପ୍ଲିମେଣ୍ଟାରିକୁ ମନା

କଟକ ଅଫିସ, ୧୮।୧୧

ବାରବାଟୀରେ ରହମନ ଶୋ' ପାଇଁ ପ୍ରସ୍ତୁତି ଜୋରଦାର ଭାବେ ଆରମ୍ଭ ହୋଇଛି। ଜିଲା ପ୍ରଶାସନ ଓ କମିଶନରେଟ ପୋଲିସ ପକ୍ଷରୁ ଏକ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ଆସନ୍ତା ସିନିୟର ପୁରୁଷ ହକି ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ବାରବାଟୀରେ ୨୮ ତାରିଖରେ ଦେଶର ପ୍ରତିଷ୍ଠିତ ସଙ୍ଗୀତ ନିର୍ଦ୍ଦେଶକ ତଥା ଓସ୍କାର ଆୱାର୍ଡ ବିଜେତା ଏ.ଆର ରହମନଙ୍କ ଏହି ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପାଇଁ ଏବେ ଚଳଚଞ୍ଚଳ ହୋଇ ଉଠିଛି ବାରବାଟୀ ଷ୍ଟାଡିୟମ ପରିସର।

ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) କାର୍ଯ୍ୟାଳୟରେ ରବିବାର ଏ ସଂକ୍ରାନ୍ତରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଜିଲା ପ୍ରଶାସନ ପକ୍ଷରୁ ରହମନ ଶୋ' ପାଇଁ କେତେକ ପ୍ରସ୍ତାବ ଦିଆଯାଇଥିବା ବେଳେ ତାହାକୁ ନେଇ ଦୀର୍ଘ ସମୟର ଆଲୋଚନା ହୋଇଛି । ତେବେ ଏହି ବୈଠକରେ ହକି ଇଣ୍ଡିଆର ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରତିନିଧି ଉପସ୍ଥିତ ରହି କାର୍ଯ୍ୟକ୍ରମ ନେଇ କିଛି ନିର୍ଦ୍ଦିଷ୍ଟ ବ୍ୟବସ୍ଥା ପ୍ରତି ନଜର ଦେବାକୁ ପ୍ରସ୍ତାବ ରଖିଥିଲେ। ବାରବାଟୀ ଷ୍ଟାଡିୟମର ମଧ୍ୟଭାଗରେ କାର୍ଯ୍ୟକ୍ରମ କରାଯାଇ ସମସ୍ତ ଗ୍ୟାଲେରିରେ ଦର୍ଶକଙ୍କୁ ବସିବାର ସୁଯୋଗ ଦେବାକୁ କୁହାଯାଇଥିବା ବେଳେ ଏହାକୁ ହକି ଇଣ୍ଡିଆର ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରତିନିଧି ମନା କରିଥିଲେ। ଗୋଟିଏ ଦିଗକୁ ମୁହଁ କରି ମଞ୍ଚ ନିର୍ମାଣ ହେବ ବୋଲି ବୈଠକରେ ସ୍ଥିର କରାଯାଇଥିଲା। ଏଣୁ କର୍ପୋରେଟ ବକ୍ସକୁ ମୁହଁ କରି ମଞ୍ଚ ପ୍ରସ୍ତୁତ ହେବ। ରହମନଙ୍କ କାର୍ଯ୍ୟକ୍ରମରେ ଯୋଗଦେବାକୁ ଥିବା ଅନ୍ୟତମ ଅତିଥି ସୁପରଷ୍ଟାର ପ୍ରଭାସ, ସମସ୍ତ ସହଯୋଗୀ ଷ୍ଟାଫ, ମ୍ୟୁଜିସିଆନମାନେ ପାଭିଲିୟନ ରାସ୍ତା ଦେଇ ମଞ୍ଚକୁ ଆସିବେ। ଗ୍ୟାଲେରି ନଂ ୩, ୪, ସ୍ପେଶାଲ ଏନ୍‌କ୍ଲୋଜର, ମିଡ଼ିଆ ବକ୍ସ ବନ୍ଦ ରହିବ। କ୍ଲବ ହାଉସ୍, ଗ୍ୟାଲେରୀ ନଂ ୧,୨, ୬, ୭ ସମେତ କର୍ପୋରେଟ ବକ୍ସରେ ରହି ଦର୍ଶକ ମାନେ କାର୍ଯ୍ୟକ୍ରମର ମଜା ନେଇପାରିବେ। ୪୫ ହଜାର ଦର୍ଶକଙ୍କ ଲାଗି ବ୍ୟବସ୍ଥା ଥିବା ବାରବାଟୀରେ ପ୍ରାୟ ୩୦ ହଜାର ଦର୍ଶକ ଶୋ'ରେ ଉପସ୍ଥିତ ରହି ପାରନ୍ତି ବୋଲି ଆକଳନ କରାଯାଇଛି। ଅନ୍ୟପକ୍ଷରେ ବୁଧବାର ଏହି ଶୋ' ରହିଥିବାରୁ ବାଲିଯାତ୍ରାରେ ମଧ ଭିଡ଼ ଅଧିକ ହେବ। ଏଣୁ ପାର୍କିଂ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇ ୮ଟି ନୂତନ ସ୍ଥାନରେ ପାର୍କିଂ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଅନ୍ତର୍ଜାତୀୟ ମ୍ୟାଚ୍ ସମୟରେ ଯେଉଁ କେତେକ ନିର୍ଦ୍ଦିଷ୍ଟ ସ୍ଥାନରେ ଗାଡ଼ି ପାର୍କିଂର ବ୍ୟବସ୍ଥା ହୁଏ ତାହାକୁ ମଧ ଯୋଡ଼ା ଯାଇଛି। ତେବେ କମ୍ପ୍ଲିମେଣ୍ଟାରି ଟିକେଟ୍‌କୁ ସମ୍ପୂର୍ଣ୍ଣ ଭାବେ ବାଦ ଦିଆଯିବା ସହ ୨୦ରୁ ଅନଲାଇନ୍‌ରେ ଟିକେଟ ଉପଲବ୍ଧ ହେବ ବୋଲି ଘୋଷଣା ହୋଇଛି। ବୈଠକରେ ବରିଷ୍ଠ କ୍ରୀଡ଼ା ସଙ୍ଗଠକ ଆଶୀର୍ବାଦ ବେହେରା, ଡିସିପି ଅଖିଳେଶ୍ୱର ସିଂ, ପୋଲିସ କମିଶନର ସତ୍ୟଜିତ ମହାନ୍ତି, କର୍ପୋରେଟର ରଞ୍ଜନ ବିଶ୍ୱାଳଙ୍କ ସମେତ ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀ, ବରିଷ୍ଠ ପୋଲିସ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଉଦ୍‌ଘାଟନୀ ଉତ୍ସବର ଅନ୍‌ଲାଇନ୍ ଟିକେଟ ବିକ୍ରି ୨୦ରୁ

ଭୁବନେଶ୍ୱର, ୧୮।୧୧(ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ହକି ବିଶ୍ୱକପ୍‌ର ୧୪ତମ ସଂସ୍କରଣ ଆରମ୍ଭ ହେବାକୁ ଆଉ ମାତ୍ର ଦୁଇ ସପ୍ତାହରୁ କମ୍ ସମୟ ବାକିଥିବା ବେଳେ ଟିକେଟ ବିକ୍ରି ନେଇ ହକି ଇଣ୍ଡିଆ ତରଫରୁ ସ୍ୱତନ୍ତ୍ର ଘୋଷଣା କରାଯାଇଛି। ପ୍ରଶଂସକ ଓ ଜନସାଧାରଣଙ୍କ ଉତ୍ସାହକୁ ଦୃଷ୍ଟିରେ ରଖି ଏହି ସମ୍ମାନଜନକ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବ ଓ ବିଶ୍ୱକପ୍ ଉତ୍ସବ ବା ସମାରୋହ ପାଇଁ ଅନ୍‌ଲାଇନ୍‌ରେ ଟିକେଟ ବିକ୍ରି ହେବ ବୋଲି ହକି ଇଣ୍ଡିଆ ତରଫରୁ କୁହାଯାଇଛି। ୨୭ ତାରିଖରେ କଳିଙ୍ଗ ଷ୍ଟାଡିୟମରେ ଆୟୋଜନ ହେବାକୁ ଥିବା ଉଦ୍‌ଘାଟନୀ ଉତ୍ସବ ଓ ଏହାର ଗୋଟିଏ ଦିନ ପରେ ୨୮ ତାରିଖରେ ବାରବାଟୀ ଷ୍ଟାଡିୟମରେ ଆୟୋଜନ ହେବାକୁ ଥିବା ବିଶ୍ୱକପ୍ ଉତ୍ସବ ପାଇଁ ଅନ୍‌ଲାଇନ୍ ଟିକେଟ ବିକ୍ରି ୨୦ରୁ ଆରମ୍ଭ ହେବ। ପ୍ରଶଂସକମାନେ ଦିନ ୧୨ଟାରୁ ଟିକେଟ କ୍ରୟ କରିପାରିବେ ବୋଲି କୁହାଯାଇଛି। ପୁଣି ଏହି ଟିକେଟଗୁଡିକର ରିଡେମ୍ପଶନ ବା ବିମୋଚନ ୨୨ ତାରିଖ ଅପରାହ୍ନ ୩ଟାରୁ କରାଯାଇପାରିବ ବୋଲି କୁହାଯାଇଛି। କଳିଙ୍ଗ ଆଥଲେଟିକ୍ ଷ୍ଟାଡିୟମର ୪ ନମ୍ବର ଗେଟ ସମେତ ସହର ବିଭିନ୍ନ ସ୍ଥାନରେ ଅନଲାଇନ୍ ଟିକେଟର ବିମୋଚନ ପ୍ରକ୍ରିୟା ଚାଲୁ ରହିବ।

ଅନ୍ୟପଟେ ବାରବାଟୀରେ ଆୟୋଜନ ହେବାକୁଥିବା ବିଶ୍ୱକପ୍ ଉତ୍ସବ ଲାଗି ଟିକେଟ କ୍ରୟ କରିବା ବେଳେ ପ୍ରଶଂସକମାନେ ଟିକେଟ ବିମୋଚନ ପାଇଁ କଟକରେ ଥିବା ବିଭିନ୍ନ କାଉଣ୍ଟର ବା ସ୍ଥାନକୁ ଅଗ୍ରାଧିକାର ଦେଇପାରିବେ। ଏହି ଟିକେଟ ବିମୋଚନ ପ୍ରକ୍ରିୟା ପାଇଁ ତାରିଖ ପରେ ଘୋଷଣା କରାଯିବ ବୋଲି ହକି ଇଣ୍ଡିଆ ତରଫରୁ କୁହାଯାଇଛି। ଏହି ଦୁଇଟି ମେଗା ଇଭେଣ୍ଟର ଟିକେଟ କେବଳ ଅନ୍‌ଲାଇନ୍‌ରେ କ୍ରୟ କରିହେବ ଓ ଏହା କୌଣସି କାଉଣ୍ଟରରେ ବିକ୍ରି ହେବ ନାହିଁ ବୋଲି ହକି ଇଣ୍ଡିଆ ତରଫରୁ ପୁଣିଥରେ ସ୍ପଷ୍ଟ କରାଯାଇଛି।

ଉଲ୍ଲେଖଥାଉ କି, ଗତ ୧୫ ତାରିଖ ଗୁରୁବାର ଉଦ୍‌ଘାଟନୀ ଉତ୍ସବର ଟିକେଟ ନ ପାଇ ପ୍ରଶଂସକ ମାନେ କଳିଙ୍ଗ ଷ୍ଟାଡିୟମର ୯ ନମ୍ବର ଗେଟ୍‌ରେ ଭଙ୍ଗାରୁଜା କରିଥିଲେ। ଟିକେଟ ବିକ୍ରି ହେବ ନାହିଁ ବୋଲି ଷ୍ଟାଡିୟମ କର୍ତ୍ତୃପକ୍ଷ ସ୍ପଷ୍ଟ କରିବା ପରେ ପ୍ରଶଂସକମାନେ ଉତ୍କ୍ଷିପ୍ତ ହୋଇ ଭଙ୍ଗାରୁଜା କରିବା ସହ ହୋର୍ଡିଙ୍ଗ୍‌ଗୁଡ଼ିକୁ ଭାଙ୍ଗି ଦେଇଥିଲେ। ଫଳରେ ପୋଲିସକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଡ଼ିଥିଲା। ଉଦ୍‌ଘାଟନୀ ଉତ୍ସବର ଟିକେଟ ୧୫ ତାରିଖରେ କାଉଣ୍ଟରରେ ବିକ୍ରି ହେବ ବୋଲି ପୂର୍ବରୁ ଘୋଷଣା କରାଯାଇଥିବା କଥା ପ୍ରଶଂସକମାନେ ଦାବି କରିଥିଲେ। ଫଳରେ ବୁଧବାର ରାତିରୁ ଟିକେଟ କିଣିବା ପାଇଁ ପ୍ରଶଂସକମାନେ ଲମ୍ବାଧାଡିରେ ଠିଆ ହୋଇଥିଲେ। ତେବେ ଟିକେଟ କାଉଣ୍ଟରରେ ବିକ୍ରି ହେବ ବୋଲି ଆମେ ଘୋଷଣା କରି ନ ଥିଲୁ ବୋଲି କର୍ତ୍ତୃପକ୍ଷ ଘୋଷଣା କରିଥିଲେ। ଟିକେଟ କାଉଣ୍ଟରରେ ନୁହଁ, ଅନ୍‌ଲାଇନ୍‌ରେ ବିକ୍ରି ହେବ ବୋଲି ଆୟୋଜକମାନେ ସ୍ପଷ୍ଟ କରିଥିଲେ।






### ବିଶ୍ୱକପ୍ ଥିମ୍ ସଙ୍ଗ୍ ଟିଜର ଟୁଇଟ୍ କଲେ ରହମନ

ନୂଆଦିଲ୍ଲୀ, ୧୮।୧୧

ବଲିଉଡ ସଙ୍ଗୀତ ନିର୍ଦ୍ଦେଶକ ତଥା ଗାୟକ ଏ.ଆର. ରହମନ ହକି ବିଶ୍ୱକପ୍‌ର ଅଫିସିଆଲ ସଙ୍ଗ ବା ଥିମ୍ ସଙ୍ଗର ଟିଜର ଭିଡିଓକୁ ଟୁଇଟ୍ କରିଛନ୍ତି। ରବିବାର ସେ ୪୬ ସେକେଣ୍ଡର ଏହି ଗୀତର ଟିଜର ଭିଡିଓ ଟୁଇଟରରେ ଅପଲୋଡ କରିଛନ୍ତି। ଏହି ଭିଡିଓରେ ବଲିଉଡ ସୁପରଷ୍ଟାର ଶାହରୁଖ ଖାଁଙ୍କୁ ଦେଖିବାକୁ ମିଳିବ। ବଲିଉଡ ଗୀତିକାର ଗୁଲଜାରଙ୍କ ସହ ସାଥି ହୋଇ ରହମନ 'ଜୟ ହିନ୍ଦ୍, ଜୟ ଇଣ୍ଡିଆ' ଶୀର୍ଷକ ଏହି ଟାଇଟଲ ଟ୍ରାକ ପ୍ରସ୍ତୁତ କରିଛନ୍ତି। ଏହି ଟିଜର ଭିଡିଓ ଟୁଇଟ୍ ହେବା ପରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ପ୍ରଶଂସା କରି ରହମନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଦେଶ ବ୍ୟାପୀ ହକି ପ୍ରଶଂସକଙ୍କ ଉତ୍ସାହ ଓ ଉଦ୍ଦୀପନାକୁ ଏହି ଟିଜର ଭିଡିଓ ଦେଖିବାକୁ ମିଳିଛି ଓ ଏହା ବେଶ୍ ଆକର୍ଷଣୀୟ ହୋଇଛି ବୋଲି ନବୀନ ଟୁଇଟ କରି ଉଲ୍ଲେଖ କରିଛନ୍ତି। ଏବେ ପୂରା ଭିଡିଓ ଦେଖିବାକୁ ଓ ରହମନଙ୍କ ଲାଇଭ ପରଫର୍ମାନ୍ସ ଦେଖିବାକୁ ସମସ୍ତେ ଅପେକ୍ଷା କରି ରହିଛନ୍ତି ବୋଲି ସେ କହିଛନ୍ତି।

**ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା**

ଏହି ଟିଜରକୁ ସୋସିଆଲ ମିଡିଆରେ ବହୁ ସଂଖ୍ୟାରେ ଶେୟାର କରାଯାଉଛି। ରହମନଙ୍କ ଏହି ଟିଜର ଭିଡିଓକୁ ହକି ଇଣ୍ଡିଆ ତରଫରୁ ମଧ ପ୍ରଶଂସା କରାଯାଇଛି। ଉଲ୍ଲେଖଥାଉ କି, ୨୭ ତାରିଖ ଦିନ କଳିଙ୍ଗ ଷ୍ଟାଡିୟମରେ ରହମନ ଓ ଶାହରୁଖ ମିଳିତ ଭାବେ ବିଶ୍ୱକପ ଉଦ୍‌ଘାଟନୀ ମ୍ୟାଚ୍‌ରେ ଅଂଶଗ୍ରହଣ କରି ଦର୍ଶକଙ୍କ ମନୋରଞ୍ଜନ କରିବେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ସୋମବାର, ନଭେମ୍ବର ୧୯/୨୦୧୮ Bhubaneswar, Monday, November 19/ 2018

# ୫ ବର୍ଷରେ ୫୧ ହାତୀଙ୍କ ମୃତ୍ୟୁ

ଯଶୋବନ୍ତ ବାରିକ
ଆଠଗଡ଼,୧୮।୧୧(ସ୍ୱ.ପ୍ର.)

ଆଠଗଡ଼ ବନଖଣ୍ଡ ଅଧୀନ ୫ଟି ବନାଞ୍ଚଳରେ ଗତ ୫ ବର୍ଷ ମଧ୍ୟରେ ୫୧ ହାତୀଙ୍କ ବିଭିନ୍ନ କାରଣରୁ ମୃତ୍ୟୁ ଘଟିଛି। ସେଥିରୁ ଅନେକ ଜଙ୍ଗଲ ମଧ୍ୟରେ ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ କେତେକଙ୍କ ବୟସାଧିକ ଓ ଗର୍ତ୍ତରେ ପଡି ମୃତ୍ୟୁ ଘଟିଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ଏତଦ୍‌ବ୍ୟତୀତ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିଙ୍କ ଦ୍ୱାରା ହାତୀ ଶିକାର କରାଯାଇଥିବା ନେଇ ମଧ୍ୟ ବିଭାଗ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ଆଠଗଡ଼ ବନଖଣ୍ଡରେ ନୂତନ ବନଖଣ୍ଡ ଅଧିକାରୀଭାବେ ସୁଶ୍ରୀ ସସ୍ମିତା ଲେଙ୍କା ଯୋଗଦେବା ପରଠାରୁ ଜଙ୍ଗଲ ସମ୍ପଦ ଲୁଟ୍ ଓ ପଶୁପକ୍ଷୀ ଶିକାର ରୋକିବା ଦିଗରେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ଫଳରେ ବର୍ତ୍ତମାନ ହାତୀ ମୃତ୍ୟୁ ସଂଖ୍ୟା କମିବ ବୋଲି ଆଶଙ୍କା କରାଯାଉଛି।

ଗତ ୨୦୧୩-୧୪ରେ ଆଠଗଡ଼ ବନଖଣ୍ଡରେ ୧୧ ହାତୀଙ୍କ ମୃତ୍ୟୁ ହୋଇଥିଲା ବେଳେ ୨୦୧୪-୧୫ରେ ୩, ୨୦୧୫-୧୬ରେ ୧୦, ୨୦୧୬-୧୭ରେ ୧୦ ଓ ୨୦୧୭-୧୮ରେ ୧୭ଟି ହାତୀଙ୍କ ମୃତ୍ୟୁ ହୋଇଥିବା ସରକାରୀ ଭାବେ କୁହାଯାଇଛି। ଆଠଗଡ଼ ବନଖଣ୍ଡରେ ୨୦୧୫ ହାତୀ ଗଣନାରେ ୧୧୪ ହାତୀ ରହିଥିଲା ବେଳେ ୨୦୧୭ରେ ୧୧୫ ଓ ଅଦ୍ୟାବଧି ପ୍ରାୟ ୧୪୦ ହାତୀ ରହୁଥିବା ଅନୁମାନ କରାଯାଇଛି। ହାତୀପଲ ଆଠଗଡ ବନଖଣ୍ଡ ଅଞ୍ଚଳରେ ଦୀର୍ଘ ଦିନରୁ ସ୍ଥାୟୀ ଭାବେ ରହିଆସୁଥିଲେ ହେଁ ଏହାକୁ ଅଭୟାରଣ୍ୟ ଘୋଷଣା କରାଯାଇନାହିଁ। ନରସିଂହପୁରର ପୂର୍ବ, ପଶ୍ଚିମ ବନାଞ୍ଚଳ, ବଡ଼ମ୍ବା ବନାଞ୍ଚଳ ଅପେକ୍ଷା ଆଠଗଡ ଓ ଖୁଣ୍ଟୁଣୀ ବନାଞ୍ଚଳରେ ସଂଖ୍ୟାଧିକ ହାତୀ ବିଚରଣ କରୁଥିବା ଜଣାପଡିଛି। ହାତୀପଲଙ୍କ ଦ୍ୱାରା ବ୍ୟାପକ ଫସଲ ନଷ୍ଟ ହେଉଥିବା ଦୃଷ୍ଟିକୋଣରୁ ଗତ ୩ବର୍ଷରେ ସରକାରଙ୍କ ପକ୍ଷରୁ ୧ କୋଟି ୧୨ ଲକ୍ଷ ୮୯ହଜାର ୬୫୧ ଟଙ୍କା କ୍ଷତିପୂରଣ କ୍ଷତିଗ୍ରସ୍ତଙ୍କୁ ପ୍ରଦାନ କରାଯାଇଛି। ହାତୀପଲ ରହୁଥିବା ଜଙ୍ଗଲରେ ସରକାରଙ୍କ ପକ୍ଷରୁ ସେପରି ଆଖିଦୃଶିଆ ବ୍ୟବସ୍ଥା ହୋଇ ନ ଥିଲେ ହେଁ ବନଖଣ୍ଡ ପକ୍ଷରୁ ବନ୍ୟଜନ୍ତୁଙ୍କ ସଂରକ୍ଷଣ, ହାତୀପଲଙ୍କ ଗତିବିଧି ଲକ୍ଷ୍ୟ, ହାତୀ ଚଲାପଥର ସୁରକ୍ଷା ନିମନ୍ତେ ୫୯ଜଣଙ୍କୁ ଅସ୍ଥାୟୀ ଭାବେ ନିଯୁକ୍ତି ପ୍ରଦାନ କରାଯାଇ ମାସିକ ପ୍ରାୟ ୩ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଉଛି। ଏସବୁ ସତ୍ତ୍ୱେ ହାତୀମୃତ୍ୟୁହାର ହ୍ରାସ ପାଉ ନ ଥିବା ନେଇ ଚର୍ଚ୍ଚା ହେଉଛି। ବହୁ ସଂଖ୍ୟକ ହାତୀ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରୁଥିବା ବନବିଭାଗ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ଆଠଗଡ଼ ସେସୁ ସହକାରୀ ଯନ୍ତ୍ରୀ ସନ୍ତୋଷ କୁମାର ସାମନ୍ତରାୟ ଏହି ଅଭିଯୋଗକୁ ଏଡ଼ାଇ ଦେଇଛନ୍ତି। ହାତୀ ସୁରକ୍ଷା ଓ ଜନସାଧାରଣଙ୍କ ଧନ ଜୀବନ ରକ୍ଷା ପାଇଁ ସରକାର ଦୃଢ ପଦକ୍ଷେପ ନେବାକୁ ଦାବି ହୋଇଛି। ଏ ସମ୍ପର୍କରେ ଆଠଗଡ଼ ବନଖଣ୍ଡ ଅଧିକାରୀ ସୁଶ୍ରୀ ଲେଙ୍କା କହିଛନ୍ତି, ହାତୀ ଶିକାର ଓ ବନ୍ୟ ସମ୍ପଦ ଲୁଟ୍ କିପରି ନ ହେବ ସେ ନେଇ ବିଭାଗୀୟ କର୍ମଚାରୀ ସଜାଗ ରହିବାକୁ ବୈଠକ ମାଧ୍ୟମରେ କୁହାଯାଇଛି। ସେହିପରି ବିଦ୍ୟୁତ୍ ଓ ରେଳ ଚଳାଚଳ ହେତୁ ହାତୀଙ୍କ ଯେପରି କ୍ଷତି ନ ହୁଏ ସେସୁ ଓ ରେଳ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରାଯାଇଛି। ଯଦି ଏହାସତ୍ତ୍ୱେ ହାତୀ ଶିକାର ଓ ବନ୍ୟ ସମ୍ପଦ ଲୁଟ୍ ହୁଏ ତେବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।



### ଆଠଗଡ଼ ବନଖଣ୍ଡ

- ଅଭୟାରଣ୍ୟ ଘୋଷଣା କରାଯାଇନାହିଁ
- ୩ ବର୍ଷରେ ଏକ କୋଟି ୧୨ଲକ୍ଷ ୮୯ ହଜାର ୬୫୧ ଟଙ୍କା କ୍ଷତିପୂରଣ ଦିଆଯାଇଛି

### ୫ବର୍ଷର ହାତୀମୃତ୍ୟୁ

| | |
|---|---|
| ୨୦୧୩-୧୪ରେ | ୧୧ |
| ୨୦୧୪-୧୫ରେ | ୩ |
| ୨୦୧୫-୧୬ରେ | ୧୦ |
| ୨୦୧୬-୧୭ରେ | ୧୦ |
| ୨୦୧୭-୧୮ରେ | ୧୭ |

# ସହକାରୀ ଶିକ୍ଷକ ଏକ୍ସ-କ୍ୟାଡର ମହାସଂଘର ଆନ୍ଦୋଳନ ଚେତାବନୀ

ଭୁବନେଶ୍ୱର, ୧୮।୧୧(ବ୍ୟୁରୋ)

### ୯ ଦଫା ଦାବି ନେଇ ସରକାରଙ୍କ ସହ ପୂର୍ବରୁ ହୋଇଥିଲା ଆଲୋଚନା

ରାଜ୍ୟ ସହକାରୀ ଶିକ୍ଷକ(ଏକ୍ସ-କ୍ୟାଡର) ମହାସଂଘର ବୈଠକ ସଭାପତି ଶିବଲାଲ ସାହୁଙ୍କ ଅଧ୍ୟକ୍ଷତାରେ ପ୍ରାଥମିକ ଶିକ୍ଷକ ଭବନଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମହାସଂଘ ପକ୍ଷରୁ ୯ ଦଫା ଦାବି ନେଇ ଗତ ସେପ୍ଟେମ୍ବର ୨୮ରେ ସରକାରଙ୍କ ସହିତ ଆଲୋଚନା କରାଯାଇଥିଲା। ଗଣଶିକ୍ଷକଙ୍କୁ ନିୟମିତ ଶିକ୍ଷକ ଭାବେ ନିଯୁକ୍ତି ଦେବା, ଓଟିଇଟି ଉଚ୍ଛେଦ, ଏକ୍ସ କ୍ୟାଡର ଉଚ୍ଛେଦ, ଟ୍ରେଜେରିରୁ ଦରମା ପ୍ରଦାନ, ମହଙ୍ଗା ଭତ୍ତା ଏବଂ ଇନ୍‌କ୍ରିମେଣ୍ଟ ପ୍ରଦାନ, ପାରା ଶିକ୍ଷକମାନଙ୍କୁ ନିୟମିତ କରିବା ଓ ଅନ୍ୟାନ୍ୟ ବିଷୟରେ ଆଲୋଚନା କରାଯାଇଥିଲେ ମଧ୍ୟ ଅଦ୍ୟାବଧି କୌଣସି ସୁଫଳ ମିଳିପାରିନାହିଁ। ଏହାକୁ ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଯଥାଶୀଘ୍ର ସରକାର ମହାସଂଘ ସହିତ ପୁନର୍ବାର ଆଲୋଚନା କରି ସମସ୍ୟାର ସମାଧାନ ନ କଲେ ବିଧାନସଭା ସମ୍ମୁଖରେ ମହାସଂଘ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି। ବୈଠକରେ ସାଧାରଣ ସମ୍ପାଦକ ବୁଲୁ ବେହେରା, କାର୍ଯ୍ୟକାରୀ ସଭାପତି ତ୍ରିଲୋଚନା ବିଶ୍ୱାଳ, ଉପଦେଷ୍ଟା ଉମାକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୯ ନଭେମ୍ବର, ୨୦୧୮



"ଯେଉଁ ଲୋକ ନିଜର ସନ୍ତାନମାନଙ୍କୁ ଶ୍ରମର ମର୍ଯ୍ୟାଦା ଶିଖାଇ ପରିଶ୍ରମୀ ଓ ସଚେତନ କରାଇ ଦେଇଛି, ସନ୍ତାନମାନଙ୍କ ପାଇଁ ସମ୍ପତ୍ତି ରଖିବାର ଆବଶ୍ୟକତା ନାହିଁ।
-ହ୍ୱାଇଟ୍‌ଲେ ଷ୍ଟ୍ରାଇବର୍



## ସଂକ୍ଷେପରେ

### ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ନିଶ୍ଚିନ୍ତକୋଇଲି,୧୮।୧୧(ସ୍ୱ.ପ୍ର./ ଡି.ଏନ.ଏ.):** କଟକ ଚାନ୍ଦବାଲି ରାସ୍ତାର ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ କଟରପଡ଼ାଠାରେ ଏକ ବାଇକ୍ ଦୁର୍ଘଟଣା ଘଟିଛି। ଏଥିରେ ନିଶ୍ଚିନ୍ତକୋଇଲି ଥାନା ବାଲିଆପଦା ଗ୍ରାମର କସ୍ତୁରୀ ଦାସଙ୍କ ପୁଅ ଧର୍ମପଦ(୨୫)ଙ୍କ ମୃତ୍ୟୁ ଘଟିଛି। ରବିବାର ରାତି ସାଢ଼େ ୭ଟାରେ ଧର୍ମପଦ ତାଙ୍କର ଜଣେ ସାଙ୍ଗଙ୍କୁ ବାଇକରେ ବସାଇ ନିଶ୍ଚିନ୍ତକୋଇଲି ଆସୁଥିଲେ। କଟରପଡ଼ାଠାରେ ଟ୍ରଲିକୁ ଅତିକ୍ରମ କରୁଥିବା ବେଳେ ଅପର ପାର୍ଶ୍ୱରୁ ହଠାତ୍ ଅନ୍ୟ ଏକ ବାଇକ୍ ଆସିବାରୁ ସେ ତାଙ୍କ ଗାଡ଼ିର ବ୍ରେକ ମାରିଥିଲେ। ଫଳରେ ଗାଡ଼ିରୁ ଛିଟିକି ପଡ଼ିଥିଲେ। ଯଦ୍ୱାରା ତାଙ୍କ ମୁଣ୍ଡ ଫାଟିଯିବା ସହ ଶରୀରରେ ଶକ୍ତ ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଦୁଇ ବଖରା ଜଳିଗଲା

**ମାହାଙ୍ଗା,୧୮।୧୧(ସ୍ୱ.ପ୍ର.):** ମାହାଙ୍ଗା ତହସିଲ ଅଧୀନ ବାସୁଦେବପୁର ପଞ୍ଚାୟତ ଅଲିନଗର ଗ୍ରାମରେ ରବିବାର ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗ୍ରାମର ଅଲେଖ ସାହୁଙ୍କ ୨ ବଖରା ପୋଡ଼ି ପାଉଁଶ ହୋଇଯାଇଛି। ବିଦ୍ୟୁତ୍ ଶର୍ଟ ସର୍କିଟ୍‌ରୁ ଏହି ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। କୁଆଁପାଳ ଦମକଳବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ସ୍ଥାନୀୟ ଲୋକେ ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

### କବି ସମ୍ମିଳନୀ, ସମ୍ବର୍ଦ୍ଧନା ଉତ୍ସବ

**କଟକ ଅଫିସ,୧୮।୧୧:** ଓଡିଶା ପ୍ରତିଭା ପୂଜା ସଂସଦ ପକ୍ଷରୁ ରବିବାର ଶ୍ରୀରାମଚନ୍ଦ୍ର ଭବନଠାରେ କବି ସମ୍ମିଳନୀ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ରଘୁବୀର ଦାଶ ଯୋଗଦେଇଥିଲେ। ଏହି ଅବସରରେ ଓଡିଶା ପ୍ରତିଭା ପୂଜା ସଂସଦର ରାଜ୍ୟ ଯୁବ ବିଭାଗର ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ଅଭିଜିତ ସାମନ୍ତରାୟ। ସେ ଏବେ କଟକ ଜିଲା ବିଜୁ ଛାତ୍ର ଜନତା ଦଳର ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱରେ ଅଛନ୍ତି। ଏଥିସହ ଇଂ. ସମ୍ବିତ କୁମାର ଶ୍ରୀଚନ୍ଦନଙ୍କୁ ଯୁବ ସମାଜସେବୀ ୨୦୧୮ ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ଅବସରରେ ଆୟୋଜିତ କବିତା ପାଠ ଉତ୍ସବରେ ବହୁ ଓଡିଆ କବି ସାମିଲ ହୋଇଥିଲେ।

### ନିରାଶ୍ରୟଙ୍କୁ ଶୀତବସ୍ତ୍ର ପ୍ରଦାନ

**ବାଙ୍କୀ,୧୮।୧୧(ସ୍ୱ.ପ୍ର):** ଡମପଡ଼ା ବ୍ଲକ ଢ଼ଁସର ପଞ୍ଚାୟତର ଜାମୁଣ୍ଡି ଗ୍ରାମ ଜଗତୁଆଠାରେ ବାଙ୍କୀର 'ଅଧିକ ଥିଲେ ଦିଅନ୍ତୁ-ଦରକାର ଥିଲେ ନିଅନ୍ତୁ' ଅନୁଷ୍ଠାନ ପକ୍ଷରୁ ନିରାଶ୍ରୟମାନଙ୍କୁ ଶୀତବସ୍ତ୍ର ରବିବାର ପ୍ରଦାନ କରାଯାଇଛି। ସାମାଜିକ କର୍ମୀ ଗୌତମ ମିଶ୍ର, ଦେବୀ ପ୍ରସାଦ ପଣ୍ଡା, ସନ୍ତୋଷ କୁମାର ସେନାପତିଙ୍କ ନେତୃତ୍ୱରେ ବାଙ୍କୀରୁ ସଂଗ୍ରହ କରାଯାଇଥିବା ଶୀତବସ୍ତ୍ର ଓ ଶିଶୁଙ୍କୁ ପୋଷାକ ବଣ୍ଟନ କରାଯାଇଥିଲା। ଅନୁଷ୍ଠାନ ପକ୍ଷରୁ ସାରାବର୍ଷ ଏହି କାର୍ଯ୍ୟକ୍ରମ ଚାଲୁରହିବ ବୋଲି କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ଅନୁଷ୍ଠାନର ଏହି ପ୍ରକାର ନବ ଚିନ୍ତାଧାରାକୁ ବାଙ୍କୀ ବୁଦ୍ଧିଜୀବୀ ପ୍ରଶଂସା କରିଛନ୍ତି।

### ନିର୍ମାଣ ଶ୍ରମିକଙ୍କୁ ସାଇକେଲ ବଣ୍ଟନ

**ଟିଗିରିଆ,୧୮।୧୧(ଡି.ଏନ.ଏ.):** ଟିଗିରିଆ ବ୍ଲକ ଅଧୀନ ବିନ୍ଧାଣିମା ପଞ୍ଚାୟତର ନିର୍ମାଣ ଶ୍ରମିକଙ୍କୁ ସାଇକେଲ ବଣ୍ଟନ କରାଯାଇଛି। ହିନ୍ଦ ମଜଦୁର ସଭା ଟିଗିରିଆ ଶାଖା ଆନୁକୂଲ୍ୟରେ ବିନ୍ଧାଣିମା ହାଟ ପଡ଼ିଆଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହିନ୍ଦ୍ ମଜଦୁର ସଭା ରାଜ୍ୟ କାର୍ଯ୍ୟକାରୀ ସଭାପତି ତଥା ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ପଞ୍ଚାୟତର ୩୪୫ ନିର୍ମାଣ ଶ୍ରମିକଙ୍କୁ ସାଇକେଲ ବଣ୍ଟନ କରିଥିଲେ। ସନ୍ତୋଷ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷା ରୂପା ଦଳେଇ, ବ୍ଲକ ବିଜେଡି ସଭାପତି ଅଜିତ ଧୀର, ଜିଲା ପରିଷଦ ସଭ୍ୟା ବିଜୟଲକ୍ଷ୍ମୀ ଖଟୁଆ, ପ୍ରଫୁଲ୍ଲ ଦାଶ, ବାସନ୍ତୀ କର, ଏଚଏମଏସ ଟିଗିରିଆ-ଆଠଗଡ଼ ଶାଖା ସଂଯୋଜକ ସଞ୍ଜୟ ସାମଲ, ଅଶୋକ ରାଉତ, ବସିରୁଲ ହକ୍, ମାୟାଧର ରାଉତ, ଅକ୍ରୁର ଜେନା ଓ ପ୍ରତାପ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

■ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା: ପୋଲିସ ତଦନ୍ତରେ ଅବହେଳାର ପ୍ରତିବାଦ

# ବିଧାୟକଙ୍କୁ କଳାପତାକା ଦେଖାଇଲେ ପରିବାର

**ନରସିଂହପୁର,୧୮।୧୧(ସ୍ୱ.ପ୍ର.)**



ମୃତ ସୁରଞ୍ଜନଙ୍କ ପରିବାର ଲୋକେ ବିଧାୟକ ଦେବୀପ୍ରସାଦ ମିଶ୍ରଙ୍କୁ କଳାପତାକା ଦେଖାଇବାବେଳେ ପୋଲିସ ସେମାନଙ୍କୁ ଅଟକାଉଛି।

■ ୨ ମାସ ପରେ ବି ପର୍ଦ୍ଦାଫାଶ ହେଉନି

■ ପୁଣି ଥାନାକୁ ଯିବାକୁ କହିଲେ ବିଧାୟକ

ନରସିଂହପୁର ବ୍ଲକ ଅଧୀନ ବାଲିସାହି ପଞ୍ଚାୟତର ନଖପଡ଼ା ଗ୍ରାମରେ ଗତ ସେପ୍ଟେମ୍ବର ୧୪ ତାରିଖରେ ସୁରଞ୍ଜନ ମହାରଣା(୨୬) ନାମକ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ଏବେ ୨ ମାସରୁ ଊର୍ଦ୍ଧ୍ୱ ବିତିଯାଇଛି। ହେଲେ ଏ ପର୍ଯ୍ୟନ୍ତ ନରସିଂହପୁର ପୋଲିସ ମୃତ୍ୟୁ ଘଟଣାର ପର୍ଦ୍ଦାଫାଶ କରିବାରେ ସଫଳ ହୋଇନାହିଁ। ଏହାକୁ ନେଇ ସୁରଞ୍ଜନଙ୍କ ପରିବାର ସଦସ୍ୟଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏପରି କି ସ୍ଥାନୀୟ ବିଧାୟକ ଦେବୀପ୍ରସାଦ ମିଶ୍ରଙ୍କୁ ପରିବାର ଲୋକେ କଳାପତାକା ଦେଖାଇ ପ୍ରତିବାଦ କରିବା ସହ ପୋଲିସର ଅପାରଗତାକୁ ଦାୟୀ କରିଛନ୍ତି। ରବିବାର ସକାଳ ୧୦ଟା୩୦ରେ ବିଧାୟକ ମିଶ୍ର ନଖପଡା ଗ୍ରାମଦେଇ କଅଁରପୁରକୁ ଏକ ଉତ୍ସବରେ ଯୋଗଦେବା ପାଇଁ ଯାଉଥିଲେ। ଏହି ସମୟରେ ସୁରଞ୍ଜନଙ୍କ ବାପା ନାରାୟଣ ହଠାତ ଏକ କଳା ପତାକା ଧରି ବିଧାୟକଙ୍କ ଗାଡି ଆଗକୁ ଆସି ମୋ ପୁଅକୁ ଯୋଜନାବଦ୍ଧଭାବେ ହତ୍ୟା କରାଯାଇଥିଲେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କୁ ଗିରଫ ନ କରି ଛାଡି ଦେଇଛି। ଏଥିସହିତ ଏ ପର୍ଯ୍ୟନ୍ତ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ମୋତେ ଦେଇ ପାରୁନାହାନ୍ତି ବୋଲି କୋହଭରା କଣ୍ଠରେ କହିବା ସହ ସୁରଞ୍ଜନଙ୍କ ଫଟୋ ରଖି ରାସ୍ତା ଅବରୋଧ କରିଥିଲେ। କିଛି ସମୟ ପାଇଁ ନାରାୟଣ ମୃତ ପୁଅ ପାଇଁ ନ୍ୟାୟ ଆଶାରେ ପାଗଳ ପ୍ରାୟ ହୋଇ ଯାଇଥିଲେ। ବିଧାୟକଙ୍କ ଗାଡି ଆଗରେ ସୁରକ୍ଷାରେ ଥିବା ନରସିଂହପୁର ଥାନା ଅଧିକାରୀ ନିହାର ରଞ୍ଜନ ମହାନ୍ତିଙ୍କ ବିରୋଧରେ ମଧ୍ୟ ନାରାବାଜି କରିଥିଲେ। ଥାନା ଅଧିକାରୀଙ୍କ ସମେତ ଅନ୍ୟ ପୋଲିସ ଫୋର୍ସ ଗାଡିରୁ ଓହ୍ଲାଇ ନାରାୟଣଙ୍କୁ କଳାପତାକା ଦେଖାଇବା ପାଇଁ ମନା କରିଥିଲେ। ଏହାପରେ ଦୀର୍ଘ ସମୟ ନାରାୟଣ କଳାପତାକା ଦେଖାଇଥିଲେ। ପରେ ବିଧାୟକ ମିଶ୍ର ଗାଡିରୁ ଓହ୍ଲାଇ ନାରାୟଣଙ୍କ ସହିତ ଆଲୋଚନା କରି ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ଥାନା ଅଧିକାରୀଙ୍କ ବିରୋଧରେ ଆସୁଥିବା ଅଭିଯୋଗକୁ ଏଡାଇ ଦେଇ ତୁମେ ପୁଣି ଥାନାକୁ ଯାଅ ଥାନା ବାବୁ ତୁମ କଥା ବୁଝିବେ ବୋଲି କହି ଘଟଣା ସ୍ଥଳରୁ ଚାଲିଯାଇଥିଲେ। କିନ୍ତୁ ସୁରଞ୍ଜନଙ୍କ ମୃତ୍ୟୁ କେଉଁ କାରଣରୁ ହୋଇଛି ତାହା ବୁଝି ନ ଥିଲେ। ଫଳରେ ଏହାକୁ ଗ୍ରାମରେ ଚାପା ଗୁଞ୍ଜରଣ ସୃଷ୍ଟି ହୋଇଥିଲା। ସୂଚନାଯୋଗ୍ୟ, ନଖପଡା ଗ୍ରାମ ନିକଟ ଉପରକଟା ଗ୍ରାମମୁଣ୍ଡରେ ସେପ୍ଟେମ୍ବର ୧୩ ତାରିଖ ସନ୍ଧ୍ୟାରେ ସୁରଞ୍ଜନଙ୍କ କ୍ଷତବିକ୍ଷତ ଶରୀର ପଡିଥିଲା। ଏହା ଜାଣିବା ପରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ନରସିଂହପୁର ଓ ପରେ କଟକ ବଡ ମେଡିକାଲକୁ ନେଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ପରିବାର ତରଫରୁ ଦୁଇ ଜଣଙ୍କ ନାମରେ ଥାନାରେ ଲିଖିତ ଏତଲା ଦିଆଯାଇଥିଲା। ଥାନା ଅଧିକାରୀ ସନ୍ଦେହରେ ୫ଜଣଙ୍କୁ ୪ଦିନ ଅଟକ ରଖି ପଚରାଉଚରା କରିବା ପରେ ଛାଡ଼ି ଦେଇଥିଲେ। ରୋଜଗାର କ୍ଷମ ପୁଅକୁ ହରାଇ ପରିବାର ଲୋକ ଦୁଃଖରେ ଭାଙ୍ଗି ପଡ଼ିଥିବାବେଳେ ବିଧାୟକଙ୍କୁ ଦେଖି ଏଭଳି ପଦକ୍ଷେପ ନେଇଥିବା ନାରାୟଣ କହିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଏ ପର୍ଯ୍ୟନ୍ତ ଆସି ନ ଥିବାରୁ ଆମେ କୌଣସି ସିଦ୍ଧାନ୍ତରେ ପହଞ୍ଚି ପାରିନାହୁଁ। ଦୁଇଥର ଫରେନ୍‌ସିକ ଟିମ୍ ଓ ସନ୍ଧାନୀ କୁକୁର ଆସି ଘଟଣସ୍ଥଳ୍ଳ ଫେରିଥିବାବେଳେ କୌଣସି ସୁରାଗ ଆମକୁ ଏପର୍ଯ୍ୟନ୍ତ ମିଳିପାରିନାହିଁ ବୋଲି ଥାନା ଅଧିକାରୀ ମହାନ୍ତି ବିଧାୟକଙ୍କ ସମ୍ମୁଖରେ ପ୍ରକାଶ କରିଥିଲେ। ତେବେ ଦେଖିବାକୁ ବାକି ରହିଲା ଏହି ଘଟଣାର କେବେ ପର୍ଦ୍ଦାଫାଶ ହେଉଛି ଏବଂ ମୃତକଙ୍କ ପରିବାରକୁ ନ୍ୟାୟ ମିଳୁଛି।

### ଯୁବତୀଙ୍କୁ ପ୍ରତାରଣା, ପ୍ରେମିକ ଅଟକ

**କଟକ ଅଫିସ, ୧୮।୧୧**

ଯୁବତୀଙ୍କ ସହ ପ୍ରଥମେ ପ୍ରେମ ସମ୍ପର୍କ ଏବଂ ପରେ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଲେ। ଶେଷରେ ତାଙ୍କୁ ନଦୀକୂଳେ ଛାଡ଼ି ପ୍ରେମିକ ଫେରାର ହୋଇଗଲେ। ଉପାୟଶୂନ୍ୟ ହୋଇ ଯୁବତୀ ଜଣକ ଏ ନେଇ ମାଲଗୋଦାମ ଥାନାରେ ଅଭିଯୋଗ କରିଛନ୍ତି। ପରେ ପୋଲିସ ଅଭିଯୁକ୍ତ ଦୀପକ ବେହେରାଙ୍କୁ ଥାନାରେ ଅଟକ ରଖିଛି। ମାଲଗୋଦାମ ପୋଲିସ ସୂଚନା ମୁତାବକ, ଦୀପକଙ୍କ ଘର କନ୍ଦରପୁର ଅଞ୍ଚଳରେ। ସେ କଲେଜଛକସ୍ଥିତ ଏକ ଘରୋଇ ବ୍ୟାଙ୍କର ଏଟିଏମ କାଉଣ୍ଟରରେ ସୁରକ୍ଷାକର୍ମୀ ଭାବେ କାମ କରନ୍ତି। କିଛିଦିନ ତଳେ କଟକ ଷ୍ଟେଶନ ନିକଟରେ ଯୁବତୀଙ୍କ ସହ ତାଙ୍କର ଦେଖା ହୋଇଥିଲା। ପରବର୍ତ୍ତୀ ସମୟରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ଦୀପକ ବିବାହ ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। କିନ୍ତୁ ଯୁବତୀ ଜଣକ ବିବାହ କରିବାକୁ କହିବାରୁ ସେ ତାଙ୍କୁ ଅଣଦେଖା କରିଥିଲେ। ରବିବାର ସକାଳେ ଦୀପକ ଉକ୍ତ ଯୁବତୀଙ୍କୁ ବୁଲିଯିବାକୁ ଡକାଇଥିଲେ। ପରେ ତାଙ୍କୁ ଜୋବ୍ରା ଆନିକଟ ନିକଟରେ ଛାଡ଼ି ଫେରାର ହୋଇଯାଇଥିଲେ। ଯୁବତୀଙ୍କ ଅଭିଯୋଗ କ୍ରମେ ଥାନାରେ ଦଫା ୩୭୬ରେ ଏକ ମାମଲା(୨୪୪/୧୮) ରୁଜୁ ହୋଇଛି। ସୋମବାର ଯୁବତୀଙ୍କ ଡାକ୍ତରୀମାଇନା କରାଯିବ ବୋଲି ପୋଲିସ କହିଛି।

## ସ୍ୱାଧୀନତା ସଂଗ୍ରାମୀଙ୍କ ଜୟନ୍ତୀ ସମାରୋହ

**ନେମାଳ,୧୮।୧୧(ଡି.ଏନ.ଏ)**



ଅତିଥି ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ସୁରେନ୍ଦ୍ର ନାଥ ପଟ୍ଟନାୟକଙ୍କ ଜନ୍ମଜୟନ୍ତୀ ସମାରୋହ ନେମାଳ ଅଚ୍ୟୁତାନନ୍ଦ ବିଦ୍ୟାପୀଠରେ ପାଳିତ ହୋଇଯାଇଛି। ସୁରେନ୍ଦ୍ରନାଥ ସ୍ମୃତି କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ଉତ୍ସବରେ ବିଦ୍ୟାପୀଠ ପ୍ରଧାନଶିକ୍ଷକ କାର୍ତ୍ତିକ ଚନ୍ଦ୍ର ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡାଇ, ମୁଖ୍ୟବକ୍ତା ଶିକ୍ଷାବିତ ପ୍ରାଧ୍ୟାପକ ଉମାନାଥ ମହନ୍ତ, ସମ୍ମାନିତ ଅତିଥି ଲୋକନାଥ ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ଶରତ ଚନ୍ଦ୍ର ମହାନ୍ତି ଓ ପରିକ୍ଷିତ ପାତ୍ର ପ୍ରମୁଖ ଯୋଗଦେଇ ପଟ୍ଟନାୟକଙ୍କ ବହୁମୁଖି ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଉତ୍ସବରେ ଜୟନ୍ତୀ କମିଟି ସମ୍ପାଦକ ସୁବାସ ଚନ୍ଦ୍ର ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ଦେବପ୍ରସାଦ କର ପ୍ରାରମ୍ଭିକ ସୂଚନା ଓ ବିଦାୟ ସଙ୍ଗୀତ ପାଠ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ଚିତ୍ରାଙ୍କନ, ଝୋଟି ଓ ପ୍ରବନ୍ଧ ପ୍ରତିଯୋଗିତା କରାଯାଇଥିଲା। ଏଥିରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ଶେଷରେ ଶିକ୍ଷକ ଦେବପ୍ରସାଦ କର ଧନ୍ୟବାଦ ଅର୍ପଣ କରିଥିଲେ।

### ଦୁର୍ଘଟଣା ରୋକିବା ପାଇଁ ସହଯୋଗ ଆବଶ୍ୟକ

**କଟକ ଅଫିସ, ୧୮।୧୧**

ସାମାଜିକ ସଙ୍ଗଠନ 'ତ୍ରିଧାରା' ପକ୍ଷରୁ ଦୁର୍ଘଟଣାରେ ମୃତ ବ୍ୟକ୍ତିମାନଙ୍କ ପାଇଁ ସ୍ମୃତିଚାରଣ ଦିବସ ରବିବାର ତୁଳସୀପୁରସ୍ଥିତ ଅନୁଷ୍ଠାନର କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଅବସରପ୍ରାପ୍ତ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଗୋପବନ୍ଧୁ ମଲ୍ଲିକ ଦୁର୍ଘଟଣାର କାରଣ ଓ ନିରାକରଣ ଉପରେ ମତବ୍ୟକ୍ତ କରିବା ସହ ଦୁର୍ଘଟଣା ରୋକିବା କ୍ଷେତ୍ରରେ ଜନସାଧାରଣଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ସରୋଜ କୁମାର ପରିଡ଼ା ଦୁର୍ଘଟଣାର ଭୟାବହତା ତଥା ଦୁର୍ଘଟଣା ପରବର୍ତ୍ତୀ ଚିକିତ୍ସା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ସଭାପତିତ୍ୱ କରି ଅନୁଷ୍ଠାନର ସମ୍ପାଦକ ରଞ୍ଜନ କୁମାର ମହାପାତ୍ର ସଡ଼କ ସୁରକ୍ଷା କ୍ଷେତ୍ରରେ ବିଗତ ୨୫ ବର୍ଷ ମଧ୍ୟରେ ଅନୁଷ୍ଠାନ ଗ୍ରହଣ କରିଥିବା ପଦକ୍ଷେପ ଓ ୨୦୧୮ରେ କରିଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଅନୁଷ୍ଠାନର ଉପସଭାପତି ଉମେଶ ଚନ୍ଦ୍ର ନାୟକ ସ୍ୱାଗତ ସୂଚନା ଓ ସଙ୍ଗୀତା ପତି ଧନ୍ୟବାଦ ଦେଇଥିଲେ।

## ଫୁଟବଲ୍ ପ୍ରତିଯୋଗିତା, ଭୀମରାଜପୁର ଚାମ୍ପିୟନ



ଫୁଟବଲ ପ୍ରତିଯୋଗିତାରେ ଯୋଗ ଦେଇଥିବା ଅତିଥି।

**ସାଲେପୁର,୧୮।୧୧(ଡି.ଏନ.ଏ.)**

ସାଲେପୁର ହାଇସ୍କୁଲ ଖେଳପଡ଼ିଆଠାରେ ବାଲିସାହି ପଞ୍ଚାୟତ ବିଜୁ ଯୁବବାହିନୀ ପକ୍ଷରୁ ରବିବାର ଏକ ଦିବସୀୟ ଫୁଟବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହାକୁ ସାଲେପୁର ଥାନା ଅଧିକାରୀ ଦେବେନ୍ଦ୍ର କୁମାର ମଲିକ ଉଦ୍‌ଘାଟନ କରିଥିଲେ। ଏଥିରେ ୪ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ଭୀମରାଜପୁର ଓ ସାଲେପୁର ମଧ୍ୟରେ ହୋଇଥିଲା। ଭୀମରାଜପୁର ୧-୦ ଗୋଲ୍‌ରେ ସାଲେପୁରକୁ ହରାଇ ଚାମ୍ପିୟନ ହୋଇଥିଲା। ବିଜୁ ଯୁବବାହିନୀ ସଭାପତି ଆଶିଷ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ସାଲେପୁର ବିଜେଡି ନେତା ପ୍ରଶାନ୍ତ ବେହେରା, ସମ୍ମାନିତ ଅତିଥି ସରପଞ୍ଚ ସରସ୍ୱତୀ ବେହେରା, ସମିତିସଭ୍ୟ ବିଭୁତିଭୂଷଣ ଦାଶ, ବ୍ଲକ ଛାତ୍ର ବିଜେଡି ସଭାପତି ଶୁଭମ୍ ଦାଶ ପ୍ରମୁଖ ଯୋଗଦେଇ ଚାମ୍ପିୟନ୍ ଦଳକୁ ୨ ହଜାର ଟଙ୍କା ସହ ଟ୍ରଫି ଏବଂ ରନର୍ସଅପ୍ ଦଳକୁ ୧୫ଶହ ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜୁ ଯୁବବାହିନୀ ସମ୍ପାଦକ ଅନୀଲ ପଣ୍ଡା ଓ କୋଷାଧ୍ୟକ୍ଷ ମନୋଜ ସାମଲଙ୍କ ସମେତ ବିଜୁ ଯୁବବାହିନୀର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ଜନପରାମର୍ଶ ପଦଯାତ୍ରା ପ୍ରସ୍ତୁତି

**ଆଠଗଡ଼, ୧୮।୧୧(ସ୍ୱ.ପ୍ର.)**

ଆଠଗଡ଼ ନିର୍ବାଚନମଣ୍ଡଳୀରେ ଆସନ୍ତା ୨୧ରୁ୩୦ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଭାଜପା ପକ୍ଷରୁ ଜନପରାମର୍ଶ ପଦଯାତ୍ରା ଅନୁଷ୍ଠିତ ହେବ। ଏ ନେଇ ଏକ ମଣ୍ଡଳସ୍ତରୀୟ ପ୍ରସ୍ତୁତି ବୈଠକ ଆଠଗଡ ସହରସ୍ଥିତ ଉତ୍ତରାଚଣ୍ଡୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ବିଶ୍ୱସୁନ୍ଦର ମିଶ୍ର ଅଧ୍ୟକ୍ଷତା କରିଥିଲେ। ପଦଯାତ୍ରାକୁ ଅଞ୍ଚଳରେ ସଫଳ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସାଧାରଣ ନିର୍ବାଚନରେ ଭାଜପା ସରକାରକୁ ରାଜ୍ୟରେ ଆଣିବା ପାଇଁ ଲୋକଙ୍କ ପରାମର୍ଶ ଅନୁଯାୟୀ କାର୍ଯ୍ୟ କରାଯିବ ବୋଲି ନେତାମାନେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ଜିଲା କୋଷାଧ୍ୟକ୍ଷ ପ୍ରଦୀପ ଶାହା, ମନ୍ମଥ ମିଶ୍ର, ବ୍ରଜେନ୍ଦ୍ର ରାୟ, ଆଠଗଡ ନିର୍ବାଚନମଣ୍ଡଳୀର ଦଳୀୟ ପ୍ରଭାରୀ ହୃଷୀକେଶ ଜେନା, ଜିଲା ମୁଖପାତ୍ର ପ୍ରକାଶ ଚନ୍ଦ୍ର ବଡଜେନା, ଏନଏସି ମଣ୍ଡଳ ସଭାପତି ମନୋରଞ୍ଜନ ପଣ୍ଡା, ନିମାଇଁ ରାଉତ, ଚନ୍ଦ୍ର ଶେଖର ଭଗତ, ଉମେଶ ସାମଲ, ସୁବାସ ସାହୁ ଓ ପୀତବାସ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

### ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

**ସାଲେପୁର,୧୮।୧୧(ଡି.ଏନ୍.ଏ)**

ସାଲେପୁର ଫାର୍ମାସୀ କଲେଜ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରଫେସର୍ ଡ. ଉନ୍ନା ଲକ୍ଷ୍ମୀନାରାୟଣନ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରକୁ କଲେଜ ପରିଚାଳନା କମିଟି ସମ୍ପାଦକ ରବୀନ୍ଦ୍ରନାଥ କର ଉଦ୍‌ଘାଟନ କରିଥିଲେ। କଲେଜ ୟୁଥ୍ ରେଡ୍‌କ୍ରସ୍ ସୋସାଇଟି ଓ ରେଡ୍ ରିବନ୍ କ୍ଲବ୍ ଏବଂ ସେଣ୍ଟ୍ରାଲ୍ ରେଡ୍‌କ୍ରସ୍ ବ୍ଲଡ୍ ବ୍ୟାଙ୍କ୍ ମିଳିତ ସହଯୋଗରେ ଆୟୋଜିତ ଶିବିରରେ ୧୦୨ଜଣ ରକ୍ତଦାତା ରକ୍ତଦାନ କରିଥିଲେ। ସେଣ୍ଟ୍ରାଲ୍ ବ୍ଲଡ୍ ବ୍ୟାଙ୍କ୍ ପକ୍ଷରୁ ପ୍ରଦତ୍ତ ଟ୍ରଫିକୁ ପରିଚାଳନା କମିଟି ସଭ୍ୟ ଅଶୋକ ମହାନ୍ତି ଗ୍ରହଣ କରିଥିଲେ।

## ଆମ୍ବେଡକର ବିଚାର ମଞ୍ଚର ପ୍ରସ୍ତୁତି ବୈଠକ

**ନରସିଂହପୁର,୧୮।୧୧(ସ୍ୱ.ପ୍ର.)**

ନରସିଂହପୁର ବ୍ଲକ ଅଧୀନ ଜିଲିଣ୍ଡା ପ୍ରଗଣା ଅଞ୍ଚଳରେ ଥିବା ବାବା ସାହେବ ଆମ୍ବେଡକର ବିଚାର ମଞ୍ଚର ଏକ ପ୍ରସ୍ତୁତି ବୈଠକ ଜିଲିଣ୍ଡାସ୍ଥିତ ହାଟ ପଡିଆଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଚାର ମଞ୍ଚ ସଭାପତି ସୁଦର୍ଶନ ନାୟକଙ୍କ ଅଧ୍ୟକ୍ଷତାରେ ବୈଠକରେ ଆସନ୍ତା ଡିସେମ୍ବର ୬ ଆମ୍ବେଡକରଙ୍କ ମହାପରିନିର୍ବାଣ ଦିବସ ପାଳନ ସମ୍ପର୍କରେ ଆଲୋଚନା କରାଯାଇ ଆମ୍ବେଡକରଙ୍କ ନୀତି ଓ ଆଦର୍ଶକୁ ଅନୁପ୍ରାଣିତ କରିବା ପାଇଁ ଉପସ୍ଥିତ ସଭ୍ୟ ଶପଥ ଗ୍ରହଣ କରିଥିଲେ। ଢେଙ୍କାନାଳ ଜିଲା ଦଳିତ ମାନବିକ ଅଧିକାର ସଙ୍ଗଠକ ଚିତ୍ରସେନ ନାଏକ ଯୋଗ ଦେଇଥିଲେ। ସାମାଜିକ କର୍ମୀ ଧନେଶ୍ୱର ନାଏକ, ଭାବଗ୍ରାହୀ ନାଏକ, କେଦାର ନାଏକ, ଶ୍ରୀଧର ନାଏକ, ହାଡିବନ୍ଧୁ ଓଝା, ତ୍ରିଲୋଚନ ସାହୁ ପ୍ରମୁଖ ସଭ୍ୟ ଯୋଗଦେଇ ବିଚାର ମଞ୍ଚର ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ମତ ପ୍ରଦାନ କରିଥିଲେ। ଶେଷରେ ସମ୍ପାଦକ ତ୍ରିନାଥ ନାଏକ ଧନ୍ୟବାଦ ପ୍ରଦାନ କରିଥିଲେ।

## ବ୍ଲକ କଂଗ୍ରେସ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ

**ନରସିଂହପୁର,୧୮।୧୧(ଡି.ଏନ.ଏ.)**

ନରସିଂହପୁର ବ୍ଲକ କଂଗ୍ରେସ ପକ୍ଷରୁ ସ୍ଥାନୀୟ ଲକ୍ଷ୍ମୀମଣ୍ଡପ ପରିସରରେ ଏକ ବୈଠକ ସହିତ ସମ୍ବର୍ଦ୍ଧନା ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ଶିଶିରକାନ୍ତ ମିଶ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ପୂର୍ବତନ ବିଧାୟକ ସମୀର କୁମାର ରାଉତରାୟ, ସମ୍ମାନିତ ଅତିଥି ସରପଞ୍ଚ ପ୍ରଭାକର ମିଶ୍ର, ମନୋଜ ସାହୁ, ସରୋଜ ସାହୁ, ସଞ୍ଜୟ ସାହୁ ଓ ଶେଷଦେବ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଅଞ୍ଚଳରେ ସଂଗଠନକୁ ସୁଦୃଢ଼ କରିବା ପାଇଁ ଆଲୋଚନା କରିଥିଲେ। ଏହି ଅବସରରେ ନୂତନ ଭାବେ ନରସିଂହପୁର ଅଞ୍ଚଳରୁ କଂଗ୍ରେସର ପ୍ରସାର ନିମନ୍ତେ ମନୋନୀତ କରାଯାଇଥିବା ସଭାପତି ୧୬ ନମ୍ବର ଜୋନର ଧୃବଚରଣ ପ୍ରଧାନ, ୧୭ ନମ୍ବର ଶନ୍ତନ ମିଶ୍ର, ୧୮ ନମ୍ବର ପ୍ରକାଶ ମହାପାତ୍ର, ୧୯ ନମ୍ବର ରବୀନ୍ଦ୍ର ରାଉତ, ପବିତ୍ର ଧଳ, ପଞ୍ଚାନନ ମହାନ୍ତି ଓ ଆଲୋକ ସେଠୀ ପ୍ରମୁଖଙ୍କୁ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।



ସମ୍ବର୍ଦ୍ଧନା ଉତ୍ସବରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

## ଜନସଚେତନତା ସମାରୋହ

**ବାଙ୍କୀ, ୧୮।୧୧(ସ୍ୱ.ପ୍ର.)**



ସମବାୟ ସପ୍ତାହ ଉପଲକ୍ଷେ ଆୟୋଜିତ ଜନସଚେତନତା ସମାରୋହରେ ବିଧାୟକ ପ୍ରଭାତ ତ୍ରିପାଠୀ ଓ ଅନ୍ୟ ଅତିଥି।

ସମବାୟ ସପ୍ତାହ ଉପଲକ୍ଷେ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ଓ ଓଡ଼ିଶା ସମବାୟ ସୁରକ୍ଷା ସଂଘ ମିଳିତ ଆନୁକୂଲ୍ୟରେ ରବିବାର ଏକ ଜନସଚେତନତା ସମାରୋହ ଡମପଡ଼ା ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ ଅଧ୍ୟକ୍ଷତା କରିଥିଲେ। ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରି କହିଥିଲେ, ଚାଷୀ ସମବାୟ ସମିତିରୁ ଋଣ ନେଇ ଠିକ୍ ସମୟରେ ପରିଶୋଧ କରିପାରିଲେ ସେମାନଙ୍କ ଉନ୍ନତି ହେବା ସଙ୍ଗେସଙ୍ଗେ ସମିତିର ମଧ୍ୟ ଉନ୍ନତି ହୋଇପାରିବ। କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ବୀରେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟଅତିଥି, ନିର୍ଦ୍ଦେଶକ ନାରାୟଣ ବିଶ୍ୱାଳ ମୁଖ୍ୟବକ୍ତା, ବାଲେଶ୍ୱର ଅର୍ବାନକୋ-ଅପରେଟିଭ୍ ବ୍ୟାଙ୍କ ସଭାପତି ଦୁକୁଲୁ ଘଡ଼ାଇ, ଓଡ଼ିଶା ସମବାୟ ସୁରକ୍ଷା ସଂଘ ସଭାପତି ରଘୁନାଥ ମହାପାତ୍ର, ଜିଲା ସୂଚନା ଲୋକସମ୍ପର୍କ ଅଧିକାରୀ ଅଶୋକ ଷଡ଼ଙ୍ଗୀ, ବ୍ୟାଙ୍କ ସମବାୟ ସର୍କଲ ଏଆରସିଏସ୍ ସରୋଜ ଜେନା ଓ ବାଙ୍କୀ ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତି ସଭାପତି ସମରେନ୍ଦ୍ର ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ବାଙ୍କୀକୁ ସମବାୟର ଏକୁଡିଶାଳ କହିଲେ ଅତ୍ୟୁକ୍ତି ହେବନାହିଁ ବୋଲି ମତବ୍ୟକ୍ତ କରିଥିଲେ। ସାଧାରଣ ସମ୍ପାଦକ ପ୍ରତାପ ଚନ୍ଦ୍ର ସାହୁ ବିବରଣୀ ପାଠ କରିବା ସହିତ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ଉପସଭାନେତ୍ରୀ ସୁଷମା ମହାରଣାଙ୍କୁ ସମବାୟ ସୁରକ୍ଷା ସମ୍ମାନ, ଜିଲାପରିଷଦ ସଭ୍ୟ ମାନସ ମହାପାତ୍ରଙ୍କୁ ସମବାୟ ଆଦର୍ଶ ସମ୍ମାନ, କଳାପଥର ଶାଖା ପରିଚାଳକ ଅମ୍ବରିଶ ଦାସ୍ ଓ କେନ୍ଦ୍ର ଶାଖା ପରିଚାଳକ ଚିତ୍ତରଞ୍ଜନ ସାମନ୍ତରାୟଙ୍କୁ ସମବାୟ ସହଯୋଗୀ ସମ୍ମାନ, କବି ରବିନାରାୟଣ ମଙ୍ଗରାଜଙ୍କୁ ସମବାୟ ସାହିତ୍ୟ ସମ୍ମାନ, ସମରେନ୍ଦ୍ର ମହାପାତ୍ରଙ୍କୁ ସମବାୟ ଖବରଦାତା ସମ୍ମାନ ଓ ଆଶୁତୋଷ ମହାପାତ୍ରଙ୍କୁ ସମବାୟ ବିଦ୍ୟାର୍ଥୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶେଷରେ ଚର୍ଚ୍ଚିକା ଶାଖା ପରିଚାଳକ ଚିତ୍ତରଞ୍ଜନ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ବାଙ୍କୀର ବହୁ ସମବାୟ ପ୍ରେମୀ ଓ ସମବାୟ ସମିତି କର୍ମକର୍ତ୍ତା ଯୋଗ ଦେଇଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୯ ନଭେମ୍ବର, ୨୦୧୮



ଯୁକ୍ତି କଲାବେଳେ ଯେଉଁ ଲୋକ ଉତ୍ୟକ୍ତ ନ ହେଲା, ସିଏ ହିଁ ଶେଷରେ ବିଜୟୀ ହୁଏ।
- ଫ୍ରାଙ୍କ୍ ହରବର୍ଟ



## ସଂକ୍ଷେପରେ

### ଅଭିରାମ ପରମହଂସଙ୍କ ରୌପ୍ୟଜୟନ୍ତୀ ଉତ୍ସବ

**କଟକ ଅଫିସ,୧୮।୧୧:** ନୂଆପଡ଼ା ବାଲିସାହିଠାରେ ଶ୍ରୀ ଶ୍ରୀ ଅଭିରାମ ପରମହଂସଙ୍କ ରୋପ୍ୟଜୟନ୍ତୀ ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ ଯୋଗଦେଇ କହିଲେ, ଜୀବନର ମୂଳମନ୍ତ୍ର ଭାଗବତ ପ୍ରୀତି। ଯାହାକି ଆମେ ସଂସାରର ମୋହରେ ଭୁଲି ଯାଉଛୁ। ପ୍ରତ୍ୟେକ ମଣିଷକୁ ଜୀବନରେ ଗୁରୁକୃପା ଲାଭ କରିବା ନିହାତି ଦରକାର। ଶ୍ରୀ ଶ୍ରୀ ଅଭିରାମ ପରମହଂସଙ୍କ ମଠର କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସନ୍ଧ୍ୟାରେ ଭଜନ ଏବଂ ପୌରାଣିକ ନାଟକ ପରିବେଷଣ କରାଯାଇଥିଲା।

### ସେଣ୍ଟ ଜାଭିୟର୍ସର ନୂତନ ଶାଖା ଉଦ୍‌ଘାଟିତ

**କଟକ ଅଫିସ,୧୮।୧୧:** ସେଣ୍ଟ ଜାଭିୟର୍ସ ପର୍ପଲ ଟର୍ଟଲ ଇଣ୍ଟରନ୍ୟାଶନାଲ ଗ୍ରୁପର ଏକ ନୂତନ ଶାଖା ଚଣ୍ଡିଛକଠାରେ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ପୁରୀ ଗୋବର୍ଦ୍ଧନ ପୀଠର ସମ୍ପାଦକ ତଥା ଭାରତୀୟ ଆଦିତ୍ୟ ବାହିନୀର ସଂଯୋଜକ ପଣ୍ଡିତ ମାତୃ ପ୍ରସାଦ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଭାରତୀୟ ସଂସ୍କୃତିରେ ଶିକ୍ଷାର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ସେଣ୍ଟ ଜାଭିୟର୍ସ ଗ୍ରୁପର ନିର୍ଦ୍ଦେଶକ ଡ. ପ୍ରଭୁ ଚରଣ ମହାନ୍ତି ଶିକ୍ଷା ପ୍ରଗତିରେ ସେଣ୍ଟ ଜାଭିୟର୍ସ ଗ୍ରୁପର ଉଲ୍ଲେଖନୀୟ ଅବଦାନ ଉପରେ ମତବ୍ୟକ୍ତ କରିଛନ୍ତି। ସ୍ନିଗ୍ଧା ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଗ୍ରୁପର ସହ ନିର୍ଦ୍ଦେଶକ ସମ୍ୟକ୍ ମହାନ୍ତି, ସ୍କୁଲର ଅଧକ୍ଷା ଶୁଭଶ୍ରୀ ମହାନ୍ତି, ପ୍ରଶାନ୍ତ ଦାସ, ପ୍ରେମରାଗୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଗୋପାଷ୍ଟମୀ ମହୋତ୍ସବ

**ଚୌଦ୍ୱାର, ୧୮।୧୧(ଡି.ଏନ୍.ଏ.):** ମଙ୍ଗରାଜପୁର ପଞ୍ଚାୟତ ଅଧୀନ ବେରେଣା ଗ୍ରାମସ୍ଥିତ ନନ୍ଦଗାଁ ବୃଦ୍ଧ ଗୋସେବା ଆଶ୍ରମରେ ଗୋପାଷ୍ଟମୀ ମହୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଆଶ୍ରମ ସଭାପତି କମଲ ଲାଲ ଶିକାରିଆଙ୍କ ପୌରୋହିତ୍ୟରେ ଆଶ୍ରମ ପରିସରରେ ଆୟୋଜିତ ଉତ୍ସବରେ ବିଧାୟକ ଅମର ଶତପଥୀ, ଗୋସେବା ଟ୍ରଷ୍ଟର ଚେୟାରମ୍ୟାନ କିଷନଲାଲ ଭରତିଆ, ପ୍ରାଣୀଧନ ବିଭାଗର ଉପ ସଚିବ ବୀରକିଶୋର ପରିଡା, ଶିଳ୍ପପତି ରାଜେଶ ସିଂଘଲ, ଲକ୍ଷ୍ମଣ ମହୀପଲ, ସ୍ଥାନୀୟ ସରପଞ୍ଚ ସସ୍ମିତା ପଣ୍ଡା, ଅକ୍ଷୟ ବିଶ୍ୱାଳ ଓ ପଦ୍ମ କୁମାର ଭଓସିଙ୍କା ପ୍ରମୁଖ ଅତିଥିଭାବେ ଯୋଗଦେଇ ଗୋପାଷ୍ଟମୀର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଦେବକୀ ନନ୍ଦନ ଯୋଶୀ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଗୋଶାଳାର ମହାବୀର ସଭାଗୃହ ଓ ପ୍ରଦର୍ଶନୀ, ସପ୍ତଗୋମାତା ମନ୍ଦିର, ତୁଳାଦାନ କେନ୍ଦ୍ର, ଗୋବର ଜାଳେଣି ଗୃହ ଓ ଗୋଖାଦ୍ୟ ଭଣ୍ଡାର ଗୃହକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ଉପଦେଷ୍ଟା ଜ୍ଞାନଚାନ୍ଦ ନାହାରଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବକୁ ବିଜୟ ଖଣ୍ଡେଲୱାଲ, ଅଜୟ କୁମାର ସନ୍ତୁକା, ନଥମଲସିଂ ଚନାନୀ, ପ୍ରକାଶ ଅଗ୍ରୱାଲ, ପୁରୁଷୋତ୍ତମ ଅଗ୍ରୱାଲ, ବିଷ୍ଣୁ ପ୍ରସାଦ ଯୋଶୀ ପ୍ରମୁଖ ପରିଚାଳନା କରିଥିଲେ।

### ବାର୍ଷିକ କ୍ରୀଡ଼ା ଉତ୍ସବ

**କଟକ ଅଫିସ, ୧୮।୧୧:** ଓମ୍ ସାଇ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ସିଦ୍ଧେଶ୍ୱର ହାଇସ୍କୁଲ ଖେଳ ପଡ଼ିଆରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ସତ୍ୟପ୍ରିୟା ଦାଶ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ। ଶିକ୍ଷାବିତ୍ ଡ. ବିପିନ ବିହାରୀ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ କ୍ରୀଡ଼ାର ଉପଯୋଗିତା ବିଷୟରେ କହିଥିଲେ। ଉପାଧକ୍ଷା ଯଶୋବନ୍ତୀ ରାଉତ, ଶିକ୍ଷୟିତ୍ରୀ ସ୍ନିଗ୍ଧାରାଣୀ ସାହୁ, ସୁଜାତା ସାହୁ, ଗୀତାଞ୍ଜଳି ସାହୁ, ଶୈଳବାଳା ଶତପଥୀ, ଡଲି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଖୋଲା ଶୌଚମୁକ୍ତ ୱାର୍ଡ ଘୋଷଣା ଭେଲିକି

## ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଶୌଚାଳୟରେ ଲୋକେ କରିଗଲେଣି ଘର

**କଟକ ଅଫିସ,୧୮।୧୧**

ଖାଁଜିରିମଙ୍ଗଳା ନିକଟ ସର୍ବୋଦୟପୁରରେ ରହିଛି ଶହେରୁ ଉର୍ଦ୍ଧ୍ୱ ପରିବାରକୁ ନେଇ ଏକ ବସ୍ତି। ହେଲେ ବସ୍ତିରେ ଥିବା ଏକ ଶୌଚାଳୟ ଦୀର୍ଘଦିନ ଧରି ଜରାଜୀର୍ଣ୍ଣ ହୋଇପଡ଼ି ରହିବା ପରେ ତାହାକୁ ଜବରଦଖଲ କରାଯାଇଛି। ଫଳରେ ଲୋକେ ଖୋଲାରେ ଶୌଚ ହେଉଛନ୍ତି। ବସ୍ତିର ଝିଅ, ବୋହୂ, ବୃଦ୍ଧାମାନେ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ଏହାର କୌଣସି ସମାଧାନ କରା ନ ଯାଇ ଏହି ଅଞ୍ଚଳ ରହିଥିବା ୱାର୍ଡକୁ କିଛି ମାସ ତଳେ ଖୋଲା ଶୌଚମୁକ୍ତ ଘୋଷଣା କରାଯାଇଛି।

ସର୍ବୋଦୟପୁରର ଶୌଚାଳୟ ସମସ୍ୟା ବିଷୟରେ କଟକ ମହାନଗର ନିଗମ (ସିଏମ୍‌ସି) ୨୮ ଏବଂ ୩୦ ନଂ. ୱାର୍ଡ କର୍ପୋରେଟରଙ୍କ କଥା ବସ୍ତି ଲୋକଙ୍କ ପାଇଁ ନୈରାଶ୍ୟଜନକ। ଉକ୍ତ ଅଞ୍ଚଳର କିଛି ଅଂଶ ୨୮ନଂ. ଏବଂ ଆଉ କିଛି ଅଂଶ ୩୦ନଂ. ୱାର୍ଡରେ ଯାଉଛି। ହେଲେ ଆମ ସୀମା ମଧ୍ୟରେ ଯେତିକି ଅଂଶ ଯାଉଥିବ ଆମେ କେବଳ ସେତିକିର କାମ କରିପାରିବୁ ବୋଲି ଉଭୟ କର୍ପୋରେଟର ବୈଶାଳୀ ବେହେରା ଓ ନମିତା ଦାସ କହିଛନ୍ତି। ସେହି ଅଞ୍ଚଳର ସଞ୍ଜୟ ବେହେରା ନାମକ ଜଣେ ଯୁବକ କହିଛନ୍ତି, ଶୌଚାଳୟଟି ଅକାମୀ ହୋଇ ପଡିରହିବାର ସୁଯୋଗ ନେଇ କେତେଜଣ ଲୋକେ ଏବେ ସେଠାରେ ଅସ୍ଥାୟୀ ଘର କରି ରହିବା ଆରମ୍ଭ କରିଛନ୍ତି। ଏହି ବିଷୟରେ ଆମେ ଉଭୟ କର୍ପୋରେଟର ଏବଂ ସିଏମ୍‌ସି ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ବି କିଛି ବ୍ୟବସ୍ଥା ଗ୍ରହଣ କରାଗଲା ନାହିଁ। ଏନେଇ ସିଏମ୍‌ସି ହେଲ୍‌ଥ ଅଫିସର ଉମେଶ ପାଣିଗ୍ରାହୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଛନ୍ତି, ଶୌଚାଳୟଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ହେଲେ ସେହି ସ୍ଥାନରେ ଶୌଚାଳୟ ପୁନଃନିର୍ମାଣ ପାଇଁ ଆମେ ଚେଷ୍ଟା କରିବୁ। ସମାଜସେବୀ ଅମ୍ରିତା ଦାସ କହିଛନ୍ତି ଯେ, କଟକ ସହରର ବିଭିନ୍ନ ବସ୍ତିରେ ସ୍ୱଚ୍ଛ ପରିବେଶ ଏକ ଦିବାସ୍ୱପ୍ନ। ହେଲେ ରାଲି କରି, ଫଟୋ ଉଠାଇ ସମ୍ପୃକ୍ତ ଅଞ୍ଚଳ ସ୍ୱଚ୍ଛ ବୋଲି ଡିଣ୍ଡିମ ପିଟାଯାଉଛି। ଏପରି କି ବସ୍ତିଗୁଡ଼ିକର ସମସ୍ୟାର ସମାଧାନ ପାଇଁ ବିପୁଳ ଟଙ୍କା ଖର୍ଚ୍ଚ କରାଯାଉଥିବା କୁହାଯାଉଛି। କିନ୍ତୁ ବାସ୍ତବରେ ସ୍ଥିତି ଯଥା ପୂର୍ବଂ ତଥା ପର, ଯାହା ସର୍ବୋଦୟପୁର ବସ୍ତିର ଶୌଚାଳୟ ସମସ୍ୟା ପ୍ରମାଣିତ କରୁଛି ବୋଲି ଦାସ କହିଛନ୍ତି।



ରବିବାର ମହାନଦୀ ପଠାରୁ ଜାଳ ସଂଗ୍ରହ କରି ମହିଳାମାନେ ଡଙ୍ଗାରେ ଫେରୁଛନ୍ତି।

# ମାରୱାଡି ସମାଜର ସ୍ୱାସ୍ଥ୍ୟସେବା ଶିବିର



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ।

**କଟକ ଅଫିସ, ୧୮।୧୧**

କଟକ ମାରୱାଡି ସମାଜ ଓ ମାରୱାଡି ଯୁବା ମଞ୍ଚର ମିଳିତ ପ୍ରୟାସରେ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର ରବିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ମାଣିକଘୋଷ ବଜାରସ୍ଥିତ ମାରୱାଡି କ୍ଲବଠାରେ ଆୟୋଜିତ ଶିବିରକୁ ଡିସିପି ଅଖିଳେଶ୍ୱର ସିଂ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଭେଷଜ, ଚକ୍ଷୁ, ଦନ୍ତ ରୋଗ ଆଦିର ପରୀକ୍ଷା କରାଯାଇଥିଲା। ସ୍ୱାସ୍ଥ୍ୟ ପରୀକ୍ଷା ମଧ୍ୟରେ ଥାଇରଏଡ୍, ଟିଏଲ୍‌ସି, ଲିପିଡ ପ୍ରୋଫାଇଲ ଓ ଇସିଜି ଆଦି ନିଃଶୁଳ୍କ ଭାବେ କରାଯାଇଥିଲା। ସମାଜର ସବୁ ବର୍ଗର ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା ସହ ଚକ୍ଷୁ ପରୀକ୍ଷା ମାଧ୍ୟମରେ ଚଷମା ମଧ୍ୟ ପ୍ରଦାନ କରାଯାଇଥିଲା। ଏହାଛଡ଼ା କେତେଜଣ ଭିନ୍ନକ୍ଷମ ଲୋକଙ୍କୁ ଆଶାବାଡି ପ୍ରଦାନ କରାଯାଇଥିଲା ବୋଲି ମାରୱାଡ଼ି ସମାଜର ସାଧାରଣ ସମ୍ପାଦକ ରମନ ବାଗାଡିଆ ଜଣାଇଛନ୍ତି। ଏହି ପରୀକ୍ଷାରେ ପ୍ରାୟ ୧୬ ଜଣଙ୍କର ଚକ୍ଷୁରେ ଆବଶ୍ୟକ ଅସ୍ତ୍ରୋପଚାର ପାଇଁ ରୋଟାରୀ ଚକ୍ଷୁ ଚିକିତ୍ସାଳୟଠାରେ ବ୍ୟବସ୍ଥା ହୋଇଛି। ସନ୍ଧ୍ୟାରେ ଦୀପାବଳି ବନ୍ଧୁମିଳନର ଆୟୋଜନ କରାଯାଇଥିଲା। ମାରୱାଡି ସମାଜର ସଭାପତି ବିଜୟ ଖଣ୍ଡେଲୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୋଲିସ କମିଶନର ସତ୍ୟଜିତ ମହାନ୍ତି ଯୋଗଦେଇଥିଲେ। ଭଏସ ଅଫ ଓଡ଼ିଶାର କଣ୍ଠଶିଳ୍ପୀ ଶ୍ରୀଜାତା ଉପାଧ୍ୟାୟ ଓ କୋଲକାତାର ତିଳକ୍ ଚକ୍ରବର୍ତ୍ତୀ ଆଦି ସଙ୍ଗୀତ ପରିବେଷଣ ଓ ଆରୟନ ଡ୍ୟାନ୍ସ ଗ୍ରୁପର କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ମାରୱାଡ଼ି ସମାଜର ଉପସଭାପତି କମଳ ସିକାରିଆ, କୋଷାଧକ୍ଷ ହେମନ୍ତ ଅଗ୍ରୱାଲ, ପବନ ଲାଟସାରିଆ, ମନୋଜ ସିଙ୍ଘୀ, ମନୋଜ ନାଙ୍ଗାଳିଆ, କୈଳାସ ସାଙ୍ଗନାରିଆ ଓ ଶରତ ସାଙ୍ଗନାରିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଭାଜପାର ଜନ ପରାମର୍ଶ ପଦଯାତ୍ରା

**ଟାଙ୍ଗୀ(କଟକ), ୧୮।୧୧(ଡି.ଏନ୍.ଏ.)**

କେନ୍ଦ୍ର ସରକାରଙ୍କ ଜନହିତକର ଯୋଜନା, ରାଜ୍ୟ ସରକାରଙ୍କ ବିଫଳତା ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ଓ ନୂତନ ଓଡ଼ିଶା ନିର୍ମାଣ ନିମନ୍ତେ ପରାମର୍ଶ ସଂଗ୍ରହ କରିବା ଲକ୍ଷ୍ୟରେ ଟାଙ୍ଗୀ ମଣ୍ଡଳ ଭାଜପା ପକ୍ଷରୁ ଜନ ପରାମର୍ଶ ପଦଯାତ୍ରା ରବିବାର ଆରମ୍ଭ ହୋଇଛି। ମଣ୍ଡଳ ସଭାପତି ଚନ୍ଦ୍ରମଣି ପାଇଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଟକ ଜିଲା ସଭାପତି ଚୌଧୁରୀ ହେମନ୍ତ କୁମାର ସାହୁ, ଭାଜପା ନେତା ବିଷ୍ଣୁ ଦାଶ, ସତ୍ୟବାଦୀ ଚଇନି, କୁଞ୍ଜମୋହନ ସେଠୀ, ସଂଗ୍ରାମ ସ୍ୱାଇଁ, ଅଶୋକ ଦାସ, ଦେବାଶିଷ ପ୍ରଧାନ ଓ ଗଙ୍ଗୋତ୍ରୀ ତିରିଆ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ବ୍ଲକ କାର୍ଯ୍ୟାଳୟ ସମ୍ମୁଖରୁ ବାହାରିଥିବା ପଦଯାତ୍ରା ଟାଙ୍ଗୀ ସମେତ କୋଟସାହି ପଞ୍ଚାୟତର ବିଭିନ୍ନ ୱାର୍ଡ ଓ କନ୍ହେଇପୁର ପଞ୍ଚାୟତର ନିମାଇସାପୁର, ଚିନ୍ତାମଣିପୁର ଏବଂ ନରଣପୁର ଆଦି ପରିକ୍ରମା କରିଥିଲା।

# ଦେବୋତ୍ତର ଜମିରେ ସ୍ଥାୟୀ ନିର୍ମାଣ ବନ୍ଦ

**କଟକ ସଦର, ୧୮।୧୧(ଡି.ଏନ୍.ଏ.)**

ହିନ୍ଦୁ ଦେବୀଦେବତାଙ୍କ ଜମିରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ପକ୍ଷରୁ ବେପରୁଆ ନିର୍ମାଣ ଘଟଣା ବୃଦ୍ଧି ପାଇବାରେ ଲାଗିଛି। ଏହି ସବୁ ନିର୍ମାଣ ପାଇଁ ରାଜ୍ୟ ଦେବୋତ୍ତର ଆୟୁକ୍ତଙ୍କ ଅନୁମତି ନିଆ ନ ଯିବା ଘଟଣା ପଦାକୁ ଆସିବା ପରେ ହଟଚମଟ ସୃଷ୍ଟି ହୋଇଥିଲା। ତୁରନ୍ତ ସ୍ଥାୟୀ ନିର୍ମାଣ ବନ୍ଦ ପାଇଁ ଦେବୋତ୍ତର ଆୟୁକ୍ତ ବି.ପି. ଦତ୍ତ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଏହି ନିର୍ଦ୍ଦେଶାନାମା ଆଇନ, ପର୍ଯ୍ୟଟନ, ପଞ୍ଚାୟତିରାଜ, ଗୃହ ନିର୍ମାଣ, ପୂର୍ତ୍ତ ବିଭାଗ ସମେତ ଓ ବିଭିନ୍ନ ମହାନଗର ନିଗମକୁ ଦିଆଯାଇଛି। ବିଭିନ୍ନ ସମୟରେ ଉକ୍ତ ବିଭାଗଗୁଡିକ ଦେବୋତ୍ତର ଆୟୁକ୍ତଙ୍କଠାରୁ ଆଗୁଆ ଅନୁମତି ନ ନେଇ କାର୍ଯ୍ୟ ଆରମ୍ଭ କରୁଥିବାରୁ ସ୍ଥାନୀୟ ଅଞ୍ଚଳରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି ବୋଲି ପତ୍ରସଂଖ୍ୟା ୮୪୨୩(୮) ଜିଏମ୍‌ଏସ୍/୩୦।୧୦।୧୮ରେ ଦତ୍ତ ଦର୍ଶାଇଛନ୍ତି। କାରଣ ଦେବୋତ୍ତର ଜମିକୁ ଅନ୍ୟ କାର୍ଯ୍ୟରେ ବ୍ୟବହାର ପାଇଁ ଅନୁମତି ଦେବାରେ ଆଇନଗତ ପ୍ରତିବନ୍ଧକ ରହିଛି। ତେଣୁ ବିଭିନ୍ନ ସରକାରୀ ବିଭାଗ ଅନୁମତି ମାଗିଲେ ମଧ୍ୟ ଆୟୁକ୍ତ ଅନୁମତି ଦେଇ ପାରୁନାହାନ୍ତି। ଜୋରଜବରଦସ୍ତ ନିର୍ମାଣ କରିବା ଦ୍ୱାରା ଧାର୍ମିକ ଅନୁଷ୍ଠାନଗୁଡିକର ପବିତ୍ରତା ନଷ୍ଟ ହେଉଥିବା ଅଭିଯୋଗ ହେଉଛି। ଏହି ନିର୍ଦ୍ଦେଶାନାମା ଠିକ୍‌ଭାବେ କାର୍ଯ୍ୟକାରୀ ହେଉଛି କି ନାହିଁ ତାହାର ତଦାରଖ ପାଇଁ କଟକଠାରେ ଥିବା ସହକାରୀ ଦେବୋତ୍ତର ଆୟୁକ୍ତଙ୍କୁ କୁହାଯାଇଛି।

# ଭିଡିଓ ଭାଇରାଲ କରିଦେବାକୁ ଧମକ: ଅଭିଯୁକ୍ତ ଗିରଫ

**କଟକ ଅଫିସ,୧୮।୧୧**

ଯୁବତୀଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ କରିଦେବାକୁ ଧମକ ଦେବା ଅଭିଯୋଗରେ ବାଦାମବାଡି ପୋଲିସ ଜଣେ ଅଭିଯୁକ୍ତଙ୍କୁ ରବିବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଧଉଳି ଥାନା ଅନ୍ତର୍ଗତ ନତୁରିଆପଡା ଅଞ୍ଚଳର ଘନଶ୍ୟାମ ସାହୁ(୩୨)। ପୋଲିସ ସୂଚନା ଅନୁଯାୟୀ, ବାଦାମବାଡି ଥାନା ଅଞ୍ଚଳରେ ରହୁଥିବା ଜଣେ ଯୁବତୀଙ୍କ ସହ ଘନଶ୍ୟାମଙ୍କ ସମ୍ପର୍କ ଥିଲା। ଉଭୟଙ୍କ ମଧ୍ୟରେ ଶାରୀରିକ ସମ୍ପର୍କ ଥିବାବେଳେ ଘନଶ୍ୟାମ ଯୁବତୀଙ୍କ ଅଜାଣତରେ ଏହାର ଭିଡିଓ ଉତ୍ତୋଳନ କରିଥିଲେ। ପରେ ଯୁବତୀଙ୍କୁ ଉକ୍ତ ଭିଡିଓ ଦେଖାଇବା ସହ ଟଙ୍କା ନ ଦେଲେ ଭିଡିଓ ଭାଇରାଲ କରିଦେବାକୁ ଧମକ ଦେଇଥିଲେ। ଏ ନେଇ ଯୁବତୀ ଜଣଙ୍କ ପରିବାର ଲୋକଙ୍କ ଜଣାଇଥିଲେ। ପରେ ଯୁବତୀଙ୍କ ପରିବାର ଲୋକେ ବାଦାମବାଡି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୨୯୦/୧୮) ରୁଜୁ କରିଥିଲା।

ଓଡ଼ିଶା ପ୍ରତିଭା ପୂଜା ସଂସଦ ପକ୍ଷରୁ ରାଜସ୍ତରୀୟ କବି ସମ୍ମିଳନୀ

# ଲେଖନୀ ମୁନରେ ସମାଜରେ ପରିବର୍ତ୍ତନ ଆସେ

**କଟକ ଅଫିସ, ୧୮।୧୧**

କବି ଓ ଲେଖକମାନଙ୍କ ବଳିଷ୍ଠ ଲେଖନୀ ମୁନରେ ସମାଜରେ ବୈପ୍ଳବିକ ପରିବର୍ତ୍ତନ ଆସିଥାଏ ବୋଲି ଓଡ଼ିଶା ପ୍ରତିଭା ପୂଜା ସଂସଦ ପକ୍ଷରୁ ସ୍ଥାନୀୟ ଶ୍ରୀରାମଚନ୍ଦ୍ର ଭବନଠାରେ ରବିବାର ଆୟୋଜିତ ଚତୁର୍ଦ୍ଦଶ ରାଜସ୍ତରୀୟ କବି ସମ୍ମିଳନୀରେ ବିଶିଷ୍ଟ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ସଂସଦର ଉପଦେଷ୍ଟା ସୁରେନ୍ଦ୍ର କୁମାର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ସମ୍ମିଳନୀରେ ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ରଘୁବୀର ଦାସ ମୁଖ୍ୟଅତିଥିଭାବେ ଯୋଗଦେଇ କବିମାନଙ୍କ ବଳିଷ୍ଠ ଲେଖନୀ ମୁନରେ ଆଜି 'କବି ଓ କବିତା'ର ଚତୁର୍ଦ୍ଦଶ ସ୍ତବକ ସମୃଦ୍ଧ ହୋଇଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଂଲିଶ ଖବରକାଗଜ ୱାର୍ଲଡ ୱାଚର ମୁଖ୍ୟ ସମ୍ପାଦକ ଉମାଶଙ୍କର ମିଶ୍ର, ଆଇନଜୀବୀ ଦେବସ୍ନାନ ଦାସ ଓ ବିଜୁ ଜନତା ଦଳ କଟକ ଜିଲାର କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ ସିଂହ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠାନ ପକ୍ଷରୁ ପ୍ରକାଶ ପାଇଥିବା 'କବି ଓ କବିତା'ର ଚତୁର୍ଦ୍ଦଶ ସ୍ତବକ, ବେଣୁଧର ସୂତାରଙ୍କ 'ନୀଳ ନିଶୀଥର ମାୟା', ସାବିତ୍ରୀ ମହାରଣାଙ୍କ 'ଘାସଫୁଲ' ଓ ଶିବଚରଣ ବେହେରାଙ୍କ କବିତା ସଂକଳନ 'ଗଳାହାର' ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୮ ଜଣ ପ୍ରତିଭାବାନ ବ୍ୟକ୍ତିଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ପୂର୍ବାହ୍ନରେ ଅନୁଷ୍ଠାନର ସଭାପତି ଡ. ସତ୍ୟ ରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀରେ ସହର ଯୋଜନାର ପୂର୍ବତନ ନିର୍ଦ୍ଦେଶକ ମୀନକେତନ ଦାସ, ଉର୍ବୀର ସମ୍ପାଦକ ଶ୍ରୀଧର ଶେଖର ମହାପାତ୍ର ଓ ବିଶିଷ୍ଟ କବି ଡା. ମନୋରଞ୍ଜନ ଦାଶ ପ୍ରମୁଖ ଯଥାକ୍ରମେ ମୁଖ୍ୟଅତିଥି, ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କବି ବାହାଦୁର ପାଟ୍ଟଶାହାଣୀ, ସୁକାନ୍ତି ସାହୁ, ମୀରା ବେଉରା କବିତାଗୁଡିକ ସଂଯୋଜନା କରିଥିଲେ। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଶତାଧିକ କବି ଯୋଗଦେଇ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ନୂଆ କରି ଗଠନ ହୋଇଥିବା କଟକ, ଯାଜପୁର, ଅନୁଗୋଳ ଜିଲାର ସଭାପତି, ସମ୍ପାଦକ, ଉପଦେଷ୍ଟା ଓ ଯୁବସମ୍ପାଦକଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା।

■ ପଞ୍ଚୁକ ପାଇଁ ପୋଲିସର ପ୍ରସ୍ତୁତି ବୈଠକ

# ଧବଳେଶ୍ୱର ପୀଠରେ ୧୭ ପ୍ଲାଟୁନ୍ ଫୋର୍ସ ମୁତୟନ

**ଖୁଣ୍ଟୁଣୀ, ୧୮।୧୧(ଡି.ଏନ୍.ଏ.)**

■ମୁଖ୍ୟସ୍ଥାନରେ ସିସିଟିଭି କ୍ୟାମେରା

■ଝୁଲାପୋଲରେ ସେଲ୍ଫି ଉଠା ମନା

ସୋମବାରଠାରୁ ଆରମ୍ଭ ହେଉଛି ପଞ୍ଚୁକ। ଏହାକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ପୂର୍ବରୁ ଧବଳେଶ୍ୱର ପୀଠରେ ହୋଇଥିବା ବୈଠକରେ ବିଭିନ୍ନ ନିଷ୍ପତ୍ତି ନିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ରବିବାର ଅପରାହ୍ନ ୪ଟାରେ ଧବଳେଶ୍ୱର ବିଟ୍ ହାଉସ୍ ପଡିଆରେ କଟକ ଗ୍ରାମାଞ୍ଚଳ ଏସ୍‌ପି ମାଧବ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଜିଲା ପୋଲିସ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ସୋମବାରରୁ ଶୁକ୍ରବାର ପର୍ଯ୍ୟନ୍ତ ଭକ୍ତମାନେ ଯେଭଳି ଭାବେ ସୁରୁଖୁରୁରେ ଧବଳେଶ୍ୱରଙ୍କୁ ଦର୍ଶନ କରିବେ ସେଥିପାଇଁ ଉପସ୍ଥିତ ସମସ୍ତ ପୋଲିସ ଅଧିକାରୀଙ୍କୁ ସଜାଗ ରହିବା ସହ ସତର୍କ ଦୃଷ୍ଟି ରଖିବାକୁ ଏସ୍‌ପି ସାହୁ ପରାମର୍ଶ ଦେଇଛନ୍ତି। ଆସନ୍ତା ବୁଧବାର ଧବଳେଶ୍ୱରଙ୍କ ବଡଓଷା, ଗୁରୁବାର ପ୍ରାତଃରୁ ଗଜଭୋଗ ଓ ତରଣ ବଣ୍ଟନ ଏବଂ ଶୁକ୍ରବାର କାର୍ତ୍ତିକ ପୂର୍ଣ୍ଣମା। ଏହି ୩ ଦିନ ବହୁସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହେବ। ଏହାକୁ ଦୃଷ୍ଟିରେ ରଖି ରବିବାର ଅପରାହ୍ନରୁ ପୀଠ ଓ ପୀଠ ବାହାରେ ୧୭ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି। ଏଥିସହ ଏସ୍‌ପି ସାହୁଙ୍କ ତତ୍ତ୍ୱାବଧାନରେ ୬୧୨ ଜଣ ଫୋର୍ସ, ୩ ଜଣ ଅତିରିକ୍ତ ଏସ୍‌ପି, ୧୧ ଜଣ ଡିଏସ୍‌ପି, ୨୨ ଜଣ ଇନ୍ସପେକ୍ଟର, ୧୨୪ ସବ୍ ଇନ୍ସପେକ୍ଟର ଓ ସହକାରୀ ସବ୍ ଇନ୍ସପେକ୍ଟର, ୧୫୬ କନଷ୍ଟେବଲ, ୨୩୭ ଗୃହରକ୍ଷୀ ଏବଂ ସାଦା ପୋଷାକରେ ୧୧ ଜଣ ମହିଳା ଅଧିକାରୀ ନିୟୋଜିତ ହୋଇଛନ୍ତି। ଆଠଗଡ ଉପଜିଲାପାଳ ଅମିୟ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ୩ ଜଣ ମାଜିଷ୍ଟ୍ରେଟ୍ ମୁତୟନ ହୋଇଛନ୍ତି। ଝୁଲାପୋଲ ଉପରେ ସିସିଟିଭି କ୍ୟାମେରା ଲଗାଯାଇଛି। ଟ୍ରାଫିକ ବ୍ୟବସ୍ଥା ପାଇଁ ୧୧ଟି ସ୍ଥାନ ନିରୁପଣ କରାଯାଇଛି। ଝୁଲାପୋଲ ଉପରେ କେହି ବ୍ୟକ୍ତିବିଶେଷ ସେଲ୍ଫି ନେବାକୁ ନିଷେଧ କରାଯାଇଛି। ଏହାକୁ ନ ମାନିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚୌଦ୍ୱାର ଏସ୍‌ଡିପିଓ ସତ୍ୟ ନାରାୟଣ ଦାସ କହିଛନ୍ତି। ଏହି ପୀଠକୁ ନୂଆପାଟଣା, ସୁନିଆଁମୁହଁ, ବ୍ରାହ୍ମଣବସ୍ତ ଓ କଖଡି ରାସ୍ତା ଦେଇ ଆସୁଥିବା ଯାନବାହନ ସବୁ ଟ୍ରାଫିକ ନିୟମ ଅନୁଯାୟୀ ପାର୍କିଂ ସ୍ଥାନରେ ରଖିବେ। ଝୁଲାପୋଲ ଉପରେ ଚଳିତବର୍ଷ ୮୦୦ ଶ୍ରଦ୍ଧାଳୁ ପରିବର୍ତ୍ତେ ୬୦୦ ଜଣଙ୍କୁ ଏକକାଳିନ ନିୟନ୍ତ୍ରଣରେ ଛଡାଯିବ। ଡଙ୍ଗାରେ ଲାଇଫ ଜ୍ୟାକେଟ୍‌କୁ ବାଧ୍ୟତାମୂଳକ ସହ ଓଭରଲୋଡିଂକୁ ବାରଣ କରାଯାଇଛି। ଏହି ମକ୍‌ଡ୍ରିଲ୍ କାର୍ଯ୍ୟକ୍ରମରେ ଡିଏସ୍‌ପି ସୁନିଲ ମହାନ୍ତି, ରବୀନ୍ଦ୍ର କୁମାର ମଲ୍ଲିକ, ଆଲୋକ ରାୟ, ଅମୂଲ୍ୟ କୁମାର ରାଉତରାୟ, ଦେବଦତ୍ତ ବରାଳ, ଜିତେନ୍ଦ୍ର ଦଳେଇ, ବିକ୍ରମ ଜେନା ଓ ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ସମେତ ଜିଲାର ବିଭିନ୍ନ ଥାନାର ଅଧିକାରୀ ଯୋଗଦେଇଥିଲେ। ଗୁରୁଡିଝାଟିଆ ଥାନାଧିକାରୀ ବିଜୟ କେତନ ବିସି ଓ ଧବଳେଶ୍ୱର ବିଟ୍ ଅଧିକାରୀ ଶଙ୍କର୍ଷଣ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବୈଠକରେ ଉପସ୍ଥିତ ପୋଲିସ ଅଧିକାରୀ।



ସିଡିଏ ସେକ୍ଟର-୮ସ୍ଥିତ ଜନଶିକ୍ଷା ସଂସ୍ଥାନଠାରେ ରବିବାର ହୋପ୍‌ଏକ୍ ଅନୁଷ୍ଠାନର ବାର୍ଷିକ ଉତ୍ସବରେ ପ୍ରଫେସର ସନାତନ ରଥ ଓ ସାରସ୍ୱତ ସାଧିକା ମନୋରମା ମହାପାତ୍ରଙ୍କୁ ସମ୍ମାନିତ କରାଯାଉଛି।



କଟକ ସାରଳା ଭବନରେ କ୍ଲାପର ପ୍ରତିଷ୍ଠା ଦିବସ ଅବସରରେ ଅନୁଷ୍ଠିତ ସଭାରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।



କଟକ ବାଲିଯାତ୍ରା ଉପର ପଡିଆକୁ ରବିବାର ଜିଲାପାଳ ଅରବିନ୍ଦ ଅଗ୍ରୱାଲଙ୍କ ସହ ପ୍ରଶାସନିକ ସହକର୍ମୀମାନେ ସଫା କରୁଛନ୍ତି।



ଯୁକ୍ତି କଲାବେଳେ ଯେଉଁ ଲୋକ ଉତ୍ୟକ୍ତ ନ ହେଲା, ସିଏ ହିଁ ଶେଷରେ ବିଜୟୀ ହୁଏ।
- ଫ୍ରାଙ୍କ୍ ହରବର୍ଟ



## ସଂକ୍ଷେପରେ

### ଚତୁର୍ଥ ଦିନରେ ଗଣଧାରଣା
### ବାଣପୁରକୁ ସବଡିଭିଜନ ମାନ୍ୟତା ଦାବି



**ଖୋର୍ଦ୍ଧା ଅଫିସ,୧୮।୧୧:** ବାଣପୁରରେ ସବ୍‌ଡିଭିଜନ ମାନ୍ୟତା ଦାବିରେ ବାଣପୁର ତହସିଲ ସମ୍ମୁଖରେ ଚାଲିଥିବା ଗଣଧାରଣା ଚତୁର୍ଥ ଦିବସରେ ପହଞ୍ଚିଛି। ଦାବି ପୂରଣ ନ ହେଲେ ଆନ୍ଦୋଳନ ପ୍ରତ୍ୟାହୃତ ହେବନାହିଁ ବୋଲି ଆନ୍ଦୋଳନକାରୀ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ସ୍ଥାନୀୟ ଅଞ୍ଚଳର ଦୀର୍ଘ ୪୦ ବର୍ଷର ଦାବିକୁ ସରକାର ଅଣଦେଖା କରି ଚାଲିଛନ୍ତି। ବାଣପୁର ଚିଲିକା ବାଲୁଗାଁ ଆଞ୍ଚଳିକ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଚାଲୁଥିବା ଏହି ଆନ୍ଦୋଳନ ପ୍ରତି ଧୀରେ ଧୀରେ ସମର୍ଥନ ବଢ଼ିବାରେ ଲାଗିଛି। ଏଭଳିସ୍ଥିତିରେ ସରକାର ଲୋକମାନଙ୍କର ଦାବିକୁ ଅଣଦେଖା କରୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି।

### ୨ ମୃତ ପକ୍ଷୀ ଜବତ: ଜଣେ ଗିରଫ

**ଟାଙ୍ଗୀ(ଖୋର୍ଦ୍ଧା),୧୮।୧୧(ଡି.ଏନ.ଏ.):** ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗ ତରଫରୁ ଅଚାନକ ଚଢ଼ାଉ ହୋଇ ୨ ମୃତ ପକ୍ଷୀ ଜବତ ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ରବିବାର ସକାଳୁ ଅଭିମାନପୁର ରିଙ୍ଗ୍‌ବନ୍ଧରୁ ମୃତ ବିଦେଶୀ ପକ୍ଷୀ ଓ ଅଭିଯୁକ୍ତଙ୍କ ହିରୋହୁଣ୍ଡା ଡିଲକ୍ସ ବାଇକକୁ ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଉଛୁଳା ଗୋପୀନାଥପୁରର ଧନଞ୍ଜୟ ପ୍ରଧାନଙ୍କ ପୁଅ ଆଲୋକ (୨୪)। ରାତିରେ ପକ୍ଷୀ ଶିକାର କରୁଥିବା ଖବର ପାଇ ବନାଞ୍ଚଳ ଅଧିକାରୀ ସୁବାସ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ କର୍ମଚାରୀମାନେ ଘଟଣାସ୍ଥଳରୁ ଆଲୋକକୁ ଗିରଫ କରିଥିଲେ। ତାଙ୍କଠାରୁ ଇୟୁରେଶିୟା ସ୍ୱନ ବିଲ୍ ଓ ଏସିୟାନ୍ ଓପନ୍ ବିଲ୍ସ ଷ୍ଟକ ନାମକ ଦୁଇଟି ମୃତ ପକ୍ଷୀ ଜବତ କରାଯାଇଛି। ଏହି ଚଢ଼ାଉରେ ବନପାଳ ରାଧାକାନ୍ତ ହୋତା, ପ୍ରଣୟ କୁମାର ରାୟ, ବନରକ୍ଷୀ ଲକ୍ଷ୍ମଣ ବେହେରା, ଶିବପ୍ରସାଦ ପଲାଇ ଓ ଅର୍ଜୁନ ପ୍ରଧାନଙ୍କ ସମେତ ୪ ଜଣ ଜଗୁଆଳି ସାମିଲ୍ ଥିଲେ।

### ପତଣୀବର କ୍ରିକେଟ୍, କୁମାରବସ୍ତ ବିଜୟୀ

**ଖୋର୍ଦ୍ଧା ଅଫିସ,୧୭।୧୧:** ରେନ୍‌ବୋ କ୍ରିକେଟ କ୍ଲବ ପକ୍ଷରୁ ପତଣୀବର ସ୍କୁଲ ଖେଳପଡିଆରେ ଜିଲାସ୍ତରୀୟ ୨୫ତମ କ୍ରିକେଟ ଟୁର୍ନାମେଣ୍ଟ ଚାଲୁ ରହିଛି। ଏହାର ୨ୟ ଦିବସ ମ୍ୟାଚରେ ରାଇଜିଂ ଷ୍ଟାର କୁମାରବସ୍ତ ୧୫ ରନରେ କେସିସି ଖୋର୍ଦ୍ଧାକୁ ପରାସ୍ତ କରି ବିଜୟୀ ହୋଇଛି। ଟସ୍ ଜିତି କୁମାରବସ୍ତ ଦଳ ବ୍ୟାଟିଂ କରି ୨୦ ଓଭରରେ ୯ ଉଇକେଟ ହରାଇ ୩୧୪ ରନ କରିଥିଲା। ଜବାବରେ ଖୋର୍ଦ୍ଧାଦଳ ୨୦ ଓଭରରେ ୮ ଉଇକେଟ ହରାଇ ୨୯୯ ରନ କରି ପରାସ୍ତ ହୋଇଥିଲା। ବିଜୟୀ କୁମାରବସ୍ତ ଦଳର କାଳନ୍ଦି ମାନସିଂ ୩୬ ବଲରେ ୧୩୧ ରନ (୧୬ ଛକା, ୭ ଚୌକା) କରି ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ ହୋଇଥିଲେ। ପ୍ରଣବ ପାଇକେରା, ଦୁର୍ଯ୍ୟୋଧନ ସୁନ୍ଦରାୟ ଜ୍ୟୋତି ରଞ୍ଜନ ଭୁଜବଳ ଖେଳ ପରିଚାଳନା କରିଥିଲେ।

### କଂଗ୍ରେସର ମେରା ବୁଥ୍, ମେରା ଗୌରବ କାର୍ଯ୍ୟକ୍ରମ ଆରମ୍ଭ

**ପୁରୁଣା ଭୁବନେଶ୍ୱର, ୧୮।୧୧(ଡି.ଏନ.ଏ.):** ବିଏମ୍‌ସିର ୬୬ ନଂ. ୱାର୍ଡରେ ରବିବାର କଂଗ୍ରେସର ମେରା ବୁଥ, ମେରା ଗୌରବ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ୱାର୍ଡରେ ସୁନ୍ଦରପଦା କାଳିଆଶୁଣୀ ମନ୍ଦିର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ପିସିସିର ପୂର୍ବତନ ସାଧାରଣ ସମ୍ପାଦକ ରାମକୃଷ୍ଣ ପରିଡା ସଭାପତିତ୍ୱ କରିଥିଲେ। ଜିଲା କାର୍ଯ୍ୟକାରୀ ସଭାପତି ରଶ୍ମି ମହାପାତ୍ର ଦଳର ଆଭିମୁଖ୍ୟ, ଭୋଟର ଭଉଣୀଭାଇଙ୍କୁ ସଚେତନ କରାଇଥିଲେ। ଭୁବନେଶ୍ୱର ଜିଲା ସଭାପତି ମାନସ ଚୌଧୁରୀ, ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବିଶ୍ୱଜୟ ମହାପାତ୍ର ମୁଖ୍ୟବକ୍ତା ଭାବେ ମତ ରଖିଥିଲେ। ବୁଥ ସ୍ତରରେ କିଭଳି କଂଗ୍ରେସ ଲୋକଙ୍କ ଭଲ ମନ୍ଦ ସହ ଯୋଡିହେବ ସେ କହିଥିଲେ। ଏଥିରେ ବ୍ଲକ ସଭାପତି ମନୋରଞ୍ଜନ ବଟୁ, ରଣଜିତ୍ ପାତ୍ର, ବଳରାମ ନନ୍ଦ, ବିଜୟ ପ୍ରଧାନ, ରାଜେଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଖୋଜା ଚାଲିଛି ବିକଳ୍ପ ନେତୃତ୍ୱ

## ବିରୋଧୀ ଦଳ ଜିଣି ପାରୁନାହାନ୍ତି ଭୋଟରଙ୍କ ମନ

**ଖୋର୍ଦ୍ଧା ଅଫିସ,୧୮।୧୧**

ଖୋର୍ଦ୍ଧା ଜିଲାର ବିଭିନ୍ନ ନିର୍ବାଚନମଣ୍ଡଳୀରେ ଲୋକ ପ୍ରତିନିଧିଙ୍କର ବିକଳ୍ପ ଖୋଜୁଛନ୍ତି ଭୋଟର। ନିର୍ବାଚନମଣ୍ଡଳୀଗୁଡିକର ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ଉପରେ ବୀତସ୍ପୃହ ହୋଇ ଭୋଟରମାନେ କୁଆଡେ ନୂଆ ମୁହଁ ଓ ଦଳ ପ୍ରତି ଢ଼ଳିବାକୁ ଆରମ୍ଭ କରିଛନ୍ତି। ଅନ୍ୟପକ୍ଷେ ବିରୋଧୀ ଦଳ ଭୋଟରଙ୍କର ପସନ୍ଦ ଯୋଗ୍ୟ ହୋଇ ପାରୁନାହାନ୍ତି। ବିରୋଧୀ ନିଜ ଦଳ ନିଜ ମଧ୍ୟରେ ଗୋଷ୍ଠୀ କନ୍ଦଳକୁ ତୁଟାଇ ପାରୁନାହାନ୍ତି। କୌଣସି ନିର୍ଦ୍ଦିଷ୍ଟ ପ୍ରସଙ୍ଗକୁ ବିରୋଧୀ ଦଳର ନେତା ଓ କର୍ମୀମାନେ ଇସୁ୍ୟ କରି ଦୀର୍ଘଦିନ ଧରି ରଖି ପାରୁନାହାନ୍ତି। ଫଳରେ ଗତ ନିର୍ବାଚନରେ ଜିତିଥିବା ଲୋକ ପ୍ରତିନିଧିଙ୍କ ଉପରେ କୌଣସି ଫରକ ପଡୁନି। ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ୨୦୧୭ରେ ଶାସକ ଦଳର ଲୋକ ପ୍ରତିନିଧିଙ୍କ ବିରୋଧରେ ହାୱା ପ୍ରବାହିତ ହେଉଥିଲା। ହେଲେ ଏଥିରୁ କଂଗ୍ରେସ ହେଉ କି ଭାଜପା ଫାଇଦା ଉଠାଇ ପାରିଲେନି। ତୃଣମୂଳସ୍ତରରେ ସଙ୍ଗଠନ ଥିଲେ ମଧ୍ୟ ନେତୃତ୍ୱ ଅଭାବରୁ କଂଗ୍ରେସ ଫାଇଦା ନେଇ ପାରି ନ ଥିଲା। ଭାଜପାର ତୃଣମୂଳ ସ୍ତରରେ ସଙ୍ଗଠନ ନ ଥିଲେ ମଧ୍ୟ ଆଶାଠାରୁ ଦଳ ଅଧିକ ଭଲ କରିଥିଲା। ଜିଲା ପରିଷଦ ନିର୍ବାଚନରେ ୨୦ ଜଣ ବିଜେଡିର ଓ ୧୦ ଜଣ ଭାଜପାର ଜିଲା ପରିଷଦ ସଭ୍ୟ ବିଜୟୀ ହୋଇଥିଲେ। ଜିଲା ପରିଷଦରେ ଭାଜପା ବିରୋଧୀ ଦଳର ମାନ୍ୟତା ନେଇଥିଲେ ମଧ୍ୟ ଲୋକଙ୍କ ସମସ୍ୟା ଗୃହରେ ଠିକ୍ ଭାବେ ଉପସ୍ଥାପନ କରି ପାରୁ ନ ଥିବା ଅଭିଯୋଗ ଉଠିଛି। ତ୍ରିସ୍ତରୀୟ ନିର୍ବାଚନ ପରେ ଭାଜପା ଦଳ ତୃଣମୂଳ ସ୍ତରରେ ସଙ୍ଗଠନକୁ ଦୃଢୀଭୂତ କରି ପାରି ନ ଥିବା କୁହାଯାଉଛି। ୨୦୧୯ରେ ବିଧାନସଭା ସହ ଲୋକ ସଭା ନିର୍ବାଚନ ହେବ। ଭାଜପା କେବଳ ପ୍ରଧାନମନ୍ତ୍ରୀ ମୋଦିଙ୍କ ନାଁ ନେଇ ନିର୍ବାଚନରେ ବାଜି ମାରି ନେବ ବୋଲି ଚିନ୍ତା ରଖିଥିବା କେତେଜଣ ଭୋଟର ନାଁ ଗୋପନ ରଖି ପ୍ରକାଶ କରିଛନ୍ତି। ଭାଜପା ଦଳର ଗତିବିଧି ଉପରେ ଭୋଟର ନଜର ରଖିଛନ୍ତି। ଅନ୍ୟପକ୍ଷେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରେ କଂଗ୍ରେସର ଲୋକପ୍ରିୟତା ବଢ଼ିଛି। ଦଳ ପକ୍ଷରୁ ତୃଣମୂଳ ସଙ୍ଗଠନକୁ ପୂର୍ବଭଳି ମଜଭୁତ କରିବାକୁ ଚେଷ୍ଟା ଜାରି ରହିଛି। ହେଲେ ଏ ଯାବତ ଏହାର ସୁଫଳ ମିଳିନି।

### ଆନ୍ଦୋଳନ ସୂଚାଇଲା ଗୋଷ୍ଠୀ କନ୍ଦଳ

ସଭା ସମିତିରେ ଭାଜପା ନେତାମାନେ ଏକାଠି ହୋଇ କାମ କରୁ ନ ଥିବାରୁ ଏହାର ପ୍ରଭାବରେ ଦଳର କ୍ଷତି କରି ଚାଲିଛି। ନଭେମ୍ବର ୫ରେ ଭାଜପାର ଖୋର୍ଦ୍ଧା ବ୍ଲକ ଘେରାଉ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଞ୍ଚଳିକ ନେତାମାନଙ୍କୁ ଅଣଦେଖା କରାଯାଇଥିବା ଚର୍ଚ୍ଚା ହେଉଛି। ଘେରାଉ କାର୍ଯ୍ୟକ୍ରମରେ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀସ୍ତରୀୟ ପ୍ରଭାରୀ, ରାଜ୍ୟସ୍ତରୀୟ ନେତା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁ ଖଣ୍ଡାୟତରାୟ ଓ ରଶ୍ମି ମହାପାତ୍ର ଅନୁପସ୍ଥିତ ରହିବା ଚର୍ଚ୍ଚାକୁ ଖୋରାକ ଯୋଗାଇଥିଲା। ଗତ ୨ ତାରିଖରେ ଟାଙ୍ଗୀ ବ୍ଲକ ଘେରାଉରେ ଉପରୋକ୍ତ ନେତାମାନେ ଉପସ୍ଥିତ ଥିଲେ। ହେଲେ ଖୋର୍ଦ୍ଧା ବ୍ଲକ ଧରଣାରେ ଅନୁପସ୍ଥିତ ରହିବାର କାରଣ ଯାହା ହେଉନା କାହିଁକି ଦଳରେ ଗୋଷ୍ଠୀ କନ୍ଦଳ ପଦାରେ ପକାଇଛି। ଦଳ ପକ୍ଷରୁ ଯେତେ ସଫେଇ ଦେଲେ ବି ଦଳୀୟ ଫାଟକୁ ନେଇ ସବୁଠି ଚର୍ଚ୍ଚା। ଟାଙ୍ଗୀ ବ୍ଲକରେ ଯେପରି ହଜାରରୁ ଊର୍ଦ୍ଧ୍ୱ କର୍ମୀଙ୍କ ଭିଡ ହୋଇଥିଲା ଏଠାରେ ସେପରି ହୋଇ ନ ଥିଲା। ଖୋର୍ଦ୍ଧା ସହର ପରିକ୍ରମା ବେଳେ ଯେଉଁ ଭିଡ ଥିଲା ବ୍ଲକ ଘେରାଉ ସମୟରେ କମି ଯାଇଥିଲା। ଏ ନେଇ ଭାଜପାର କୃଷକ ମୋର୍ଚ୍ଚାର ରାଜ୍ୟ ସମ୍ପାଦକ ଶ୍ରୀରଞ୍ଜନ ମଙ୍ଗରାଜ କୁହନ୍ତି, ଖୋର୍ଦ୍ଧାରେ ନଭେମ୍ବର ୮ରେ ଘେରାଉ ହେବାର ରହିଥିଲା। ତେବେ ୫ ତାରିଖ ଘେରାଉ ସମ୍ପର୍କରେ ଜାଣି ନ ଥିବାରୁ ଅନୁପସ୍ଥିତ ଥିଲି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିକୁଞ୍ଜ ପଟ୍ଟନାୟକ କୁହନ୍ତି, ଦଳରେ ଫାଟ କି ଗୋଷ୍ଠୀ କନ୍ଦଳ ନାହିଁ। ନଭେମ୍ବର ୩ରେ ହେବାକୁ ଥିବା ବ୍ଲକ ଘେରାଉ କାର୍ଯ୍ୟକ୍ରମ ଅସୁବିଧା ହେତୁ ନଭେମ୍ବର ୫ରେ ହୋଇଥିଲା। ଏହି ଘେରାଉ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଯାଇଛି। ହେଲେ କେତେଜଣ ନେତା ଆସି ପାରି ନ ଥିଲେ। ଏହାର କାରଣ ଜଣାପଡିନି। ତେବେ ଚାଷୀ ଆନ୍ଦୋଳନ ଯୋଗୁ ରାଜ୍ୟସ୍ତରୀୟ ନେତା ଆସିପାରିଲେ ନାହିଁ ବୋଲି ସେ କହିଛନ୍ତି।



ଅତିଥିମାନେ ଅନ୍ୱେଷାଙ୍କୁ ପୁରସ୍କୃତ କରୁଛନ୍ତି।

## ବେଗୁନିଆର ଗୌରବ ୫ମ ଶ୍ରେଣୀ ଛାତ୍ରୀ ଅନ୍ୱେଷା
# ସୁରଭି ବକ୍ତୃତାରେ ରାଜ୍ୟରେ ପ୍ରଥମ

**ବେଗୁନିଆ,୧୮।୧୧ (ଡି.ଏନ.ଏ.)**

ବ୍ଲକ ଅଞ୍ଚଳର ଛାତ୍ରୀ ଅନ୍ୱେଷା ତ୍ରିପାଠୀ ବେଗୁନିଆ ପାଇଁ ଗୌରବ ଆଣିଛନ୍ତି। ସେ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୧୮ କାର୍ଯ୍ୟକ୍ରମର ବକ୍ତୃତା ପ୍ରତିଯୋଗିତାରେ କନିଷ୍ଠ ବିଭାଗରୁ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ଏ ନେଇ ଶିକ୍ଷା ବିଭାଗରେ ଖୁସିର ବାତାବରଣ ଦେଖାଦେଇଛି। ଏଥିସହ କୃତିତ୍ୱ ଅର୍ଜନ କରିଥିବା ଅନ୍ୱେଷାଙ୍କୁ ଜିଲା, ବ୍ଲକ ଶିକ୍ଷା ବିଭାଗଠୁ ଆରମ୍ଭ କରି ଅଭିଭାବକ, ଛାତ୍ରୀଛାତ୍ରମାନଙ୍କ ମହଲରୁ ଅଭିନନ୍ଦନ ଓ ସମ୍ବର୍ଦ୍ଧନାର ସୁଅ ଛୁଟିଛି। ତେବେ ଅନ୍ୱେଷା କୁହନ୍ତି, ଉଦ୍ୟମ ଜାରି ରହିଲେ ଭବିଷ୍ୟତରେ ସଫଳତା ନିଶ୍ଚିତ। ପ୍ରଥମେ ମୁଁ ସ୍କୁଲରେ ବକ୍ତୃତା ବିଭାଗରେ ପ୍ରଥମ ସ୍ଥାନ ହାସଲ କରିଥିଲି, ଯାହାକି ମୋତେ ପ୍ରେରଣା ଯୋଗାଇଥିଲା। ପରେ କ୍ଲଷ୍ଟର, ବ୍ଲକ, ଜିଲା ସ୍ତରରୁ ପ୍ରଥମ ସ୍ଥାନ ହାସଲ କରି ଆଜି ମୁଁ ରାଜ୍ୟରେ ପ୍ରଥମ ହୋଇପାରିଛି। ତେବେ ମୋର ସମସ୍ତ ସହପାଠୀ, ଛୋଟ, ବଡ ଭାଇ ଓ ଭଉଣୀମାନଙ୍କୁ ଶିକ୍ଷା ସହ ବିଭିନ୍ନ ପ୍ରତିଯୋଗିତାରେ ଉଦ୍ୟମ ଜାରି ରଖିବା ପାଇଁ ନିବେଦନ କରୁଛି। ସୂଚନାଥାଉ କି ବାପା ବିବେକାନନ୍ଦ ଓ ମାଆ ସସ୍ମିତାଙ୍କର ଝିଅ ଅନ୍ୱେଷା ସ୍ଥାନୀୟ ଗୁଡୁମ ଗ୍ରାମ ସ୍ଥିତ ଗଜପତି ବୀରକିଶୋର ଦେବ ସରକାରୀ ଉଚ୍ଚ ବିଦ୍ୟାଳୟରେ ୫ମ ଶ୍ରେଣୀରେ ପାଠ ପଢୁଛନ୍ତି।



ଲୋକ ଉତ୍ସବ ୫ମ ସନ୍ଧ୍ୟାରେ କଳାକାରଙ୍କ ଦ୍ୱାରା ପରିବେଷିତ ଛଉନୃତ୍ୟ।

## ଖୋର୍ଦ୍ଧା ଜିଲା ଲୋକ ଉତ୍ସବ ୫ମ ସନ୍ଧ୍ୟା
# ପୁରୁଲିଆ ଛଉନୃତ୍ୟ ଦର୍ଶକଙ୍କୁ ବିମୁଗ୍ଧ କଲା

**ଖୋର୍ଦ୍ଧା ଅଫିସ,୧୮।୧୧**

ଆଶ୍ୱାସନା ପକ୍ଷରୁ ଖୋର୍ଦ୍ଧା ସହରର ଗୁରୁଜଙ୍ଗ ପଡିଆରେ ଚାଲିଛି ଖୋର୍ଦ୍ଧା ଜିଲା ଲୋକ ଉତ୍ସବ। ଏହାର ୫ମ ସନ୍ଧ୍ୟାରେ କେବଳ ସାଂସ୍କୃତିକ କାର୍ଯ୍ୟକ୍ରମର ଆସର ଲାଗି ରହିଥିଲା। କଳିଙ୍ଗ କ୍ରିଏଶନ ପାଇକ ଆଖଡା ଖୋର୍ଦ୍ଧା ପକ୍ଷରୁ ପାଇକ ଆଖଡାରେ ସାମରିକ କଳା ପ୍ରଦର୍ଶିତ ହୋଇଥିଲା। ତ୍ରମ୍ବକ କ୍ଲବ ଛଉ ଡ୍ୟାନ୍ସ ପକ୍ଷରୁ ପୁରୁଲିଆ ଛଉ ନୃତ୍ୟ ଦର୍ଶକଙ୍କୁ ବିମୁଗ୍ଧ କରିଥିଲା। ନୃତ୍ୟରେ ମହିଷମର୍ଦ୍ଦିନୀ ବେଶ ଆକର୍ଷଣୀୟ ଥିଲା। ଦୟାଲ ଡ୍ୟାନ୍ସ ଏକାଡେମୀ ଭୁବନେଶ୍ୱର ପକ୍ଷରୁ ଲୋକନୃତ୍ୟ ମଧ୍ୟ ଦର୍ଶକଙ୍କ ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଥିଲା। ତେବେ ପ୍ରିନ୍‌ସେସ ଡ୍ୟାନ୍ସ ଗ୍ରୁପ ବୋଲଗଡର ସୃଜନଶୀଳ ନୃତ୍ୟ ଦର୍ଶକଙ୍କୁ ମଞ୍ଚ ନିକଟରେ ବାନ୍ଧି ରଖିଥିଲା।

## ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ ଦାବି

**ଟାଙ୍ଗୀ(ଖୋର୍ଦ୍ଧା), ୧୮।୧୧(ଡି.ଏନ.ଏ.)**

ଚିଲିକା ଉପକୂଳସ୍ଥ କଳକଳେଶ୍ୱର ପଞ୍ଚାୟତରେ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ କରିବାକୁ ପଞ୍ଚୟତବାସୀ ଦାବି କରିଛନ୍ତି। ଏହି ପଞ୍ଚାୟତର ଉଆସପଦର, ପଞ୍ଚୁପାଟିଆ, ରଘୁନାଥପୁର, ଖଡ଼ିପଦର, ରାଜେନ୍ଦ୍ରପୁର, ବାଲିନାସୀ ଓ ତାରିମି ଇତ୍ୟାଦି ଗ୍ରାମଗୁଡ଼ିକରେ ବର୍ଷାଦିନେ ବନ୍ୟା ଓ ଜଳାର୍ଣ୍ଣବ ସମସ୍ୟା ସୃଷ୍ଟି ହୋଇଯାଏ। ବାତ୍ୟା ସମୟରେ ସାଧାରଣ ଲୋକଙ୍କ ପାଇଁ ବାସଗୃହରେ ରହିବା ଆଦୌ ସମ୍ଭବ ହୋଇ ନ ଥାଏ। ତେଣୁ ଏଠାରେ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ କରାଯିବା ଅତ୍ୟନ୍ତ ଜରୁରୀ ହୋଇପଡିଛି। ତୁରନ୍ତ ଏହା ନିର୍ମାଣ କରିବାକୁ ଜରିପଡ଼ା ସେବା ସମବାୟ ସମିତିର ପୂର୍ବତନ ସଭାପତି ତଥା ୫ ନଂ ଜିଲା ପରିଷଦ ଜୋନ୍‌ର ବିଜେଡି ଆବାହକ ଅର୍ଜୁନ ବିଶ୍ୱାଳ ଓ ଗ୍ରାମବାସୀ ଦାବି କରିଛନ୍ତି।

# ବିଦେଶରୁ ଫେରିଲା ଓଡ଼ିଆ ଶ୍ରମିକଙ୍କ ମୃତଦେହ

**ଖୋର୍ଦ୍ଧା ଅଫିସ,୧୮।୧୧**

ମୃତ୍ୟୁର ଏକ ମାସ ପରେ ସୌଦି ଆରବରୁ ଜଣେ ଓଡ଼ିଆ ଶ୍ରମିକଙ୍କ ମୃତଦେହ ରବିବାର ଗାଁରେ ପହଞ୍ଚିଛି। ଗ୍ରାମରେ ମୃତଦେହ ପହଞ୍ଚିବା ପରେ ଶୋକର ବାତାବରଣ ସୃଷ୍ଟି ହୋଇଥିଲା। ରବିବାର ପୁରୀ ସ୍ୱର୍ଗଦ୍ୱାରରେ ନରେନ୍ଦ୍ର ପଲେଇଙ୍କ ସଂସ୍କାର କରାଯାଇଛି। ସ୍ୱାମୀଙ୍କ ଦୁର୍ଘଟଣାଜନିତ ମୃତ୍ୟୁର କ୍ଷତିପୂରଣ ଓ ବକେୟା ପ୍ରାପ୍ୟ ପାଇଁ ସ୍ତ୍ରୀ ଜନପ୍ରତିନିଧିଙ୍କ ସମେତ ପ୍ରଶାସନିକ ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି। ବାଣପୁର ବ୍ଲକ ଆୟତପୁର ପଞ୍ଚାୟତ ଗୋପୀନାଥ ପ୍ରସାଦ ଗ୍ରାମର ନରେନ୍ଦ୍ର ପ୍ରାୟ ୮ ବର୍ଷ ତଳେ ସୌଦି ଆରବକୁ ଯାଇ ଏକ କମ୍ପାନୀରେ ପାଇପ ମିସ୍ତ୍ରି ଭାବେ କାମ କରୁଥିଲେ। ଜୁନ ମାସରେ ନରେନ୍ଦ୍ର ଗ୍ରାମକୁ ଫେରି ପୁଣି ଅଗଷ୍ଟରେ ସୌଦି ଆରବର ଏଟିସି କମ୍ପାନୀରେ ଯୋଗ ଦେଇଥିଲେ। ଅକ୍ଟୋବର ୨୧ ସନ୍ଧ୍ୟାରେ ନରେନ୍ଦ୍ର କାମ ସାରି ଭଡ଼ାଘରକୁ ଚାଲି ଚାଲି ଫେରୁଥିବା ବେଳେ ଏକ ଗାଡି ତାଙ୍କୁ ଧକ୍କା ଦେବାରୁ ତାଙ୍କର ମୃତ୍ୟୁ ହୋଇଥିଲା। କମ୍ପାନୀରେ କାର୍ଯ୍ୟରତ ଅନ୍ୟ ଓଡ଼ିଆ ଶ୍ରମିକ ନରେନ୍ଦ୍ରଙ୍କ ସ୍ତ୍ରୀ ହରଷଙ୍କୁ ଖବର ଦେଇଥିଲେ। ଶାଶୁ ଶ୍ୱଶୁର ଓ ଶିଶୁପୁତ୍ରକୁ ଛାଡି ସୌଦି ଆରବ ଯାଇ ସ୍ୱାମୀଙ୍କ ମୃତଦେହ ଆଣିବା ହରଷଙ୍କ ପକ୍ଷେ ସମ୍ଭବ ହୋଇ ନ ଥିଲା। ଫଳରେ ସେ ମୁଖ୍ୟମନ୍ତ୍ରୀ, ପ୍ରଶାସନିକ ଅଧିକାରୀ ଓ ଜନପ୍ରତିନିଧିଙ୍କୁ ନିବେଦନ କରିଥିଲେ। ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା ଏ ସମ୍ପର୍କରେ ଗଣମାଧ୍ୟମରୁ ଅବଗତ ହେବା ପରେ ମୃତ ନରେନ୍ଦ୍ରଙ୍କ ପରିବାର ସହ ଯୋଗାଯୋଗ କରି ସୌଦି ଆରବସ୍ଥିତ ଭାରତହାଇକମିଶନରଅହମ୍ମଦଜାଭେଦଙ୍କୁ ସହାୟତା କରିବା ପାଇଁ ପତ୍ର ମାଧ୍ୟମରେ ଅନୁରୋଧ କରିଥିଲେ। ଜାଭେଦଙ୍କ ହସ୍ତକ୍ଷେପ ପରେ ଶନିବାର କମ୍ପାନୀ କର୍ତ୍ତୃପକ୍ଷ ବିମାନରେ ମୃତଦେହ ସୌଦି ଆରବରୁ ଭୁବନେଶ୍ୱର ପଠାଇଥିଲେ।

# ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ପିଜି ପାଠ୍ୟକ୍ରମ ପ୍ରବେଶ ଉତ୍ସବ



ପିଜି ପାଠ୍ୟକ୍ରମ ପ୍ରବେଶ ଉତ୍ସବରେ ୪ ବିଭାଗର ଛାତ୍ରୀଛାତ୍ର ଓ ଅନ୍ୟମାନେ।

**ଖୋର୍ଦ୍ଧା ଅଫିସ,୧୮।୧୧**

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ପିଜି ପାଠ୍ୟକ୍ରମ ଉଦ୍‌ଘାଟନ ଉତ୍ସବ ପ୍ରାଣନାଥ କଲେଜ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଇତିହାସ, ରାଜନୀତିବିଜ୍ଞାନ, ଓଡ଼ିଆ, ଇଂଲିଶ ବିଷୟରେ ଆଡମିଶନ କରିଥିବା ୪୦ରୁ ଊର୍ଦ୍ଧ୍ୱ ଛାତୀଛାତ୍ରଙ୍କୁ ସ୍ୱାଗତ କରିବାକୁ ବ୍ୟବସ୍ଥା ହୋଇଥିଲା। ଏଥିରେ କଲେଜର ପୂର୍ବତନ ଅଧ୍ୟକ୍ଷା ଡ. ମମତା ଦେ, ପ୍ରଫେସର ସ୍ୱୟଂପ୍ରଭା ପଟ୍ଟନାୟକ, ଅଶୋକ ପଟ୍ଟନାୟକ, ବରିଷ୍ଠ ପ୍ରଯୋଜକ ସମରେନ୍ଦ୍ର ବଳିଆରସିଂହ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ମୁକ୍ତ ବିଶ୍ୱବିଦ୍ୟାଳୟର ଉପାଦେୟତା ଉପରେ ଟିପ୍ପଣୀ ଦେଇଥିଲେ। ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ପିଏନ କଲେଜ ଶାଖାର ସଂଯୋଜକ ପ୍ରଫେସର ମନୋଜ ରାଉତ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଅଧ୍ୟାପକ ଉମାକାନ୍ତ ମାର୍ଥା ପାଠ୍ୟକ୍ରମ ସମ୍ବନ୍ଧୀୟ ସୂଚନା ପ୍ରଦାନ କରିଥିଲେ।

# ବିଜେଡିର ଜୋନ୍‌ସ୍ତରୀୟ ସାଙ୍ଗଠନିକ ବୈଠକ

**ଟାଙ୍ଗୀ (ଖୋର୍ଦ୍ଧା) ୧୮।୧୧ (ଡି.ଏନ.ଏ.)**



ସାଙ୍ଗଠନିକ ବୈଠକରେ ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର କୁମାର ସାହୁ ଓ ଅନ୍ୟମାନେ।

ବିଜେଡି ପକ୍ଷରୁ ୧୧ ନଂ ଜିଲା ପରିଷଦ ଜୋନ୍‌ର ସାଙ୍ଗଠନିକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସଭ୍ୟ ସ୍ୱଦେଶ ରାଉତରାୟଙ୍କ ଆବାହକତ୍ୱ ଓ ବ୍ଲକ୍ ସଭାପତି ସୁରେନ୍ଦ୍ର କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ମା'ଉଗ୍ରତାରା ଠାକୁରାଣୀଙ୍କ ପୀଠରେ ଆୟୋଜିତ ସଭାରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର କୁମାର ସାହୁ, ଜିଲା ସମ୍ପାଦକ ରଘୁନାଥ ସାହୁ, ବ୍ଲକ୍ ଅଧ୍ୟକ୍ଷ ବିଜୟ କୁମାର ଜେନା, ବ୍ଲକ ସଭାପତି ନୀଳକଣ୍ଠ ବେହେରା, ପଞ୍ଚାୟତ ସଭାପତି ସୁରେନ୍ଦ୍ର ଦାସ, ସମିତି ସଭ୍ୟ ସାନ୍ତନୁ ପ୍ରଧାନ, ସରପଞ୍ଚ ପ୍ରତିନିଧି ଅଶୋକ ମହାପାତ୍ର, ମଙ୍ଗଳାଯୋଡି ସରପଞ୍ଚ ପ୍ରତିନିଧି ନିରଞ୍ଜନ ବେହେରା, ସୁନ୍ଦରପୁର ସରପଞ୍ଚଙ୍କ ପ୍ରତିନିଧି ବିଜୟ ପ୍ରଧାନ, ସରପଞ୍ଚ ଗୋବିନ୍ଦ ରାଉତରାୟ, ସରପଞ୍ଚ ସୁରେନ୍ଦ୍ର ବେହେରା, ବିଧାୟକ ପ୍ରତିନିଧି ପବିତ୍ର ପାଇକରାୟ ଓ ରବୀନ୍ଦ୍ର ସାମନ୍ତରାୟ ପ୍ରମୁଖ ବୈଠକରେ ଯୋଗଦେଇଥିଲେ। ଶ୍ରୀ ରାଉତରାୟ ଧନ୍ୟବାଦ ଦେଇଥିଲେ।

## ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ
# ଜୟଦୁର୍ଗା କ୍ଲବ ଚାମ୍ପିୟନ

**ଜଟଣୀ,୧୮।୧୧(ଡି.ଏନ.ଏ)**

ଜଟଣୀ କୁଦିଆରୀ ଖେଳପଡ଼ିଆରେ ଚାଲିଥିବା ପ୍ରଭାକର ମହାପାତ୍ର ମେମୋରିଆଲ୍ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ୍ ଖେଳରେ ସ୍ଥାନୀୟ ଅରୁଗୁଳ ମା' ବାଉତି ଗୋଲ୍‌ଡେନ୍ କ୍ଲବକୁ ୩-୧ ଗୋଲ୍ ବ୍ୟବଧାନରେ ପରାସ୍ତ କରି ଖୋର୍ଦ୍ଧାର ଜୟଦୁର୍ଗା କ୍ଲବ ଚାମ୍ପିୟନ୍ ହୋଇଛି। ଶ୍ରେଷ୍ଠ ଖେଳାଳି ଭାବେ ଜୟଦୁର୍ଗା କ୍ଲବର ସପନି ଦାସ, ଦେବାଶିଷ ସ୍ୱାଇଁ ଓ ବାଉତି କ୍ଲବର ବେଣୁଧର ମଙ୍ଗରାଜଙ୍କୁ ପୁରସ୍କୃତ କରାଯାଇଥିଲା। ରାମଚନ୍ଦ୍ର ମିଶ୍ର ରେଫ୍‌ରୀ ରହିଥିବାବେଳେ ପ୍ରଫୁଲ୍ଲ ବେହେରା ଓ ଏ.କେ. ସ୍ୱାଇଁ ଲାଇନ୍‌ରେ ସହାୟତା କରିଥିଲେ। ଫାଇନାଲ ଖେଳରେ ଜିଲା ଯୋଜନା ବୋର୍ଡ ସଦସ୍ୟ ଅଧ୍ୟାପକ ବିଜୟ ପଣ୍ଡା, ପୂର୍ବତନ କାଉନସିଲର ଶଶାଙ୍କ ରାୟ, ପୂର୍ବତନ ଫୁଟବଲ ଖେଳାଳି ସତ୍ୟନାରାୟଣ ରାମ, ସଞ୍ଜୟ କର, ଅରବିନ୍ଦ ମହାପାତ୍ର ଅତିଥି ଭାବେ ଯୋଗଦେଇ ଚାମ୍ପିୟନ୍ ଓ ରନର୍ସ ଟ୍ରଫି ପ୍ରଦାନ କରିଥିଲେ। ଆୟୋଜକ କୁଦିଆରୀ ସ୍ପୋର୍ଟ ଆସୋସିଏଶନ୍‌ର ପ୍ରଦୀପ ସୁନ୍ଦରାୟ, ସୁକାନ୍ତ ସାହୁ, ନରେନ୍ଦ୍ର ପ୍ରଧାନ, ମାନସ ମହାପାତ୍ର, ସୁଜିତ ବାରିକ ଓ ଅନ୍ୟ ସଦସ୍ୟମାନଙ୍କ ଦ୍ୱାରା ଟୁର୍ନାମେଣ୍ଟ ପରିଚାଳିତ ହୋଇଥିଲା।



ଟ୍ରଫି ସହ ବିଜୟୀ ଦଳର ସଦସ୍ୟ।

# ବିଭିନ୍ନ ଲୁଟ୍ ଘଟଣାରେ ୫ ଅଭିଯୁକ୍ତ ଗିରଫ

**ଜଟଣୀ,୧୮।୧୧(ଡି.ଏନ.ଏ)**





ଗିରଫ ଅଭିଯୁକ୍ତ ଓ ଜବତ ସାମଗ୍ରୀ।

ଡକାୟତି ଓ ଲୁଟ୍ ଘଟଣାରେ ଜଟଣୀ ଥାନା ପୋଲିସ ୫ ଜଣଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଜଟଣୀ ବାଲିଛକ ମୁଣ୍ଡିଆ ସାହିର ସେକ୍ ଆଜିମୁଦ୍ଦିନ, ଗଜପତିନଗରର ରେହେମଦ୍ ସରିଫ୍ ଓରଫ କାଦିର, ଅବଦୁଲ ୱାସିମ୍ ଖାନ୍, ଟାଙ୍ଗୀ ଥାନା ଦୀକ୍ଷିତପଡ଼ାର ଶେକ୍ ଫାରୁକ୍ ଓରଫ ମୁନୁ ଓ ଶେକ୍ ଅନ୍‌ସର ଓରଫ କୁନା। ସେମାନଙ୍କଠାରୁ ୨୨, ୭୧୫ ଟଙ୍କା, ଟାବଲୟେଡ୍, ଭୁଜାଲି, କଟୁରି, ଖେଳନା ବନ୍ଧୁକ, ଦୁଇଟି ବାଇକ୍ ଜବତ କରାଯାଇଛି। ଗତ ୧୬ ତାରିଖରେ ଭାରତ ଫାଇନାନ୍ସ ସଂସ୍ଥାର କର୍ମଚାରୀ ବିକାଶ ମହାପାତ୍ରଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରି ସ୍ଥାନୀୟ ଗଜପତିନଗର ଅଞ୍ଚଳରୁ ୯୭ ହଜାର ଟଙ୍କା ଲୁଟି ନେଇଥିଲେ। ସେହିପରି ସେପ୍ଟେମ୍ବର ୧୧ରେ ଘରୋଇ ବନ୍ଧନ ବ୍ୟାଙ୍କ କର୍ମଚାରୀ ବିପ୍ଳବ ଦାସଙ୍କୁ ବନ୍ଧୁକ ଦେଖାଇ ସ୍ଥାନୀୟ ବାଲିଛକସାହି ରାସ୍ତାରେ ୧ ଲକ୍ଷ ୪୧ ହଜାର ୮୩୦ ଟଙ୍କା ଓ ଭାରତ ଫାଇନାନ୍‌ସିଆଲ୍ ନାମକ ସଂସ୍ଥାର କର୍ମଚାରୀ ମାନସ ସାହୁ ଓ ଅଜୟ କୁମାର ସାମଲଙ୍କୁ ଆକ୍ରମଣ କରି ମେ ୨୪ ରେ ବଡ଼ତୋଟା ଗ୍ରାମ ନିକଟ ରାସ୍ତା ଉପରୁ ଦେଢ ଲକ୍ଷ ଟଙ୍କା ଲୁଟ୍ ଘଟଣାରେ ଉପରୋକ୍ତ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏହାଛଡ଼ା ଏହି ଅଭିଯୁକ୍ତମାନଙ୍କ ବିରୋଧରେ ଅନ୍ୟ ଥାନାରେ ବହୁ ଆପରାଧିକ ମାମଲା ରହିଛି। ଗିରଫ ଦୀକ୍ଷିତପଡ଼ାର ସେକ୍ ଅନସରଙ୍କ ନାମରେ ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନାରେ ବହୁ ଆପରାଧିକ ମାମଲା ରହିଥିବା ଜଟଣୀ ଥାନା ଇନ୍‌ସପେକ୍ଟର ବିଶ୍ୱରଞ୍ଜନ ସାହୁ କହିଛନ୍ତି। ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଏମାନଙ୍କୁ ଗିରଫ କରାଯାଇଥିବା ସେ ସୂଚନା ଦେଇଛନ୍ତି। ଜଟଣୀ ଥାନା ଅଞ୍ଚଳରେ କିଛି ମାସ ହେବ ଧାରାବାହିକ ଭାବେ ଲୁଟ୍ ହେଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପୋଲିସର ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡି କରିବାକୁ ସାଧାରଣରେ ଦାବି ହେଉଛି।



ଯେଉଁ ଲୋକ ନିଜର ସନ୍ତାନମାନଙ୍କୁ ଶ୍ରମର ମର୍ଯ୍ୟାଦା ଶିଖାଇ ପରିଶ୍ରମୀ ଓ ସଚେତନ କରାଇ ଦେଇଛି, ସନ୍ତାନମାନଙ୍କ ପାଇଁ ସମ୍ପତ୍ତି ରଖିବାର ଆବଶ୍ୟକତା ନାହିଁ।

-ହ୍ୱାଇଟ୍‌ଲେ ଷ୍ଟ୍ରାଇବର୍



## ସଂକ୍ଷେପରେ

### କର୍ମକର୍ତ୍ତା ନିର୍ବାଚନ

**ଖୋର୍ଦ୍ଧା ଅଫିସ,୧୮।୧୧:** ବାଣପୁର ଅଞ୍ଚଳର ଚିଲିକା ସାହିତ୍ୟ ସମାଜର ନୂତନ କର୍ମକର୍ତ୍ତା ନିର୍ବାଚନ ସ୍ଥାନୀୟ ଲକ୍ଷ୍ମୀମନ୍ଦିର ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଗାଳ୍ପିକ ଶିବ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଉପଦେଷ୍ଟା ଭାବେ ଓମ୍ ପ୍ରକାଶ ଅଗ୍ରୱାଲ, ଭିକାରୀ ଚରଣ ପ୍ରଧାନ, ମିନତି ମହାପାତ୍ର, ସଭାପତି ଭାବେ ବାଳମୁକୁନ୍ଦ ଦାସ ନିର୍ବାଚିତ ହୋଇଛନ୍ତି। ସେହିଭଳି ଉପସଭାପତି ପ୍ରିୟଦର୍ଶିନୀ ମହାରଣା, ସମ୍ପାଦକ ଲକ୍ଷ୍ମୀଧର ସୁବୁଦ୍ଧି, ସହସମ୍ପାଦକ ରମେଶ ମହାପାତ୍ର ପ୍ରମୁଖ ଅନୁରୂପ ଭାବେ ନିର୍ବାଚିତ ହୋଇଛନ୍ତି ।

### ଗାୟତ୍ରୀ ମହାଯଜ୍ଞ

**ଖୋର୍ଦ୍ଧା ଅଫିସ,୧୮।୧୧:** ଖୋର୍ଦ୍ଧା ସହରର ବିଡିଏ କଲୋନୀସ୍ଥିତ ଗାୟତ୍ରୀ ଶକ୍ତିପୀଠରେ ୨୫ତମ ପଞ୍ଚ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରବଚକ ଅଭିରାମ ଖଟୁଆ, ଜୟନ୍ତ କୁମାର ମିଶ୍ର, ବିଜୟ କୁମାର ମିଶ୍ର, ପ୍ରହ୍ଲାଦ ବାରିକ ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ପ୍ରବଚନ ଦେଇ ସମାଜକୁ ସୁସଂସ୍କୃତ କରିବା ଏବଂ ଉଚିତ୍ ମାର୍ଗରେ ନେବାକୁ ଯଜ୍ଞ ଓ ବେଦପାଠ ଉପରେ ଗୁରୁତ୍ୱାରୋପ କରିଥିଲେ। ଆମେ ବଦଳିଲେ ଯୁଗ ବଦଳିବ ସ୍ଲୋଗାନରେ ସମସ୍ତେ ଅଭିମନ୍ତ୍ରିତ ହେବା ପାଇଁ ସମସ୍ତେ ଶପଥ ନେଇଥିଲେ।

### ମାର୍କେଟ କମ୍ପ୍ଲେକ୍ସ ଉଦ୍‌ଘାଟିତ

କୃଷ୍ଣପ୍ରସାଦ,୧୮।୧୧(ଡି.ଏନ.ଏ.)-ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ୍ ଅଧୀନ ବଡଅଁଳ ଗ୍ରାମପଞ୍ଚାୟତର ନୂତନ ମାର୍କେଟ କମ୍ପ୍ଲେକ୍ସ ରବିବାର ଉଦଘାଟିତ ହୋଇଯାଇଛି । ଏହାକୁ ସରପଞ୍ଚ ଶାନ୍ତିଲତା ପ୍ରଧାନ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ବସନ୍ତ କୁମାର ପଣ୍ଡା ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

### ଦରିଦ୍ର ନାରାୟଣ ସେବା ଅନୁଷ୍ଠାନର ବାର୍ଷିକ ଉତ୍ସବ

ଜଟଣୀ,୧୮।୧୧(ଡି.ଏନ.ଏ): ଜଟଣୀ ବ୍ଲକ ଅନ୍ତର୍ଗତ ଗଙ୍ଗପଡ଼ା ଭାତକୁରୀ ଗ୍ରାମରେ ରାଧାକୃଷ୍ଣ ସୋସିଓ ଦରିଦ୍ର ନାରାୟଣ ସେବା ଅନୁଷ୍ଠାନର ୨୮ତମ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲାର ବିଭିନ୍ନ ଅଞ୍ଚଳର ବହୁ ଭିନ୍ନକ୍ଷମଙ୍କୁ ଔଷଧ, ଲୁଗା ଓ କମ୍ବଳ ବଣ୍ଟନ କରାଯାଇଥିଲା। ଅନୁଷ୍ଠାନର ସଭାପତି ତଥା ଖବରଦାତା ଜୀମୂତ ମଙ୍ଗରାଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ ଅତିଥି ଭାବେ ଯୋଗଦେଇ ୨୮ ବର୍ଷ ଧରି ଅନୁଷ୍ଠାନ ପକ୍ଷରୁ ଯେଉଁଭଳି ଭାବେ ଦୁଃଖୀରକିଙ୍କୁ ସେବା ଯୋଗାଇ ଆସୁଛନ୍ତି ତାକୁ ପ୍ରଶଂସା କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ସମ୍ପାଦକ ଲଲାଟ କିଶୋର ପୃଷ୍ଟି, ରେଡକ୍ରସର ସୁଶୀଲ ପଟ୍ଟନାୟକ, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ଡିଜିଏମ୍ ସନ୍ତୋଷ ରଥ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ।

### ରୋଟାରୀ କ୍ଲବ ପକ୍ଷରୁ ମାଗଣା ଚକ୍ଷୁ ଚିକିତ୍ସା ଶିବିର



**ବାଲୁଗାଁ,୧୮।୧୧(ଡ଼ି.ଏନ.ଏ.):** ଚିଲିକା-ବାଲୁଗାଁ ରୋଟାରୀ କ୍ଲବ ପକ୍ଷରୁ ରବିବାର ବାଲୁଗାଁସ୍ଥିତ ଲିଟିଲ ୱାର୍ଲ୍ଡ ଇଂଲିଶ ମାଧମ ବିଦ୍ୟାଳୟଠାରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଆସିଷ୍ଟାଣ୍ଟ ଗଭର୍ନର ତାପସ କୁମାର ପାଣିଗ୍ରାହୀ ଏହାକୁ ଉଦ୍‌ଘାଟନ କରିଥିଲେ। ବ୍ରହ୍ମପୁରସ୍ଥିତ ଇକୋସ୍ ଚକ୍ଷୁ ଚିକିତ୍ସାଳୟର ଡା. ସୌମ୍ୟରଞ୍ଜନ ରାଉତ ଓ ତାଙ୍କ ସହକର୍ମୀଙ୍କ ସହଯୋଗରେ ବାଲୁଗାଁ-ବାଣପୁର ଅଞ୍ଚଳର ୫୯ଜଣ ଚକ୍ଷୁ ରୋଗୀଙ୍କୁ ଚିକିତ୍ସା କରାଯାଇଥିଲା। ୮ଜଣଙ୍କ ମୋତିଆ ବିନ୍ଦୁ ଚିହ୍ନଟ କରାଯାଇ ଅସ୍ତ୍ରୋପଚାର ନିମନ୍ତେ ଇକୋସ୍ ଚକ୍ଷୁ ଚିକିତ୍ସାଳୟକୁ ପଠାଯାଇଥିଲା। ରୋଟାରୀ କ୍ଲବ୍ ସଭାପତି ସତ୍ୟେନ୍ଦ୍ର କୁମାର ସ୍ୱାଇଁ, ସମ୍ପାଦିକା ନମିତା ଝା, ରୋଟାରିଆନ୍ ଜାନକୀ ବଲ୍ଲଭ ପଟ୍ଟନାୟକ, ନିରଜ ଝା, ଯଦୁମଣୀ ତରାଇ, ବିଦ୍ୟାଧର ପାଟ୍ଟଯୋଶୀ ପ୍ରମୁଖ ଶିବିର ପରିଚାଳନା କରିଥିଲା ବେଳେ ଚିଲିକା ପ୍ରେସ୍ କ୍ଲବ ସଭାପତି ପ୍ରକାଶ କୁମାର ପ୍ରଧାନ ସହଯୋଗ କରିଥିଲେ।

■ ସର୍ଭେ ପରେ ପ୍ରତାରଣା

# ଗୃହ ନିର୍ମାଣ ପାଇଁ ମିଳୁନି ଅନୁଦାନ

■ ଭଙ୍ଗା ଘରେ ରହୁଛନ୍ତି ବୃଦ୍ଧ ଦମ୍ପତି

■ ଗରିବଙ୍କ ପାଇଁ ଯୋଜନା ଉପହାସ

**ଖୋର୍ଦ୍ଧା ଅଫିସ,୧୮।୧୧**



ବାତ୍ୟା ତାଏରେ ପୂର୍ଣ୍ଣ ବେହେରାଙ୍କ ଭାଙ୍ଗିଯାଇଥିବା ଘର।



ତିତ୍‌ଲିର ପୂର୍ବ ବାତ୍ୟା ଡାଏ୍ ଭାଙ୍ଗିଦେଲା ଘର। ଆଉ ଅକର୍ମଣ୍ୟ କରିଦେଲା ବୃଦ୍ଧାଙ୍କୁ। ଅଭିଯୋଗ ପରେ ସର୍ଭେ ପରେ ସର୍ଭେ ହେଲା। ହେଲେ ଗରୀବ ବୃଦ୍ଧାବୃଦ୍ଧ ପାଇଲେନି ଗୃହ ନିର୍ମାଣ ପାଇଁ ଅନୁଦାନ ରାଶି କି ଚିକିତ୍ସା ସହାୟତା ରାଶି। କେବଳ ପଲିଥିନ୍‌ରେ ହିଁ ସନ୍ତୁଷ୍ଟ ହେବାକୁ ପଡିଛି। ଏଣୁ ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ମଙ୍ଗଳାଯୋଡି ଗାଁର ପୂର୍ଣ୍ଣ ବେହେରାଙ୍କ ପରିବାର ଭଙ୍ଗା ଘରେ ପଲିଥିନ ତଳେ ରହି ଜୀବନଯାପନ କରୁଛନ୍ତି। ସରକାର ଗରିବ ଗୁରୁବାଙ୍କ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଅଥବା ବିଜୁ ପକ୍କାଘର ଯୋଜନା କରିଛନ୍ତି। ଏହି ଦୁଇ ଗୃହ ନିର୍ମାଣ ଯୋଜନା ଥାଉ ଥାଉ ଯଦି ଗୋଟିଏ ପରିବାର ଭଙ୍ଗା ଘରେ ରହୁଛନ୍ତି ତେବେ ସରକାରଙ୍କର ଯୋଜନା ଥାଇ ନ ଥିଲା ପରି ବୋଲି ଅଭିଯୋଗ ହେଉଛି। ଏପରି କି ଗରିବଙ୍କ ପାଇଁ ଯୋଜନା ଉପହାସ ପାଲଟିଛି। ମଙ୍ଗଳାଯୋଡି ଗାଁର ପୂର୍ଣ୍ଣ ବେହେରା(୬୫)। ବାର୍ଦ୍ଧକ୍ୟ ଯୋଗୁ କାମ କରି ପେଟ ପୋଷିବା ସମ୍ଭବ ହେଉନାହିଁ। ଏକମାତ୍ର ପୁଅ ସେ ବି କାମ କରି ପାରୁନି। ରୋଜଗାର କରିବାରେ ଅକ୍ଷମ ହେତୁ ବୋହୂ ପୁଅକୁ ଛାଡି ବାପ ଘରକୁ ଚାଲିଗଲେ। ସ୍ତ୍ରୀଙ୍କୁ ଡାଏ ବାତ୍ୟା ଅକର୍ମଣ୍ୟ କରି ଦେଇଛି। ଦେହରେ ବଳ ଥିବା ସମୟରେ ପୂର୍ଣ୍ଣ ଶ୍ରମିକ କାର୍ଯ୍ୟ କରି ମାଟି କାନ୍ଥରେ ଆଜବେଷ୍ଟସ କରି ଦେଇଥିଲେ। ଏଣୁ ରହିବାରେ ତାଙ୍କର ଅସୁବିଧା ହୋଇ ନ ଥିଲା। ତେବେ ବାତ୍ୟା ଡାଏ ୪ ବଖରା ଘର ଭାଙ୍ଗି ଦେଇଥିଲା। ପୂର୍ଣ୍ଣଙ୍କ ସ୍ତ୍ରୀ ଉପରେ କାନ୍ଥ ମାଡି ବସିବାରୁ ମରୁ ମରୁ ବଞ୍ଚିଗଲେ ସତ, ହେଲେ ପାରାଲିସିସ୍ ହୋଇଗଲେ। ପୂର୍ଣ୍ଣଙ୍କ ରୋଜଗାର ବୋଲି କିଛି ନାହିଁ। ସରକାର ଯୋଗାଉଥିବା ୩୦୦ ଟଙ୍କା ଭତ୍ତା ଓ ୧୫ କିଲୋ ଚାଉଳ ତାଙ୍କ ପରିବାରକୁ ବଞ୍ଚାଇ ରଖିଛି। ସ୍ତ୍ରୀ ପାଇଁ ଔଷଧ କିଣିବାକୁ ଟଙ୍କା ନାହିଁ। ଭଲ ଡାକ୍ତରଖାନାରେ ଦେଖାଇ ଚିକିତ୍ସା କରାଇବା ସମ୍ଭବ ହେଉନାହିଁ। ଏଣୁ ସ୍ତ୍ରୀଙ୍କ ଜୀବନ ଶଯ୍ୟାରେ କଟୁଛି। ପୁଅ ବି ମା'ବାପା ଉପରେ ବୋଝ ହୋଇରହିଛନ୍ତି। ଏଭଳିସ୍ଥଳେ ପୂର୍ଣ୍ଣ ଟାଙ୍ଗୀ ବିଡିଓ, ଖୋର୍ଦ୍ଧା ଜିଲାପାଳଙ୍କୁ ଦେଖା କରି ନିଜର ଅଭାବ, ଅସୁବିଧା ସମ୍ପର୍କରେ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ପାଇନାହାନ୍ତି। ବରଂ ପ୍ରତିଶ୍ରୁତି ପାଇ ପ୍ରତାରିତ ହୋଇ ଚାଲିଛନ୍ତି।

## ୨୨ରେ ବଡ଼ଓଷା ପର୍ବ

**ଖୋର୍ଦ୍ଧା ଅଫିସ,୧୮।୧୧**

ଖୋର୍ଦ୍ଧା ସହରର ଗୁରୁଜଙ୍ଗରେ ଆସନ୍ତା ୨୨ ତାରିଖରୁ ୨ ଦିନ ଧରି ବଡଓଷା ପର୍ବ ପାଳନ ହେବ। ଗୁରୁଜଙ୍ଗ ଯୁବ ପରିଷଦ ପକ୍ଷରୁ ଆୟୋଜିତ ଏହି ପର୍ବ ୧୬ ବର୍ଷ ଧରି ପାଳନ ହୋଇଆସୁଛି। ଚଳିତବର୍ଷର ପର୍ବ ପାଳନ ଉଦ୍ଦେଶ୍ୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ସଞ୍ଜୟ ସିଂଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଅଧକ୍ଷ ତଥା ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର ସାହୁ, କାର୍ଯ୍ୟକାରୀ ସଭାପତି ରିତେଶ ସାହୁ, ସମ୍ପାଦକ ଜିତେନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରତିବର୍ଷ ପରି ଚଳିତବର୍ଷ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ହେବ। ସିନେ ଓ କୁନି କଳାକାରମାନେ ନୃତ୍ୟ ପରିବେଷଣ କରିବେ। ସମାଜସେବାରେ ଅବଦାନ ଥିବା ଜଣେ ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ ବଡଓଷା ପରବ ସମ୍ମାନରେ ସମ୍ମାନିତ କରାଯିବ।

## ଓଷ୍ଟା ଟ୍ୟାଲେଣ୍ଟ ସ୍କଲାରଶିପ୍ ପରୀକ୍ଷା

**ଖୋର୍ଦ୍ଧା ଅଫିସ,୧୮।୧୧**

ଖୋର୍ଦ୍ଧାରେ ଓଷ୍ଟା ଟ୍ୟାଲେଣ୍ଟ ସ୍କଲାରଶିପ୍ ପରୀକ୍ଷା ବୀଣାପାଣି ଶିଶୁ ବିଦ୍ୟା ମନ୍ଦିରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୬୭ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ଶିକ୍ଷାବିତ୍ ବସନ୍ତ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରଶ୍ନପତ୍ର ଉନ୍ମୋଚନ କାର୍ଯ୍ୟକ୍ରମରେ ଓଷ୍ଟାର ଜିଲା ସଭାପତି ଉପେନ୍ଦ୍ର ଦାଶ, ସମ୍ପାଦକ ସନ୍ତୋଷ କର, କାର୍ଯ୍ୟକାରୀ ସଭାପତି ସୁଧାକର କର, ଖୋର୍ଦ୍ଧା ବ୍ଲକ ସମ୍ପାଦକ ଆଲାମ ଖାଁ ଓ ବିଣାପାଣୀ ଶିଶୁ ବିଦ୍ୟାମନ୍ଦିରର ଷଷ୍ଠୀ ପ୍ରସାଦ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।



ଛାତ୍ରୀଛାତ୍ରମାନେ ପରୀକ୍ଷା ଦେଉଛନ୍ତି।



ବେଗୁନିଆ ବ୍ଲକ ପୋଡାଡିହ ଗ୍ରାମସ୍ଥିତ ଭାରତୀୟ ବିଦ୍ୟା ନିକେତନର ଛାତ୍ରମାନେ ଗାନ୍ଧିଜୀଙ୍କ ଅହିଂସା ନୀତି ଅବଲମ୍ବନ କରି ଗ୍ରାମ ପରିକ୍ରମାରେ ବାହାରିଛନ୍ତି।

## ଚିଲିକା ଜଳରୁ ବୁଲେଟ୍ ମୋଟରସାଇକେଲ ଉଦ୍ଧାର

**ବାଲୁଗାଁ,୧୮।୧୧(ଡ଼ି.ଏନ.ଏ.)**

ବାଲୁଗାଁ ଚିଲିକା କୂଳ ମତ୍ସ୍ୟ ଜେଟି ଚିଲିକା ଜଳରୁ ଏକ ବୁଲେଟ୍ ମୋଟରସାଇକେଲକୁ ରବିବାର ସନ୍ଧ୍ୟାରେ ବାଲୁଗାଁ ପୋଲିସ ଉଦ୍ଧାର କରିଛି। ଓଡ଼ି୧୯କେ-୯୯୬୭ ନମ୍ବର ବିଶିଷ୍ଟ ମୋଟରସାଇକେଲର ମାଲିକ ଅନୁଗୋଳର ଜ୍ଞାନେନ୍ଦ୍ର ଜେନା ବୋଲି ଯାଞ୍ଚରୁ ଜଣାପଡ଼ିଛି। ଅପରାହ୍ନରେ କିଛି ମତ୍ସ୍ୟଜୀବୀ ଡ଼ଙ୍ଗା ଧରି ଜେଟିରେ ପହଞ୍ଚିବା ବେଳେ ଚିଲିକାକୂଳ ପାଣିରେ ଏକ ମୋଟରସାଇକେଲ ବୁଡ଼ି ରହିଥିବା ଜାଣିଥିଲେ। ଖବର ପାଇ ବାଲୁଗାଁ ପୋଲିସ ପହଞ୍ଚି ଦମକଳବାହିନୀ ଦ୍ୱାରା ଉକ୍ତ ବୁଲେଟ୍‌କୁ ଉଦ୍ଧାର କରିଥିଲେ। ଏ ସମ୍ପର୍କରେ ପୋଲିସ ତଦନ୍ତ ଜାରି ରଖିଛି।

## ହରିଚନ୍ଦନପୁର ରାସ୍ତାର ଶିଳାନ୍ୟାସ

**କୃଷ୍ଣପ୍ରସାଦ,୧୮।୧୧(ଡି.ଏନ.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ୍‌ର ତିତିପ ଠାରେ ଚଢେୟା ଫୁଲବାରୀ ଛକଠାରୁ ହରିଚନ୍ଦନପୁର ଛକ ରାସ୍ତାର ଶିଳାନ୍ୟାସ ହୋଇଛି। ନୂଆଗାଁ ଦେଉଳପଡା, ବିରିପଦର, କମଳାସିଂହ ରାସ୍ତାର ଉନ୍ନତିକରଣ ନିମନ୍ତେ ରବିବାର ବ୍ରହ୍ମଗିରି ବିଧାୟକ ସଞ୍ଜୟ କୁମାର ଦାସବର୍ମା ଶିଳାନ୍ୟାସ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଉପ ନିର୍ବାହି ଯନ୍ତ୍ରୀ ସୁଶାନ୍ତ କୁମାର ନାୟକ, ସହକାରୀ ଯନ୍ତ୍ରୀ ସୁରେନ୍ଦ୍ର କୁମାର ଗୁମାନସିଂହ, କନିଷ୍ଠଯନ୍ତ୍ରୀ ସନ୍ତୋଷ କୁମାର ମିଶ୍ର, ପୂର୍ବତନ ବ୍ଲକ୍ ଅଧକ୍ଷ ଲକ୍ଷ୍ମୀଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ତିତିପ ଗ୍ରାମ ପଞ୍ଚାୟତ ପରିସରରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ସରପଞ୍ଚ ରମେଶ ଚନ୍ଦ୍ର ମହାପାତ୍ର, ସମିତିସଭ୍ୟ ମନୋଜ କୁମାର ସାହୁ, ବରିଷ୍ଠନେତା ହେମନ୍ତ କୁମାର ଜେନା, ଅଜୟ କୁମାର ପଲେଇ, କୃଷ୍ଣଚନ୍ଦ୍ର ଜେନା, ବିଦ୍ୟାଧର ସ୍ୱାଇଁ, କୈଳାସ ଚନ୍ଦ୍ର ପରିଡ଼ା ପ୍ରମୁଖ କର୍ମୀ ଯୋଗଦେଇଥିଲେ।

## ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

**ଟାଙ୍ଗୀ(ଖୋର୍ଦ୍ଧା),୧୮।୧୧(ଡି.ଏନ.ଏ.)**

ଚାନ୍ଦପୁର ସରସ୍ୱତୀ ଶିଶୁମନ୍ଦିରର ଅଷ୍ଟାଦଶ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହାର ସଭାପତି ଅକ୍ଷୟ କୁମାର ପଟ୍ଟଯୋଶୀଙ୍କ ଅଧ୍ୟକ୍ଷତାରେ ନୟାଗଡ଼ ଜିଲା ଶିକ୍ଷାଧିକାରୀ ଡ.ଅଭୟ କୁମାର ମଲିକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଖୋର୍ଦ୍ଧା ଶିକ୍ଷା ବିକାଶ ସମିତିର ବିଭାଗ ପ୍ରମୁଖ କୁଳମଣି ମିଶ୍ର ମୁଖ୍ୟବକ୍ତା, ସରକାରୀ କର୍ମଚାରୀ ମହାସଂଘର ରାଜ୍ୟ କୋଷାଧ୍ୟକ୍ଷ ଦୀନବନ୍ଧୁ ନାୟକ ଓ ଟିସିଏସ୍‌ର ଡେଲିଭରୀ ମ୍ୟାନେଜର ଇଂ. ଜ୍ଞାନୀନ୍ଦ୍ର ନନ୍ଦ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ କୁନି କୁନି ପିଲାମନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର କୁମାର ସେଠୀ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସମିତିର ସମ୍ପାଦକ ସନ୍ତୋଷ କୁମାର ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପନ

**ନିରାକାରପୁର,୧୮।୧୧( ଡି.ଏନ.ଏ.)**

ନିରାକାରପୁର ଆର୍ଯ୍ୟବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ୩ ଦିନ ଧରି ଆୟୋଜିତ ଏହି କ୍ରୀଡ଼ା ଉତ୍ସବରେ ୪ଟି ବିଭାଗର ମୋଟ ୪୮ଟି ଇଭେଣ୍ଟରେ ୭୬୩ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଅଧାପକ ପ୍ରାଣେଶ୍ୱର ଜୟସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଅମୂଲ୍ୟରତ୍ନ ମିଶ୍ର, ସମ୍ମାନିତ ଅତିଥିଭାବେ ରାଜ କିଶୋର ଦାସ, ଫକୀର ଚରଣ ନିସଙ୍କ, ସମ୍ପାଦକ ବିଭୂତି ଭୂଷଣ ଆଚାର୍ଯ୍ୟ ଓ ପ୍ରଧାନ ଆଚାର୍ଯ୍ୟ ନଳୀନ ରଥ ପ୍ରମୁଖ ଯୋଗଦେଇଥିଲେ। ବିଚାରକ ଭାବେ ଶରତ ଚନ୍ଦ୍ର ଛୋଟରାୟ, ହୃଦାନନ୍ଦ ମହତରାୟ,ଅବିନାଶ ଦାସ,ପଦ୍ମଚରଣ ଜେନା ଓ ଯଜ୍ଞ ନାରାୟଣ ବେହେରା ମୂଲ୍ୟାଙ୍କନ କରିଥିଲେ। ଉକ୍ତ କ୍ରୀଡ଼ାରେ ବରିଷ୍ଠ ବିଭାଗରେ ଇତିଶ୍ରୀ ଜେନା, ଉପବରିଷ୍ଠ ବିଭାଗରେ ସୁରଜିତ ଛୋଟରାୟ ଚମ୍ପିୟନ ରୂପେ କୃତିତ୍ୱ ଅର୍ଜନ କରିଥିଲେ। ଖେଳ ସୁପରିଚାଳନାରେ ବିନୋଦ ବିହାରୀ ସେଠୀ, ସନ୍ଧ୍ୟାରାଣୀ ବାହିନୀପତୀ, ବିଦ୍ୟୁତ୍‌ପ୍ରଭା ପୁରୋହିତ, ନିହାର ରଞ୍ଜନ ସାମନ୍ତସିଂହାର ପ୍ରମୁଖ ସହଯୋଗ କରିଥିଲେ।

## ୩୭୦ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧନା ସଭାରେ ଯୋଗଦେଇଥିବା ବରିଷ୍ଠ ନାଗରିକ ମାନେ।

**ବୋଲଗଡ଼,୧୮।୧୧(ଡି.ଏନ.ଏ.)**

ବୋଲଗଡ଼ ବ୍ଲକ ସାନପଦର ସ୍ଥିତ ଭକ୍ତଚରଣ ସ୍ମୃତି ସଦନଠାରେ ରବିବାର ସ୍ଥାନୀୟ ଅଞ୍ଚଳର ବରିଷ୍ଠ ନାଗରିକମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । ସାନପଦର ପୂଜ୍ୟପୂଜା ସଂସଦ ପକ୍ଷରୁ୮ ବର୍ଷ ଧରି ଏହି ଉତ୍ସବ ପାଳନ କରାଯାଉଛି। ଆମନ୍ତ୍ରିତ ବରିଷ୍ଠ ନାଗରିକମାନଙ୍କ ମଧ୍ୟରୁ ୩୭୦ଜଣ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସଂକୀର୍ତ୍ତନ କରାଯାଇ ସମ୍ବର୍ଦ୍ଧନା ସ୍ଥଳକୁ ବରିଷ୍ଠ ନାଗରିକଙ୍କୁ ପାଛୋଟି ଅଣାଯାଇ ସେମାନଙ୍କୁ ଉତ୍ତରୀୟ ପ୍ରଦାନପୂର୍ବକ ସମ୍ବର୍ଦ୍ଧନା କରାଯାଇଛି। ଏହି ଅବସରରେ ୧୩ ଦିବଗଂତଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଛି । ଏହି ସଭାରେ ବରିଷ୍ଠ ଶିକ୍ଷାବିତ୍ ତଥା ସାହିତ୍ୟିକ ରାଜ କିଶୋର ବ୍ରହ୍ମା ପୌରୋହିତ୍ୟ କରିଥିଲେ। ଅର୍ଜୁନ ପଟ୍ଟନାୟକ, ବିଜୟ କୁମାର ଗୁମାନସିଂହ, ଅଜୟ କୁମାର ମଙ୍ଗରାଜ, ସଞ୍ଜୟ କୁମାର ସାହୁ, କିଶୋର ସାହୁ, ରାଜକିଶୋର ବରାଡ଼, ସୁର ନାୟକ, ମନୋଜ କୁମାର ସାହୁ , ସୁରେଶ ମହାପାତ୍ର, ଅନୁପମା ବଳିୟାରସିଂହ, ବିଜୟ ସାହୁ ଓ ସନ୍ତୋଷ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ଭାଗବତ କଥାଯଜ୍ଞ ଉଦ୍‌ଯାପିତ



ଶ୍ରୀମଦ୍ ଭାଗବତ କଥାଯଜ୍ଞର ଉଦଯାପନୀ ସଭା।

**ବୋଲଗଡ଼,୧୮।୧୧(ଡି.ଏନ.ଏ.)**

ବୋଲଗଡ଼ ବ୍ଲକ୍ ସାନପଦର ସ୍ଥିତ ଭକ୍ତ ଚରଣ ସ୍ମୃତି ସଦନଠାରେ ସପ୍ତାହ ବ୍ୟାପୀ ଚାଲିଥିବା ଶ୍ରୀମଦ୍ ଭାଗବତ କଥା ଯଜ୍ଞ ଶନିବାର ଉଦ୍‌ଯାପିତ ହୋଇଯାଇଛି । କବି ଭକ୍ତଚରଣ ଦାସଙ୍କ ସ୍ମାରକୀ ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ କବିଙ୍କର ନିଜ ଗ୍ରାମରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ସଚିବ ଦେବରାଜ ସେନାପତି ଯୋଗଦେଇଥିଲେ। ଓଡ଼ିଶା ପୁରୁଷାର୍ଥ ସତ୍‌ସଂଘ ସେବା ସମିତିର ଅଧ୍ୟକ୍ଷ ନବୀନ ଜୀ ମହାରାଜ ଭାଗବତ ପ୍ରବଚନ ପ୍ରଦାନ କରିଥିଲେ। ରାଜକିଶୋର ମାର୍ଥା, ଜ୍ୟୋତ୍ସ୍ନାମୟୀ ପଟ୍ଟନାୟକ ଓ ସୁଧାକର ମହାନ୍ତି ପ୍ରମୁଖ ମଧ୍ୟ ଆଧାତ୍ମିକ ପ୍ରବଚନ ଦେଇଥିଲେ। ଶ୍ରୀକାନ୍ତ କୁମାର ନାୟକ, ବିଷ୍ଣୁ ପ୍ରସାଦ ସୁବୁଦ୍ଧି, ଅମ୍ବିକା ପ୍ରସାଦ ମହାନ୍ତି, ଗଗନ କୁମାର ସ୍ୱାଇଁ, ବିଦ୍ୟାଧର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ ଦାବି ପୂରଣର ଶେଷ ତାରିଖ ନଭେମ୍ବର ୩୦

# ପୁଣି ଆନ୍ଦୋଳନକୁ ଓହ୍ଲାଇବେ ବ୍ଲକ ଗ୍ରାଣ୍ଟ ଶିକ୍ଷକ

**ଖୋର୍ଦ୍ଧା ଅଫିସ, ୧୮।୧୧**

ବିଜେବି ହାଇସ୍କୁଲ ପରିସରରେ ଓଷ୍ଟାର ଖୋର୍ଦ୍ଧା ଜିଲା ଆନୁକୂଲ୍ୟରେ ଶିକ୍ଷକ ଓ କର୍ମଚାରୀମାନଙ୍କର ଏକ କ୍ୟାଡର କନ୍‌ଭେନଶନ୍ ଅନୁଷ୍ଠିତ ହୋଇଯାଇଛି। ବିନା ସର୍ତ୍ତରେ ଅନୁଦାନ, ୨୦୧୬ ମସିହାର ୭୮ ଦିନର ଦରମା, ଆରଏସିପି ୬୦ ପ୍ରତିଶତ ବୃଦ୍ଧି ଅନୁଦାନ ପ୍ରଦାନ, ପିଇଟି ଶିକ୍ଷକମାନଙ୍କୁ ସ୍କେଲ ପ୍ରଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସରକାର ଶିକ୍ଷକମାନଙ୍କୁ ପ୍ରତିଶ୍ରୁତି ଦେଇ ପ୍ରତାରଣା କରି ଚାଲିଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଅନ୍ୟପକ୍ଷେ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଶିକ୍ଷକ, କର୍ମଚାରୀ ଓ ପେନସନଧାରୀମାନେ ବିଭିନ୍ନ କାମ ନେଇ ହେଉଥିବା ହଇରାଣ ହରକତ ସମ୍ପର୍କରେ କ୍ଷୋଭ ପ୍ରକାଶ ପାଇଥିଲା। ଏଭଳିସ୍ଥିତିରେ ଆସନ୍ତା ୩୦ ତାରିଖ ସୁଦ୍ଧା ଦାବିଗୁଡ଼ିକ ଯଦି ପୂରଣ ନ ହୁଏ ତେବେ ସଂଘ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ସମ୍ପାଦକ ସନ୍ତୋଷ କର ଘୋଷଣା କରିଛନ୍ତି। ଏ ନେଇ ଏକ ଦାବିପତ୍ର ଶନିବାର ଜିଲା ଶିକ୍ଷା ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ର ଦେବା ସମୟରେ ଓଷ୍ଟାର କାର୍ଯ୍ୟକାରୀ ସଭାପତି ସୁଧାକର ମହାପାତ୍ର, ରାଜ୍ୟ ସମ୍ପାଦକ ରଞ୍ଜନ ଦାଶ, ଯୁଗ୍ମ ସମ୍ପାଦକ ମଧୁସୂଦନ ଦେ, ରମାକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଶିକ୍ଷକ ଓ କର୍ମଚାରୀମାନଙ୍କ ଦ୍ୱାରା କ୍ୟାଡର କନ୍‌ଭେନଶନ୍।



ଯୁକ୍ତି କଲାବେଳେ ଯେଉଁ ଲୋକ ଉତ୍ତେଜିତ ନ ହେଲା, ସିଏ ହିଁ କ୍ଷେତ୍ରରେ ବିଜୟୀ ହୁଏ। -ଫ୍ରାଙ୍କ୍ ହରବର୍ଟ



## ସଂକ୍ଷେପରେ



### ଡେଲାଙ୍ଗରେ ବିଜେଡିର ମିଶ୍ରଣ ପର୍ବ

**କଣାସ, ୧୮।୧୧(ଡି.ଏନ୍.ଏ.):** ଡେଲାଙ୍ଗ ବ୍ଲକର ବେରବୋଇ ପଞ୍ଚାୟତର ବାଲିକପିଳେଶ୍ୱର ମହାଦେବ ମନ୍ଦିର ପରିସରରେ ରବିବାର ବିଜେଡି ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡେଲାଙ୍ଗ ବ୍ଲକର ଅନେକ ଅସନ୍ତୁଷ୍ଟ ଭାଜାପା ଓ କଂଗ୍ରେସ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ମୁଖ୍ୟ ଅତିଥି ଭାବେ କୃଷିମନ୍ତ୍ରୀ ପ୍ରଦୀପ ମହାରଥି ଯୋଗଦେଇଥିଲେ। ଡେଲାଙ୍ଗ ବ୍ଲକ ବିଜେଡି ସଭାପତି ବୈରାଗୀ ଜେନା ଏଥିରେ ଅଧକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧରେ ବ୍ଲକ ଅଧକ୍ଷ ପ୍ରସନ୍ନ ସାହୁ, ଜିଲ୍ଲା ପରିଷଦ ସଭ୍ୟ ଦେବାଶୀଷ ନନ୍ଦ, ସ୍ଥାନୀୟ ସରପଞ୍ଚ ଜ୍ୟୋର୍ତିୟୀ ସ୍ୱାଇଁ ପ୍ରମୁଖ ଉପସ୍ଥିଥିଲେ। ବେରବୋଇ ପଞ୍ଚାୟତର ପବିତ୍ର ପରିଡା, ରେଞ୍ଚ ପ୍ରହରାଜପୁରର ନନ୍ଦ କିଶୋର ସ୍ୱାଇଁ, ଗୁଆଲିପଡାର ପୂର୍ବତନ ସରପଞ୍ଚ ମନୋରଞ୍ଜନ ପ୍ରଧାନ, ଅଭୟମୁଖୀ ପଞ୍ଚାୟତର ସିଦ୍ଧେଶ୍ୱର ସ୍ୱାଇଁଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ ବିଜେଡିରେ ଯୋଗଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ମହାରଥୀ ପାଞ୍ଚବାଟିଆ ମାର୍କେଟ କମ୍ପ୍ଲେକ୍ସ ଗୃହର ଭୂମିପୂଜା ଏବଂ ମନ୍ଦିର ପରିସରରେ ସ୍ଥାୟୀ ଯଜ୍ଞ ମଣ୍ଡପ ନିର୍ମାଣ ପାଇଁ ୨ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର ପାଇଁ ପ୍ରତିଶ୍ରୁତି ଦେଇଥିଲେ।

### ଚାନ୍ଦା ଆଦାୟ ଅଭିଯୋଗରେ ୨ଗିରଫ

**କଣାସ, ୧୮।୧୧(ଡି.ଏନ୍.ଏ.):** ପଛନାୟକିଆ-ଡେଲାଙ୍ଗ-ଖୋର୍ଦ୍ଧା ସଡକର ସାଉରିଆ ପଞ୍ଚାୟତ ଲୁହାଗଡ ଛକଠାରେ ୨ଜଣ ଯୁବକ ଜାଲ ରସିଦ୍ ବହି ଧରି ଚାନ୍ଦା ରାସ୍ତାରେ ଯାଉଥିବା ଗାଡ଼ି ମଟରକୁ ଅଟକାଇ ଯୋର ଜବରଦସ୍ତ ଚାନ୍ଦା ଆଦାୟ କରୁଥିବା ଅଭିଯୋଗରେ ଡେଲାଙ୍ଗ ଥାନା ପୋଲିସ ସେମାନଙ୍କୁ ଗିରଫ କରିଛି। ସେମାନେ ହେଲେ ଘୋରଡିଆର ସୁଶାନ୍ତ ଦାସ(୨୬) ଓ ଜୟନ୍ତ ପାଟ୍ଟଶାଣୀ (୧୯)। ଡେଲାଙ୍ଗ ଥାନା ଇନସ୍ପେକ୍ଟର ଅସୀତ ରଂଜନ ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ୨ଯୁବକଙ୍କୁ କାବୁ କରିବା ସହ ତାଙ୍କ ଠାରୁ ରସିଦ ବହି ଓ ଟଙ୍କା ଜବତ କରିଥିଲେ। ଏ ନେଇ ଡେଲାଙ୍ଗ ଥାନାରେ କେସ ନଂ୨୭୭/୧୮ରେ ଏକ ମାମଲା ରୁଜୁ କରାଯାଇଛି। ସୋମବାର ସେମାନଙ୍କୁ କୋର୍ଟ ଚାଲଣ କରାଯିବ ବୋଲି ଜଣାପଡ଼ିଛି।

### ଗାଡ଼ି ଧକ୍କାରେ ୨ ଆହତ, ଜଣେ ଗୁରତର

**ପିପିଲି, ୧୮।୧୧(ଡି.ଏନ୍.ଏ.):** ପିପିଲି ନିକଟସ୍ଥ ବାଇପାସ୍‌ର ଶଣପଟ ଛକଠାରେ ରବିବାର ସଡ଼କ ଦୁର୍ଘଟଣାରେ ୩ଜଣ ଆହତ ହୋଇଥିବାବେଳେ ସେମାନଙ୍କ ମଧରୁ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଅଛି। ପିପିଲି ନିକଟସ୍ଥ ହରିପୁର ଶୁମଣା ଶାସନ ଗ୍ରାମର ରଞ୍ଜନ କାଣ୍ଡି, ଶୁଶାନ୍ତ ବେହେରା ଓ ତାଙ୍କର ଜଣେ ସାଙ୍ଗ ବାଇକ୍‌ରେ ପୁରୀରୁ ଫେରୁଥିବା ଶଣପଟ ଛକଠାରେ ଅନ୍ୟଏକ ଗାଡ଼ି ଧକ୍କା ଦେଇଥିଲା। ଫଳରେ ବାଇକରୁ ୩ଜଣ ଯାକ ରାସ୍ତା କଡ଼କୁ ଛିଟିକି ପଡିଥିଲେ। ଆହତମାନଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ସମସ୍ତଙ୍କୁ ପିପିଲି ମେଡିକାଲ ପଠାଯାଇଥିବାବେଳେ ପରେ ସେମାନଙ୍କୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ପଠାଯାଇଛି।

### ବିଶ୍ୱପାଇଖାନା ଦିବସ ପାଳିତ

**କଣାସ, ୧୮।୧୧(ସ୍ୱ.ପ୍ର):** କଣାସ ପଞ୍ଚାୟତ ସମିତି ସଭାଗୃହରେ ଶନିବାର ପଞ୍ଚାୟତ ସମିତି ଅଧକ୍ଷ ରମେଶ ଚନ୍ଦ୍ର ସେଠୀଙ୍କ ଅଧକ୍ଷତାରେ ବିଶ୍ୱପାଇଖାନା ଦିବସ ପାଳିତ ହୋଇଯାଇଛି। ଏଥିରେ ଅତିଥି ଭାବେ କଣାସ ମଣ୍ଡଳ ଉନ୍ନୟନ ଅଧିକାରିଣୀ ପ୍ରତିଭା ସାହୁ, ଗ୍ରାମ୍ୟ ଜଳଯୋଗାଣ କନିଷ୍ଠ ଯନ୍ତ୍ରୀ ରଞ୍ଜନ କୁମାର ସାମନ୍ତରାୟ, ରଞ୍ଜନ ମିଶ୍ର, ତ୍ରିପୁରାମୟୀ ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ବିଶ୍ୱପାଇଖାନା ଦିବସ ସମ୍ପର୍କରେ ବିଭିନ୍ନ ସୂଚନା ଦେଇଥିଲେ। କଣାସ ବ୍ଲକରେ ପାଇଖାନା ନିର୍ମାଣ ପଛୁଆ ଥିବାରୁ ଅତିଥିମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହି ସଭାରେ କଣାସ ବ୍ଲକର ସରପଞ୍ଚ ଓ ସମିତି ସଭ୍ୟମାନେ ଉପସ୍ଥିତ ରହିଥିବାବେଳେ ସେମାନେ ନିଜ ନିଜ ପଞ୍ଚାୟତରେ ପ୍ରତି ପରିବାରକୁ ସଚେତନ କରି ପାଇଖାନା ନିର୍ମାଣ କରିବାକୁ ଅତିଥିମାନେ କହିଥିଲେ।

## ହବିଷିଆଳି ଆଶ୍ରୟସ୍ଥଳରୁ...

# ପରିବାରର ମଙ୍ଗଳ ପାଇଁ ନିଜ କଥା ଭୁଲିଯାଇଥିଲେ ସରସ୍ୱତୀ

- ଅତ୍ୟଧିକ ଡାଇବେଟିସ୍ ସତ୍ତ୍ୱେ ଧାଇଁ ଆସିଛନ୍ତି ଶ୍ରୀକ୍ଷେତ୍ର
- ପ୍ଲାଷ୍ଟିକ ବୋତଲରେ ରଖିଥିଲେ ଇନ୍‌ସୁଲିନ ଇଞ୍ଜେକ୍ସନ

**ପୁରୀ ଅଫିସ, ୧୮।୧୧**

ପବିତ୍ର କାର୍ତ୍ତିକ ମାସରେ ଶ୍ରୀକ୍ଷେତ୍ରରେ ରହି ବ୍ରତ ପାଳିବେ। ନୀତି କାଳିଆ ଠାକୁରଙ୍କୁ ଦର୍ଶନ କରି ପରିବାରର ଶୁଭ ମନାସିବେ। ଏମିତି କିଛି କାମନା ଏବଂ ପୁଣ୍ୟ ଅର୍ଜନ ଲକ୍ଷ୍ୟରେ ପୁରୀକୁ ଆସିଛନ୍ତି ହଜାର ହଜାର ହବିଷିଆଳି। ଶ୍ରୀକ୍ଷେତ୍ରର ବିଭିନ୍ନ ମଠ, ମନ୍ଦିର ଏବଂ ଧର୍ମଶାଳା ସମେତ ସରକାରଙ୍କ ପକ୍ଷରୁ ଖୋଲାଯାଇଥିବା ଆଶ୍ରୟସ୍ଥଳରେ ରହୁଛନ୍ତି। ପ୍ରତ୍ୟୁଷରେ ତୀର୍ଥ ପୁଷ୍କରିଣୀରେ ସ୍ନାନ କରି ରାଇଦାମୋଦରଙ୍କ ପୂଜା କରିବା ସହ ମହାପ୍ରଭୁଙ୍କ ମଙ୍ଗଳ ଆଳତି ଦର୍ଶନ କରୁଛନ୍ତି। ସଞ୍ଜ ନଇଁଲେ ତୁଳସୀ ଚଉରାମୂଳେ ଦୀପ ଜାଳୁଛନ୍ତି। ପୁଣି ଆକାଶ ଦୀପ ଟାଣି ଠାକୁରଙ୍କ ନାମ ଜପରେ ଦିନ ବିତାଉଛନ୍ତି। ହେଲେ ଏମାନଙ୍କ ମଧ୍ୟରୁ ଅନେକଙ୍କ ବାସ୍ତବ ଜୀବନ ବେଶ୍ ଦୁର୍ଦ୍ଦିନମୟ। ପରିବାରର ମଙ୍ଗଳ ପାଇଁ ସେମାନେ ନିଜ କଥା ବି ଭୁଲି ଯାଇଛନ୍ତି। ଏହି ବ୍ରତଧାରୀଙ୍କ ମଧ୍ୟରୁ ଜଣେ ହେଲେ କନ୍ଧମାଳ ଜିଲା ଦାରିଙ୍ଗବାଡ଼ିର ସରସ୍ୱତୀ। ସେ ସିଭିୟର ଡାଇବେଟିସ୍ ରୋଗରେ ଆକ୍ରାନ୍ତ। ପରିଣତ ବୟସରେ ପରିବାରର ଶୁଭ ମନାସୀ ସେ ଧାଇଁ ଆସିଛନ୍ତି ଶ୍ରୀକ୍ଷେତ୍ର। ଆଶ୍ରୟସ୍ଥଳରେ ରହି ପ୍ରତିଦିନ ନିଜେ ଇନ୍‌ସୁଲିନ ମଧ ନେଉଛନ୍ତି। ଫ୍ରିଜ୍ ନ ଥିବାରୁ ସେ ଏକ ପ୍ଲାଷ୍ଟିକ ବୋତଲରେ ରଖିଛନ୍ତି ଇନ୍‌ସ୍ୟୁଲିନ ଇଞ୍ଜେକ୍ସନ ଏବଂ ସିରିଞ୍ଜ। ଏହା ଭିତରେ ସେ ସକାଳୁ ଉଠି ପୂଜାର୍ଚ୍ଚନା କରିବା ସହ ମହାପ୍ରଭୁଙ୍କୁ ଦର୍ଶନ କରି ପରିବାରର ମଙ୍ଗଳ ମନାସୁଛନ୍ତି।

ରେଲ୍‌ୱେ ଟୁରିଷ୍ଟ କମ୍ପ୍ଲେକ୍ସ ଆଶ୍ରୟସ୍ଥଳରେ ରହୁଛନ୍ତି ସରସ୍ୱତୀ। ତାଙ୍କର ଅଧିକ ଡାଇବେଟିସ ଥିବାରୁ ସେ ଘରେ ଥିବାବେଳେ ନିୟମିତ ଇନ୍‌ସୁଲିନ ନେଉଥିଲେ। ଏଥିପାଇଁ ଇନ୍‌ସୁଲିନ୍‌କୁ ଫ୍ରିଜ୍‌ରେ ରଖିବାକୁ ପଡିଥାଏ। ହେଲେ କାର୍ତ୍ତିକ ବ୍ରତ ପାଇଁ ପୁରୀ ଆସିବାକୁ ପଡିବାରୁ କିପରି ଇନ୍‌ସୁଲିନ ନେବେ ତାହାକୁ ନେଇ ସେ ଏକ ଅଜବ ଉପାୟ ବାହାର କରିଥିଲେ। ଏକ ପାଣି ଥିବା ପ୍ଲାଷ୍ଟିକ ବୋତଲ ଭିତରେ ଇନ୍‌ସୁଲିନ ଇଞ୍ଜେକ୍ସନ ଏବଂ ସିରିଞ୍ଜ ରଖି ସାଙ୍ଗରେ ଆଣି ଆସିଥିଲେ। ରହିବାର କିଛିଦିନ ପରେ ଆଶ୍ରୟସ୍ଥଳ ଦାୟିତ୍ୱରେ ଥିବା ଜଣେ ମହିଳା ସ୍ୱେଚ୍ଛାସେବୀ ଏହା ଦେଖି ତାଙ୍କୁ ଆଶ୍ରୟସ୍ଥଳରେ ଥିବା ଡାକ୍ତରଙ୍କ ପାଖକୁ ଆଣି ପରେ ଘଟଣା ବିଷୟରେ ଜଣାପଡିଥିଲା। ଏହା ପରଠାରୁ ଆଶ୍ରୟସ୍ଥଳର ଡାକ୍ତର ସରସ୍ୱତୀଙ୍କୁ ଇନ୍‌ସୁଲିନ ଦେଉଛନ୍ତି।

### ଆଶ୍ରୟସ୍ଥଳକୁ ଆସିଲେ ୧୬ ନୂଆ ହବିଷିଆଳି

**୯ ଅସୁସ୍ଥ, ହସ୍ପିଟାଲରେ ଜଣେ ଭର୍ତ୍ତି**

ସୋମବାରଠାରୁ ଆରମ୍ଭ ହେଉଛି ପଞ୍ଚୁକ। ଏଥିପାଇଁ ଶ୍ରୀକ୍ଷେତ୍ରରେ ଶ୍ରଦ୍ଧାଳୁ ଗହଳି ଆରମ୍ଭ ହୋଇଗଲାଣି। ବିଭିନ୍ନ ମଠ, ମନ୍ଦିର ଏବଂ ଧର୍ମଶାଳାରେ ଶ୍ରଦ୍ଧାଳୁ ଏବଂ ହବିଷିଆଳିଙ୍କ ଭିଡ଼ ଦେଖିବାକୁ ମିଳିଛି। ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ ଖୋଲାଯାଇଥିବା ୪ଟି ଆଶ୍ରୟସ୍ଥଳକୁ ରବିବାର ୧୬ ଜଣ ନୂଆ ହବିଷିଆଳି ଆସିଛନ୍ତି। ଏମାନେ ପୁରୀରେ ରହି ପଞ୍ଚୁକ ପାଳିବେ ବୋଲି ଜଣାପଡିଛି। ଅନ୍ୟପକ୍ଷରେ ସୋମବାର ୯ ହବିଷିଆଳି ଅସୁସ୍ଥ ହୋଇପଡିଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣେ ହସ୍ପିଟାଲରେ ରହି ଚିକିତ୍ସିତ ହେଉଥିବା ଜଣାପଡିଛି। ସୂଚନା ମୁତାବକ, ମୋଚିସାହି ଛକସ୍ଥିତ ପୌର କଲ୍ୟାଣ ମଣ୍ଡପରୁ ଖୋର୍ଦ୍ଧା ଜିଲାର ବେଙ୍ଗଲୀ ରାଣୀ, ଉମାମଣି ସାହୁ, ସୁଷମା ମାଝି, ମାଳତି ମିଶ୍ର ଏବଂ ଅହଲ୍ୟା ଦଳେଇ, ଜଗନ୍ନାଥ ବଲ୍ଲଭ ପରିସର ଆଶ୍ରୟସ୍ଥଳରୁ ଗଞ୍ଜାମ ଜିଲାର ବର୍ଷା ପଣ୍ଡା ଓ କୁନ୍ତି ପାତ୍ର, ରେଲ୍‌ୱେ ଟୁରିଷ୍ଟ କମ୍ପ୍ଲେକ୍ସରୁ କାକଟପୁରର ହୁନ୍ଦସୀ ବେୱା ଏବଂ ବ୍ରହ୍ମଗିରିର ଶଶିମଣୀ ପ୍ରଧାନ ଅସୁସ୍ଥ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ। ଡାକ୍ତରଙ୍କ ପରାମର୍ଶ ସହ ଆବଶ୍ୟକ ଔଷଧପତ୍ର ନେଇ ୮ଜଣ ଆଶ୍ରୟସ୍ଥଳକୁ ଫେରିଥିବାବେଳେ ଶଶିମଣୀ ପ୍ରଧାନ ହସ୍ପିଟାଲରେ ରହି ଚିକିତ୍ସିତ ହେଉଛନ୍ତି। ଶଶିମଣୀଙ୍କ ପେଟରେ ଷ୍ଟୋନ୍ ଯୋଗୁ ଯନ୍ତ୍ରଣା ଅନୁଭବ କରୁଥିବା ହସ୍ପିଟାଲ ସୂତ୍ରରୁ ଜଣାପଡିଛି।



ପବିତ୍ର କାର୍ତ୍ତିକ ମାସ ପାଇଁ ରବିବାର ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଛି।

## ଶ୍ରୀମନ୍ଦିରରେ ଭିଡ଼, ବହୁ ଭକ୍ତ ବେହୋସ

**ପୁରୀ ଅଫିସ, ୧୮।୧୧**

କାର୍ତ୍ତିକ ମାସ ଯୋଗୁ ଶ୍ରୀମନ୍ଦିରରେ ବର୍ତ୍ତମାନ ଭକ୍ତଙ୍କ ଗହଳି ଲାଗି ରହୁଛି । ରବିବାର ଛୁଟିଦିନ ଥିବାରୁ ଶ୍ରୀମନ୍ଦିରରେ ଭିଡ଼ ଅଣାୟତ୍ତ ହୋଇପଡିଥିଲା। ଦର୍ଶନ ପାଇଁ କୀର୍ତ୍ତନ ଚକଡ଼ା ବ୍ୟାରିକେଡରେ ଦୀର୍ଘ ସମୟ ଧରି ଅପେକ୍ଷା କରିବା ଯୋଗୁ ବହୁ ଭକ୍ତ ବେହୋସ ହୋଇଯାଇଥିଲେ। ଏହି ଗହଳି ଯୋଗୁ ମନ୍ଦିର ଭିତରେ ବି ଠେଲାପେଲା ହୋଇଥିଲା । ବହୁ ହବିଷିଆଳି ଗହଳି ଦେଖି ଭିତରକୁ ପ୍ରବେଶ କରିପାରି ନ ଥିଲେ । ସେମାନେ ବେଢା ପରିସର ଅନ୍ୟାନ୍ୟ ମନ୍ଦିର ବୁଲି ଆଶ୍ରୟସ୍ଥଳକୁ ଫେରିଥିଲେ । କାର୍ତ୍ତିକ ମାସ ସାଙ୍ଗକୁ ରବିବାରର ଛୁଟିଦିନ । ଏଥିସହ ମହାପ୍ରଭୁଙ୍କ ରାଧା ଦାମୋଦର ବେଶର ଥିଲା ଅନ୍ତିମ ଦିବସ । ତେଣୁ ଦ୍ୱାର ଫିଟିବା ମାତ୍ରେ ଦର୍ଶନ ଲାଗି ବହୁ ସଂଖ୍ୟାରେ ଭକ୍ତ ଓ ହବିଷିଆଳି ଭିତରକୁ ପ୍ରବେଶ କରିଥିଲେ । ଦିନତମାମ୍ ଏହି ଗହଳି ଲାଗି ରହିଥିଲା। ସାତପାହଚ ନିକଟରେ ଦଳାଚକଟା ସ୍ଥିତି ଉପୁଜିଥିଲା । ନିୟନ୍ତ୍ରଣ ପାଇଁ ମୁତୟନ ଥିବା ପୋଲିସ କର୍ମଚାରୀ ବି ଅସହାୟ ହୋଇପଡିଥିଲେ । ପୂର୍ବାହ୍ନ ପ୍ରାୟ ସାଢେ ୧୦ଟା ସମୟରେ କୀର୍ତ୍ତନ ଚକଡା ବ୍ୟାରିକେଡରେ ଥିବା ୨ ଜଣ ଭକ୍ତ ବେହୋସ ହୋଇ ତଳେ ପଡିଯାଇଥିଲେ । କାର୍ଯ୍ୟରତ ପୋଲିସ ସେମାନଙ୍କୁ ଧାଡିରୁ ଟେକି ଆଣି ବାହାରେ ମୁହଁରେ ପାଣି ଛିଞ୍ଚିବା ପରେ ସେମାନଙ୍କ ଚେତା ଫେରିଥିଲା । ଏହି ଭିଡ଼ ଯୋଗୁ ବହୁ ସଂଖ୍ୟାରେ ଭକ୍ତ ବେହୋସ ହୋଇଥିଲେ । ଭିତରେ ବି ପ୍ରବଳ ଗହଳି ହୋଇଥିଲା । ବିଶେଷକରି ହବିଷିଆଳିମାନେ ଠାକୁରଙ୍କୁ ଦର୍ଶନ କରିବା ଏକପ୍ରକାର ଅସମ୍ଭବ ହୋଇପଡିଥିଲା। ଠେଲାପେଲା ଓ ଭିଡ଼କୁ ଡରି ଅନେକ ବ୍ରତଧାରୀ ଦର୍ଶନ କରିପାରି ନ ଥିଲେ ।

## ୨ ପ୍ରକଳ୍ପର ଶିଳାନ୍ୟାସ କଲେ ବିଧାୟକ

**କୋଣାର୍କ, ୧୮।୧୧(ଡି.ଏନ୍.ଏ.)**

କୋଣାର୍କ ନିକଟସ୍ଥ ସୁତନ ପଞ୍ଚାୟତର ଖାଲକଟା ପାଟଣାସ୍ଥିତ ଲୁଣା ଘେରିବନ୍ଧ ଓ ଅବଦାନ ପଞ୍ଚାୟତର କାଦୁଆ ନଦୀ ଉପରେ ବହୁ ପ୍ରତୀକ୍ଷିତ କନ୍ତିମଳା-ସନ୍ତରସ ବ୍ରିଜ କାମ ପାଇଁ ରବିବାର ଶିଳାନ୍ୟାସ କରାଯାଇଛି। ୧୦କୋଟି ୭୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଦୁଇଗୋଟି ପ୍ରକଳ୍ପକୁ କାକଟପୁର ବିଧାୟକ ଶିଳାନ୍ୟାସ କରିଥିଲେ। ଖାଲକଟା ପାଟଣା ଲୁଣା ଘେରିବନ୍ଧ ନିର୍ମାଣ ପାଇଁ ନିମାପଡା ଜଳସମ୍ପଦ ବିଭାଗ ପକ୍ଷରୁ ୪କୋଟି ୭୦ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିବାବେଳେ କନ୍ତିମଳା-ସନ୍ତରସ ବ୍ରିଜ ପାଇଁ କାକଟପୁର ଗ୍ରାମଉନ୍ନୟନ ବିଭାଗ ପକ୍ଷରୁ ୬କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ଜଗତସିଂହପୁର ଏମ୍‌ପି କୂଳମଣି ସାମଲ, ଗୋପବ୍ଲକ ଅଧକ୍ଷ ପ୍ରକାଶ ଚନ୍ଦ୍ର ପରିଡା, ପୁରୀ ଜିଲାପରିଷଦ ଅଧକ୍ଷ ଜ୍ୟୋର୍ତିମୟ ଦଳାଇ, ନିମାପଡା ଜଳସମ୍ପଦ ବିଭାଗର ନିର୍ବାହୀ ଯନ୍ତ୍ରୀ ଶଶିଭୂଷଣ ମିଶ୍ର, ଗୋପ ଜଳସମ୍ପଦ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ସଂଗ୍ରାମ କେଶରୀ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏହି ଲୁଣାବନ୍ଧ ନିର୍ମାଣ ହେବା ଫଳରେ ସୁତନ ଓ ତରୋକର ପଞ୍ଚାୟତର ୧୫ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଲୁଣାପାଣି ଯୋଗୁ ଫସଲ ନଷ୍ଟ ହେବା ଏବଂ ବନ୍ୟା ଦାଉରୁ ରକ୍ଷା ପାଇବେ ବୋଲି ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ମହାନ୍ତି କହିଥିଲେ। କନ୍ତିମଳା-ସନ୍ତରସ ବ୍ରିଜ୍ ନିର୍ମାଣ ହେବା ଦ୍ୱାରା କନ୍ତିମଳା, କୋଠାଙ୍ଗ, ସନ୍ତରସ, ଉପୁଳା ଏବଂ ଧନିତ୍ରୀ ସମେତ ୧୫ଟି ଗ୍ରାମର ଜନସାଧାରଣଙ୍କ ନିମନ୍ତେ ଗମନାଗମନ ସୁବିଧା ହୋଇପାରିବ ବୋଲି ବିଧାୟକ ସେଠୀ କହିଥିଲେ। କାର୍ଯ୍ୟକ୍ରମକୁ ଅବଦାନ ପଞ୍ଚାୟତ ବିଜେଡି ସଭାପତି ବାବାଜି ମହାନ୍ତି ପରିଚାଳନା କରଥିଲେ।



ପୁରୀ ମୁକ୍ତାକାଶ ରଙ୍ଗମଞ୍ଚରେ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ଉଦ୍‌ଯାପନୀ ଉତ୍ସବରେ କଳାକାରମାନେ ସଙ୍ଗୀତ ପରିବେଷଣ କରୁଛନ୍ତି।

## ନିଶାକୁ ନା, ପ୍ଲାଷ୍ଟିକ ହଟାଅ ଅଭିଯାନ

**ପିପିଲି, ୧୮।୧୧(ଡି.ଏନ୍.ଏ.)**

ପିପିଲି ବ୍ଲକ ପାଣିଦୋଳ ପଞ୍ଚାୟତରେ ରବିବାର ବିଜୁ ଯୁବ ବାହିନୀ ତରଫରୁ ନିଶାକୁ ନା ଓ ପ୍ଲାଷ୍ଟିକ ମୁକ୍ତ ନେଇ ଏକ ଜନସଚେତନତା ଶୋଭାଯାତ୍ରା ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ବିଜୁ ଯୁବ ବାହିନୀ ସଭାପତି ଆଶିଷ ସାମନ୍ତରାୟ, ସମ୍ପାଦକ ଅଭିଜିତ ନାୟକ ଓ କୋଷାଧକ୍ଷ ଆଲୋକ କୁମାର ପ୍ରଧାନ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ପ୍ରମୋଦ କୁମାର ମହାପାତ୍ର, ବ୍ଲକ ଯୁବ ବିଜେଡି ସଭାପତି ମନୋଜ ଦାସ, ଆର୍ତ୍ତବନ୍ଧୁ ସାମନ୍ତରାୟ, କଣ୍ଟି ପଞ୍ଚାୟତ ସରପଞ୍ଚ ପ୍ରକାଶ ଧଳ ଉପସ୍ଥିତ ଥିଲେ। ଶୋଭାଯାତ୍ରା ପଞ୍ଚାୟତର ବିଭିନ୍ନ ୱାର୍ଡ ଓ ସାହିକୁ ଯାଇ ଜନସାଧାରଣଙ୍କୁ ନିଶାଠୁ ଦୁରେଇ ରହିବା ପାଇଁ ସଚେତନ କରାଇଥିଲେ। ସ୍ଥାନୀୟ କଣ୍ଟି ହାଇସ୍କୁଲ ଓ ଅନନ୍ତପୁର ମହାବୀର ମନ୍ଦିର ପ୍ରାଙ୍ଗଣରେ ଅତିଥି ମାନଙ୍କ ସହ ଯୁବ ବିଜୁ ବାହିନୀର କର୍ମକର୍ତ୍ତାମାନେ ବୃକ୍ଷ ରୋପଣ କରିଥିଲେ।

- ଜିଲାସ୍ତରୀୟ କୁସ୍ତି ପ୍ରତିଯୋଗିତା ଉଦ୍‌ଯାପିତ

## ଉଭୟ ବର୍ଗରେ ପୁରୀକୁ ସଫଳତା

**ପୁରୀ ଅଫିସ,୧୮।୧୧**

ପୁରୀ ଜିଲା କ୍ରୀଡା ସଂସଦ ଆନୁକୂଲ୍ୟରେ ପୁରୀ କ୍ରୀଡା ଛାତ୍ରାବାସଠାରେ ଦୁଇ ଦିନ ଧରି ଚାଲିଥିବା ଜିଲା ସ୍ତରୀୟ କୁସ୍ତି ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଭୟ ବାଳକ ଓ ବାଳିକା ବର୍ଗର ୮ଟି କ୍ଷେତ୍ରରେ ପୁରୀ ପ୍ରଥମ ସ୍ଥାନରେ ରହିଛି। ବାଳକ ବର୍ଗରେ ଶିବଦେନ୍ଦୁ ସାମଲ ୪୫ କେଜି, ରାଜୀବ ସୋରେନ ୪୮ କେଜି , କେଶବ ଚନ୍ଦ୍ର ନାୟକ ୫୧ କେଜି, ଭୋଳାନାଥ ସୂପକାର ୬୦ କେଜି, ପ୍ରଶାନ୍ତ କୁମାର ୬୫ କେଜି, ସାହିଲ ସୁନ୍ଦର ବେହେରା ୭୧ କେଜି, ଶ୍ୟାମ ରଞ୍ଜନ ପ୍ରଧାନ ୮୦ କେଜି, ଅରଜିତ ମଲିକ ୯୨ କେଜି ଓ ଜୟ କିଶାନ ପୂଜାପଣ୍ଡା ୧୧୦ କେଜିରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିଭଳି ବାଳିକା ବର୍ଗରେ ଶୁଭଶ୍ରୀ ନାୟକ ୪୦ କେଜି, ମିତାଞ୍ଜଳି ମହାରଣା ୪୩ କେଜି, ସନ୍ତୋଷିନୀ ନାୟକ ୪୬ କେଜି, ପୂର୍ଣ୍ଣିମା ପରିଡା ୪୯ କେଜି, ଦିବ୍ୟଜ୍ୟୋତି ନାୟକ ୫୩ କେଜି, ସାହିଦା ବେଗମ୍ ୫୭ କେଜି, ଶିଳ୍ପା ସାହୁ ୬୧କେଜିରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ଜିଲା କ୍ରୀଡା ସଂସଦ ସମ୍ପାଦକ ରବୀନ୍ଦ୍ର ପ୍ରତିହାରୀ ଓ ଜିଲା କ୍ରୀଡାଧିକାରୀ ନାରାୟଣ ବେହେରା ପରିଚାଳନା କରିଥିଲେ।



କୁସ୍ତି ପ୍ରତିଯୋଗିତାରେ ଭାଗ ନେଇଥିବା ଦୁଇ ପ୍ରତିଯୋଗୀ।

## ବିଜେଡିର ଆଇଟି ସେଲ୍ ଉଦ୍‌ଘାଟିତ

**କୋଣାର୍କ, ୧୮।୧୧(ଡି.ଏନ୍.ଏ.)**

କୋଣାର୍କ ଯାତ୍ରୀ ନିବାସ ସମ୍ମେଳନ କକ୍ଷଠାରେ ରବିବାର ଅପରାହ୍ନରେ ବିଜେଡି ପକ୍ଷରୁ ଆଇଟି ସେଲ୍‌କୁ କାକଟପୁର ବିଧାୟକ ସୁରେନ୍ଦ୍ର ସେଠୀ ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଜେଡ଼ି ରାଜ୍ୟ ଆଇଟି ସେଲର ତାଲିମ ଦାତା କିଶୋର ଚନ୍ଦ୍ର ପାତ୍ର, ପୁରୀ ଜିଲାପରିଷଦ ଅଧକ୍ଷ ଜ୍ୟୋର୍ତିମୟ ଦଳାଇ, କାକଟପୁର ବ୍ଲକ ସଂଯୋଜକ ରତ୍ନାକର ବେହେରା, ଛାତ୍ରନେତା ପିଣ୍ଟୁ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ କାକଟପୁର ନିର୍ବାଚନ ମଣ୍ଡଳୀର ଯୁବ ବିଜେଡି, ଛାତ୍ର ବିଜେଡି ଓ ବିଜୁ ଯୁବବାହୀନର ୨୦୦ରୁ ଊର୍ଦ୍ଧ୍ୱ ପ୍ରଶିକ୍ଷାର୍ଥୀଙ୍କୁ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ବିଭିନ୍ନ ଦିଗ ଉପରେ ତାଲିମ ପ୍ରଦାନ କରାଯାଇଥିଲା। ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାକୁ ଘରେ ଘରେ ପହଞ୍ଚାଇବାର ଲକ୍ଷ୍ୟ ନେଇ ଆଇଟି ସେଲକୁ ଅଧିକରୁ ଅଧିକ କ୍ରିୟାଶୀଳ କରାଯିବ ବୋଲି ବିଧାୟକ ସେଠୀ କହିଥିଲେ।

## ଆୟୁର୍ବେଦ ପର୍ବ ପାଇଁ ପ୍ରତିଯୋଗିତା

**ପୁରୀ ଅଫିସ,୧୮।୧୧**

ଭାରତୀୟ ଚିକିତ୍ସା ବିଜ୍ଞାନରେ ଆୟୁର୍ବେଦ ଶାସ୍ତ୍ରକୁ ଲୋକଙ୍କ ନିକଟତର କରିବା ଲାଗି ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ବିଭିନ୍ନ ଯୋଜନା ହାତକୁ ନେଇଛି। ମନ୍ତ୍ରଣାଳୟ ସହଯୋଗରେ ବିନୋବା ସେବା ପ୍ରତିଷ୍ଠାନ ଆନୁକୂଲ୍ୟରେ ଆସନ୍ତା ୨୩ରୁ ୨୫ ତାରିଖ ତିନିଦିନ ବ୍ୟାପୀ ଆୟୁର୍ବେଦ ପର୍ବ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ରବିବାର ସ୍ଥାନୀୟ ଗୋପବନ୍ଧୁ ଆୟୁର୍ବେଦ କଲେଜ ସମ୍ମିଳନୀ କକ୍ଷରେ ଏକ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ଥିଲା। ରସାୟନଯୁକ୍ତ ଖାଦ୍ୟ ଶରୀର ଲାଗି କ୍ଷତିକାରକ। ଆୟୁର୍ବେଦ ଚିକିତ୍ସା ଶାସ୍ତ୍ର ସର୍ବୋତ୍କୃଷ୍ଟ। ଆୟୁର୍ବେଦ ଚିକିତ୍ସା ସରଳ ଓ ପ୍ରାକୃତିକ ଜଡିବୁଟି ଆଧାରିତ। ଏହି ବିଷୟ ବସ୍ତୁ ଉପରେ ଆଧାରିତ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତାରେ ଜୁନିୟର ଓ ସିନିୟର ସ୍ତରରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ଶହେରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କଲେଜ ଅଧକ୍ଷ ଡ.ସୁଦର୍ଶନ ବେହେରା ଏହାକୁ ଉଦ୍‌ଘାଟନ କରିଥିବାବେଳେ ବିଚାରକ ଭାବେ ଅଧାପିକା ଇନ୍ଦିରା ପଣ୍ଡା, ଶ୍ରୀକୁମାର ପାଠୀ,ଦିବ୍ୟରଞ୍ଜନ ଦାଶ ପ୍ରମୁଖ ଯୋଗଦେଇଥିଲେ। ସାମାଜିକ କର୍ମୀ ନିରଦ ଖୁଣ୍ଟିଆ ଓ ପ୍ରତିଷ୍ଠାନର ସମ୍ପାଦକ ମନୋଜ ଜେନା ପରିଚାଳନା କରିଥିଲେ। ରଞ୍ଜନ କୁମାର ମହାପାତ୍ର, ନିକି ପ୍ରଧାନ, ରୁବିନା ସାହୁ, ସତ୍ୟଜିତ ମହାପାତ୍ର, ତାପସ ରଞ୍ଜନ ମଲିକ, ବିଭୁ ପ୍ରସାଦ ମିଶ୍ର, ସ୍ମୃତିରେଖା ନାୟକ, ବିଶ୍ୱଜିତ ସାମନ୍ତରାୟ, ସନ୍ତୋଷ ମଲିକ, ଅରକ୍ଷିତ ଜେନା ପ୍ରମୁଖ ସହଯୋଗ କରିଥିଲେ।



ଆୟୁର୍ବେଦ କଲେଜ ପରିସରରେ ଶିଶୁମାନେ ଚିତ୍ର ଆଙ୍କୁଛନ୍ତି।

- କାର୍ତ୍ତିକର ମାହାତ୍ମ୍ୟ ସଂକ୍ରାନ୍ତ ଆଲୋଚନାଚକ୍ର

## 'ପଞ୍ଚୁକ ପାଳନ କଲେ ପୁଣ୍ୟ ମିଳେ'

**ପୁରୀ ଅଫିସ,୧୮।୧୧**

ଧର୍ମମାସ ହେଉଛି କାର୍ତ୍ତିକ। ମାସ ସାରା ହବିଷିଆଳିମାନେ ସକାଳେ ରାଇଦାମୋଦର ପୂଜା, ସନ୍ଧ୍ୟାରେ ଆକାଶ ଦୀପ, ତୁଳସୀ ମୂଳେ ଦୀପ ଜାଳି ବୃନ୍ଦାବତୀଙ୍କୁ ପୂଜାର୍ଚ୍ଚନା ଓ ଭାଗବତ ପାଠରେ ସମୟ କାଟିଥାନ୍ତି। ଶେଷ ୫ଦିନର ବିଶେଷ ମାହାତ୍ମ୍ୟ ରହିଥାଏ। ଏହାକୁ ପଞ୍ଚୁକ ମଧ କୁହାଯାଏ। ପଞ୍ଚୁକରେ ପୂଜାପାଠ ସହ ଦିଅଁ ଦର୍ଶନ ଓ ଆଧାତ୍ମିକ କାର୍ଯ୍ୟରେ ନିଜକୁ ସାମିଲ୍ ବ୍ରତ ପାଳନ କଲେ ଅଶେଷ ପୁଣ୍ୟ ମିଳିଥାଏ। ଅତିବଡୀ ଚେତନା ଚକ୍ର ଓଡ଼ିଶା ପକ୍ଷରୁ ରବିବାର ଭକ୍ତକବି ସାଲବେଗ ପୀଠ ପରିସରରେ 'କାର୍ତ୍ତିକ ମାସର ମାହାତ୍ମ୍ୟ' ଉପରେ ଆୟୋଜିତ ରାଜ୍ୟସ୍ତରୀୟ ଆଲୋଚନାଚକ୍ରରେ ବକ୍ତାମାନେ ଏହି ମତ ଦେଇଛନ୍ତି। ଅତିବଡ଼ୀ ଚେତନା ଚକ୍ରର ସଭାପତି ସୁଦର୍ଶନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ପ୍ରଫେସର ଅଦ୍ୱୈତ ଚରଣ ଧଳ ମୁଖ୍ୟବକ୍ତା ଭାବେ ଯୋଗଦେଇ କାର୍ତ୍ତିକ ମାସର ମାହାତ୍ମ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ପୂର୍ବତନ ପ୍ରଶାସକ ବିନୋଦ ପଣ୍ଡା ଓଡ଼ିଶାର ଧାର୍ମିକ ପରମ୍ପରା ଓ ବୈଶିଷ୍ଟ୍ୟ ସମ୍ପର୍କରେ କହିଥିଲେ। ସାମାଜିକ କର୍ମୀ ନୃସିଂହ ଚରଣ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଦୀପ୍ତିମୟୀ ମିଶ୍ର, ରଘୁନାଥ ମହାନ୍ତି, ସୁଧାଂଶୁବାଳା ପଟ୍ଟନାୟକ, ପର୍ଶୁରାମ ପାତ୍ର, ବିଜୟଲକ୍ଷ୍ମୀ ନାୟକ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ହେମାଙ୍ଗିନୀ ମହାନ୍ତି, ଲଲାଟେନ୍ଦୁ ମିଶ୍ର, ପବିତ୍ର କୁମାର ମହାନ୍ତି ପରିଚାଳନା କରିଥିଲେ। ଅନୁଷ୍ଠାନର ସମ୍ପାଦିକା ମିରା ମହାନ୍ତିଙ୍କ ସଂଯୋଜନାରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କବି ସୁରେଶ ପଟ୍ଟନାୟକ, ପୀତାମ୍ବର ମହାପାତ୍ର, ଆଇନଜୀବୀ ପୁଷ୍କର ମହାପାତ୍ର, ଉପେନ୍ଦ୍ର ନାଥ ସାହୁ, ଜ୍ଞାନରଞ୍ଜନ ଜେନା, ଚାରୁଭାଷିଣୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ।



ଯେଉଁ ଲୋକ ନିଜର ସନ୍ତାନମାନଙ୍କୁ ଶ୍ରମର ମର୍ଯ୍ୟାଦା ଶିଖାଇ ପରିଶ୍ରମୀ ଓ ସଚେତନ କରାଇ ଦେଇଛି, ସନ୍ତାନମାନଙ୍କ ପାଇଁ ସମ୍ପତ୍ତି ରଖିବାର ଆବଶ୍ୟକତା ନାହିଁ।
-ହ୍ୱାଇଟ୍‌ଲେ ଷ୍ଟ୍ରାଇବର୍



## ସଂକ୍ଷେପରେ

### ଜୀବନ ବିନ୍ଦୁ କାର୍ଯ୍ୟକ୍ରମ: ୩୭୯ ୟୁନିଟ ରକ୍ତ ସଂଗ୍ରହ

**ସାକ୍ଷୀଗୋପାଳ, ୧୮।୧୧(ଡି.ଏନ୍.ଏ.):** ବିଜୁ ଜନତା ଦଳ ପକ୍ଷରୁ ରବିବାର ଉତ୍କଳମଣି ସ୍ମୃତି ମହାବିଦ୍ୟାଳୟରେ 'ଜୀବନବିନ୍ଦୁ' କାର୍ଯ୍ୟକ୍ରମ ରକ୍ତଦାନ ଶିବିର ଅନୁଷ୍ଠିତ ହେଇଯାଇଛି। ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଏହି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ପୁରୀ ଜିଲା ଜୀବନ ବିନ୍ଦୁ ସଂଯୋଜକ ଶୁଭାଶିଷ ଖୁଣ୍ଟିଆ, ସାତ୍ୟବାଦୀ ପଞ୍ଚାୟତ ସମିତି ଅଧକ୍ଷା ସସ୍ମିତା ପ୍ରଧାନ, ଉପାଧକ୍ଷ ବିକ୍ରମ ଜେନା, ଜିଲା ପାରିଷଦ ସଭ୍ୟ ପ୍ରହଲ୍ଲାଦ ଘଟୁଆରୀ, ଧ୍ରୁବ ଚରଣ ଦାଶ, ସାକ୍ଷୀଗୋପାଳ କଲେଜର ୟୁଥ ରେଡକ୍ରସ ସଂଯୋଜକ ଅଧାପକ ମନୋଜ କୁମାର ପରିଡା ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ। ଓଡ଼ିଶା ରକ୍ତ ଭଣ୍ଡାର ପୁରୀ, ଭୁବନେଶ୍ୱର ଓ କଟକ କେନ୍ଦ୍ରର କର୍ମଚାରୀ ମାନେ ୩୭୯ୟୁନିଟ ରକ୍ତ ସଂଗ୍ରହ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରମୋଦ କୁମାର ରାଉତରାୟ, ସୁନୀଲ କୁମାର ପଣ୍ଡା, ଶଙ୍କର ପ୍ରଧାନ, ସୁରେଷ କୁମାର ସାହୁ, ରାଜ କିଶୋର ପତି, ଅନିଲ କୁମାର ସାହୁ, ଯମୁନା ଦେଇ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ସତ୍ୟବାଦୀ ଓ କଣାସ ବ୍ଲକର ମହିଳା, ଯୁବକ, କଲେଜ ଛାତ୍ରୀଛାତ୍ର, ବିଜୁ ଯୁବ ବାହାନିର ଯୁବ କର୍ମକର୍ତ୍ତା ଓ ବିଜେଡି କର୍ମୀମାନେ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ।

### ବିଶ୍ୱ ପାଇଖାନା ଦିବସ ଉପଲକ୍ଷେ ଜନସଚେତନତା ଅଭିଯାନ

**ପିପିଲି, ୧୮।୧୧(ଡି.ଏନ୍.ଏ.):** ବିଶ୍ୱ ପାଇଖାନା ଦିବସ ପାଇଁ ପିପିଲି ବ୍ଲକର ବିଭିନ୍ନ ପଞ୍ଚାୟତରେ ଗତ ୯ତାରିଖ ଠାରୁ ଜନସଚେତନତା ଅଭିଯାନ ଚାଲିଆସୁଛି। ଏହି ଅଭିଯାନ ଜିଲା ପାନୀୟ ଜଳ ଓ ପରିମଳ ବିଭାଗ ତରଫରୁ ଆୟୋଜିତ ହେଉଥିବାବେଳେ ବିଭାଗୀୟ ଯନ୍ତ୍ରୀ ଶୁଭେନ୍ଦୁ ସାହୁ କାର୍ଯ୍ୟକ୍ରମ ତଦାରଖ କରିଥିଲେ। ବ୍ଲକରେ ବିଭିନ୍ନ ପଞ୍ଚାୟତରେ ପାଇଖାନାର ବ୍ୟବହାର, ବାହାରେ ସୌଚ ନ କରିବା ଓ ଯେଉଁ ମାନଙ୍କର ପାଇଖାନା ନାହିଁ ସେମାନଙ୍କୁ ପାଇଖାନା ଯୋଗାଇ ସଚେତନ କରାଇବା ଆଦି କାର୍ଯ୍ୟକ୍ରମ ହୋଇଥିଲା। ବିଭିନ୍ନ ପଞ୍ଚାୟତରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ମଧ ଆୟୋଜିତ ହୋଇଥିଲା। ସୋମବାର ପିପିଲି ବ୍ଲକ ପରିସରରେ ବିଶ୍ୱ ପାଇଖାନା ଦିବସ ପାଳନ ହେବ ବୋଲି ବିଭାଗୀୟ ଯନ୍ତ୍ରୀ ସାହୁ କହିଛନ୍ତି। ଅନ୍ୟମାନଙ୍କ ମଧରେ ବ୍ଲକର ଅନୁସନ୍ଧାନ ନିରୀକ୍ଷକ ରଞ୍ଜନ କୁମାର ପାଇକରାୟଙ୍କ ସମେତ ବିଭିନ୍ନ ପଞ୍ଚାୟତର ମୋଟିଭେଟର ଯୋଗଦେଇଥିଲେ।

### ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ବୈଠକ

**ବଳଙ୍ଗା, ୧୮।୧୧(ଡି.ଏନ୍.ଏ.):** ବଳଙ୍ଗା ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ନୂତନ ସରକାରୀ ନୋଡାଲ୍ ଉଚ୍ଚ ବିଦ୍ୟାଳୟ ବଳଙ୍ଗାଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷାବିତ୍ କୃଷ୍ଣ ଚନ୍ଦ୍ର ହୋତା, ସରପଞ୍ଚ ଅଜିତ୍ କୁମାର ଦଳାଇ, ଜିଲା ପରିଷଦ ସୁମନ୍ତ କୁମାର ଦାସ, ନୋଡାଲ୍ ଉଚ୍ଚ ବିଦ୍ୟାଳୟ ବଳଙ୍ଗାର ପ୍ରଧାନ ଶିକ୍ଷକ ବିକ୍ରମ କୁମାର ଜଗ୍‌ଦେବ୍, ପୁରାତନ ଛାତ୍ର ସଙ୍ଗଠନ ସଭାପତି ଦିଲ୍ଲୀପ କୁମାର ପଟ୍ଟନାୟକ, ଶିକ୍ଷକ ସନ୍ତୋଷ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଆସନ୍ତା ଡିସେମ୍ବରରେ ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିବା ଜଣାପଡିଛି।

### ନିରୂପମା ପାତ୍ରଙ୍କୁ ପିସିସି ସମ୍ପାଦିକା ଦାୟିତ୍ୱ

**କଣାସ,୧୮।୧୧(ଡି.ଏନ୍.ଏ.):** ଡେଲାଙ୍ଗ ବ୍ଲକ ହରିରାଜପୁର ଗ୍ରାମର ନିରୂପମା ପାତ୍ରଙ୍କୁ ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସ ସମ୍ପାଦିକା ଦାୟିତ୍ୱ ଦିଆଯାଇଥିବା ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ସୁମିତ୍ରା ଜେନା ଜଣାଇଛନ୍ତି। ନିରୂପମା ପୁରୀ ଜିଲା ମହିଳା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଦାୟିତ୍ୱ ତୁଲାଉଥିବା ବେଳେ ରାଜ୍ୟ ନେତୃତ୍ୱ ତାଙ୍କୁ ରାଜ୍ୟ ସ୍ତରରେ ସେବା କରିବାକୁ ସୁଯୋଗ ଦେଇଥିବାରୁ ସେ କୃତଜ୍ଞତା ଜଣାଇଛନ୍ତି।

### ୨ ମୃତ ପକ୍ଷୀ ଜବତ: ଜଣେ ଗିରଫ

**ଟାଙ୍ଗୀ(ଖୋର୍ଦ୍ଧା),୧୮।୧୧(ଡି.ଏନ୍.ଏ.):** ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗ ତରଫରୁ ଅଚାନକ ଚଢ଼ାଉ ହୋଇ ୨ ମୃତ ପକ୍ଷୀ ଜବତ ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ରବିବାର ସକାଳୁ ଅଭିମାନପୁର ରିଙ୍ଗ୍‌ବନ୍ଧରୁ ମୃତ ବିଦେଶୀ ପକ୍ଷୀ ଓ ଅଭିଯୁକ୍ତଙ୍କ ହିରୋହୁଣ୍ଡା ଡିଲକ୍ସ ବାଇକକୁ ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଉଜ୍ଜଳା ଗୋପୀନାଥପୁରର ଧନଞ୍ଜୟ ପ୍ରଧାନଙ୍କ ପୁଅ ଆଲୋକ (୨୪)।

# ଖୋଜା ଚାଲିଛି ବିକଳ୍ପ ନେତୃତ୍ୱ

## ବିରୋଧୀ ଦଳ ଜିଣି ପାରୁନାହାନ୍ତି ଭୋଟରଙ୍କ ମନ

**ଖୋର୍ଦ୍ଧା ଅଫିସ,୧୮।୧୧**

ଖୋର୍ଦ୍ଧା ଜିଲାର ବିଭିନ୍ନ ନିର୍ବାଚନମଣ୍ଡଳୀରେ ଲୋକ ପ୍ରତିନିଧିଙ୍କର ବିକଳ୍ପ ଖୋଜୁଛନ୍ତି ଭୋଟର। ନିର୍ବାଚନମଣ୍ଡଳୀଗୁଡିକର ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ଉପରେ ବୀତସ୍ପୃହ ହୋଇ ଭୋଟରମାନେ କୁଆଡେ ନୂଆ ମୁହଁ ଓ ଦଳ ପ୍ରତି ଢ଼ଳିବାକୁ ଆରମ୍ଭ କରିଛନ୍ତି। ଅନ୍ୟପକ୍ଷେ ବିରୋଧୀ ଦଳ ଭୋଟରଙ୍କର ପସନ୍ଦ ଯୋଗ୍ୟ ହୋଇ ପାରୁନାହାନ୍ତି। ବିରୋଧୀ ନିଜ ଦଳ ନିଜ ମଧ୍ୟରେ ଗୋଷ୍ଠୀ କନ୍ଦଳକୁ ତୁଟାଇ ପାରୁନାହାନ୍ତି। କୌଣସି ନିର୍ଦ୍ଦିଷ୍ଟ ପ୍ରସଙ୍ଗକୁ ବିରୋଧୀ ଦଳର ନେତା ଓ କର୍ମୀମାନେ ଇସ୍ୟୁ କରି ଦୀର୍ଘଦିନ ଧରି ରଖି ପାରୁନାହାନ୍ତି। ଫଳରେ ଗତ ନିର୍ବାଚନରେ ଜିତିଥିବା ଲୋକ ପ୍ରତିନିଧିଙ୍କ ଉପରେ କୌଣସି ଫରକ ପଡୁନି। ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ୨୦୧୭ରେ ଶାସକ ଦଳର ଲୋକ ପ୍ରତିନିଧିଙ୍କ ବିରୋଧରେ ହାୱା ପ୍ରବାହିତ ହେଉଥିଲା। ହେଲେ ଏଥିରୁ କଂଗ୍ରେସ ହେଉ କି ଭାଜପା ଫାଇଦା ଉଠାଇ ପାରିଲେନି। ତୃଣମୂଳସ୍ତରରେ ସଙ୍ଗଠନ ଥିଲେ ମଧ ନେତୃତ୍ୱ ଅଭାବରୁ କଂଗ୍ରେସ ଫାଇଦା ନେଇ ପାରି ନ ଥିଲା। ଭାଜପାର ତୃଣମୂଳ ସ୍ତରରେ ସଙ୍ଗଠନ ନ ଥିଲେ ମଧ ଆଶାଠାରୁ ଦଳ ଅଧିକ ଭଲ କରିଥିଲା। ଜିଲା ପରିଷଦ ନିର୍ବାଚନରେ ୨୦ ଜଣ ବିଜେଡିର ଓ ୧୦ ଜଣ ଭାଜପାର ଜିଲା ପରିଷଦ ସଭ୍ୟ ବିଜୟୀ ହୋଇଥିଲେ। ଜିଲା ପରିଷଦରେ ଭାଜପା ବିରୋଧୀ ଦଳର ମାନ୍ୟତା ନେଇଥିଲେ ମଧ ଲୋକଙ୍କ ସମସ୍ୟା ଗୃହରେ ଠିକ୍ ଭାବେ ଉପସ୍ଥାପନ କରି ପାରୁ ନ ଥିବା ଅଭିଯୋଗ ଉଠିଛି। ତ୍ରିସ୍ତରୀୟ ନିର୍ବାଚନ ପରେ ଭାଜପା ଦଳ ତୃଣମୂଳ ସ୍ତରରେ ସଙ୍ଗଠନକୁ ଦୃଢ଼ୀଭୂତ କରି ପାରି ନ ଥିବା କୁହାଯାଉଛି। ୨୦୧୯ରେ ବିଧାନସଭା ସହ ଲୋକ ସଭା ନିର୍ବାଚନ ହେବ। ଭାଜପା କେବଳ ପ୍ରଧାନମନ୍ତ୍ରୀ ମୋଦିଙ୍କ ନାଁ ନେଇ ନିର୍ବାଚନରେ ବାଜି ମାରି ନେବ ବୋଲି ଚିନ୍ତା ରଖିଥିବା କେତେଜଣ ଭୋଟର ନାଁ ଗୋପନ ରଖି ପ୍ରକାଶ କରିଛନ୍ତି। ଭାଜପା ଦଳର ଗତିବିଧି ଉପରେ ଭୋଟର ନଜର ରଖିଛନ୍ତି। ଅନ୍ୟପକ୍ଷେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରେ କଂଗ୍ରେସର ଲୋକପ୍ରିୟତା ବଢ଼ିଛି। ଦଳ ପକ୍ଷରୁ ତୃଣମୂଳ ସଙ୍ଗଠନକୁ ପୂର୍ବଭଳି ମଜଭୁତ କରିବାକୁ ଚେଷ୍ଟା ଜାରି ରହିଛି। ହେଲେ ଏ ଯାବତ ଏହାର ସୁଫଳ ମିଳିନି।

### ଆନ୍ଦୋଳନ ସୁଟାଇଲା ଗୋଷ୍ଠୀ କନ୍ଦଳ

ସଭା ସମିତିରେ ଭାଜପା ନେତାମାନେ ଏକାଠି ହୋଇ କାମ କରୁ ନ ଥିବାରୁ ଏହାର ପ୍ରଭାବରେ ଦଳର କ୍ଷତି କରି ଚାଲିଛି। ନଭେମ୍ବର ୫ରେ ଭାଜପାର ଖୋର୍ଦ୍ଧା ବ୍ଲକ ଘେରାଉ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଞ୍ଚଳିକ ନେତାମାନଙ୍କୁ ଅଣଦେଖା କରାଯାଇଥିବା ଚର୍ଚ୍ଚା ହେଉଛି। ଘେରାଉ କାର୍ଯ୍ୟକ୍ରମରେ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀସ୍ତରୀୟ ପ୍ରଭାରୀ, ରାଜ୍ୟସ୍ତରୀୟ ନେତା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁ ଖଣ୍ଡାୟତରାୟ ଓ ରଶ୍ମି ମହାପାତ୍ର ଅନୁପସ୍ଥିତ ରହିବା ଚର୍ଚ୍ଚାକୁ ଖୋରାକ ଯୋଗାଇଥିଲା। ଗତ ୨ ତାରିଖରେ ଟାଙ୍ଗୀ ବ୍ଲକ ଘେରାଉରେ ଉପରୋକ୍ତ ନେତାମାନେ ଉପସ୍ଥିତ ଥିଲେ। ହେଲେ ଖୋର୍ଦ୍ଧା ବ୍ଲକ ଧରଣାରେ ଅନୁପସ୍ଥିତ ରହିବାର କାରଣ ଯାହା ହେଉନା କାହିଁକି ଦଳରେ ଗୋଷ୍ଠୀ କନ୍ଦଳ ପଦାରେ ପକାଇଛି। ଦଳ ପକ୍ଷରୁ ଯେତେ ସଫେଇ ଦେଲେ ବି ଦଳୀୟ ଫାଟକୁ ନେଇ ସବୁଠି ଚର୍ଚ୍ଚା। ଟାଙ୍ଗୀ ବ୍ଲକରେ ଯେପରି ହଜାରରୁ ଊର୍ଦ୍ଧ୍ୱ କର୍ମୀଙ୍କ ଭିଡ ହୋଇଥିଲା ଏଠାରେ ସେପରି ହୋଇ ନ ଥିଲା। ଖୋର୍ଦ୍ଧା ସହର ପରିକ୍ରମା ବେଳେ ଯେଉଁ ଭିଡ ଥିଲା ବ୍ଲକ ଘେରାଉ ସମୟରେ କମି ଯାଇଥିଲା। ଏ ନେଇ ଭାଜପାର କୃଷକ ମୋର୍ଚ୍ଚାର ରାଜ୍ୟ ସମ୍ପାଦକ ଶ୍ରୀରଞ୍ଜନ ମଙ୍ଗରାଜ କୁହନ୍ତି, ଖୋର୍ଦ୍ଧାରେ ନଭେମ୍ବର ୮ରେ ଘେରାଉ ହେବାର ରହିଥିଲା। ତେବେ ୫ ତାରିଖ ଘେରାଉ ସମ୍ପର୍କରେ ଜାଣି ନ ଥିବାରୁ ଅନୁପସ୍ଥିତ ଥିଲି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିକୁଞ୍ଜ ପଟ୍ଟନାୟକ କୁହନ୍ତି, ଦଳରେ ଫାଟ କି ଗୋଷ୍ଠୀ କନ୍ଦଳ ନାହିଁ। ନଭେମ୍ବର ୩ରେ ହେବାକୁ ଥିବା ବ୍ଲକ ଘେରାଉ କାର୍ଯ୍ୟକ୍ରମ ଅସୁବିଧା ହେତୁ ନଭେମ୍ବର ୫ରେ ହୋଇଥିଲା। ଏହି ଘେରାଉ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଯାଇଛି। ହେଲେ କେତେଜଣ ନେତା ଆସି ପାରି ନ ଥିଲେ। ଏହାର କାରଣ ଜଣାପଡିନି। ତେବେ ଚାଷୀ ଆନ୍ଦୋଳନ ଯୋଗୁ ରାଜ୍ୟସ୍ତରୀୟ ନେତା ଆସିପାରିଲେ ନାହିଁ ବୋଲି ସେ କହିଛନ୍ତି।



ଅତିଥିମାନେ ଅନ୍ୱେଷାଙ୍କୁ ପୁରସ୍କୃତ କରୁଛନ୍ତି।

## ବେଗୁନିଆର ଗୌରବ ୫ମ ଶ୍ରେଣୀ ଛାତ୍ରୀ ଅନ୍ୱେଷା
# ସୁରଭି ବକ୍ତୃତାରେ ରାଜ୍ୟରେ ପ୍ରଥମ

**ବେଗୁନିଆ,୧୮।୧୧ (ଡି.ଏନ.ଏ.)**

ବ୍ଲକ ଅଞ୍ଚଳର ଛାତ୍ରୀ ଅନ୍ୱେଷା ତ୍ରିପାଠୀ ବେଗୁନିଆ ପାଇଁ ଗୌରବ ଆଣିଛନ୍ତି। ସେ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୧୮ କାର୍ଯ୍ୟକ୍ରମର ବକ୍ତୃତା ପ୍ରତିଯୋଗିତାରେ କନିଷ୍ଠ ବିଭାଗରୁ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ଏ ନେଇ ଶିକ୍ଷା ବିଭାଗରେ ଖୁସିର ବାତାବରଣ ଦେଖାଦେଇଛି। ଏଥିସହ କୃତିତ୍ୱ ଅର୍ଜନ କରିଥିବା ଅନ୍ୱେଷାଙ୍କୁ ଜିଲା, ବ୍ଲକ ଶିକ୍ଷା ବିଭାଗଠୁ ଆରମ୍ଭ କରି ଅଭିଭାବକ, ଛାତ୍ରୀଛାତ୍ରମାନଙ୍କ ମହଲରୁ ଅଭିନନ୍ଦନ ଓ ସମ୍ବର୍ଦ୍ଧନାର ସୁଅ ଛୁଟିଛି। ତେବେ ଅନ୍ୱେଷା କୁହନ୍ତି, ଉଦ୍ୟମ ଜାରି ରହିଲେ ଭବିଷ୍ୟତରେ ସଫଳତା ନିଶ୍ଚିତ। ପ୍ରଥମେ ମୁଁ ସ୍କୁଲରେ ବକ୍ତୃତା ବିଭାଗରେ ପ୍ରଥମ ସ୍ଥାନ ହାସଲ କରିଥିଲି, ଯାହାକି ମୋତେ ପ୍ରେରଣା ଯୋଗାଇଥିଲା। ପରେ କ୍ଲଷ୍ଟର, ବ୍ଲକ, ଜିଲା ସ୍ତରରୁ ପ୍ରଥମ ସ୍ଥାନ ହାସଲ କରି ଆଜି ମୁଁ ରାଜ୍ୟରେ ପ୍ରଥମ ହୋଇପାରିଛି। ତେବେ ମୋର ସମସ୍ତ ସହପାଠୀ, ଛୋଟ, ବଡ ଭାଇ ଓ ଭଉଣୀମାନଙ୍କୁ ଶିକ୍ଷା ସହ ବିଭିନ୍ନ ପ୍ରତିଯୋଗିତାରେ ଉଦ୍ୟମ ଜାରି ରଖିବା ପାଇଁ ନିବେଦନ କରୁଛି। ସୂଚନାଥାଉ କି ବାପା ବିବେକାନନ୍ଦ ଓ ମାଆ ସସ୍ମିତାଙ୍କର ଝିଅ ଅନ୍ୱେଷା ସ୍ଥାନୀୟ ଗୁଡୁମ ଗ୍ରାମ ସ୍ଥିତ ଗଜପତି ବୀରକିଶୋର ଦେବ ସରକାରୀ ଉଚ୍ଚ ବିଦ୍ୟାଳୟରେ ୫ମ ଶ୍ରେଣୀରେ ପାଠ ପଢୁଛନ୍ତି।



ଲୋକ ଉତ୍ସବ ୫ମ ସନ୍ଧ୍ୟାରେ କଳାକାରଙ୍କ ଦ୍ୱାରା ପରିବେଷିତ ଛଉନୃତ୍ୟ।

## ଖୋର୍ଦ୍ଧା ଜିଲା ଲୋକ ଉତ୍ସବ ୫ମ ସନ୍ଧ୍ୟା
# ପୁରୁଲିଆ ଛଉନୃତ୍ୟ ଦର୍ଶକଙ୍କୁ ବିମୁଗ୍ଧ କଲା

**ଖୋର୍ଦ୍ଧା ଅଫିସ,୧୮।୧୧**

ଆଶ୍ୱାସନା ପକ୍ଷରୁ ଖୋର୍ଦ୍ଧା ସହରର ଗୁରୁଜଙ୍ଗ ପଡିଆରେ ଚାଲିଛି ଖୋର୍ଦ୍ଧା ଜିଲା ଲୋକ ଉତ୍ସବ। ଏହାର ୫ମ ସନ୍ଧ୍ୟାରେ କେବଳ ସାଂସ୍କୃତିକ କାର୍ଯ୍ୟକ୍ରମର ଆସର ଲାଗି ରହିଥିଲା। କଳିଙ୍ଗ କ୍ରିଏଶନ ପାଇକ ଆଖଡା ଖୋର୍ଦ୍ଧା ପକ୍ଷରୁ ପାଇକ ଆଖଡାରେ ସାମରିକ କଳା ପ୍ରଦର୍ଶିତ ହୋଇଥିଲା। ତ୍ରମ୍ବକ କ୍ଲବ ଛଉ ଡ୍ୟାନ୍ସ ପକ୍ଷରୁ ପୁରୁଲିଆ ଛଉ ନୃତ୍ୟ ଦର୍ଶକଙ୍କୁ ବିମୁଗ୍ଧ କରିଥିଲା। ନୃତ୍ୟରେ ମହିଷମର୍ଦ୍ଦିନୀ ବେଶ ଆକର୍ଷଣୀୟ ଥିଲା। ଦୟାଲ ଡ୍ୟାନ୍ସ ଏକାଡେମୀ ଭୁବନେଶ୍ୱର ପକ୍ଷରୁ ଲୋକନୃତ୍ୟ ମଧ ଦର୍ଶକଙ୍କ ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଥିଲା। ତେବେ ପ୍ରିନ୍‌ସେସ ଡ୍ୟାନ୍ସ ଗ୍ରୁପ ବୋଲଗଡର ସୃଜନଶୀଳ ନୃତ୍ୟ ଦର୍ଶକଙ୍କୁ ମଞ୍ଚ ନିକଟରେ ବାନ୍ଧି ରଖିଥିଲା।

## ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ ଦାବି

**ଟାଙ୍ଗୀ(ଖୋର୍ଦ୍ଧା), ୧୮।୧୧(ଡି.ଏନ.ଏ.)**

ଚିଲିକା ଉପକୂଳସ୍ଥ କଳକଳେଶ୍ୱର ପଞ୍ଚାୟତରେ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ କରିବାକୁ ପଞ୍ଚାୟତବାସୀ ଦାବି କରିଛନ୍ତି। ଏହି ପଞ୍ଚାୟତର ଉଆସପଦର, ପଞ୍ଚୁପାଟିଆ, ରଘୁନାଥପୁର, ଖଡ଼ିପଦର, ରାଜେନ୍ଦ୍ରପୁର, ବାଲିନାସୀ ଓ ତାରିମି ଇତ୍ୟାଦି ଗ୍ରାମଗୁଡ଼ିକରେ ବର୍ଷାଦିନେ ବନ୍ୟା ଓ ଜଳାର୍ଣ୍ଣବ ସମସ୍ୟା ସୃଷ୍ଟି ହୋଇଯାଏ। ବାତ୍ୟା ସମୟରେ ସାଧାରଣ ଲୋକଙ୍କ ପାଇଁ ବାସଗୃହରେ ରହିବା ଆଦୌ ସମ୍ଭବ ହୋଇ ନ ଥାଏ। ତେଣୁ ଏଠାରେ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ କରାଯିବା ଅତ୍ୟନ୍ତ ଜରୁରୀ ହୋଇପଡିଛି। ତୁରନ୍ତ ଏହା ନିର୍ମାଣ କରିବାକୁ ଜରିପଡ଼ା ସେବା ସମବାୟ ସମିତିର ପୂର୍ବତନ ସଭାପତି ତଥା ୫ ନଂ ଜିଲା ପରିଷଦ ଜୋନ୍‌ର ବିଜେଡି ଆବାହକ ଅର୍ଜୁନ ବିଶ୍ୱାଳ ଓ ଗ୍ରାମବାସୀ ଦାବି କରିଛନ୍ତି।

# ବିଦେଶରୁ ଫେରିଲା ଓଡ଼ିଆ ଶ୍ରମିକଙ୍କ ମୃତଦେହ

**ଖୋର୍ଦ୍ଧା ଅଫିସ,୧୮।୧୧**

ମୃତ୍ୟୁର ଏକ ମାସ ପରେ ସୌଦି ଆରବରୁ ଜଣେ ଓଡ଼ିଆ ଶ୍ରମିକଙ୍କ ମୃତଦେହ ରବିବାର ଗାଁରେ ପହଞ୍ଚିଛି। ଗ୍ରାମରେ ମୃତଦେହ ପହଞ୍ଚିବା ପରେ ଶୋକର ବାତାବରଣ ସୃଷ୍ଟି ହୋଇଥିଲା। ରବିବାର ପୁରୀ ସ୍ୱର୍ଗଦ୍ୱାରରେ ନରେନ୍ଦ୍ର ପଲେଇଙ୍କ ସଂସ୍କାର କରାଯାଇଛି। ସ୍ୱାମୀଙ୍କ ଦୁର୍ଘଟଣାଜନିତ ମୃତ୍ୟୁର କ୍ଷତିପୂରଣ ଓ ବକେୟା ପ୍ରାପ୍ୟ ପାଇଁ ସ୍ତ୍ରୀ ଜନପ୍ରତିନିଧିଙ୍କ ସମେତ ପ୍ରଶାସନିକ ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି। ବାଣପୁର ବ୍ଲକ ଆୟତପୁର ପଞ୍ଚାୟତ ଗୋପୀନାଥ ପ୍ରସାଦ ଗ୍ରାମର ନରେନ୍ଦ୍ର ପ୍ରାୟ ୮ ବର୍ଷ ତଳେ ସୌଦି ଆରବକୁ ଯାଇ ଏକ କମ୍ପାନୀରେ ପାଇପ ମିସ୍ତ୍ରି ଭାବେ କାମ କରୁଥିଲେ। ଜୁନ ମାସରେ ନରେନ୍ଦ୍ର ଗ୍ରାମକୁ ଫେରି ପୁଣି ଅଗଷ୍ଟରେ ସୌଦି ଆରବର ଏଟିସି କମ୍ପାନୀରେ ଯୋଗ ଦେଇଥିଲେ। ଅକ୍ଟୋବର ୨୧ ସନ୍ଧ୍ୟାରେ ନରେନ୍ଦ୍ର କାମ ସାରି ଭଡ଼ାଘରକୁ ଚାଲି ଚାଲି ଫେରୁଥିବା ବେଳେ ଏକ ଗାଡି ତାଙ୍କୁ ଧକ୍କା ଦେବାରୁ ତାଙ୍କର ମୃତ୍ୟୁ ହୋଇଥିଲା। କମ୍ପାନୀରେ କାର୍ଯ୍ୟରତ ଅନ୍ୟ ଓଡ଼ିଆ ଶ୍ରମିକ ନରେନ୍ଦ୍ରଙ୍କ ସ୍ତ୍ରୀ ହରଷଙ୍କୁ ଖବର ଦେଇଥିଲେ। ଶାଶୁ ଶ୍ୱଶୁର ଓ ଶିଶୁପୁତ୍ରକୁ ଛାଡି ସୌଦି ଆରବ ଯାଇ ସ୍ୱାମୀଙ୍କ ମୃତଦେହ ଆଣିବା ହରଷଙ୍କ ପକ୍ଷେ ସମ୍ଭବ ହୋଇ ନ ଥିଲା। ଫଳରେ ସେ ମୁଖ୍ୟମନ୍ତ୍ରୀ, ପ୍ରଶାସନିକ ଅଧିକାରୀ ଓ ଜନପ୍ରତିନିଧିଙ୍କୁ ନିବେଦନ କରିଥିଲେ। ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା ଏ ସମ୍ପର୍କରେ ଗଣମାଧ୍ୟମରୁ ଅବଗତ ହେବା ପରେ ମୃତ ନରେନ୍ଦ୍ରଙ୍କ ପରିବାର ସହ ଯୋଗାଯୋଗ କରି ସୌଦି ଆରବସ୍ଥିତ ଭାରତ ହାଇକମିଶନର ଅହମ୍ମଦ ଜାଭେଦଙ୍କୁ ସହାୟତା କରିବା ପାଇଁ ପତ୍ର ମାଧ୍ୟମରେ ଅନୁରୋଧ କରିଥିଲେ। ଜାଭେଦଙ୍କ ହସ୍ତକ୍ଷେପ ପରେ ଶନିବାର କମ୍ପାନୀ କର୍ତ୍ତୃପକ୍ଷ ବିମାନରେ ମୃତଦେହ ସୌଦି ଆରବରୁ ଭୁବନେଶ୍ୱର ପଠାଇଥିଲେ।

# ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ପିଜି ପାଠ୍ୟକ୍ରମ ପ୍ରବେଶ ଉତ୍ସବ



ପିଜି ପାଠ୍ୟକ୍ରମ ପ୍ରବେଶ ଉତ୍ସବରେ ୪ ବିଭାଗର ଛାତ୍ରୀଛାତ୍ର ଓ ଅନ୍ୟମାନେ।

**ଖୋର୍ଦ୍ଧା ଅଫିସ,୧୮।୧୧**

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ପିଜି ପାଠ୍ୟକ୍ରମ ଉଦ୍‌ଘାଟନ ଉତ୍ସବ ପ୍ରାଣନାଥ କଲେଜ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଇତିହାସ, ରାଜନୀତିବିଜ୍ଞାନ, ଓଡ଼ିଆ, ଇଂଲିଶ ବିଷୟରେ ଆଡମିଶନ କରିଥିବା ୪୦ରୁ ଊର୍ଦ୍ଧ୍ୱ ଛାତୀଛାତ୍ରଙ୍କୁ ସ୍ୱାଗତ କରିବାକୁ ବ୍ୟବସ୍ଥା ହୋଇଥିଲା। ଏଥିରେ କଲେଜର ପୂର୍ବତନ ଅଧକ୍ଷା ଡ. ମମତା ଦେ, ପ୍ରଫେସର ସ୍ୱୟଂପ୍ରଭା ପଟ୍ଟନାୟକ, ଅଶୋକ ପଟ୍ଟନାୟକ, ବରିଷ୍ଠ ପ୍ରଯୋଜକ ସମରେନ୍ଦ୍ର ବଳିଆରସିଂହ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ମୁକ୍ତ ବିଶ୍ୱବିଦ୍ୟାଳୟର ଉପାଦେୟତା ଉପରେ ଟିପ୍ପଣୀ ଦେଇଥିଲେ। ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ପିଏନ କଲେଜ ଶାଖାର ସଂଯୋଜକ ପ୍ରଫେସର ମନୋଜ ରାଉତ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଅଧାପକ ଉମାକାନ୍ତ ମାର୍ଥା ପାଠ୍ୟକ୍ରମ ସମ୍ବନ୍ଧୀୟ ସୂଚନା ପ୍ରଦାନ କରିଥିଲେ।

# ବିଜେଡିର ଜୋନ୍‌ସ୍ତରୀୟ ସାଙ୍ଗଠନିକ ବୈଠକ

**ଟାଙ୍ଗୀ (ଖୋର୍ଦ୍ଧା) ୧୮।୧୧ (ଡି.ଏନ.ଏ.)**

ବିଜେଡି ପକ୍ଷରୁ ୧୧ ନଂ ଜିଲା ପରିଷଦ ଜୋନ୍‌ର ସାଙ୍ଗଠନିକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସଭ୍ୟ ସ୍ୱଦେଶ ରାଉତରାୟଙ୍କ ଆବାହକତ୍ୱ ଓ ବ୍ଲକ୍ ସଭାପତି ସୁରେନ୍ଦ୍ର କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ମା'ଉଗ୍ରତାରା ଠାକୁରାଣୀଙ୍କ ପୀଠରେ ଆୟୋଜିତ ସଭାରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର କୁମାର ସାହୁ, ଜିଲା ସମ୍ପାଦକ ରଘୁନାଥ ସାହୁ, ବ୍ଲକ୍ ଅଧ୍ୟକ୍ଷ ବିଜୟ କୁମାର ଜେନା, ବ୍ଲକ୍ ସଭାପତି ନୀଳକଣ୍ଠ ବେହେରା, ପଞ୍ଚାୟତ ସଭାପତି ସୁରେନ୍ଦ୍ର ଦାସ, ସମିତି ସଭ୍ୟ ସାନ୍ତନୁ ପ୍ରଧାନ, ସରପଞ୍ଚ ପ୍ରତିନିଧି ଅଶୋକ ମହାପାତ୍ର, ମଙ୍ଗଳାଯୋଡି ସରପଞ୍ଚ ପ୍ରତିନିଧି ନିରଞ୍ଜନ ବେହେରା, ସୁନ୍ଦରପୁର ସରପଞ୍ଚଙ୍କ ପ୍ରତିନିଧି ବିଜୟ ପ୍ରଧାନ, ସରପଞ୍ଚ ଗୋବିନ୍ଦ ରାଉତରାୟ, ସରପଞ୍ଚ ସୁରେନ୍ଦ୍ର ବେହେରା, ବିଧାୟକ ପ୍ରତିନିଧି ପବିତ୍ର ପାଇକରାୟ ଓ ରବୀନ୍ଦ୍ର ସାମନ୍ତରାୟ ପ୍ରମୁଖ ବୈଠକରେ ଯୋଗଦେଇଥିଲେ। ଶ୍ରୀ ରାଉତରାୟ ଧନ୍ୟବାଦ ଦେଇଥିଲେ।




ସାଙ୍ଗଠନିକ ବୈଠକରେ ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର କୁମାର ସାହୁ ଓ ଅନ୍ୟମାନେ।

## ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ
# ଜୟଦୁର୍ଗା କ୍ଲବ ଚାମ୍ପିୟନ

**ଜଟଣୀ,୧୮।୧୧(ଡି.ଏନ.ଏ)**

ଜଟଣୀ କୁଦିଆରୀ ଖେଳପଡ଼ିଆରେ ଚାଲିଥିବା ପ୍ରଭାକର ମହାପାତ୍ର ମେମୋରିଆଲ୍ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ୍ ଖେଳରେ ସ୍ଥାନୀୟ ଅରୁଗୁଳ ମା' ବାଉତି ଗୋଲ୍‌ଡେନ୍ କ୍ଲବକୁ ୩-୧ ଗୋଲ୍ ବ୍ୟବଧାନରେ ପରାସ୍ତ କରି ଖୋର୍ଦ୍ଧାର ଜୟଦୁର୍ଗା କ୍ଲବ ଚାମ୍ପିୟନ୍ ହୋଇଛି। ଶ୍ରେଷ୍ଠ ଖେଳାଳି ଭାବେ ଜୟଦୁର୍ଗା କ୍ଲବର ସପନି ଦାସ, ଦେବାଶିଷ ସ୍ୱାଇଁ ଓ ବାଉତି କ୍ଲବର ବେଣୁଧର ମଙ୍ଗରାଜଙ୍କୁ ପୁରସ୍କୃତ କରାଯାଇଥିଲା। ରାମଚନ୍ଦ୍ର ମିଶ୍ର ରେଫ୍‌ରୀ ରହିଥିବାବେଳେ ପ୍ରଫୁଲ୍ଲ ବେହେରା ଓ ଏ.କେ. ସ୍ୱାଇଁ ଲାଇନ୍‌ରେ ସହାୟତା କରିଥିଲେ। ଫାଇନାଲ ଖେଳରେ ଜିଲା ଯୋଜନା ବୋର୍ଡ ସଦସ୍ୟ ଅଧାପକ ବିଜୟ ପଣ୍ଡା, ପୂର୍ବତନ କାଉନସିଲର ଶଶାଙ୍କ ରାୟ, ପୂର୍ବତନ ଫୁଟବଲ ଖେଳାଳି ସତ୍ୟନାରାୟଣ ରାମ, ସଞ୍ଜୟ କର, ଅରବିନ୍ଦ ମହାପାତ୍ର ଅତିଥି ଭାବେ ଯୋଗଦେଇ ଚାମ୍ପିୟନ୍ ଓ ରନର୍ସ ଟ୍ରଫି ପ୍ରଦାନ କରିଥିଲେ। ଆୟୋଜକ କୁଦିଆରୀ ସ୍ପୋର୍ଟ ଆସୋସିଏଶନ୍‌ର ପ୍ରଦୀପ ସୁନ୍ଦରାୟ, ସୁକାନ୍ତ ସାହୁ, ନରେନ୍ଦ୍ର ପ୍ରଧାନ, ମାନସ ମହାପାତ୍ର, ସୁଜିତ ବାରିକ ଓ ଅନ୍ୟ ସଦସ୍ୟମାନଙ୍କ ଦ୍ୱାରା ଟୁର୍ନାମେଣ୍ଟ ପରିଚାଳିତ ହୋଇଥିଲା।



ଟ୍ରଫି ସହ ବିଜୟୀ ଦଳର ସଦସ୍ୟ।

# ବିଭିନ୍ନ ଲୁଟ୍ ଘଟଣାରେ ୫ ଅଭିଯୁକ୍ତ ଗିରଫ

**ଜଟଣୀ,୧୮।୧୧(ଡି.ଏନ.ଏ)**

ଡକାୟତି ଓ ଲୁଟ୍ ଘଟଣାରେ ଜଟଣୀ ଥାନା ପୋଲିସ ୫ ଜଣଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଜଟଣୀ ବାଲିଛକ ମୁଣ୍ଡିଆ ସାହିର ସେକ୍ ଆଜିମୁଦ୍ଦିନ, ଗଜପତିନଗରର ରେହେମଦ୍ ସରିଫ୍ ଓରଫ କାଦିର, ଅବଦୁଲ ୱାସିମ୍ ଖାନ୍, ଟାଙ୍ଗୀ ଥାନା ଦୀକ୍ଷିତପଡ଼ାର ଶେକ୍ ଫାରୁକ୍ ଓରଫ ମୁନୁ ଓ ଶେକ୍ ଅନ୍‌ସର ଓରଫ କୁନା। ସେମାନଙ୍କଠାରୁ ୨୨, ୭୧୫ ଟଙ୍କା, ଟାବଲୟେଡ୍, ଭୁଜାଲି, କଟୁରି, ଖେଳନା ବନ୍ଧୁକ, ଦୁଇଟି ବାଇକ୍ ଜବତ କରାଯାଇଛି। ଗତ ୧୬ ତାରିଖରେ ଭାରତ ଫାଇନାନ୍ସ ସଂସ୍ଥାର କର୍ମଚାରୀ ବିକାଶ ମହାପାତ୍ରଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରି ସ୍ଥାନୀୟ ଗଜପତିନଗର ଅଞ୍ଚଳରୁ ୯୭ ହଜାର ଟଙ୍କା ଲୁଟି ନେଇଥିଲେ। ସେହିପରି ସେପ୍ଟେମ୍ବର ୧୧ରେ ଘରୋଇ ବନ୍ଧନ ବ୍ୟାଙ୍କ କର୍ମଚାରୀ ବିପ୍ଳବ ଦାସଙ୍କୁ ବନ୍ଧୁକ ଦେଖାଇ ସ୍ଥାନୀୟ ବାଲିଛକସାହି ରାସ୍ତାରେ ୧ ଲକ୍ଷ ୪୧ ହଜାର ୮୩୦ ଟଙ୍କା ଓ ଭାରତ ଫାଇନାନ୍‌ସିଆଲ୍ ନାମକ ସଂସ୍ଥାର କର୍ମଚାରୀ ମାନସ ସାହୁ ଓ ଅଜୟ କୁମାର ସାମଲଙ୍କୁ ଆକ୍ରମଣ କରି ମେ ୨୪ ରେ ବଡ଼ତୋଟା ଗ୍ରାମ ନିକଟ ରାସ୍ତା ଉପରୁ ଦେଢ ଲକ୍ଷ ଟଙ୍କା ଲୁଟ୍ ଘଟଣାରେ ଉପରୋକ୍ତ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏହାଛଡ଼ା ଏହି ଅଭିଯୁକ୍ତମାନଙ୍କ ବିରୋଧରେ ଅନ୍ୟ ଥାନାରେ ବହୁ ଆପରାଧିକ ମାମଲା ରହିଛି। ଗିରଫ ଦୀକ୍ଷିତପଡ଼ାର ସେକ୍ ଅନସରଙ୍କ ନାମରେ ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନାରେ ବହୁ ଆପରାଧିକ ମାମଲା ରହିଥିବା ଜଟଣୀ ଥାନା ଇନ୍ସପେକ୍ଟର ବିଶ୍ୱରଞ୍ଜନ ସାହୁ କହିଛନ୍ତି। ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଏମାନଙ୍କୁ ଗିରଫ କରାଯାଇଥିବା ସେ ସୂଚନା ଦେଇଛନ୍ତି। ଜଟଣୀ ଥାନା ଅଞ୍ଚଳରେ କିଛି ମାସ ହେବ ଧାରାବାହିକ ଭାବେ ଲୁଟ୍ ହେଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପୋଲିସର ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡି କରିବାକୁ ସାଧାରଣରେ ଦାବି ହେଉଛି।



ଗିରଫ ଅଭିଯୁକ୍ତ ଓ ଜବତ ସାମଗ୍ରୀ।